

ବଲ୍‌ଦେବଙ୍କୁ ପଦ୍ମଶ୍ରୀ


▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-322 ◆THURSDAY ◆21 MAY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୩୨୨ ◆ଗୁରୁବାର ◆୨୧ ମେ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦



NIST

# NIST HIGHER SECONDARY SCHOOL

## +2 Science, Arts & Commerce Residential College

## ଆମ ବାଲେଶ୍ୱର ଜିଲ୍ଲାର ଗର୍ବ ଏବଂ ଓଡ଼ିଶାର ଗୌରବ

BALASORE TOPPER - 2026 | 3RD POSITION IN ODISHA

### Excellent AHSE SCIENCE Result - 2026



595 (99.17%)

PRATYUSH KUMAR ROUT

588 SAIKRUSHNA SAHOO
586 KRISHNA JENA
581 PUJARANI PRADHAN
580 RAJ KUMAR GIRI
579 SUBHAM PRADHAN
573 ANKIT KUMAR BEHERA

100% RESULT

573 BABA SAI PRATIK DASH
573 ANSHUMAN PADHI
572 SUMITRA SAHOO
570 KRUSHNA KABERI GIRI
567 DEBASISH MALLIK
567 CHULUBULI NAYAK

Total Appered 393
Above 90% 53
Above 500 131

567 PRAKASH KUMAR SAHU
566 PRAKASH BHANJA
565 ANSUMAN MOHANTY
564 JAGARITI MALIK
558 RAJIB LOCHAN DASH
557 MANASI PRADHAN
556 SUBHAM PRADHAN
555 NAMRATA KAR
555 DEBASMITA MANDAL
554 ROJALIN SINGH

554 MANASI BEHERA
553 RASHMIREKHA GIRI
553 SUBHANKAR SAMAL
553 SUPARNA BEHERA
551 ANKITA PANDA
549 ARPITA PRIYADARSHINI SAHU
548 GOUTAM RANA
546 RASMI RANJAN BARIK
545 ANANYA PATRA
544 SOUMYA RANJAN SAMAL

544 DEEPAK MOHAPATRA
544 SANTOSH KUMAR SAHOO
544 ADYASHA PARIDA
544 RAHUL PRADHAN
544 ANSHUMAN DASH
543 MANISHA PARIDA
543 ARPITA JENA
543 SHREYASHI MISHRA
543 PUSPAK KUMAR MOHAPATRA
543 BODHISATWA DHANANJAYSUTA DALAPATI

543 GOBINDA CHANDRA PRAMANIK
541 DEBASMITA PRADHAN
541 GEETANJALI KAMILA
541 SWEET TAMANNA PANIGRAHI
540 DIBYASHREE BAL
540 DEBASMITA SAHU
540 RASHMIPRAVA MANTRI
540 RASMIRANJAN SWAIN
540 NANDINI DINGAL
540 SWARNALATA DALEI

### Excellent AHSE ARTS Result - 2026

549 DHANANJAY GIRI
525 LIJARANI BARIK
524 KALYANI PARIDA
520 SMITA DAS
479 URMIJYOTI BISWAL
478 PUJANJALI SAHOO
465 JITENDRA PAL
465 SATABDI GIRI
461 IPSITA MOHANTY
461 SMRUTIREKHA BEHERA

**EXCELLENT CHSE RESULT FROM 2015 TO 2026**

| Year | Appeared | Passed | Result | 1st Div | 2nd Div | 3rd Div |
|---|---|---|---|---|---|---|
| 2015 | 94 | 94 | 100% | 58 | 33 | 3 |
| 2016 | 128 | 127 | 99.9% | 75 | 50 | 2 |
| 2017 | 209 | 208 | 99.9% | 123 | 79 | 6 |
| 2018 | 265 | 264 | 99.9% | 167 | 96 | 1 |
| 2019 | 330 | 327 | 99.3% | 206 | 105 | 16 |
| 2020 | 344 | 341 | 99.1% | 240 | 92 | 9 |
| 2021 | 378 | 378 | 100% | 372 | 6 | 0 |
| 2022 | 335 | 335 | 100% | 333 | 2 | 0 |
| 2023 | 285 | 285 | 100% | 265 | 20 | 0 |
| 2024 | 377 | 377 | 100% | 360 | 17 | 0 |
| 2025 | 413 | 413 | 100% | 370 | 43 | 0 |
| 2026 | 393 | 393 | 100% | 385 | 8 | 0 |

**HIGHEST MARK IN INDIVIDUAL SUBJECT**

MATHEMATICS - 100
PHYSICS - 100
CHEMISTRY - 100
BIOLOGY - 100
ENGLISH - 100
MIL - 100

**OUR KEY HIGHLIGHTS**

- Excellent Academic Environment for Overall Development.
- Experienced & Dedicated Faculty Ensuring Quality Education.
- Regular Tests, Doubt Clearing & Individual Attention for Every Student.
- Proven Track Record in NEET, JEE & Other Competitive Examinations.

**New Campus**
Hidigaon, Chandipur Road, Infront of Satyasai Engg. College, Balasore

**Old Campus & City Office**
Nalamganj, Near K.M. Hospital Balasore, Odisha

(06782) - 261140 nist923@gmail.com www.nistresidentialcollege.in | www.nisthsschool.org.in

Mob - 9437266065, 9437147709, 9437264995, 8249075590, 9348121401

A Heartfelt Thanks to Our Students, Parents, Teachers & Well-wishers for This Historic Achievement!





୨୦/୫/୨୦୨୬ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୨୯,୧୦୧/- ସୁନା: ୦୧.୧୦୦ ଗ୍ରାମ୍ ରୁପା: ୧୧୩.୦୦୦ ଗ୍ରାମ୍



# ଚିଲିକାରୁ ୨ ଦିନରେ ୨୨୦୦ ଏକର ବେଆଇନ ଘେରି ଉଚ୍ଛେଦ

ବ୍ରହ୍ମଗିରି,୨୦।୫(ସମିସ)



ପୁରୀ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ କୃଷ୍ଣପ୍ରସାଦ ତହସିଲ୍ ଅଧୀନ ଚିଲିକାରୁ ବେଆଇନ ଘେରି ଉଚ୍ଛେଦ ଆରମ୍ଭ ହୋଇଛି। ତହସିଲ୍ ପ୍ରଶାସନ ଓ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ କିଛିଦିନ ଧରି ଏହି ବେଆଇନ ଘେରି ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଛି। ଚିଲିକାରେ ଚିଙ୍ଗୁଡ଼ି ଘେରି ଉଚ୍ଛେଦ କାର୍ଯ୍ୟ ଦ୍ୱିତୀୟ ଦିନରେ ପହଞ୍ଚିଛି। ଏହି ଦୁଇ ଦିନରେ ପ୍ରାୟ ୨୨୦୦ ଏକର ଘେରି ଉଚ୍ଛେଦ ହୋଇଥିବା ଜଣାପଡ଼ିଛି।

ବୁଲ୍‌ଡୋଜର ଲଗାଇ ଖୋଜିଖୋଜି ବେଆଇନ ଘେରି ଉଚ୍ଛେଦ କରୁଛି କୃଷ୍ଣପ୍ରସାଦ ପ୍ରଶାସନ। କୃଷ୍ଣପ୍ରସାଦ ତହସିଲ୍ ଓ ଥାନା ମିଳିତ ସହଯୋଗରେ ଉଚ୍ଛେଦ କାର୍ଯ୍ୟ ଜାରି ରହିଛି। ବୁଧବାର ଦ୍ୱିତୀୟ ଦିନରେ ବୁଲ୍‌ଡୋଜର ସାହାଯ୍ୟରେ ଘେରି ଉଚ୍ଛେଦ ଚାଲିଛି। ପ୍ରଥମ ଦିନରେ ୯୨୦ ହେକ୍ଟର ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ହୋଇଥିଲା। ବୁଧବାର ବାହାର ଚିଲିକାରେ ତହସିଲ୍‌ଦାର, ଆର୍‌ଆଇଙ୍କ ସହିତ ଗୋଟିଏ ପ୍ଲାଟୁନ ପୁଲିସ ଫୋର୍ସ ନେଇ ଉଚ୍ଛେଦ କରିଛନ୍ତି। ବୁଧବାର ସୁଦ୍ଧା ମୋଟ୍ ୨୨୦୦ ଏକର ଘେରି ଉଚ୍ଛେଦ ହୋଇଛି ବୋଲି କହିଛନ୍ତି କୃଷ୍ଣପ୍ରସାଦ ତହସିଲ୍‌ଦାର ସହଦେବ ସାହୁ। ଚିଲିକାକୁ ଘେରି ମୁକ୍ତ କରି ସୁନ୍ଦର ପରିବେଶ ଗଠନ କରିବା ଉଦ୍ୟମ ଚାଲିଥିବାବେଳେ ଏହା ଉପରେ ନିର୍ଭର କରି ଚାଲୁଥିବା ଅଞ୍ଚଳବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ଚିଲିକାରୁ ଜାଲ ବାଡ଼ ଉଚ୍ଛେଦ କରାଯାଉଛି। ଘେରିରେ ବ୍ୟବହାର ହୋଇଥିବା ଜାଲ, କିଳା, ବାଉଁଶ ଆଦିକୁ ନିଆଁ ଲଗାଇ ନଷ୍ଟ କରାଯାଇଛି। ଏହି ଉଚ୍ଛେଦରେ କୃଷ୍ଣପ୍ରସାଦ ତହସିଲ୍‌ଦାର ସହଦେବ ସାହୁ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବଡ଼ ଜେସିବି ମେସିନ ସହିତ ୪୦ ଜଣ ଶ୍ରମିକ ଉଚ୍ଛେଦ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଶାନ୍ତିଶୃଙ୍ଖଳା ଲାଗି କୃଷ୍ଣପ୍ରସାଦ ପୁଲିସ ଉପଖଣ୍ଡ ଅଧିକାରୀ ଭାବଗ୍ରାହୀ ରାଉତଙ୍କ ନେତୃତ୍ୱରେ ୧ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯାଇଛି।

## ରଥଖଳାରୁ...

# ରଥଖଳା ବୁଲିଲେ ରଥ ନିର୍ମାଣ ତଦାରଖ କମିଟି

ପୁରୀ,୨୦।୫(ସମିସ): ରଥଯାତ୍ରା ପାଇଁ ରଥ ନିର୍ମାଣ ଦ୍ରୁତଗତିରେ ଆଗେଇ ଚାଲିଛି। ମଙ୍ଗଳବାର ୪୨ଟି ଯାକ ଚକ ସମ୍ପୂର୍ଣ୍ଣ ହୋଇଥିବାବେଳେ ବୁଧବାରଠାରୁ ତିନିରଥର ବାକି ଥିବା ୧୮ଟି ଅଖର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ମୋଟ ୨୧ଟି ଅଖ ମଧ୍ୟରୁ ଚକ ଡେରା ନୀତି ପାଇଁ ୩ଟି ଅନୁକୂଳ ଅଖ ନିର୍ମାଣ ସରିଥିଲା। ପୂର୍ବାହ୍ଣରେ ରଥ ନିର୍ମାଣ ତଦାରଖ କମିଟି ପ୍ରତିନିଧି ରଥଖଳା ବୁଲି ନିର୍ମାଣ କାର୍ଯ୍ୟ ତଦାରଖ ତଥା ଅନୁଧ୍ୟାନ କରିଛନ୍ତି। ତିନିରଥର ଅଖଗୁଡ଼ିକୁ ଅନୁଧ୍ୟାନ କରି ଅଖ ନିର୍ମାଣ ପାଇଁ ରହିଥିବା କାଠର ଉଭୟ ପାର୍ଶ୍ୱର ଗଣ୍ଠି ତଥା ଗର୍ତ୍ତ ଥିବା ଅଖକାଠକୁ ପରିବର୍ତ୍ତନ କରିବାକୁ ପରାମର୍ଶ ଦେଇଛନ୍ତି। ସେହିପରି ୧୨ଟି ଲେଖାଏଁ ଚଉପଟ ଭୂଇଁ ଚଉତାର ବିନ୍ଧ ଅନୁକୂଳ ପୂଜା ମୁଖ୍ୟ ମହାରଣାଙ୍କ ଦ୍ୱାରା ସମ୍ପନ୍ନ ପରେ ସାଥୀ ମହାରଣା ଭୂଇଁ ଚଉତାରେ ୪ଟି ଲେଖାଏଁ ପାଖୁଡ଼ା ବିନ୍ଧ ସହ ଦୁଇ ପାର୍ଶ୍ୱରେ ଗୋଟିଏ ଗୋଟିଏ ଖମ୍ବ ବିନ୍ଧ କାର୍ଯ୍ୟ ଜାରି ରଖିଛନ୍ତି। ସେହିପରି ଗରଗରା ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରଥ ଖଳା ପାର୍ଶ୍ୱରେ ନିର୍ମିତ ସ୍ୱତନ୍ତ୍ର ଚାଳିରେ କରତି ସେବକମାନେ ତାଳଧ୍ୱଜ ରଥର ପୋଲ ଗୟଳ ଚିରଟ ପୂର୍ବରୁ ଉକ୍ତ ୪୦ ଫୁଟିଆ ପୋଲ ଗୟଳ ଧଉରା କାଠର ଉଭୟ ପାର୍ଶ୍ୱକୁ ବାରିସୀରେ ହାଣି ସମତଳ କାର୍ଯ୍ୟ ବା ଚିତା କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।



■ ରତ୍ନଭଣ୍ଡାର ଭିତରେ ହାତାହାତି ଘଟଣା

# ଜଣେ ସେବକଙ୍କୁ ନିଲମ୍ବନ କଲା ମନ୍ଦିର ପ୍ରଶାସନ

ପୁରୀ,୨୦।୫(ସମିସ): ଶ୍ରୀମନ୍ଦିର ରତ୍ନଭଣ୍ଡାର ଭିତରେ ମଙ୍ଗଳବାର ଏକ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳଙ୍କ ସମେତ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ହାତହାତି ହୋଇଥିଲେ ଦୁଇ ଭଣ୍ଡାର ମେକାପ ସେବକ। ସେମାନେ ହେଲେ ମଧୁସୂଦନ ମେକାପ ଏବଂ ତାଙ୍କ ପୁତୁରା ନାରାୟଣ ମେକାପ (କିଶାନ)। ପୁଲିସ ଏବଂ ପ୍ରଶାସନିକ ଅଧିକାରୀଙ୍କ ହସ୍ତକ୍ଷେପ ଫଳରେ ପରିସ୍ଥିତି ନିୟନ୍ତ୍ରଣ ହୋଇଥିଲା।

ତେବେ ଏହାକୁ ବେଶ୍ ଗମ୍ଭୀରତାର ସହ ଗ୍ରହଣ କରିଥିଲା ଶ୍ରୀମନ୍ଦିର ପ୍ରଶାସନ। ଉଭୟଙ୍କୁ ଡାକି ଆଲୋଚନା କରିଥିଲେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା। ମଙ୍ଗଳବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ଆଲୋଚନା ପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ମନ୍ଦିର ପ୍ରଶାସନ। ଅଶୋଭନୀୟ ଆଚରଣ ପାଇଁ ଶ୍ରୀମନ୍ଦିର ଶୃଙ୍ଖଳା ଓ ଗରିମାକୁ ଗୁରୁତ୍ୱର ଭାବେ ପ୍ରଭାବିତ କରିଥିବାରୁ କିଶାନ ମେକାପଙ୍କୁ ଶ୍ରୀଜଗନ୍ନାଥ ମନ୍ଦିର ଆଇନ ୧୯୫୫ର ୨୧ (କ) ଧାରା ଅନୁଯାୟୀ ନିଲମ୍ବନ କରାଯାଇଛି। ଅନ୍ୟାଦେଶ ପର୍ଯ୍ୟନ୍ତ ଏହି ଆଦେଶ ବଳବତ୍ତର ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

ଏହି ନିଲମ୍ବନ ସମୟରେ ସେ ନିଜେ କିମ୍ବା ଅନ୍ୟ କୌଣସି ସେବାୟତ କିମ୍ବା ବ୍ୟକ୍ତିବିଶେଷଙ୍କ ଦ୍ୱାରା କୌଣସି ପ୍ରକାର ବିଶୃଙ୍ଖଳା କରିବାକୁ ଅପଚେଷ୍ଟା କଲେ ନିଲମ୍ବନ ଅବଧିକୁ ବୃଦ୍ଧି କରାଯିବ। ଏଥିସହ ଆହୁରି ଅଧିକ କଠୋର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଶ୍ରୀମନ୍ଦିର ପରିସରରେ ମହାପ୍ରଭୁଙ୍କ ନୀତିକାନ୍ତି ବା ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନରେ କୌଣସି ପ୍ରକାର ବାଧକ ସାଜିଲେ ସମ୍ପୃକ୍ତ ସେବାୟତ କିମ୍ବା ଅନ୍ୟ ବ୍ୟକ୍ତିବିଶେଷଙ୍କୁ ଛଡ଼ାଯିବ ନାହିଁ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସ୍ପଷ୍ଟ କରିଛନ୍ତି। ଏଥିସହ ଶ୍ରୀମନ୍ଦିରର ଶୃଙ୍ଖଳା ଏବଂ ଗରିମା ରକ୍ଷା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

# ପଞ୍ଜାବରେ ଅଦିନିଆ ରଥଯାତ୍ରା ସ୍ଥଗିତ

## ଫିରୋଜପୁର ଜିଲ୍ଲାପାଳଙ୍କୁ କୃତଜ୍ଞତା ଜଣାଇଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

ପୁରୀ,୨୦।୫(ସମିସ): ଅଦିନିଆ ରଥଯାତ୍ରାରେ ରୋକ୍ ଲଗାଇବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିଛି। ଯେଉଁମାନେ ଅତିଥିରେ ରଥଯାତ୍ରା କରୁଛନ୍ତି ସେମାନଙ୍କୁ ଏଥିରୁ ନିବୃତ୍ତ ରହିବା ଲାଗି କୁହାଯାଉଛି। ତେବେ ଏ କ୍ଷେତ୍ରରେ ଶ୍ରୀମନ୍ଦିର ପ୍ରଶାସନକୁ ମିଳିଛି ବିଶେଷ ସଫଳତା। ପଞ୍ଜାବ ଫିରୋଜପୁର ଜିଲ୍ଲାରେ ଆସନ୍ତା ୨୩ ତାରିଖରେ ହେବାକୁ ଥିବା ରଥଯାତ୍ରାକୁ ସ୍ଥଗିତ ରଖାଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଚିଠି ପରେ ସ୍ଥାନୀୟ ଜିଲ୍ଲାପାଳଙ୍କ ଆଗ୍ରହ ଫଳରେ ଏହି ସଫଳତା ମିଳିଛି। ଫଳରେ ଫିରୋଜପୁର ଜିଲ୍ଲାପାଳଙ୍କୁ କୃତଜ୍ଞତା ଜଣାଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ।

ପଞ୍ଜାବର ଫିରୋଜପୁର କ୍ୟାଣ୍ଟନ୍‌ମେଣ୍ଟ ଜଗନ୍ନାଥ ମନ୍ଦିରରେ ଆସନ୍ତା ୨୩ ତାରିଖରେ ଅଦିନିଆ ରଥଯାତ୍ରା ଆୟୋଜନ ହେବାକୁ ଯାଉଥିବା ଖବର ପାଇବା ମାତ୍ରେ ତୁରନ୍ତ ଫିରୋଜପୁର ଜିଲ୍ଲାପାଳଙ୍କୁ ଏହାକୁ ବନ୍ଦ କରିବା ଲାଗି ଅନୁରୋଧପତ୍ର ଲେଖିଥିଲା ଶ୍ରୀମନ୍ଦିର ପ୍ରଶାସନ। ନିଜେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢ଼ୀ ଫିରୋଜପୁରର ଜିଲ୍ଲାପାଳ ଦୀପଶିଖା ଶର୍ମାଙ୍କ ସହ ବୁଧବାର କଥା ହୋଇଥିଲେ। ସେ ତ୍ୱରିତ ଏଥିରେ ହସ୍ତକ୍ଷେପ ଓ ସହଯୋଗ କରିଥିଲେ। ସେଠାକାର ଜିଲ୍ଲା ପ୍ରଶାସନ, ଅତିଥିରେ ରଥଯାତ୍ରା ଆୟୋଜନ କରିବାକୁ ଯାଉଥିବା ସଂଗଠନ ସହ ଆଲୋଚନା କରିଥିଲେ। ସେମାନଙ୍କୁ ପୁରୀ ଶ୍ରୀମନ୍ଦିରର ନିର୍ଦ୍ଧାରିତ ତିଥି ଅନୁଯାୟୀ (ଜୁଲାଇ ୧୬) ରଥଯାତ୍ରା ପାଳନ କରିବାକୁ ସହମତ କରାଇଛନ୍ତି। ସଂଗଠନ ପକ୍ଷରୁ ଏହା ସମ୍ବନ୍ଧୀୟ ଲିଖିତ ପତ୍ର ମଧ୍ୟ ଶ୍ରୀମନ୍ଦିର ପ୍ରଶାସନ ନିକଟକୁ ପ୍ରଦାନ କରାଯାଇଛି। ଏଥିପାଇଁ ଫିରୋଜପୁର ଜିଲ୍ଲାପାଳଙ୍କୁ ଆନ୍ତରିକ କୃତଜ୍ଞତା ଜଣାଇଛନ୍ତି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ।

# ମହାପ୍ରଭୁଙ୍କର ହେଲା ବନକଲାଗି

ପୁରୀ,୨୦।୫(ସମିସ): ଶ୍ରୀମନ୍ଦିରରେ ବୁଧବାର ମହାପ୍ରଭୁଙ୍କ ବନକଲାଗି କରାଯାଇଛି। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଜୟ ବିଜୟ ଦ୍ୱାର ବନ୍ଦ କରାଯାଇ ଏହି ନୀତି ସମ୍ପନ୍ନ ହୋଇଥିଲା। ସନ୍ଧ୍ୟା ୬ଟା ୫ରେ ଦ୍ୱିପହର ଧୂପ ସରିଥିଲା। ପରେ ମଇଲମ, ତଡ଼ପଲାଗି ହୋଇ ସନ୍ଧ୍ୟା ୬ଟା ୪୫ରେ ପହୁଡ଼ ଆଳତି କରାଯାଇଥିଲା। ଏହାପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବା ଲାଗି ପ୍ରବେଶ କରିଥିଲେ। ଏଥିପାଇଁ ଦତ୍ତମହାପାତ୍ର ସେବକମାନେ ଶୁଦ୍ଧପୂତ ଭାବେ ପ୍ରସାଧାନ ପ୍ରସ୍ତୁତ କରିଥିଲେ। ବନକଲାଗି ନୀତି ପରେ ମହାସ୍ନାନ ହୋଇ ଅନ୍ୟାନ୍ୟ ନୀତି ଚାଲିଥିଲା।

# ଗୋଟିଏ ରାତିରେ ୩ ମନ୍ଦିରରୁ ଚୋରି

ସାକ୍ଷୀଗୋପାଳ,୨୦।୫(ସମିସ): ଗୋଟିଏ ରାତିରେ ୨ଟି ଗ୍ରାମର ୩ଟି ମନ୍ଦିରରୁ ଏକକାଳୀନ ଚୋରି ହୋଇଯାଇଛି। ସତ୍ୟବାଦୀ ଥାନା ଅନ୍ତର୍ଗତ ବିଜିପୁର ଗ୍ରାମର ଶ୍ରୀଶ୍ରୀରାଧାକୃଷ୍ଣ ମନ୍ଦିର, ଚକ୍ରପଡ଼ା ଗ୍ରାମର ଶ୍ରୀଶ୍ରୀବାଲୁଙ୍କେଶ୍ୱର ଦେବ ମହାଦେବ ମନ୍ଦିର ଓ ସାନ୍ଧ୍ୟବାସିନୀ ଠାକୁରାଣୀଙ୍କ ମନ୍ଦିରରୁ ମଙ୍ଗଳବାର ରାତିରେ ଚୋରି ହୋଇଯାଇଛି। ଦୁର୍ବୃତ୍ତମାନେ ମନ୍ଦିରର କବାଟ ତାଲା ଭାଙ୍ଗି ମନ୍ଦିରରୁ ଘଣ୍ଟ, ଘଣ୍ଟି, ପିତ୍ତଳ ସାମଗ୍ରୀ ସମେତ ଠାକୁର ଓ ଠାକୁରାଣୀ ସୁନା ଅଳଙ୍କାର ଓ ଦୋଳ କଳସକୁ ଲୁଟି ନେଇଛନ୍ତି। ଅଭିଯୋଗ ପାଇବା ପରେ ସତ୍ୟବାଦୀ ପୁଲିସ ପକ୍ଷରୁ ମନ୍ଦିର ପରିଦର୍ଶନ କରି ଘଟଣାର ତଦନ୍ତ ଆରମ୍ଭ ହୋଇଛି।

# ବ୍ରାଉନ୍‌ସୁଗର ଜବତ; ଜଣେ ଗିରଫ

ପିପିଲି,୨୦।୫(ସମିସ): ବୁଧବାର ସକାଳୁ ପିପିଲି ପୁଲିସକୁ ବଡ଼ ସଫଳତା ମିଳିଛି। ୭.୫୦ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗର ଜବତ କରିବା ସହିତ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ପୁରୀ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସଚିନ ପଟେଲ ପିପିଲି ଥାନା ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ମୁତାବକ, ବୁଧବାର ସକାଳେ କୌଣସି ସୂତ୍ରରୁ ଖବର ପାଇ ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ପିପିଲି ଥାନା ଏସ୍‌ଆଇ ଭାସ୍କର ମାଣିଆ ପିପିଲି-ଡେଲାଙ୍ଗ ରାସ୍ତାର ଦାନଗହୀର ନିକଟସ୍ଥ ବିଛୁଆତି ଛକ ନିକଟରେ ଚଢ଼ଉ କରି ୭୪.୨୩ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ କରିବା ସହିତ ଜଣକୁ ଗିରଫ କରିଥିଲେ। ଗିରଫ ଅଭିଯୁକ୍ତ ହେଲେ ଦାନଗହୀର ଅଞ୍ଚଳର ଚନ୍ଦୁ ଓରଫ ଏମ୍‌ଡି ଅଲଫାଜ(୨୬)। ତା' ନିକଟରୁ ନଗଦ ୯୬୦୦ ଟଙ୍କା ସମେତ ବାଇକ୍, ଦୁଇଟି ମୋବାଇଲ୍, ଆଧାର କାର୍ଡ, ପାନ୍ କାର୍ଡକୁ ପିପିଲି ତହସିଲ୍‌ଦାର ତଥା ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ମୃତ୍ୟୁଞ୍ଜୟ ତ୍ରିପାଠୀଙ୍କ ଉପସ୍ଥିତିରେ ପୁଲିସ ଜବତ କରିଛି। ଜବତ ବ୍ରାଉନ୍‌ସୁଗରର ମୂଲ୍ୟ ୭ ଲକ୍ଷ ୫୦ହଜାର ଟଙ୍କା ହେବ ବୋଲି ପୁଲିସ ଅନୁମାନ କରିଛି। ସାମ୍ବାଦିକ ସମ୍ମିଳନୀରେ ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ, ଏସ୍‌ଆଇ ଭାସ୍କର ମାଣିଆ, ପ୍ରିୟଦର୍ଶିନୀ ସାହୁ, ଏଏସ୍‌ଆଇ ପ୍ରଦୀପ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଯୁକ୍ତ ୨ ପରୀକ୍ଷା ଫଳ ପ୍ରକାଶ

# ବିଜ୍ଞାନରେ ୯୨.୩୨, କଳାରେ ୮୫.୭୮ ପ୍ରତିଶତ ପାସ୍‌ହାର

ପୁରୀ,୨୦।୫(ସମିସ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ କଳା, ବିଜ୍ଞାନ, ବାଣିଜ୍ୟ ଏବଂ ଧନ୍ଦାମୂଳକ ପରୀକ୍ଷା ଫଳ ରବିବାର ପ୍ରକାଶ ପାଇଛି। ଏଥର ପୁରୀ ଜିଲ୍ଲାରେ ବିଜ୍ଞାନରେ ପାସ୍‌ହାର ରହିଛି ୯୨.୩୨ ପ୍ରତିଶତ। ଜିଲ୍ଲାର ମୋଟ୍ ୪,୨୩୪ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୨,୮୮୨ ଜଣ ପ୍ରଥମ ଶ୍ରେଣୀ, ୮୧୫ ଜଣ ଦ୍ୱିତୀୟ ଶ୍ରେଣୀ ଏବଂ ୧୩୨ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୮୦ ଜଣ କମ୍ପାର୍ଟମେଣ୍ଟାଲରେ ପାସ୍ କରିଥିବାବେଳେ ମୋଟ୍ ୩,୯୦୯ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି କଳାରେ ୧୦ ହଜାର ୧୬୬ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ପାସ୍‌ହାର ରହିଛି ୮୫.୭୮ ପ୍ରତିଶତ। ସେମାନଙ୍କ ମଧ୍ୟରୁ ୨,୪୭୯ ଜଣ ପ୍ରଥମ ଶ୍ରେଣୀ, ୨,୧୧୪ ଜଣ ଦ୍ୱିତୀୟ ଶ୍ରେଣୀ ଏବଂ ୪,୧୧୮ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୧୯ ଜଣ କମ୍ପାର୍ଟମେଣ୍ଟାଲରେ ପାସ୍ କରିଥିବାବେଳେ ମୋଟ ୮,୭୨୧ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ବାଣିଜ୍ୟରେ ୮୦୧ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ପାସ୍‌ହାର ରହିଛି ୯୦.୩୮ ପ୍ରତିଶତ। ସେମାନଙ୍କ ମଧ୍ୟରୁ ୩୦୦ ଜଣ ପ୍ରଥମ ଶ୍ରେଣୀ, ୧୭୪ ଜଣ ଦ୍ୱିତୀୟ ଶ୍ରେଣୀ ଏବଂ ୨୪୫ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି।

## ବାଣିଜ୍ୟରେ ୯୦.୩୮ ପ୍ରତିଶତ ଛାତ୍ରଛାତ୍ରୀ ପାସ୍

୫ ଜଣ କମ୍ପାର୍ଟମେଣ୍ଟାଲରେ ପାସ୍ କରିଥିବାବେଳେ ମୋଟ୍ ୭୨୪ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ଜିଲ୍ଲାରେ ଧନ୍ଦାମୂଳକ ଶିକ୍ଷାର ପାସ୍‌ହାର ରହିଛି ୮୧.୩୭ ପ୍ରତିଶତ। ମୋଟ୍ ୨୦୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୬୧ ଜଣ ପ୍ରଥମ ଶ୍ରେଣୀ, ୭୩ ଜଣ ଦ୍ୱିତୀୟ ଶ୍ରେଣୀ ଏବଂ ୨୯ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୩ ଜଣ କମ୍ପାର୍ଟମେଣ୍ଟାଲରେ ପାସ୍ କରିଥିବାବେଳେ ମୋଟ ୧୬୬ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ଗତବର୍ଷ ଅପେକ୍ଷା ଏ ବର୍ଷ ପାସ୍‌ହାର ବଢ଼ିଛି। ଗତବର୍ଷ ବିଜ୍ଞାନରେ ପାସ୍‌ହାର ୯୦.୭୯ ରହିଥିବାବେଳେ କଳାରେ ୮୩.୪୫, ବାଣିଜ୍ୟରେ ୮୪.୫୩ ଏବଂ ଧନ୍ଦାମୂଳକରେ ପାସ୍‌ହାର ରହିଥିଲା ୭୯.୪୭ ପ୍ରତିଶତ।

# ବିଦ୍ୟୁତ୍ ଆଘାତରେ ନବବିବାହିତ ଯୁବକଙ୍କ ମୃତ୍ୟୁ

ଗୋପ,୨୦।୫(ସମିସ): ବୁଧବାର ମଧ୍ୟାହ୍ନରେ ବିବାହର ମାତ୍ର ୨୨ ଦିନରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ନବବିବାହିତ ଯୁବକଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତକ ଜଣକ ଗୋପ ଥାନା ଅନ୍ତର୍ଗତ କୁଆଁପଡ଼ା ପଞ୍ଚାୟତ ଅଧୀନସ୍ଥ ଯୋଶିପଡ଼ା ଗ୍ରାମର ଶୁଭମ୍ ସାହୁ (୩୧) ବୋଲି ଜଣାପଡ଼ିଛି। ବଡ଼ବାପା ଗିରିଧାରୀ ସାହୁଙ୍କ ଅଭିଯୋଗକୁ ନେଇ ଗୋପ ଥାନାରେ ଏକ ଅପମୃତ୍ୟୁ ମାମଲା (୧୨/୨୬) ରୁଜୁ ହୋଇଛି। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଚାରିଛକ ପଠାଇ ତଦନ୍ତ ଜାରି ରଖିଛି।

ପ୍ରକାଶ ଯେ, ଗତ ମାସ ୨୯ ତାରିଖ ଦିନ କୁଆଁପଡ଼ା ପଞ୍ଚାୟତ ଯୋଶିପଡ଼ା ଗ୍ରାମର ଶୁଭମ୍ କୋଣାର୍କ ଥାନା ଅନ୍ତର୍ଗତ ଧନିତ୍ରୀ ଜଗନ୍ନାଥପଡ଼ା ଗ୍ରାମରେ ବିବାହ କରିଥିଲେ। ଅତ୍ୟଧିକ ଗରମ ଯୋଗୁଁ ବୁଧବାର ଶୁଭମ୍‌ଙ୍କ ବାପା ଘରେ ଗୋଟିଏ ନୂଆ ଏସି ଜଣେ ମେକାନିକ୍ ଦ୍ୱାରା ଲଗାଉଥିଲେ। କୋଠା ଉପରୁ ବିଦ୍ୟୁତ୍ ସଂଯୋଗ ଥିବା ତାରଟି ତଳେ ପଡ଼ିଥିଲା। ଏହି ସମୟରେ ଶୁଭମ୍ ହଠାତ୍ ଉକ୍ତ ତାରକୁ ଧରି ପକାଇବାରୁ ଘଟଣାସ୍ଥଳରେ ସେ ପଡ଼ି ଯାଇଥିଲେ। ପରିବାର ସଦସ୍ୟ ଓ ଗ୍ରାମର କେତେକ ଯୁବକ ତୁରନ୍ତ ତାଙ୍କୁ ଗୋପ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଅଭିଯୋଗ ଆସିବା ପରେ ଗୋପ ଥାନା ଏଏସ୍‌ଆଇ ଶିବରାମ ଶତପଥୀ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରିଥିଲେ। ଏହି ନବବିବାହିତଙ୍କ ମୃତ୍ୟୁକୁ ନେଇ ଗାଁରେ ଏକ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଥିବାବେଳେ ନବବିବାହିତା ପତ୍ନୀ ଏବେ ମ୍ରିୟମାଣ ହୋଇପଡ଼ିଛନ୍ତି। ତୁରନ୍ତ ତାଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ କୁଆଁପଡ଼ା ପଞ୍ଚାୟତର ଯୁବନେତା ବିଚିତ୍ରାନନ୍ଦ ପ୍ରଧାନ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିଛନ୍ତି।

● ଅଟୋ ଭଡ଼ାକୁ କେନ୍ଦ୍ରକରି ଦୁଇପକ୍ଷ ମଧ୍ୟରେ ଗଣ୍ଡଗୋଳ

# ଛୁରାମାଡ଼ରେ ୩ ଗୁରୁତର, ୨ ଅଟକ

ପୁରୀ,୨୦।୫(ସମିସ): ଆଗକୁ ମହାପ୍ରଭୁଙ୍କ ପବିତ୍ର ରଥଯାତ୍ରା। ପୁରୀକୁ ଲକ୍ଷ ଲକ୍ଷ ଭକ୍ତ ଆସିବେ। ଏହାକୁ ନଜରରେ ରଖି ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ଉପରେ ପୁଲିସ ଗୁରୁତ୍ୱ ଦେଉଥିବାବେଳେ ସହରରେ କିନ୍ତୁ ଅପରାଧୀଙ୍କ ଉତ୍ପାତ ବୃଦ୍ଧି ପାଇଛି। ବୁଧବାର ଅପରାହ୍ଣରେ ପୂର୍ବ ଶତ୍ରୁତା ଓ ଅଟୋ ଭଡ଼ାକୁ କେନ୍ଦ୍ର କରି ଦୁଇପକ୍ଷ ମଧ୍ୟରେ ବିବାଦକୁ ନେଇ ବଳିଆପଣ୍ଡା ଅଞ୍ଚଳରେ ଛୁରାମାଡ଼ ହୋଇଛି। ଏଥିରେ ୩ ଜଣ ଗୁରୁତର ଆହତ ହୋଇଥିବାବେଳେ ପୁଲିସ ୨ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରୁଛି। ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ସୂଚନା ଅନୁସାରେ, ବୁଧବାର ଅପରାହ୍ଣ ପ୍ରାୟ ୪ଟା ୩୦ରେ ବଳିଆପଣ୍ଡା ପ୍ରାଚୀ ଛକ ନିକଟରେ ୪ ଜଣ ଯୁବକ ବାଇକ୍ ଓ ଟୋଟୋରେ ଆସିଥିଲେ। ସେଠାରେ ଥିବା ୩ ଜଣ ଯୁବକଙ୍କୁ ଛୁରିରେ ଆକ୍ରମଣ କରିଥିଲେ। ଆକ୍ରମଣରେ ଆହତ ହୋଇଥିବା ବ୍ୟକ୍ତିମାନେ ହେଲେ ରମେଶ ପ୍ରଧାନ, ଗୁଡ୍ଡୁ ପ୍ରଧାନ ଓ ନିତିଶ ବେହେରା। ସମସ୍ତଙ୍କ ପିଠି ଓ ପେଟରେ ଗଭୀର ଆଘାତ ଲାଗିଛି। ସେମାନଙ୍କୁ ତୁରନ୍ତ ଉଦ୍ଧାର କରି ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପ୍ରାଥମିକ ସୂଚନା ଅନୁସାରେ, ଅଟୋ ଭଡ଼ାକୁ ନେଇ ଚାଳକଙ୍କ ମଧ୍ୟରେ ବିବାଦ ହୋଇଥିଲା। ଫଳରେ ଏଭଳି ଛୁରାମାଡ଼ର ରୂପ ନେଇଥିଲା। ଖବର ପାଇ ବଳିଆପଣ୍ଡା ଥାନାଧିକାରୀ ଓ ସିଟି ଡିଏସ୍‌ପି ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲେ। ପୁଲିସ ଘଟଣାରେ ସମ୍ପୃକ୍ତ ୨ ଅଟୋ ଚାଳକଙ୍କୁ ଅଟକ ରଖି ପଚରାଉଚରା କରୁଛି। ଘଟଣାସ୍ଥଳରୁ ୨ଟି ବାଇକ୍ ମଧ୍ୟ ଜବତ କରାଯାଇଛି। ବଳିଆପଣ୍ଡା ପୁଲିସ ଏନେଇ କେସ୍ ନଂ ୧୩୩/୨୬ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଦୁର୍ଘଟଣାରେ ବାଲୁଖଣ୍ଡ ହରିଣ ଗୁରୁତର

ପୁରୀ,୨୦।୫(ସମିସ): ଦ୍ରୁତ ସହରୀକରଣ ଯୋଗୁଁ ବାଲୁଖଣ୍ଡ ଅଭୟାରଣ୍ୟରେ ରହୁଥିବା ଜୀବଜନ୍ତୁଙ୍କ ଜୀବନଶୈଳୀ ପ୍ରଭାବିତ ହେବାରେ ଲାଗିଛି। ବିଶେଷକରି ହରିଣଙ୍କ ପାଇଁ ଖାଦ୍ୟ ସଙ୍କଟ ଯୋଗୁଁ ବେଳେବେଳେ ସେମାନେ ମୃତାହତ ହେଉଛନ୍ତି। ବର୍ତ୍ତମାନ ଖରାଦିନ ଯୋଗୁଁ କିଛି ଚୁଆ, ପୋଖରୀ ବି ଶୁଖିଗଲାଣି। ସିମେଣ୍ଟ କୁଣ୍ଡ ବି ଶୋଷ ମେଣ୍ଟାଇ ପାରୁନି। ତେଣୁ ଖାଦ୍ୟ, ପାନୀୟ ଅନ୍ୱେଷଣରେ ଜଙ୍ଗଲ ବାହାରକୁ ଗଲେ ଅନେକ ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି। ବୁଧବାର ସକାଳେ ବାଟମଙ୍ଗଳା ନିକଟ ଟ୍ରେନ୍ ଲାଇନ୍‌ରେ ଦୁର୍ଘଟଣାରେ ଏକ ହରିଣ ଆହତ ହୋଇଥିଲା। ତା'ର ମେରୁଦଣ୍ଡରେ ଗଭୀର ଆଘାତ ଲାଗିଥିଲା। ଟ୍ରେନ୍ ଧକ୍କାରେ ହରିଣଟି ଗୁରୁତର ଥିବା ସ୍ଥାନୀୟ ଲୋକେ ବନ ବିଭାଗକୁ ଜଣାଇଥିଲେ। ହରିଣଟିକୁ ଉଦ୍ଧାର କରି ରଖିଥିଲେ। ବନ କର୍ମଚାରୀ ପହଞ୍ଚି ହରିଣକୁ ଜିଲ୍ଲା ପ୍ରାଣୀ ଚିକିତ୍ସାଳୟକୁ ନେଇ ତା'ର ଚିକିତ୍ସା କରିଥିଲେ। ଏହି ମାଈ ହରିଣଟି ଏବେ ବାଲୁଖଣ୍ଡ ରେଞ୍ଜ କାର୍ଯ୍ୟାଳୟରେ ରଖାଯାଇଛି।



## ଔଷଧ ବ୍ୟବସାୟୀ ସଂଘ ପକ୍ଷରୁ ଦିନିକିଆ ଧର୍ମଘଟ

# ନିମାପଡ଼ାରେ ସମସ୍ତ ଔଷଧ ଦୋକାନ ବନ୍ଦ

ନିମାପଡ଼ା,୨୦।୫(ସମିସ): ଭାରତୀୟ ଔଷଧ ବ୍ୟବସାୟୀ ସଂଘର ସଭାପତି ଜେ.ଏସ୍. ସିନ୍ଦେଙ୍କ ନିର୍ଦ୍ଦେଶରେ ବୁଧବାର ସାରା ଦେଶରେ ଘରୋଇ ଔଷଧ ଦୋକାନ ଦିନିକିଆ (୨୪ ଘଣ୍ଟିଆ) ବନ୍ଦ ଡକରା ଦିଆଯାଇଥିବାବେଳେ, ନିମାପଡ଼ା ଅଞ୍ଚଳରେ ଏହାର ପ୍ରଭାବ ପଡ଼ିଥିବା ଦେଖିବାକୁ ମିଳିଛି। ଉତ୍କଳ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ୍ ପୁରୀ ଜିଲ୍ଲା ଶାଖାର ଜିଲ୍ଲା ଇସି ସଦସ୍ୟ ତଥା ନିମାପଡ଼ା ଜୋନ୍ ସଭାପତି ବିଜୟ କୁମାର ଦାସଙ୍କ ଆହ୍ୱାନରେ ଏହି ଦିନିକିଆ ବନ୍ଦ ଡକରା ସଫଳତାର ସହ ପାଳନ କରାଯାଇଛି। ଏହି ଆନ୍ଦୋଳନର ମୂଳ ଲକ୍ଷ୍ୟ ଓ ଦାବିଗୁଡ଼ିକ ସମ୍ପର୍କରେ ସୂଚନା ଦେଇ ନିମାପଡ଼ା ଜୋନ୍ ସଭାପତି ଶ୍ରୀ ଦାସ କହିଛନ୍ତି ଯେ, ଅନ୍‌ଲାଇନ୍‌ରେ ଔଷଧ ବିକ୍ରୟକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବା ସହ ୨୦୧୮ ଅଗଷ୍ଟ ୨୮ରୁ ଲାଗୁ ହୋଇଥିବା ଜିଏସ୍‌ଆର୍ ୮୧୭କୁ ପ୍ରତ୍ୟାହାର କରାଯାଉ। ଏହା ସହିତ କର୍ପୋରେଟ୍ ସଂସ୍ଥାଗୁଡ଼ିକ ଦ୍ୱାରା ଦିଆଯାଉଥିବା ଅଯଥା ଓ ଅତ୍ୟଧିକ ରିଆତିକୁ ବନ୍ଦ କରିବା ଏବଂ ନକଲି ଔଷଧର କାରବାରକୁ ରୋକିବା ପାଇଁ ୨୦୨୦ ମାର୍ଚ୍ଚ ୨୬ର ଜିଏସ୍‌ଆର୍ ୨୨୦ ପ୍ରତ୍ୟାହାର କରିବା ଭଳି ପ୍ରମୁଖ ଦାବି ନେଇ ଏହି ଧର୍ମଘଟ କରାଯାଇଛି। ଏହି ବନ୍ଦ ଯୋଗୁଁ ସାଧାରଣ ରୋଗୀଙ୍କର ଯେଉଁ ଅସୁବିଧା ହୋଇଛି, ସେଥିପାଇଁ ନିମାପଡ଼ା ଜୋନ୍ ଔଷଧ ବ୍ୟବସାୟୀ ସଂଘ ପକ୍ଷରୁ ଗଭୀର ଦୁଃଖ ପ୍ରକାଶ କରାଯାଇଛି। ତେବେ ଜରୁରୀକାଳୀନ ପରିସ୍ଥିତିକୁ ଦୃଷ୍ଟିରେ ରଖି କେବଳ ଡାକ୍ତରଖାନା ପରିସରରେ ଥିବା ଦିବାରାତ୍ର (୨୪ ଘଣ୍ଟିଆ) ଔଷଧ ଦୋକାନଗୁଡ଼ିକୁ ଖୋଲା ରଖିବା ପାଇଁ ସଂଘ ପକ୍ଷରୁ ଅନୁମତି ଦିଆଯାଇଥିଲା। ଏହି ଦିନିକିଆ ଧର୍ମଘଟ କାର୍ଯ୍ୟକ୍ରମକୁ ସଫଳ କରିବାରେ ନିମାପଡ଼ା ଜୋନ୍‌ର ସାଧାରଣ ସମ୍ପାଦକ ଜୟକୃଷ୍ଣ ମହାରଣାଙ୍କ ସମେତ ସ୍ଥାନୀୟ ଅଞ୍ଚଳର ସମସ୍ତ ଔଷଧ ବ୍ୟବସାୟୀ ଓ ସଦସ୍ୟ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।




## ଆସିଲାନି ଆମ୍ବୁଲାନ୍ସ

# ଗୁରୁତର ଶିଶୁ ପୁତ୍ରକୁ ଧରି ରାସ୍ତାରେ ବସିଲେ ବାପା-ମାଆ

ଗୋପ,୨୦।୫(ସମିସ)

ଅଢ଼େଇ ବର୍ଷର ପୁଅର ଜୀବନ ବଞ୍ଚାଇବା ପାଇଁ ବୁଧବାର ସକାଳେ ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବାରୁ ରାଜରାସ୍ତାରେ ବାପା ବାଇକ୍ ରଖି ହୋହଲ୍ଲା କରିଥିବାବେଳେ ମାଆ ଡାକ୍ତରଖାନାରେ ଶିଶୁ ପୁତ୍ରକୁ ଧରି ବସିବା ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଦୀର୍ଘ ଘଣ୍ଟାଏ ବିଳମ୍ବରେ ୧୦୮ ଆମ୍ବୁଲାନ୍ସ ଆସିବା ପରେ କିଛି ସମୟ ପାଇଁ ମଧ୍ୟ ଉତ୍ତେଜନା ପ୍ରକାଶ ପାଇଥିଲା। ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଆମ୍ବୁଲାନ୍ସ ଥିଲେ ମଧ୍ୟ କାହିଁକି ବିଳମ୍ବ ହୋଇଥିଲା ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିବାବେଳେ ସ୍ୱାସ୍ଥ୍ୟସେବା ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା।

ପ୍ରକାଶ ଯେ, ବୁଧବାର ସକାଳେ ଗୋପ ଥାନା ଅନ୍ତର୍ଗତ ଶାରଡା ଗ୍ରାମର ଲୋକନାଥ ବରାଳଙ୍କ ଅଢ଼େଇ ବର୍ଷର ଶିଶୁପୁତ୍ର ଗାଁ ରାସ୍ତାରେ ଜେଜେ ସହିତ ଖେଳୁଥିଲା। ଏହି ସମୟରେ ଜଣେ ମୋଟର ସାଇକଲ ଘରୁ ବାହାରକୁ ଆଣୁଥିବା ସମୟରେ ଗାଡ଼ି ମାଡ଼ ହୋଇଯିବାରୁ ଜେଜେ ଓ ଶିଶୁପୁତ୍ର ପଡ଼ି ଯାଇଥିଲେ। ଶିଶୁପୁତ୍ରର ମୁଣ୍ଡ ମାଡ଼ ହୋଇ ଅଚେତ ହେବା ଯୋଗୁଁ ବାପା-ମାଆ ଗୋପ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ସଙ୍ଗେ ସଙ୍ଗେ ପ୍ରାଥମିକ ଚିକିତ୍ସା କରି ଭୁବନେଶ୍ୱର ସ୍ଥାନାନ୍ତର କରିଥିଲେ। ଶିଶୁପୁତ୍ରର ଅବସ୍ଥା ସଙ୍କଟାପନ୍ନ ଥିବାରୁ ବାପା ଲୋକନାଥ ବରାଳ ୭ଟା ୫ରେ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିବାରେ ଗାଡ଼ି ନାହିଁ ବୋଲି ଉତ୍ତର ଆସିବା ସହ ଶୀଘ୍ର ଗାଡ଼ି ପଠାଯିବ ବୋଲି କୁହାଯାଇଥିଲା। ଦୀର୍ଘ ସମୟ ବିଳମ୍ବ ହେବାରୁ ଲୋକନାଥ ଗୋପ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆମ୍ବୁଲାନ୍ସ ଥିବା ନେଇ ଜାଣିବା ପରେ ପୁନର୍ବାର ୧୦୮ ଆମ୍ବୁଲାନ୍ସ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିଥିଲେ ସୁଦ୍ଧା ଗାଡ଼ି ଆସି ନ ଥିଲା। ବିଳମ୍ବ ହେବାରୁ ଶେଷରେ ବାପା ରାଜରାସ୍ତାରେ ନିଜ ସ୍କୁଟି ଗାଡ଼ି ରଖି ବସି ହୋହଲ୍ଲା କରିବାବେଳେ ମାଆ ରିଙ୍କି ଡାକ୍ତରଖାନା ସମ୍ମୁଖରେ ଶିଶୁପୁତ୍ରକୁ ଧରି ବସିଥିଲେ। ସରକାରଙ୍କ ସ୍ୱାସ୍ଥ୍ୟସେବାର ଏପରି ବିକଳ ଚିତ୍ର ଦେଖି ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଘଣ୍ଟାଏ ବିଳମ୍ବ ଅର୍ଥାତ୍ ୮ ଟା ୨ ମିନିଟ୍‌ରେ ଆମ୍ବୁଲାନ୍ସ ପହଞ୍ଚି ଶିଶୁପୁତ୍ରକୁ ଭୁବନେଶ୍ୱର ନେଇଥିଲା। ଏଠାରେ ପ୍ରଶ୍ନ ଉଠେ, ଯଦି ଗୋପରେ ଆମ୍ବୁଲାନ୍ସ ଥାଇ ଘଣ୍ଟାଏ ବିଳମ୍ବରେ ରୋଗୀ ନେବା ପାଇଁ ପହଞ୍ଚୁଛି, ଅନ୍ୟ ସ୍ୱାସ୍ଥ୍ୟସେବା କେମିତି ଚାଲୁଥିବ ବୋଲି ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ଏପରି ଅଭିଯୋଗକୁ ନେଇ ୧୦୮ ମୁଖ୍ୟାଳୟ ସହିତ ଯୋଗାଯୋଗ କରିବାରେ ଆମ୍ବୁଲାନ୍ସ ପଠାଯାଇଛି ବୋଲି କୁହାଯାଉଥିବା ବେଳେ ଅନ୍ୟ ଉତ୍ତରକୁ ଏଡ଼ାଇ ଦେଇଥିଲେ।



## ଚୁଆଁରୁ ନାବାଳିକାଙ୍କ ଶବ ଉଦ୍ଧାର



ବାଲିଗୁଡା,୨୦।୫(ସମିସ): ବାଲିଗୁଡ଼ା ଥାନା ଜାର୍ଗୀ ଗ୍ରାମରେ ଏକ ଚୁଆରୁ ୭ ବର୍ଷ ବାଳିକାର ମୃତଦେହ ଉଦ୍ଧାର କରାଯାଇଛି। ମୃତକ ଜାର୍ଗୀ ଗ୍ରାମର ମନଙ୍କ ମଳିକଙ୍କ ଝିଅ ବିୟୁଟି ମଳିକ ବୋଲି ଜଣାପଡ଼ିଛି । ସୂଚନା ଅନୁଯାୟୀ ମଙ୍ଗଳବାର ଦିନ ଗାଁରେ ଏକ ବାହାଘର ଭୋଜିକୁ ଯାଇଥିଲା ବିୟୁଟି । ପରିବାର ଲୋକେ ଖୋଜାଖୋଜି କରିବା ପରେ ବିୟୁଟିର କୌଣସି ସନ୍ଧାନ ନପାଇବାରୁ ବାରଖମା ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପ୍ରକାରେ ବାରଖମା ଫାଣ୍ଡି ଅଧିକାରୀ ଅମରେନ୍ଦ୍ର ବାହୁବଳୀ ସୁବୁଦ୍ଧି ନିଜ ଟିମ୍ ସହ ଜାର୍ଗୀ ଗାଁ ସମେତ ଆଖପାଖ ଅଞ୍ଚଳରେ ଖୋଜାଖୋଜି କରିଥିଲେ । ଆଜି ସକାଳେ ଗାଁର ଏକ ଚୁଆଁରେ ବିୟୁଟିର ଶବ ଭାସୁଥିବା ଦେଖି ପରିବାର ଲୋକେ ପୁଣି ପୁଲିସକୁ ଜଣାଇଥିଲେ । ଖବରପାଇ ଘଟଣାସ୍ଥଳରେ ବାରଖମା ଫାଣ୍ଡି ଅଧିକାରୀ ଅମରେନ୍ଦ୍ର ବାହୁବଳୀ ସୁବୁଦ୍ଧି ପହଁଞ୍ଚି ଶବ ଉଦ୍ଧାର କରିଥିଲେ । ବ୍ୟବଚ୍ଛେଦ ପାଇଁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି ପୁଲିସ । ବର୍ତ୍ତମାନ ସୁଦ୍ଧା ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ଝିଅର କୌଣସି ରୋଗ ନଥିଲା,ଝିଅକୁ କେହି ଚୁଆ ଭିତରକୁ ଠେଲି ଦେଇଥିବା ଯୋଗୁଁ ତା'ର ମୃତ୍ୟୁ ଘଟିଥିବା ମୃତ ନାବାଳିକାଙ୍କ ବାପା କହିଛନ୍ତି ।

## ଗାଡ଼ି ସହ ବିପୁଳ ଗଞ୍ଜେଇ ଜବତ



ମୋହନା,୨୦।୫(ସମିସ): ମୋହନା ଥାନା ବିଜୟପୁର ଗାଁ ନିକଟରୁ ଏକ ମ୍ୟାକ୍ସ ପିକ ଅପ୍ ଗାଡ଼ି ସହ ବିପୁଳ ଗଞ୍ଜେଇ ଜବତ୍ କରିଛି ପୁଲିସ । ମଙ୍ଗଳବାର ରାତିରେ କୌଣସି ସୂତ୍ରରୁ ଖବର ପାଇ ପୁଲିସ ଏକ ଗଞ୍ଜେଇ ଚଲାଣ ଗାଡିକୁ ଧରିବା ପାଇଁ ମୋହନା ଠାରୁ ଅନ୍ତରବା ରାସ୍ତା ଆଡକୁ ବାହାରିଥିଲା । ହେଲେ ବିଜୟପୁର ଗାଁ ନିକଟରେ ପୁଲିସ ଗଡିକୁ ଦୂରରୁ ଦେଖି ଆଉ କିଛି ଉପାୟ ନପାଇ ପିକଅପ ଗାଡିକୁ ଛାଡି ଚମ୍ପଟ ମାରି ଦଉଡି ପଳାଇଲେ ୪ ଜଣ ଅଭିଯୁକ୍ତ । ଘଟଣା ସ୍ଥଳରେ ପୁଲିସ ପହଞ୍ଚି ଗାଡିକୁ ଜବତ କରିବା ସହିତ ୧୦୦ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଛି । ପୁଲିସ ଘଟଣାର ତଦନ୍ତ ଜାରି ରହିଛି ।

## ଜି.ଉଦୟଗିରିରେ ଔଷଧ ଦୋକାନ ବନ୍ଦ




ଜି.ଉଦୟଗିରି,୨୦।୫(ସମିସ): ଅଲ୍ ଇଣ୍ଡିଆ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ ପକ୍ଷରୁ ଦିଆଯାଇଥିବା ବନ୍ଦ ଡାକରା କନ୍ଧମାଳ ଜିଲ୍ଲାରେ ସଫଳ ହୋଇଛି । ବନ୍ଦ ଡାକରାରେ କେବଳ ମେଡିକାଲ କ୍ୟାମ୍ପସରେ ଥିବା ଔଷଧ ଦୋକାନ ଖୋଲାଥିବା ବେଳେ ବାକି ସବୁ ଔଷଧ ଦୋକାନ ବନ୍ଦ ରହିଥିଲା । ଔଷଧର ଅନଲାଇନ ବିକ୍ରୟ ବନ୍ଦ, କର୍ପୋରେଟ ସଂସ୍ଥା ଦ୍ୱାରା ରିହାତି ବନ୍ଦ, ନକଲି ଔଷଧକୁ ବଜାରରୁ ଏଡ଼େଇବା ଆଦି ତିନୋଟି ପ୍ରମୁଖ ଦାବି ରହିଥିଲା । ଏଥିପାଇଁ ଜିଲ୍ଲା କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ ତରଫରୁ ପ୍ରସ୍ତୁତି ବୈଠକ କରି ଏହି ବନ୍ଦ ପାଳନ୍ , ସଫଳ କରିବାକୁ ପୂର୍ଣ୍ଣ ସମର୍ଥନ ଜଣାଇବା ପାଇଁ ଅନୁରୋଧ କରାଯାଇଥିଲା । ସଂଘ ସଭାପତି ସୁଶାନ୍ତ ପଣ୍ଡା ଓ ସମ୍ପାଦକ ରାମଚନ୍ଦ୍ର ପାତ୍ର ସମସ୍ତଙ୍କ ସହଯୋଗରେ ଏହି ବନ୍ଦ ପାଳନ ସଫଳ ହୋଇଥିବା ଯୋଗୁଁ ସମସ୍ତ ସଭ୍ୟଙ୍କୁ ଧନ୍ୟବାଦ ପ୍ରଦାନ କରିଛନ୍ତି ।

## ବାଲିଗୁଡାରେ ଔଷଧ ଦୋକାନ ବନ୍ଦ



ବାଲିଗୁଡ଼ା,୨୦।୫(ସମିସ): ଅଲ୍ ଇଣ୍ଡିଆ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ ପକ୍ଷରୁ ୨୦ ତାରିଖରେ ଦିଆଯାଇଥିବା ୨୪ ଘଣ୍ଟିଆ ଔଷଧ ଦୋକାନ ବନ୍ଦ ଡାକରାକୁ କନ୍ଧମାଳ ଜିଲ୍ଲା କେମିଷ୍ଟ ଓ ଡ୍ରଗିଷ୍ଟ ସଂଘ ପକ୍ଷରୁ ପୂର୍ଣ୍ଣ ସମର୍ଥନ ଦିଆଯାଇଥିଲା। ଔଷଧର ଅନଲାଇନ ବିକ୍ରୟ ବନ୍ଦ କରିବା, କର୍ପୋରେଟ ସଂସ୍ଥାମାନଙ୍କ ଦ୍ୱାରା ଅତ୍ୟଧିକ ରିହାତି ପ୍ରଦାନକୁ ରୋକିବା ଏବଂ ବଜାରରୁ ନକଲି ଔଷଧକୁ ଦୂର କରିବା ଭଳି ତିନୋଟି ପ୍ରମୁଖ ଦାବିକୁ ନେଇ ଏହି ବନ୍ଦ ଡାକରା ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ କନ୍ଧମାଳ ଜିଲ୍ଲା କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ବାଲିଗୁଡ଼ାରେ ଅନୁଷ୍ଠିତ ହୋଇ ବନ୍ଦ ପାଳନକୁ ସଫଳ କରିବା ପାଇଁ ସମସ୍ତ ସଦସ୍ୟଙ୍କୁ ଆହ୍ୱାନ କରାଯାଇଥିଲା। ସଂଘ ସଭାପତି ସୁଶାନ୍ତ କୁମାର ପଣ୍ଡା ଓ ସମ୍ପାଦକ ରାମଚନ୍ଦ୍ର ପାତ୍ରଙ୍କ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକାରିଣୀ ବୈଠକରେ ଜିଲ୍ଲାର ବିଭିନ୍ନ ସ୍ଥାନର କେମିଷ୍ଟ ଯୋଗ ଦେଇଥିଲେ। ବନ୍ଦକୁ ସଫଳ କରିବା ପାଇଁ ସମସ୍ତ ଔଷଧ ବ୍ୟବସାୟୀଙ୍କ ସହିତ ସାଧାରଣ ଲୋକଙ୍କ ସହଯୋଗ ମଧ ସଂଘ ପକ୍ଷରୁ ଲୋଡ଼ାଯାଇଥିଲା। କନ୍ଧମାଳ ଜିଲ୍ଲା ସମସ୍ତ କେମିଷ୍ଟ ଓ ଡ୍ରଗିଷ୍ଟ ସଂଘର ସଭ୍ୟ ଙ୍କ ସମର୍ଥନରେ ବନ୍ଦ ସଫଳ ହୋଇଛି । ସେପଟେ ସମସ୍ତ ଔଷଧ ଦୋକାନ ବନ୍ଦ ଥିବାରୁ ବାଲିଗୁଡ଼ା ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ।

ପହଞ୍ଚିନି ମୌଳିକ ସୁବିଧା

# ୧୫ କିମି ପକ୍କା ରାସ୍ତା ପାଇଁ ଦୁର୍ଦ୍ଦିନରେ ୧୦ ହଜାର ଲୋକେ





ଟିକାବାଲି,୨୦।୫(ସମିସ)

ବିକାଶର ଡେଣ୍ଡିମ ପିଟୁଥିବା ପ୍ରଶାସନ ଓ ସରକାରଙ୍କ ଆଖି ସାମ୍ନାରେ ଆଜି ବି ଅନ୍ଧାରରେ ରହିଛି କନ୍ଧମାଳ ଜିଲ୍ଲାର ହୃଦୟ ସଦୃଶ କେନ୍ଦ୍ରାଞ୍ଚଳ। ଟିକାବାଲି, କେ.ନୂଆଗାଁ ଏବଂ ଫିରିଙ୍ଗିଆ ବ୍ଲକର ସୀମାନ୍ତରେ ଅବସ୍ଥିତ ଦୁର୍ଗମ ଆଦିବାସୀ ବହୁଳ ଗ୍ରାମ ବିଲାବାଡି ଏବଂ ଏହାର ଆଖପାଖ ଅଞ୍ଚଳ ଆଜି ସୁଦ୍ଧା ସର୍ବନିମ୍ନ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ରହିଛି। ଜିଲ୍ଲାର ଭୌଗୋଳିକ ମଧଭାଗରେ ଥାଇ ମଧ ଏହି ଅଞ୍ଚଳ ଚରମ ସରକାରୀ ଓ ପ୍ରଶାସନିକ ଅବହେଳାର ଏକ ଜ୍ୱଳନ୍ତ ଉଦାହରଣ ପାଲଟିଛି। ରାଜନୈତିକ ଦୃଷ୍ଟିକୋଣରୁ ବିଲାବାଡ଼ି ଗ୍ରାମ ଗୁଟିଙ୍ଗିଆ ପଞ୍ଚାୟତ ଅଧୀନରେ ଆସୁଥିବା ବେଳେ ଏହାର ପାଶ୍ୱର୍ବର୍ତ୍ତୀ ଗ୍ରାମ ଚଞ୍ଚଳା ସାହି, ବଣ୍ଡଗୁଡା ପଞ୍ଚାୟତ ଏବଂ ପାଡେରି ଦଣ୍ଡିକିଆ ପଞ୍ଚାୟତ ଅଧୀନରେ ରହିଛନ୍ତି। ପକ୍କା ରାସ୍ତା, ନିରବଚ୍ଛିନ୍ନ ବିଦ୍ୟୁତ ସେବା ଏବଂ ଶୁଦ୍ଧ ପିଇବା ପାଣି ଭଳି ପ୍ରାଥମିକ ଆବଶ୍ୟକତା ପାଇଁ ଏଠାକାର ଆଦିବାସୀ ଜନସାଧାରଣ ପ୍ରତିଦିନ ସଂଘର୍ଷ କରୁଛନ୍ତି। ରାସ୍ତା ଓ ଯୋଗାଯୋଗ ବ୍ୟବସ୍ଥା ଏତେ ବିପର୍ଯ୍ୟସ୍ତ ଯେ, ଜରୁରୀ ଚିକିତ୍ସା ସମୟରେ ଗ୍ରାମକୁ ଆମ୍ବୁଲାନ୍ସ ଆସିବା ମଧ ସମ୍ଭବ ହେଉନାହିଁ। ଗତବର୍ଷ ଏହି ରାସ୍ତା ସମସ୍ୟା ଯୋଗୁଁ ଗୁରୁତର ଅବସ୍ଥାରେ ଚିକିତ୍ସାଳୟରେ ପହଞ୍ଚି ନପାରି ଜଣେ ଗର୍ଭବତୀ ମହିଳାଙ୍କ ମୃତ୍ୟୁ ହୋଇଥିଲା। ଏହି ଦୁଃଖଦ ଘଟଣା ସ୍ଥାନୀୟ ଅଞ୍ଚଳରେ ଗଭୀର ଅସନ୍ତୋଷ ସୃଷ୍ଟି କରିଥିବା ବେଳେ ବର୍ତ୍ତମାନ ରାସ୍ତା ନିର୍ମାଣ ପାଇଁ ଜନଆନ୍ଦୋଳନ ତୀବ୍ର ହେବାରେ ଲାଗିଛି। ସବୁଠାରୁ ଆଶ୍ଚର୍ଯ୍ୟଜନକ ବିଷୟ ହେଉଛି, ଗୁଟିଙ୍ଗିଆ ପଞ୍ଚାୟତ ହେଉଛି ଜିଲ୍ଲାର ହେଭିୱେଟ ରାଜନୈତିକ ନେତୃତ୍ୱଙ୍କ ନିଜସ୍ୱଗଡ଼। ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷା ଆକାଂକ୍ଷା ପ୍ରଧାନଙ୍କ ନିଜସ୍ୱ ପଞ୍ଚାୟତ ଗୁଟିଙ୍ଗିଆ ହୋଇଥିବା ବେଳେ, ବର୍ତ୍ତମାନର ବିଧାୟକ ପ୍ରଫୁଲ୍ଲ ପ୍ରଧାନଙ୍କ ନିଜ ଗ୍ରାମ ମଧ ଅବିଭକ୍ତ ଗୁଟିଙ୍ଗିଆ ପଞ୍ଚାୟତ ପରିସରଭୁକ୍ତ। ଏଭଳି ବଡ଼ ବଡ଼ ନେତା ଓ ନେତ୍ରୀ ଗୋଟିଏ ଅଞ୍ଚଳରୁ ପ୍ରତିନିଧିତ୍ୱ କରୁଥିଲେ ସୁଦ୍ଧା ସେହି ପଞ୍ଚାୟତର ସୀମାନ୍ତ ଗ୍ରାମରେ ବିକାଶର ଆଲୋକ ଛୁଇଁ ନପାରିବା ସ୍ଥାନୀୟ ଲୋକଙ୍କୁ ବ୍ୟଥିତ କରିଛି। ଗ୍ରାମବାସୀ ଅନେକ ସମୟରେ ସ୍ଥାନୀୟ ପ୍ରଶାସନ, ସରକାରୀ ଅଧିକାରୀ ଏବଂ ବିଧାୟକ ଶ୍ରୀ ପ୍ରଧାନଙ୍କୁ ପକ୍କା ରାସ୍ତା ପାଇଁ ବାରମ୍ବାର ଗୁହାରି କରିଥିଲେ ମଧ କେବଳ ପ୍ରତିଶ୍ରୁତି ବ୍ୟତୀତ ବାସ୍ତବ କ୍ଷେତ୍ରରେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ସାମ୍ପ୍ରତିକ ସ୍ଥିତିକୁ ଦୃଷ୍ଟିରେ ରଖି ବର୍ତ୍ତମାନ ସାରଙ୍ଗଗଡ଼ ନିକଟସ୍ଥ ଚଞ୍ଚଳା ସାହି ଛକରୁ ଉପର ଡାଣ୍ଡିକିଆ ପର୍ଯ୍ୟନ୍ତ ପ୍ରାୟ ୧୫ କିଲୋମିଟର ଦୀର୍ଘ ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା କିମ୍ବା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଅଧୀନରେ ଅନ୍ତର୍ଭୁକ୍ତ କରି ଏକ ସ୍ଥାୟୀ ପକ୍କା ରାସ୍ତା ନିର୍ମାଣ କରିବାକୁ ଜନସାଧାରଣ ଦାବି କରିଛନ୍ତି। ଯଦି ଏହି ୧୫ କିଲୋମିଟର ରାସ୍ତା ନିର୍ମାଣ ହୁଏ, ତେବେ ଅଞ୍ଚଳର ଏକ ବଡ଼ ଭାଗ ସମସ୍ୟାର ସମାଧାନ ହେବ। ଏହାଦ୍ୱାରା ବିଲାବାଡି ଓ ଉପର ବିଲାବାଡି,କାମ୍ବାଡି, ମାଦିନାଜୁ ଓ ତଗା ନାଜୁ, ତାଣ୍ଡାଲି, ଡାଲିବାଡି, ଚଞ୍ଚଳା ସାହି ଏବଂ ଦଣ୍ଡିକିଆ ଭଳି ଅନେକ ଗ୍ରାମ ସିଧାସଳଖ ଯୋଗାଯୋଗ ପରିସରକୁ ଆସିପାରିବେ। ଏହି ସମସ୍ତ ଗ୍ରାମ ସମେତ ଆଖପାଖ ଅଞ୍ଚଳର ପ୍ରାୟ ୧୦,୦୦୦ରୁ ଅଧିକ ଜନସାଧାରଣ ଏହି ମୁଖ୍ୟ ସଡ଼କ ଦ୍ୱାରା ସାମାଜିକ ଓ ଅର୍ଥନୈତିକ ସ୍ତରରେ ଉପକୃତ ହେବେ। ବିଲାବାଡି ଓ ନିକଟବର୍ତ୍ତୀ ଗାଁ ଗୁଡିକରେ ରାସ୍ତା ସଂଯୋଗ, ବିଦ୍ୟୁତ ଓ ପିଇବା ପାଣି ଭଳି ମୌଳିକ ସମସ୍ୟା ଦୀର୍ଘଦିନ ଧରି ରହିଆସିଛି। ଦୁର୍ଗମ ଆଦିବାସୀ ଅଞ୍ଚଳର ଲୋକମାନେ ଏହି ମୌଳିକ ଅଭାବ କାରଣରୁ ପ୍ରତିଦିନ ଅତ୍ୟନ୍ତ କଷ୍ଟକର ଜୀବନ ଯାପନ କରୁଛନ୍ତି। ଲୋକଙ୍କ ଏହି ଜୀବନମରଣ ସମସ୍ୟାକୁ ହୃଦବୋଧ କରି କନ୍ଧମାଳ ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟ ସରକାର ଯଥାଶୀଘ୍ର ଯୁଦ୍ଧକାଳୀନ ଭିତ୍ତିରେ ଏଠାରେ ରାସ୍ତା ସଂଯୋଗୀକରଣ କାର୍ଯ୍ୟ ଆରମ୍ଭ କରିବାକୁ ସ୍ଥାନୀୟ ଜନସାଧାରଣ ଓ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ଏହି ଅବହେଳିତ ଅଞ୍ଚଳର ନିରୀହ ଆଦିବାସୀଙ୍କ ସ୍ୱରକୁ ସରକାର ଓ ଉଚ୍ଚ ପ୍ରଶାସନ ପାଖରେ ପହଞ୍ଚାଇବା ପାଇଁ ଜନସାଧାରଣଙ୍କ ତରଫରୁ ଏହି ଗୁରୁତ୍ୱପୂର୍ଣ୍ଣ ସମସ୍ୟା ପ୍ରତି ଦୃଷ୍ଟି ଆକର୍ଷଣ କରାଯାଇଛି।

● ଗଜପତିରେ ଯୁକ୍ତ ଦୁଇ ପରୀକ୍ଷା ଫଳ

## କଳାରେ ୮୦, ବିଜ୍ଞାନରେ ୭୯ ଓ ବାଣିଜ୍ୟରେ ୮୩ ପ୍ରତିଶତ ପାସ୍ ହାର

ପାରଳାଖେମୁଣ୍ଡି,୨୦।୫(ସମିସ): ଆଜି ଉଚ୍ଚମାଧ୍ୟମିକ ପରିଷଦ ଦ୍ୱାରା ଯୁକ୍ତ ଦୁଇ ପରୀକ୍ଷା ଫଳ ପ୍ରକାଶିତ ହୋଇଛି । ଏଥିରେ ଗଜପତ ଜିଲ୍ଲାରେ କଳାରେ ୮୦.୧୨, ବିଜ୍ଞାନରେ ୭୯.୩୧, ବାଣିଜ୍ୟରେ ୮୩.୦୭ ଏବଂ ଭକେଶନାଲରେ ୭୬.୮୫ ପ୍ରତିଶତ ପାସ୍ ହାର ରହିଛି । କଳାରେ ୩୯୯୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୩୨୦୧ ଜଣ ପାସ୍ ହୋଇଛନ୍ତି । ଏଥି ମଧ୍ୟରେ ୪୮୮ ଜଣ ପ୍ରଥମ, ୮୦୧ ଜଣ ଦ୍ୱିତୀୟ, ୧୯୦୫ ଜଣ ତୃତୀୟ ସ୍ଥାନରେ ରହିଛନ୍ତି । କମ୍ପାର୍ଟମେଣ୍ଟରେ ୭ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । ସେହିପରି ବିଜ୍ଞାନରେ ୧୩୧୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୧୦୩୯ ଜଣ ପାସ୍ ହୋଇଛନ୍ତି । ଏଥିମଧ୍ୟରୁ ୨୭୪ ଜଣ ପ୍ରଥମ, ୩୫୧ ଜଣ ଦ୍ୱିତୀୟ ଏବଂ ୩୪୨ ଜଣ ତୃତୀୟ ସ୍ଥାନ ହାସଲ କରିଛନ୍ତି । କମ୍ପାର୍ଟମେଣ୍ଟରେ ୭୨ ଜଣ ପରୀକ୍ଷା ଦେଇ ପାସ ହୋଇଛନ୍ତି । ବାଣିଜ୍ୟରେ ୬୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୫୪ ଜଣ ପାସ୍ ହୋଇଛନ୍ତି । ଏଥି ମଧ୍ୟରୁ ୧୫ ଜଣ ପ୍ରଥମ, ୧୭ ଜଣ ଦ୍ୱିତୀୟ ଏବଂ ୨୧ ଜଣ ତୃତୀୟ ଶ୍ରେଣୀରେ ପାସ ହୋଇଥିବା ବେଳେ ଜଣେ କମ୍ପାର୍ଟମେଣ୍ଟ ପରୀକ୍ଷା ଦେଇ କୃତକାର୍ଯ୍ୟ ହୋଇଛନ୍ତି । ସେହିପରି ଭକେଶନାଲରେ ୧୨୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୯୩ ଜଣ ପାସ୍ ହୋଇଛନ୍ତି । ଏଥି ମଧ୍ୟରେ ୧୯ ଜଣ ପ୍ରଥମ, ୫୦ ଜଣ ଦ୍ୱିତୀୟ ଏବଂ ୨୦ ଜଣ ତୃତୀୟ ସ୍ଥାନ ହାସଲ କରିଥିବା ବେଳେ କମ୍ପାର୍ଟମେଣ୍ଟ ପରୀକ୍ଷାରେ ୪ ଜଣ ପାସ୍ ହୋଇଥିବା ସୂଚନା ରହିଛି ।

ପାରଳାଖେମୁଣ୍ଡି ସ୍ଥିତ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ଉଚ୍ଚମାଧ୍ୟମିକ ବିଦ୍ୟାଳୟର ପରୀକ୍ଷା ଫଳରେ କଳାରେ ଦେବସ୍ମିତା ପ୍ରଧାନ ୫୩୨ ନମ୍ବର ରଖି ପ୍ରଥମ ରହିଥିବା ବେଳେ ବିଜ୍ଞାନରେ ୫୪୫ ନମ୍ବର ରଖି ଈଶ୍ୱରୀ ବେହେରା ପ୍ରଥମ ଏବଂ ବାଣିଜ୍ୟରେ ୫୬୨ ନମ୍ବର ରଖି ମଦନମୋହନ ପଟ୍ଟନାୟକ ପ୍ରଥମ ହୋଇଛନ୍ତି। ଏହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୮୧.୧୫ ବିଜ୍ଞାନରେ ୬୮.୧୦ ଏବଂ ବାଣିଜ୍ୟରେ ୮୧.୮୧ ପାସ୍ ହାର ରହିଥିବା ବେଳେ ସମୁଦାୟ ୭୬.୫୧ ପ୍ରତିଶତ ପାସ୍ ହାର ରହିଥିବା ଜଣାପଡିଛି ।

## ଗାରାବନ୍ଧ ପ୍ରାଥମିକ ଚିକିତ୍ସାଳୟରେ ବିଧାୟକ



ପାରଳାଖେମୁଣ୍ଡି,୨୦।୫(ସମିସ): ଗୋଷାଣି ବ୍ଲକ ଗାରବନ୍ଧ ପ୍ରାଥମିକ ଚିକିତ୍ସାଳୟକୁ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ ଅଚାନକ ଗସ୍ତ କରିଥିଲେ। ଚଳିତ ସପ୍ତାହରେ ଜଣେ ରୋଗୀ ଆସି ଫେରିବା ଓ ଚିକିତ୍ସାଳୟ ଚାବି ପଡ଼ିବା ଘଟଣା ଜାଣିବା ପରେ ଆଜି ବିଧାୟକ ଅଚାନକ ଆସି ପହଞ୍ଚିଥିଲେ । ବିଧାୟକଙ୍କ ଏହି ଗସ୍ତର ସୂଚନା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ମଧ ଆସିଥିଲେ । ବିଧାୟକଙ୍କୁ ଏହି ଚିକିତ୍ସାଳୟରେ ଦୀର୍ଘ ମାସ ହେଲା ନିୟମିତ ଡାକ୍ତର ନଥିବା ବେଳେ ଫାର୍ମାସିଷ୍ଟ ପଦ ଖାଲି ପଡିଛି । ଯାହାକୁ ନେଇ ସ୍ଥାନୀୟ ଲୋକେ ବିଭିନ୍ନ ସ୍ତରରେ ଅଭିଯୋଗ କରିଆସୁଥିଲେ। ଏହି ଚିକିତ୍ସାଳୟ ଠିକ୍ ସମୟରେ ଖୋଲାଯାଉ ନଥିବା ଅଭିଯୋଗ ହେଉଛି। ଏହି ପ୍ରାଥମିକ ଚିକିତ୍ସାକେନ୍ଦ୍ର ଉପରେ ଅଞ୍ଚଳବାସୀଙ୍କ ସମେତ ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶର କିଛି ଗ୍ରାମ ଏବଂ ରାୟଗଡ ବ୍ଲକର କିଛି ପଞ୍ଚାୟତବାସୀ ନିର୍ଭରଶୀଳ। ସମସ୍ୟାକୁ ନେଇ ଲୋକେ ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିଲେ ମଧ କେହି କର୍ଣ୍ଣପାତ କରୁନାହାନ୍ତି ବୋଲି ବିଧାୟକଙ୍କୁ ଜଣାଇଥିଲେ। ଲୋକେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଟି ୨୪ ଘଣ୍ଟା ଖୋଲିବା ପାଇଁ ଦାବି ରଖିଛନ୍ତି । ବିଧାୟକ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଡିଲେ ବିଭାଗୀୟ ଅଧିକାରୀ ଓ ବିଭିଗୀୟ ମନ୍ତ୍ରୀଙ୍କୁ ଅବଗତ କରାଇ ୨୪ ଘଣ୍ଟ ଖୋଲିବା ପାଇଁ ଓ ଆବଶ୍ୟକ ଥିବା କର୍ମଚାରୀ ନିଯୁକ୍ତି କରିବା ପାଇଁ ନିବେଦନ କରିବେ ବୋଲି ଅଞ୍ଚଳବାସୀଙ୍କୁ ଜଣାଇଥିଲେ ବିଧାୟକ । ବିଧାୟକଙ୍କ ଏହି ଗସ୍ତ ସମୟରେ ଗୋଷାଣି ବ୍ଲକ ଅଧକ୍ଷ ଏନ୍ ବିରରାଜୁଙ୍କ ସମେତ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ । ଏହି ଚିକିତ୍ସାଳୟର ଏପରି ଅବ୍ୟବସ୍ଥାକୁ ନେଇ ବାରମ୍ବାର ଜିଲ୍ଲା ପ୍ରଶାସନ ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇ ଆସୁଥିଲେ ମଧ କୌଣସି ସମାଧାନ କରାଯାଉନି। ଯାହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଗୁରୁବାର ତଥା ଅଞ୍ଚଳବାସୀ ଶାନ୍ତିପୂର୍ଣ୍ଣ ଧାରଣା ଦେବେ ବୋଲି ଜଣାପଡିଛି।

## ରକ୍ତଦାନ କରି ମାନବିକତାର ପରିଚୟ ଦେଲେ ଗୃହରକ୍ଷୀ

ପାରଳାଖେମୁଣ୍ଡି,୨୦।୫(ସମିସ): ଗଜପତି ଜିଲ୍ଲା ପୋଲିସ ପକ୍ଷରୁ ମାନବିକତା ଓ ଲୋକସେବାର ଉତ୍କୃଷ୍ଟ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି । ଜିଲ୍ଲାର ଏକ ଦୁର୍ଗମ ଗ୍ରାମାଞ୍ଚଳର ୯ ବର୍ଷୀୟ ଜଣେ ଶିଶୁ ରକ୍ତହୀନତା ରୋଗରେ ପୀଡିତ ହୋଇ ପାରଳାଖେମୁଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦୁଇଦିନ ଧରି ଚିକିତ୍ସାଧୀନ ଥିଲେ। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଶିଶୁଟିଙ୍କ ଜୀବନ ରକ୍ଷା ପାଇଁ ଦୁଇ ୟୁନିଟ୍ ରକ୍ତର ଆବଶ୍ୟକତା ଥିଲା । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ୟୁନିଟ୍ ରକ୍ତ ମାଗଣାରେ ଯୋଗାଇ ଦିଆଯାଇଥିବା ବେଳେ ଅନ୍ୟ ଏକ ୟୁନିଟ୍ ରକ୍ତ ପାଇଁ ରୋଗୀଙ୍କ ପରିବାର ଚିନ୍ତାରେ ଥିଲେ । ଏହି ସମୟରେ ପାରଳାଖେମୁଣ୍ଡି ଆଦର୍ଶ ଥାନାର କାର୍ଯ୍ୟରତ ଏସ୍ଆଇ ପ୍ରଫୁଲ୍ଲ ଜାଗାରାଙ୍ଗାଙ୍କ ସହ ଯୋଗାଯୋଗ କରାଯାଇଥିଲା। ଏସ୍ଆଇ ଶ୍ରୀ ଜାଗାରାଙ୍ଗା ଓ ହାବିଲଦାର କନ୍ଦର୍ପ ପାତ୍ର ରକ୍ତ ଆବଶ୍ୟକତାକୁ ନେଇ ବିଭାଗୀୟ କର୍ମଚାରୀଙ୍କୁ ପଚାରି ବୁଝିଥିଲେ । ଏହି ସମୟରେ ନୂତନ ଭାବେ ନିଯୁକ୍ତ ପାଇଥିବା ଗୃହରକ୍ଷୀ ରକି ମହାରଣା ଆଗେଇ ଆସି ୟୁନିଟ୍ ରକ୍ତଦାନ କରିଥିଲେ । ବ୍ଲଡ ବ୍ୟାଙ୍କର ଖଗେଶ୍ୱର ବେହେରା ରକ୍ତ ସଂଗ୍ରହ କରିଥିବା ବେଳେ ରକିଙ୍କ ଏହି ମହତ୍ କାର୍ଯ୍ୟ ଫଳରେ ପୀଡିତ ଶିଶୁଟି ଆବଶ୍ୟକ ରକ୍ତ ପାଇ ଚିକିତ୍ସା ସୁବିଧା ଲାଭ କରିପାରିଛି। ପୁଲିସ କର୍ମଚାରୀମାନଙ୍କ ଏହି ମାନବିକତା ମୂଳକ ପଦକ୍ଷେପକୁ ନେଇ ଶିଶୁଙ୍କ ପରିବାର ଲୋକଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି ।

## ପ୍ରଶାସନର ସାମ୍ବାଦିକ ସମ୍ମିଳନୀକୁ ପୁଣି ବର୍ଜନକଲେ ସାମ୍ବାଦିକ



ପାରଳାଖେମୁଣ୍ଡି,୧୯।୫(ସମିସ): ଗଜପତି ଜିଲ୍ଲା ପ୍ରଶାସନର ସାମ୍ବାଦିକଙ୍କ ପ୍ରତି ବୈମାତୃକ ମନୋଭାବ ଆଜି ପଦାରେ ପଡିଛି । କିଛି ମାସ ହେଲା ଜିଲ୍ଲାର ସାମ୍ବାଦିକଙ୍କୁ ପ୍ରଶାସନ ପ୍ରତ୍ୟେକ କ୍ଷେତ୍ରରେ ଅଣଦେଖା କରୁଥିବା ବେଳେ ଆଜି ନିଜେ ଜିଲ୍ଲାପାଳ ଆଇଆଣ୍ଡପିଆର୍‌କୁ ଜଣାଇବି ବୋଲି କହି ନାଲି ଆଖି ଦେଖାଇଛନ୍ତି। ଗତକାଲି ମଧ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ପାଇଁ ଏକ ସାମ୍ବାଦିକ ସମ୍ମିଳନୀର ଡାକରା ଆସିଥିଲା। ତେବେ ପ୍ରଶାସନ ସଠିକ୍ ଉଦୁଉଦିଆ ଖରାରେ ସାମ୍ବାଦିକଙ୍କୁ ଡକାଇ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରାଇଥିଲା। ଅପେକ୍ଷାରତ ସାମ୍ବାଦିକ ଅସହ୍ୟ ଗୁଳୁଗୁଳି ଓ ଉତ୍ତାପରେ ଅପେକ୍ଷା କରିବା ପରେ ନିରାଶ ହୋଇ ବର୍ଜନ କରିଚାଲି ଆସିଥିଲେ। ଆଜି ଉଲ୍ଲେଖିତ ବୈଠକକୁ ନେଇ ସାମ୍ବାଦିକ ସମ୍ମିଳନୀ କରିବାପାଇଁ ଡାକରା ଆସିଥିଲା । ପୂର୍ବନିଷ୍ପତ୍ତି ଅନୁଯାୟୀ ସାମ୍ବାଦିକ ଯାଉ ନଥିଲେ ମଧ ଆଜି ପ୍ରଶାସନକୁ ଥିବା ଆପତ୍ତି ଅଭିଯୋଗ ଜଣାଇବା ଉଦ୍ଦେଶ୍ୟ ଏବଂ ସାମ୍ବାଦିକ ସମ୍ମିଳନୀରେ ଯୋଗଦେବାପାଇଁ ମନସ୍ଥ କରି ଯାଇଥିଲେ। ତେବେ ଆଜି ପୁଣି ସେହି ଅବସ୍ଥା । ସାମ୍ବାଦିକ ସମ୍ମିଳନୀ ପାଇଁ ପୂର୍ବାହ୍ନ ୧୦.୩୦ ସମୟ ଧାର୍ଯ୍ୟ କରାଯାଇଥିଲେ ମଧ ୧୧.୧୫ ପର୍ଯ୍ୟନ୍ତ କାହାରି ଦେଖା ନଥିଲା । ୧୧.୧୫ ପରେ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ପହଞ୍ଚିଥିଲେ। ସାମ୍ବାଦିକ ସମ୍ମିଳନୀ ପୂର୍ବରୁ ବିଭିନ୍ନ ଗଣ ମାଧ୍ୟମର ପ୍ରତିନିଧି ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ ଯେ ଆମର କିଛି କହିବାର ଅଛି, ତାହା ଆପଣ ଶୁଣି ନିଅନ୍ତୁ । ଏହାପରେ ସାମ୍ବାଦିକ ସମ୍ମିଳନୀ କରାଯାଉ ବୋଲି ଅନୁମତି ଲୋଡିଥିଲେ । ହେଲେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ୍ କହିଥିଲେ ଯେ ଆପତ୍ତି ଅଭିଯୋଗ ରହିଛି ମାନେ ଚାମ୍ବରକୁ ଆସ କଥା ହେବା । କିନ୍ତୁ ଗଣମାଧ୍ୟମ ପ୍ରତିନିଧିମାନେ ଏଠାରେ ଆଲୋଚନା କରିବାକୁ ଅନୁରୋଧ କରିଥିଲେ । ଏହାପରେ ଜିଲ୍ଲାପାଳ ଓ ଗଣମାଧ୍ୟମ ପ୍ରତିନିଧି ସମ୍ମିଳନ କକ୍ଷ ତ୍ୟାଗ କରି ଚାଲିଯାଇଥିଲେ । ଇତି ମଧ୍ୟରେ ଜିଲ୍ଲାପାଳ ଆଇଆଣ୍ଡପିଆରକୁ ଜଣାଇବି ବୋଲି କହି ଚାଲି ଯାଇଥିଲେ । ଜିଲ୍ଲାପାଳଙ୍କ ଏପରି କଥାକୁ ନେଇ ଉପସ୍ଥିତ ସାମ୍ବାଦିକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ତେବେ ପୂର୍ବ ନିଷ୍ପତ୍ତିକୁ ବଜାୟ ରଖିବା ପାଇଁ ଆଲୋଚନା ହୋଇଛି ।

## ପୂର୍ବତନ କାଉନସିଲରଙ୍କ ପରଲୋକ



ଜି.ଉଦୟଗିରି,୨୦।୫(ସମିସ): ସ୍ଥାନୀୟ ଏନଏସି ୮ନଂ ୱାର୍ଡର ପୂର୍ବତନ କାଉନସିଲର ଏମ.ଡି. ମେହେମାନଙ୍କ ବୁଧବାର ସକାଳେ ଫୁଲବାଣୀ ଜିଲ୍ଲା ଚିକିତ୍ସାଳୟରେ ଚିକିତ୍ସାଧିନ ଅବସ୍ଥାରେ ପରଲୋକ ହୋଇଛି। ସେ ପକ୍ଷାଘାତ ରୋଗରେ ପୀଡିତ ଥାଇ ହତାଶ ହେବା ପରେ କୁଲାଙ୍ଗୀ ଚିକିତ୍ସାଳୟ ଯିବା ପାଇଁ ଘରେ କାହାକୁ କିଛି ନ ଜଣେଇ କଳିଙ୍ଗା ଛକରେ ବସକୁ ଅପେକ୍ଷା ସମୟରେ ଆଚେତ ହୋଇଯାଇଥିଲେ। ସେଠାକାର ସ୍ଥାନୀୟ ଲୋକେ ଏହା ଦେଖି ତାଙ୍କୁ ଚିକିତ୍ସା ପାଇଁ ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ଫୁଲବାଣୀ ଜିଲ୍ଲା ଚିକିତ୍ସାଳୟକୁ ରେଫର କରିଥଲେ। କିନ୍ତୁ ଆଜି ସକାଳ ୭ ଟା ସମୟରେ ତାଙ୍କର ଦେହାନ୍ତ ଘଟିଛି । ମୃତ୍ୟୁ ସମୟରେ ନିକଟରେ ତାଙ୍କ ସ୍ତ୍ରୀ ନୂତନୀ ନାୟକ, ଦୁଇ ପୁଅ ଏମ.ଡି. ଇମ୍ରାନ ଓ ଏମ. ଡି.ଗୁଫ୍ରାନ ଉପସ୍ଥିତ ଥିଲେ। ସେ ଏକାଧାରାରେ ଜି.ଉଦୟଗିରି ସୁନି ଜାମା ମସଜିଦର ପୂର୍ବତନ ସଭାପତି , ବିଜେପି କାଉନସିଲର ଥିଲେ, ବିଜେପି କନ୍ଧମାଳ ଜିଲ୍ଲା ସଂଖ୍ୟାଲଘୁ ସଭାପତି ,ଓଡିଶା ରାଜ୍ୟ ସଂଖ୍ୟାଲଘୁ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଥିଲେ। ନିଜ ସମାଜ ସେବା ପାଇଁ ପରିଚିତ ଥିଲେ।

## ବୃଦ୍ଧାଙ୍କ ୯ ମାସର ବାର୍ଦ୍ଧକ୍ୟ ଭତ୍ତା ଆତ୍ମସାତ ଅଭିଯୋଗ



ପାରଳାଖେମୁଣ୍ଡି,୨୦।୫(ସମିସ): ମୋହନା ବ୍ଲକ ବାଘମାରି ପଞ୍ଚାୟତ ପିଇଓ ଜଣେ ବୃଦ୍ଧାଙ୍କ ୯ ମାସର ବାର୍ଦ୍ଧକ୍ୟ ଭତ୍ତା ଆତ୍ମସାତ କରିଥିବା ଅଭିଯୋଗ ହୋଇଛି । ଆଜି ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅଣ୍ଡିରାଗଡ ଗ୍ରାମର ଯଶୋଦା ପାଇକ ପହଞ୍ଚି ପ୍ରଶାସନକୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି । ଅଭିଯୋଗ ପ୍ରକାରେ ବାଘମାରି ପିଇଓ ଶ୍ୟାମ ସୁନ୍ଦର ରେଡୀ ଯଶୋଦାଙ୍କ ଜାଲ ଟିପ ଚିହ୍ନ ବ୍ୟବହାର କରି ୯ ମାସର ବାର୍ଦ୍ଧକ୍ୟ ଭତ୍ତା ଆତ୍ମସାତ୍ କରିଛନ୍ତି । ଯଶୋଦା ବାର୍ଦ୍ଧକ୍ୟ ଭତ୍ତା ଯୋଜନାର ଜଣେ ବୈଧ ତଥା ଯୋଗ୍ୟ ହିତାକାରୀ ବୋଲି କହିଛନ୍ତି । ନଅ ମାସ ମଧ୍ୟରେ ନିଜ ଭତ୍ତା ବାବଦରେ ଟଙ୍କାଟିଏ ନେଇ ନଥିଲେ ମଧ ପିଇଓଙ୍କ ରେଜିଷ୍ଟ୍ରାରରେ ତାଙ୍କ ଟିପଚିହ୍ନ ମରା ହୋଇଥିବାର ଜାଣିବାକୁ ପାଇଛନ୍ତି । ଏନେଇ ଦୃଷ୍ଟି ଆକର୍ଷଣ କରିଥିଲେ ମଧ ପିଇଓ ଶ୍ୟାମ ସୁନ୍ଦର ରେଡୀ ତୁମେ ଭତ୍ତା ନେଇଯାଇଛ ବୋଲି କହିଥିଲେ । ଯଶୋଦା ଏନେଇ ଖୋଳତାଡ କରିବା ପରେ ପିଇଓ ଜଣକ ଗତ ୯ ମାସ ଧରି ଏହି ଭତ୍ତା ଟଙ୍କାକୁ ନଗଦ ଆକାରରେ ଉଠାଇ ଆତ୍ମସାତ୍ କରିଥିବା ଜଣାଯାଇଛି। ସେ ରେଜିଷ୍ଟ୍ରାରରେ କୌଣସି ଟିପ ଚିହ୍ନ ଦେଇନାହାନ୍ତି ଓ ଯେଉଁ ରେଜିଷ୍ଟ୍ରାର ନକଲ ମଧ ଜିଲ୍ଲା ପ୍ରଶାସନକୁ ହସ୍ତାନ୍ତର କରିଛନ୍ତି । ପିଇଓ ଶ୍ରୀ ରେଡୀଙ୍କ ନିକଟରେ ଥିବା ରେଜିଷ୍ଟ୍ରାରଟିକୁ ଜବତ କରାଯାଇ ତଦନ୍ତ କରାଯିବା ନିମନ୍ତେ ସେ ଦାବି କରିଛନ୍ତି। କାର୍ଯ୍ୟରତ ପିଇଓ ଶ୍ରୀ ରେଡୀଙ୍କ ଠାରୁ ସମସ୍ତ ନଥିପତ୍ର ହାସଲ କରାଯିବା ସହ ଯଶୋଦାଙ୍କ ଫରେନ୍ସିକ୍ ତଥା ପ୍ରକୃତ ବାୟୋମେଟ୍ରିକ୍ ତଥ୍ୟ ସହ ଯାଞ୍ଚ କରାଯିବା, ଜାଲିଆତି, ଠକେଇ ଏବଂ ଜଣେ ସରକାରୀ କର୍ମଚାରୀଙ୍କ ଦ୍ୱାରା ଅପରାଧିକ ବିଶ୍ୱାସଘାତକତାକୁ ନେଇ ସମ୍ପୃକ୍ତ ପିଇଓଙ୍କ ବିରୁଦ୍ଧରେ ପ୍ରଶାସନ ପକ୍ଷରୁ ମାମଲା ରୁଜୁ କରି ଦୃଢ କାର୍ଯାନୁଷ୍ଠାନ ଗ୍ରହଣ କରିବା ଏବଂ ଅଟକି ରହିଥିବା ୯ ମାସର ଭତ୍ତାକୁ ତୁରନ୍ତ ପ୍ରଦାନ କରାଯାଉ ବୋଲି ଦାବି କରିଛନ୍ତି।

● ପ୍ରେସ କ୍ଲବର ସାଧାରଣ ବୈଠକ

## ସମାଜର ମଙ୍ଗଳ ସାମ୍ବାଦିକଙ୍କ ଲକ୍ଷ୍ୟ ହେଉ



ଜି.ଉଦୟଗିରି,୨୦।୫(ସମିସ): ଜି.ଉଦୟଗିରି ପ୍ରେସ କ୍ଲବର ସାଧାରଣ ବୈଠକ ନିକଟସ୍ଥ ଜେସିପି ଫାର୍ମ ହାଉସରେ ଅନୁଷ୍ଠିତ ହୋଇଥିଲା। ପ୍ରେସ କ୍ଲବ ସଭାପତି ରାମକୃଷ୍ଣ ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମାଜର ମଙ୍ଗଳ ପାଇଁ ସାମ୍ବାଦିକଙ୍କ କଲମ ଚାଳନର ମୁଖ୍ୟ ଲକ୍ଷ୍ୟ ହେଉ ବୋଲି ବରିଷ୍ଠ ସାମ୍ବାଦିକ ତଥା ମାର୍ଗଦର୍ଶକ ବିଦ୍ୟାଧର ପାଳ କହିଛନ୍ତି। ବୈଠକରେ ସହ ସମ୍ପାଦକ ପ୍ରତାପ ଚନ୍ଦ୍ର ପାଢୀ ପୂର୍ବବିବରଣୀ ପଠନ କରିଥିଲେ। ପ୍ରେସ କ୍ଲବ ସଂଗଠନକୁ ସୁଦୃଢ ଓ କ୍ରିୟାଶୀଳ କରିବାକୁ ସାଙ୍ଗଠନିକ ସମ୍ପାଦକ ଏନ ରାଜା ରାଓ ସମସ୍ତଙ୍କ ସହଯୋଗ କାମନା କରିଥିବା ବେଳେ ବହୁ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଥିଲା। ବୈଠକରେ ବରିଷ୍ଠ ସାମ୍ବାଦିକ ଶ୍ରୀ ପାଳ, ଦେବନାଥ ଦଳବେହେରା, ପତିତପାବନ ସାହୁ, ଉପ ସଭାପତି ପ୍ରଶନ୍ନ କୁମାର ମିଶ୍ର, ବଟକୃଷ୍ଣ ଦାସ, ଦୁର୍ଗାମାଧବ ପଟ୍ଟନାୟକ, ପି.ସଞ୍ଜୀବ ପାତ୍ର, ନୀଳମାଧବ ପ୍ରଧାନ, ପ୍ରଜ୍ଞାଜିତ ନାୟକ ଓ ସୁରେଶ ବଗର୍ତ୍ତୀ ସାମିଲ ହୋଇଥିଲେ। ଆଜିର ସାଧାରଣ ବୈଠକରେ ସମାଜ କଲ୍ୟାଣ ପାଇଁ ଜଣେ ସାମ୍ବାଦିକଙ୍କ ଭୂମିକା କଣ ହେବା ଉଚିତ ସେନେଇ ନିଜ ନିଜର ମତାମତ ପ୍ରଦାନ କରିଥିଲେ ସମସ୍ତ ସଦସ୍ୟ। ଶେଷରେ ସଭ୍ୟ ପ୍ରଜ୍ଞାଜିତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ,୨୦।୫(ସମିସ): ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ, କଟକଙ୍କ ପ୍ରଦତ୍ତ କାର୍ଯ୍ୟକ୍ରମ ଅନୁସାରେ ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଭଦ୍ରକ ଜିଲ୍ଲା ଆଇନସେବା ପ୍ରାଧିକରଣଙ୍କ ଦ୍ୱାରା ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ବ୍ଲକ୍ ତେଶିଙ୍ଗା ପଞ୍ଚାୟତ ଅଫିସଠାରେ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ସାନ୍ତ୍ୱନା ଦାସ, ଗ୍ରାମ ପଞ୍ଚାୟତ କାର୍ଯ୍ୟକାରୀ ଅଧିକାରୀ ଆଧାମିକା ଦାସ, ସହାୟକ ପ୍ରତିପକ୍ଷ ଓକିଲ ତାପସ କୁମାର ମହାନ୍ତି, ସରପଞ୍ଚ ଧନେଶ୍ୱର ଖୁଣ୍ଟିଆ, ସ୍ୱେଚ୍ଛାସେବୀ ହରେକୃଷ୍ଣ ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମ ଜରିଆରେ ୩ ଜଣ ଅକ୍ଷମ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। ଜିଲ୍ଲା ଆଇନସେବା ପ୍ରାଧିକରଣର କର୍ମୀଗଣ ଏହି ସଚେତନତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରଚଣ୍ଡ ରୌଦ୍ରତାପରେ ପନିପରିବା ପ୍ରଭାବିତ



ବାରିକପୁର,୨୦।୫(ସମିସ): ଦିନକୁ ଦିନ ଗ୍ରୀଷ୍ମ ଝାଞ୍ଜି ବୃଦ୍ଧି ପାଉଛି। ଦିନ ଓ ରାତିରେ ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ବାୟୁମଣ୍ଡଳ ମାତ୍ରାଧିକ ଉତପ୍ତ ହେଉଛି। ଯେଉଁଥିପାଇଁ ଜୀବଜଗତ ଏକ ପ୍ରକାର ଅତିଷ୍ଠ ହୋଇପଡ଼ିଛି। ଏପରିକି ପ୍ରଚଣ୍ଡ ରୌଦ୍ରତାପ ଏବଂ ଗୁଳୁଗୁଳି ଯୋଗୁଁ ବୃକ୍ଷଲତା ଓ ପନିପରିବା ସବୁ ଯେମିତି ଝାଉଁଳି ଯାଉଛି। ଉତାପ ବୃଦ୍ଧି କାରଣରୁ ଗ୍ରାମ୍ୟ ବଜାରଗୁଡ଼ିକରେ ଦୈନିକ ସବୁଜ ପନିପରିବା ନଷ୍ଟ ହେଉଥିବା ଦେଖାଯାଇଛି। ଯଦିଓ ପରିବା ଦର ଆପାତତଃ ସ୍ଥିର ରହିଛି କିନ୍ତୁ ଛୋଟ ଛୋଟ ବ୍ୟବସାୟୀମାନେ ଅତ୍ୟଧିକ ଉତାପ ଯୋଗୁଁ ପନିପରିବାକୁ ସୁରକ୍ଷିତ ରଖିପାରୁନାହାନ୍ତି। ସୂଚନା ଅନୁଯାୟୀ, ଭଣ୍ଡାରିପୋଖରୀ ବ୍ଲକ୍‌ର ମଞ୍ଜୁରୀରୋଡ୍, କୁଲଣା, ଆଖୁଆପଦା, ବାଲିପୋଖରୀ, ପଟାପୋଲ, ବାରିକପୁର, ମାଳଦା, ସରସଦା ପ୍ରମୁଖ ବଜାରରେ କେତେକାଂଶରେ ପନିପରିବା ସଙ୍କଟ ଦେଖାଦେଇଛି। ବିଲାତିଠାରୁ ଆରମ୍ଭ କରି ପୋଟଳ, ଭେଣ୍ଡି, ଜହ୍ନି, କଲରା, କାକୁଡ଼ି ଆଦି ପରିବା ମୂଲ୍ୟ କେଜି ପ୍ରତି ୪୦ ଟଙ୍କା ମଧ୍ୟରେ ସ୍ଥିର ରହିଛି। ବେଳେବେଳେ କିନ୍ତୁ ବଜାରରେ ସତେଜ ପରିବା ମିଳୁନାହିଁ। ଝାଞ୍ଜି ଖରା ଓ ଗୁଳୁଗୁଳି ଯୋଗୁଁ ଆମଦାନୀ ହେଉଥିବା ପରିବା କିଛିମାତ୍ରାରେ ଶୁଖିଯାଉଥିବା ବେଳେ ଆଉକିଛି ପଚିସଢ଼ି ଯାଉଛି। ଆବଶ୍ୟକ ପଡ଼ିଲେ ବ୍ୟବସାୟୀମାନେ କମ୍ ମୂଲ୍ୟରେ ମଧ ପରିବା ବିକ୍ରି କରୁଛନ୍ତି। ଗ୍ରୀଷ୍ମ ପ୍ରବାହ ବଳବତର ଥିବା ଯୋଗୁଁ ପହିଲି ରଜ ବେଳକୁ ପନିପରିବା ମୂଲ୍ୟ ବୃଦ୍ଧି ଘଟିପାରେ ବୋଲି କିଛି ବ୍ୟବସାୟୀ ମତ ଦେଇଛନ୍ତି।

# ବାସୁଦେବପୁରରେ ଉନ୍ନୟନମୂଳକ କାର୍ଯ୍ୟକ୍ରମର ସମୀକ୍ଷା




ଭଦ୍ରକ,୨୦।୫(ସମିସ): ବାସୁଦେବପୁର ବିଧାନସଭା ଉନ୍ନୟନ କମିଟି (ଏସିଡିସି) ବୈଠକ ବାସୁଦେବପୁର ବିଧାୟକ ତଥା ଏସିଡିସି ଅଧ୍ୟକ୍ଷ ଅଶୋକ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବାସୁଦେବପୁର ନିର୍ବାଚନମଣ୍ଡଳୀର ବିକାଶମୂଳକ କାର୍ଯ୍ୟ, ଚାଲୁଥିବା ସରକାରୀ ଯୋଜନାର ଅଗ୍ରଗତି ଓ ପ୍ରଶାସନିକ ସମନ୍ୱୟ ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ସଭାରେ ତିହିଡ଼ି ପଞ୍ଚାୟତ ସମିତି ଅଧ୍ୟକ୍ଷା ଅବନ୍ତି ଦାସ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ, ଶୁଭେନ୍ଦ୍ର କୁମାର ସାମଲ, ଉପନିର୍ଦ୍ଦେଶକ (ଯୋଜନା ଓ ପରିସଂଖ୍ୟାନ) ପ୍ରହ୍ଲାଦ ରଣା, ବାସୁଦେବପୁର ବିଡିଓ ତନ୍ମିତା କର, ତିହିଡ଼ି ବିଡିଓ ନିରଞ୍ଜନ ବାରିକ ଓ ବାସୁଦେବପୁର ତହସିଲ୍‌ଦାର ପ୍ରିୟବ୍ରତ ଦାସ ଉପସ୍ଥିତ ଥିଲେ। ବୈଠକରେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରଖି ସରକାରୀ ଯୋଜନାର ସୁଫଳ ସାଧାରଣ ଲୋକଙ୍କ ପାଖରେ ସୁଚାରୁ ଭାବେ ପହଞ୍ଚାଇବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଜିଲ୍ଲାର ବିଭିନ୍ନ ବିଭାଗକୁ ବକେୟା ଥିବା କାର୍ଯ୍ୟଗୁଡ଼ିକୁ ଶୀଘ୍ର ସମାପ୍ତ କରିବା ସହ ଉନ୍ନୟନ କାର୍ଯ୍ୟରେ ଅଧିକ ତ୍ୱରାନ୍ୱିତତା ଆଣିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ଜନସାଧାରଣଙ୍କ ସମସ୍ୟାର ତୁରନ୍ତ ସମାଧାନ ପାଇଁ ସମସ୍ତ ବିଭାଗକୁ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଥିଲା। ବିଶେଷକରି ଆର୍‌ଏଣ୍ଡବି ବିଭାଗ, ଶିକ୍ଷା ଓ ପାନୀୟଜଳ ବିଭାଗ, ଡ୍ରେନେଜ୍ ଓ ବିଦ୍ୟୁତ୍ ବିଭାଗକୁ ବକେୟା କାମଗୁଡ଼ିକୁ ଶୀଘ୍ର ସମ୍ପନ୍ନ କରିବା ପାଇଁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ବିଭାଗ, ଭଦ୍ରକର ଆର୍ଥିକ ବିଶେଷଜ୍ଞ ଡ. ଭଗବାନ ବାରିକ୍, ଭୋଳାନାଥ ରାଉଳ ଓ ହରିହର ଗୁଇନ ସଭା ପରିଚାଳନାରେ ସହଯୋଗ କରିଥିଲେ।

## +୨ ବିଜ୍ଞାନ, ବାଣିଜ୍ୟ ଓ କଳା ଫଳ ପ୍ରକାଶିତ

# ଭଦ୍ରକ ଜିଲ୍ଲାରେ ମୋଟ୍ ୮୮.୯୩ ପ୍ରତିଶତ ପାସ୍‌ହାର

**ବିଜ୍ଞାନରେ ୯୩.୪୭, କଳାରେ ୮୭.୫୬, ବାଣିଜ୍ୟରେ ୮୮.୨୬ ଓ ଭୋକେସନାଲରେ ୮୬.୭୪ ପ୍ରତିଶତ ପାସ୍‌ହାର**

ଭଦ୍ରକ,୨୦।୫(ସମିସ)

ଚଳିତ ବର୍ଷ ଯୁକ୍ତ ୨ ବିଜ୍ଞାନ, କଳା, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ବାରିପଦାସ୍ଥିତ ଉତର ଓଡ଼ିଶା ଜୋନ୍ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଶାଖା କାର୍ଯ୍ୟାଳୟ ପକ୍ଷରୁ ପ୍ରଦତ ତଥ୍ୟ ଅନୁଯାୟୀ, ଚଳିତ ବର୍ଷ ଜିଲ୍ଲାରେ ୧୨ ହଜାର ୭୫୯ ଜଣ ପରୀକ୍ଷାର୍ଥୀ ଯୁକ୍ତ ୨ ପରୀକ୍ଷା ନିମନ୍ତେ ଫର୍ମ ପୂରଣ କରିଥିବାବେଳେ ୧୨ ହଜାର ୬୪୪ ଜଣ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୪୬୭୭ ଜଣ ପ୍ରଥମ ଶ୍ରେଣୀ, ୨୬୪୬ ଦ୍ୱିତୀୟ ଶ୍ରେଣୀ, ୩୮୪୯ ଜଣ ତୃତୀୟ ଶ୍ରେଣୀ ଓ ୭୩ ଜଣ କମ୍ପାର୍ଟମେଣ୍ଟାଲରେ ପାସ୍ କରିଛନ୍ତି। ସର୍ବମୋଟ୍ ୧୧ ହଜାର ୨୪୫ ଜଣ ଅର୍ଥାତ୍ ୮୮.୯୩ ପ୍ରତିଶତ ପାସ୍ କରିଛନ୍ତି। ବିଜ୍ଞାନରେ ମୋଟ ୨୮୩୫ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୯୮୮ ଜଣ ପ୍ରଥମ ଶ୍ରେଣୀ, ୫୫୧ ଜଣ ଦ୍ୱିତୀୟ ଶ୍ରେଣୀ, ୮୦ଜଣ ତୃତୀୟ ଶ୍ରେଣୀ ଓ ୩୧ ଜଣ କମ୍ପାର୍ଟମେଣ୍ଟାଲକୁ ମିଶାଇ ୨୬୫୦ ଜଣ ଉତୀର୍ଣ୍ଣ ହୋଇଛନ୍ତି। ବିଜ୍ଞାନରେ ପାସ୍‌ହାର ୯୩.୪୭ ପ୍ରତିଶତ ରହିଛି। ସେହିଭଳି କଳାରେ ୮୨୯୩ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୨୫୪ ପ୍ରଥମ ଶ୍ରେଣୀ, ୧୬୭୮ ଜଣ ଦ୍ୱିତୀୟ ଶ୍ରେଣୀ, ୩୩୦୪ ଜଣ ତୃତୀୟ ଶ୍ରେଣୀ ଓ କମ୍ପାର୍ଟମେଣ୍ଟାଲ ୨୬ ଜଣ ସହ ୭୨୬୨ଜଣ ପାସ୍ କରିଛନ୍ତି। କଳାରେ ପାସ୍‌ହାର ୮୭.୫୬ ପ୍ରତିଶତ ରହିଛି। ବାଣିଜ୍ୟରେ ୧୧୮୪ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୬୭ ଜଣ ପ୍ରଥମ ଶ୍ରେଣୀ, ୨୫୪ଜଣ ଦ୍ୱିତୀୟ ଶ୍ରେଣୀ, ୪୧୨ଜଣ ତୃତୀୟ ଶ୍ରେଣୀ ଓ ୧୨ଜଣ କମ୍ପାର୍ଟମେଣ୍ଟାଲକୁ ମିଶାଇ ମୋଟ୍ ୧୦୪୫ ଜଣ ଉତୀର୍ଣ୍ଣ ହୋଇଛନ୍ତି। ପାସ୍‌ହାର ୮୮.୨୬ ପ୍ରତିଶତ ରହିଛି। ଅନୁରୂପଭାବେ ଧନ୍ଦାମୂଳକରେ ୩୩୨ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୬୮ଜଣ ପ୍ରଥମ ଶ୍ରେଣୀ, ୧୬୩ ଜଣ ଦ୍ୱିତୀୟ ଶ୍ରେଣୀ, ୫୩ ଜଣ ତୃତୀୟ ଶ୍ରେଣୀ ଓ ୪ଜଣ କମ୍ପାର୍ଟମେଣ୍ଟାଲକୁ ମିଶାଇ ୨୮୮ଜଣ ଉତୀର୍ଣ୍ଣ ହୋଇଛନ୍ତି। ପାସ୍‌ହାର ୮୬.୭୪ ପ୍ରତିଶତ ରହିଛି।

# ବିନାୟକ ଆବାସିକ ମହାବିଦ୍ୟାଳୟର ୧୬ତମ ବାଜିମାତ୍

ଭଦ୍ରକ,୨୦।୫(ସମିସ): ବୁଧବାର ଅପରାହ୍ଣରେ ପ୍ରକାଶ ପାଇଛି ଯୁକ୍ତ ୨ ବିଜ୍ଞାନ, ବାଣିଜ୍ୟ ଓ କଳା ପରୀକ୍ଷା ଫଳଫଳ। ଭଦ୍ରକର ଅଗ୍ରଣୀ ମହାବିଦ୍ୟାଳୟ ବିନାୟକ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପରୀକ୍ଷା ଫଳ ଶତପ୍ରତିଶତ ହୋଇଛି। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସୂଚନାନୁଯାୟୀ, ବିଜ୍ଞାନ ବିଭାଗରେ ମୋଟ୍ ୨୮୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ ଓ ସେମାନଙ୍କ ମଧ୍ୟରୁ ୨୫୩ ଜଣ ପ୍ରଥମ ଶ୍ରେଣୀରେ, ୨୬ ଜଣ ଦ୍ୱିତୀୟ ଶ୍ରେଣୀରେ ଓ ୩ ଜଣ ତୃତୀୟ ଶ୍ରେଣୀରେ ଉତୀର୍ଣ୍ଣ ହୋଇଛନ୍ତି। ଏଥି ସହିତ ବିଜ୍ଞାନରେ ୭ ଜଣ ୯୦% ଉପରେ ମାର୍କ ରଖିଥିବାବେଳେ ୧୭ ଜଣ ୫୦୦ ନମ୍ବରରୁ ଉର୍ଦ୍ଧ୍ୱ ନମ୍ବର ରଖିଛନ୍ତି। କଳା ବିଭାଗରେ ମୋଟ ୬୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୫୦ ଜଣ ପ୍ରଥମ ଶ୍ରେଣୀରେ, ୧୦ ଜଣ ଦ୍ୱିତୀୟ ଶ୍ରେଣୀରେ ଓ ଜଣେ ତୃତୀୟ ଶ୍ରେଣୀରେ ଉତୀର୍ଣ୍ଣ ହୋଇଛନ୍ତି ଓ ସେମାନଙ୍କ ମଧ୍ୟରୁ ୯ ଜଣ ୫୦୦ରୁ ଅଧିକ ନମ୍ବର ରଖିଛନ୍ତି। ସେହିପରି ବାଣିଜ୍ୟ ବିଭାଗରେ ମୋଟ୍ ୪୯ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ ଓ ସେମାନଙ୍କ ମଧ୍ୟରୁ ୪୦ ଜଣ ପ୍ରଥମ ଶ୍ରେଣୀରେ, ୯ ଜଣ ଦ୍ୱିତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରୁ ୫ ଜଣ ୫୦୦ରୁ ଅଧିକ ନମ୍ବର ରଖିଛନ୍ତି। ବିଜ୍ଞାନରେ ସୁଚିସ୍ମିତା ଜେନା ୯୬.୧୬ ପ୍ରତିଶତ (୫୭୭) ରଖିବା ସହ ୩ଟି ବିଷୟରେ ୧୦୦ରୁ ୧୦୦ ନମ୍ବର ରଖିଛନ୍ତି। କଳାରେ ପ୍ରତିଭା ପଣ୍ଡା ୯୨.୮୩ ପ୍ରତିଶତ (୫୫୭) ଓ ବାଣିଜ୍ୟରେ ପ୍ରିୟଙ୍କା ଦାସ ୮୭.୮୩ ପ୍ରତିଶତ (୫୨୭) ନମ୍ବର ରଖି କଲେଜ ଟପ୍ପର ହୋଇଛନ୍ତି। ସୂଚନାଯୋଗ୍ୟ, ଉକ୍ତ ଆବାସିକ ଶିକ୍ଷାନୁଷ୍ଠାନ ଗତ ୧୬ ବର୍ଷ ଧରି ୨୦୧୧ରୁ ସମସ୍ତ ବିଜ୍ଞାନ, ବାଣିଜ୍ୟ ଓ କଳା ବିଭାଗରେ ଶତ ପ୍ରତଶତ ସଫଳତା ହାସଲ କରିବା ସହ ଜିଲ୍ଲାର ସମସ୍ତ ଆବାସିକ ମହାବିଦ୍ୟାଳୟ ମଧ୍ୟରେ ସର୍ବାଗ୍ରେ ରହି ଆସିଛି। +୨ ବିନାୟକ ଆବାସିକ ମହାବିଦ୍ୟାଳୟର ଏହି ସଫଳତା ପାଇଁ ଅନୁଷ୍ଠାନର ନିର୍ଦ୍ଦେଶକ ମନୋଜ କୁମାର ପାଢ଼ୀ ଓ ଜୀବନାନନ୍ଦ ପାଣିଗ୍ରାହୀ, କଲେଜର ଅଧ୍ୟକ୍ଷ ପ୍ରଭାତ ପ୍ରଭାକର ପାଢ଼ୀ, ଦୁଇ ସହ ନିର୍ଦ୍ଦେଶକ ଶୁଭଙ୍କର ପଣ୍ଡା, ସବ୍ୟସାଚୀ ପାଢ଼ୀ ଓ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଅଣ ଶିକ୍ଷା କର୍ମଚାରୀ ତଥା ସମସ୍ତ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ କୃତଜ୍ଞତା ଜଣାଇଛନ୍ତି।

ANNUAL HIGHER SECONDARY EXAMINATION - 2026
+2 SCIENCE RESULT

| SL NO | NAME OF STUDENTS | RANK | MARK SECURED | % OF MARK | PHOTO |
|---|---|---|---|---|---|
| 1 | SUCHISMITA JENA | 1 | 577 | 96.16 | |
| 2 | SASWATI SAHOO | 2 | 566 | 94.33 | |
| 3 | SAISHREE NAYAK | 3 | 563 | 93.83 | |
| 4 | ALOK BISWAL | 4 | 551 | 91.83 | |
| 5 | SUBHAJIT MALLIK | 5 | 548 | 91.33 | |
| 6 | ROHIT KUMAR ROUT | 6 | 542 | 90.33 | |
| 6 | SEDA AFRIN NISHA | 7 | 540 | 90 | |



# ଏନ୍‌ଆର୍‌ଆଇ ଇଣ୍ଟରନ୍ୟାସନାଲ୍ ସ୍କୁଲର ସଫଳତା



ଭଦ୍ରକ,୨୦।୫(ସମିସ): ଭଦ୍ରକ ଏନ୍‌ଆର୍‌ଆଇ ଇଣ୍ଟରନ୍ୟାସନାଲ୍ ସ୍କୁଲର ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଛାତ୍ରଛାତ୍ରୀମାନେ ଆଶାତୀତ ସଫଳତା ଲାଭ କରିଛନ୍ତି। ସର୍ବମୋଟ୍ ୭୩ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୭୩ ଜଣ ପରୀକ୍ଷାର୍ଥୀ ସଫଳତାର ସହ ଉତୀର୍ଣ୍ଣ ହୋଇଛନ୍ତି। ମନସ୍ୱିନୀ ପଣ୍ଡା ୯୧.୮ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଅନ୍ୟପକ୍ଷରେ ୩ ଛାତ୍ରଛାତ୍ରୀ ମନସ୍ୱିନୀ ପଣ୍ଡା, ଜୟପ୍ରକାଶ ମଲ୍ଲିକ ଓ ଆଶୁତୋଷ ରାଉଳ ୯୦ ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି। ୧୦ ଜଣ ପରୀକ୍ଷାର୍ଥୀ ୮୦-୯୦% ନମ୍ବର ରଖିଛନ୍ତି। ଛାତ୍ରଛାତ୍ରୀଙ୍କ ସଫଳତା ପାଇଁ ଅଭିଭାବକମାନେ ଏନ୍‌ଆର୍‌ଆଇ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲକୁ ପ୍ରଶଂସା କରିଛନ୍ତି। ଛାତ୍ରଛାତ୍ରୀଙ୍କ ସଫଳତା ପାଇଁ ଏନ୍‌ଆର୍‌ଆଇ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲର ଅଧ୍ୟକ୍ଷ, ସ୍କୁଲ୍‌ର ପ୍ରତିଷ୍ଠାତା, ନିର୍ଦ୍ଦେଶକ ଏବଂ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

# କମଳାକାନ୍ତ ରଣା ଭଦ୍ରକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଟପ୍ପର



ଭଦ୍ରକ,୨୦।୫(ସମିସ): ଯୁକ୍ତଦୁଇ ପରୀକ୍ଷା ଫଳ ପ୍ରକାଶ ପାଇଛି। ଭଦ୍ରକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ଭଦ୍ରକ କଲେଜ)ରେ କଳାରେ ପାସ୍‌ହାର ୯୫.୭୮ ପ୍ରତିଶତ ରହିଥିବା ବେଳେ ବିଜ୍ଞାନରେ ୯୬.୫୧ ପ୍ରତିଶତ ଓ ବାଣିଜ୍ୟରେ ୯୫.୨୦ ପ୍ରତିଶତ ରହିଛି। କଳାରେ ମୋଟ ୪୯୮ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩୨୮ ଜଣ ପ୍ରଥମ ଶ୍ରେଣୀରେ, ୭୯ ଜଣ ଦ୍ୱିତୀୟ ଶ୍ରେଣୀରେ ୭୦ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବାଣିଜ୍ୟରେ ମୋଟ ୨୫୦ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୬୯ ଜଣ ପ୍ରଥମ ଶ୍ରେଣୀରେ, ୬ ଜଣ ଦ୍ୱିତୀୟ ଶ୍ରେଣୀରେ ଓ ୨୨ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଜ୍ଞାନରେ ମୋଟ୍ ୫୧୬ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪୬୮ ଜଣ ପ୍ରଥମ ଶ୍ରେଣୀରେ, ୨୪ ଜଣ ଦ୍ୱିତୀୟ ଶ୍ରେଣୀରେ ଓ ୫ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଜ୍ଞାନର ଛାତ୍ର କମଳାକାନ୍ତ ରଣା ସର୍ବାଧିକ ୫୮୬ (୯୭.୬୭ ପ୍ରତିଶତ) ନମ୍ବର ରଖି କଲେଜ ଟପ୍ପର ହୋଇଛନ୍ତି। ସେହିଭଳି କଳା ବିଭାଗରେ ଜ୍ୟୋତି ବେହେରା ସର୍ବାଧିକ ୫୬୦ ନମ୍ବର (୯୩.୩୩ ପ୍ରତିଶତ) ରଖିଥିବାବେଳେ ବାଣିଜ୍ୟରେ ଶ୍ରୀକାନ୍ତ କୁମାର ସାହାଣୀ ୫୮୦ (୯୬.୬୭) ପ୍ରତିଶତ ନମ୍ବର ରଖିଛନ୍ତି।

# ଯୁକ୍ତ ଦୁଇ ପରୀକ୍ଷାରେ ଶାନ୍ତି ଆଶ୍ରମର ସଫଳତା



ତିହିଡ଼ି,୨୦।୫(ସମିସ): ତିହିଡ଼ି ବ୍ଲକ୍ ହରିପୁରସ୍ଥିତ ଶାନ୍ତି ଆଶ୍ରମର ୨ଜଣ ଅନ୍ତେବାସୀ ବୁଧବାର ପ୍ରକାଶ ପାଇଥିବା ଯୁକ୍ତ ୨ ପରୀକ୍ଷାରେ ସଫଳତା ହାସଲ କରିଛନ୍ତି। ଏହି ଅନ୍ତେବାସୀଦ୍ୱୟ ହେଲେ ଯୁକ୍ତ ଦୁଇ କଳାରେ ୭୪ ପ୍ରତିଶତ ନମ୍ବର (୪୪୨) ରଖିଛନ୍ତି ଆକାଶ କାଳଦିଆ ଓ ବିଜ୍ଞାନରେ ୬୪ ପ୍ରତିଶତ(୩୮୭) ନମ୍ବର ରଖିଛନ୍ତି ଛାତ୍ରୀ ସାଇକଳ୍ପନା ସାହୁ। ତିହିଡ଼ି ମହାବିଦ୍ୟାଳୟରେ ଅଧ୍ୟୟନ କରି ଯୁକ୍ତ ଦୁଇରେ ସଫଳତା ହାସଲ କରିଥିବା ଏହି ଛାତ୍ରଛାତ୍ରୀଙ୍କୁ ଶାନ୍ତି ଆଶ୍ରମ ସମ୍ପାଦକ ଆଇନଜୀବୀ ଅପୂର୍ବ ଦାସ, ସୁପରିଣ୍ଟେଣ୍ଡେଣ୍ଟ ସରିତା ସାମଲ ଓ କାଉନ୍‌ସେଲର ପ୍ରତିମା ବଳଙ୍କ ସହ ଅନ୍ୟ ଅନ୍ତେବାସୀମାନେ କେକ୍ କାଟି ସମ୍ବର୍ଦ୍ଧିତ କରିଥିଲେ।

# ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ



ଧାମନଗର,୨୦।୫(ସମିସ): ଧାମନଗର ବ୍ଲକ୍ ଅନ୍ତର୍ଗତ ବୟାଙ୍ଗଡିହି ପଞ୍ଚାୟତ ଅଧୀନ କମାରବନ୍ଧ ଗାଁର ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ତଥା ଆଧ୍ୟାତ୍ମିକ ବିଶ୍ୱାସୀ ସୁରେନ୍ଦ୍ର ନାଥ ରାଉତଙ୍କ ଦେହାନ୍ତ ହୋଇଛି। ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୨ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘ ବର୍ଷ ଗୋଟିଏ ବିଦ୍ୟାଳୟରେ ଶିକ୍ଷକତା କରି ଜଣେ ଆଦର୍ଶ ଶିକ୍ଷକ ଭାବରେ ସେ ଅଞ୍ଚଳରେ ବେଶ୍ ପରିଚିତ ଥିଲେ। ଗାଁରେ ଅନୁଷ୍ଠିତ ବିଭିନ୍ନ ନ୍ୟାୟ ନିଶାପରେ ମଧ ମୁରବି ଭାବେ ସକ୍ରିୟ ଅଂଶଗ୍ରହଣ କରୁଥିଲେ। ତାଙ୍କର ଦେହାନ୍ତ ସ୍ଥାନୀୟ ଅଞ୍ଚଳ ଏବଂ ଶିକ୍ଷକ ମହଲରେ ଶୋକର ଛାୟା ଖେଳିଯାଇଛି। ଖବର ପାଇ ବର୍ଷିୟାନ ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋର ରାଉତ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସମ୍ମାନପ୍ରାପ୍ତ ଗୁରୁଶ୍ରୀ ସୁବାସ ଚନ୍ଦ୍ର ମଲ୍ଲିକ, ରଞ୍ଜିତା ସ୍ୱାଇଁ, ବିଦ୍ୟାଧର ରାଉତ, ବିଷ୍ଣୁ ମହାନ୍ତି, ନାରାୟଣ ପାଢ଼ୀ, ସଦାଶିବ ମହାପାତ୍ର, ସତ୍ୟସୁନ୍ଦର ପାଢ଼ୀ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଅମରେନ୍ଦ୍ର ମହାନ୍ତି ଓ ବନ୍ଧଟିଆ ପୂଜ୍ୟପୂଜା ସଂସଦର ସମ୍ପାଦକ ଅଜୟ ସାମଲ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ମୃତଶରୀରରେ ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ନିଜ ଜନ୍ମ ମାଟିରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ୪ପୁତ୍ର ଓ ପୁତ୍ରବଧୂ, ଝିଅ ଜ୍ୱାଇଁ, ନାତି ନାତୁଣୀ, ରାଉତ ପରିବାର ସମସ୍ତେ ଉପସ୍ଥିତ ଥିବାବେଳେ ପୁତ୍ର ସନ୍ଦୀପ ରାଉତ ମୁଖାଗ୍ନି ଦେଇଥିଲେ।

## ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି, ପେଟ୍ରୋଲ-ଡିଜେଲ ସଂକଟ ଓ ଦରବୃଦ୍ଧି

# ସରକାରଙ୍କ ବିରୋଧରେ ସିପିଆଇ(ଏମ୍)ର ପ୍ରତିବାଦ

ଭଦ୍ରକ,୨୦।୫(ସମିସ): ବାଲେଶ୍ୱର ଜିଲ୍ଲା ରେମୁଣାଠାରେ ପିକ୍‌ଅପ୍ ଭ୍ୟାନ୍ ଡ୍ରାଇଭରଙ୍କୁ ଭିଡ଼ହତ୍ୟା, ପୁରୀ ଜିଲ୍ଲା କଣାସରେ ଜଣେ ଯୁବକଙ୍କୁ ମାଛକଟା ପନିକିରେ ହାଣି ତାଙ୍କ ଉପରେ ବୁଲେଟ ଚଢ଼ାଇବା, ବାଲିଅନ୍ତାରେ କନେଷ୍ଟବଳ ସୌମ୍ୟଙ୍କୁ ଭିଡ଼ହତ୍ୟା, ନୟାଗଡ଼ ଜିଲ୍ଲାରେ ମାଙ୍କଡ଼ା ପଥର ଚୋରା ମାଫିଆମାନଙ୍କ ଦ୍ୱାରା ଜଣେ ଯୁବକଙ୍କୁ ହତ୍ୟା, କେନ୍ଦ୍ରାପଡ଼ା ଜିଲ୍ଲାରେ ଭିଡ଼ହତ୍ୟା, ବ୍ରହ୍ମପୁର ସହରରେ ଗତ ୧୮ ତାରିଖ ସନ୍ଧ୍ୟାରେ ଜଣେ ଯୁବକ ଓ ତାଙ୍କ ମହିଳା ସାଥୀଙ୍କୁ ନିଷ୍ଠୁର ଆକ୍ରମଣ ଓଡ଼ିଶାର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ସୂଚାଉଛି। ଏଥିପାଇଁ ସିପିଆଇ(ଏମ୍) ପକ୍ଷରୁ ଗୃହ ମନ୍ତ୍ରଣାଳୟ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଇସ୍ତଫା ଦାବି କରାଯାଇଛି।

ତୈଳ ଉତ୍ପାଦନକାରୀ ରାଷ୍ଟ୍ର ଇରାନ ଓ ଋଷ ଭାରତକୁ ପେଟ୍ରୋଲିୟମ୍ ସାମଗ୍ରୀ ଦେବା ପାଇଁ ରାଜି ଥିବାବେଳେ ଯୁକ୍ତରାଷ୍ଟ୍ର ଆମେରିକା ଚାପରେ ପ୍ରଧାନମନ୍ତ୍ରୀ ତୈଳ ନ କିଣି ଦେଶରେ ଯେଉଁ ତୈଳ ସଂକଟ ସୃଷ୍ଟି କରିଛନ୍ତି ଓ ତୈଳ ଦର ବୃଦ୍ଧି କରିଛନ୍ତି, ତାହାକୁ ସିପିଆଇ(ଏମ୍) ପକ୍ଷରୁ ପ୍ରତିବାଦ କରାଯାଇଛି। ନରେନ୍ଦ୍ର ମୋଦୀ ଭାରତର ସ୍ୱାଧୀନ ବୈଦେଶିକ ନୀତିକୁ ଯୁକ୍ତରାଷ୍ଟ୍ର ଆମେରିକା ପାଖରେ ବନ୍ଧା ପକାଇ ଡୋନାଲ୍ଡ ଟ୍ରମ୍ପଙ୍କୁ କାହିଁକି ଭୟ କରୁଛନ୍ତି, ସେ ସମ୍ପର୍କରେ ସୁପ୍ରିମକୋର୍ଟର ସାମ୍ବିଧାନିକ ଖଣ୍ଡପୀଠ ନରେନ୍ଦ୍ର ମୋଦୀଙ୍କ ବିରୋଧରେ ନ୍ୟାୟିକ ତଦନ୍ତ ନିଜଆଡୁ କରିବାକୁ ସିପିଆଇ(ଏମ୍) ନେତୃତ୍ୱ ଦାବି କରିଛନ୍ତି। ପେଟ୍ରୋଲ ପମ୍ପ୍‌ରେ ତେଲ ନ ମିଳିବା ଯୋଗୁଁ ଓ ଆମ୍ବୁଲାନ୍ସରେ ପେଟ୍ରୋଲ ସରିଯିବା ଯୋଗୁଁ ଓଡ଼ିଶାର ୪ ଜଣ ରୋଗୀଙ୍କ ମୃତ୍ୟୁ ହୋଇଛି। ଏହି ରୋଗୀ ମୃତ୍ୟୁ ଘଟଣାରେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଓ ଯୋଗାଣ ମନ୍ତ୍ରୀଙ୍କ ଇସ୍ତଫା ସିପିଆଇ(ଏମ୍) ନେତୃତ୍ୱ ଦାବି କରିଛନ୍ତି। ନିଟ୍ ପରୀକ୍ଷାରେ ଅନିୟମିତତା ଘଟଣାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରାଯାଇ ଏକ ପ୍ରତିବାଦ ସଭା ଭଦ୍ରକ ଷ୍ଟେଟ୍ ବ୍ୟାଙ୍କ ଛକଠାରେ ସିପିଆଇ(ଏମ୍) ଜିଲ୍ଲା ସମ୍ପାଦକ ଦିବ୍ୟସିଂହ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିବାଦ ସଭାରେ ସିପିଆଇ(ଏମ୍) ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ଅନ୍ୟତମ ଜିଲ୍ଲା କମିଟି ସଭ୍ୟ କାଳନ୍ଦୀ ପାତ୍ର, ଅନ୍ୟତମ ଜିଲ୍ଲା କମିଟି ସଭ୍ୟ ସେକ୍ ସନାଉଲ୍ଲା, ବରିଷ୍ଠ ନେତା ନିରଞ୍ଜନ ପାଣି, ବିଶିଷ୍ଟ ଆଇନଜୀବୀ ଅଶୋକ ନାୟକ, ବୀମା କର୍ମଚାରୀ ନେତା ନବକିଶୋର ବେହେରା, ଯୁବନତା ମାଲିକ ସରିଫ୍, ଯୁବନେତା ସେକ୍ ଅବଦୁଲ କାଦ୍ରି ପ୍ରମୁଖ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ପୋରେଟ୍ ସପକ୍ଷବାଦୀ ନୀତି ଓ ଜନସାଧାରଣଙ୍କ ଉପରେ ହେଉଥିବା ନବ୍ୟ ଫାଶିବାଦୀ ଭିଡ଼ ଆକ୍ରମଣ ଓ ଭିଡ଼ହତ୍ୟା ବିରୋଧରେ ଆଗାମୀ ଦିନରେ ତୀବ୍ର ଲଢ଼େଇ ହେବ ବୋଲି ଚେତାବନୀ ଦେଇଥିଲେ।

**ମୁଖ୍ୟମନ୍ତ୍ରୀ, ଆଇନମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ଯୋଗାଣ ମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି**




## ଧାମନଗର ବିଜେଡିର ବିରାଟ ମହିଳା ସମାବେଶ ଓ ନାରୀ ଅଧିକାର ଅଭିଯାନ

# '୩୩ ପ୍ରତିଶତ ସଂରକ୍ଷଣ ନାଁରେ ମା'ଙ୍କୁ ଭଣ୍ଡାଉଛି ବିଜେପି'

ଅସୁରାଳି/ସହିଦନଗର,୨୦।୫(ସମିସ)






ଧାମନଗର ବ୍ଲକ୍ ବିଜେଡି ପକ୍ଷରୁ ଅସୁରାଳି ଖୁଲାଇଶୁଣି ପଡ଼ିଆରେ ମଙ୍ଗଳବାର ଅପରାହ୍ଣରେ ବିରାଟ ମହିଳା ସମାବେଶ ଅନୁଷ୍ଠିତ ହୋଇଛି। ସମାବେଶରେ ମଞ୍ଚାସିନ ଅତିଥିମାନେ କେନ୍ଦ୍ର ସରକାରଙ୍କ ମହିଳା ବିରୋଧୀ କାର୍ଯ୍ୟକୁ ଦୃଢ଼ ବିରୋଧ କରିବା ସହ ଡବଲ ଇଞ୍ଜିନ ସରକାର ସମୟରେ ରାଜ୍ୟର ନାରୀ ନିର୍ଯାତନା, ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ଆଦି ସମ୍ପର୍କରେ ସୂଚନା ଦେଇଛନ୍ତି। ବ୍ଲକ୍ ମହିଳା ବିଜେଡି ସଭାପତି ତଥା ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ଦଳର ଜିଲ୍ଲା ସଭାପତି ତଥା ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ଜିଲ୍ଲା ମହିଳା ସଭାନେତ୍ରୀ ବିଦ୍ୟୁତ୍ ଲତା ନାୟକ, ନିର୍ବାଚନମଣ୍ଡଳୀ ବିଜେଡି ନେତା ଡା. ସଞ୍ଜୟ ଦାସ, ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ବ୍ଲକ୍ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଅବନ୍ତି ଦାସ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ ନାୟକ, ଦଳର ବ୍ଲକ୍ ସଭାପତି ପ୍ରତାପ ସାମଲ, ଜିଲ୍ଲା ପରିଷଦ ସଦସ୍ୟ ସାରଦା ପ୍ରସନ୍ନ ସାହୁ, ରୁଜାତା ପଣ୍ଡା, ଯୁବ ବିଜେଡି ସଭାପତି ଭାରତ ବିଜୟ ଦଳାଇ, ମହିଳା ବିଜେଡି କାର୍ଯ୍ୟକାରୀ ସଭାପତି ଦେବଦତା ମହାନ୍ତି, ସରପଞ୍ଚ ସରିତା ମହାନ୍ତି, କସ୍ତୁରୀ ବିଶ୍ୱାଳ, ମମତା ଅଚାର୍ଯ୍ୟ, ବ୍ଲକ୍ ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ଏନ୍‌ଏସି ଉପାଧ୍ୟକ୍ଷ ଏମ୍‌ଡିଏସ୍ ଦାନୀ କାଦରୀ, ବୈଦେହୀ ବେହେରା ପ୍ରମୁଖ ଯୋଗଦେଇଥିଲେ। ନାରୀ ଅଧିକାର ଅଭିଯାନ କାର୍ଯ୍ୟକ୍ରମ ମାଧ୍ୟମରେ ଅତୀତରେ ବିଜୁ ପଟ୍ଟନାୟକଙ୍କ ଅବଦାନ ପରବର୍ତ୍ତୀ ସମୟରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ସରକାର ନାରୀମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ କରିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ହେଲେ ଏବେ କେନ୍ଦ୍ର ସରକାର ନାରୀ ବନ୍ଦନା ବିଲ୍ ଆଳରେ ଆଣିଥିବା ଡିଲିମିଟେସନ ବିଲ୍ ଲୋକସଭାରେ ପାରିତ କରି ନ ପାରି ଅଯଥାରେ ବିଜେଡି, କଂଗ୍ରେସ ଆଦି ଦଳ ଉପରେ ମିଥ୍ୟା ଆରୋପ ଆଣୁଛନ୍ତି। ବର୍ତ୍ତମାନ ରାଜ୍ୟରେ ପେଟ୍ରୋଲ, ଡିଜେଲ ଦରବୃଦ୍ଧି, ବିପର୍ଯ୍ୟସ୍ତ ଅର୍ଥନୀତି, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଅହେତୁକ ଦରବୃଦ୍ଧି, ମହିଳା ଅସୁରକ୍ଷିତ, ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ, ବେକାରୀ ବୃଦ୍ଧି ଇତ୍ୟାଦି ପାଇଁ ରାଜ୍ୟର ଦୁଇ ବର୍ଷ ଶାସନରେ ଘରେ ଘରେ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇଥିବା ସମ୍ପର୍କରେ କହିଥିଲେ। ଏଣୁ ଏହାର ଜବାବ ପାଇଁ ଆଗାମୀ ପଞ୍ଚାୟତ ଏବଂ ଏନ୍‌ଏସି ନିର୍ବାଚନରେ ବିଜେଡିକୁ ଭୋଟ୍ ଦେଇ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା ପାଇଁ ନିବେଦନ କରିଥିଲେ। ଏହି ଅବସରରେ ଅସୁରାଳି ବିଦ୍ୟୁତ୍ ଷ୍ଟ୍ରକ୍‌ଚର ପଡ଼ିଆଠାରୁ ଏକ ବିଶାଳ ମହିଳା ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରି ସଭାସ୍ଥଳରେ ପହଞ୍ଚିଥିଲା।

## ସାଇକୃପା ଆବାସିକ ମହାବିଦ୍ୟାଳୟ

# ଯୁକ୍ତ ୨ ବିଜ୍ଞାନରେ ୨୦ ଜଣ ରଖିଛନ୍ତି ୯୦%ରୁ ଅଧିକ ନମ୍ବର







## ଲକ୍ଷ୍ମୀପ୍ରିୟା ସାହୁ ୫୮୯ ନମ୍ବର ରଖି ପ୍ରଥମ

ଢେଙ୍କାନାଳ,୨୦।୫(ସମିସ): ଢେଙ୍କାନାଳ ସାଇକୃପା ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଚଳିତ ବର୍ଷ ଯୁକ୍ତ ୨ ପରୀକ୍ଷାରେ ବିଶେଷ ସଫଳତା ଅର୍ଜନ କରିଛି। ବିଜ୍ଞାନରେ ହିନ୍ଦୋଳ ବ୍ଲକ ହାତୁରା ଗ୍ରାମର ଲକ୍ଷ୍ମୀପ୍ରିୟା ସାହୁ ୯୮.୨୦% (୫୮୯) ନମ୍ବର ରଖି ଢେଙ୍କାନାଳ ଅବିଭକ୍ତ ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏଥିସହିତ ୨୦ଜଣ ଛାତ୍ରଛାତ୍ରୀ ୯୦%ରୁ ଅଧିକ ନମ୍ବର ରଖି ପାସ୍ କରିଛନ୍ତି। ବିଦ୍ୟାଳୟର ୧୮୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୨୦ ଜଣ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି 'ଏ-୧' ଗ୍ରେଡ଼ରେ ପାସ କରିଛନ୍ତି। ପ୍ରଥମ ଶ୍ରେଣୀରେ ୧୫୬ ଜଣ ଓ ୫୨ ଜଣ ୫୦୦ରୁ ଉର୍ଦ୍ଧ ନମ୍ବର ଏବଂ ୬୩ ଜଣ ୮୦ପ୍ରତିଶତ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଭିଜ୍ଞ ଅଧ୍ୟାପକ, ଅଧ୍ୟାପିକା ମାନଙ୍କ ଦ୍ୱାରା ଉଚ୍ଚ ମାନର ଶିକ୍ଷାଦାନ, ସମୟ ଉପଯୋଗୀ ଶିକ୍ଷା ପ୍ରଣାଳୀ, ଶୃଙ୍ଖଳିତ ଛାତ୍ରଛାତ୍ରୀଙ୍କ କଠିନ ପରିଶ୍ରମ ଦ୍ୱାରା ସାଇକୃପା କଲେଜ ଏହି ସଫଳତା ହାସଲ କରିପାରିଛି। ସାଇକୃପା କଲେଜର ଚେୟାରମ୍ୟାନ ଅନ୍ନଦା କୁମାର ମହାନ୍ତି ଓ ଅଧ୍ୟକ୍ଷ ଡ଼. ତୁଷାର କୁମାର ମହାନ୍ତି ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଆଗାମୀ ଦିନରେ ଯୁକ୍ତ ୨ ପଢିବାକୁ ଇଚ୍ଛୁକ ଥିବା ଛାତ୍ରଛାତ୍ରୀମାନଙ୍କୁ ସାଇକୃପାର ସଫଳତାର ଯାତ୍ରାରେ ସାମିଲ ହେବାକୁ ସମ୍ପାଦିକା ଅନୁପମା ମହାନ୍ତି ଅନୁରୋଧ କରିଛନ୍ତି।

## ବିଦ୍ୟାର୍ଥୀ ଆବାସିକ ମହାବିଦ୍ୟାଳୟର ସଫଳତା

ଢେଙ୍କାନାଳ,୨୦।୫(ସମିସ): ଢେଙ୍କାନାଳ ଜିଲ୍ଲାର ପାଇକ ଦହିଖୋରସ୍ଥିତ ବିଦ୍ୟାର୍ଥୀ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଚଳିତ ବର୍ଷ +୨ ବିଜ୍ଞାନ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଏହି ଅନୁଷ୍ଠାନର ସର୍ବମୋଟ ୧୯୪ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ରୁଦ୍ରନାରାୟଣ ଦାସ ୫୮୫ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଇପ୍‌ସିତା ଦାଶ ୫୮୪, ଶୁଭାଶିଷ ସାହୁ ୫୭୬ ନମ୍ବର ରଖି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହିପରି ୩୦ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତ ନମ୍ବର ରଖି ବଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ଚଳିତବର୍ଷ ୧୦୩ ଜଣ ପରୀକ୍ଷାର୍ଥୀ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଏଥିପାଇଁ ବିଦ୍ୟାଳୟର ଚେୟାରମ୍ୟାନ ଜ୍ଞାନେନ୍ଦ୍ର କୁମାର ସାହୁ, ଭାଇସ୍ ଚେୟାରମ୍ୟାନ ଧର୍ମେନ୍ଦ୍ର ପ୍ରସାଦ ସିଂ, ଡିନ୍ ବିଜୟ କୁମାର ପାତ୍ର, ଉପାଧ୍ୟକ୍ଷ ଶ୍ରୀବତ୍ସ ବେହେରା, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ବୃନ୍ଦ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।



## ୬ରୁ ୮ ଘଣ୍ଟା ପରିଶ୍ରମ କରୁଥିଲି: ପାର୍ଥ ସାରଥୀ



ଢେଙ୍କାନାଳ,୨୦।୫(ସମିସ): ଢେଙ୍କାନାଳ ଇଟେକ ଯୁକ୍ତଦୁଇ ଆବାସିକ ବିଜ୍ଞାନ ଉଚ୍ଚ ବିଦ୍ୟାଳୟର ଛାତ୍ର ପାର୍ଥସାରଥୀ ଖିଲାର ମୋଟ ୬ଶହ ନମ୍ବରରୁ ସର୍ବାଧିକ ୫୯୮ ନମ୍ବର ରଖି ରାଜ୍ୟର ତଥା ଜିଲ୍ଲାରଗୌରବ ବୃଦ୍ଧି କରିବା ସହିତ ଉଚ୍ଚ ବିଦ୍ୟାଳୟର ସୁନାମ ଆଣିଛନ୍ତି। ତାଙ୍କ ପ୍ରତିକ୍ରିୟାରେ ସେ କହିଛନ୍ତି ଦୈନିକ ୬ ରୁ ୮ ଘଣ୍ଟା ପରିଶ୍ରମ ସହିତ ସମସ୍ତ ଅଧ୍ୟାପକ,ଅଧ୍ୟାପିକା ମାନଙ୍କର ମାର୍ଗଦର୍ଶନ ଯୋଗୁ ଏବଂ ଅଧ୍ୟକ୍ଷଙ୍କ ଦିଗଦର୍ଶନ ଯୋଗୁ ଆଜି ମୁଁ ଏହି ସଫଳତା ପାଇପାରିଛି। ପାର୍ଥସାରଥୀଙ୍କ ଘର ଗଁଦିଆ ବ୍ଲକ ଅନ୍ତର୍ଗତ ମଠତେନ୍ତୁଳିଆ ଗାଁରେ। ସେ ପ୍ରସନ୍ନ ଖିଲାରଙ୍କ ଜ୍ୟେଷ୍ଠ ପୁତ୍ର। ବାପା ପ୍ରସନ୍ନ ଜଣେ ଚାଷୀ। ଚାଷରୁ ଯାହା ଆୟ କରନ୍ତି ସେଥିରେ ପରିବାର ପ୍ରତିପୋଷଣ ସହିତ ଦୁଇ ପିଲାଙ୍କୁ ପାଠ ପଢାନ୍ତି। ପାଠ ପଢା ସହିତ ଗୁରୁଗୁରୁଜନଙ୍କ ଆଶିର୍ବାଦକୁ ସେ ଗୁରୁତ୍ୱ ଦେଇଥିବା ବେଳେ ଭଗବାନ ଏବଂ ଗୁରୁଜନଙ୍କ ଆଶିର୍ବାଦ ଥିଲେସବୁକିଛି ହୋଇପାରିବ ବୋଲି କହିଛନ୍ତି। ସେ ଭଲ ନମ୍ବର ରଖିବେ କିନ୍ତୁ ରାଜ୍ୟରେ ଟପ୍ପରହେବେ ବୋଲି ଆଶା କରିନଥିଲେ ବୋଲି କହିଛନ୍ତି। ତାଙ୍କ ସଫଳତାକୁ ନେଇ ଅଧ୍ୟକ୍ଷ ଡ.ସୁରେଶ ମିଶ୍ର ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ମୋ ସ୍ୱପ୍ନକୁ ପାର୍ଥସାରଥୀ ପୁର୍ଣ୍ଣ କରିଛି। ମୋର ଦିର୍ଘ ୧୭ ବର୍ଷର ପ୍ରଚେଷ୍ଟାକୁ ସେ ସଫଳକରିବା ସହିତ ରାଜ୍ୟ ତଥା ଜିଲ୍ଲାରେ ଗୌରବ ଆଣିଛି ବୋଲି କହିଛନ୍ତି।

## ତୃପ୍ତି ପାଠାଗାର ପକ୍ଷରୁ ଶ୍ରଦ୍ଧାଞ୍ଜଳୀଙ୍କୁ ସମ୍ବର୍ଦ୍ଧନା

ଭୁବନ,୨୦।୫(ସମିସ): ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦର ୧୨ ନମ୍ବର ୱାର୍ଡ ଗାଦି ସାହିର ବିରଞ୍ଚି ସାଥୁଆ ମହାପାତ୍ରଙ୍କ ଝିଅ ଶ୍ରଦ୍ଧାଞ୍ଜଳି ସାଥୁଆ ମହାପାତ୍ର ଚଳିତ ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ୬୦୦ରୁ ୫୯୦ ନମ୍ବର ରଖି ଭୁବନ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଶ୍ରଦ୍ଧାଞ୍ଜଳିଙ୍କ ଏହି ସଫଳତା ପାଇଁ ତୃପ୍ତି ପାଠାଗାର ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଇଛି। ଭବିଷ୍ୟତରେ ସେ ଡାକ୍ତର ହୋଇ ତାଙ୍କ ପିଉସୀଙ୍କ ଭଳି ରୋଗୀ ସେବାରେ ବ୍ରତୀ ରହିବେ ବୋଲି କହିଛନ୍ତି। ତୃପ୍ତି ପାଠାଗାର ଅଧ୍ୟକ୍ଷ ପୂର୍ଣ୍ଣ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନଗରପାଳ ଶୁଭେନ୍ଦୁ କୁମାର ସାହୁ ପୁଷ୍ପଗୁଚ୍ଛ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।



## ସଫଳତାରେ ଶୀର୍ଷରେ ଇ-ଟେକ ଆବାସିକ ବିଦ୍ୟାଳୟ

# ୫୯୮ ନମ୍ବର ରଖି ପାର୍ଥସାରଥୀଙ୍କ ରେକର୍ଡ



ଢେଙ୍କାନାଳ,୨୦।୫(ସମିସ): ଢେଙ୍କାନାଳ ସହର ନିକଟରେ ଥିବା ଇ-ଟେକର ଛାତ୍ରଛାତ୍ରୀମାନେ ଯୁକ୍ତ ଦୁଇ ପରୀକ୍ଷାରେ ଶିକ୍ଷାନୁଷ୍ଠାନର ପୂର୍ବ ଗୌରବକୁ ପୁର୍ନସ୍ଥାପିତ କରିଛନ୍ତି। ଚଳିତ ପରୀକ୍ଷାରେ ଶତ ପ୍ରତିଶତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ଅନୁଷ୍ଠାନକୁ ସମଗ୍ର ରାଜ୍ୟର ବିଜ୍ଞାନ ଶିକ୍ଷା କ୍ଷେତ୍ରରେ ଏକ ନୂତନ ମାଇଲଷ୍ଟମ୍ବ ସ୍ଥାପନ କରିବାରେ ନୂତନ କୀର୍ତ୍ତିମାନ ସୃଷ୍ଟି କରିଛି। ଚଳିତବର୍ଷ ଇ-ଟେକ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୮୩ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ପାର୍ଥସାରଥୀ ଖିଲାର ୫୯୮ ନମ୍ବର ରଖି ଓଡିଶାରେ ଶୀର୍ଷ ସ୍ଥାନ ହାସଲକରିବାସହିତ ବିଦ୍ୟାଳୟର ୧୭ ବର୍ଷର ସ୍ୱପ୍ନ ଏବଂ ସାଧନାକୁ ଚରିତାର୍ଥ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ୧୨୯ଜଣ ୯୦ପ୍ରତିଶତରୁ ଅଧିକ ନମ୍ବର ରଖି ଇଟେକର ସୁନାମକୁ ନଭଶ୍ଚୁମ୍ବି କରାଇଛନ୍ତି। ସେହିପରି ପଦାର୍ଥ ବିଜ୍ଞାନରେ ୩୮ଜଣ, ରସାୟନ ବିଜ୍ଞାନରେ ୫୭ଜଣ, ଗଣିତରେ ୫ଜଣ, ଇଂରାଜୀରେ ୪ଜଣ, ଓଡିଆରେ ୨୦ଜଣ, ସଂସ୍କୃତରେ ୧୪ଜଣ ଛାତ୍ରଛାତ୍ରୀ ୧୦୦ରୁ ଶହେ ରଖିବାର ଗୌରବ ଅର୍ଜନ କରିଛନ୍ତି। ସେହିପରି ଇଟେକ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶତପ୍ରତିଶତ ଫଳାଫଳ ହୋଇଛି। ସେମାନଙ୍କ ମଧ୍ୟରୁ ୪ଜଣ ୯୦ ପ୍ରତିଶତ ନମ୍ବର ରଖି ପାସ୍ କରିଛନ୍ତି। ଇଟେକର ସମୟୋଚିତ ଶିକ୍ଷାଦାନ ପ୍ରଣାଳୀ ଶୃଙ୍ଖଳିତ ଶୈକ୍ଷିକ ପରିବେଶ ଏବଂ ଅଧ୍ୟକ୍ଷ ଡ.ସୁରେଶ ମିଶ୍ରଙ୍କ ନିଷ୍ଠାପର ଦିଗଦର୍ଶନ ଏହି ବର୍ଷର ଫଳାଫଳରେ ପ୍ରତିଫଳିତ ହୋଇଛି। ଏହି ଅବସରରେ ସମସ୍ତ ସଫଳ ଛାତ୍ରଛାତ୍ରୀ, ଅଭିଭାବକ, ଅଧ୍ୟାପକ ଅଧ୍ୟାପିକା, ତଥା କର୍ମଚାରୀଙ୍କୁ ଅଧ୍ୟକ୍ଷ କୃତଜ୍ଞତା ଜଣାଇଛନ୍ତି।

## ଢେଙ୍କାନାଳ କଲେଜ
# କଳା ଓ ବିଜ୍ଞାନରେ ପାସ୍‌ହାର ୯୩ ଓ ବାଣିଜ୍ୟରେ ୯୭ %



**ଶୁଭ୍ରାଶିଷ ୯୪.୬୬ ନମ୍ବର ରଖି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଟପ୍ପର**

ଢେଙ୍କାନାଳ ୨୦।୫(ସମିସ): ଢେଙ୍କାନାଳ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଚଳିତ ବର୍ଷ ଯୁକ୍ତ ଦୁଇ ପରୀକ୍ଷାରେ ଆଶାତୀତ ସଫଳତା ହାସଲ କରିଛନ୍ତି। କଳାରେ ୯୩.୪୪, ବିଜ୍ଞାନରେ ୯୩.୪୭ ଓ ବାଣିଜ୍ୟରେ ୯୭.୮୦ପ୍ରତିଶତ ଛାତ୍ରଛାତ୍ରୀ ପାସ କରିଥିବାର ଜଣାପଡିଛି। ଚଳିତ ବର୍ଷ କଳାରେ ମୋଟ ୨୪୪ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୩୪ଜଣ ପ୍ରଥମ ଶ୍ରେଣୀ, ୫୮ଜଣ ଦ୍ୱିତୀୟ ଓ ୩୬ଜଣ ତୃତୀୟ ଶ୍ରେଣୀରେ ପାସ କରିଥିବାର ଜଣାପଡିଛି। ସେହିପରି ବିଜ୍ଞାନରେ ମୋଟ ୨୪୬ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୯୨ଜଣ ପ୍ରଥମ ଶ୍ରେଣୀ, ୩୪ଜଣ ଦ୍ୱିତୀୟ ଓ ଜଣେ ତୃତୀୟ ଶ୍ରେଣୀରେ ପାସ ଓ ବାଣିଜ୍ୟରେ ମୋଟ ୯୧ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୪୦ଜଣ ପ୍ରଥମ ଶ୍ରେଣୀ, ୩୦ଜଣ ଦ୍ୱିତୀୟ ଓ ୧୯ ଜଣ ତୃତୀୟ ଶ୍ରେଣୀରେ ପାସ କରିଛନ୍ତି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମୋଟ ପାସ ହାର ୯୪.୧୪ ରହିଛି। ଚଳିତ ବର୍ଷ କମର୍ସରେ ଦେବବ୍ରତ ବେହେରା ୫୬୭ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଦିପକ ଆନନ୍ଦ ରାଉତ ୫୬୦ ଓ ବନିତା ଅଗ୍ରୱାଲ ୫୪୧ ନମ୍ବର ରଖି ତୃତୀୟସ୍ଥାନ ଅଧିକାର କରିଛନ୍ତି। କଳାରେ ଶୁଭମ କୁମାର ସାହୁ ୫୬୦,ପୂଜା ରଣା ୫୪୯ ଓ ବିଦୁସ୍ମିତା ସାହୁ ୫୪୨,ବିଜ୍ଞାନରେ ଶୁଭ୍ରାଶିଷ ବିଶ୍ୱାଳ ୫୬୮,ପ୍ରତିକ ସାହୁ ୫୬୮,ଦିଗମ୍ବର ବରାଳ ଓ ପ୍ରିୟଦର୍ଶିନୀ ପାତ୍ର ୫୬୫ ଓ ସୋନକ୍ଷୀ ସେନାପତି ୫୬୪ ନମ୍ବର ରଖି ତୃତୀୟ ସ୍ଥାନରେ ରହିଛନ୍ତି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖି ବିଜ୍ଞାନ ବିଭାଗର ଶୁଭ୍ରାଶିଷ ବିଶ୍ୱାଳ ଓ ପ୍ରତିକ ସାହୁ ସର୍ବାଧିକ ୫୬୮ ନମ୍ବର ରଖି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶ୍ରେଷ୍ଠ ଛାତ୍ରଭାବରେ ବିବେଚିତ ହୋଇଛନ୍ତି।

## ବାଣିଶ୍ରୀ ଟ୍ୟୁଟୋରିଆଲ୍‌ର ଉଲ୍ଲେଖନୀୟ ସଫଳତା



ଢେଙ୍କାନାଳ,୨୦।୫(ସମିସ): ସ୍ଥାନୀୟ କୁଞ୍ଜକାନ୍ତସ୍ଥିତ ବାଣିଶ୍ରୀ ଟ୍ୟୁଟୋରିଆଲ୍ ଚଳିତ ବର୍ଷ +୨ ବିଜ୍ଞାନରେ ଆଶାତୀତ ସଫଳତା ହାସଲ କରିଛି। ୧୦୭ ଜଣ ପରୀକ୍ଷା ଦେଇଥିବାବେଳେ ୫୬୮ ନମ୍ବର ରଖି ପ୍ରତୀକ ସାହୁ ଢେଙ୍କାନାଳ ସରକାରୀ ମହାବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ପ୍ରିୟଦର୍ଶିନୀ ପାତ୍ର ୫୬୫ ନମ୍ବର ରଖି ଢେଙ୍କାନାଳ ମହାବିଦ୍ୟାଳୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଛାତ୍ରୀ ଋତୁପର୍ଣ୍ଣା ମଲ୍ଲିକ ୫୪୧ ନଂର ରଖି ଢେଙ୍କାନାଳ ମହିଳା ମହାବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏତଦ୍‌ବ୍ୟତୀତ ରାହୁଲ ନାୟକ ୫୪୬, ଲାସ୍ୟମୟୀ ମଲ୍ଲିକ ୫୪୫, ପ୍ରିୟଙ୍କା ପାତ୍ର ୫୪୨, ଶୁଭଶ୍ରୀ ବାଙ୍କ ୫୪୧ ନଂର ରଖି ବାଣିଶ୍ରୀ ଟ୍ୟୁଟୋରିଆଲ ଓ ଢେଙ୍କାନାଳ ମହାବିଦ୍ୟାଳୟରେ କୃତିତ୍ୱ ହାସଲ କରିଛନ୍ତି।

# ହିନ୍ଦୋଳରେ ବିଜେଡିର ବିଶାଳ ମହିଳା ସମାବେଶ

ହିନ୍ଦୋଳ,୨୦।୫(ସମିସ): ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ନିର୍ବାଚନ ମଣ୍ଡଳୀରେ ବିଜେଡିର ବିଶାଳ ସମାବେଶ ଅନୁଷ୍ଠିତ ହୋଇଛି। ବିଧାୟକ ପ୍ରାର୍ଥୀ ପୂର୍ବତନ ସାଂସଦ ମହେଶ ସାହୁଙ୍କ ନେତୃତ୍ୱରେ ସାତମାଇଲ ସ୍ଥିତ ଓଡି-୧୯ ହୋଟେଲ ମିଟିଂ ହଲଠାରେ ହଜାରରୁ ଉର୍ଦ୍ଧ୍ୱ ମହିଳାଙ୍କ ଯୋଗଦାନରେ ଆୟୋଜିତ ହୋଇଛି ବିଶାଳ ନାରୀ ଅଧିକାର ସମାବେଶ। ଏଥିରେ ମୁଖ୍ୟଅତିଥି ଭାବରେ ବରିଷ୍ଠନେତ୍ରୀ ରାଜ୍ୟ ଛାତ୍ର ବିଜେଡି ସଭାପତି ଇପ୍‌ସିତା ସାହୁ ଯୋଗଦେଇ ନାରୀ ଅଧିକାର, ସମ୍ପ୍ରତି ରାଜ୍ୟରେ ବୃଦ୍ଧି ପାଉଥିବା ନାରୀ ନିର୍ଯ୍ୟାତନା ସହିତ ରାଜ୍ୟ ସରକାରଙ୍କ ବିଫଳତା ଓ ବିଜେଡି ସରକାରଙ୍କ ଜନହିତକର କାର୍ଯ୍ୟ ସମ୍ପର୍କରେ ଉଦ୍‌ବୋଧନ ଦେଇ ହିନ୍ଦୋଳବାସୀ ସର୍ବୋପରି ମହିଳାମାନେ ସଚେତନ ହୋଇ ବିଜେଡିକୁ ପୁଣିଥରେ କ୍ଷମତାସିନ କରାଇବାକୁ ଆହ୍ୱାନ ଦେଇଥିଲେ। ସେହିପରି ପୂର୍ବତନ ସାଂସଦ ମହେଶ ସାହୁ କହିଥିଲେ ଦୁଇବର୍ଷ ଭିତରେ ରାଜ୍ୟ ସରକାର ନିର୍ବାଚନ ପ୍ରତିଶ୍ରୁତି ପାଳନ ନକରି ରଙ୍ଗମାରିବା ଛଡା ଆଉ ସବୁକ୍ଷେତ୍ରରେ ଶୂନ ରହିଛି। ଅନ୍ୟମାନଙ୍କ ଭିତରେ ସମ୍ମାନିତ ଅତିଥି ଭାବରେ ଡା ଅବିନାଶ ସାମଲ ସାଂସଦ ପ୍ରାର୍ଥୀ, ସନ୍ଦୀପ ଷଡ଼ଙ୍ଗୀ ଜିଲ୍ଲା କାର୍ଯ୍ୟକାରୀ ସଭାପତି, ମମତା ସାହୁ ରାଜ୍ୟ ସାଧାରଣ ସମ୍ପାଦିକା, ତିଲୋତ୍ତମା ଚୌଧୁରୀ ଜିଲ୍ଲା ମହିଳା ବିଜେଡି ଉପସଭାପତି, ଶୁଭଲକ୍ଷ୍ମୀ ସାହୁ ଜିଲ୍ଲା ଉପସଭାପତି, ଆର୍ଯ୍ୟନ ଦାସ ଜିଲ୍ଲା ଛାତ୍ର ସଭାପତି, ମମତାଞ୍ଜଳି ବେହେରା ଜିଲ୍ଲା ସାଧାରଣ ସମ୍ପାଦିକା, ସସ୍ମିତା ରାଣୀ ନାୟକ ଜିଲ୍ଲା ସମ୍ପାଦିକା ତଥା ବ୍ଲକ ଅଧ୍ୟକ୍ଷା ଅନସୂୟା ଗଡ଼ନାୟକ, ବ୍ଲକ ମହିଳାସଭାପତି, ପ୍ରତିମା ରାଉତ ଏନଏସି ଉପାଧ୍ୟକ୍ଷା, ଅନୁପମା ସାହୁ ଏନଏସି ମହିଳା ସଭାପତି, ଦେବୀପ୍ରସାଦ ପଟ୍ଟନାୟକ ହିନ୍ଦୋଳ ବ୍ଲକ ସଭାପତି, ଜଟି ନାୟକ ଓଡାପଡାବ୍ଲକ ସଭାପତି, ପ୍ରଦ୍ୟୁମ୍ନ ବେହେରା ଏନଏସି ସଭାପତି, ଚକ୍ରଧର ଦାସ ଜିଲ୍ଲା ସାଧାରଣସମ୍ପାଦକ, ପ୍ରଶାନ୍ତ ଦାସ ଜିଲ୍ଲା ସମ୍ପାଦକ ପ୍ରମୁଖ ଉପସ୍ଥିତ ଥିଲେ।




## ଜିଲ୍ଲା କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏସନର ବନ୍ଦ ପାଳିତ

ଢେଙ୍କାନାଳ,୨୦।୫(ସମିସ): ଢେଙ୍କାନାଳ ଜିଲ୍ଲା କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏସନ ପକ୍ଷରୁ ୨୪ ଘଣ୍ଟିଆ ବନ୍ଦ ପାଳିତ ହୋଇଯାଇଛି। ସର୍ବଭାରତୀୟ ଔଷଧ ବ୍ୟବସାୟୀ ସଂଘ ଏବଂ ଉତ୍କଳ କେମିଷ୍ଟସ୍ ଓ ଡ୍ରଗିଷ୍ଟସ୍ ଆସୋସିଏସନର ଆହ୍ୱାନ କ୍ରମେ ବିଭିନ୍ନ ଦାବି ନେଇ ଜିଲ୍ଲାରେ ପ୍ରାୟ ୬ଶହରୁ ଉର୍ଦ୍ଧ୍ୱ ଔଷଧ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିଲା।ଏ ସମ୍ପର୍କିତ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ପଠାଯାଇଥିଲା। ବନ୍ଦକୁ ସମଗ୍ର ଜିଲାର ଔଷଧ ବ୍ୟବସାୟୀ, ସଂଘର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ସମର୍ଥନ କରିଥିଲେ ବୋଲି ସଂଘ ସଭାପତି ପ୍ରଦୀପ୍ତ କୁମାର ମିଶ୍ର ଓ ସଂପାଦକ ଦିଲ୍ଲୀପ କୁମାର ମିଶ୍ର ପ୍ରକାଶ କରିଛନ୍ତି।




## ୧୦୫୦ ବୋତଲ କଫସିରପ ଜବତ; ଜଣେ ଗିରଫ



ଢେଙ୍କାନାଳ,୨୦।୫(ସମିସ): ଢେଙ୍କାନାଳ ଟାଉନ୍ ଥାନା ପୁଲିସ ଏକ କାର୍‌ରୁ ବିପୁଳ ପରିମାଣର କଫ ସିରଫ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ୫୫ ନମ୍ବର ଜାତୀୟ ରାଜପଥରେ ପାଟ୍ରୋଲିଂ ବେଳେ କଂଟାନାଳୀ ବାଇପାସ ନିକଟରେ ଏକ କାର୍ (ନଂ. ଓଡି୦୨ଡି-୩୩୯୪)କୁ ଅଟକାଇ ଯାଞ୍ଚବେଳେ ସେଥିରେ ୭ଟି ପେଟିରେ ଥିବା ୧୦୫୦ ବଟଲ କଫ ସିରଫ ଥିବା ଦେଖି ଜବତ କରିଥିଲେ। ଏହି ଘଟଣାରେ ସମ୍ବଲପୁର ଅଇଁଠାପାଲି ଥାନା ସାର୍ତ୍ତୁକ କାକଙ୍କ ପୁଅ ବିବେକାନନ୍ଦ କାକ ଓରଫ ବିବେକା(୩୮)ଙ୍କୁ ଗିରଫ କରି ଥାନାକୁ ଆଣିଥିଲେ। ଏହି କଫ ସିରପ କଟକରୁ ସମ୍ବଲପୁର ଚାଲାଣ ହେଉଥିବା ସେ ପ୍ରକାଶ କରିଥିଲା। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଭୁବନରେ ବିଜେଡିର ନାରୀ ଅଧିକାର ଅଭିଯାନ

# 'ଡବଲ ଇଞ୍ଜିନ ସରକାରରେ ମହିଳା ବିପଦରେ'

ଭୁବନ,୨୦।୫(ସମିସ)

ଭୁବନ ସହରରେ କାମାକ୍ଷାନଗର ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜୁ ମହିଳା ଜନତା ଦଳ ତରଫରୁ ନାରୀ ଅଧିକାର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନଗରପାଳ ତଥା ଏନ୍‌ଏସି ବିଜେଡି ସଭାପତି ଶୁଭେନ୍ଦୁ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ପ୍ରାୟ ୨ ହଜାର ମହିଳା ଡାକବଙ୍ଗଳା ସମ୍ମୁଖରୁ ଶୋଭାଯାତ୍ରାରେ ବାହାରି ସରକାର ବିରୋଧୀ ନାରାବାଜି କରି ନୂଆ ବଜାର,

**ଲୋକସଭା ଓ ବିଧାନସଭାରେ ୩୩ ପ୍ରତିଶତ ସଂରକ୍ଷଣ ପାଇଁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**

ବସଷ୍ଟାଣ୍ଡ ଦେଇ କାଳୀ ବଜାର ଠାରେ ପହଞ୍ଚିଥିଲେ। ସହିଦ ବାଜି ରାଉତଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ ପରେ ନଗରପାଳ ଶୁଭେନ୍ଦୁ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ବିଜେଡି ସଭାପତି ଡଃ ନୃସିଂହ ଚରଣ ସାହୁଙ୍କ ସମେତ କାର୍ଯ୍ୟକାରୀ ସଭାପତି ସନ୍ଦୀପ ଷଡ଼ଙ୍ଗୀ, ନରୋତ୍ତମ ସାହୁ, ସାଂସଦ ପ୍ରାର୍ଥୀ ଡଃ ଅବିନାଶ ସାମଲ, ଭୁବନ ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ଜିଲ୍ଲା ବିଜେଡି ସଭାନେତ୍ରୀ ସାଗରିକା ମିଶ୍ର, ଉପ ସଭାନେତ୍ରୀ ତିଳୋତ୍ତମା ଚୌଧୁରୀ, ଭୁବନ ବ୍ଲକ ମହିଳା ବିଜେଡି ସଭାନେତ୍ରୀ ପୁଷ୍ପଲତା ରାଉତ, କାମାକ୍ଷାନଗର ଏନ୍‌ଏସି ସଭାନେତ୍ରୀ ରଞ୍ଜିତା ବେହେରା, ଭୁବନ ଏନ୍‌ଏସି ଉପାଧ୍ୟକ୍ଷା ମାନିନୀ, ଭୁବନ ବ୍ଲକ ପୂର୍ବତନ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ଜିଲ୍ଲା ପରିଷଦ ସଭ୍ୟ ତଥା ବ୍ଲକ ବିଜେଡି ସଭାପତି ରମେଶ ଚନ୍ଦ୍ର ସାହୁ, ଜିଲ୍ଲା ବିଜେଡି ସାଧାରଣ ସଂପାଦକ ନରେନ୍ଦ୍ର କୁମାର ସାହୁ, ଅଜୟ ସେଠୀ, ଜିଲ୍ଲା ବିଜେଡି ଉପ ସଭାପତି ସୁଧାକର ବେହେରା, ଜିଲ୍ଲା ଯୁବ ବିଜେଡି ସଭାପତି ତଥା କାମାକ୍ଷାନଗର ଚେୟାରମ୍ୟାନ ଧର୍ମାନନ୍ଦ ପରିଡ଼ା, ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ବ୍ଲକ ବିଜେଡି ସଭାପତି ଆଇନଜୀବୀ ପ୍ରଭାସ ମିଶ୍ର ପ୍ରମୁଖ ମଞ୍ଚାସିନ ହୋଇ ବକ୍ତବ୍ୟ ରଖିଥିଲେ।

ନାରୀ ନିର୍ଯାତନା, ହତ୍ୟା, ଗଣଧର୍ଷଣରେ ଓଡ଼ିଶା ସାରା ଦେଶରେ ୧ ନମ୍ବର ସ୍ଥାନ ହାସଲ କରି ବିଶ୍ୱରେ ବଦନାମ ମୁଣ୍ଡାଇଛି। ଖୋଦ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ଜଣେ ଆଦିବାସୀ କଙ୍କାଳ ବୋହି ବ୍ୟାଙ୍କକୁ ନେବା ଘଟଣା ଅନ୍ତର୍ଜାତୀୟ କ୍ଷେତ୍ରରେ ଓଡିଶାକୁ ନିନ୍ଦିତ ଓ ଅପମାନିତ କରିଛି। ଶାନ୍ତିପ୍ରିୟ ଓଡ଼ିଶାକୁ ବିଜେପି ଅଶାନ୍ତ କରିଦେଇଛି। ମହିଳା ଆଇଆଇସି ବାଲି ମାଫିଆଙ୍କ ଠାରୁ ମାଡ଼ ଖାଉଛନ୍ତି। ଡବଲ ଇଞ୍ଜିନ ସରକାରରେ ମହିଳା ବିପଦରେ ବୋଲି ବର୍ଣ୍ଣନା କରିଥିଲେ। ପରେ ନେତୃମଣ୍ଡଳୀ ଭୁବନ ତହସିଲ କାର୍ଯ୍ୟାଳୟକୁ ଯାଇ ଅତିରିକ୍ତ ତହସିଲଦାରଙ୍କୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଜେଡିର ସମସ୍ତ ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ, କାଉନସିଲର, ବିଜୁ ଯୁବ, ଛାତ୍ର, ମହିଳା କାର୍ଯ୍ୟକର୍ତ୍ତା ସକ୍ରିୟ ଅଂଶଗ୍ରହଣ ଓ ସହଯୋଗ କରିଥିଲେ।



### ଉନ୍ନୟନ କାର୍ଯ୍ୟକୁ ନେଇ ବିବାଦ ଘଟଣା

# ସମିତିସଭ୍ୟ ଓ ସରପଞ୍ଚଙ୍କ ଧାରଣା ଜାରି

ରଘୁନାଥପୁର,୨୦।୫(ସମିସ)



ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକରେ ଉନ୍ନୟନ କାର୍ଯ୍ୟ କରାଯିବାକୁ ନେଇ ପଞ୍ଚାୟତ ସମିତି ବୈଠକରେ ସ୍ଥିର ହୋଇଥିବା ପ୍ରସ୍ତାବକୁ ବିଡିଓଙ୍କ ଆଗ୍ରାହ୍ୟ ଘଟଣାରେ ସମିତିସଭ୍ୟ ଓ ସରପଞ୍ଚଙ୍କ ଧାରଣା ଜାରି ରହିଛି। ଦ୍ୱିତୀୟ ଦିନରେ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ଓ ଜିଲ୍ଲା

**ବ୍ଲକ୍‌ରେ ଉପଜିଲ୍ଲାପାଳ ଓ ପିଡିଙ୍କ ଘନଘନ ବୈଠକ**

ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅକ୍ଷୟ ପିଲେ ବ୍ଲକରେ ପହଞ୍ଚି ବିଡିଓ ବିରଞ୍ଚି ନାରାୟଣ ବେହେରା, ପଞ୍ଚାୟତସମିତି ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା ଓ ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀଙ୍କ ସହ ଆଲୋଚନା ଜାରି ରଖିଛନ୍ତି। ଏଥିମଧ୍ୟରେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ୩୬ ଘଣ୍ଟା ବିତି ଯାଇଥିଲେ ସୁଧା କୌଣସି ନିର୍ଯ୍ୟାସ ବାହାରିପାରି ନାହିଁ। ଅସହ୍ୟ ଗରମ ସତ୍ତ୍ୱେ ସମିତି ସଭ୍ୟ ଓ ସରପଞ୍ଚମାନେ ବ୍ଲକ କାର୍ଯ୍ୟାଳୟରେ ସମ୍ମୁଖରେ ବସିରହି ନିଜ ଜିଦିରେ ଅଟଳ ରହିଛନ୍ତି।

ଏହି କ୍ରମରେ ବୁଧବାର ବିଜେଡି ପୂର୍ବତନ ଜିଲ୍ଲା ସଭାପତି ରବିନାରାୟଣ ଜେନା, କଟକ ସଦର ପୂର୍ବତନ ବ୍ଲକ ଅଧ୍ୟକ୍ଷ ସତ୍ୟ ଜେନା, ପଡୋଶୀ ବିରିଡ଼ି ବ୍ଲକ ମଙ୍ଗୁଲି ପଞ୍ଚାୟତର ସରପଞ୍ଚ ନିରଞ୍ଜନ ସେଠୀ ଓ ଏରସମା ବାଲିକୁଦା ବିଧାୟକ ଶାରଦା ଜେନା ଧାରଣାସ୍ଥଳରେ ପହଞ୍ଚି ଧାରଣାରତ ସଭ୍ୟ, ସରପଞ୍ଚମାନଙ୍କୁ ନୈତିକ ସମର୍ଥନ ଜଣାଇବା ସହ ବିଡିଓଙ୍କ ଏତାଦୃଶ କାର୍ଯ୍ୟ ଗଣତନ୍ତ୍ରର ପରିପନ୍ଥୀ ବୋଲି ପ୍ରକାଶ କରିଛନ୍ତି। ଧିରେ ଧିରେ ପ୍ରଶାସନିକ ଅଧିକାରୀ ଓ ଜନପ୍ରତିନିଧିଙ୍କ ମଧ୍ୟରେ ବିବାଦ ଉତ୍କଟ ରୂପ ନେଉଥିବା ବେଳେ ବିଜେଡି ଦଳୀୟ କର୍ମୀଙ୍କ ମହଲରେ ଏହା ନିରୁତ୍ସାହିତ ସୃଷ୍ଟି କରିଛି। ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧିଙ୍କୁ ସମର୍ଥନ କରି ସେମାନଙ୍କ ସମର୍ଥକମାନେ ଆନ୍ଦୋଳନକୁ ଜୋରଦାର କରିବା ପାଇଁ ଅଗ୍ରସର ହେଉଥିବା ସୂଚନା ମିଳିଛି। ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ତିର୍ତ୍ତୋଲ ଏସ୍‌ଡିପିଓ ଅଜୟ କୁମାର ଦାସ, ଜଗତସିଂହପୁର ଏସ୍‌ଡିପିଓ ରାଜୀବ କୁମାର ବେହେରା, ରଘୁନାଥପୁର ଆଇଆଇସି ପ୍ରେମଜିତ ଦାସ ୨ ପ୍ଲାଟୁନ ଫୋର୍ସ ସହ ଘଟଣାସ୍ଥଳରେ ଉପସ୍ଥିତ ଅଛନ୍ତି।

ରିପୋର୍ଟ ଲେଖାହେବ ପର୍ଯ୍ୟନ୍ତ ଉପଜିଲ୍ଲାପାଳ, ପିଡିଙ୍କ ସହ ପଞ୍ଚାୟତ ପ୍ରତିନିଧିଙ୍କ ଆଲୋଚନା ଜାରି ରହିଥିବା ବେଳେ କୌଣସି ନିର୍ଯ୍ୟାସ ବାହାରି ପାରିନାହିଁ। ଅନ୍ୟପକ୍ଷେ ପଞ୍ଚାୟତ ସମିତିକୁ ସମ୍ମାନ ନ ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସମିତିସଭ୍ୟ, ସରପଞ୍ଚ ଚେତାବନୀ ଦେଇଛନ୍ତି।

## ସାମାଜିକ ପ୍ରଭାବ ଆକଳନକୁ ନେଇ ଜନଶୁଣାଣି



ପାରାଦୀପ,୨୦।୫(ସମିସ): ପାରାଦୀପ ଉପକଣ୍ଠ କୁଜଙ୍ଗ ବ୍ଲକ କୋଠୀ ପଞ୍ଚାୟତରେ ଆଜି ଇଡ୍‌କୋ ପକ୍ଷରୁ ସହରାଞ୍ଚଳ ସ୍ଥାପନ ଉଦ୍ଦେଶ୍ୟରେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ସମ୍ବନ୍ଧୀୟ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଜନଶୁଣାଣିରେ ବିଭିନ୍ନ ଗ୍ରାମର ଜମିମାଲିକମାନେ ଯୋଗଦେଇ ନିଜ ଦାବି ଉପସ୍ଥାପନ କରିଛନ୍ତି। କୁଜଙ୍ଗ ବ୍ଲକ କୋଠୀ ପଞ୍ଚାୟତ ପରିସରରେ ଇଡ୍‌କୋ ପକ୍ଷରୁ ଆୟୋଜିତ ଏହି ଜନଶୁଣାଣିରେ ସିଜୁ, ନୁଣୁକୁଆ, କୋଠୀ, ଶାସନ ଓ ଉଚ୍ଛବାନନ୍ଦପୁର ଡିଆ ସହ ବିଭିନ୍ନ ଗ୍ରାମରୁ ଶତାଧିକ ଜମିମାଲିକ ଉପସ୍ଥିତ ଥିଲେ। ସୂଚନା ଅନୁସାରେ, ସହରାଞ୍ଚଳ ସ୍ଥାପନ ପାଇଁ କୋଠୀ ପଞ୍ଚାୟତର ପ୍ରାୟ ୭୮ ଏକରରୁ ଅଧିକ ଚାଷ ଜମି ଅଧିଗ୍ରହଣ କରାଯିବ। ତେବେ ଜମି ହରାଇବାକୁ ଯାଉଥିବା ଚାଷୀମାନେ ଚାଷ ଜମିର ସଠିକ୍ ମୂଲ୍ୟ ନିର୍ଦ୍ଧାରଣ, ଯଥୋଚିତ କ୍ଷତିପୂରଣ ଓ ପୁନର୍ବାସ ଦାବି କରିଛନ୍ତି। ଏହାସହ ପାରିପାର୍ଶ୍ୱିକ ବିକାଶ, ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ, ରାସ୍ତା ଓ ପାନୀୟଜଳ ସୁବିଧା ଯୋଗାଇବାକୁ ମଧ୍ୟ ଦାବୀ ହୋଇଛି। ଜମିମାଲିକମାନେ ଏକର ପିଛା ୪ କୋଟି ଟଙ୍କା କ୍ଷତିପୂରଣ ଦେବାକୁ ଦାବି ଉଠାଇଛନ୍ତି। ଜନଶୁଣାଣି ସମୟରେ ଜମିମାଲିକମାନେ ନିଜ ମତାମତ ଓ ଦାବି ଇଡ୍‌କୋ କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ରଖିଥିଲେ। ଏବେ ଆଗାମୀ ଦିନରେ ଇଡ୍‌କୋ ପକ୍ଷରୁ କେମିତି ପଦକ୍ଷେପ ଗ୍ରହଣ କରାଯିବ, ତାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।

## ଶିଶୁବିଦ୍ୟାମନ୍ଦିର ମାଟ୍ରିକ୍ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ବିରିଡ଼ି,୨୦।୫(ସମିସ): ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ବତୀମିରା ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ଛାତ୍ରଛାତ୍ରୀ ଶତପ୍ରତିଶତ କୃତକାର୍ଯ୍ୟ ହୋଇଛନ୍ତି। ଏଥିରେ ସାଇଶୁଭସ୍ମିତା ସ୍ୱାଇଁ ଏକମାତ୍ର ଛାତ୍ରୀ ୫୪୩ନମ୍ବର ରଖି ଏ-ୱାନରେ ପାସ କରି ବିଦ୍ୟାଳୟର ତଥା ବ୍ଲକର ସୁନାମ ବଜାୟ ରଖିଛନ୍ତି। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟର ସଭାପତି ଉଷାରାଣୀ ବୋଷ ପୌରୋହିତ କରିଥିଲେ। ଏଥିରେ ସମ୍ପାଦକ ବିକ୍ରମ କୁମାର ଦାଶ, ଉପସଭାପତି ବାସନ୍ତରଞ୍ଜନ ରାୟ, ଯୁଗ୍ମ ସମ୍ପାଦକ ବଳରାମ ମଲ୍ଲିକ, ପୂର୍ବତନ ସମ୍ପାଦକ ସୁଧାକର ସ୍ୱାଇଁ, ସଭ୍ୟ ପ୍ରମୋଦ କୁମାର ଲେଙ୍କା ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟା ସୁବାସିନୀ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ପରେ ଏ-୧ ଛାତ୍ରୀ ସାଇ ଶୁଭସ୍ମିତା ସ୍ୱାଇଁଙ୍କ ସମେତ ଏ-୨ ଛାତ୍ର ଶ୍ରୀଲେଖା ସ୍ୱାଇଁ, ଅନନ୍ୟା ଦାସ, ଆଶୁତୋଷ ଜେନା, ମହମ୍ମଦ କମରନ ନାଜିରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ମଧୁସୂଦନ ନାୟକ ସଞ୍ଚାଳନା କରିଥିବା ବେଳେ ହରିହର ସାହୁ, ପ୍ରଦ୍ୟୁମ୍ନ ବେହେରା, ଚିନାନି ସ୍ୱାଇଁ, କୃଷ୍ଣପ୍ରିୟା ସାହୁ, ଅନୁପମା ଜେନା, ରିକିନା ଦାଶ, କଲ୍ୟାଣୀ ଦାସ, ସ୍ୱର୍ଣ୍ଣଲତା ସାହୁ, ସଂଗ୍ରାମ ପଣ୍ଡା, ପ୍ରିୟା ରାଉତ, ସୁରେନ୍ଦ୍ର ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଚଳିତ ବର୍ଷ ଏ-୨ରେ ୪ଜଣ, ବି-୧ରେ ୬ଜଣ, ବି-୨ରେ ୯ଜଣ, ସି- ରେ ୭ଜଣ, ଡି-ରେ ୧ଜଣ ଓ ଇ-ରେ ୧ଜଣ ପାସ କରିଥିବା ଜଣାପଡିଛି।

## ଜିଲ୍ଲା ମାଟ୍ରିକ ଟପ୍ପରକୁ ସମ୍ବର୍ଦ୍ଧନା



ନାଉଗାଁ,୨୦।୫(ସମିସ): ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ନାଉଗାଁ ହାଟ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଗାୟତ୍ରୀ ପଲେଇ ଜଗତସିଂହପୁର ଜିଲ୍ଲାରେ ସର୍ବାଧିକ ୫୭୬ ନମ୍ବର ରଖି ଜିଲ୍ଲା ଟପ୍ପର ହୋଇଥିବାରୁ ଏମ୍‌ବିଡି ପବ୍ଲିକେସନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ନାଉଗାଁ ହାଟ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷୀ ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ସଭାରେ ସମ୍ମାନିତ ଅତିଥି ରୂପେ ପୂର୍ବତନ ପ୍ରଧାନ ଶିକ୍ଷକ ନିରଞ୍ଜନ ମହାନ୍ତି, ଏମ୍‌ବିଡି ପବ୍ଲିକେସନର ଏରିଆ ମାର୍କେଟିଂ କାର୍ଯ୍ୟନିର୍ବାହୀ ଅଧିକାରୀ ଉମାକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ଟପ୍ପର ହୋଇଥିବା ଗାୟତ୍ରୀ ଓ ଏ-୧ ପାଇଥିବା ଆଦ୍ୟେଶା ସେଠୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରିଡା ଟୁଟୋରିଆଲାସ୍ର ମୁଖ୍ୟ ମନୋଜ ପରିଡା ଧନ୍ୟବାଦ ପ୍ରଦାନ କରିଥିଲେ।

## ଡାକ୍ତର ଲୋକନାଥ ସାହୁଙ୍କୁ ସେବା ସମ୍ମାନ




ବିରିଡି,୨୦।୫(ସମିସ): ଡାକ୍ତର ହୋଇ ମାନବ ସେବାକୁ ମାଧବ ସେବା ଭାବେ ନିଜକୁ ସମାଜ ପାଇଁ ଉତ୍ସର୍ଗୀକୃତ କରିଦେଇଥିବା ଜଗତସିଂହପୁର ଜିଲ୍ଲା ବିରିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆଦର୍ଶ ତଥା କୋଭିଡ ଯୋଦ୍ଧା ଭାବେ ପରିଚିତ ଡାକ୍ତର ଲୋକନାଥ ସାହୁଙ୍କୁ ସେବାସମ୍ମାନରେ ସମ୍ମାନିତ କରାଯାଇଛ। ପ୍ରହଲ୍ଲାଦ ସ୍ମୃତି କମିଟି ପକ୍ଷରୁ ଏହି ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ସମାଜସେବୀ ଲିଙ୍ଗରାଜ ମଲ୍ଲ, ଆଶିଷ କାନୁନଗୋ, ଜୟନ୍ତ ଦାସ, ସ୍ମୃତି କମିଟି ସଭାପତି ତ୍ରୈଲୋକ୍ୟ ଜେନା, ଅରୁଣ ଦାସ, ନିକୁଞ୍ଜ ବିହାରୀ ଭଞ୍ଜ, ପ୍ରଶାନ୍ତ ଦାସ, ଶିଶିର ଦାସ, ରାହୁଲ ସେଠୀ, ନାରାୟଣ ଭୋଳ, ପିତାମ୍ବର ମହାପାତ୍ର, ପ୍ରଫୁଲ ସେଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଡାକ୍ତର ଶ୍ରୀ ସାହୁଙ୍କୁ ଉତ୍ତରୀୟ, ମାନପତ୍ର ଓ ଫୁଲତୋଡ଼ା ଦେଇ ସମ୍ମାନିତ କରିଥିଲେ। ତାଙ୍କର ନିଷ୍ଠାପର ରୋଗୀସେବା ପାଇଁ ଏହି ସମ୍ମାନ ମିଳିଥିବାରୁ ଶିକ୍ଷାବିତ ବିଜୟ କୁମାର ମିଶ୍ର, ବିଭୂପ୍ରସାଦ ଦାସ, ରାଜେଶ ଦାଶ, ଶିବପ୍ରସାଦ ଦାସ, ବସନ୍ତ ବେହେରା, ବନବିହାରୀ ରାଉତ, ରାଜକିଶୋର ସ୍ୱାଇଁ, ସୁବ୍ରତ ପ୍ରଧାନ, ଓ ଅନ୍ୟମାନେ ଶୁଭେଚ୍ଛା ଜଣାଇଛନ୍ତି।

## ଜୋନସ୍ତରୀୟ ଜନ ଆକ୍ରୋଶ ମହିଳା ସମାବେଶ

ନାଉଗାଁ,୨୦।୫(ସମିସ): ଜଗତସିଂହପୁର ଜିଲ୍ଲା ଅଧିନ ନାଉଗାଁ ବ୍ଲକର ଗଙ୍ଗଦା ନିକଟରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଜୋନସ୍ତରୀୟ ଜନ ଆକ୍ରୋଶ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶତାଧିକ ମହିଳା ପ୍ରଥମେ ଗଙ୍ଗଦା ବଜାରରୁ ଏକ ଶୋଭାଯାତ୍ରା ଜରିଆରେ ସଭାସ୍ଥଳୀ ପର୍ଯ୍ୟନ୍ତ ଆସିଥିଲେ। ଅନୁଷ୍ଠିତ ଏହି ସମାବେଶ ମୁଖ୍ୟଅତିଥି ରୂପେ ଭାରତୀୟ ଜନତା ପାର୍ଟିର ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଉପେନ୍ଦ୍ର ନାଥ ବିଶ୍ୱାଳ ଯୋଗଦେଇଥିଲେ। ଏହି ସଭାରେ ସମ୍ମାନିତ ଅତିଥି ରୂପେ ଉକ୍ତ ମଣ୍ଡଳ ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ନିଗ୍ଧା ରାଉତ ଯୋଗଦେଇଥିଲେ। ଜୋନ-୨ର ମଣ୍ଡଳ ସଭାପତି ନିଗମାନନ୍ଦ ପରିଡା, ମଣ୍ଡଳ ପ୍ରତିନିଧି ବିଷ୍ଣୁ ଚରଣ ବେହେରା, ବିଜେପି ନେତା ପ୍ରଶାନ୍ତ ମିଶ୍ର ଯୋଗଦେଇଥିବା ବେଳେ ମଣ୍ଡଳ ସମ୍ପାଦକ ଧରଣୀ ଧର ସ୍ୱାଇଁ ପରିଚାଳନା କରିଥିଲେ।

## ବାଦିପାଲା ପ୍ରସ୍ତୁତି ବୈଠକ

ବାଲିକୁଦା,୨୦।୫(ସମିସ): ବାଲିକୁଦା ବ୍ଲକ କୃଷ୍ଣଦାସପୁର ପଞ୍ଚାୟତ ଆଳୁପଦା ସ୍ଥିତ ବହୁ ପୁରାତନ ଐତିହ୍ୟ ସମ୍ପର୍ଣ୍ଣ ସତ୍ୟନାରାୟଣ ପାଲା ମଣ୍ଡପରେ ବାଦିପାଲା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ପାଲା ଗାୟକ ସମ୍ରାଟ ଲକ୍ଷ୍ମୀଧର ରାଉତ ଗାୟକ ବାଚସ୍ପତି ବନବିହାରୀ ଗ୍ରହଚାର୍ଯ୍ୟଙ୍କ ମଧ୍ୟରେ ବାଦିପାଲା ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ଆସନ୍ତା ୨୩ରୁ ୨୫ ତାରିଖ ୩ ଧରି ଧରି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ପ୍ରସ୍ତୁତି ବୈଠକରେ ପ୍ରତାପ ଚନ୍ଦ୍ର ରାଉତରାୟ ଅଧ୍ୟକ୍ଷତା କରିଥିବା ବେଳେ କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ନିବେଦନ କରିଥିଲେ।

## ପାରାଦୀପରେ ଏସ୍‌ଆଇଆର୍ ପ୍ରସ୍ତୁତି ବୈଠକ

ପାରାଦୀପ, ୨୦।୫ (ସମିସ): ପାରାଦୀପର ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ପାରାଦୀପ ପୌରପାଳିକା ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, କୁଜଙ୍ଗ ତହସିଲଦାର ସ୍ୱରୂପ ନନ୍ଦନ ବେହେରା, କୁଜଙ୍ଗ ବିଡିଓ ଦୀପକ ପ୍ରସାଦ ସ୍ୱାଇଁ, ତିର୍ତ୍ତୋଲ ତହସିଲଦାର ମହେଶ୍ୱର ବେହେରା, ପାରାଦୀପ ଉପଜିଲ୍ଲାପାଳ ସୟଦା ନୟେଲା, ସହକାରୀ ନିର୍ବାଚନ ପଞ୍ଜିକରଣ ଅଧିକାରୀ (ଏଇଆରଓ)ଙ୍କ ସମେତ ବିଜେପି, ବିଜେଡି, କଂଗ୍ରେସ, ବିଏସପିର ରାଜନୈତିକ ଦଳର ନେତା ତଥା ପ୍ରତିନିଧି ମାନେ ଉପସ୍ଥିତ ଥିଲେ କ୍ଷ ଭୋଟର ତାଲିକାକୁ ଅଧିକ ସଠିକ୍, ସ୍ୱଚ୍ଛ, ନିର୍ଭୁଲ ଏବଂ ନିର୍ଭରଯୋଗ୍ୟ କରିବା ଏବଂ ଏଥିରେ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ) ମାନଙ୍କ ଭୂମିକା, ମ୍ୟାପିଂ ପ୍ରକ୍ରିୟା ଏବଂ ଭୋଟର ସତ୍ୟାପନ ପ୍ରକ୍ରିୟା ଉପରେ ବିଶେଷ ଆଲୋଚନା କରାଯାଇଥିଲା।

## କୁଜଙ୍ଗ ବଜାରରେ ଜବର ଦଖଲ ଉଚ୍ଛେଦ



କୁଜଙ୍ଗ, ୨୦।୫(ସମିସ): କଟକ-ପାରାଦୀପ ରାଜ୍ୟ ରାଜପଥ କୁଜଙ୍ଗ ବଜାରରେ ଆଜି ସରକାରୀ ଜମିରେ ବେଆଇନ ନିର୍ମାଣ ଓ ଅସ୍ଥାୟୀ ଦୋକାନ ଘରଗୁଡିକୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। କୁଜଙ୍ଗ ପୋଷ୍ଟ ଅଫିସ ପାଖରୁ ଏହି ଅଭିଯାନ ଆରମ୍ଭ ହୋଇ କୁଜଙ୍ଗ ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା କ୍ୟାବିନ ଓ ଦୋକାନ ଘରକୁ ଭଙ୍ଗା ଯାଇଥିଲା। ଏହି ଉଚ୍ଛେଦ ପକ୍ରିୟାରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି ଫୁଟପାଥ ଉଠାଦୋକାନୀ ମାନେ। ସେମାନଙ୍କର କହିବା କଥା, କୁଜଙ୍ଗ ବଜାର ସମ୍ପୂର୍ଣ୍ଣ ଜବର ଦଖଲ ହୋଇରହିଛି। ମେଡିକାଲ ରାସ୍ତାରେ ରୋଗୀ କିମ୍ବା ଦୁର୍ଘଟଣା ଜନିତ ଗୁରୁତର ବ୍ୟକ୍ତିଙ୍କ ଆମ୍ବୁଲାନ୍ସ ପହଞ୍ଚିପାରୁନି। ରାସ୍ତା କଡରେ ୨/୩ ମହଲା ବେଆଇନ ଘର ଠିଆହେଇଛି। ହେଲେ ସେମାନଙ୍କୁ ଉଚ୍ଛେଦ ନକରି, ଯେଉଁଠି ରାସ୍ତା ଅବରୋଧ ଅଛି ସେଠି ଉଚ୍ଛେଦ ନକରି ରାସ୍ତା କଡ଼ରେ ଥିବା ଚା' ଦୋକାନ, ପାନ ଦୋକାନ ଭାଙ୍ଗି ପକାଇବା କେତେଦୂର ଯୁକ୍ତିଯୁକ୍ତ ବୋଲି କୋହଭରା କଣ୍ଠରେ ପ୍ରକାଶ କରିଛନ୍ତି ବ୍ୟବସାୟୀ ମାନେ। ଆଜିର ଏହି ଉଚ୍ଛେଦ ପକ୍ରିୟାରେ ଜିଲ୍ଲାପାଳ ଜେ. ସୋନାଲ, ପାରାଦୀପ ଏଡିଏମ୍ ନିରଞ୍ଜନ ବେହେରା, ତହସିଲଦାର ସ୍ୱରୁପ ନନ୍ଦନ ବେହେରା, ଅତିରିକ୍ତ ତହସିଲଦାର ବ୍ୟୋମକେଶ ପ୍ରଧାନ, ଉପ ଆରକ୍ଷୀ ଅଧିକ୍ଷକ ଅଜୟ କୁମାର ଦାସ ଓ କୁଜଙ୍ଗ ଥାନା ଅଧିକାରୀ ଶିବାଶିଷ ଦାସଙ୍କ ସମେତ ବ୍ୟାପକ ପୁଲିସ ଫୋର୍ସ ମୁତୟନ ହୋଇଥିଲେ।

## କପୁରାବେଲାରୀ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା



ବାଲିକୁଦା,୨୦।୫(ସମିସ): ବରମୁଣ୍ଡଳୀ ଆଞ୍ଚଳିକ ସାଧନ କେନ୍ଦ୍ର ପକ୍ଷରୁ ଫୁଲୁବେଲାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାର୍କଣ୍ଡ ସେଠୀଙ୍କ ପୌରାହିତ୍ୟରେ ଏକ ସମ୍ବର୍ଦ୍ଧନା ସଭା ବରଦିଆ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ତପନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ ସିଆର୍‌ସିସି ଅମୀୟ ମୁଦୁଲି, ସମ୍ମାନିତ ଅତିଥିଭାବେ ବରଦିଆ ପ୍ରଧାନ ଶିକ୍ଷୟିତ୍ରୀ ମମତା ଶତପଥୀ ଯୋଗ ଦେଇ କପୁରାବେଲାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶୀଲ ରାୟଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ପରିଚୟ ଶିକ୍ଷକ ସନ୍ତୋଷ କୁମାର ବିଶ୍ୱାଳ ପ୍ରଦାନ କରିଥିବା ବେଳେ ମାନପତ୍ର ପଠନ ଅଞ୍ଜଳି ମହାନ୍ତି ପାଠ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ରମେଶ ଚନ୍ଦ୍ର ପରିଡା, ପ୍ରଫୁଲ୍ଲ ସାହୁ, ଶୁଭନାରାୟଣ ବେହେରା, କାନନ ସାହୁ, ଆଲୋକ ପଣ୍ଡା, ମଣ୍ଟୁ ବେହେରା, ତ୍ରିଲୋଚନ ବିଶ୍ୱାଳ, ମନମୋହନ ଓଝା, ଉମେଶ ଦାସ, ଶିକ୍ଷୟିତ୍ରୀ ତୃପ୍ତିରେଖା ଦାସ, ଜଲଫା ମହାନ୍ତି, ରାନୁ ଜେନା, ପ୍ରଭାତୀ ଭୋଳ, କଲ୍ୟାଣୀ ନାୟକ, ଜିଙ୍ଗ୍ଜାଜ୍ୟୋତି ପଟ୍ଟନାୟକ, ଅନୁପମା ସିଂ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ଅଜିତ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ପରୀକ୍ଷାରେ ଫେଲ୍ ହେବାରୁ ଛାତ୍ରଙ୍କ ଆତ୍ମହତ୍ୟା



ପାରାଦୀପ, ୨୦।୫ (ସମିସ): ପାରାଦୀପ ଲକ୍ ଥାନା ଅଧୀନ ଚୂନ ଗ୍ରାମରେ ଜଣେ ଯୁକ୍ତ ଦୁଇ ଶ୍ରେଣୀର ଛାତ୍ର ପରୀକ୍ଷାରେ ଫେଲ ହୋଇଥିବାରୁ ବେକରେ ଲୁଗା ବାନ୍ଧି ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଥାନା ସୂଚନା ଅନୁଯାୟୀ ଆଜି ଅପରାହ୍ନରେ ଯୁକ୍ତ ଦୁଇ ପରୀକ୍ଷା ଫଳ ପ୍ରକାଶ ପାଇଥିଲା। ତେବେ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ଚୂନ ଗ୍ରାମର ସୁବାସ ଓଝାଙ୍କ ପୁଅ ସାଇସୌମ୍ୟ ଓଝା ପରୀକ୍ଷାରେ ଫେଲ ହୋଇଥିବା ଜଣାପଡ଼ିଥିଲା। ଏନେଇ ସେ କାହାକୁ କିଛି ନକହି ତାଙ୍କର ଥିବା ଆଜବେଷ୍ଟ ଘରେ ବେକରେ ଲୁଗା ବାନ୍ଧି କାଠରେ ଓହଳି ପଡିଥିଲେ। ତେବେ ପରିବାର ଲୋକେ ଖୋଜାଖୋଜି କରିବାରୁ ସାଇସୌମ୍ୟ ଘରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ଲକ୍ ଥାନା ପୁଲିସକୁ ଜଣାଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାତ୍ରର ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ସନ୍ଧ୍ୟା ହୋଇଯାଇଥିବାରୁ ଆସନ୍ତାକାଲି ବ୍ୟବଚ୍ଛେଦ କରାଯିବ। ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ବାଲିକୁଦା ପଞ୍ଚାୟତ ସମିତିର ସାଧାରଣ ବୈଠକ

ବାଲିକୁଦା,୨୦।୫(ସମିସ)




ବାଲିକୁଦା ବ୍ଲକ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତ ସମିତିର ନବମ ସାଧାରଣ ବୈଠକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ସାଂସଦ ପ୍ରତିନିଧି ପ୍ରଶାନ୍ତ କୁମାର ସ୍ୱାଇଁ, ବିଡିଓ ସାଗର କୁମାର ନନ୍ଦ, ବ୍ଲକ ଉପାଧ୍ୟକ୍ଷା ପ୍ରିୟମ୍ବଦା ପଲାଉର, ଅତିରିକ୍ତ ବିଡିଓ ସ୍ମାରକ ରଞ୍ଜନ ମହାନ୍ତି, ଅତିରିକ୍ତ ତହସିଲଦାର ଟିଙ୍କି ନାଏକ ପ୍ରମୁଖ ଉପସ୍ଥିତ ରହି ନିର୍ବାଚିତ ପ୍ରତିନିଧିମାନଙ୍କ ଅଭିଯୋଗ ଶୁଣିଥିଲେ। ବୈଠକ ପୂର୍ବରୁ ବ୍ଲକ ମୁଖ୍ୟଫାଟକ ନିକଟରେ ବାହାରଣା ପଞ୍ଚାୟତର ଗୀତାଞ୍ଜଳି ସାହୁ ଆବାସ ଯୋଜନାରୁ ତାଙ୍କ ନାମ ବାଦ ଦିଆଯାଇଥିବା ନେଇ ଧାରଣାରେ ବସିଥିଲେ। ଏପରି ସ୍ଥିତିରେ ବିଡିଓ ସାଗର କୁମାର ନନ୍ଦ ଆସି ତାଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ ପାଇଁ ପ୍ରତିଶୃତି ଦେଇଥିଲେ। ପରବର୍ତ୍ତୀ ସମୟରେ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ ଗୀତାଞ୍ଜଳି ସାହୁଙ୍କୁ ଘର ମିଳିବା ନେଇ ସେ ସମସ୍ତ ଉଦ୍ୟମ କରିବେ ବୋଲି କହିବା ପରେ ଧାରଣାରୁ ଉଠିଥିଲେ ଗୀତାଞ୍ଜଳି। ପରେ ସମତି ବୈଠକରେ ବାରମ୍ବାର ଅଭିଯୋଗ ପରେ ମଧ୍ୟ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ସମସ୍ୟାର ସମାଧାନ ହେଉ ନଥିବା ନେଇ ସରପଞ୍ଚ ରାଜକିଶୋର ସାହୁ କ୍ଷୋଭ ପ୍ରକାଶ କରିବା ସହ ବାରମ୍ବାର ଜିଲ୍ଲାପାଳଙ୍କୁ ଅଭିଯୋଗ ଓ ପଞ୍ଚାୟତ ସମିତି ବୈଠକରେ ଏହି ସମସ୍ୟା ସମ୍ପର୍କରେ ଅଭିଯୋଗ କରିଥିଲେ ମଧ୍ୟ ଏହା କେବଳ ପ୍ରହସନ ପାଲଟିଛି ବୋଲି କହିଥିଲେ। ଏପରିକି ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ରାସନ କାର୍ଡ ବିଭାଗକୁ ଏକ ନୂଆ ଗୃହ ପ୍ରଦାନ, ସହ ବାଲିକୁଦା ମୁଖ୍ୟ ବଜାରରେ ଡ୍ରେନେଜ ସମସ୍ୟାର ସମାଧାନ କେବେ ବୋଲି ପ୍ରଶ୍ନ କରିଥିଲେ। ସେହିପରି ଜଳସମ୍ପଦ ବିଭାଗ ଦ୍ୱାରା ଅଞ୍ଜିରା ଠାରୁ ବାଲିଯାତ୍ରା ପଡିଆ ପର୍ଯ୍ୟନ୍ତ ନିର୍ମାଣ ହେଉଥିବା ରାସ୍ତାକୁ କେନାଲ ବନ୍ଧ ପର୍ଯ୍ୟନ୍ତ ସଂଯୋଗୀ କରଣ ପାଇଁ ପ୍ରସ୍ତାବ ସହ ହାଇମାକ୍ସ ଲାଇଟ ଅଚଳ ପରେ ଏହାର ସଚଳ କରାଇବା ଦାୟିତ୍ୱ କାହାର ଓ ଏଥିପାଇଁ ଅନୁଦାନ କେଉଁଠୁ ଆସିବ ବୋଲି ପ୍ରଶ୍ନ କରିଥିଲେ। ସେହିପରି ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ଦ୍ୱାରା ଅସହ୍ୟ ଖରାରେ ପାଣି ସଠିକ ଭାବେ ପହଞ୍ଚି ନଥିବା ଅଭିଯୋଗ ଆସିଥିବା ବେଳେ ପାଇପ ବିଛାଇବା ସମୟରେ ଢଳେଇ ରାସ୍ତା ତାଡ଼ି ପରବର୍ତ୍ତୀ ସମୟରେ ଏହାକୁ ଖାଲ କରି ଛାଡି ଦେଉଥିବା ଏବଂ ଫାଟି ଯାଉଥିବା ପାଇପ୍ ସଠିକ ସମୟରେ ମରାମତି ବିଭାଗ ପକ୍ଷରୁ କରାଯାଉନଥିବା କାରଣରୁ ପାଣି ବାହାରେ ନଷ୍ଟ ହେଉଥିବା ବେଳେ ଲୋକେ ପାଣି ପାଉ ନଥିବା ନେଇ ଅଭିଯୋଗ କରିଥିଲେ ଅନେକ ଜନ ପ୍ରତିନିଧି। ଜିଲ୍ଲାପରିଷଦ ସଭ୍ୟା ଡଲି ପଣ୍ଡା ଅଭିଯୋଗ କରିଥିଲେ କି କୌଣସି ପଦ ପଦବୀରେ ନଥିବା କିମ୍ବା ଜନପ୍ରତିନିଧି ନହୋଇ ମଧ୍ୟ ନିର୍ମାଣଧୀନ କାର୍ଯ୍ୟର ଫଳକ ଉଦ୍‌ଘାଟନ କରୁଛନ୍ତି ଅନେକ ବ୍ୟକ୍ତି। ବ୍ଲକ ପ୍ରଶାସନ କିଭଳି ଏହା କରିବାର ସୁଯୋଗ ଦେଉଛି ତାହାକୁ ନେଇ ପ୍ରଶ୍ନ କରିଥିଲେ। ପଞ୍ଚାୟତ ସମିତି ବୈଠକ ଚାଲିଥିବା ବେଳେ ଖବର ସଂଗ୍ରହ ପାଇଁ ଯାଇଥିବା କିଛି ସାମ୍ବାଦିକଙ୍କୁ ବିଡିଓ ଭିତରକୁ ପ୍ରବେଶ କରାଇ ନ ଦେଇ କବାଟ କିଳି ଦେଇଥିଲେ। ଯାହାକୁ ନେଇ ସାମ୍ବାଦିକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏନେଇ ବିଧାୟକ ଶ୍ରୀ ଜେନା କହିଥିଲେ ସେ ଏ ସମ୍ପର୍କରେ ମତ ରଖି ପାରିବେ ନାହିଁ ଏହାର ଉତ୍ତର କେବଳ ବିଡିଓ ହିଁ ଦେଇ ପାରିବେ ବୋଲି କହିଥିଲେ।

# ପୋଖରୀରେ ବୁଡ଼ି ବୃଦ୍ଧ ମୃତ

ରାଜଘାଟ, ୨୦।୫ (ସମିସ): ବସ୍ତା ଥାନା ବରୁଣଗଡ଼ିଆ ପଞ୍ଚାୟତ ଅନ୍ତର୍ଗତ ଚୋରପଦା ଗ୍ରାମରେ ପୋଖରୀରେ ବୁଡ଼ିଯାଇ ଜୈନିକ ବୃଦ୍ଧଙ୍କର ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ପ୍ରାଣକୃଷ୍ଣ ବେହେରା(୮୬)। ପ୍ରାଣକୃଷ୍ଣ ଆଜି ପୂର୍ବାହ୍ନ ସାଢେ ଦଶଟା ସମୟରେ ଘର ନିକଟସ୍ଥ ଖେଜୁରୀ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଗାଧୁଆ ତୁଠର ପକ୍କା ପାହାଚରେ ଗୋଡ଼ ଖସିଯିବାରୁ ପ୍ରାଣକୃଷ୍ଣ ପୋଖରୀର ଅଗଭୀର ପାଣିରେ ବୁ?ଯାଇଥିଲେ। ଅନ୍ୟତ୍ର ତୁଠରେ ଗାଧୋଉଥିବା କିଛି ଲୋକ ଦେଖିପାରି ଗ୍ରାମବାସୀଙ୍କୁ ଖବର ଦେବା ସହ ପରିବାର ଲୋକଙ୍କୁ ଜଣାଇଥିଲେ। ଗ୍ରାମବାସୀ ପୋଖରୀରେ ପଶି ଖୋଜାଖୋଜି ଚଳାଇଥିବା ବେଳେ ବସ୍ତା ଅଗ୍ନିଶମ ବାହିନୀ ମଧ ପହଞ୍ଚି ଖୋଜାଖୋଜି ଜାରି ରଖିଥିଲେ। ମାତ୍ର କୌଣସି ପତ୍ତା ନମିଳିବାରୁ ବିଶେଷଜ୍ଞ ବୁଡ଼ାଳିଙ୍କ ଦ୍ୱାରା ଖୋଜାଖୋଜି କରିବାରୁ ୬ଘଣ୍ଟା ପରେ ପ୍ରାଣକୃଷ୍ଣଙ୍କୁ ଉଦ୍ଧାର କରାଯାଇ ଆଡ଼ିକୁ ଅଣାଯାଇଥିଲା। ମାତ୍ର ସେତେବେଳକୁ ତାଙ୍କର ମୃତ୍ୟୁ ଘଟିସାରିଥିଲା। ବସ୍ତା ପୁଲିସ ପହଞ୍ଚି ଅପମୃତ୍ୟୁ ଜନିତ ମାମଲାଟିଏ ରୁଜୁ କରି ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବୃଦ୍ଧଙ୍କ ମୃତ୍ୟୁରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ଟ୍ରକ ପଛରୁ ପିଟିଲା ଟ୍ରକ, ଚାଳକ ଗୁରୁତର

ସୋର,୨୦।୫ (ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଉତ୍ତରେଶ୍ୱର ଏଚପି ପେଟ୍ରୋଲ ପମ୍ପ ସମ୍ମୁଖରେ ଟ୍ରକ ପଛରୁ ଟ୍ରକ ପିଟିବା ଫଳରେ ଚାଳକ ଜଣଙ୍କ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁସାରେ ଆଜି ସକାଳେ ଆଳୁ ବୋଝେଇ ଟ୍ରକ କଲିକତାରୁ ଛତିଆ ଅଭିମୁଖେ ଯାଉଥିବା ବେଳେ ପେଟ୍ରୋଲ ପମ୍ପ ସମ୍ମୁଖରେ ଆଗରେ ଯାଉଥିବା ଏକ ଟ୍ରକ ହଠାତ ବ୍ରେକ ମାରିବାରୁ ଆଳୁ ବୋଝେଇ ଟ୍ରକଟି ଟ୍ରକ ପଛରୁ ଧକ୍କା ଦେଇଥିଲା। ଫଳରେ ଆଗରେ ଯାଉଥିବା ଟ୍ରକଟି ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ଆଳୁ ବୋଝେଇ ଟ୍ରକର ଚାଳକ ପଶ୍ଚିମବଙ୍ଗ ଲାଲଗଡର ଅମିତ କାଳନ୍ଦୀ(୩୬) ଓ ହେଲପର ଲୋକୀ କାଳନ୍ଦୀ (୨୯) ଟ୍ରକ ମଧ୍ୟରେ ଚାପି ହୋଇରହିଥିଲେ। ଖବର ପାଇ ଜାତୀୟ ରାଜପଥ ପାଟ୍ରୋଲିଂ ପୁଲିସ ଓ ସୋର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହଯୋଗରେ ଉଭୟଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

# ବଜ୍ରପାତରେ ଷଣ୍ଢ ମୃତ

ବାଲେଶ୍ୱର,୨୦।୫(ସମିସ): ମଙ୍ଗଳବାର ସନ୍ଧ୍ୟାରେ ବାଲେଶ୍ୱରରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଥିଲା। ପ୍ରବଳ ବିଜୁଳି ଘଡ ଘଡି ସହ ବର୍ଷା ହୋଇଥିଲା। ଏପରିକି ଜୋରରେ ପବନ ମଧ ବୋହିଥିଲା। ପ୍ରାୟ ଏକ ଘଂଟାରୁ ଅଧିକ ସମୟ ଧରି କାଳବୈଶାଖୀ ତାର ତାଣ୍ଡବ ରଚିଥିଲା। ହେଲେ ଏହି ବଜ୍ରପାତରେ ଏକ ଷଣ୍ଢର ମୃତ୍ୟୁ ହୋଇଯାଇଛି। ସଦର ବ୍ଲକ ଅର୍ନ୍ତଗତ ସାହାଦା ବାସନ୍ତୀ ମଣ୍ଡପ ଠାରେ ଏକ ଷଣ୍ଢ ଥିବା ବେଳେ ବଜ୍ରପାତ ହୋଇଥିଲା। ଫଳରେ ସେଠାରେ ତାର ମୃତ୍ୟୁ ହୋଇଯାଇଥିଲା। ଏଣୁ ଆଜି ସ୍ଥାନୀୟ ଲୋକେ ସେଠାରେ ଗାତ ଖୋଳି ଷଣ୍ଢଟିର ଅନ୍ତିମ ସଂସ୍କାର କରିଛନ୍ତି।

# ଘରେ ନିଆଁ ଲଗାଇ ଦେଲେ ଦୁର୍ବୃତ୍ତ, ପୋଡ଼ିହୋଇ ଦମ୍ପତି ଗୁରୁତର

ରାଜଘାଟ/ ବସ୍ତା ବ୍ଲକ, ୨୦।୫ (ସମିସ): ବସ୍ତା ଥାନା ଅନ୍ତର୍ଗତ ଚକ୍ରଡା ଗ୍ରାମରେ ଘଟିଛି ଅଭାବନୀୟ ଘଟଣା। ଚକ୍ରଡା ଗ୍ରାମର ବିଜୟ ବେହେରାଙ୍କ ପରିବାର ଶୋଇଥିବା ବେଳେ ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ଘରର କବାଟ ଭାଙ୍ଗି ଶୋଇଥିବା ବିଛଣାରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ, ଫଳରେ ବିଜୟ ଏବଂ ତାଙ୍କ ସ୍ତ୍ରୀ ଆରତୀ ଗୁରୁତର ହୋଇଛନ୍ତି। ଉଭୟଙ୍କ ଶରୀର ର ୭୦ ପ୍ରତିଶତ ପୋଡ଼ି ଯାଇଛି, ସେମାନଙ୍କ ଚିତ୍କାର ଶୁଣି ପଡ଼ୋଶୀ ପହଞ୍ଚି ଯିବାରୁ ଦୁର୍ବୃତ୍ତମାନେ ଚମ୍ପଟ ମାରିଥିଲେ। ଗୁରୁତର ବିଜୟ ଏବଂ ଆରତୀଙ୍କୁ ପଡ଼ୋଶୀ ଉଦ୍ଧାର କରି ପ୍ରଥମେ ବସ୍ତା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ମାତ୍ର ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ବିଜୟଙ୍କ ପୁଅ ପପୁ ସଦର ବ୍ଲକ୍ ବଡଧନ୍ଦାଡି ଗ୍ରାମର ଜଣେ ଝିଅକୁ ଭଲ ପାଇବା ସହିତ ତାଙ୍କୁ ନେଇ ଫେରାର ହୋଇ ଯାଇଥିବାରୁ ଝିଅଘର ଲୋକେ ଏଭଳି ଅମାନବୀୟ ଘଟଣା ଘଟାଇଥାଇ ପାରନ୍ତି ବୋଲି ଅନୁମାନ କରୁଛନ୍ତି ପରିବାର ଲୋକେ। ଘଟଣା ସ୍ଥଳରୁ ପୁଲିସ ମାରଣାସ୍ତ୍ର, ପେଟ୍ରୋଲ ବୋତଲ, ଗୋଟିଏ ମୋବାଇଲ ଜବତ କରି ଅଧିକ ତଦନ୍ତ ଜାରି ରଖିଛି।

# ସୋରରୁ ଖନ୍ତାପଡ଼ା ତୃତୀୟ ଲାଇନ୍ କାର୍ଯ୍ୟ ଶେଷ

ସୋର,୨୦।୫(ସମିସ): ଦକ୍ଷିଣ-ପୂର୍ବ ରେଳପଥ ଖଡ଼ଗପୁର ଡିଭିଜନର ତୃତୀୟ ଲାଇନ୍ ଖନ୍ତାପଡ଼ାଠାରୁ ରାଣୀତାଲ ପର୍ଯ୍ୟନ୍ତ କାର୍ଯ୍ୟ ଶେଷ ହୋଇଥିବା ବେଳେ କଲିକତାର ରେଳ ସୁରକ୍ଷା କମିଶନର ୧୯ ଏବଂ ୨୦ ଦୁଇଦିନ ଧରି ଖନ୍ତାପଡ଼ାରୁ



ସୋର ପର୍ଯ୍ୟନ୍ତ ନବ ନିର୍ମିତ ୩ୟ ଲାଇନ୍ ପାଇଁ ଯାଞ୍ଚ କରିଛନ୍ତି। ଏହି ଯାଞ୍ଚ ବେଳେ ବିଭିନ୍ନ ଟ୍ରାକ୍ ଲାଇନ୍, ବିଦ୍ୟୁତ, ସିଗନାଲ, ଏବଂ ପେନାଲ ରୁମ୍ ଅନୁଧ୍ୟାନ କରିବା ପରେ ପରୀକ୍ଷାମୂଳକ ଭାବେ ଟ୍ରାଏଲ ଇଂଜିନ ଚଳାଚଳ କରିଥିଲା। ଏହି ଟ୍ରାଏଲ ଇଂଜିନରେ ରେଳ ସୁରକ୍ଷା କମିସନର, ଖଡ଼ଗପୁର ଡିଭିଜନର ଏଇଏନ୍, ପିଏଲଆଇ, ଡିପିଆଇ, ଏସ୍ଏମ୍ଆର୍ ପ୍ରମୁଖ ଅଧିକାରୀମାନେ ବସିଥିଲେ। ଏହି ଯାଞ୍ଚ ପରେ ଖନ୍ତାପଡ଼ାରୁ ସୋର ଏବଂ ସୋରରୁ ରାଣୀତାଲ ପର୍ଯ୍ୟନ୍ତ ସମସ୍ତ ଟ୍ରେନ୍ ଚାଲିବାର ସ୍ୱୀକୃତି ମଳିପାରିଛି। ଚଳାଚଳ ପାଇଁ ସକ୍ଷମ ହୋଇ ପାରିବ ବୋଲି ସୋର ଷ୍ଟେସନ ମ୍ୟାନେଜର ସୂଚନା ଦେଇଛନ୍ତି। ପ୍ରକାଶ ଯେ ୨୦୨୩ ମସିହାରେ ଏହି ତୃତୀୟ ଲାଇନ୍ କାର୍ଯ୍ୟ ଆରମ୍ଭ ହୋଇ ଦୁଇ ବର୍ଷ ମଧ୍ୟରେ ନିର୍ମିତ ହୋଇଛି।

### ଅରଡ଼ବଜାରରୁ ଜବରଦଖଲ ହଟିଲା

# ମାଟିରେ ମିଶିଲା ଦୁଇଶହରୁ ଅଧିକ ଘର ଓ ଦୋକାନ

ବାଲେଶ୍ୱର,୨୦।୫(ସମିସ)

ବାଲେଶ୍ୱର ସହରସ୍ଥିତ ଅରଡବଜାର ଠାରେ ଆଜି ଜେସିବି ବୁଲିଛି। ଏହାଦ୍ୱାରା ଦୀର୍ଘଦିନ ହେବ ସରକାରୀ ଜମିକୁ ଜବରଦଖଲ କରି ରହି ଆସୁଥିବା ଘର ସାଙ୍ଗକୁ ଦୋକାନ ଘରକୁ ଉଚ୍ଛେଦ କରାଯାଇଛି। ଆଜି ସକାଳ ଠାରୁ ଅପରାହ୍ଣ ପର୍ଯ୍ୟନ୍ତ ଏହି ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଏଥିରେ ବିଶେଷ କରି ୨୨୬ଟି ଘରକୁ ଭାଙ୍ଗିଦିଆଯାଇଛି। ସହରର ଅରଡବଜାର ଠାରେ ସରକାରୀ ଜମିକୁ ଜବରଦଖଲ କରି ଲୋକେ ରହୁଥିବା ବେଳେ ସେଠାରେ ସବୁ ବେଳେ ଭିଡ ଲାଗି ରହିଥାଏ। ଏହି ସମସ୍ତ ସରକାରୀ ଜମି ହେଉଛି ପିଡବ୍ଲ୍ୟୁଡିର। ଏଣୁ



ଏହାକୁ ଉଚ୍ଛେଦ କରିବା ପାଇଁ ଗୋଟିଏ ଦିନ ପୂର୍ବରୁ ମାଇକ ଯୋଗେ ସମସ୍ତଙ୍କୁ ସୂଚନା ପ୍ରଦାନ କରାଯାଇଥିଲା। ଏନେଇ ଆଜି ଉଚ୍ଛେଦ କରାଯାଇଛି। ବିଶେଷ କରି ସେଠାରେ ଥିବା ୯୯ଟି ଘର ସାଙ୍ଗକୁ ୧୦୯ଟି ଦୋକାନ ଘର,୧୧ଟି ବାଉଣ୍ଡରୀ ୱାଲ ସମେତ ଅନ୍ୟାନ୍ୟ ଜବତ ଦଖଲକୁ ଉଚ୍ଛେଦ କରାଯାଇଛି। ଉପଜିଲ୍ଲାପାଳ ଶିବ ମାଲବ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଜି ଏହି ଉଚ୍ଛେଦ କାର୍ଯ୍ୟ ଅନୁଷ୍ଠିତ ହୋଇଥିବା ବେଳେ ମାଜିଷ୍ଟ୍ରେଟ ଏବଂ ଅଧିକାରୀଙ୍କୁ ମିଶାଇ ମୋଟ ୧୮ଜଣ ଅଧିକାରୀ ଉପସ୍ଥିତ ଥିଲେ। ଏହାଛଡା ଅତିରିକ୍ତ ଜିଲ୍ଲାପାଳ ହେମନ୍ତ କୁମାର ସିଂ ମଧ ସେଠାରେ ଉପସ୍ଥିତ ଥିଲେ। ଜବରଦଖଲକାରୀମାନେ ରାସ୍ତା ଉପରକୁ ସବୁ ମାଡି ଆସିଥିଲେ। ଏପରିକି ସେମାନେ ସେଠରେ ଘର କରି ମଧ ରହିଥିଲେ। ଆଜି ସେଇ ସମସ୍ତ ଜବରଦଖଲକୁ ଉଚ୍ଛେଦ କରାଯାଇଛି। ବିଶେଷ କରି ଆଜି ସକାଳେ ସ୍ଥାନୀୟ ଶନି ମନ୍ଦିରଠାରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରାଯାଇ ନୁଣିଆଯୋଡି ପୋଲ ପର୍ଯ୍ୟନ୍ତ ଥିବା ସମସ୍ତ ଜବର ଦଖଲ ଘରକୁ ଭାଙ୍ଗିଦିଆଯାଇଛି। ଏଥିରେ ବହୁ ଜେସିବି ମଧ ବ୍ୟବହାର କରାଯାଇଛି। ବିଶେଷ କରି ପୁଲିସ ପକ୍ଷରୁ ଫୁଲାଡି ଛକ ଠାରୁ ରାସ୍ତା ବ୍ଲକ କରାଯାଇଥିଲା। ଏଥିରେ ୩ଜଣ ଅତିରିକ୍ତ ଏସପିଙ୍କ ସମେତ ୫ଜଣ ଡିଏସପି, ୬ଜଣ ଇନସପେକ୍ଟର, ୨୦ଜଣ ସବ ଇନସପେକ୍ଟର ଓ ଏଏସଆଇ ନିୟୋଜିତ ହୋଇଥିଲେ। ପରବର୍ତ୍ତୀ ସମୟରେ ଏହି ସ୍ଥାନକୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

# ଔଷଧ ଦୋକାନୀ ସଂଘ ପକ୍ଷରୁ ଦିନିକିଆ ଧର୍ମଘଟ




ବାଲେଶ୍ୱର,୨୦।୫(ସମିସ): ଜିଲ୍ଲା ରସାୟନବିଦ ଏବଂ ଔଷଧ ବ୍ୟବସାୟୀ ସଂଘ ପକ୍ଷରୁ ଆଜି ବିଭିନ୍ନ ଦାବି ନେଇ ଏକ ସାଙ୍କେତିକ ଧର୍ମଘଟ ଭାବରେ ଗୋଟିଏ ଦିନ ପାଇଁ ଔଷଧ ଦୋକାନ ବନ୍ଦ ରଖାଯାଇଛି। ଇଣ୍ଟରନେଟରେ ଔଷଧ ବିକ୍ରୟ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସମ୍ପୃକ୍ତ ସମସ୍ତଙ୍କୁ ଦୀର୍ଘ ଏବଂ ନିରନ୍ତର ଆବେଦନ ପରେ କର୍ତ୍ତୃପକ୍ଷଙ୍କ ନିଷ୍କ୍ରିୟତା ବିରୁଦ୍ଧରେ ଏହା, ଯାହା ବେଆଇନ। ଲକ୍ଷ ଲକ୍ଷ ସଦସ୍ୟଙ୍କ ମଧ୍ୟରେ ଦୀର୍ଘକାଳୀନ ଉତ୍ତେଜନା, ଅଲ୍ ଇଣ୍ଡିଆ ଅର୍ଗାନାଇଜେସନ୍ ଅଫ୍ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଏବଂ ଉତ୍କଳ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ୍ ଏବଂ ବାଲେଶ୍ୱର ଜିଲ୍ଲାର ସମସ୍ତ କେମିଷ୍ଟ ଏବଂ ଡ୍ରଗିଷ୍ଟଙ୍କ ଆହ୍ୱାନରେ ପ୍ରତିକ୍ରିୟା ଦେଇ ପ୍ରତିବାଦ କରିବାକୁ ମିଳିତ ଏବଂ ସର୍ବସମ୍ମତିକ୍ରମେ ସଂକଳ୍ପ ନିଆଯାଇଛି। ଏନେଇ ଜିଲ୍ଲା ପ୍ରଶାସନ ଜରିଆରେ ଏକ ଦାବିପତ୍ର ପ୍ରଧାନମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ଔଷଧର ବେଆଇନ ଏବଂ ଅନିୟନ୍ତ୍ରିତ ଅନଲାଇନ୍ ବିକ୍ରୟ, ନକଲି ଇ-ପ୍ରେସ୍କ୍ରିପସନ୍, ବୈଧ ଡାକ୍ତରୀ ପରାମର୍ଶ ବିନା ଘରୋଇ ଔଷଧ ବିତରଣ ଏବଂ ଅତ୍ୟଧିକ ଡିପ୍ ଡିସକାଉଣ୍ଟିଂ ଅଭ୍ୟାସ କେବଳ କୋଟି କୋଟି ରୋଗୀଙ୍କ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ପାଇଁ ନୁହେଁ ବରଂ ଦେଶର ଲକ୍ଷ ଲକ୍ଷ ଲାଇସେନ୍ସପ୍ରାପ୍ତ କେମିଷ୍ଟ ଏବଂ ଔଷଧ ବିକ୍ରେତାଙ୍କ ଜୀବନ ପ୍ରତି ମଧ ଏକ ଗୁରୁତର ବିପଦ ସୃଷ୍ଟି କରୁଛି ବୋଲି କୁହାଯାଇଛି। ଔଷଧର ବେଆଇନ ଅନଲାଇନ୍ ବିକ୍ରୟ ବିରୁଦ୍ଧରେ ତୁରନ୍ତ ଏବଂ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ,ବୈଧ ଏବଂ ଯାଞ୍ଚ ହୋଇଥିବା ଇ-ପ୍ରେସକ୍ରିପସନ୍ ବିନା ଔଷଧର ବିକ୍ରୟ ଏବଂ ବିତରଣ ସମ୍ପୂର୍ଣ୍ଣ ଭାବରେ କରାଯିବା ଉଚିତ ନିଷେଧ ,ଜିଏସଆର ୮୧୭(ଇ) ଏବଂ ଜିଏସଆର ୨୨୦(ଇ)କୁ ତୁରନ୍ତ ପ୍ରତ୍ୟାହାର କରାଯିବା ଉଚିତ, ଅନଲାଇନ୍ ପ୍ଲାଟଫର୍ମଗୁଡ଼ିକ ଦ୍ୱାରା ଗଭୀର ରିହାତି ଅଭ୍ୟାସ ଦ୍ୱାରା ଶିକାରୀ ମୂଲ୍ୟ ନୀତି ବନ୍ଦ କରାଯିବା ଉଚିତ ବୋଲି ଦାବି କରାଯାଇଛି। ଏଥିରେ ଓସ୍ତୁ ମଧ ସାମିଲ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଦିବାର ରାଉଳ,ନିରୋଜ ପୋଦାର, ଲାଇଜୁ ମିଶ୍ର, ଦେବୀ ପ୍ରସନ୍ନ ପରିଡା, ମନୋଜ ଦାସ, ସନ୍ଦୀପ ସାମନ୍ତରାୟ, ଅଶୋକ ନନ୍ଦ, ସୁରଜ ସୌରାଗୀ, ବିକ୍ରମ ପୋଦାର, ଧର୍ମଜିତ ମହାନ୍ତିଙ୍କ ସହ ଓସ୍ତୁର ଜିଲ୍ଲା ସମ୍ପାଦକ ଜ୍ଞାନରଞ୍ଜନ ଷଡଙ୍ଗୀ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ସୋରରେ ସମସ୍ତ ଔଷଧ ଦୋକାନ ବନ୍ଦ



ସୋର, ୨୦।୫ (ସମିସ): ସର୍ବ ଭାରତୀୟ ଔଷଧ ବ୍ୟବସାୟୀ ସଂଘ ଡାକରାରେ ସୋରର ସମସ୍ତ ଔଷଧ ଦୋକାନ ବନ୍ଦ ହୋଇଥିବା ଦେଖାଯାଇଛି। ଅନ୍ ଲାଇନ୍‌ରେ ଔଷଧ ବିକ୍ରିକୁ ବିରୋଧ କରି ଏହି ଡାକରା ଦିଆଯିବା ବେଳେ କେବଳ ମେଡିକାଲ ବ୍ୟତୀତ ଅନ୍ୟ ସମସ୍ତ ଔଷଧ ଦୋକନ ବନ୍ଦ ରଖଯାଇଛି। ଅନ୍‌ଲାଇନ ବିକ୍ରି ବନ୍ଦ, କର୍ପୋରେଟ ସଂସ୍ଥା ଦ୍ୱାରା ଅଧିକ ରିହାତି ବନ୍ଦ ଏବଂ ନକଲି ଔଷଧ ବିକ୍ରି ଉପରେ କଟକଣା ଦାବିରେ ଏହି ବନ୍ଦ କରାଯାଇଛି। ସୋର ଔଷଧ ଦୋକାନୀ ସଂଘ ତରଫରୁ ହରିଶ ବାରିକ, ଡମ୍ବରୁଧର ସାହୁ, ବିଜୟ କୁମାର ପାତ୍ର, ଅକ୍ଷୟ କୁମାର ସାହୁ, ଅଶୋକ କୁମାର ନାୟକ, ରମେଶ ଚନ୍ଦ୍ର ପ୍ରଧାନ, ଦେବି ପ୍ରସାଦ ହୋତା, ସୁଭ୍ରାଂଶୁ ଶେଖର ମହାନ୍ତି, ସୌମ୍ୟ ମିତ୍ର, ଶରତ ଚନ୍ଦ୍ର ପାତ୍ର, ନିପେନ କୁମାର ପାତ୍ର ପ୍ରମୁଖ ଏହି ଆନ୍ଦୋଳନରେ ନେତୃତ୍ୱ ନେଇଥିଲେ।

# ଜାତୀୟ ରାଜପଥରେ ଯୁବକଙ୍କୁ ଭୁଜାଲିରେ ଆକ୍ରମଣ, ୩ ଅଟକ

ରାଜଘାଟ, ୨୦।୫ (ସମିସ): ବସ୍ତା ଥାନା ୧୬ ନମ୍ବର ଜାତୀୟ ରାଜପଥର ଜୁଣବଳଦା ଛକ ନିକଟରେ ଆଜି ସନ୍ଧ୍ୟା ୭ଟା ସମୟରେ ଜଣେ ଯୁବକକୁ ଭୁଜାଲିରେ ଆକ୍ରମଣ କରାଯାଇଛି। ଗୁରୁତର ଆହତ ଯୁବକଙ୍କୁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭର୍ତ୍ତି କରାଯାଇଛି। ଏହି ଘଟଣାରେ ପୋଲିସ ୩ ଅଭିଯୁକ୍ତକୁ ଅଟକ ରଖି ପଚରାଉଚରା କରୁଛି। ଆହତ ଯୁବକ ଜଣକ ଜୁଣବଳଦା ଗ୍ରାମର କମଳାକାନ୍ତ ମଲ୍ଲିକ ଙ୍କ ପୁଅ ସଂଜିତ(୨୪)।ସୂଚନା ଅନୁଯାୟୀ, ପ୍ରାୟ ସନ୍ଧ୍ୟା ୭ଟା ସମୟରେ ସଂଜିତ ଙ୍କ ସହିତ ଉକ୍ତ ଛକ ରେ ସ୍ଥାନୀୟ ଅଞ୍ଚଳର କିଛି ଯୁବକଙ୍କ ସହିତ ପ୍ରଥେମେ କଥା କଟାକଟି ପରେ ସେମାନଙ୍କ ମଧ୍ୟରୁ ଜଣେ ଭୁଜାଲିରେ ସଂଜିତର ଛାତି, ପେଟ, ହାତ ଓ ମୁଣ୍ଡରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ସଂଜିତକୁ ରକ୍ତ ଜୁଡୁବୁଡୁ



ଅବସ୍ଥାରେ ଦେଖି ୧୦୮ ଆମ୍ବୁଲାନ୍ସ ଯୋଗେ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇବା ସହିତ ବସ୍ତା ପୋଲିସକୁ ଖବର ଦେଇଥିଲେ। ଏହି ଘଟଣାରେ ପୋଲିସ ୩ ଜଣକୁ ବିଭିନ୍ନ ସ୍ଥାନରୁ ଗିରଫ କରି ଅଧିକ ତଦନ୍ତ ଜାରି ରଖିଛି। ଗିରଫ ଅଭିଯୁକ୍ତ ମାନେ ଶିଖର ପୁର ଅଞ୍ଚଳର ବାପି ଓରଫ୍ ଚିତ୍ତରଞ୍ଜନ ପ୍ରଧାନ, ପଦିମା ଗ୍ରାମର ଅନିକେତ ପାତ୍ର ଓ ଅନ୍ୟ ଜଣକ ପରିଚୟ ମିଳିପାରିନାହିଁ। ଖବର ଲେଖା ହେବା ବେଳକୁ ଘଟଣା ସ୍ଥଳରେ ଉତ୍ତେଜନା ଲାଗିରହିଥିଲା, ଜାତୀୟ ରାଜପଥର ଦୁଇପାଶ୍ୱର୍ରେ ହଜାର ହଜାର ଗାଡି ମୋଟର ଜାମ ହୋଇଥିବା ଦେଖିବାକୁ ମିଳିଥିଲା।

# କୋଇଲା ବୋଝେଇ ଟ୍ରେନରେ ନିଆଁ

କୋଇଲା ବୋଝେଇ ଟ୍ରେନରେ ନିଆଁ ସୋର, ୨୦।୫ (ସମିସ): ସୋର ରେଳ ଷ୍ଟେସନରେ ଏକ କୋଇଲା ବୋଝେଇ ଟ୍ରେନରେ ନିଆଁ ଲାଗିଥିବା ଦେଖିବାକୁ ମିଳିଛି। ଉକ୍ତ ଟ୍ରେନଟି କଟକରୁ କଲିକତା ଅଭିମୁଖେ ଯାଉଥିବା ବେଳେ ମାର୍କୋଣା ରେଳ ଷ୍ଟେସନ ନିକଟରେ ଟ୍ରେନର ଏକ ବଗିରେ ନିଆଁ ଲାଗିଥିବା ଗାର୍ଡ ଦେଖି ପାରି ସୋର ଷ୍ଟେସନ ମାଷ୍ଟରଙ୍କୁ ଖବର ଦେଇଥିଲେ। ଫଳରେ ଷ୍ଟେସନ ମାଷ୍ଟର ସୋର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଫଳରେ ଟ୍ରେନଟି ସୋର ରେଳ ଷ୍ଟେସନରେ ପହଞ୍ଚିବା ପରେ ଟ୍ରେନକୁ ଏକ ନମ୍ବର ପ୍ଲାଟଫର୍ମକୁ ନିଆଯାଇଥିଲା। ସେଠାରେ ପ୍ରସ୍ତୁତ ଥିବା ଅଗ୍ନିଶମ ବିଭାଗର କର୍ମଚାରୀ ମାନେ ନିଆଁକୁ ଆୟତ୍ତ କରିବା ପରେ ଟ୍ରେନଟି ଗନ୍ତବ୍ୟ ସ୍ଥଳୀକୁ ଯାଇଥିଲା।

### ଜଳେଶ୍ୱରପୁର ସିଏଚ୍‌ସିର ନୂତନ ବିଲଡିଂକୁ ଜୁନ୍ ଶେଷ ସୁଦ୍ଧା ସ୍ଥାନାନ୍ତର ଲକ୍ଷ୍ୟ

# ଭୋଗରାଇର ସ୍ୱାସ୍ଥ୍ୟ ଭିତ୍ତିଭୂମି ଉନ୍ନତି ନେଇ ଉଚ୍ଚସ୍ତରୀୟ ସମୀକ୍ଷା

ବାଲେଶ୍ୱର(ଉତ୍ତର)/ଚନ୍ଦନେଶ୍ୱର, ୨୦।୫ (ସମିସ)

ପୂର୍ବ ସରକାରଙ୍କ ସମୟରେ ପ୍ରାୟ ୧୧ କୋଟି ଟଙ୍କା ବ୍ୟୟରେ ନିର୍ମିତ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚ୍‌ସି)ର ନୂତନ ବିଲଡିଂ ହସ୍ତାନ୍ତର ହୋଇ ଦୀର୍ଘ ୮ ମାସ ବିତିଥିଲେ ମଧ ଏପର୍ଯ୍ୟନ୍ତ ସେଠାକୁ ହସ୍ପିଟାଲ ସ୍ଥାନାନ୍ତର ହୋଇପାରିନାହିଁ। ବିଦ୍ୟୁତ ଟ୍ରାନ୍ସଫର୍ମର ସଂଯୋଗ ସହ ଆବଶ୍ୟକ ଯନ୍ତ୍ରପାତି ଓ ଫର୍ଣ୍ଣିଚର ଯୋଗାଣ ନ ହେବା ଏହାର ପ୍ରମୁଖ କାରଣ ବୋଲି ଜଣାପଡ଼ିଛି। ଏହି ସମସ୍ୟାକୁ ନେଇ ଗତ ସପ୍ତାହରେ ବାଲେଶ୍ୱରରେ ଆୟୋଜିତ ବିଭାଗୀୟ ସମୀକ୍ଷା ବୈଠକରେ



ଆଲୋଚନା ହୋଇଥିବାବେଳେ ଆଜି ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସଙ୍କ ନିମନ୍ତ୍ରଣ କ୍ରମେ ସ୍ୱାସ୍ଥ୍ୟ ବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନେ ଜଳେଶ୍ୱରପୁର ସିଏଚ୍‌ସି ପରିଦର୍ଶନ କରିଥିଲେ। ଏହି ଦଳରେ ସିଡିଏମଓ, ଏଡିଏମଓ, ଡିପିଏମ୍ ଏବଂ ଏନଏଚ୍‌ଏମର ସହକାରୀ ଯନ୍ତ୍ରୀ ସମେତ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ପରିଦର୍ଶନ ପରେ ଜଳେଶ୍ୱରପୁର ସିଏଚ୍‌ସିର ଅଧୀକ୍ଷକ, ରୋଗୀ କଲ୍ୟାଣ ସମିତି (ଆରକେଏସ୍) ସଦସ୍ୟ ଓ ସ୍ଥାନୀୟ ପ୍ରତିନିଧିମାନଙ୍କ ଉପସ୍ଥିତିରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ନିଷ୍ପତ୍ତି ହୋଇଥିଲା ଯେ, ଜୁନ୍ ମାସ ଶେଷ ସୁଦ୍ଧା ୨୫୦ କେଭି କ୍ଷମତାର ଟ୍ରାନ୍ସଫର୍ମର ସ୍ଥାପନ କାମ ସମ୍ପୂର୍ଣ୍ଣ କରାଯିବ। ସେହିପରି ଆବଶ୍ୟକ ଫର୍ଣ୍ଣିଚର ଓ ଚିକିତ୍ସା ଯନ୍ତ୍ରପାତି ଯୋଗାଣ ପରେ ନୂତନ ବିଲ୍ଡିଂକୁ ହସ୍ପିଟାଲ ସ୍ଥାନାନ୍ତର କରାଯିବ ବୋଲି ସ୍ଥିର ହୋଇଛି। ବୈଠକରେ ଭୋଗରାଇ ଅଞ୍ଚଳର ସ୍ୱାସ୍ଥ୍ୟସେବାର ଉନ୍ନତି ନେଇ ମଧ ବିସ୍ତୃତ ଆଲୋଚନା ହୋଇଥିଲା। ଭୋଗରାଇର ଦୁଇଟି ସିଏଚ୍‌ସି ଓ ୯ଟି ପିଏଚ୍‌ସିର ଭିତ୍ତିଭୂମିର ଉନ୍ନତି, ନୂତନ ଡାକ୍ତର ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟକର୍ମୀଙ୍କ ନିଯୁକ୍ତି, କର୍ମଚାରୀ କ୍ୱାର୍ଟର୍ସ ନିର୍ମାଣ ଓ ରୋଗୀ ସେବାକୁ ଆହୁରି ସୁଦୃଢ଼ କରିବା ନେଇ ଆଲୋଚନା ହୋଇଥିଲା। ଏଥିସହିତ ଶ୍ରଦ୍ଧାପୁର ହସ୍ପିଟାଲର ନୂତନ ବିଲଡିଂକୁ ସ୍ଥାନାନ୍ତର ପ୍ରକ୍ରିୟା, କମର୍ଦ୍ଦା ସିଏଚ୍‌ସିରେ ରୋଗୀଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା ଓ "ଆହାର କେନ୍ଦ୍ର"ର କାର୍ଯ୍ୟକାରିତା, ତଥା ଜଳେଶ୍ୱରପୁର ସିଏଚ୍‌ସିରେ 'ଆମ ହସ୍ପିଟାଲ' ଯୋଜନାର ଅର୍ଥର ସଠିକ୍ ବିନିଯୋଗ ନେଇ ମଧ ଅଧିକାରୀମାନେ ଗୁରୁତ୍ୱ ଦେଇଥିଲେ। ବିଧାୟକ ଗୌତମବୁଦ୍ଧ ଦାସ କହିଥିଲେ ଯେ, ଭୋଗରାଇ ଅଞ୍ଚଳର ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ସରକାର ପ୍ରତିବଦ୍ଧ ଅଛନ୍ତି ଏବଂ ସମସ୍ତ ଅସମ୍ପୂର୍ଣ୍ଣ କାମକୁ ସମୟ ସୀମା ମଧ୍ୟରେ ସମାପ୍ତ କରାଯିବାକୁ ପଦକ୍ଷେପ ନିଆଯାଉଛି।

### ● ସ୍ତ୍ରୀର ଅଶ୍ଳୀଳ ଫଟୋ ଓ ଭିଡିଓ ଭାଇରାଲ ଅଭିଯୋଗ

# ଅଭିଯୁକ୍ତ ସ୍ୱାମୀକୁ ଝାଡ଼ଖଣ୍ଡରୁ ଗିରଫ କଲା ପୁଲିସ

କାଳିପଦା, ୨୦।୫ (ସମିସ): ବାଲିଆପାଳ ଥାନା ଅଞ୍ଚଳର ଜଣେ ବ୍ୟକ୍ତି ନିଜ ସ୍ତ୍ରୀର ଅଶ୍ଳୀଳ ଭିଡ଼ିଓ ଓ ଫଟୋ ବିଜନେସ ପାର୍ଟନର ଦ୍ୱାରା ସୋସିଆଲ ମିଡ଼ିଆରେ ଭାଇରାଲ କରିଥିବା ଅଭିଯୋଗରେ ମଙ୍ଗଳବାର ବାଲିଆପାଳ ପୁଲିସ ଅଭିଯୁକ୍ତକୁ ଝାଡଖଣ୍ଡ ଅଞ୍ଚଳରୁ ଗିରଫ କରିଛି। ତଦନ୍ତ



ଜାରି ରଖିଛି। ତଳଧାନଦା ଗ୍ରାମର ବିଶ୍ୱନାଥ ଗିରି ନିଜ ସ୍ତ୍ରୀର ବିଭିନ୍ନ ସମୟର ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ସହିତ ଅଶ୍ଳିଳ ଫଟୋ ଝାଡଖଣ୍ଡ ଅଞ୍ଚଳର ବିଜନେସ ପାର୍ଟନର ବିବେକଙ୍କ ଦ୍ୱାରା ଫେସ ବୁକ ଓ ଇନ୍‌ଷ୍ଟାଗ୍ରାମରେ ଭାଇରାଲ କରିବା ସହିତ ଫୋନ ଦ୍ୱାରା ମାରିଦେବାର ଧମକ ଦେଇଥିବା ନେଇ ମହିଳାଜଣକ ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ମୂଳେ ବାଲିଆପାଳ ଆଇଆଇସି ସାଲଖାନ ମୁର୍ମୁ ସଦଳବଳେ ଜାମସେଦପୁରର ଆଦିତ୍ୟପୁର -୨ ଅଞ୍ଚଳରୁ ମହିଳାଙ୍କ ସ୍ୱାମୀ ବିଶ୍ୱନାଥଙ୍କୁ ତାଙ୍କ ଫାଷ୍ଟ ଫୁଡ ଦୋକାନରୁ ଗିରଫ କରି ବାଲିଆପାଳ ଥାନାକୁ ଆଣି ପଚରାଉଚରା କରୁଛି। ଏହା ସ୍ୱାମୀ ସ୍ତ୍ରୀଙ୍କ ଘରୋଇ ବିବାଦ ନାଁ ଏହା ପଛରେ ଅନ୍ୟ କଣ ରହସ୍ୟ ରହୁଛି ତଦନ୍ତ ପରେ ଘଟଣା ଉପରୁ ପରଦା ହଟିବ।

### ● ଜମିଜମା ବିବାଦରୁ ଦମ୍ପତିଙ୍କୁ ଆକ୍ରମଣ ମାମଲା

# ୩ ଦୋଷୀଙ୍କୁ ୩ ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡ

ବାଲେଶ୍ୱର, ୨୦।୫(ସମିସ): ଆସିଷ୍ଟାଣ୍ଟ ସେସନ୍ ଆଣ୍ଡ ସ୍ପେଶାଲ ଟ୍ରାକ୍ କୋର୍ଟ ଜଜ ଶୀତିକଣ୍ଠ ପ୍ରଧାନ ଏକ ଜମିଜମା ବିବାଦକୁ କେନ୍ଦ୍ରକରି ସ୍ୱାମୀ ସ୍ତ୍ରୀଙ୍କୁ ଆକ୍ରମଣ ମାମଲାର ରାୟ ପ୍ରକାଶ ପାଇଛି। ଅଭିଯୁକ୍ତ ବନମାଳୀ ଗିରି, ବରେନ୍ଦ୍ର ଗିରି ଓ ମାନସ ଗିରିଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ପ୍ରତ୍ୟେକଙ୍କୁ ୩ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡ ଓ ୧୦ହଜାର ଟଙ୍କା ଲେଖାଏଁ ଜରିମାନାରେ ଦଣ୍ଡିତ କରାଯାଇଛି। ଜରିମାନା ଅନାଦେୟ ଅଧିକ ୩ମାସ ଲେଖାଏଁ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଦର୍ଶାଯାଇଛି। ୨୦୨୦ ମସିହାରେ ସିଂଳା ଥାନା ଅନ୍ତର୍ଗତ ପଣସା ଗ୍ରାମର ବଡ଼ଭାଇ ବନମାଳୀ ଓ ସାନଭାଇ ବରେନ୍ଦ୍ର ମିଶି ମଝିଆଁ ଭାଇ ହରିଶ୍ଚନ୍ଦ୍ରଙ୍କ ଅଗୋଚରରେ ବାପାଙ୍କଠାରୁ ନିଜ ନାମରେ ଘରଡିହ ଓ ଜମିବାଡ଼ିକୁ ଦଲିଲ କରାଇନେଇଥିଲେ। ହରିଶ୍ଚନ୍ଦ୍ର ଏହା ଜାଣିବା ପରେ ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ହରିଶ୍ଚନ୍ଦ୍ର ଓ ତାଙ୍କ ସ୍ତ୍ରୀ କଳ୍ପନାଙ୍କୁ ଗାଳିଗୁଲଜ ସହ ମରଣାନ୍ତକ ଆକ୍ରମଣ କରିଥିଲେ। ବାଉଁଶ ଠେଙ୍ଗାରେ ପିଟି ପିଟି ହରିଶ୍ଚନ୍ଦ୍ରଙ୍କ ଗୋଡକୁ ଭାଙ୍ଗି ପଙ୍ଗୁ କରିଦେଇଥିଲେ। ଏପରିକି ଘର ଛାଡ଼ି ଚାଲିଯିବାକୁ ଧମକ୍ ମଧ ଦେଇଥିଲେ। ଅଭିଯୋଗ ଅନୁସାରେ ସିଂଳା ଥାନାରେ ୨୦୨୦ ମସିହା ମାର୍ଚ୍ଚ ୯ ତାରିଖରେ ୫୩/୨୦ ନମ୍ବରରେ ଏକ ମାମଲା ରୁଜୁ ହୋଇଥିଲା। ଏ ନେଇ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହି ମାମଲାରେ ୧୦ଜଣ ସାକ୍ଷୀ ଓ ୧୬ ଦଲିଲ୍ ଦସ୍ତାବିଜ୍‌କୁ ଆଧାର କରି ଜଜ୍ ଉପରୋକ୍ତ ରାୟ ଶୁଣାଇଛନ୍ତି। ଏପିପି ପ୍ରଶାନ୍ତ କୁମାର ନନ୍ଦ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିଲେ।

# ବିଭିନ୍ନ ସ୍ଥାନରୁ ସିରିଜ ଚୋରି

ସୋର,୨୦।୫ (ସମିସ): ଗତକାଲି ବିଳମ୍ବିତ ରାତିରେ ସୋର ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରୁ ସିରିଜ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ସୋର ଥାନା ଅଧିନ ବିଭିନ୍ନ ଅଞ୍ଚଳରୁ ଲଗାତର ଚୋରି ହେବା ଫଳରେ ଲୋକଙ୍କ ମନରେ ମଧ ଭୟର ବାତାବରଣ ସୃଷ୍ଟି ହୋଇଛି। ଗତ ୧୮ ତାରିଖରେ ଏକକାଳୀନ ତିନୋଟି ମନ୍ଦିରରୁ ଚୋର ମାନେ ସୁନା, ରୁପା ଗହଣା ସମେତ ଦାନ ବାକ୍ସରୁ ନଗଦ ଟଙ୍କା ଚୋରି କରିନେଇଥିବା ବେଳେ ଗତକାଲି ରାତିରେ ତଳନଗର ନିକଟରେ ଥିବା ଏକ କଫି ସପର ଚାବି କାଟି ନଗଦ ୧୫ ହଜାର ଟଙ୍କା ସହ ୫୦ ହଜାର ଟଙ୍କାରୁ ଅଧିକ ଟଙ୍କାର ସାମଗ୍ରୀ ଚୋରି କରିନେଇଛନ୍ତି। ସେହିପରି ଚପରପଦା ନିକଟରେ ଥିବା ତାରିଣୀ ମନ୍ଦିରରୁ ସୁନା ରୁପା ଗହଣା ଏବଂ ମନ୍ଦିର ନିକଟରେ ଥିବା ୫ଟି ଦୋକାନର ଚାବି ଭାଙ୍ଗି ଦୁର୍ବୃର୍ତ୍ତ ମାନେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି କରିଥିବା ଜଣାପଡ଼ିଛି। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ପୁଲିସ ପକ୍ଷରୁ ପାଟ୍ରୋଲିଂକୁ କଡାକଡି କରିବାକୁ ସାଧାରଣରେ ଦାବି ହୋଇଛି।

# +୨ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷାରେ 'ବିକାଶର' ସଫଳତା

ବରଗଡ଼,୨୦।୫(ସମିସ)



ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳାଫଳକୁ ନେଇ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବରଗଡ଼ ଶାଖାରେ ଏକ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଯାଇଛି। କ୍ରିଷ୍ଣା ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି.ମୁରଲୀ କ୍ରୀଷ୍ଣା, ଚଳିତବର୍ଷ ଛାତ୍ରଛାତ୍ରୀମାନେ ଉତ୍ତମ ପ୍ରଦର୍ଶନ କରିବା ସହିତ ବିଦ୍ୟାଳୟକୁ ଗୌରବାନ୍ୱିତ କରିବା ସହିତ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବରଗଡ଼ର ପାସ୍ ହାର ୧୦୦ ପ୍ରତିଶତ ଥିବାବେଳେ ପ୍ରଥମ ଶ୍ରେଣୀର ପାସ୍ ହାର ୯୯% ରଖି ବିକାଶକୁ ପଶ୍ଚିମ ଓଡ଼ିଶାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବରେ ପ୍ରତିଷ୍ଠିତ କରିପାରିଛି ବୋଲି ମତବ୍ୟକ୍ତ କରିଛନ୍ତି। ତତ୍‌ସଙ୍ଗେ ଫଳାଫଳର ସୂଚନା ପ୍ରଦାନ କରି କହିଛନ୍ତି ଯେ, ବାଣିଜ୍ୟରେ ସତ୍ୟସୁନ୍ଦର ପଣ୍ଡା ୫୯୨ ମାର୍କ ରଖୁଥିବାବେଳେ ବିଜ୍ଞାନରେ ସମର୍ପିତା ଦେହେରୀ ୫୯୧ ମାର୍କ ସହ କଲେଜ ଟପ୍ପର ହୋଇଛନ୍ତି। ବିଜ୍ଞାନରେ ୫୧ ଜଣ ଏବଂ ବାଣିଜ୍ୟରେ ୬ ଜଣଙ୍କ ସହ ସର୍ବମୋଟ ୫୭ ଜଣ ଛାତ୍ରଛାତ୍ରୀ ୯୦%ରୁ ଊର୍ଦ୍ଧ୍ୱ ମାର୍କ ରଖିଛନ୍ତି ଓ ସେମାନଙ୍କ ମଧ୍ୟରୁ ୨୩ ଜଣ ଛାତ୍ରଛାତ୍ରୀ ୯୫%ରୁ ଊର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବରଗଡ଼ର ଅଧ୍ୟକ୍ଷ ନାରାୟଣ ରଥ ଚଳିତବର୍ଷର ପରିକ୍ଷାଫଳ ପ୍ରଦାନ କରିବା ସହ ସେମାନଙ୍କ ନାମ ଘୋଷଣା କରିଥିଲେ। ବିଜ୍ଞାନରେ ରାସେଶ୍ୱରୀ (୫୮୫ ମାର୍କ), ସୋନାଲି (୫୮୫ ମାର୍କ), ସୌମ୍ୟାଶ୍ରୀ (୫୮୫ ମାର୍କ), ଶୁଚିସ୍ମିତା (୫୮୩ ମାର୍କ), ଦୀପିକା (୫୮୨ ମାର୍କ), ଓମ୍ ପ୍ରକାଶ (୫୮୨ ମାର୍କ), ଋତୁରାଜ (୫୮୨ ମାର୍କ), ଶ୍ରେୟାଂଶ (୫୮୨ ମାର୍କ), ଶୁଭଙ୍କର ପ୍ରଧାନ (୫୮୨ ମାର୍କ), ସରିତା (୫୮୧ ମାର୍କ), ଅଲିଭା (୫୮୦ ମାର୍କ), ଦିବ୍ୟାଶୁ (୫୭୯ ମାର୍କ), ରଶ୍ମୀରଞ୍ଜନ (୫୭୯ ମାର୍କ), ସ୍ମୃତିଲିକା (୫୭୯ ମାର୍କ), ଶୁଭଙ୍କର ସାହୁ (୫୭୬ ମାର୍କ), ତପନେଶ୍ୱର (୫୭୬ ମାର୍କ), ଦ୍ୟୁକିତା (୫୭୫ ମାର୍କ), ପ୍ରାଚୀ ପରିମିତା (୫୭୪ ମାର୍କ), ପ୍ରତ୍ୟୁଷା (୫୭୨ ମାର୍କ), ରାମ ଶଙ୍କର (୫୬୯ ମାର୍କ), ଜତିନ (୫୬୬ ମାର୍କ), ଅମନ (୫୬୫ ମାର୍କ), ନିର୍ମଳ (୫୬୩ ମାର୍କ), ସରସ୍ୱତୀ (୫୬୧ ମାର୍କ), ସ୍ୱର୍ଣ୍ଣଆଭା (୫୬୧ ମାର୍କ), ସୀମା (୫୫୯ ମାର୍କ), ପ୍ରେମକୁମାର (୫୫୮ ମାର୍କ), ଅସ୍ପୃହା (୫୫୭ ମାର୍କ), ପ୍ରାଚୀ ଖମାରୀ (୫୫୬ ମାର୍କ), ଆୟୁଷ ରଣା (୫୫୫ ମାର୍କ), ରୋଶନୀ (୫୫୫ ମାର୍କ), ଜ୍ୟୋତି (୫୫୪ ମାର୍କ), ସୌମ୍ୟରଞ୍ଜନ (୫୫୪ ମାର୍କ), ଆୟୁଷ କମ୍ପ (୫୫୩ ମାର୍କ), ବିନୟ (୫୫୨ ମାର୍କ), ଫିଂଶ (୫୫୨ ମାର୍କ), ସମୀକ୍ଷା (୫୫ ୨ ମାର୍କ), ସ୍ୱସ୍ତିକ (୫୫୨ ମାର୍କ), ବର୍ଷା (୫୫୧ ମାର୍କ), ଟିକେଶ୍ୱର (୫୫୦ ମାର୍କ), ଓମ୍ପ୍ରକାଶ ରଣା (୫୪୯ ମାର୍କ), ତନ୍ମୟ (୫୪୯ ମାର୍କ), ଶ୍ରେୟାଂଶ ଦାସ (୫୪୮ ମାର୍କ), ପ୍ରିୟା ପ୍ରିୟଦର୍ଶନୀ (୫୪୭ ମାର୍କ), ଅଗ୍ରୀମ (୫୪୪ ମାର୍କ), ଶାଶ୍ୱତ (୫୪୪ ମାର୍କ), ଆର୍ଯ୍ୟନ (୫୪୩ ମାର୍କ), ଆୟୁଷ ପଟେଲ (୫୪୩ ମାର୍କ), ପ୍ରିତେଷ (୫୪୧ ମାର୍କ) ପ୍ରେମାନନ୍ଦ (୫୪୦ ମାର୍କ) ଏବଂ ବାଣିଜ୍ୟରେ ଧର୍ମାନନ୍ଦ (୫୭୪ ମାର୍କ), ଆଲୋକ ମେହେର (୫୬୯ ମାର୍କ), ହିମେଶ (୫୬୨ ମାର୍କ), ଆର୍ଯ୍ୟନ (୫୫୬ ମାର୍କ), ରୋହନ (୫୪୬ ମାର୍କ) ରଖି ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। କ୍ରିଷ୍ଣା ବିକାଶ ଗ୍ରୁପର ନିର୍ଦ୍ଦେଶକ ଡ. ସମରେନ୍ଦ୍ର ନାଥ ପଣ୍ଡା, ବିଭିନ୍ନ ବିଷୟରେ ଛାତ୍ରଛାତ୍ରୀମାନଙ୍କର ଉତ୍କୃଷ୍ଟମାନର ପ୍ରଦର୍ଶନର ବିଶେଷ ସୂଚନା ଦେଇ କହିଥିଲେ, ଚଳିତବର୍ଷ ଫିଜିକ୍ସରେ ୧୭ ଜଣ ୧୦୦ ରୁ ୧୦୦ ନମ୍ବର ରଖିଥିବାବେଳେ କେମେଷ୍ଟିରେ ୧୨ ଜଣ, ଇଂରାଜୀରେ ୩ ଜଣ, ଓଡ଼ିଆରେ ୯ ଜଣ, ହିନ୍ଦୀରେ ୧୫ ଜଣ, ସଂସ୍କୃତରେ ୬ ଜଣ, ଏକାଉଣ୍ଟରେ ୬ ଜଣ, ବିଏସ୍ଏସ୍‌ରେ ୫ ଜଣ ଏବଂ ଏ ରେ ଜଣେ ୧୦୦ ରୁ ୧୦୦ ନମ୍ବର ରଖିଛନ୍ତି। ସିନିୟର୍ ସେକେଣ୍ଡାରୀ ଶାଖାର ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି, ନିଜ ଅଭିଭାଷଣରେ ଛାତ୍ରଛାତ୍ରୀମାନଙ୍କ ଏଭଳି ଉତ୍ତମ ଫଳାଫଳ ପାଇଁ ଏଠାରେ ଦିଆଯାଉଥିବା ନିଟ୍ ଏବଂ ଜେଇଇ ପ୍ରବେଶିକା ପରୀକ୍ଷା ନିମନ୍ତେ ଏଠାରେ ଦିଆଯାଉଥିବା ଇଣ୍ଟିଗ୍ରେଟେଡ୍ ପ୍ରୋଗ୍ରାମ୍‌ର ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଶଂସା କରିଛନ୍ତି। ଚଳିତବର୍ଷର ଫଳାଫଳକୁ ନେଇ କ୍ରିଷ୍ଣା ବିକାଶ ଗ୍ରୁପ୍‌ର ଟ୍ରଷ୍ଟି ଦାଶରୀ ରାମ ତୁଳସୀ, ପରିଚାଳନା ନିର୍ଦ୍ଦେଶକ ବିବେକ ଦାଶରୀ, ଲାକେଶ ଦାଶରୀ, ଶିଶିର ପ୍ରସାଦ ରାଉଳ, ଏସ୍. କାନ୍ତା ରାଓ, ଅଶ୍ୱନୀ ନାୟକ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ସମସ୍ତ କୃତି ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

- ବାଣିଜ୍ୟରେ ସତ୍ୟସୁନ୍ଦର କଲେଜ ଟପ୍ପର
- ବିଜ୍ଞାନରେ ସମର୍ପିତା କଲେଜ ଟପ୍ପର
- ୫୭ ଛାତ୍ରଛାତ୍ରୀ ୯୦% ରୁ ଊର୍ଦ୍ଧ୍ୱ ଓ ୧୧୭ ଛାତ୍ରଛାତ୍ରୀ ୮୦% ରୁ ଊର୍ଦ୍ଧ୍ୱ ମାର୍କ

## ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଫଳତା

ବରଗଡ଼,୨୦।୫(ସମିସ): ଯୁକ୍ତ ଦୁଇ କଳା , ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଫଳରେ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବରଗଡ଼ର ସଫଳତା ପ୍ରଶଂସନୀୟ ହୋଇଛି। କଳା ବିଭାଗରେ ୨୨୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୯୩.୦୧% ହାରରେ ୨୧୩ ଜଣ ଛାତ୍ରଛାତ୍ରୀ ପାସ କରିଛନ୍ତି। ତନ୍ମଧ୍ୟରୁ ୧୪୩ ଜଣ ପ୍ରଥମ ଶ୍ରେଣୀରେ,୩୮ ଜଣ ଦ୍ୱିତୀୟ ଶ୍ରେଣୀରେ ଓ ୩୨ ଜଣ ତୃତୀୟ ଶ୍ରେଣୀରେ ପାସ କରିଥିବା ବେଳେ ୧୬ ଜଣ କୃତକାର୍ଯ୍ୟ ହୋଇ ନାହାଁନ୍ତି। ପ୍ରବୀଣ କୁମାର ସୁନାନୀ ୫୪୭ ମାର୍କ ରଖି କଲେଜ ଟପ୍ପର ହୋଇଥିବାବେଳେ ସିଦ୍ଧି ବେଡେକ୫୩୬ ଓ ଶ୍ଳୋକ ମେହେର ୫୩୦ ମାର୍କ ରଖି କଲେଜର ଗୌରବ ବୃଦ୍ଧି କରିଛନ୍ତି। ସେହିପରି ବିଜ୍ଞାନ ବିଭାଗରେ ୧୩୦ ଜଣ ପରୀକ୍ଷାର୍ଥୀ ମଧ୍ୟରୁ ୧୧୦ ଜଣପାସ୍ କରି ଥିବାବେଳେ ୬୫ ଜନ୍ମ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ, ୩୧ ଜଣ ଦ୍ୱିତୀୟ ଶ୍ରେଣୀରେ ଓ ୧୪ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସୂର୍ଯ୍ୟପ୍ରତାପ ମେହେର ୫୪୭ ମାର୍କ ରଖି କଲେଜ ଟପ୍ପର ହୋଇଥିବାବେଳେ ଅନିମେଷ ପଣ୍ଡା ୫୪୪ ଓ ରୁଦ୍ର ପ୍ରସାଦ ଲେଙ୍କା ୫୩୨ ମାର୍କ ରଖି କଲେଜ ମାନ ବୃଦ୍ଧି କରିଛନ୍ତି। ସେହିପରି ବାଣିଜ୍ୟ ବିଭାଗର ୧୦୮ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪୧ ଜଣ ପ୍ରଥମ ଶ୍ରେଣୀରେ,୨୧ ଜଣ ଦ୍ୱିତୀୟ ଶ୍ରେଣୀରେ ଓ ୩୫ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। କୁମାରୀ କାଜଲ ସାହା ୫୫୭ ମାର୍କ ରଖି କଲେଜ ଟପ୍ପର ହୋଇଥିବା ବେଳେ ଏମ୍ ଡି ନସିଫ୍ ଅନସାରୀ ଓ ଅଂଶୁମାନ ଦୋରା ଯୁଗ୍ମ ଭାବେ ୫୫୫ ମାର୍କ ଏବଂ ପ୍ରେମ ଭୁଏ ୫୪୧ ମାର୍କ ରଖି କଲେଜର ସମ୍ମାନ ବୃଦ୍ଧି କରିଛନ୍ତି। ବିଭିନ୍ନ ବିଷୟରେ ବହୁ ପରୀକ୍ଷାର୍ଥୀ ୯୦ରୁ ଊର୍ଦ୍ଧ୍ୱ ମାର୍କ ରଖି ଉତ୍ତୀର୍ଣ୍ଣ ହେବା ମହାବିଦ୍ୟାଳୟର ଶୈକ୍ଷିକ ବାତାବରଣର ନିଦର୍ଶନ ବୋଲି ଚର୍ଚ୍ଚା ହେଉଛି। ଛାତ୍ରଛାତ୍ରୀଙ୍କ ଏପରି ସଫଳତାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ନକୁଳ ସେଠ୍ ଓ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ବୃନ୍ଦ ସେମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ଗନ୍ଧମାର୍ଦ୍ଦନ ବିଜ୍ଞାନ ପ୍ରତିଷ୍ଠାନର ଶତପ୍ରତିଶତ ସଫଳତା

ପଦ୍ମପୁର,୨୦।୫(ସମିସ): ଗନ୍ଧମାର୍ଦ୍ଦନ ବିଜ୍ଞାନ ପ୍ରତଷ୍ଠାନ ଗୌଡ଼ପାଲି କନସିଂହାର ଯୁକ୍ତ (+୨ ) ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷାରେ ପ୍ରଥମ ବ୍ୟାଚ୍ ଛାତ୍ରଛାତ୍ରୀମାନେ ଶତପ୍ରତିଶତ ସଫଳତା ହାସଲ କରି ଏକ ନୂତନ ଇତିହାସ ସୃଷ୍ଟି କରିଛନ୍ତି। କଲେଜର ଛାତ୍ର ଜୀବନ ବାରିକ ୯୬% ନମ୍ବର ରଖି କଲେଜ ଟପ୍ପର ହୋଇଥିବା ବେଳେ ସୁମନ ସରିତା ସାହାଣୀ ୯୦.୬୬% ନମ୍ବର ରଖି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଏହାସହ ୮୦% ରୁ ୯୦% ମଧ୍ୟରେ ୯ ଜଣ, ୭୦% ରୁ ୮୦% ମଧ୍ୟରେ ୧୩ ଜଣ ଏବଂ ୬୦% ରୁ ୭୦% ମଧ୍ୟରେ ୪ ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ସଫଳତା ପାଇଁ କଲେଜର ପ୍ରତିଷ୍ଠାତା ଡ. କାର୍ତ୍ତିକ ପ୍ରଧାନ ଓ ଅଧ୍ୟକ୍ଷ ଡ. ଦ୍ୱାଦଶ ପ୍ରଧାନ ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



## ଏବିଇଓ ବିଶିକେଶନ ଶତପଥୀଙ୍କୁ ସ୍ୱାଗତ

ପାଇକମାଳ,୨୦।୫(ସମିସ): ପାଇକମାଳ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ନୂତନ ଭାବେ ଯୋଗଦେଇଥିବା ଏବିଇଓ ବିଶିକେଶନ ଶତପଥୀଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଯାଇଛି। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପାଇକମାଳ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପରିସରରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଇଓ ଶୁଭମ କୁମାର ପତି ସଭାପତିତ୍ୱ କରି ନୂତନ ଏବିଇଓଙ୍କୁ ସ୍ୱାଗତ କରିଥିଲେ। ସେ କହିଥିଲେ ଯେ, ଶିକ୍ଷା କ୍ଷେତ୍ରର ଉନ୍ନତି ପାଇଁ ସମସ୍ତଙ୍କ ସମନ୍ୱୟ ଓ ସହଯୋଗ ଅତ୍ୟାନ୍ତ ଆବଶ୍ୟକ। ନୂତନ ଏବିଇଓଙ୍କ ଯୋଗଦାନ ଦ୍ୱାରା ପାଇକମାଳ ବ୍ଲକର ଶିକ୍ଷା ବ୍ୟବସ୍ଥା ଆହୁରି ସୁଦୃଢ଼ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ। ଶ୍ରୀ ଶତପଥୀ ପୂର୍ବରୁ ଝାରବନ୍ଧ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ଏବିଇଓ ଭାବରେ କାର୍ଯ୍ୟରତ ଥିଲେ। ଏବିଇଓ ରାଧେଶ୍ୟାମ ମେହେର ଧନ୍ୟବାଦ ଦେଇଥିଲେ।

## ଉପଜିଲ୍ଲାପାଳଙ୍କ ଭୁକ୍ତା ମାର୍କେଟ ୟାର୍ଡ ପରିଦର୍ଶନ

ଅମ୍ବାଭୋନା,୨୦। ୫(ସମିସ): ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ୍ ଅଧୀନ ଭୁକ୍ତା ମୁଖ୍ୟ ମାର୍କେଟ ୟାର୍ଡ ସହିତ ଲଖନପୁର, ଡୁଙ୍ଗୁରି ଓ ଦ୍ୱାରୀ ଅଞ୍ଚଳକୁ ଉପଜିଲ୍ଲାପାଳ ପ୍ରସନ୍ନ କୁମାର ପାଣ୍ଡେ ପରିଦର୍ଶନ କରି ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ଅବସରରେ ଚାଷୀମାନେ ରବି ଫସଲ ପାଇଁ ଟୋକନ ନ ଆସିବା ସହ କେତେକ ଚାଷୀଙ୍କୁ କମ ପରିମାଣରେ ଟୋକନ ମିଳିଥିବା ନେଇ ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରି ଅସନ୍ତୋଷ ପ୍ରକାଶ କରିଥିଲେ। ଚାଷୀମାନଙ୍କ କହିବାନୁସାରେ, ପୂର୍ବବର୍ଷ ଗୁଡ଼ିକରେ ବୋରୱେଲ ମାଧ୍ୟମରେ ଚାଷ କରାଯାଉଥିବାବେଳେ ଗୋଟିଏ ବୋରୱେଲ ପାଇଁ ପ୍ରାୟ ୬୫ କୁଇଣ୍ଟାଲ ଧାନ ବିକ୍ରି ଟୋକନ ମିଳୁଥିଲା। କିନ୍ତୁ ଚଳିତବର୍ଷ ଅନେକ ଚାଷୀଙ୍କୁ ଟୋକନ ମିଳୁନଥିବା କିମ୍ବା କମ ପରିମାଣରେ ଟୋକନ ମିଳୁଥିବାରୁ ସେମାନେ ଚିନ୍ତା ଓ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେ କହିଥିଲେ ଯେ, କେତେକ ଚାଷୀ ପନିପରିବା ଚାଷ ପାଇଁ ଏଗ୍ରିମେଣ୍ଟ କରିଥିବାରୁ ସେମାନଙ୍କ ଟୋକନ ପରିମାଣ କମ ଆସିଥିବା ସମ୍ଭାବନା ରହିଛି। ତେବେ ଚାଷୀମାନଙ୍କ ଅଭିଯୋଗ ହେଉଛି, ବାରମ୍ବାର ସମ୍ପୃକ୍ତ ବିଭାଗ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବାରୁ ଚାଷୀମହଲରେ ଅସନ୍ତୋଷ ଦିନକୁ ଦିନ ବଢ଼ିବାରେ ଲାଗିଛି।

## ଗଣିତରେ ସମୀକ୍ଷାଙ୍କ ସ୍ୱର୍ଣ୍ଣ ପଦକ ହାସଲ

ଥୁଆପାଲି ୨୦।୫(ସମିସ): ବରଗଡ ଜିଲ୍ଲା ଭେଡେନ ବ୍ଲକ ଦେଶଭଟଲି ଗ୍ରାମ ର ବିଶିଷ୍ଟ ବ୍ୟବସାୟୀ ତଥା ସମାଜସେବୀ ସାଧୁରାମ ତ୍ରିପାଠୀ, ଶିକ୍ଷୟତ୍ରୀ ମିନାକ୍ଷୀ ପଣ୍ଡା ଙ୍କ ଝିଅ ସମୀକ୍ଷା ତ୍ରିପାଠୀ। "ସମ୍ବଲପୁର ବିଶ୍?ବିଦ୍ୟାଳୟ ର ୨୦୨୪ ରୁ ୨୦୨୬ ଶିକ୍ଷାବର୍ଷ ପିଜି ପରୀକ୍ଷା ଗଣିତ ରେଜଲ୍ଟ ପ୍ରକାଶିତ ହୋଇଛି। ସେଥିରେ ସମୀକ୍ଷା ତ୍ରିପାଠୀ ଗଣିତ ରେ ୯.୬୮ ସିଜିପିଏ ରଖି ସମଗ୍ର ସମ୍ବଲପୁର ବିଶ୍?ବିଦ୍ୟାଳୟ ରେ ପ୍ରଥମ ସ୍ଥାନ ଅଧିକାର କରି ସ୍?ର୍ଣ୍ଣ ପଦକ ହାସଲ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ସେ +୩ ପଢୁଥିବା ବେଳେ ଗଣିତ ରେ ୯.୭୮ ସିଜିପିଏ ରଖି ସମ୍ବଲପୁର ବିଶ୍?ବିଦ୍ୟାଳୟ ରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେ ଓଡ଼ିଶା ସୋସାଇଟି ନ୍ୟୁୟର୍କ୍ ଆମେରିକା (ଓସାନି) ଆୱାର୍ଡ ମଧ୍ୟ ପାଇଥିଲେ। ସେ ଉଚ୍ଚ ବିଦ୍ୟାଳୟ ଠାରୁ ସ୍ନାତକୋତ୍ତର ପର୍ଯ୍ୟନ୍ତ ବିଭିନ୍ନ ସମୟ ରେ ପୁରସ୍କୃତ ହୋଇ ଆସୁଛନ୍ତି। ଏହି ସଫଳତା ପାଇଁ ତାଂକର କାକା ଏଡ୍ଭୋକେଟ ଯଦୁରାମ ତ୍ରିପାଠୀ ସମେତ ଶିକ୍ଷକ ଶିକ୍ଷୟିତ୍ରୀ, ସହପାଠୀ, ଶୁଭେଚ୍ଛୁ, ହିତାକାଂକ୍ଷୀ ମାନଙ୍କ ଠାରୁ ଶୁଭେଚ୍ଛା ଓ ଅଭିନଂଦନ ବାର୍ତ୍ତା ସମୀକ୍ଷା ତ୍ରିପାଠୀ ପାଇବାରେ ଲାଗିଛନ୍ତି।



## ପଦ୍ମପୁରରେ ଔଷଧ ଦୋକାନ ବନ୍ଦ

ପଦ୍ମପୁର,୨୦।୫(ସମିସ): ଅନଲାଇନ ଔଷଧ ବିକ୍ରିକୁ ବିରୋଧକରି ଦେଶବ୍ୟାପୀ ଔଷଧଦୋକାନ ବନ୍ଦ ଡାକରା ଦିଆଯାଇଛି। ଏହାର ପ୍ରଭାବ ଆଜି ପଦ୍ମପୁର ଉପଖଣ୍ଡର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଛି। ବିଶେଷ କରି ସହରରେ ଥିବା ସମସ୍ତ ଔଷଧ ଦୋକାନ ସ୍ୱଇଚ୍ଛାରେ ବନ୍ଦ ରହିଥିଲା। ଔଷଧ ବ୍ୟବସାୟୀମାନେ କହିଛନ୍ତି ଯେ, ଅନଲାଇନ ମାଧ୍ୟମରେ ଅନିୟନ୍ତ୍ରିତ ଔଷଧ ବିକ୍ରି ହେବାଫଳରେ ସ୍ଥାନୀୟ ଔଷଧ ବ୍ୟବସାୟ ମଧ୍ୟ ଗୁରୁତର ପ୍ରଭାବିତ ହେଉଛି। ଏହାକୁ ବିରୋଧ କରି ଦେଶସାରା ଆନ୍ଦୋଳନର ଅଂଶ ଭାବେ ଆଜି ଦୋକାନ ବନ୍ଦ ରଖାଯାଇଥିବା ସେମାନେ ପ୍ରକାଶ କରିଛନ୍ତି। ଦୋକାନ ବନ୍ଦ ଥିବାରୁ କିଛି ରୋଗୀ ଓ ସାଧାରଣଲୋକ ଅସୁବିଧାର ସମ୍ମୁଖୀନ ହୋଇଥିବା ଦେଖାଯାଇଛି। ତେବେ ଜରୁରୀକାଳୀନ ସେବାପାଇଁ କିଛି ସ୍ଥାନରେ ବିକଳ୍ପ ବ୍ୟବସ୍ଥା ରଖାଯାଇଥିବା ସୂଚନା ମିଳିଛି।

## ପାଣି ଓ ଡ୍ରେନ୍ ସମସ୍ୟା ନେଇ ରାସ୍ତାରୋକ



ପାଇକମାଳ,୨୦।୫(ସମିସ): ପାଇକମାଳ ସଡ଼କପଡ଼ା ଅଞ୍ଚଳରେ ଦୀର୍ଘଦିନ ଧରି ଲାଗିରହିଥିବା ପିଇବା ପାଣି ଓ ଡ୍ରେନ୍ ସମସ୍ୟାକୁ ନେଇ ବୁଧବାର ସକାଳେ ସ୍ଥାନୀୟ ମହିଳାମାନେ ରାସ୍ତାରୋକ କରିଥିଲେ। ପଡାବାସୀଙ୍କ ଏହି ଆନ୍ଦୋଳନ ଫଳରେ କିଛି ସମୟ ପର୍ଯ୍ୟନ୍ତ ଯାତାୟାତ ଠପ୍ ପଡ଼ିଥିଲା। ସୂଚନା ଅନୁସାରେ ପାଇକମାଳ ସଡ଼କପଡା ଅଞ୍ଚଳରେ ଦୀର୍ଘଦିନ ଧରି ପିଇବା ପାଣିର ଘୋର ଅଭାବ ଦେଖାଦେଇଥିବାବେଳେ ଡ୍ରେନ ବ୍ୟବସ୍ଥା ମଧ୍ୟ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରହିଛି। ବର୍ଷାହେଲେ ପାଣି ଲୋକଙ୍କ ଘର ଭିତରକୁ ପଶି ଯାଉଛି। ଏଥିପାଇଁ ଅନେକଥର ପ୍ରଶାସନଙ୍କ ନିକଟରେ ଦାବି କରାଯାଇଥିଲେ ମଧ୍ୟ କୌଣସି ସ୍ଥାୟୀ ସମାଧାନ ହୋଇ ନ ଥିବାରୁ ପଡାବାସୀ ରାସ୍ତାକୁ ଓହ୍ଲାଇଥିଲେ। ରାସ୍ତାରୋକ ସମୟରେ ମହିଳା ଓ ପୁରୁଷମାନେ ବହୁ ସଂଖ୍ୟାରେ ଉପସ୍ଥିତ ରହି ପ୍ରଶାସନ ବିରୋଧରେ ସ୍ଲୋଗାନ ଦେଇଥିଲେ। ସମସ୍ୟାର ତୁରନ୍ତ ସମାଧାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଚେତାବନୀ ଦେଇଥିଲେ। ଘଟଣାସମ୍ପର୍କରେ ଖବରପାଇ ପାଇକମାଳ ବିଡିଓ ପ୍ରଫୁଲ୍ଲ କୁମାର ଓଡୁ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ସେ ଖୁବଶୀଘ୍ର ପିଇବା ପାଣି ଓ ଡ୍ରେନ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବିଡିଓଙ୍କ ଆଶ୍ୱାସନ ପରେ ରାସ୍ତାରୋକରୁ ଉଠିଥିଲେ। ଏହାସହ ଆଜି ସନ୍ଧ୍ୟା ସମୟରେ ସମସ୍ୟା ସମାଧାନ ପାଇଁ ପ୍ରାଥମିକ ଭାବେ କାମ ଆରମ୍ଭ ହୋଇଥିବା ସୂଚନା ମିଳିଛି। ପ୍ରଶାସନର ଏହି ପଦକ୍ଷେପକୁ ସ୍ୱାଗତ କରିଥିବା ବେଳେ ସ୍ଥାୟୀ ସମାଧାନ କେବେ ହେଉଛି ସେଥିପାଇଁ ସମସ୍ତଙ୍କ ନଜର ରହିଛି।

## ପାର୍ବତୀ ଗିରି ମହିଳା କଲେଜର ଉଲ୍ଲେଖନୀୟ ସଫଳତା

ବରଗଡ଼,୨୦।୫(ସମିସ): ଯୁକ୍ତ ଦୁଇ କଳା, ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଫଳାଫଳରେ ପାର୍ବତୀଗିରି ମହିଳା ମହାବିଦ୍ୟାଳୟ, ବରଗଡ଼ ଛାତ୍ରୀମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଚଳିତବର୍ଷ ଓଡ଼ିଶାରେ କଳା, ବିଜ୍ଞାନ ଓ ବାଣିଜ୍ୟ ତିନୋଟି ବିଭାଗର ଫଳାଫଳ ପ୍ରକାଶ ପାଇଛି। କଳା ବିଭାଗରେ ଶ୍ରାବଣୀ ଦୀପ ୫୫୫ ନମ୍ବର ରଖି ୯୨.୫% ସହ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ମୋନିକା ସାହୁ ୫୪୬ ନମ୍ବର ସହ ଦ୍ୱିତୀୟ ଏବଂ ମଧୁସ୍ମିତା ପଧାନ ୫୪୨ ନମ୍ବର ସହ ତୃତୀୟ ସ୍ଥାନ ହାସଲ କରିଛନ୍ତି। କଳା ବିଭାଗରୁ ମୋଟ ୨୯୭ ଜଣ ଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୧୭୪ ଜଣ ପ୍ରଥମ ଶ୍ରେଣୀ, ୫୫ ଜଣ ଦ୍ୱିତୀୟ ଶ୍ରେଣୀ ଏବଂ ୪୪ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଜ୍ଞାନ ବିଭାଗରେ ସିକ୍କିରାଣୀ ସାହୁ ୫୫୬ ନମ୍ବର ରଖି ୯୨.୬୬% ସହ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ପ୍ରଜ୍ଞାଶ୍ରୀ ଦାଶ ୫୩୫ ନମ୍ବର ସହ ଦ୍ୱିତୀୟ ଓ ତ୍ରିଶା ସାହୁ ୫୧୭ ନମ୍ବର ସହ ତୃତୀୟ ସ୍ଥାନ ହାସଲ କରିଛନ୍ତି। ବିଜ୍ଞାନ ବିଭାଗରେ ମୋଟ ୯୬ ଜଣ ଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୨୯ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବାଣିଜ୍ୟ ବିଭାଗରେ ଶ୍ୱେତାରାଣୀ ସୁସାରୀ ୫୭୨ ନମ୍ବର ରଖି ୯୫.୩୩% ସହ ପ୍ରଥମ ସ୍ଥାନ ଅଧିକାର କରି ସମସ୍ତ ବିଭାଗ ମଧ୍ୟରେ ସର୍ବାଧିକ ନମ୍ବର ହାସଲ କରିଛନ୍ତି। ସାହିନ ବାନୋ ୫୨୧ ନମ୍ବର ସହ ଦ୍ୱିତୀୟ ଏବଂ ସିଦ୍ଧେଶ୍ୱରୀ ଦାସ ୫୦୩ ନମ୍ବର ସହ ତୃତୀୟ ସ୍ଥାନ ହାସଲ କରିଛନ୍ତି। ବାଣିଜ୍ୟ ବିଭାଗରୁ ମୋଟ ୫୧ ଜଣ ଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୨୩ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ମହାବିଦ୍ୟାଳୟର ଏହି ସଫଳତା ପାଇଁ ଅଧ୍ୟକ୍ଷା ନନ୍ଦିନୀ ନିରୋଦ ପଣ୍ଡା ସମସ୍ତ କୃତୀ ଛାତ୍ରୀ, ଅଭିଭାବକ ଓ ଅଧ୍ୟାପକ-ଅଧ୍ୟାପିକାମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

- ପତ୍ନୀ ଅଭାବ ଅସୁବିଧାରେ ନ ରହିବା ସୁନିଶ୍ଚିତ ହେବା ଜରୁରୀ

## ସ୍ଥାୟୀ ଭରଣପୋଷଣ ରାଶିକୁ ୭.୫ଲକ୍ଷରୁ ୨୩ଲକ୍ଷ ଟଙ୍କାକୁ ବୃଦ୍ଧି ନିର୍ଦ୍ଦେଶ

ବରଗଡ଼,୨୦।୫(ସମିସ): ସ୍ଥାୟୀ ଭରଣପୋଷଣ ରାଶି ନିର୍ଦ୍ଧାରଣ କରିବା ପାଇଁ କୌଣସି ଗାଣିତିକ ସୂତ୍ର ଆପଣାଯାଇପାରିବ ନାହିଁ। ଏହା ଉଭୟ ପକ୍ଷଙ୍କ ସାମାଜିକ ସ୍ଥିତି, ଆବଶ୍ୟକତା, ସ୍ୱାମୀଙ୍କ ଆର୍ଥିକ କ୍ଷମତା ଓ ଅନ୍ୟାନ୍ୟ ଦାୟିତ୍ୱ ଉପରେ ନିର୍ଭର କରେ। ଏଭଳି ସ୍ଥିତିରେ ପତ୍ନୀ ଅଭାବ ଅନଟନରେ ନ ରହିବା ସୁନିଶ୍ଚିତ ହେବା ଜରୁରୀ ବୋଲି କହିଛନ୍ତି ହାଇକୋର୍ଟ। ଏକ ବିବାହ ବିଚ୍ଛେଦଜନିତ ସ୍ଥାୟୀ ଭରଣପୋଷଣ ରାଶି ବୃଦ୍ଧି ସମ୍ପର୍କିତ ଏକ ଆବେଦନର ଶୁଣାଣି କରି ହାଇକୋର୍ଟ ଏପରି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ପତ୍ନୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଦ୍ୱିତୀୟ ଅପିଲର ଶୁଣାଣି କରି ଜଷ୍ଟିସ ଆନନ୍ଦଚନ୍ଦ୍ର ବେହେରା ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏହି ମାମଲାଗୁଡିକରେ ପତ୍ନୀ ଯେପରି ସମ୍ମାନ ଓ ସ୍ୱାଛନ୍ଦ୍ୟର ସହ ବଞ୍ଚିବେ ତାହା ଦେଖିବା କୋର୍ଟଙ୍କ କର୍ତ୍ତବ୍ୟ ବୋଲି ଅଦାଲତ କହିବା ସହ ଜଣେ ଅଙ୍ଗନବାଡ଼ି କର୍ମୀଙ୍କ ସ୍ଥାୟୀ ଭରଣପୋଷଣ ରାଶିକୁ ପୂର୍ବ ନିର୍ଦ୍ଧାରିତ ୭ଲକ୍ଷ ଟଙ୍କାରୁ ୩ ଗୁଣରୁ ଅଧିକ ବୃଦ୍ଧି କରି ୨୩ଲକ୍ଷ ଟଙ୍କା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱାମୀ ଜଣେ ସରକାରୀ ଶିକ୍ଷକ ହୋଇଥିବା ବେଳେ ତାଙ୍କର ମାସିକ ଦରମା ୧ ଲକ୍ଷ ଟଙ୍କାରୁ ଅଧିକ। ଏହି ଆର୍ଥିକ ସ୍ଥିତିକୁ ଆଧାର କରି କୋର୍ଟ ଏହି ରାୟ ଶୁଣାଇଛନ୍ତି। ଏହି ମାମଲାଟି ୨୦୧୦ରୁ ଆରମ୍ଭ ହୋଇଥିଲା। ୨୦୧୬ମସିହାରେ ବରଗଡ଼ ଜିଲ୍ଲାର ପଦ୍ମପୁର ଅତିରିକ୍ତ ଜିଲ୍ଲା ଜଜ୍ (ପ୍ରଥମ ଅପିଲ୍ ଅଦାଲତ) ବିବାହ ବିଚ୍ଛେଦକୁ କାଏମ ରଖିବା ସହ ପତ୍ନୀଙ୍କୁ ଏକକାଳୀନ ୭.୫ ଲକ୍ଷ ଟଙ୍କାର ସ୍ଥାୟୀ ଭରଣପୋଷଣ ଏବଂ ତାଙ୍କର ନାବାଳକ ପୁତ୍ର ପାଇଁ ମାସିକ ୧,୦୦୦ ଟଙ୍କା ପ୍ରଦାନ କରିବାକୁ ସ୍ୱାମୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ରାଶି ଅତ୍ୟନ୍ତ କମ୍ ଥିବାରୁ ପତ୍ନୀ ଏହାକୁ ୧୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ପାଇଁ ଆବେଦନ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପ୍ରତିପକ୍ଷ ସ୍ୱାମୀ ପାଇକମାଳ ବ୍ଲକ୍ ଶିକ୍ଷାଧିକାରୀଙ୍କ ଅଧୀନରେ ଜଣେ ସରକାରୀ ଶିକ୍ଷକ ଭାବେ କାର୍ଯ୍ୟରତ ଥିବା ବେଳେ ତାଙ୍କର ମାସିକ ମୋଟ ଦରମା ୧,୦୦,୭୬୪ ଟଙ୍କା। ଅପିଲକାରୀ ପତ୍ନୀ ପଦ୍ମପୁରରେ ଜଣେ ଅଙ୍ଗନବାଡ଼ି କର୍ମୀ ଭାବେ କାର୍ଯ୍ୟ କରନ୍ତି ଏବଂ ମାସିକ ୧୦,୦୦୦ ଟଙ୍କା ସମ୍ମାନଜନକ ଭତ୍ତା ପାଆନ୍ତି। ଯଦିଓ ପତ୍ନୀ ହାଇକୋର୍ଟରେ କେବଳ ୧୫ ଲକ୍ଷ ଟଙ୍କାର ଦାବି କରିଥିଲେ, କିନ୍ତୁ କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ମାମଲା ଚାଲିବାରେ ପ୍ରାୟ ୯ ବର୍ଷରୁ ଅଧିକ ସମୟ ବିତିଯାଇଛି। ଆଇନ ଅନୁଯାୟୀ ପତ୍ନୀଙ୍କ ଆବେଦନ କେବଳ ତାଙ୍କ ଦ୍ୱାରା ଦାବି କରାଯାଇଥିବା ସୀମିତ ରାଶି ମଧ୍ୟରେ ଆବଦ୍ଧ ନୁହେଁ, ବରଂ ନ୍ୟାୟ ସଙ୍ଗତ ଭାବେ ତାଙ୍କ ସାମାଜିକ ସ୍ଥିତି ଓ ଯୋଗ୍ୟତା ଅନୁସାରେ କୋର୍ଟ ତାଙ୍କୁ ୨୩ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ଏହି ସମ୍ପୂର୍ଣ୍ଣ ୨୩ ଲକ୍ଷ ଟଙ୍କାର ସ୍ଥାୟୀ ଭରଣପୋଷଣ ରାଶି ୩ ମାସ ମଧ୍ୟରେ ପତ୍ନୀଙ୍କୁ ପୈଠ କରିବା ପାଇଁ ସ୍ୱାମୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ପୂର୍ବରୁ ସ୍ଥାୟୀ ଭରଣପୋଷଣ ବାବଦରେ କୌଣସି ଅର୍ଥରାଶି ପ୍ରଦାନ କରାଯାଇଥାଏ, ତେବେ ତାହା ଏହି ମୋଟ ଅର୍ଥରୁ ବାଦ୍ ଦିଆଯିବ ବୋଲି ହାଇକୋର୍ଟ କହିଛନ୍ତି।

## ହାଇୱା ଓ ଟ୍ରାକ୍ଟର ଜବତ, ୨ ଗିରଫ

ମେଲଛାମୁଣ୍ଡା,୨୦।୫(ସମିସ): ମେଲଛାମୁଣ୍ଡା ଥାନା ଅଞ୍ଚଳରେ ଅପରାଧିକ ଗତିବିଧି ଉପରେ ଲଗାମ ଲଗାଇବା ପାଇଁ ପୁଲିସ ପକ୍ଷରୁ ଚାଲିଥିବା ସ୍ପେଶାଲ୍ ପାଟ୍ରୋଲିଂ ସମୟରେ ଏକ ବଡ଼ ସଫଳତା ମିଳିଛି। ବେଆଇନ ବାଲି ଚାଲାଣ କରୁଥିବା ଗୋଟିଏ ହାଇୱା ଓ ଗୋଟିଏ ଟ୍ରାକ୍ଟର ଜବତ କରିଛି ପୁଲିସ। ଏଥିରେ ଦୁଇ ଜଣଙ୍କୁ ଅଟକ ରଖିଛି। ମେଲଛାମୁଣ୍ଡା ଥାନାଧିକାରୀ ମନୋହର ଚନ୍ଦ୍ର ପ୍ରଧାନ ଓ ତାଙ୍କ ସହଯୋଗୀ ଅତର୍କିତ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ବଲାଙ୍ଗିର ଓ ବରଗଡ଼ ଜିଲ୍ଲା ସୀମାନ୍ତ ନଅ ଗାଁ ନିକଟସ୍ଥ ଅଙ୍ଗନଦୀ ଗର୍ଭରୁ କିଛି ମାଫିଆ ବେଆଇନ ଭାବେ ବାଲି ଉଠାଉଥିବାର ସୂଚନା ପାଇଥିଲେ। ପୁଲିସ ଟିମ୍ ବେଆଇନ ବାଲି ଚାଲାଣ କରୁଥିବା ଦୁଇଟି ଗାଡ଼ିକୁ ଜବତ କରିଥିଲା। ଦୁଇଗାଡ଼ିର ଡ୍ରାଇଭର କୈବର୍ତ୍ତ ପଧାନ ଏବଂ ନେପାଳ ଡନସନାଙ୍କୁ କାବୁ କରି ଥାନାରେ ଅଟକ ରଖିଛନ୍ତି। ଏହି ବେଆଇନ ବାଲି ଉତ୍ତୋଳନ ଓ ଚାଲାଣ ଘଟଣାରେ ମେଲଛାମୁଣ୍ଡା ଥାନାରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଥିବା ଥାନାଧିକାରୀ ସୂଚନା ଦେଇଛନ୍ତି। ଏହି ଅଭିଯାନ ଜୋରଦାର ଚାଲିବ ବୋଲି ଥାନାଧିକାରୀ ମନୋହର ଚନ୍ଦ୍ର ପ୍ରଧାନ କହିଛନ୍ତି।

# ବିଜେଡି ପକ୍ଷରୁ ନାରୀ ଅଧିକାର ଅଭିଯାନ କାର୍ଯ୍ୟକ୍ରମ

ବରଗଡ଼,୨୦।୫(ସମିସ)




ବରଗଡ଼ ଜିଲ୍ଲା ଅତାବିରାରେ ପୂର୍ବତନ ବିଧାୟିକା ତଥା ବିଜୁ ମହିଳା ଜନତା ଦଳର ରାଜ୍ୟ ସଭାନେତ୍ରୀଙ୍କ ନେତୃତ୍ୱରେ ଆଜି ନାରୀ ଅଧିକାର ଅଭିଯାନ କାର୍ଯ୍ୟକ୍ରମ ମାଧ୍ୟମରେ ବିଜେପି ସରକାର ବିରୋଧରେ ବିଜେଡି ନାରୀ ନେତ୍ରୀମାନେ ଗର୍ଜିଥିଲେ। ନାରୀ ସୁରକ୍ଷା ଦେବାରେ ବର୍ତ୍ତମାନର ଡବଲ ଇଞ୍ଜିନ ସରକାର ସମ୍ପୂର୍ଣ୍ଣ ବିଫଳ ବୋଲି ସମାଲୋଚନା କରିଥିଲେ। ୩୩% ଶତକଡ଼ା ରିଜର୍ଭେସନ୍ ଦେବାରେ ବିଫଳ ହେବାସହ ନାରୀଙ୍କୁ ପ୍ରତାରଣା କରାଯାଉଥିବା ଅଭିଯୋଗ କରିଥିଲେ। ଏହାସହ ନାରୀ ସୁରକ୍ଷାରେ ସରକାର ଏଭଳି ଅବହେଳା ପ୍ରଦର୍ଶନ କଲେ ଆଗାମୀ ଦିନରେ ଗାଁଗାଁରେ ଆନ୍ଦୋଳନ ପହଞ୍ଚିବ ବୋଲି ବିଜେଡି ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ବରଗଡ଼ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ପୂର୍ବତନ ମନ୍ତ୍ରୀ ରୀତା ସାହୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ବରଗଡ଼ ପୌରପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ, ବିଜେଡି ନେତା ଶୁଶାନ୍ତ ମିଶ୍ର, ବରିଷ୍ଠ ନେତା ଗୌରହରି ମିଶ୍ର, ଜିଲ୍ଲା ବିଜେଡି ସଭାପତି ସୁଶାନ୍ତ କୁମାର ମହାପାତ୍ର, ବରିଷ୍ଠ ନେତା ଗୌରହରୀ ମିଶ୍ର, ଏନଏସି ସଭାପତି ଯତୀନ ଦାଶ, ଭେଡେନ ବ୍ଲକ୍ ସଭାପତି ହରିଶଙ୍କର ବେହେରା, ଜିଲ୍ଲା ପରିଷଦ ସଭ୍ୟ ସତ୍ୟଜିତ ପୁରୋହିତ, ପଦ୍ମିନୀ ଗଡତିଆ, ମମତା ପ୍ରଧାନ, ଅତାବିରା ବ୍ଲକ ଅଧ୍ୟକ୍ଷ ଗୀତାଞ୍ଜଳି ନାୟକ, ଭେଡେନ ବ୍ଲକ୍ ଅଧ୍ୟକ୍ଷ ସୁପ୍ରଭା ମହାଲିଙ୍ଗ, ଏନ୍ଏସି ଅଧ୍ୟକ୍ଷ ବନମାଳୀ ବରିହା, ଅନୁସୂୟା ବିଶ୍ୱାଳ, ସୁରେଖା ବାଗ, ଶୋଭାଗିନୀ ମହାପାତ୍ର, ଗୀତା ସାହୁ, ଭେଡେନ ବ୍ଲକର ସମିତି ସଭ୍ୟ/ ସଭ୍ୟା, ସରପଞ୍ଚ, କାଉନସିଲର ଓ ବିଜୁ ଜନତା ଦଳର ଜିଲ୍ଲା କର୍ମକର୍ତ୍ତା ଓ ବ୍ଲକ କର୍ମକର୍ତ୍ତାମାନେ ଯୋଗଦାନ କରିଥିଲେ।



# ସିଟି କଟକ

## ଚୁକ୍ତି ରଦ୍ଦ; ସିଲଭର ସିଟି ହସ୍ପିଟାଲରେ ଆଉ ମିଳିବନି ସରକାରୀ ସହାୟତା

କଟକ, ୨୦।୫ (ସମିସ): ଆର୍ଥିକ ଅନିୟମିତତା ଏବଂ ଚିକିତ୍ସାଜନିତ ତ୍ରୁଟି ଅଭିଯୋଗରେ କଟକ ଚାଉଳିଆଗଞ୍ଜସ୍ଥିତ ବେସରକାରୀ ସିଲଭର ସିଟି ହସ୍ପିଟାଲ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ହସ୍ପିଟାଲର ସରକାରୀ ସ୍ୱାସ୍ଥ୍ୟ କାର୍ଡ ଚୁକ୍ତିକୁ ବାତିଲ କରିଦିଆଯାଇଛି। ଫଳରେ ଏଣିକି ଏଠାରେ ଆୟୁଷ୍ମାନ ଭାରତ, ପିଏମଜେଏୱାଇ ଏବଂ ଜିଜେଏୱାଇ ଯୋଜନାରେ ରୋଗୀମାନେ ଆଉ ମାଗଣା ଚିକିତ୍ସା ସୁବିଧା ପାଇପାରିବେ ନାହିଁ। ଗତ ୭ ତାରିଖରେ ଭଦିମୂଳ ଗ୍ରାମର ପର୍ଶୁରାମ ଭୋଇଙ୍କ ମୃତ୍ୟୁକୁ ନେଇ ହସ୍ପିଟାଲରେ ଉତ୍ତେଜନା ପ୍ରକାଶ ପାଇଥିଲା। ସରକାରୀ କାର୍ଡରୁ ଟଙ୍କା ସରିବା ପରେ ଅଧିକ ଅର୍ଥ ଦାବି କରିବା ଏବଂ ଚିକିତ୍ସାରେ ଅବହେଳା ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିବା ନେଇ ମୃତକଙ୍କ ପୁଅ ଚାଉଳିଆଗଞ୍ଜ ଥାନା ଓ ସିଡିଏମଓଙ୍କ ନିକଟରେ ଅଭିଯୋଗ କରିଥିଲେ। ପୂର୍ବରୁ ମଧ୍ୟ ଏହି ହସ୍ପିଟାଲ ବିରୋଧରେ ଏଭଳି ଏକାଧିକ ଅଭିଯୋଗ ଆସିଥିବାରୁ, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି।

**ଅରିନ୍ଦମଙ୍କ ମନ୍ତବ୍ୟକୁ ନେଇ ସାମ୍ବାଦିକ ମହଲରେ ତୀବ୍ର ଅସନ୍ତୋଷ**

## କୁଶପୁତ୍ତଳିକା ଦାହ ସହ ଥାନାରେ ଏତଲା

କଟକ,୨୦।୫(ସମିସ):

ସୋସିଆଲ ମିଡିଆରେ ସାମ୍ବାଦିକମାନଙ୍କ ବିରୋଧରେ ଅପମାନସୂଚକ ମନ୍ତବ୍ୟ ଦେଇ ଏବେ ଚର୍ଚ୍ଚା ଓ ବିବାଦ ଘେରକୁ ଆସିଛନ୍ତି ବିଜେପି ନେତା ଅରିନ୍ଦମ ରାୟ। ତାଙ୍କର ଏଭଳି ଆପତ୍ତିଜନକ ଟିପ୍ପଣୀକୁ ନେଇ ଗଣମାଧ୍ୟମ ପ୍ରତିନିଧିଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି କ୍ରମରେ ଆଜି କଟକ ଜିଲ୍ଲା ସାମ୍ବାଦିକ ୟୁନିୟନ ପକ୍ଷରୁ ସହରର ବାଦାମବାଡ଼ି ଛକଠାରେ ଏକ ଜୋରଦାର ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ୟୁନିୟନର ସଭାପତି ପ୍ରଫୁଲ୍ଲ କୁମାର ମହାନ୍ତିଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ ସାମ୍ବାଦିକ ଅରିନ୍ଦମଙ୍କ ବିରୋଧରେ ନାରାବାଜି କରିବା ସହ ତାଙ୍କର କୁଶପୁତ୍ତଳିକା ଦାହ କରିଛନ୍ତି। ପ୍ରତିବାଦ ସମୟରେ ସାମ୍ବାଦିକମାନେ ପ୍ରଶ୍ନ ଉଠାଇଛନ୍ତି ଯେ, ଅରିନ୍ଦମ କାହାକୁ 'ଚାରେଣି ଆଠେଣି' ଦେଉଛନ୍ତି, ସେହି ବ୍ୟକ୍ତିମାନଙ୍କର ଏକ ସ୍ପଷ୍ଟ ତାଲିକା ସାମ୍ନାକୁ ଆଣନ୍ତୁ। ଏହି ବିକ୍ଷୋଭ ପ୍ରଦର୍ଶନ ପରେ ୟୁନିୟନର ପ୍ରତିନିଧି ଦଳ ବାଦାମବାଡ଼ି ଥାନାରେ ପହଞ୍ଚି ବିଜେପି ନେତାଙ୍କ ବିରୋଧରେ ଏକ ଆନୁଷ୍ଠାନିକ ଅଭିଯୋଗ ପତ୍ର ଦାଖଲ କରିଛନ୍ତି। ଥାନା ଅଧିକାରୀ ଅଜୟ କୁମାର ରାଉଳଙ୍କୁ ସାମ୍ବାଦିକମାନେ ଏହି ଏତଲା ପ୍ରଦାନ କରି ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏହି ବଡ଼ଧରଣର ପ୍ରତିବାଦ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ଅଜୟ କୁମାର ଦାସ, କାନନ ବାହିରୀ



ନାୟକ, ଆଦିତ୍ୟ କୁମାର ଛୋଟରାୟ, ଜଗନ୍ନାଥ ରାଉତ, ପ୍ରଦୀପ ପରିଡ଼ା, ବାବୁଲା ପାତ୍ର, ଜୟନ୍ତ ଦାଶ, ସରୋଜ ମଲ୍ଲିକ, ନାରାୟଣ ସିହ୍ନା, ମହାଦେବ ସେଠୀ, ଗୋପାଳ ସ୍ୱାଇଁ, ସେଖ ରେହାନ, ଜଗନ୍ନାଥ ମହାନ୍ତି, ରତିକାନ୍ତ ପଟ୍ଟନାୟକ, ଭୈରବ ସେଠୀ, ଚିତ୍ତରଞ୍ଜନ ମୁଦୁଲି, ଚିତ୍ତରଞ୍ଜନ ବେହେରା, ସନ୍ତୋଷ ସ୍ୱାଇଁ, ଶ୍ରୀକାନ୍ତ ମହାନ୍ତି, ସରୋଜ ମଲ୍ଲିକ (୨) ଏବଂ ବିଭୁପ୍ରସାଦ ସ୍ୱାଇଁଙ୍କ ସମେତ ୟୁନିୟନର ଅନେକ ପ୍ରମୁଖ ସଦସ୍ୟ ସାମିଲ ହୋଇ ନିଜର ଆକ୍ରୋଶ ପ୍ରକାଶ କରିଥିଲେ।

**ପତ୍ନୀଙ୍କ ସ୍ଥାୟୀ ଭରଣପୋଷଣ ମାମଲା**

## ୭.୫ ଲକ୍ଷ ଟଙ୍କାରୁ ୨୩ ଲକ୍ଷକୁ ବୃଦ୍ଧି ନିର୍ଦ୍ଦେଶ

କଟକ,୨୦।୫(ସମିସ): ସ୍ଥାୟୀ ଭରଣପୋଷଣ ରାଶି ନିର୍ଦ୍ଧାରଣ କରିବା ପାଇଁ କୌଣସି ଗାଣିତିକ ସୂତ୍ର ଆପଣାଯାଇପାରିବ ନାହିଁ। ଏହା ଉଭୟ ପକ୍ଷଙ୍କ ସାମାଜିକ ସ୍ଥିତି, ଆବଶ୍ୟକତା, ସ୍ୱାମୀଙ୍କ ଆର୍ଥିକ କ୍ଷମତା ଓ ଅନ୍ୟାନ୍ୟ ଦାୟିତ୍ୱ ଉପରେ ନିର୍ଭର କରେ। ଏଭଳି ସ୍ଥିତିରେ ପତ୍ନୀ ଅଭାବ ଅନଟନରେ ନ ରହିବା ସୁନିଶ୍ଚିତ ହେବା ଜରୁରୀ ବୋଲି କହିଛନ୍ତି ହାଇକୋର୍ଟ। ପତ୍ନୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଦ୍ୱିତୀୟ ଅପିଲର ଶୁଣାଣି କରି ଜଷ୍ଟିସ ଆନନ୍ଦଚନ୍ଦ୍ର ବେହେରା ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ମାମଲାଟି ୨୦୧୦ରୁ ଆରମ୍ଭ ହୋଇଥିଲା। ୨୦୧୬ମସିହାରେ ବରଗଡ଼ ଜିଲ୍ଲାର ପଦ୍ମପୁର ଅତିରିକ୍ତ ଜିଲ୍ଲା ଜଜ୍ (ପ୍ରଥମ ଅପିଲ୍ ଅଦାଲତ) ବିବାହ ବିଚ୍ଛେଦକୁ କାଏମ ରଖିବା ସହ ପତ୍ନୀଙ୍କୁ ଏକକାଳୀନ ୭.୫ ଲକ୍ଷ ଟଙ୍କାର ସ୍ଥାୟୀ ଭରଣପୋଷଣ ଏବଂ ତାଙ୍କର ନାବାଳକ ପୁତ୍ର ପାଇଁ ମାସିକ ୧,୦୦୦ ଟଙ୍କା ପ୍ରଦାନ କରିବାକୁ ସ୍ୱାମୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ରାଶି ଅତ୍ୟନ୍ତ କମ୍ ଥିବାରୁ ପତ୍ନୀ ଏହାକୁ ୧୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ପାଇଁ ଆବେଦନ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପ୍ରତିପକ୍ଷ ସ୍ୱାମୀ ପାଇକମାଳ ବ୍ଲକ୍ ଶିକ୍ଷାଧିକାରୀଙ୍କ ଅଧୀନରେ ଜଣେ ସରକାରୀ ଶିକ୍ଷକ ଭାବେ କାର୍ଯ୍ୟରତ ଥିବା ବେଳେ ତାଙ୍କର ମାସିକ ମୋଟ ଦରମା ୧,୦୦,୭୬୪ ଟଙ୍କା। ଅପିଲକାରୀ ପତ୍ନୀ ପଦ୍ମପୁରରେ ଜଣେ ଅଙ୍ଗନବାଡ଼ି କର୍ମୀ ଭାବେ କାର୍ଯ୍ୟ କରନ୍ତି ଏବଂ ମାସିକ ୧୦,୦୦୦ ଟଙ୍କା ସମ୍ମାନଜନକ ଭତ୍ତା ପାଆନ୍ତି। ଆଇନ ଅନୁଯାୟୀ ପତ୍ନୀଙ୍କ ଆବେଦନ କେବଳ ତାଙ୍କ ଦ୍ୱାରା ଦାବି କରାଯାଇଥିବା ସୀମିତ ରାଶି ମଧ୍ୟରେ ଆବଦ୍ଧ ନୁହେଁ, ବରଂ ନ୍ୟାୟ ସଙ୍ଗତ ଭାବେ ତାଙ୍କ ସାମାଜିକ ସ୍ଥିତି ଓ ଯୋଗ୍ୟତା ଅନୁସାରେ କୋର୍ଟ ତାଙ୍କୁ ୨୩ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ଏହି ସମ୍ପୂର୍ଣ୍ଣ ୨୩ ଲକ୍ଷ ଟଙ୍କାର ସ୍ଥାୟୀ ଭରଣପୋଷଣ ରାଶି ୩ ମାସ ମଧ୍ୟରେ ପତ୍ନୀଙ୍କୁ ପୈଠ କରିବା ପାଇଁ ସ୍ୱାମୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ପୂର୍ବରୁ ସ୍ଥାୟୀ ଭରଣପୋଷଣ ବାବଦରେ କୌଣସି ଅର୍ଥରାଶି ପ୍ରଦାନ କରାଯାଇଥାଏ, ତେବେ ତାହା ଏହି ମୋଟ ଅର୍ଥରୁ ବାଦ୍ ଦିଆଯିବ ବୋଲି ହାଇକୋର୍ଟ କହିଛନ୍ତି।

## ସ୍ୱାବଲମ୍ବୀ କାରିଗର ସଂଘ ପକ୍ଷରୁ ବିକ୍ଷୋଭ

କଟକ,୨୦।୫(ସମିସ): ଏଆଇୟୁଟିୟୁସି ସହବନ୍ଧିତ ଓଡ଼ିଶା ରାଜ୍ୟ ମିଳିତ ସ୍ୱାବଲମ୍ବୀ କାରିଗର ସଂଘ କଟକ ସଦର ବ୍ଲକ କମିଟି ପକ୍ଷରୁ ଆଜି ବ୍ଲକ ଅଫିସ୍ ସମ୍ମୁଖରେ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ସ୍ୱାବଲମ୍ବୀ କାରିଗରମାନେ ବିନା ଛୁଟିରେ କାମ କରୁଛନ୍ତି କିନ୍ତୁ ସେମାନଙ୍କୁ ସରକାରୀ କର୍ମଚାରୀ କିମ୍ବା ଦୈନିକ ସର୍ବନିମ୍ନ ମଜୁରୀ ପ୍ରଦାନ କରାଯାଉ ନାହି କି ପ୍ରତି ମାସ ଦରମା ଦିଆ ଯାଉନାହିଁ। ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ବିଡିଓଙ୍କ ଜରିଆରେ ପ୍ରଦାନ କରାଯାଇଥିଲା। ସଂଘର ଜିଲ୍ଲା ସଭାପତି ରାଜକିଶୋର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ଏସୟୁସିଆଇ(ସି) କଟକ ଜିଲ୍ଲା ସମ୍ପାଦକ ବିଶ୍ୱାବସୁ ଦାସ, ଏସୟୁସିଆଇ(ସି) ଜିଲ୍ଲା କମିଟି ସଦସ୍ୟ ଭାଗ୍ୟ ରବି ଦାସ, ଏସସିଏସ ସଂଘ ପକ୍ଷରୁ ମାନଗୋବିନ୍ଦ ପଣ୍ଡା, ଯୋଗେନ୍ଦ୍ର ରାଉତ, ସତ୍ୟରଞ୍ଜନ ପ୍ରଧାନ, ସୁବାସ ପୃଷ୍ଟି, ବିଚିତ୍ରାନନ୍ଦ ରାଉତରାୟ, ବିଭୂତି ଭୂଷଣ ଭୋଇ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ମିଳିଲାନି ଔଷଧ; ରୋଗୀ ହଟହଟା

କଟକ,୨୦।୫(ସମିସ): ଅନଲାଇନରେ ଔଷଧ ବିକ୍ରିକୁ ବିରୋଧ କରି ଆଜି ଦେଶବ୍ୟାପୀ ଔଷଧ ଦୋକାନଗୁଡ଼ିକ ୨୪ ଘଣ୍ଟିଆ ବନ୍ଦ ରହିଥିବା ବେଳେ ଉତ୍କଳ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ ଡାକରାରେ ବି ସାରା ରାଜ୍ୟରେ ଓଷଧ ଦୋକାନ ବନ୍ଦ ରହିଥିଲା। ଏହାର ପ୍ରଭାବ କଟକ ସହରରେ ଆଜି ପରିଲକ୍ଷିତ ହୋଇଥିଲା। କଟକର ରାଣୀହାଟ, ମଙ୍ଗଳାବାଗ, କଲେଜଛକ, ବାଦାମବାଡି ଆଦି କେତେକ ପ୍ରମୁଖ ସ୍ଥାନ ସମେତ ସହରର ବିଭିନ୍ନ ଅଞ୍ଚଳରେ ରହିଥିବା ୨ ହଜାର ଔଷଧ ଦୋକାନ, ବିତରକ କେନ୍ଦ୍ରଗୁଡ଼ିକ ବନ୍ଦ ରହିଥିଲା। ଏହି ଅବସରରେ ସଂଘ ପକ୍ଷରୁ କଟକ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଅନଲାଇନ୍ ମାଧ୍ୟମରେ ଔଷଧ ବ୍ୟବସାୟ ଯୋଗୁଁ ପାରମ୍ପରିକ ଭାବେ ଔଷଧ ବିକ୍ରି କରୁଥିବା ହଜାର ହଜାର ବ୍ୟବସାୟୀ ଓ ସେମାନଙ୍କ କର୍ମଚାରୀଙ୍କ ଜୀବିକା ବିପନ୍ନ ହେବାକୁ ବସିଛି। ପ୍ରଚଳିତ ନିୟମ ଅନୁଯାୟୀ, ଅନଲାଇନରେ ଔଷଧ ଏବଂ ପ୍ରସାଧନ ସାମଗ୍ରୀ (କସମେଟିକ୍ସ) ବିକ୍ରି କରିବା ବେଆଇନ ଅଟେ। ଏହା ସତ୍ତ୍ୱେ ପ୍ରଶାସନ ପକ୍ଷରୁ ଏହା ବିରୋଧରେ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ବୋଲି ସଂଘ ଅଭିଯୋଗ କରିଛି। ଓଡିଶାରେ ପ୍ରାୟ ୩୦ ହଜାର ଔଷଧ ବ୍ୟବସାୟୀ ଏହି ବନ୍ଦରେ ସାମିଲ ହୋଇଥିଲେ। ଯଦି ସରକାର ଅନଲାଇନ୍ ଔଷଧ ବିକ୍ରି ଉପରେ ତୁରନ୍ତ ରୋକ୍ ନ ଲଗାନ୍ତି, ତେବେ ଆଗାମୀ ଦିନରେ ଏହି ଆନ୍ଦୋଳନକୁ ଆହୁରି ବ୍ୟାପକ ଓ ତୀବ୍ର କରାଯିବ ବୋଲି ବ୍ୟବସାୟୀ ମାନେ ଚେତାବନୀ ଦେଇଛନ୍ତି। ଔଷଧ ଦୋକନ ବନ୍ଦ ରହିଥିବାରୁ ଆଜି ଦୂରଦୂରାନ୍ତରୁ ଆସିଥିବା ରୋଗୀ ବହୁ ଦରକାରୀ ଔଷଧ ନ ପାଇ ନିରାଶରେ ଫେରିଥିବା ଦେଖିବାକୁ ମିଳିଥିଲା। ଯଦିଓ ସମସ୍ତ ହସ୍ପିଟାଲ ପରିସରର ନିରାମୟ କେନ୍ଦ୍ର ସହ ସହରରେ ଥିବା ଜନଔଷଧୀ କେନ୍ଦ୍ରଗୁଡ଼ିକ ଖୋଲା ରହିଥିଲା ହେଲେ ଏଥିରେ ସମସ୍ତ ଔଷଧ ଉପଲବ୍ଧ ନ ଥିବାରୁ ରୋଗୀମାନେ ହଇରାଣ ହରକତ ହୋଇଥିଲେ।

## ଏସ୍‌ସିବିରେ ଅସ୍ଥାୟୀ ଟ୍ରମା ଆଇସିୟୁ କାର୍ଯ୍ୟକ୍ଷମ

କଟକ,୨୦।୫(ସମିସ): ଶ୍ରୀରାମ ଚନ୍ଦ୍ର ଭଞ୍ଜ (ଏସସିବି) ମେଡିକାଲ କଲେଜ ହସ୍ପିଟାଲର ସର୍ଜରୀ ବିଭାଗର ତଳ ମହଲାରେ ଆଜି ଏକ ୧୭ ଶଯ୍ୟା ବିଶିଷ୍ଟ ନୂତନ ଅସ୍ଥାୟୀ ଟ୍ରମା ଆଇସିୟୁ ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି। ଗତ ମାର୍ଚ୍ଚ ୧୬ ତାରିଖରେ ମେଡିକାଲର ପୁରୁଣା ଟ୍ରମା ଆଇସିୟୁରେ ଅଗ୍ନିକାଣ୍ଡ ଘଟିବା ଯୋଗୁଁ ସେଠାରେ ରୋଗୀ ସେବା ଦୀର୍ଘ ଦିନ ହେବ ବନ୍ଦ ରହିଥିଲା। ଗୁରୁତର ଆହତ ରୋଗୀଙ୍କ ଜରୁରୀକାଳୀନ ଚିକିତ୍ସାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ତୁରନ୍ତ ଏହି ଅସ୍ଥାୟୀ ବିକଳ୍ପ ବ୍ୟବସ୍ଥା କରାଯାଇଛି। ଏହି ନୂତନ ଆଇସିୟୁରେ ରୋଗୀଙ୍କ ପାଇଁ ଆଧୁନିକ ଆଇସିୟୁ ବେଡ୍, ଅତ୍ୟାଧୁନିକ ମନିଟରିଂ ସିଷ୍ଟମ, ନିରବଚ୍ଛିନ୍ନ ଅକ୍ସିଜେନ୍ ସପୋର୍ଟ ସମେତ ସମସ୍ତ ଜରୁରିକାଳୀନ ଜୀବନ ରକ୍ଷାକାରୀ ଉପକରଣ ଉପଲବ୍ଧ କରାଯାଇଛି। ଏହି ଉଦଘାଟନୀ ଉତ୍ସବରେ ଏସସିବି ମେଡିକାଲ କଲେଜ ଡିନ୍ ପ୍ରଫେସର ପ୍ରତିଭା ପଣ୍ଡା, ଅଧିକ୍ଷକ ପ୍ରଫେସର ଜ୍ୟୋତିଷ ଚନ୍ଦ୍ର ଚୌଧୁରୀ, ରେଜିଷ୍ଟ୍ରାର ସୁବାସ ଚନ୍ଦ୍ର ରାୟ, ଅର୍ଥ ଅଧିକାରୀ ମାନସ ପାତ୍ର, ଅତିରିକ୍ତ ଅଧିକ୍ଷକ ଡଃ ଜ୍ୟୋତିର୍ମୟ ନାୟକ ଏବଂ ସର୍ଜରୀ ବିଭାଗର ମୁଖ୍ୟ ପ୍ରଫେସର ହରେକୃଷ୍ଣ ମାଝୀଙ୍କ ସମେତ ବହୁ ବରିଷ୍ଠ ଚିକିତ୍ସାଧିକାରୀ ଓ ହସ୍ପିଟାଲ ପରିଚାଳକ ଉପସ୍ଥିତ ଥିଲେ।



**୮୩ତମ ଭଞ୍ଜ ଜୟନ୍ତୀର ପଞ୍ଚମ ସନ୍ଧ୍ୟା**

## 'ଭଞ୍ଜ ସାହିତ୍ୟରେ ଅଳଙ୍କାର ବର୍ଣ୍ଣନା ଦୁର୍ମୂଲ୍ୟ'



କଟକ,୨୦।୫(ସମିସ): କଳିଙ୍ଗ ଭାରତୀ ଓ ଉତ୍କଳ ଛାତ୍ର ସାହିତ୍ୟ ସମାଜ ପକ୍ଷରୁ ଓଡ଼ିଶା ସାହିତ୍ୟ ଏକାଡେମୀ ସହଯୋଗରେ କଟକ ମିସନ୍ ରୋଡ୍ ସ୍ଥିତ ଭଞ୍ଜ ମଣ୍ଡପଠାରେ ଆୟୋଜିତ ୮୩ତମ ଐତିହାସିକ ଭଞ୍ଜ ଜୟନ୍ତୀର ପଞ୍ଚମ ସନ୍ଧ୍ୟା ବୁଧବାର ସଫଳତାର ସହ ସମ୍ପନ୍ନ ହୋଇଯାଇଛି। ଏହି ଅବସରରେ ଭଞ୍ଜ ସାହିତ୍ୟର ବିଭିନ୍ନ ଦିଗ ଉପରେ ବିଶିଷ୍ଟ ବକ୍ତା ଓ ଗବେଷକମାନେ ଆଲୋକପାତ କରିଥିଲେ। ସଭାରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଗବେଷିକା କମଳ କୁମାରୀ ଦାଶ ପ୍ରକାଶ କରିଥିଲେ ଯେ, କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟରେ ଅଳଙ୍କାରର ବର୍ଣ୍ଣନା ଅତ୍ୟନ୍ତ ଦୁର୍ମୂଲ୍ୟ ଏବଂ ତାଙ୍କ ସାହିତ୍ୟ ଓଡ଼ିଆ ଜାତି ପାଇଁ ପ୍ରେରଣା ଓ ଦିଗଦର୍ଶନ ଅଟେ। ସାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ସମ୍ମାନିତ ଅତିଥି ଭାବେ କଳିଙ୍ଗ ଭାରତୀର ଉପଦେଷ୍ଟା ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ ଏବଂ ସମ୍ମାନିତ ବକ୍ତା ଭାବେ ରଘୁନାଥଜୀଉ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସ୍ନେହଲତା ମିଶ୍ର ଯୋଗଦେଇ ଭଞ୍ଜ ସାହିତ୍ୟରେ ଅଳଙ୍କାର ପ୍ରୟୋଗର ଚାତୁରୀ ଓ ଯୁବସମାଜ ମଧ୍ୟରେ ଏହାର ଜାଗରଣ ସମ୍ପର୍କରେ ଆଲୋଚନା କରିଥିଲେ। କଳିଙ୍ଗ ଭାରତୀର ସଭାପତି ଡାକ୍ତର ଶୈଳେଶ୍ୱର ନନ୍ଦ ସ୍ୱାଗତ ଭାଷଣ ଦେଇଥିବା ବେଳେ ନିର୍ବାହୀ ସଭାପତି ପ୍ରଭାତ କୁମାର ନନ୍ଦ, ସମ୍ପାଦକ ସିଦ୍ଧାର୍ଥ ଶଙ୍କର ମହାନ୍ତି ଏବଂ ସଂଗଠନ ସମ୍ପାଦକ ପ୍ରଦୀପ କର କାର୍ଯ୍ୟକ୍ରମ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଜୟନ୍ତୀ ଅବସରରେ ପୂର୍ବାହ୍ନରେ ଆୟୋଜିତ ଚିତ୍ତାକର୍ଷକ ଚିତ୍ରକଳା ପ୍ରତିଯୋଗିତାରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଶତାଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

**ବଡ଼ମ୍ବା ପଞ୍ଚାୟତସମିତିର ଦଶମ ବୈଠକ**

## ଶାସକ ଓ ବିରୋଧୀ ଜନପ୍ରତିନିଧିଙ୍କ ମଧ୍ୟରେ କଥା କଟାକଟି



ବଡ଼ମ୍ବା,୨୦।୫(ସମିସ): ଭଟ୍ଟାରିକା ପଞ୍ଚାୟତ ଶିଶୁ ଉଦ୍ୟାନ ପରିସରରେ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତିଙ୍କ ଅଧ୍ୟକ୍ଷତାରେ ବଡ଼ମ୍ବା ପଞ୍ଚାୟତ ସମିତିର ଦଶମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପୂର୍ବତନ ଅଧ୍ୟକ୍ଷ ବିଭୁଦତ୍ତ ପଟ୍ଟନାୟକ, ଉପାଧ୍ୟକ୍ଷା ସ୍ୱର୍ଣ୍ଣଲତା ବେହେରା, ସାଂସଦଙ୍କ ପ୍ରତିନିଧି ଦୀପକ ସାହୁ, ଜିଲ୍ଲା ପରିଷଦ ସଭ୍ୟ ରବୀନ୍ଦ୍ର ସାହୁ, ସଭ୍ୟା ନୟନା ସାହୁ ଏବଂ ବିଡିଓ ଚିତ୍ତରଞ୍ଜନ ଦାସଙ୍କ ସମେତ ୩୮ଟି ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟମାନେ ଉପସ୍ଥିତ ଥିଲେ। ମାତ୍ର ବୈଠକରେ ବହୁ ପ୍ରଶାସନିକ ଅଧିକାରୀ ଅନୁପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ବୈଠକ ଆରମ୍ଭରୁ ପୂର୍ବ ଅଧିବେଶନର ପ୍ରସ୍ତାବଗୁଡ଼ିକ କାର୍ଯ୍ୟକାରୀ ହୋଇ ନ ଥିବା ଏବଂ ଅଧିକାରୀମାନଙ୍କ ଅନୁପସ୍ଥିତିକୁ ନେଇ ବିରୋଧୀ ଦଳର ପ୍ରତିନିଧିମାନେ ପ୍ରବଳ ହଟ୍ଟଗୋଳ କରିଥିଲେ। ଶାସକ ଦଳର ନେତାମାନେ ଏହାକୁ ପ୍ରତିହତ କରିବାରୁ ଉଭୟଙ୍କ ମଧ୍ୟରେ ତୀବ୍ର ଆରୋପ-ପ୍ରତ୍ୟାରୋପ ଚାଲିଥିଲା, ଯାହା ପରେ ଅଧ୍ୟକ୍ଷଙ୍କ ହସ୍ତକ୍ଷେପ ଯୋଗୁଁ ସ୍ଥିତି ଶାନ୍ତ ପଡ଼ିଥିଲା। ବୈଠକ ଚାଲିଥିବା ସମୟରେ ବିଦ୍ୟୁତ୍ ବିଭାଗର ଜଣେ ଅଧିକାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଦୋଷାରୋପ କରିବାରୁ ବିରୋଧୀମାନେ ଏହାକୁ ତୀବ୍ର ବିରୋଧ କରିଥିଲେ। ବିଡିଓଙ୍କୁ ଅସମ୍ମାନ କରିବା ଅଭିଯୋଗରେ ସମ୍ପୃକ୍ତ ବିଦ୍ୟୁତ୍ ଅଧିକାରୀଙ୍କୁ ବୈଠକରୁ ବାହାର କରିବାକୁ ଦାବି ହେବା ପରେ, ଅଧ୍ୟକ୍ଷ ଶ୍ରୀ ମହାନ୍ତି ତାଙ୍କୁ ମଞ୍ଚ ଛାଡ଼ି ଚାଲିଯିବାକୁ ପରାମର୍ଶ ଦେଇଥିଲେ।

**ଯୁକ୍ତ ଦୁଇ ପରୀକ୍ଷା ଫଳ ପ୍ରକାଶିତ**

# ଛାତ୍ରଛାତ୍ରୀଙ୍କ ଚମତ୍କାର ପ୍ରଦର୍ଶନ




**କଟକର ପ୍ରମୁଖ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ଉତ୍ସାହର ମାହୋଲ**

କଟକ,୨୦।୫(ସମିସ):

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତ ବର୍ଷର ଯୁକ୍ତ ଦୁଇ ପରୀକ୍ଷାରେ କଟକ ସହରର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନଗୁଡ଼ିକର ଫଳାଫଳ ଅତ୍ୟନ୍ତ ଉତ୍ସାହଜନକ ହୋଇଛି। ବିଦ୍ୟାଳୟଗୁଡ଼ିକର ବହୁ ସଂଖ୍ୟକ ବିଦ୍ୟାର୍ଥୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ସହ ସର୍ବୋଚ୍ଚ ନମ୍ବର ରଖି ନିଜ ନିଜ ଅନୁଷ୍ଠାନର ଗୌରବ ବଢ଼ାଇଛନ୍ତି। ଛାତ୍ରଛାତ୍ରୀଙ୍କ ଏହି ଅଭୁତପୂର୍ବ ସଫଳତା ପାଇଁ ବିଦ୍ୟାଳୟର ଅଧ୍ୟକ୍ଷ, ପ୍ରଧାନ ଆଚାର୍ଯ୍ୟ ଏବଂ ପରିଚାଳନା କମିଟିର କର୍ମକର୍ତ୍ତାମାନେ ସମସ୍ତ କୃତୀ ବିଦ୍ୟାର୍ଥୀଙ୍କୁ ଆନ୍ତରିକ ଅଭିନନ୍ଦନ ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

### ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ରେଭେନ୍ସାରେ ସବୁଥର ଭଳି ଏଥର ମଧ୍ୟ ପାସ୍ ହାର ଉଚ୍ଚ ରହିଛି। କଳା ପାଠ୍ୟକ୍ରମରେ ୪୯୩ ଜଣଙ୍କ ମଧ୍ୟରୁ ୪୮୪ ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ପାସ୍ ହାର ୯୮.୧୭ ପ୍ରତିଶତ ରହିଛି; ଏଥିରେ ଅଙ୍କିତା ନାୟକ ୯୭ ପ୍ରତିଶତ ନମ୍ବର ରଖି ଟପ୍ପର ହୋଇଛନ୍ତି। ବିଜ୍ଞାନରେ ୩୭୬ ଜଣଙ୍କରୁ ୩୬୬ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି (ପାସ୍ ହାର ୯୭.୩୪ ପ୍ରତିଶତ) ଏବଂ ଶାଶ୍ୱତୀ ଲକ୍ଷ୍ମୀ କୁଣ୍ଡ ଓ ଅଙ୍କିତା ସେଠୀ ୯୮.୧୭ ପ୍ରତିଶତ ରଖି ଯୁଗ୍ମ ଟପ୍ପର ହୋଇଛନ୍ତି। ସେହିପରି ବାଣିଜ୍ୟରେ ୨୫୩ ଜଣଙ୍କ ମଧ୍ୟରୁ ୨୦୬ ଜଣ ପ୍ରଥମ ଶ୍ରେଣୀ ସହ ମୋଟ୍ ୯୮.୪୨ ପ୍ରତିଶତ ପାସ୍ ହାର ରହିଛି ଏବଂ ପ୍ରିୟାଂଶୁ ପ୍ରିୟଦର୍ଶିନ ପଣ୍ଡା ୯୭.୬୭ ପ୍ରତିଶତ ନମ୍ବର ସହ ବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।

### ଶୈଳବାଳା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ଏହି ପ୍ରତିଷ୍ଠିତ ମହିଳା ବିଦ୍ୟାଳୟର ଛାତ୍ରୀମାନେ ଚମତ୍କାର ସଫଳତା ହାସଲ କରିଛନ୍ତି। କଳାରେ ୨୪୮ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୭୧ ଜଣ ପ୍ରଥମ ଶ୍ରେଣୀରେ ପାସ୍ କରିଥିବା ବେଳେ ପାସ୍ ହାର ୯୭.୫୮ ପ୍ରତିଶତ ରହିଛି ଏବଂ ସୁଦୀକ୍ଷା ଦାଶ ୫୫୪ ନମ୍ବର ରଖି ପ୍ରଥମ ହୋଇଛନ୍ତି। ବିଜ୍ଞାନରେ ପାସ୍ ହାର ୯୩.୨୫ ପ୍ରତିଶତ ରହିଥିବା ବେଳେ ୧୯୭ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି ଓ ସୁଲୋଚନା ମଲ୍ଲିକ ୫୫୮ ନମ୍ବର ସହ ଶୀର୍ଷରେ ଅଛନ୍ତି। ବାଣିଜ୍ୟରେ ମଧ୍ୟ ୯୮.୪୩ ପ୍ରତିଶତ ଉଚ୍ଚ ପାସ୍ ହାର ସହ ସ୍ନେହା ଦାସ ୫୭୮ ନମ୍ବର ରଖି ବିଦ୍ୟାଳୟରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି।

### ଜେକେବିକେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ଜେକେବିକେରେ ତିନୋଟି ଯାକ ପାଠ୍ୟକ୍ରମରେ ବେଶ୍ ଭଲ ଫଳାଫଳ ଦେଖିବାକୁ ମିଳିଛି। କଳାରେ ୨୫୪ ଜଣଙ୍କ ମଧ୍ୟରୁ ୨୧୮ ଜଣ କୃତକାର୍ଯ୍ୟ ହୋଇଛନ୍ତି, ଯେଉଁଥିରେ ଆର୍ଯ୍ୟଶ୍ରୀତମ ଶତପଥୀ ଓ ସ୍ୱପ୍ନ ବିରାତ ୫୫୫ ନମ୍ବର ରଖି ଯୁଗ୍ମ ଟପ୍ପର ହୋଇଛନ୍ତି। ବିଜ୍ଞାନରେ ୨୪୯ ଜଣଙ୍କ ମଧ୍ୟରୁ ୨୧୪ ଜଣ ପ୍ରଥମ ଶ୍ରେଣୀରେ ପାସ୍ କରିଥିବା ବେଳେ ଅର୍ଚ୍ଚିତା ମହାରଣା ଓ ମନିଷା ଝା ୫୬୫ ନମ୍ବର ରଖି ଯୁଗ୍ମ ଭାବେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ବାଣିଜ୍ୟରେ ୧୨୬ ଜଣଙ୍କ ମଧ୍ୟରୁ ୯୪ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଗାୟତ୍ରୀ ସ୍ୱାଇଁ ୫୭୨ ନମ୍ବର ସହ ଟପ୍ପର ହୋଇଛନ୍ତି।

### ଖ୍ରୀଷ୍ଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ଖ୍ରୀଷ୍ଟ କଲେଜରେ ବାଣିଜ୍ୟ ପାଠ୍ୟକ୍ରମରେ ୯୪.୪ ପ୍ରତିଶତ ବିଦ୍ୟାର୍ଥୀ ସଫଳତା ପାଇଛନ୍ତି, ଯେଉଁଥିରେ କାଜଲ ଶାହା ୫୩୮ ନମ୍ବର ରଖି ପ୍ରଥମ ହୋଇଛନ୍ତି। ବିଜ୍ଞାନରେ ପାସ୍ ହାର ୭୯.୩୩ ପ୍ରତିଶତ ରହିଛି ଏବଂ ସୌମ୍ୟ ରଞ୍ଜନ ସାହୁ ସର୍ବୋଚ୍ଚ ୫୩୦ ମାର୍କ ରଖି ବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି କଳା ପାଠ୍ୟକ୍ରମରେ ୨୮୩ ଜଣଙ୍କ ମଧ୍ୟରୁ ୭୮ ଜଣ ପ୍ରଥମ ଶ୍ରେଣୀ ସହ ମୋଟ ପାସ୍ ହାର ୮୨.୩୩ ପ୍ରତିଶତ ରହିଛି ଏବଂ ତୁହିନା ତରାସ୍ୱିନୀ ୫୨୦ ମାର୍କ ରଖି କଲେଜ ଟପ୍ପର ହୋଇଛନ୍ତି। କଲେଜ ଅଧ୍ୟକ୍ଷା ଡ. ଦେବଯାନୀ ଦାଶ ସମସ୍ତ କୃତୀ ବିଦ୍ୟାର୍ଥୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ତୁଳସୀପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ଏହି ବିଦ୍ୟାଳୟର ଯୁକ୍ତ ଦୁଇ ବିଜ୍ଞାନ ପାଠ୍ୟକ୍ରମର ଫଳାଫଳ ଅତ୍ୟନ୍ତ ଗୌରବପୂର୍ଣ୍ଣ ହୋଇଛି। ଅନୁଷ୍ଠାନର ୨୩ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ମୋଟ୍ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୦୭ ଜଣ ପ୍ରଥମ ଶ୍ରେଣୀରେ ଏବଂ ୩ ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟ ସ୍ତରରେ ପ୍ରଜ୍ଞା ପାରମିତା ମଲ୍ଲିକ ୫୮୪ ନମ୍ବର ରଖି ପ୍ରଥମ, ସ୍ମୃତିରଞ୍ଜନ ସେନାପତି ୫୮୨ ନମ୍ବର ରଖି ଦ୍ୱିତୀୟ ଏବଂ ସମ୍ବିତ ଦାସ ୫୮୧ ନମ୍ବର ରଖି ତୃତୀୟ ସ୍ଥାନ ହାସଲ କରିଛନ୍ତି। ଅଧ୍ୟକ୍ଷ ଡ. ହୃଷିକେଶ ଆଚାର୍ଯ୍ୟ ଏବଂ ପ୍ରଧାନ ଆଚାର୍ଯ୍ୟ ଚିତ୍ତରଞ୍ଜନ ଭୁକ୍ତା ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ଷ୍ଟିୱାର୍ଟ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ଷ୍ଟିୱାର୍ଟ ବିଜ୍ଞାନ ବିଦ୍ୟାଳୟରେ ଚଳିତ ବର୍ଷ ଯୁକ୍ତ ଦୁଇ ବିଜ୍ଞାନରେ ମୋଟ ୪୧୮ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୩୦୯ ଜଣ ପ୍ରଥମ ଶ୍ରେଣୀରେ ଏବଂ ୬୫ ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ସଫଳତା ପାଇଛନ୍ତି। ବିଦ୍ୟାଳୟର ୮ ଜଣ ବିଦ୍ୟାର୍ଥୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ମହମ୍ମଦ ଅରମାନୂର ରହେମାନ ୯୬.୫ ପ୍ରତିଶତ ନମ୍ବର ସହ ବିଦ୍ୟାଳୟ ଟପ୍ପର ହୋଇଥିବା ବେଳେ ଆଦର୍ଶ ଅନୁରାଗ ପାଢୀ ୯୪.୩୩ ପ୍ରତିଶତ ରଖି ଦ୍ୱିତୀୟ ଏବଂ ଚିନ୍ମୟ ଝା ୯୨.୫ ପ୍ରତିଶତ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

### ଏନଏସଏମ ସିଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ଏନଏସଏମ ସିଟି କଲେଜରେ ମଧ୍ୟ ବିଦ୍ୟାର୍ଥୀମାନେ ଉତ୍ସାହଜନକ ପ୍ରଦର୍ଶନ କରିଛନ୍ତି। କଳା ପାଠ୍ୟକ୍ରମରେ ୩୨୦ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୭୯ ଜଣ ସଫଳ ହୋଇଥିବା ବେଳେ ୫୧ ଜଣ ପ୍ରଥମ ଶ୍ରେଣୀ ପାଇଛନ୍ତି। ବାଣିଜ୍ୟରେ ୧୦୯ ଜଣଙ୍କ ମଧ୍ୟରୁ ୧୦୧ ଜଣ ପାସ୍ କରିଛନ୍ତି ଏବଂ ବିଜ୍ଞାନରେ ୯୪ ଜଣଙ୍କ ମଧ୍ୟରୁ ୭୪ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଚଳିତ ବର୍ଷ କଲେଜସ୍ତରରେ କଳାରେ ପ୍ରଜ୍ଞା ସ୍ୱାଇଁ, ବାଣିଜ୍ୟରେ ରୋନକ ବ୍ରହ୍ମ ଏବଂ ବିଜ୍ଞାନରେ ଅଗ୍ନିଜା ଦାସ ନିଜ ନିଜ ପାଠ୍ୟକ୍ରମରେ ପ୍ରଥମ ସ୍ଥାନ ଅଧିକାର କରି ଅନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି।

### ରଘୁନାଥ ଜୀଉ ବିଦ୍ୟାଳୟ

+୨ ପରୀକ୍ଷାରେ ରଘୁନାଥ ଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଭଲ ପ୍ରଦର୍ଶନ କରିଛନ୍ତି। କଳା ବିଭାଗରେ ମୋଟ ୨୪୬ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୧୯ ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ପାସ୍ ହାର ୯୦ ପ୍ରତିଶତ ରହିଛି। ଏହି ବିଭାଗରେ ଛାତ୍ରୀ ସୁପ୍ରିୟା ପରିଡ଼ା ସର୍ବାଧିକ ୫୨୫ ନମ୍ବର ରଖି ବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ୩୯ ଜଣ ପରୀକ୍ଷାର୍ଥୀଙ୍କୁ ନେଇ ବିଜ୍ଞାନ ବିଭାଗର ପାସ୍ ହାର ୬୫ ପ୍ରତିଶତ ରେକର୍ଡ କରାଯାଇଛି ଏବଂ ରାଜେଶ ନାୟକ ସର୍ବାଧିକ ୪୪୩ ନମ୍ବର ରଖି ବିଭାଗୀୟ ଟପ୍ପର ହୋଇଛନ୍ତି। ବାଣିଜ୍ୟ ବିଭାଗରେ ୨୧ ଜଣ ପିଲା ପରୀକ୍ଷା ଦେଇଥିବା ବେଳେ ପାସ୍ ହାର ୮୫ ପ୍ରତିଶତ ରହିଛି ଓ ଛାତ୍ର ଶୁଭମ୍ ଜ୍ୟୋତି ଦାସ ସର୍ବାଧିକ ୪୮୩ ନମ୍ବର ହାସଲ କରି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ବିଦ୍ୟାଳୟର ଏହି ସଫଳତା ପାଇଁ ଅଧ୍ୟକ୍ଷା ଡଃ ସ୍ନେହଲତା ମିଶ୍ର କୃତୀ ଛାତ୍ରଛାତ୍ରୀମାନଙ୍କୁ ଆନ୍ତରିକ ଅଭିନନ୍ଦନ ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

### ଡ୍ରିମ୍ସ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ



ଡ୍ରିମ୍ସ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଶତପ୍ରତିଶତ ସଫଳତା ହାସଲ କରିଛି। ପରୀକ୍ଷା ଦେଇଥିବା ମୋଟ ୧୫୩ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୩୨ ଜଣ ପ୍ରଥମ ଶ୍ରେଣୀରେ ଓ ଅନ୍ୟ ସମସ୍ତ ୨୧ଜଣ ଛାତ୍ରଛାତ୍ରୀ ଦ୍ୱିତୀୟଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ରୀ ରଶ୍ମୀରେଖା ମହାନ୍ତ ୫୫୮ (୯୩ %) ନମ୍ବର ରଖି ବିଦ୍ୟାଳୟ ଟପର୍ ହୋଇଛନ୍ତି। 'ନିଟ' ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଥିବା ରଶ୍ମୀରେଖା ଭଲ ର୍ୟାଙ୍କ୍ ପାଇ ମେଡିକାଲ ପଢି ଜଣେ ଭଲ ଡାକ୍ତର ହେବା ଲକ୍ଷ୍ୟ ରଖିଥିବା ପ୍ରତିକ୍ରିୟାରେ କହିଛନ୍ତି। ଯୁକ୍ତ ଦୁଇରେ ଏଥର ଉଲ୍ଲେଖନୀୟ ସଫଳତା ପାଇଁ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ସହ ଅଧ୍ୟକ୍ଷ ଇଂ ଦୁର୍ଗା ପ୍ରସାଦ ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ ଓ ନିର୍ଦ୍ଦେଶିକା ଚିନ୍ମୟୀ ରଥ ପ୍ରମୁଖ କୃତକାର୍ଯ୍ୟ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ଯୁଯୁମୁରାରେ ବିଜେଡିର ନାରୀ ଅଧିକାର ଅଭିଯାନ

# ବିଜେପି ସରକାର ମହିଳାଙ୍କୁ ସୁରକ୍ଷା ଦେବାରେ ବିଫଳ: ପ୍ରସନ୍ନ






ସମ୍ବଲପୁର, ୨୦।୫(ସମିସ):ବିଜେପି ସରକାର ମହିଳାଙ୍କୁ ସମ୍ମାନ ଦେବା କହି କ୍ଷମତାକୁ ଆସିଥିଲା। କିନ୍ତୁ ଏହି ସରକାରଙ୍କ ସମୟରେ ଅଧିକ ମହିଳା ନିର୍ଯାତନା, ଧର୍ଷଣର ଶିକାର ହୋଇଛନ୍ତି। ମହିଳା ଜଣେ ବାହାରକୁ ବାହାରିବାକୁ ଭୟ କରୁଛି। ରାଜ୍ୟରେ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ବିଗିଡି ଯାଇଛି। ମହିଳାଙ୍କୁ ପ୍ରତିଶ୍ରୁତି ଦେଇଥିବା ବିଜେପି ସରକାର ଏବେ ଫେଲ ମାରିଛି ବୋଲି କହିଛନ୍ତି ବିରୋଧ ଦଳ ଉପନେତା ତଥା ରେଢାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ନାରୀ ଅଧିକାର ଅଭିଯାନରେ କହିଛନ୍ତି। ସୂଚନା ଅନୁସାରେ ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜୁ ମହିଳା ଜନତା ଦଳ ପକ୍ଷରୁ 'ନାରୀ ଅଧିକାର ଅଭିଯାନ' ଅବସରରେ ବୁଧବାର ଶୋଭାଯାତ୍ରା, ବିକ୍ଷୋଭ ସମାବେଶ ତଥା ରାଷ୍ଟ୍ରପତିଙ୍କ ଉଦେଶ୍ୟରେ ଦାବିପତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଯୁଯୁମୁରା କଲ୍ୟାଣ ମଣ୍ଡପ ଠାରୁ ବିରାଟ ରାଲିରେ ବିଜେଡ଼ି ମହିଳା କର୍ମୀମାନେ ବାହାରି ସରକାର ବିରୋଧୀ ସ୍ଲୋଗାନ ଦେଇ ପ୍ଲାକାର୍ଡ ଧରି ସ୍ଥାନୀୟ କଲ୍ୟାଣ ମଣ୍ଡପରୁ ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟ ପହଞ୍ଚିଥିଲେ। ବିରୋଧୀ ଦଳ ଉପନେତା ତଥା ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜେଶ ଏକ୍କାଙ୍କୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ବିଧାୟକ ଶ୍ରୀ ଆଚାର୍ଯ୍ୟ କହିଥିଲେ ଯେ ବିଜୁ ବାବୁଙ୍କ ପରେ ନବୀନ ପଟ୍ଟନାୟକ ହିଁ ମହିଳାଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ଦେଇଥିଲେ। ଓଡ଼ିଶାରେ ମହିଳାଙ୍କ ପ୍ରତି ଗତ ୨୦୨୫ ମସିହାରେ ଘଟିଥିବା ଧର୍ଷଣ, ଅପହରଣର ଲମ୍ବା ତାଲିକା ବିଷୟରେ ଉପସ୍ଥିତ ମହିଳାଙ୍କୁ ଅବଗତ କରାଇଥିଲ। କେନ୍ଦ୍ର ଏବଂ ରାଜ୍ୟ ସରକାର ମହିଳାଙ୍କ ସ୍ୱାଭିମାନ ଓ ଅଭିମାନ ଉପରେ କୁଠାରଘାତ କରିଛନ୍ତି ବୋଲି ପ୍ରକାଶ କରି ଆଗାମୀ ଦିନରେ ଗାଁ ଗାଁରେ ଏହାର ଜବାବ ମହିଳାମାନେ ବିଜେପିକୁ ଦେବେ ବୋଲି କହିଥିଲେ।

ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ କହିଥିଲେ ଯେ ମହିଳାଙ୍କ ମାନ ସମ୍ମାନ ହାନି କରୁଛନ୍ତି ମୋହନ ସରକାର। ମୋ ପରି ଜଣେ ଗରିବ ମା'ର ପୁଅକୁ ବିଧାୟକ କରି ନବୀନ ପଟ୍ଟନାୟକ ଅଗଣିତ ମା' ଙ୍କୁ ସମ୍ମାନ ଦେଇଛନ୍ତି

**● ମହିଳାଙ୍କ ସ୍ୱାଭିମାନ ଓ ଅଭିମାନ ଉପରେ କୁଠାରଘାତ**

**● ବିଜୁ ବାବୁଙ୍କ ପରେ ନବୀନ ପଟ୍ଟନାୟକ ହିଁ ମହିଳାଙ୍କୁ ସଂରକ୍ଷଣ ଦେଇଥିଲେ**

ବୋଲି କହିଥିଲେ। ଜିଲ୍ଲା ପରିଷଦ ସଭାନେତ୍ରୀ କୁମୋଦିନୀ ନାୟକ, ରେଢ଼ାଖୋଲ ପଞ୍ଚାୟତ ସମିତି ଅଧକ୍ଷ ପ୍ରଦୀପ ପ୍ରଧାନ, ଯୁଯୁମୁରା ପଞ୍ଚାୟତ ସମିତି ଅଧକ୍ଷା ମମତା ନାୟକ, ନାକଟିଦେଉଳ ପଞ୍ଚାୟତ ସମିତି, ଅଧକ୍ଷା ସ୍ୱରୂପାରାଣୀ ସାହୁ, ମାନନେଶ୍ୱର ଜୋନ-୨ ଜିଲ୍ଲା ପରିଷଦ ସଦସ୍ୟା ଗୀତାଞ୍ଜଳି ପାଣ୍ଡେ, ନାକଟିଦେଉଳ ଜୋନ-୨ ଜିଲ୍ଲା ପରିଷଦ ସଦସ୍ୟା ପ୍ରିୟମ୍ବଦା ସାହୁ, ନାକଟିଦେଉଳ ବ୍ଲକ ପୂର୍ବତନ ଅଧକ୍ଷା ଗୋଲାପୀ ସାହୁ, ବିଜୁ ମହିଳା ଜନତା ଦଳ ଜୋନ ସଭାନେତ୍ରୀ ସିପ୍ରା ମହାନ୍ତି, ବିଜୁ ମହିଳା ଜନତା ଦଳ ରାଜ୍ୟ ଉପ ସଭାନେତ୍ରୀ ଉଷା ପ୍ରଧାନ, ଜିଲ୍ଲା ବିଜୁ ମହିଳା ସଭାନେତ୍ରୀ ସଂଯୁକ୍ତା ମେହେର, ବିଜୁ ଯୁବ ଜନତା ଦଳ ରାଜ୍ୟ ଉପ ସଭାପତି ହୀରାଲାଲ ବେହେରା, ବିଜୁ ଯୁବ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ମନୋଜ ମହାପାତ୍ର, ରେଢ଼ାଖୋଲ ବ୍ଲକ ବିଜେଡି ସଭାପତି ଉଦିତ ତ୍ରିପାଠୀ, ବିନୋଦ ବଡ଼ପଣ୍ଡା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ମହିଳାଙ୍କ ପ୍ରତି କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଅବହେଳା ନେଇ ବର୍ଷିଥିଲେ। ସଭା ପ୍ରାରମ୍ଭରେ ଅତିଥି ଗଣ ମା' ସମଲେଶ୍ୱରୀ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ତୈଳ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ରେଢ଼ାଖୋଲ ବ୍ଲକ ଉପାଧକ୍ଷା ଚିନ୍ମୟୀ ତ୍ରିପାଠୀ ସଭା ପରିଚାଳନା କରିଥିବା ବେଳେ ଶେଷରେ ମେଘପାଳ ସରପଞ୍ଚ ମମତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସମାବେଶରେ ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀ ମାନେଶ୍ୱର, ନାକଟିଦେଉଳ, ରେଢ଼ାଖୋଲ ଏବଂ ଯୁଯୋମୁରା ବ୍ଲକର ନିର୍ବାଚିତ ସରପଞ୍ଚ, ସମିତି ସଭ୍ୟଙ୍କ ସମେତ ହଜାର ହଜାର ମହିଳା ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ ଆୟୋଜନ କରିବାରେ ପ୍ରଫୁଲ୍ଲ ମିର୍ଦ୍ଧା, ଅଶ୍ୱିନୀ ଦେହୁରୀ, ବୈରାଗୀ ଦେହୁରୀ, ପ୍ରହ୍ଲାଦ ପ୍ରଧାନ, ଲୁଲୁ ନାୟକ, ରିତୁ ଦେହୁରୀ, ଲିଙ୍ଗରାଜ ଦାଶ, ସୁଶୀଲ ବେହେରା, ଇସ ମାଇଲ ଆଜାଦ ବଡେଇ, ଇଳାବତୀ ପୂଜାରୀ, ଲିନା ରାଣୀ ମହାପାତ୍ର, ନେତ୍ରା ନନ୍ଦ ବିଶ୍ୱାଳ, ମାନସ ବେହେରା, ଧରଣୀ ନାଗ, ଆଦିତ୍ୟ ନାୟକ, ପଙ୍କଜ ବୁଢ଼େକ, ଧଳ ସେଠ୍, ଗୁଣନିଧି ବିଶ୍ୱାଳ, ସିଧେଶ୍ୱର ପ୍ରଧାନ, ତରଣୀ ସେନ ମିର୍ଦ୍ଧା, ପ୍ରଫୁଲ୍ଲ ମିର୍ଦ୍ଧା, ଗୌରାଙ୍ଗ ପୁରୋହିତ, ଲଳିତା ପ୍ରଧାନ, ଦୟାନିଧି ଭୋଇ, ନୃପଶେଖର କୁମୁରା, ଘନ ସାହୁ, ପ୍ରଦୀପ ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ।

## ଆହତ ସାମ୍ବାଦିକଙ୍କୁ ଭେଟି ଚିକିତ୍ସା ବୁଝିଲେ ପ୍ରସନ୍ନ

ସମ୍ବଲପୁର, ୨୦।୫(ସମିସ): ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀର ଯୁଯୁମୁରାକୁ ବୁଧବାର ଖବର ସଂଗ୍ରହ ପାଇଁ ଯାଇଥିବା ବେଳେ ନନ୍ଦିଘୋଷ ଟିଭିର ଜିଲ୍ଲା କ୍ୟାମେରା ପର୍ସନ ନିଲୁ ସାହୁଙ୍କୁ କୁକୁର କାମୁଡିବାରୁ ଆହତ ହୋଇଛନ୍ତି। କରାଯାଇଥିଲା।ଡ. ଚିତ୍ତରଞ୍ଜନ ସାହୁ ଚିକିତ୍ସା କରି ଏଆରଭି, ଟିଟାନସ, ଇମିନୋ ଗ୍ଲୋବୁଲିନ୍ ଇଞ୍ଜେକ୍ସନ ଦେଇଥିଲେ। ସମ୍ବଲପୁରରୁ ଯୁଯୁମୁରା ଯାଇଥିବା ସାମ୍ବାଦିକ ଅଜୟ ନାଥ, ପ୍ରମୋଦ ବହିଦାର, ଶୁଭଶ୍ରୀ ବାରିକ, ସୁଶାନ୍ତ ମହାପାତ୍ର, ଶୁଭମ ଖଡ଼ିରତ୍ନ,



ଖବର ପାଇ ବିରୋଧୀ ଦଳ ଉପ ନେତା ତଥା ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ଡାକ୍ତରଖାନା ପହଞ୍ଚି ଚିକିତ୍ସା କଥା ପଚାରି ବୁଝିଥିଲେ। ଯୁଯୁମୁରା ଥାନା କଡରେ ଥିବା ରିତୁଲ ହୋଟେଲ ନିକଟରେ ନିଲୁ ସାହୁଙ୍କୁ କୁକୁର ଆକ୍ରମଣ କରିଥିଲା। ତାଙ୍କୁ ରକ୍ତାକ୍ତ ଅବସ୍ଥାରେ ନିଲୁଙ୍କୁ ଯୁଯୁମୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ସରୋଜ ସାହୁ, ସୁବାଶିଷ ପାଢ଼ୀ, ଦୁଲାଲ ଚନ୍ଦ୍ର ରାୟ ପ୍ରମୁଖ ଡାକ୍ତରଖାନା ପହଞ୍ଚିଥିଲେ। ବିଜୁ ଯୁବ ଜନତା ଦଳ ରାଜ୍ୟ ଉପସଭାପତି ହୀରାଲାଲ ବେହେରା, ବିଜେଡି ଯୁଯୋମୁରା ବ୍ଲକ ସଭାପତି ବିନୋଦ ବଡ଼ପଣ୍ଡା, ଲିପିଣ୍ଡା ସରପଞ୍ଚ ପ୍ରଫୁଲ୍ଲ ମିର୍ଦ୍ଧା ମଧ ପହଞ୍ଚି ସାମ୍ବାଦିକ ଶ୍ରୀ ସାହୁଙ୍କ ଚିକିତ୍ସା କଥା ବୁଝିଥିଲେ।

## ନିର୍ଦ୍ଦେଶ ଉଲ୍ଲଂଘନ ଅଭିଯୋଗ

# ଗର୍‌ପୋଶ୍ ଲ୍ୟାମ୍ପସ୍ ଏମ୍‌ଡିଙ୍କୁ କାରଣ ଦର୍ଶାଅ ନୋଟିସ୍

କୁଚିଣ୍ଡା, ୨୦।୫(ସମିସ):କୃଷି ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ସାରବର୍ଣ୍ଟନକୁ ନେଇ ଜାରି ହୋଇଥିବା ନିର୍ଦ୍ଦେଶ ଉଲ୍ଲଂଘନ ଅଭିଯୋଗରେ ଗରପୋଶ ଲ୍ୟାମ୍ପସର ଏମ୍‌ଡି ବାବୁଲାଲ ସେଠୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଏହି ଘଟଣାକୁ ନେଇ କୃଷି ବିଭାଗ ଓ ଜିଲ୍ଲା ପ୍ରଶାସନ କଡ଼ା ଆଭିମୁଖ୍ୟ ଗହଣ କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଚାଷୀମାନଙ୍କ ମଧ୍ୟରେ ସମାନ ଭାବରେ ସାର ବଣ୍ଟନ ସୁନିଶ୍ଚିତ କରିବା ପାଇଁ କୃଷି ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଲ୍ୟାମ୍ପସ ଏମ୍‌ଡିଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ଯେ, ପ୍ରତିଦିନ ପ୍ରତି ଚାଷୀଙ୍କୁ ପ୍ରତି ଏକର ଜମି ପାଇଁ ୩୫ କିଲୋ ହିସାବରେ ସର୍ବାଧିକ ୬୦ ବୋରି ୟୁରିଆ ଓ ୫୫ ବୋରି କମ୍ପ୍ଲେକ୍ସ ସାର ବଣ୍ଟନ କରାଯିବ। କିନ୍ତୁ ଅଭିଯୋଗ ଅନୁସାରେ ଗରପୋଶ ଲ୍ୟାମ୍ପସର ଏମ୍‌ଡି ବାବୁଲାଲ ସେଠୀ ମଙ୍ଗଳବାର ଦିନ ନିର୍ଦ୍ଦିଷ୍ଟ ପରିମାଣଠାରୁ ଅଧିକ ସାର ବଣ୍ଟନ କରିଥିଲେ। ସେ ଦିନ ପ୍ରାୟ ୮୦ ପ୍ୟାକେଟ୍ ସାର ବଣ୍ଟନ କରାଯାଇଥିବା ସୂଚନା ମିଳିଛି। ଏହାକୁ ପ୍ରଶାସନ ଗୁରୁତର ଭାବେ ନେଇଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏମ୍‌ଡିଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ନୋଟିସ୍‌ରେ କାହିଁକି ବିଭାଗୀୟ ନିର୍ଦ୍ଦେଶ ଅମାନ୍ୟ କରାଗଲା ଏବଂ କେଉଁ ପରିସ୍ଥିତିରେ ଅଧିକ ସାର ବଣ୍ଟନ କରାଗଲା, ସେନେଇ ସ୍ପଷ୍ଟୀକରଣ ମାଗାଯାଇଥିବା ଜଣାପଡ଼ିଛି। ଏହି ଘଟଣା ପରେ ଅନ୍ୟାନ୍ୟ ଲ୍ୟାମ୍ପସ ଅଧିକାରୀମାନଙ୍କ ମଧ୍ୟରେ ମଧ ଚର୍ଚ୍ଚା ଜୋର ଧରିଛି। କୃଷି ବିଭାଗ ସୂତ୍ରରୁ ଜଣାପଡ଼ିଛି ଯେ, ଚାଷ ଋତୁକୁ ଦୃଷ୍ଟିରେ ରଖି ସମସ୍ତ ଚାଷୀଙ୍କ ପାଖକୁ ସମୟରେ ସାର ପହଞ୍ଚାଇବା ପାଇଁ ବିଭାଗ ପକ୍ଷରୁ କଡ଼ା ନଜରଦାରି କରାଯାଉଛି। ନିୟମ ଉଲ୍ଲଂଘନ କରୁଥିବା କୌଣସି ଅଧିକାରୀ କିମ୍ବା ସଂସ୍ଥା ବିରୋଧରେ ଆଗାମୀ ଦିନରେ ମଧ କଠୋର ପଦକ୍ଷେପ ଗ୍ରହଣ କରାଯିବ।

# ଗ୍ରାମରେ କୁଚିଆ ମଦ ବିକ୍ରି ବନ୍ଦ ପାଇଁ ରାସ୍ତାରୋକ

ରେଢ଼ାଖୋଲ/ନାକଟିଦେଉଳ, ୨୦।୫(ସମିସ): ନାକଟିଦେଉଳ ବ୍ଲକ ଡ଼ଇଁଚାଗ୍ରାମରେ ବେଆଇନ ଦେଶୀ, ବିଦେଶୀ ଓ ହାଣ୍ଡିଆ ମଦ ବିକ୍ରି ପ୍ରତିବାଦରେ ବୁଧବାର ସକାଳ ୬ଟାରୁ ୯ଟା ପର୍ଯ୍ୟନ୍ତ ହାଟ ପଦା ନିକଟରେ ରାଞ୍ଚି ବିଜୟ ୱାଡା ରାସ୍ତାକୁ ଡ଼ଇଁଚାଗ୍ରାମବାସୀ ଅବରୋଧ କରିଥିଲେ। ଫଳରେ ୩ ଘଣ୍ଟା ଧରି ଉଭୟ ପାର୍ଶ୍ୱରେ ଶହ ଶହ ଯାନବାହାନ ଅଟକି ରହିଥିଲା। ଆମ୍ବୁଲାନ୍ସ, ତଥା ନିତ୍ୟ ବ୍ୟବହାର୍ଯ୍ୟ ଜିନିଷକୁ ଛାଡି ଦେଲେ ଅନ୍ୟ ଯାନବାହାନ କୁ ଗ୍ରାମବାସି ଅଟକାଇଥିଲେ।ପୁଲିସ ଓ ଅବକାରି ବିଭାଗକୁ ବାରମ୍ବାର ଲିଖିତ ଭାବେ ଜଣାଇଥିଲେ ମଧ କୌଣସି ପଦକ୍ଷେପ



ନେଉ ନ ଥିବାରୁ ଗ୍ରାମବାବସ ବାଧ ହୋଇ ରାସ୍ତାରୋକ ହୋଇଥିଲା। ଖବର ପାଇ ନାକଟିଦେଉଳ ତହସିଲଦାର, ରେଢ଼ାଖୋଲ ଥାନାଅଧିକାରୀ ଓ ଅବକାରୀ ଇନ୍ସପେକ୍ଟର ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରିଥିଲେ। ଶେଷରେ ଅବକାରୀ ବିଭାଗ ଲିଖିତ ପ୍ରତିଶ୍ରୁତି ଦେବାରୁ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା। ଗ୍ରାମର ଶହ ଶହ ଲୋକ, ସ୍ୱୟ ସହାୟିକା ଗୋଷ୍ଠୀର ମହିଳାମାନେ ରାସ୍ତା ରୋକରେ ସାମିଲ ହୋଇଥିଲେ।

# ପ୍ରକାଶ ପାଇଲା ଯୁକ୍ତ ଦୁଇ ପରୀକ୍ଷା ଫଳ

**● ସମ୍ବଲପୁରର ଛାତ୍ରୀ ବିଜ୍ଞାନରେ ରାଜ୍ୟର ଦ୍ୱିତୀୟ ଟପ୍ପର**

## ଯୁକ୍ତ ଦୁଇ ବିଜ୍ଞାନରେ ଏମ୍‌ସର ସଫଳତା

ସମ୍ବଲପୁର, ୨୦।୫(ସମିସ)

ଆଜି ଯୁକ୍ତ ଦୁଇ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ବିଜ୍ଞାନ କ୍ଷେତ୍ରରେ ସମ୍ବଲପୁରର ଏମ୍‌ସ କଲେଜ ଅପୂର୍ବ ସଫଳତା ହାସଲ କରିଛି। ସର୍ବାଧିକ ୯୯.୫ପ୍ରତିଶତ (୫୯୭) ମାର୍କ ରଖି କୁନ୍ତି ସାହୁ ପଶ୍ଚିମ ଓଡ଼ିଶାର ପ୍ରଥମ ତଥା ରାଜ୍ୟର ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। କଲେଜର ୨୨ ଜଣ ୯୦ ପ୍ରତିଶତରୁ



ଅଧିକ ମାର୍କ ରଖିଛନ୍ତି। ପ୍ରତିବର୍ଷ ପରି ଏବର୍ଷ ମଧ ଏମ୍‌ସ କଲେଜ ନିଜର ସଫଳତା ବଜାୟ ରଖିଛି। ସର୍ବମୋଟ ୨୨୦ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୧୧ ଜଣ ପ୍ରଥମ ଶ୍ରେଣୀରେ, ୮ ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି କ୍ରମରେ କଲେଜର ସମ୍ପାଦକ ଶ୍ରୀନିବାସ ପାତ୍ର, ପରିଚାଳକ ନିର୍ଦ୍ଦେଶକ ଶ୍ରୀମନ୍ତ ପାତ୍ର, ମୁଖ୍ୟ ପ୍ରଶାସକ ଇଂ ଅଭିନାଶ ମିଶ୍ର ଓ ଅଧକ୍ଷ ଅଭିଜିତ ବାବୁ ଛାତ୍ରଛାତ୍ରୀ ଓ ଅଭିଭାବକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି। କଲେଜର ଏହି ସଫଳତା ପାଇଁ ସମ୍ପାଦକ ଶ୍ରୀ ପାତ୍ର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ଶ୍ରେୟ ଦେଇଛନ୍ତି। ଏ ସଫଳତା ପାଇଁ ଏମ୍‌ସ ପରିସରରେ ଖୁସିର ଲହରୀ ଖେଳି ଯାଇଛି।

**● ଚମକିଲେ ବୈଦିକ କଲେଜ ଛାତ୍ରଛାତ୍ରୀ**

ଯୁକ୍ତ ୨ ପରୀକ୍ଷା ଫଳାଫଳରେ ସମ୍ବଲପୁର ଅଞ୍ଚଳର ପ୍ରସିଦ୍ଧ ଶିକ୍ଷାନୁଷ୍ଠାନ ବୈଦିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଉଲ୍ଲେଖନୀୟ ସଫଳତା ହାସଲ କରିଛି। କଳା, ବିଜ୍ଞାନ ଓ ବାଣିଜ୍ୟ, ସମସ୍ତ ବିଭାଗରେ ଛାତ୍ରଛାତ୍ରୀମାନେ ଭଲ ନମ୍ବର ସହ ଉତ୍ତୀର୍ଣ୍ଣ ହୋଇ କଲେଜର ସୁନାମକୁ ଆହୁରି ବଢ଼ାଇଛନ୍ତି। ଫଳାଫଳ ପ୍ରକାଶ ପାଇବା ପରେ କଲେଜ ପରିସରରେ ଖୁସିର ଲହରୀ ଦେଖିବାକୁ ମିଳିଥିଲା।ଚଳିତ ବର୍ଷ କଲେଜର ପାସ୍ ହାର ପୂର୍ବବର୍ଷ ତୁଳନାରେ ବେଶି ରହିଥିବା ସୂଚନା ମିଳିଛି। ସମସ୍ତ ବିଭାଗରେ ଶତାଧିକ ଛାତ୍ରଛାତ୍ରୀ ପ୍ରଥମ



ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଶେଷ କରି ୭୨ଜଣ ଛାତ୍ରଛାତ୍ରୀ ୯୦ ଶତକଡାରୁ ଅଧିକ ମାର୍କ ଅର୍ଜନ କରିଛନ୍ତି। ସବୁବର୍ଷ ଭଳି ଏ ବର୍ଷ ମଧ କଲେଜର ଶତପ୍ରତିଶତ ପାସ୍ ହାର ରହିଛି। ବିଜ୍ଞାନ ବିଭାଗରୁ ସ୍ୱସ୍ତିକ କୁମାର ସାହୁ ମୋଟ ୫୮୫, କଳା ବିଭାଗରୁ ଗୀତାଞ୍ଜାଳୀ ପ୍ରଧାନ ମୋଟ ୫୬୮ ଏବଂ ବାଣିଜ୍ୟ ବିଭାଗରୁ ଅଭିଷେକ ମେହେର ୫୭୦ ମାର୍କ ରଖି କଲେଜ ଟପ୍ପର ହୋଇଛନ୍ତି।କଲେଜ ଅଧକ୍ଷ ସୁକାନ୍ତ କୁମାର ମହାପାତ୍ର କହିଛନ୍ତି ଯେ, ଛାତ୍ରଛାତ୍ରୀଙ୍କ ନିୟମିତ ପରିଶ୍ରମ, ଶିକ୍ଷକମାନଙ୍କ ସଠିକ ମାର୍ଗଦର୍ଶନ ଓ ଅଭିଭାବକମାନଙ୍କ ସହଯୋଗ ଫଳରେ ଏହି ସଫଳତା ସମ୍ଭବ ହୋଇପାରିଛି। ସେ ସମସ୍ତ ସଫଳ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇ ଭବିଷ୍ୟତରେ ଆହୁରି ଭଲ କରିବାକୁ ଉତ୍ସାହିତ କରିଥିଲେ। ବୈଦିକ ଗ୍ରୁପର ଚେୟାରମ୍ୟାନ ଆନନ୍ଦ କୁମାର ଅଗ୍ରୱାଲ ଏହି ଫଳାଫଳର ଶ୍ରେୟ କଲେଜ ଅଧକ୍ଷ, ଶିକ୍ଷକ, ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀଙ୍କୁ ଦେବା ସହ ଏହାକୁ ଶିକ୍ଷା ମହଲର ଐତିହାସିକ ମାଇଲ୍ ଖୁଣ୍ଟ ବୋଲି ମତ ଦେଇଛନ୍ତି। ଫଳାଫଳ ପ୍ରକାଶ ପରେ କଲେଜ ପରିସରରେ ଛାତ୍ରଛାତ୍ରୀମାନେ ମିଠା ବଣ୍ଟନ କରି ଖୁସି ପାଳନ କରିଥିଲେ। ଅନେକ ଅଭିଭାବକ କଲେଜକୁ ଆସି ଶିକ୍ଷକମାନଙ୍କୁ ଧନ୍ୟବାଦ ଜଣାଇଥିଲେ। କେତେକ ସଫଳ ଛାତ୍ରଛାତ୍ରୀ ଡାକ୍ତର, ଇଞ୍ଜିନିୟର ଓ ସିଭିଲ ସର୍ଭିସ୍‌ରେ ଯିବାକୁ ନିଜର ଲକ୍ଷ୍ୟ ବୋଲି କହିଛନ୍ତି।

**● ପିକେ ଏକାଡେମୀର ସଫଳତା**

## କଳାରେ ସୌମ୍ୟଜିତ ଜି.ଏମ କଲେଜ ଟପ୍ପର

ଚଳିତ ବର୍ଷ ଯୁକ୍ତ ଦୁଇ ବାର୍ଷିକ ବୋର୍ଡ ପରୀକ୍ଷାରେ ପିକେ ଏକାଡେମୀ ର ଛାତ୍ରଛାତ୍ରୀ ଅଜସ୍ର ସଫଳତା ଅର୍ଜନ କରିଥିବା ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରକାଶ ଡାଙ୍ଗ୍ ସୂଚନା ଦେଇଛନ୍ତି। ଏହି ଅନୁଷ୍ଠାନରେ କୋଚିଂ ନେଉଥିବା ଛାତ୍ର ସୌମ୍ୟଜିତ ପଟ୍ଟନାୟକ କଳାରେ ସର୍ବାଧିକ ୯୫.୩% ମାର୍କ ରଖି ଗଙ୍ଗାଧର ମେହେର ଯୁକ୍ତ ଦୁଇ କଲେଜର ଟପ୍ପର ହୋଇଥିବା ବେଳେ ସ୍ୱୟମ୍ ପ୍ରକାଶ ସାହୁ କଳାରେ ୯୩.୧୬% ମାର୍କ ରଖି



ର୍ୟାଙ୍କ ୬, ନେହା ଯାଦବ ବିଜ୍ଞାନରେ ୯୩ % ମାର୍କ ରଖି ରାଙ୍କ ୬ ଏବଂ ବାଣିଜ୍ୟ ବିଭାଗରେ ସାଲେହା କୌସର ୯୧.୩୩% ମାର୍କ ରଖି ର୍ୟାଙ୍କ ୯ ହାସଲ କରିବାରେ ସମର୍ଥ ହୋଇଛନ୍ତି। ଏମାନଙ୍କ ବ୍ୟତିତ କୋଚିଂର ଅନ୍ୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରଜ୍ଞା ପ୍ରିୟଦର୍ଶିନୀ ଦାଶ ୯୧.୧୬%, ମାହି ମହାନନ୍ଦ ୯୦%, ସରୋଜ ଦୁର୍ଗା ୮୯%, ସୋମ ମେହେର ୮୯%, ଶୃତି ଭୂଏ ୮୮.୩୩%, ହରିବୋଲ ମେହେର ୮୭%, ଚେତନା ରାଉତ ୮୭%, ସରତ ବନଛୋର ୮୭%, ମୌସୁମି ପଣ୍ଡା ୮୫%, ଅର୍ଚ୍ଚିତା ଏକ୍କା ୮୫%, ରଶ୍ମିତା ଦନସେନା ୮୪%, ଅର୍ଚ୍ଚନା ଦାଶ ୮୪%, ରାଜୁ ମେହେର ୮୪%, ଅଙ୍କିତ କିଣ୍ଡୋ ୮୩.୧୩%, ରାଧିକା ଓରାମ ୮୩%, ବାପୁନ ପ୍ରଧାନ ୮୩%, ପ୍ରିୟଙ୍କା ସୋରେନ ୮୧.୧୬% ଏବଂ ସୁପ୍ରିୟା ସେଠ୍ ୮୧% ମାର୍କ ରଖି ଅନୁଷ୍ଠାନର ଗୌରବ ବୃଦ୍ଧି କରିଛନ୍ତି। ଏହି ଅବସରରେ ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରକାଶ ଡାଙ୍ଗ, ଅଧକ୍ଷା ଡ. ଶୋଭାମୟୀ ମହାପାତ୍ର ଏବଂ ଏକାଡେମିକ୍ କୋଡିନେଟର ମୋନାଲି ଦାସ ସମସ୍ତ କୃତି ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଅଭିଭାବକ ଏବଂ ଅଧ୍ୟାପକ ଅଧ୍ୟାପିକାଙ୍କୁ ମଧ ଅଭିନନ୍ଦନ ଜଣାଇଛନ୍ତି। ଚଳିତ ବର୍ଷ ଅନୁଷ୍ଠାନ ପକ୍ଷରୁ ଯୁକ୍ତ ଦୁଇ କଲେଜର ଶୁଭାରମ୍ଭ ହେଉଥିବା ବେଳେ ଅଧିକ ମାତ୍ରାରେ ଛାତ୍ରଛାତ୍ରୀ ଯୋଗଦେଇ ଆଗାମୀ ଦିନରେ ମଧ ଏହିଭଳି ସଫଳତା ବଜାୟ ରହିବ ବୋଲି ଅନୁଷ୍ଠାନ ପକ୍ଷରୁ ଆଶା କରାଯାଉଛି।

**● ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଫଳତା**



ସମ୍ବଲପୁର ଶାସନ ସ୍ଥିତ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତଦୁଇ ବିଜ୍ଞାନ ଓ ବାଣିଜ୍ୟ ବୋର୍ଡ ପରିକ୍ଷାରେ କ୍ରମାଗତ ଭାବରେ ଛାତ୍ରଛାତ୍ରୀଙ୍କୁ ଅପୁର୍ବ ସଫଳତା ମିଳିଛି। ଏହି ପରୀକ୍ଷାରେ ବିଜ୍ଞାନ ବିଭାଗରେ ବର୍ଷାରାଣୀ ପ୍ରଧାନ ସର୍ବୋଚ୍ଚ ୯୫.୫୦ପ୍ରତିଶତ ଓ ବାଣିଜ୍ୟ ବିଭାଗରେ ଅର୍ପିତା ପୂଜାରୀ ସର୍ବୋଚ୍ଚ ୯୫ପ୍ରତିଶତ ରଖି ଅନୁଷ୍ଠାନର ଟପ୍ପର ହୋଇଛନ୍ତି। ସେହିପରି ୫୦୦ କ୍ଲବ ତାଳିକାରେ ୨୨ଜଣ ଓ ୮୦%ରୁ ଉର୍ଦ୍ଧ୍ୱ ତାଲିକାରେ ୨୬ଜଣ କୃତି ଛାତ୍ରଛାତ୍ରୀ ଅଛନ୍ତି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ପ୍ରତ୍ୟେକ ବିଷୟରେ ଅନେକ ଛାତ୍ରଛାତ୍ରୀ ୧୦୦ ରୁ ୧୦୦ ମାର୍କରଖିଛନ୍ତି। ଦଶମ ଶ୍ରେଣୀରେ ଇ୧ ନଥାଇ ମଧ ପ୍ରାୟ ଛାତ୍ରଛାତ୍ରୀ ଯୁକ୍ତଦୁଇରେ ୯୦%ରୁ ଅଧିକ ମାର୍କ ରଖିବା ସହ ଦଶମ ପରିକ୍ଷାର ମାର୍କଠାରୁ ଅଧିକ ରଖି ଅନୁଷ୍ଠାନ ତଥା ନିଜ ଅଞ୍ଚଳର ଗୌରବ ବଢ଼ାଇଛନ୍ତି। ଏହି କୃତି ଛାତ୍ରଛାତ୍ରୀଙ୍କ ସଫଳତାରେ ରହିଛି ବିକାଶ ଅନୁଷ୍ଠାନ ପରିବେଶ, ଶିକ୍ଷା ପଦ୍ଧତି, ସରଳ ପାଠ୍ୟ ଖସଡା, ବିଷୟର କ୍ରମାଗତ ଅଭ୍ୟାସ, ସମୟ ସାରଣୀ, ଅନୁସରଣ, ସ୍ୱନିର୍ମିତ ଅନୁଶିଳନୀ ଓ ଅଭିଜ୍ଞ ଶିକ୍ଷକଙ୍କ ଅକ୍ଳାନ୍ତ ପରିଶ୍ରମ ବୋଲି କହିଛନ୍ତି ବିଦ୍ୟା ବିକାଶ ଅନୁଷ୍ଠାନ ତଥା ବୈଦିକ ବିକାଶ ହସ୍ପିଟାଲର ଚେୟାରମ୍ୟାନ ଜି. ଭାସ୍କର ରାଓ ଓ ପରିଚାଳନା ନିର୍ଦ୍ଦେଶକ ଜି. ରାମକୃଷ୍ଣ। ବିଦ୍ୟା ବିକାଶ ଅନୁଷ୍ଠାନ ସମୂହର ମୁଖ୍ୟ ପ୍ରଶାସନିକ ଅଧିକାରୀ ସଞ୍ଜିବ କୁମାର ବାବୁ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଡ.ଦିବ୍ୟସିଂହ ମହାନ୍ତ, ବିକାଶ ଦ କନସେପ୍ଟ ସ୍କୁଲର ଅଧକ୍ଷ ମନୋରଞ୍ଜନ ପତି, ବିକାଶ ସିନିୟର ସେକେଣ୍ଡାରି ସ୍କୁଲର ଅଧକ୍ଷା ଡ. ପୁଷ୍ପିତା ପଣ୍ଡା, ବିକାଶ ନର୍ସିଂ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଇଶ୍ୱର ନାଗ ପ୍ରମୁଖ କୃତି ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ଡାକ୍ତର ହୋଇ ରୋଗୀ ସେବା କରିବି: ପଶ୍ଚିମ ଓଡ଼ିଶା ଟପ୍ପର କୁନ୍ତି

ସମ୍ବଲପୁର, ୨୦।୫(ସମିସ): ଡାକ୍ତର ହୋଇ ରୋଗୀଙ୍କ ସେବା କରିବି। ନିଜର ଅକ୍ଳାନ୍ତ ପରିଶ୍ରମ, ପରିବାର ଓ କଲେଜ ସହଯୋଗ ପାଇଁ ଆଜି ମୁ ଏହି ସ୍ଥାନରେ ପହଞ୍ଚି ପାରିଛି ବୋଲି କହିଛନ୍ତି ଯୁକ୍ତ ଦୁଇ ବିଜ୍ଞାନରେ ପଶ୍ଚିମ ଓଡ଼ିଶା ଟପ୍ପର ତଥା ରାଜ୍ୟରେ ଦ୍ୱିତୀୟ ସ୍ଥାନ ହାସଲ କରିଥିବା ସମ୍ବଲପୁର ଏମ୍‌ସ କଲେଜର ଛାତ୍ରୀ କୁନ୍ତି ସାହୁ। ସେ କହିଛନ୍ତି, କଠିନ ପରିଶ୍ରମର ଫଳ ସବୁବେଳେ ମିଳିଥାଏ। ଯେଉଁ ଭାବରେ ଆମେ ପରିଶ୍ରମ କରିବୁ ସେହି ଭାବେ ଫଳ ଆମକୁ ନିଶ୍ଚୟ ମିଳିବ। ସୋନପୁର ବିରମହାରାଜପୁର ଭାଲଡୁଙ୍ଗରୁରୀ ବାସୀନ୍ଦା ଜଗଦାନନ୍ଦ ସାହୁ ଓ ଜାନାଭି ସାହୁଙ୍କ ଝିଅ କୁନ୍ତିଙ୍କ ସଫଳତା ପାଇଁ ଆଜି ଏମ୍‌ସ କଲେଜ ତଥା ପଶ୍ଚିମଓଡ଼ିଶାରେ ଖୁସିର



ଲହରୀ ଖେଳି ଯାଇଛି। ସେ ୬୦୦ ମାର୍କରୁ ୫୯୭ ମାର୍କ ରଖି କଲେଜ ଟପର ହେବା ସହ ପଶ୍ଚିମ ଓଡ଼ିଶା ଟପର ହୋଇଛନ୍ତି। ସାହିତ୍ୟ, ଇଂରାଜୀ, ଭୌତିକ ବିଜ୍ଞାନ ଓ ରାସାୟନିକ ବିଜ୍ଞାନରେ ଶତ ପ୍ରତିଶତ ମାର୍କ ରଖିଛନ୍ତି। ସେ କରିଥିବା ଅକ୍ଳାନ୍ତ ପରିଶ୍ରମର ଫଳାଫଳ ତାଙ୍କୁ ମିଳିଥିବା କହିଛନ୍ତି। ଏହି ଶ୍ରେୟର ମୁକୁଟ ନିଜ ମାତା ପିତାଙ୍କୁ ଦେଇଛନ୍ତି। ଏମ୍‌ସ କଲେଜର ଶିକ୍ଷକଶିକ୍ଷୟିତ୍ରୀଙ୍କ ପରିଶ୍ରମ, ମାର୍ଗଦର୍ଶକରେ ସେ ଆଜି ଏହି ସ୍ଥାନ ହାସଲ କରିପାରିଛନ୍ତି। ୨୪ ଘଣ୍ଟାରୁ ମୋଟ ୧୫ରୁ ୧୬ ଘଣ୍ଟା ନିତି ଦିନ ପାଠ ପଢୁଥିଲେ। ପରୀକ୍ଷା ବେଳେ ଅଧିକ ପରିଶ୍ରମ କରୁଥିଲେ। ଭବିଷ୍ୟତରେ ନିଟ୍ ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇ ମେଡିକାଲ କ୍ଷେତ୍ରରେ କ୍ୟାରିୟର କରିବ ବୋଲି ସେ କହିଛନ୍ତି।

**● ନିଉଟନ କଲେଜର ବାଜିମାତ**

ପ୍ରକାଶିତ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ନିଉଟନ କଲେଜ ଭଲ ପ୍ରଦର୍ଶନ କରିଛି। ମନୋଜ କୁମାର ସାହୁ ୫୯୩ ମାର୍କ ରଖି କଲେଜ ଟପ୍ପର ହୋଇଛନ୍ତି। ସେହିପରି କଲେଜର ଅର୍ପଣ ଲକ୍ଷ୍ମଣ ଭୋଇ ୯୮%, ପାର୍ଥସାରଥି ସାହୁ ୯୮%, ଅଭିଜିତ ରାଣା ୯୭.୮୩%, ପିୟୁଷ ପଧାନ ୯୭.୩୩%, ସୋନୁ ପ୍ରସାଦ ସାହୁ ୯୭.୩୩%, ଆଶୁତୋଷ ସାହୁ ୯୭.୧୭%, ଶୁଭ୍ରାତ ଶୁଭଦର୍ଶିନି ସାହୁ ୯୭.୧୭%, ଭୀଷ୍ମ ମେହେର ୯୭% ଓ ପାୟଲ ସାହୁ ୯୬.୬୭% ମାର୍କ ରଖି ଶେଷ ୧୦ ମଧ୍ୟରେ ସ୍ଥାନ ହାସଲ କରିଛନ୍ତି। ସ୍କୁଲର ୩୫୦ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୪୦ ଜଣ ପ୍ରଥମ ଓ ୯ ଜଣ ଦ୍ୱିତୀୟ ଶ୍ରେଣୀରେ ପାସ କରିଛନ୍ତି। ୧୮ ଜଣ ୫୭୦ରୁ ଅଧିକ ମାର୍କ ରଖିଛନ୍ତି। ୭୬ ଜଣ ୯୦%, ୧୫୦ ଜଣ ୫୦୦ ଓ ୧୯୦ ଜଣ ୮୦ ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି। କଲେଜ ଅଧକ୍ଷ ତେଜରାଜ ପାତ୍ର ଏହି ସଫଳତା ପାଇଁ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

**● ମହିଳା କଲେଜର ସଫଳତା**

ଯୁକ୍ତ ଦୁଇ କଳାରେ ସରକାରୀ ମହିଳା କଲେଜର ସୁମା ଖାତୁନ ୫୭୦ ମାର୍କ ରଖି କଲେଜ ଟପ୍ପର ହୋଇଛନ୍ତି। ମୋଟ ୨୨୦ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୧୮ ଜଣ ପାସ କରିଛନ୍ତି। ୧୫୦ ଜଣ ପ୍ରଥମ ଶ୍ରେଣୀ, ୩୮ ଜଣ ଦ୍ୱିତୀୟ ଶ୍ରେଣୀ ଓ ୩୦ ଜଣ ତୃତୀୟ ଶ୍ରେଣୀରେ ପାସ କରିଛନ୍ତି। ୬ ଜଣ ୯୦ ପ୍ରତିଶତରୁ ଅଧିକ ମାର୍କ ରଖିଥିବା ବେଳେ ୫୬ ଜଣ ୮୦ ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି। ସେହିପରି ବାଣିଜ୍ୟ ବିଭାଗରେ ହେମାଙ୍ଗି ମହାପାତ୍ର ୫୬୫



ମାର୍କ ରଖି କଲେଜ ଟପ୍ପର ହୋଇଛନ୍ତି। ବାଣିଜ୍ୟରେ ଶତ ପ୍ରତିଶତ ପାସ ହାର ରହିଛି। ମୋଟ ୬୦ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୧ ଜଣ ପ୍ରଥମ, ୧୬ ଜଣ ଦ୍ୱିତୀୟ ଓ ୨୩ ଜଣ ତୃତୀୟ ଶ୍ରେଣୀରେ ପାସ କରିଛନ୍ତି। ସେହିପରି ବିଜ୍ଞାନରେ ମନିଶା ପ୍ରଧାନ ୫୬୪ ମାର୍କ ରଖି କଲେଜ ଟପ୍ପର ହୋଇଛନ୍ତି। ୧୪୯ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୨୭ ଜଣ ପାସ କରିଛନ୍ତି।୫୭ ଜଣ ପଥମ, ୪୯ ଜଣ ଦ୍ୱିତୀୟ ଓ ୨୧ ଜଣ ତୃତୀୟ ଶ୍ରେଣୀରେ ପାସ ହୋଇଛନ୍ତି। ଜଣେ ଛାତ୍ରୀ ୯୦ ପ୍ରତିଶତ ଓ ୬ ଜଣ ଛାତ୍ରୀ ୮୦ ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି।

## ଜିଲ୍ଲା ପରିବେଶ ସମିତି ବୈଠକ

# ପ୍ରଦୂଷଣ ନିୟନ୍ତ୍ରଣ, ବନୀକରଣ ଓ ପରିବେଶ ସନ୍ତୁଳନକୁ ଗୁରୁତ୍ୱ

ଝାରସୁଗୁଡ଼ା, ୨୦।୫(ସମିସ)





ଝାରସୁଗୁଡ଼ା ଜିଲ୍ଲାପାଳ କାର୍ଯ୍ୟାଳୟ ପରିସରସ୍ଥ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଅଡିଟୋରିୟମ୍ ହଲ୍‌ଠାରେ ଜିଲ୍ଲା ପରିବେଶ ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାର ପ୍ରଦୂଷଣ ନିୟନ୍ତ୍ରଣ, ବନୀକରଣ ଏବଂ ପରିବେଶ ସନ୍ତୁଳନ ରକ୍ଷା ସମ୍ପର୍କରେ ଗୁରୁତ୍ୱ ଦିଆଯାଇଥିଲା। ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗଦେଇ ଯେଉଁ ସବୁ ଶିଳ୍ପ ସଂସ୍ଥା ଧାର୍ଯ୍ୟ ବୃକ୍ଷରୋପଣ ଲକ୍ଷ୍ୟ ପୂରଣ କରିବାରେ ବିଫଳ ହୋଇଛନ୍ତି ଏବଂ ପରିବେଶ ନିୟମର ଉଲ୍ଲଂଘନ କରୁଛନ୍ତି, ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ମୋଟା ଅଙ୍କର ଜରିମାନା ଆଦାୟ କରିବାକୁ ସେ ଜିଲ୍ଲା ପ୍ରଶାସନକୁ ପରାମର୍ଶ ଦେଇଛନ୍ତି। ଆଗାମୀ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ଆସନ୍ତା ୭ ଦିନ ମଧ୍ୟରେ ଚଳିତ ବର୍ଷର ଲକ୍ଷ୍ୟଧାର୍ଯ୍ୟ, ବୃକ୍ଷରୋପଣ ପାଇଁ ଚିହ୍ନଟ ହୋଇଥିବା ଜମିର ପରିମାଣ ଏବଂ ସ୍ଥାନର ଏକ ସମ୍ପୂର୍ଣ୍ଣ ସୂଚୀ ପ୍ରସ୍ତୁତ କରିବାକୁ ସେ ବନଖଣ୍ଡ ଅଧିକାରୀଙ୍କୁ କହିଛନ୍ତି। ଜିଲ୍ଲାରେ ରୋପଣ କରାଯାଉଥିବା ଚାରାର ଗୁଣବତ୍ତା ବଜାୟ ରଖିବା ପାଇଁ ବିଧାୟକ ଜିଲ୍ଲା ବନ ବିଭାଗକୁ ଏକ ସ୍ୱତନ୍ତ୍ର ସର୍କୁଲାର୍ ଜାରି କରିବାକୁ କହିଛନ୍ତି। ଏହି ସର୍କୁଲାର୍ ଅନୁଯାୟୀ, ସମସ୍ତ ସଂସ୍ଥା କେବଳ ବନ ବିଭାଗରୁ ହିଁ ଚାରା କିଣିବା ବାଧ୍ୟତାମୂଳକ ହେବ ଏବଂ ରୋପଣ କରାଯାଉଥିବା ଚାରାଗୁଡ଼ିକର ବୟସ ଅତିକମରେ ୧୮ ମାସରୁ ଅଧିକ ହେବା ଆବଶ୍ୟକ, ଯାହାଦ୍ୱାରା ଚାରାଗୁଡ଼ିକ ନଷ୍ଟ ନହୋଇ ସହଜରେ ବଢ଼ିପାରିବ ବୋଲି ସୂଚାଯାଇଛି। ଏଥିସହ ୨୦୨୬-୨୭ ବର୍ଷ ପାଇଁ ବିଭିନ୍ନ କର୍ପୋରେଟ୍ ଏବଂ ଖଣି ସେକ୍ଟରକୁ ବୃକ୍ଷରୋପଣର ଲକ୍ଷ୍ୟ ଧାର୍ଯ୍ୟ କରାଯାଇ ୨୫ ସେପ୍ଟେମ୍ବର ସୁଦ୍ଧା ଏହି କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଅଗ୍ରଗତିର ସମୀକ୍ଷା ପାଇଁ ପରବର୍ତ୍ତୀ ସମୟରେ ପ୍ଲାଣ୍ଟେସନ ମନିଟରିଂ କମିଟିକୁ ମଧ୍ୟ ସ୍ଥିତି ଅନୁଧ୍ୟାନ କରି ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି। ବୈଠକ ପ୍ରାରମ୍ଭରେ ବନଖଣ୍ଡ ଅଧିକାରୀ ମନୁ ଅଶୋକ ଭଟ୍ଟ ସରକାରୀ ପତିତ ଜମିରେ ବ୍ୟାପକ ବନୀକରଣ, ଝାରସୁଗୁଡ଼ା ନଗର ବନର ସୃଷ୍ଟି, ହୀରାକୁଦ ଜଳଭଣ୍ଡାରର ପରିବେଶ ସଂରକ୍ଷଣ ଏବଂ ସହରର ବିଭିନ୍ନ ସରକାରୀ ବିଦ୍ୟାଳୟର ଚତୁଃପାର୍ଶ୍ୱ ପ୍ରାଚୀର କଡ଼ରେ ଅଧିକ ଦୃଶ୍ୟମାନ ହେବା ଭଳି 'ମିୟାୱାକି' ପଦ୍ଧତିରେ ବୃକ୍ଷରୋପଣ କରିବା ପ୍ରଭୃତି ପ୍ରସ୍ତାବ ଦେଇଥିଲେ। ଜିଲ୍ଲାର ପ୍ରାୟ ୬୦୦ରୁ ଊର୍ଦ୍ଧ୍ୱ ବିଦ୍ୟାଳୟ ପରିସରରେ ମିୟାୱାକି ପଦ୍ଧତି ଅବଲମ୍ବନ କରି ପରିବେଶ ଉପଯୋଗୀ ବୃକ୍ଷରୋପଣ କରାଯିବ ଏବଂ ଏଥିପାଇଁ ଖୁବ୍‌ଶୀଘ୍ର ଜିଲ୍ଲା ବନ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯିବ ବୋଲି ସୂଚନା ମିଳିଛି। ଆଗାମୀ ବର୍ଷା ଦିନରେ ଜିଲ୍ଲାର ବିଭିନ୍ନ ଖାଲି ସ୍ଥାନ, ଶିଳ୍ପାଞ୍ଚଳ ଏବଂ ରାସ୍ତାକଡ଼ରେ ଉଦ୍ୟାନ କୃଷି ଓ ବନ ବିଭାଗର ମିଳିତ ସହଯୋଗରେ ବ୍ୟାପକ ବୃକ୍ଷରୋପଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ତଥା ପ୍ଲାଣ୍ଟେସନ ମନିଟରିଂ କମିଟିର ଅଧ୍ୟକ୍ଷ ପ୍ରହ୍ଲାଦ ନାଏକ, ତହସିଲଦାର, ସଦାକର କୁମ୍ଭାର, ଜିଲ୍ଲା ପରିବେଶ ସମିତିର ଅନ୍ୟାନ୍ୟ ସଦସ୍ୟ ତାପସ ରାୟ ଚୌଧୁରୀ, ନରେଶ କୁମାର ନାଏକ, ବେଣୁଧର ଚୌଧୁରୀ, ବିଜୟ କୁମାର ବେହେରା, ତ୍ରିନାଥ ଗୁଆଲ ପ୍ରମୁଖ ସାମିଲ ଥିଲେ। ଏହି କମିଟିର ସଦସ୍ୟମାନେ ବିଭିନ୍ନ ଶିଳ୍ପାଞ୍ଚଳ ଓ ଖଣି ପରିସର ପରିଦର୍ଶନ କରି ବୃକ୍ଷରୋପଣର ପ୍ରକୃତ ସ୍ଥିତି ଯାଞ୍ଚ କରି ଅନୁସନ୍ଧାନ ରିପୋର୍ଟ ପ୍ରଦାନ କରିଛନ୍ତି।

**୬ ଶହରୁ ଊର୍ଦ୍ଧ୍ୱ ସ୍କୁଲରେ ମିୟାୱାକି ପଦ୍ଧତିରେ ଫଳବଗିଚା ସୃଷ୍ଟି ପ୍ରସ୍ତାବ**

## କେନ୍ଦ୍ରୀୟ ବିଦ୍ୟାଳୟ ପରିଦର୍ଶନ କଲେ କେନ୍ଦ୍ରୀୟ ଟିମ୍

ରେଢ଼ାଖୋଲ, ୨୦।୫(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରରେ ଖୁବ ଶୀଘ୍ର କେନ୍ଦ୍ରୀୟ ବିଦ୍ୟାଳୟ ନାମ ଲେଖା ଆରମ୍ଭ ହୋଇ ଚଳିତ ବର୍ଷ ପ୍ରଥମ ଥର ପାଇଁ ପାଠପଢ଼ା ଆରମ୍ଭ ହେବ। ଯାହାକୁ ନେଇ ହେବ, ଯାହାକୁ ନେଇ ଅଞ୍ଚଳବାସୀଙ୍କ ଭିତରେ ଉତ୍ସାହ ଭରି ରହିଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପାଇଁ ରେଢ଼ାଖୋଲ ଶିକ୍ଷା କ୍ଷେତ୍ରରେ ଆଉ ଏକ ପାଦ ଆଗେଇ ଥିବାରୁ ସ୍ଥାନୀୟ ବାସିନ୍ଦା ଧନ୍ୟବାଦ ଦେଇଛନ୍ତି।



ଜିଲ୍ଲା ପ୍ରଶାସନ ଓ କେନ୍ଦ୍ରୀୟ ପ୍ରଶାସନ ତରଫରୁ ଏକ ମିଳିତ କମିଟି ପରିଦର୍ଶନ କରି ଅନୁଧ୍ୟାନ କରିଛନ୍ତି। ପୂର୍ବରୁ ଚିହ୍ନଟ ହୋଇଥିବା ଜମିକୁ ଅନୁମୋଦନ କରିଛନ୍ତି କେନ୍ଦ୍ରୀୟ ପ୍ରଶାସନ। ଏଥିସହ ଭୀମଭୋଇ ମହାବିଦ୍ୟାଳୟ ଠାରେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ୧୫ ଟି ଅସ୍ଥାୟୀ ଶ୍ରେଣୀ ଗୃହକୁ ମଧ୍ୟ ଅନୁଧ୍ୟାନ କରିଛନ୍ତି। ଖୁବ ଶୀଘ୍ର ଚଳିତ ବର୍ଷର ପ୍ରଥମ ଥର ପାଇଁ ନାମ ଲେଖା ଆରମ୍ଭ ପରିଦର୍ଶନରେ ଡେପୁଟି କମିଶନର କେନ୍ଦ୍ରୀୟ ବିଦ୍ୟାଳୟ, ଭୁବନେଶ୍ୱର ସର୍ଦ୍ଦାର ସିଂ ଚୌହାନ, ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତ, ଆସିଷ୍ଟାଣ୍ଟ କଲେକ୍ଟର ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ସହିତ ରେଢ଼ାଖୋଲ ପୂର୍ବତନ ବିଧାୟକ ପ୍ରାର୍ଥୀ ପ୍ରତାପ ପ୍ରଧାନ, ବୁର୍ଡା ପଞ୍ଚାୟତ ସରପଞ୍ଚ ରାଜା ପାଲ ପ୍ରମୁଖ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ସାମିଲ ରହିଥିଲେ।

● 'ଜନ ଭାଗିଦାରୀ ସବୁଠାରୁ ଦୂର, ସବୁଠାରୁ ପ୍ରଥମେ' ଅଭିଯାନ

# ତୃତୀୟ ଦିନରେ ୩ ବ୍ଲକ୍‌ରେ ସଚେତନତା

ଦେବଗଡ଼, ୨୦।୫(ସମିସ): ଗତ ୧୮ ତାରିଖ ଠାରୁ ଦେବଗଡ଼ ଜିଲ୍ଲାରେ ଆରମ୍ଭ ହୋଇଥିବା 'ଜନ ଭାଗିଦାରୀ ସବୁଠାରୁ ଦୂର, ସବୁଠାରୁ ପ୍ରଥମେ' ଅଭିଯାନର ଆଜି ତୃତୀୟ ଦିବସରେ ଜିଲ୍ଲାର ସମସ୍ତ ତିନୋଟି ତିଲେଇବଣି, ରିଆମାଳ ଏବଂ ବାରକୋଟ ବ୍ଲକର ବିଭିନ୍ନ ଗ୍ରାମରେ ସଚେତନତା ଓ ସେବା ସନ୍ତୃପ୍ତି କାର୍ଯ୍ୟକ୍ରମ ଆୟୋଜିତ ହୋଇ ଯାଇଛି। ଏହି ଅଭିଯାନ ଅନ୍ତର୍ଗତ ଝରାଗୋଗୁଆ ଗ୍ରାମପଞ୍ଚାୟତର ଗୋଇଲୋ, ଲଇମୁରା ଗ୍ରାମପଞ୍ଚାୟତର ସାଲୋହି, କଂସର ଗ୍ରାମପଞ୍ଚାୟତର ପାଲୁଣିପଡ଼ା, ଦୁଧିଆନାଳି ଗ୍ରାମପଞ୍ଚାୟତର ଖଜୁରୀଦର୍ହ, ଢଂରା ଗ୍ରାମପଞ୍ଚାୟତର ସାନଝୁମ୍ପୁରା, କେଲଡ଼ା ଗ୍ରାମପଞ୍ଚାୟତର ସାଲୋହି, କାଳିଆପାଳ ଗ୍ରାମପଞ୍ଚାୟତର ପାଟିରିପାଣି, ସଇଡା ଗ୍ରାମପଞ୍ଚାୟତର ରୁଗୁଡାକୁଦର, ସରୁଆଳି ଗ୍ରାମପଞ୍ଚାୟତର ଗାଡିଆ, କଦଳୀଡିହି, ଦନ୍ତାରିବାହାଲ ଗ୍ରାମପଞ୍ଚାୟତର ବଡବାହାଲ, ଉଟୁଣିଆ ଗ୍ରାମପଞ୍ଚାୟତର ଗୋଡାମାଳ ଏବଂ କୋଲ୍‌ହବସା ଗ୍ରାମପଞ୍ଚାୟତର ଡେଙ୍ଗସର୍ଗି ଗ୍ରାମରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି




ସମୟରେ ବିଭିନ୍ନ ବିଭାଗ ଦ୍ୱାରା ସନ୍ତୃପ୍ତି ଶିବିର ଆୟୋଜନ କରାଯାଇ ସରକାରୀ ଯୋଜନାର ଲାଭ, ଜନସଚେତନତା ସୃଷ୍ଟି, ସେବା ପ୍ରଦାନ ଏବଂ ଅଭିଯୋଗ ଶୁଣାଣି ଉପରେ ଗୁରୁତ୍ୱ ଦିଆଯାଇଥିଲା।

# ଝାରସୁଗୁଡ଼ାରେ ୪୬ ଡିଗ୍ରୀ ଛୁଇଁଲା ତାପମାତ୍ରା

ଝାରସୁଗୁଡ଼ା, ୨୦।୫(ସମିସ): ପଶ୍ଚିମ ଓଡ଼ିଶାର ପ୍ରମୁଖ ଶିଳ୍ପ ସହର ଝାରସୁଗୁଡ଼ାରେ ଅଗ୍ନି ବର୍ଷା ହେଉଛି। ଅସହ୍ୟ ଖରା ଓ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ସମଗ୍ର ଜିଲ୍ଲାବାସୀ ଅସ୍ତବ୍ୟସ୍ତ ହୋଇପଡ଼ିଛନ୍ତି। ବୁଧବାର ଜିଲ୍ଲାର ପାରଦ ୪୬ ଡିଗ୍ରୀ ସେଲସିୟସ ଛୁଇଁବା ସହ ଏହା ଓଡ଼ିଶା ତଥା ସମଗ୍ର ପୂର୍ବ ଭାରତର ସବୁଠାରୁ ଉତ୍ତପ୍ତ ସହର ପାଲଟିଛି। ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଚଳିତ ବର୍ଷର ତାପମାତ୍ରା ସ୍ୱାଭାବିକଠାରୁ ପ୍ରାୟ ୩ ଡିଗ୍ରୀ ଅଧିକ ରହିଛି। ଯାହା ଆଗାମୀ ଦିନ ପାଇଁ ଏକ ବିପଦର ସଙ୍କେତ। ବିଗତ ଦୁଇ ଦଶନ୍ଧି ହେବ ଝାରସୁଗୁଡ଼ାରେ ଗ୍ରୀଷ୍ମ ପ୍ରବାହର ରୂପ ବଦଳିବାରେ ଲାଗିଛି। ମେ' ମାସ ଆସିଲେ ଏଠାରେ ପାରଦ ୪୫ ଡିଗ୍ରୀ ଉପରେ ରହିବା ଏକ ସାଧାରଣ କଥା ହୋଇଗଲାଣି। ବାୟୁମଣ୍ଡଳରେ ଶୁଷ୍କ ପବନ, ଆଦ୍ରତାର ଅଭାବ ଏବଂ ପ୍ରଖର ସୂର୍ଯ୍ୟକିରଣ ଯୋଗୁଁ ସ୍ଥିତି ଅସମ୍ଭାଳ ହୋଇପଡ଼ିଛି। ଗତକାଲି ସର୍ବନିମ୍ନ ତାପମାତ୍ରା ୨୭.୬ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ବାୟୁମଣ୍ଡଳରେ ଆଦ୍ରତା ୩୨ ପ୍ରତିଶତରୁ ୪୮ ପ୍ରତିଶତ ମଧ୍ୟରେ ରହିଥିଲା, ଯାହା ଗୁଳୁଗୁଳି ଓ ଗୁରୁତର ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିଛି। ପୂର୍ବ ବର୍ଷଗୁଡିକର ମେ' ମାସର ତାତିକୁ ନେଇ ପାଣିପାଗ ବିଭାଗର ପୁରୁଣା ତଥ୍ୟକୁ ଅନୁଧ୍ୟାନ କଲେ ପ୍ରତିବର୍ଷ ଝାରସୁଗୁଡ଼ା ନୂଆ ରେକର୍ଡ ସୃଷ୍ଟି କରୁଥିବା ଅନୁମାନ କରାଯାଏ। ୧୯୯୮ ମେ ୨୮ରେ ଝାରସୁଗୁଡ଼ାର ତାପମାତ୍ରା ୪୮ ଡିଗ୍ରୀ ରହିଥିଲା। ଯାହା ସର୍ବକାଳୀନ ସର୍ବୋଚ୍ଚ ରେକର୍ଡ ଥିଲା। ଏହାବ୍ୟତିତ ୧୯୯୮ ମେ ୨୪ରେ ୪୭.୬ ଡିଗ୍ରୀ, ୧୯୭୮ ମେ ୨୦ରେ ୪୭ ଡିଗ୍ରୀ, ୨୦୨୪ ମେ ୩୦ରେ ୪୭ ଡିଗ୍ରୀ ତାପମାତ୍ରା ରହିଥିବା ରେକର୍ଡ ରହିଛି। ୧୫ ବର୍ଷର ପାଣିପାଗ ବିଭାଗର ରିପୋର୍ଟକୁ ଲକ୍ଷ୍ୟ କଲେ ଝାରସୁଗୁଡ଼ା ଜିଲ୍ଲାରେ ହେଉଥିବା ପାଣିପାଗ ପରିବର୍ତ୍ତନ ଚିନ୍ତା ଜନକ। ଜିଲ୍ଲାରେ ଥିବା ବହୁସଂଖ୍ୟକ କୋଇଲା ଚାଳିତ ତାପଜ ବିଦ୍ୟୁତ କେନ୍ଦ୍ର, ଓପନ୍-କାଷ୍ଟ କୋଇଲା ଖଣି ଏବଂ ଭାରୀ କାରଖାନାରୁ ନିର୍ଗତ ଗ୍ରୀନ୍ ହାଉସ୍ ଗ୍ୟାସ୍ ବାୟୁମଣ୍ଡଳକୁ ପ୍ରଦୂଷିତ କରୁଛି। ବ୍ୟାପକ ଜଙ୍ଗଲ କ୍ଷୟ ଏବଂ କଂକ୍ରିଟ୍ ଗଠନ ଯୋଗୁଁ ସହରଟି 'ହୀଟ୍ ଆଇଲ୍ୟାଣ୍ଡ'ରେ ପରିଣତ ହୋଇଛି। ଗତ ୨୦୧୨ ମସିହା ମେ' ମାସରେ ମୋଟ ବୃଷ୍ଟିପାତ ମାତ୍ର ୧.୪ ମିଲିମିଟର ରହିଥିବା ବେଳେ ପାରଦ ୪୬ ଡିଗ୍ରୀ ଛୁଇଁଥିଲା, ଯାହା ମେ' ମାସରେ ପ୍ରାକ୍-ମୌସୁମୀ ବର୍ଷାର ଅଭାବକୁ ଦର୍ଶାଉଛି। ପ୍ରଶାସନିକ ସତର୍କତା ଓ ସ୍ୱାସ୍ଥ୍ୟ ପରାମର୍ଶ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସତର୍କତା ଜାରି କରାଯାଇଛି। ଯଦି ଝାରସୁଗୁଡ଼ା ଜିଲ୍ଲାରେ ଶିଳ୍ପ ପ୍ରଦୂଷଣ ନିୟନ୍ତ୍ରଣ ଓ ବ୍ୟାପକ ସବୁଜିମା ସୃଷ୍ଟି କରା ନଯାଏ, ତେବେ ଆଗାମୀ ଦିନରେ ଏହି ଅଞ୍ଚଳରେ ଗ୍ରୀଷ୍ମ ପ୍ରବାହର ସ୍ଥିତି ଆହୁରି ମହାବିପଦ ସୃଷ୍ଟି କରିବ ବୋଲି ଜଳବାୟୁ ସମୀକ୍ଷକମାନେ ଚେତାଇଛନ୍ତି।

**ମେ' ମାସର ପ୍ରଚଣ୍ଡ ତାତି ଭାଙ୍ଗିଲା ରେକର୍ଡ**

## କମିସନରଙ୍କ କୁଲୁଣ୍ଡି ସରକାରୀ ଶାରିରୀକ ଶିକ୍ଷା ମହାବିଦ୍ୟାଳୟ ପରିଦର୍ଶନ

ଜମନକିରା, ୨୦।୫(ସମିସ): ଭୂପେନ୍ଦ୍ର ସିଂହ ପୁନିଆ କମିଶନର-କମ୍-ସଚିବ, ସ୍କିଲ୍ ଡେଭଲପମେଣ୍ଟ ଓ ଟେକ୍ନିକାଲ୍ ଏଜୁ୍ୟକେସନ୍ ବିଭାଗ ଏବଂ କମିଶନର-କମ୍-ସଚିବ, କ୍ରୀଡା ଓ ଯୁବ ସେବା ବିଭାଗ, ଓଡ଼ିଶା ସରକାରଙ୍କ ସହିତ ରେହାନ ଖତ୍ରି ଆଇଏଏସ୍ କମିଶନର ସମ୍ବଲପୁର ମ୍ୟୁନିସିପାଲ୍ କର୍ପୋରେସନ୍, ଓଡ଼ିଶା ଏବଂ ଡ଼ ସତ୍ୟ ନାରାୟଣ ତାଣ୍ଡି ଜିଲ୍ଲା କ୍ରୀଡା ଅଧିକାରୀ, ସମ୍ବଲପୁରଙ୍କ କୁଲୁଣ୍ଡି ସରକାରୀ ଶାରିରୀକ ଶିକ୍ଷା ମହାବିଦ୍ୟାଳୟକୁ କମିସନରଙ୍କ ପରିଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭ୍ରମଣ ସମୟରେ ନିମ୍ନଲିଖିତ ବିଷୟସମୂହ ଉପରେ ଆଲୋଚନା କରାଯାଇଥିଲା। ଛାତ୍ରୀ ଭର୍ତ୍ତି ଆରମ୍ଭ କରିବା ଓ ଛାତ୍ର ସଂଖ୍ୟାକୁ ୫୦ରୁ ୧୦୦କୁ ବୃଦ୍ଧି କରିବା ସମ୍ବନ୍ଧୀୟ ଆଲୋଚନା। ପାନୀୟ ଜଳ ଓ ସ୍ନାନ ଜଳ ସୁବିଧାର ଉନ୍ନତି। କ୍ରୀଡା ମାଇଦାନ ଓ ପ୍ରସ୍ତାବିତ ୪୦୦ ମିଟର ସିନ୍ଥେଟିକ୍ ଆଥଲେଟିକ୍ ଟ୍ରାକ୍‌ର ପରିକଳ୍ପନା ଓ ଦିଗନିର୍ଦ୍ଦେଶ। ଷ୍ଟାଫ୍ କ୍ୱାର୍ଟର୍ସ ଓ ଅତିଥି ଆବାସ ସୁବିଧାର ବ୍ୟବହାର ଓ ଭବିଷ୍ୟତ ଉନ୍ନୟନ। ପାଠ୍ୟକ୍ରମ ଆବଶ୍ୟକତା ଅନୁଯାୟୀ ୨୫ ମିଟର ସ୍ୱିମିଂ ପୁଲ୍ ପାଇଁ ପ୍ରସ୍ତାବିତ ସ୍ଥାନ। ଛାତ୍ର ଓ ଛାତ୍ରୀ ହଷ୍ଟେଲ୍ ପାଇଁ ପ୍ରସ୍ତାବିତ ସ୍ଥାନ। ସ୍ପୋର୍ଟସ୍ ସାଇନ୍ସ କ୍ଲାସରୁମ୍ ପାଇଁ ପ୍ରସ୍ତାବିତ ସ୍ଥାନ। ଭବିଷ୍ୟତରେ ଛାତ୍ର ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ଅତିରିକ୍ତ ଡାଇନିଂ ସୁବିଧାର ଆବଶ୍ୟକତା। ଅତିରିକ୍ତ ଛାତ୍ରଛାତ୍ରୀଙ୍କ ପାଇଁ କ୍ଲାସରୁମ୍ ଓ ହଷ୍ଟେଲ୍ ଫର୍ଣ୍ଣିଚର୍ କ୍ରୟ। କ୍ୟାମ୍ପସ୍‌ରେ ନିୟମିତ ଚିକିତ୍ସା ସୁବିଧାର ଆବଶ୍ୟକତା। ଅତିରିକ୍ତ ଶିକ୍ଷକ ଓ ଫିଜିଓଥେରାପିଷ୍ଟ ନିଯୁକ୍ତିର ଆବଶ୍ୟକତା। ଶିକ୍ଷାମୂଳକ ଓ କ୍ରୀଡା କାର୍ଯ୍ୟକ୍ରମ ପାଇଁ ପରିବହନ ସୁବିଧାର ଆବଶ୍ୟକତା। ଅତିରିକ୍ତ ଆକାଉଣ୍ଟସ୍ ଓ ପ୍ରଶାସନିକ କର୍ମଚାରୀଙ୍କ ଆବଶ୍ୟକତା। ଶିକ୍ଷକ ପଦବୀ ଉନ୍ନତି ସମ୍ବନ୍ଧୀୟ ଆଲୋଚନା। କଲେଜରେ ମାଷ୍ଟର୍ସ ଡିଗ୍ରୀ ପାଠ୍ୟକ୍ରମ ଆରମ୍ଭ ପାଇଁ ଆବେଦନ ସମ୍ବନ୍ଧୀୟ ଆଲୋଚନା। ଏମ୍‌ପିଏଡ୍ ସହ ଅନ୍ୟାନ୍ୟ ଉଚ୍ଚତର ପାଠ୍ୟକ୍ରମ ଆରମ୍ଭ ପାଇଁ ଆବେଦନ ସମ୍ବନ୍ଧୀୟ ଆଲୋଚନା କରିବା ସହ ଇଣ୍ଡୋର ହଲ, ଷ୍ଟାଫ୍ କ୍ୟାଟର, ଅଫିସ ଗୃହ, ଶ୍ରେଣୀ କୋଠରୀ ବୁଲିବା ସହ ଅଧ୍ୟକ୍ଷ, ଅଧ୍ୟାପକ ଅଧ୍ୟାପିକା, କିରାଣୀଙ୍କ ସହ ସମସ୍ତ ସୁବିଧା ଅସୁବିଧା ବିଷୟରେ ଆଲୋଚନା କରିଥିଲେ।

## ୧୮ କେଜି ଗଞ୍ଜେଇ ଜବତ, ଜଣେ ଗିରଫ



ରେଢ଼ାଖୋଲ, ୨୦।୫(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ହାତୀବାହାଲଗ୍ରାମ ଛକ ନିକଟରେ ରେଢ଼ାଖୋଲ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରି ୧୮ କେଜି ଗଞ୍ଜେଇ ଜବତ ସହ ଜଣେ ବେପାରୀକୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ କନ୍ଧମାଳ ଜିଲ୍ଲା ଗୁଛାପଡ଼ା ଥାନା ଅଞ୍ଚଳର ରିଙ୍କୁ ଦିଗାଲ। ସୂଚନା ଯୋଗ୍ୟ ଯେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ରେଢ଼ାଖୋଲ ଅବକାରୀ ବିଭାଗ ଇନ୍ସପେକ୍ଟର ଦୁର୍ବାଦଳ ବିଶ୍ୱାଳଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ୍ ଗଠନ କରି ହାତୀବାହାଲ ଛକ ନିକଟରେ ଜଗି ରହିଥିଲେ। ବିଳମ୍ବିତ ରାତ୍ରିରେ ଦ୍ରୁତ ଗତିରେ ଆସୁଥିବା ବାଇକ୍‌କୁ ସନ୍ଦେହ କରି ଅଟକାଇ ଯାଞ୍ଚ କରିବାରୁ ଏକ ବଡ଼ ବସ୍ତାରେ ବନ୍ଧା ହୋଇ ରହିଥିବା ୧୮ କେଜି ଗଞ୍ଜେଇ ଜବତ କରିଥିଲେ। ଅଭିଯୁକ୍ତକୁ ଗିରଫ କୋର୍ଟ ଚାଲାଣ କରାଯାଉଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ବନ୍ଦ ରହିଲା ଔଷଧ ଦୋକାନ

ସମ୍ବଲପୁର, ୨୦।୫(ସମିସ): ଅନଲାଇନରେ ମେଡିସିନ ବିକ୍ରି ସହ ବିଭିନ୍ନ ଦାବି ନେଇ ସର୍ବଭାରତୀୟ ସ୍ତରରେ ଆଜି ଔଷଧ ଦୋକନ ବନ୍ଦ ରହିଥିଲା। ଏହି କ୍ରମରେ ସମ୍ବଲପୁର ଜିଲ୍ଲା କେମିଷ୍ଟସ ଓ ଡ୍ରଗିଷ୍ଟସ ଆସୋସିଏସନ, ଉତ୍କଳ କେମିଷ୍ଟ ଏବଂ ଡ୍ରଗିଷ୍ଟ ଆସୋସିଏସନ (ଇଉସିଡିଏ) ଓ ଅଲ୍ ଇଣ୍ଡିଆ ଅର୍ଗାନାଇଜେସନ




ଅଫ୍ କେମିଷ୍ଟ ଏବଂ ଡ୍ରଗିଷ୍ଟ (ଆଇଓସିଡି) କୁ ସମର୍ଥନ କରି ଦୋକାନ ବନ୍ଦ ରହିଥିଲା। ଆଜି ସମ୍ବଲପୁର ଜିଲ୍ଲାର ସମସ୍ତ ଔଷଧ ବ୍ୟବସାୟ ବନ୍ଦ ରହିଥିଲା। ସଙ୍ଘର ସଭାପତି ଶିବ ପ୍ରସାଦ ଓ ସମ୍ପାଦକ ଜୟ ପ୍ରକାଶ ତ୍ରିପାଠୀ, ପ୍ରଶାନ୍ତ ରଥ, ଜ୍ୟୋତିର୍ମୟ ପଣ୍ଡା, ଚନ୍ଦ୍ର କୁମାର ଅଗ୍ରୱାଲ, ଦୀପକ ପାଢ଼ୀ, ସଞ୍ଜୟ ପଣ୍ଡା, ପ୍ରକାଶ ପଣ୍ଡା, ପ୍ରତାପ ପତି, ଶୁଭଙ୍କର ନନ୍ଦି, ସଚିନ ସର୍ଦା, ବସନ୍ତ ଶର୍ମା, ରଶ୍ମି ରଞ୍ଜନ ମହାପାତ୍ର ପ୍ରମୁଖ ଆନ୍ଦୋଳନରେ ସାମିଲ ଥିଲେ।

## ୨୪ରେ ଆପ୍‌ର ନିର୍ବାଚନୀ ପ୍ରସ୍ତୁତି ସଭା

ଦେବଗଡ଼, ୨୦।୫(ସମିସ): ଆସନ୍ତା ୨୪ ତାରିଖରେ ଭୁବନେଶ୍ୱରସ୍ଥିତ ହୋଟେଲ ପାଲ୍ ହାଇଟରେ ଆପ୍‌ର ନିର୍ବାଚନୀ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବ। ଜାତୀୟ ଆବାହକ ଅରବିନ୍ଦ କେଜ୍ରିୱାଲଙ୍କ ତତ୍ତ୍ୱାବଧାନରେ ରାଜ୍ୟରେ ହେବାକୁ ଥିବା ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନରେ ଦଳୀୟ ପ୍ରାର୍ଥୀ ଦେବା ସହ ନିର୍ବାଚନ ମଇଦାନରେ ଲଢିବାପାଇଁ ଦଳ ପକ୍ଷରୁ ପ୍ରସ୍ତୁତି ଆରମ୍ଭ କରାଯାଇଛି। ଏହି ପ୍ରସ୍ତୁତି ବୈଠକରେ ଆପ୍ ସାଂସଦ ସଞ୍ଜୟ ସିଂହଙ୍କ ସମେତ ଅନ୍ୟ ୭ ଜଣ ପ୍ରଭାରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଆସନ୍ତା ଏକ ମାସ ଭିତରେ ପ୍ରଭାରୀମାନେ ରାଜ୍ୟର ସମସ୍ତ ବିଧାନସଭା ମଣ୍ଡଳୀ ଗସ୍ତ କରି ସଂଗଠନକୁ ସୁଦୃଢ଼ କରିବା ସହ ସମସ୍ତ ବିବରଣୀ ରାଷ୍ଟ୍ରୀୟ ଆବାହକଙ୍କୁ ଅବଗତ କରାଇବେ। ଏନେଇ ଆଜି ଦେବଗଡ଼ର ହୋଟେଲ ରୋନକ ପ୍ଲାଜାଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସଂଗଠନ ସମ୍ପାଦକ ଭରତ ଦାସ, ଢେଙ୍କାନାଳ ଲୋକସଭା ସଭାପତି ପଙ୍କଜ ନାୟକ, ଦେବଗଡ଼ ଜିଲ୍ଲା ପ୍ରଭାରୀ ଯୁଗଳ କିଶୋର ଜିତ ଓ ଜିଲ୍ଲା ସଂଯୋଜକ ନୀଳମଣି ସେଠୀ ପ୍ରମୁଖ ଯୋଗଦେଇ ବ୍ୟବସ୍ଥା ପରିବର୍ତ୍ତନର ଏହି ସ୍ରୋତରେ ସାମିଲ ହେବାପାଇଁ ଜିଲ୍ଲାବାସୀଙ୍କୁ ଆହ୍ୱାନ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଦୀନବନ୍ଧୁ ନାଏକ ଓ ଗୁରୁଚରଣ ବର୍ମା ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାର ସମସ୍ତ ଔଷଧ ଦୋକାନ ବନ୍ଦ



ଦେବଗଡ଼, ୨୦।୫(ସମିସ): ସର୍ବ ଭାରତୀୟ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ସଙ୍ଘର ଆହ୍ୱାନ କ୍ରମେ ଉତ୍କଳ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ସଙ୍ଘର ଡାକରାରେ ଦେବଗଡ଼ ଜିଲ୍ଲା କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ସଙ୍ଘ ପକ୍ଷରୁ ଏକାଧିକ ଦାବି ନେଇ ଆଜି ଜିଲ୍ଲାର ସମସ୍ତ ଔଷଧ ଦୋକାନ ବନ୍ଦ ରହିଥିଲା। ଔଷଧର ଅନ୍ ଲାଇନ ବିକ୍ରୟ ବନ୍ଦ, କର୍ପୋରେଟ ସଂସ୍ଥା ଦ୍ୱାରା ଗଭୀର ରିହାତି ବନ୍ଦ କରିବା ଓ ବଜାରରୁ ନକଲି ଔଷଧ ଏଡାଇବା ଆଦି ଦାବି ନେଇ ସର୍ବଭାରତୀୟ ସ୍ତରର ବନ୍ଦ ଡାକରାକୁ ସମର୍ଥନ କରି ଜିଲ୍ଲା ଔଷଧ ଦୋକାନୀ ସଙ୍ଘ ପକ୍ଷରୁ ଆଜି ଜିଲ୍ଲାର ସମସ୍ତ ଔଷଧ ଦୋକାନ ବନ୍ଦ ରହିଥିଲା। ଆଜି ସକାଳୁ ସଙ୍ଘର ଜିଲ୍ଲା ସଭାପତି ମୋତିଲାଲ ଶର୍ମାଙ୍କ ନେତୃତ୍ୱରେ ସମସ୍ତ ଔଷଧ ଦୋକାନୀ ଏକତ୍ରିତ ହୋଇ ସେମାନଙ୍କ ଦାବିର ଯାଥାର୍ଥତା ସମ୍ପର୍କରେ ଆଲୋଚନା କରିବା ସହ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଔଷଧ ବ୍ୟବସାୟୀ କିଭଳି ସମସ୍ୟାର ସମ୍ମୁଖୀନ ହେବେ ସେ ନେଇ ଆଲୋଚନା କରିବା ପରେ ଉପୋରକ୍ତ ୩ ଦଫା ଦାବି ସମ୍ବଳିତ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ। ଏହି ସମୟରେ ସମ୍ପାଦକ ସରୋଜ କୁମାର ପାଢ଼ୀ, କୋଷାଧ୍ୟକ୍ଷ ମିତ୍ରଭାନୁ ନାୟକ, ସଂଗଠନ ସମ୍ପାଦକ ଅଜୟ କୁମାର ନନ୍ଦ, ସଦସ୍ୟ ସନ୍ତୋଷ କୁମାର ସାହୁ, ବିଜୟ କୁମାର ପ୍ରଧାନ, ବିଦ୍ୟାଧର ପ୍ରଧାନ, ଦୋଳମଣୀ ନାୟକ, ସୁନୀଲ ଦାସ ଓ ବିନୋଦ ବିହାରୀ ଦେବତା ପ୍ରମୁଖ ଉପସ୍ଥିତ ଥିଲେ।

**ଓଡ଼ିଶା ମେଟାଲିକ କମ୍ପାନୀ ବିରୋଧରେ ଗର୍ଜିଲେ ମହିଳା**

# ଜଙ୍ଗଲ ଜମି ଉଦ୍ଧାର ନ ହେଲେ ରାଷ୍ଟ୍ରପତିଙ୍କ ଦ୍ୱାରସ୍ଥ ହେବାକୁ ଚେତାବନୀ

ଝାରସୁଗୁଡ଼ା, ୨୦।୫(ସମିସ)




ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ମରାକୁଟା ଠାରେ ସ୍ଥିତ ଓଡ଼ିଶା ମେଟାଲିକ୍ସ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ଦ୍ୱାରା ବେଆଇନ ଜଳ ଶୋଷଣ, ନଦୀ ପ୍ରଦୂଷଣ ଏବଂ ଜଙ୍ଗଲ ଜମି ଜବରଦଖଲ ପ୍ରତିବାଦରେ ଜମେରା, ଇବ୍, ମରାକୁଟା ଓ ବୁଢ଼ାପଦରର ଶତାଧିକ ଗ୍ରାମବାସୀ, ବ୍ରଜରାଜନଗର ପୌରାଞ୍ଚଳର ଶତାଧିକ ମହିଳା ଏବଂ ଜନସାଧାରଣ ବୁଧବାର ପୂର୍ବାହ୍ନରେ ଝାରସୁଗୁଡ଼ା ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, କମ୍ପାନୀ ପକ୍ଷରୁ ଗ୍ରୀଷ୍ମ ସମୟରେ ବାଣିଜ୍ୟିକ ବ୍ୟବହାର ପାଇଁ ଇବ୍‌ନଦୀରୁ ଜଳ ଉଠାଇବାକୁ କୌଣସି ଅନୁମତି ନଥିବା ସତ୍ତ୍ୱେ, ବେଆଇନ ଭାବେ ପାଇପ୍ ଲାଇନ ଯୋଗେ ପ୍ରଚୁର ପାଣି ଉଠାଯାଉଛି। ଏହାଫଳରେ ନଦୀ କୂଳରେ ଥିବା ଜମେରା, ଇବ୍, ମରାକୁଟା, ବୁଢ଼ୀପଦର ଏବଂ ନଦୀ ସେପାରିରେ ଥିବା ବ୍ରଜରାଜନଗର ପୌରପାଳିକା ଅନ୍ତର୍ଗତ ରେମଜା, ତେଲେନପାଲି ପାଲି, ଇଟାଭଟା ଓ ଗୋଣ୍ଡଘୋରା ଆଦି ଗ୍ରାମରେ ଭୟଙ୍କର ଜଳ ସଙ୍କଟ ସୃଷ୍ଟି ହୋଇଛି। କମ୍ପାନୀ ନିଜ ପରିସର ମଧ୍ୟରେ ଅନୁମତିଠାରୁ ଅଧିକ ଗଭୀର ନଳକୂପ ଖୋଦନ କରି ଭୂତଳ ଜଳ ଶୋଷଣ କରୁଥିବାରୁ ସ୍ଥାନୀୟ ଅଞ୍ଚଳର ସାଧାରଣ ନଳକୂପଗୁଡ଼ିକ ଅଚଳ ହୋଇପଡ଼ିଛି। ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ଗ୍ରାମର ଲୋକେ ପାନୀୟ ଜଳ, ଜଳସେଚନ ଓ ନିତ୍ୟ ବ୍ୟବହାର ପାଇଁ ଇବ ନଦୀ ଉପରେ ନିର୍ଭର କରନ୍ତି। ମାତ୍ର କମ୍ପାନୀ ନିଜର ଦୂଷିତ ବର୍ଜ୍ୟଜଳକୁ ବେଆଇନ ଭାବେ ଜମେରା ନାଳ ମାଧ୍ୟମରେ ଇବ ନଦୀକୁ ଛାଡୁଥିବାରୁ ନଦୀ ଜଳ ସମ୍ପୂର୍ଣ୍ଣ ପ୍ରଦୂଷିତ ହେବାରେ ଲାଗିଛି, ଯାହା ସ୍ଥାନୀୟ ଜନଜୀବନ ଓ ପରିବେଶ ପ୍ରତି ବଡ଼ ବିପଦ ସୃଷ୍ଟି କରିଛି। ଏହା ସହିତ କମ୍ପାନୀ ପ୍ରାୟ ୧୦.୪୯ ଏକର ଜଙ୍ଗଲ ଜମିକୁ ବେଆଇନ ଭାବେ ନିଜ ଦଖଲରେ ରଖିଛି। ଝାରସୁଗୁଡ଼ା ତହସିଲଦାର ସଦାକର କୁମ୍ଭାର ଏହି ଗ୍ରାମ୍ୟ ଜଙ୍ଗଲ ଜମିକୁ ମୁକ୍ତ କରିବା ପାଇଁ ନୋଟିସ ଜାରି କରିଥିଲେ ମଧ୍ୟ କମ୍ପାନୀ ଆଜି ପର୍ଯ୍ୟନ୍ତ ତାହାକୁ ଖାଲି କରିନଥିବା ନେଇ ଆନ୍ଦୋଳନକାରୀଙ୍କ ତରଫରୁ ଅଭିଯୋଗ କରାଯାଇଛି। ଝାରସୁଗୁଡା ତହସିଲଦାର ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ କମ୍ପାନୀ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଏ ପର୍ଯ୍ୟନ୍ତ ଗ୍ରହଣ କରାଯାଇନାହିଁ। ଗତ ମଇ ୧୩ ତାରିଖ ଠାରୁ ଅଞ୍ଚଳବାସୀ ଏହା ବିରୋଧରେ ଶାନ୍ତିପୂର୍ଣ୍ଣ ଓ ଗଣତାନ୍ତ୍ରିକ ପ୍ରତିବାଦ ଜାରି ରଖିଛନ୍ତି। ଆଜି ଝାରସୁଗୁଡା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଉଦ୍ଦେଶ୍ୟରେ ଗ୍ରାମବାସୀମାନେ ୪ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଇବ ନଦୀରୁ ବେଆଇନ ପାଣି ଉଠାଇବା ବନ୍ଦ କରାଯିବା, ଗଭୀର ନଳକୂପ ମାଧ୍ୟମରେ ଭୂତଳ ଜଳ ଶୋଷଣ ଉପରେ ରୋକ୍ ଲଗାଯିବା, ଜମେରା ନାଳରେ ଦୂଷିତ ଜଳ ନିଷ୍କାସନ ତୁରନ୍ତ ବନ୍ଦ କରାଯିବା, ଜବରଦଖଲ ହୋଇଥିବା ଜଙ୍ଗଲ ଜମିକୁ ତୁରନ୍ତ ମୁକ୍ତ କରାଯିବା ପ୍ରଭୃତି ଦାବି ଉଲ୍ଲେଖ ରହିଛି। ଆସନ୍ତା ମେ ୨୪ ତାରିଖ ମଧ୍ୟରେ ଯଦି କମ୍ପାନୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଜମି ମୁକ୍ତ କରାନଯାଏ, ତେବେ ୨୫ ତାରିଖ ଦିନ ଝାରସୁଗୁଡ଼ା ତହସିଲଦାରଙ୍କ ବିରୋଧରେ ରାଷ୍ଟ୍ରପତି ଏବଂ ଜାତୀୟ ମାନବାଧିକାର କମିଶନଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯିବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟବ୍ୟସ୍ତତା ଯୋଗୁଁ ପୁନର୍ବାସ ଓ ଥଇଥାନ ପ୍ରକଳ୍ପ ନିର୍ଦ୍ଦେଶକ ଲଳିତ ସୋରେଙ୍ଗଙ୍କୁ ସାକ୍ଷାତ କରି ଗ୍ରାମବାସୀ ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ପ୍ରକଳ୍ପ ନିର୍ଦ୍ଦେଶକ ସୋରେଙ୍ଗ ନିଜେ ଏହି ବିଷୟରେ ଜିଲ୍ଲାପାଳଙ୍କ ସହ ଆଲୋଚନା କରି ସମସ୍ୟାଗୁଡ଼ିକର ତୁରନ୍ତ ସମାଧାନ ପାଇଁ ଉଚିତ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଦାବିପତ୍ର ଦେବା ସମୟରେ ଲୋକମୁକ୍ତି ସଙ୍ଗଠନର ଉପଦେଷ୍ଟା ଅନନ୍ତ, ସୁରେଖା ଶେଖର ଦେଓ, ବିନ୍ଦୁରେଖା ଭୋଇ, ଜମେରାରୁ ସୁବାସିନୀ ସେଠ, ପ୍ରଭାସିନୀ ମାଲି, ସେବତୀ ଲୁହା, ଇବ୍ ଅଞ୍ଚଳରୁ ଜ୍ୟୋତ୍ସ୍ନା ମାଝୀ, ବୁଢ଼ୀପଦରରୁ ଟିକେଶ୍ୱରୀ ପ୍ରଧାନ ଓ ଆରତୀ ସାହୁଙ୍କ ସମେତ ଶତାଧିକ ମହିଳା ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

**ଅନ୍‌ଲାଇନ୍ ଔଷଧ ବିକ୍ରୟକୁ ବିରୋଧ**

# ଔଷଧ ଦୋକାନୀଙ୍କ ଧର୍ମଘଟ; ରୋଗୀ ହନ୍ତସନ୍ତ









ରାଉରକେଲା, ୨୦।୫ (ସମିସ)

କରୋନା ସମୟରେ ସମଗ୍ର ଦେଶରେ ଆରମ୍ଭ କରାଯାଇଥିବା ଅନ୍‌ଲାଇନ୍ ମେଡିସିନ୍ ବିକ୍ରୟ ଏ ପର୍ଯ୍ୟନ୍ତ ଜାରି ରହିଥିବାରୁ ଏହାକୁ ବିରୋଧ କରି ରାଉରକେଲା ସମେତ ସୁନ୍ଦରଗଡ଼ ଜିଲ୍ଲାରେ ଆଜି ଔଷଧ ଦୋକାନୀଙ୍କ ଧର୍ମଘଟ ପାଳନ କରାଯାଇଥିଲା। ଦିନସାରା ଔଷଧ ଦୋକାନ ବନ୍ଦ ରହିଥିବା ସାଧାରଣ ଲୋକ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଅନ୍‌ଲାଇନ୍ ମାଧ୍ୟମରେ ବିଭିନ୍ନ ପ୍ରକାର ମେଡିସିନ୍ ସହିତ ନିଶା ଔଷଧ ମଧ୍ୟ ମିଳୁଥିବାରୁ ଏହାର କୌଣସି ରେକର୍ଡ ରଖାଯାଉ ନଥିବା ବେଳେ ଔଷଧ ଦୋକାନ ବା ମେଡିସିନ ଷ୍ଟୋରରେ ଏ ସମସ୍ତ କାର୍ଯ୍ୟ ଲିଖିତ ଆକାରରେ ରଖିବାକୁ ପଡୁଛି। ଏଥିସହିତ ରାଜ୍ୟ ଓ ଜିଲ୍ଲାସ୍ତରୀୟ ଡ୍ରଗ୍ସ ଇନିସପେକ୍ଟରମାନେ ଏହାର ତନଖି କରୁଛନ୍ତି ଏବଂ ଏହାର ବ୍ୟତିକ୍ରମରେ ମେଡିସିନ୍ ଷ୍ଟୋରକୁ ଜୋରିମାନା ମଧ୍ୟ କରୁଛନ୍ତି। ଏହା ଫଳରେ ମେଡିସିନ୍ ଷ୍ଟୋରମାନେ ଅସୁବିଧାରେ ପଡୁଛନ୍ତି। ଅନ୍ୟପକ୍ଷରେ ଅନ୍‌ ଲାଇନ୍ ମେଡିସିନ୍ ବିକ୍ରୟ ଯୋଗୁଁ ମେଡିସିନ୍ ଷ୍ଟୋରମାନେ ବିଭିନ୍ନ ପ୍ରକାର କ୍ଷତି ସହୁଥିବା ଅଭିଯୋଗ କରି ଦୋକାନୀମାନେ ଏହି ଧର୍ମଘଟ କରିଥିଲେ। ସୁନ୍ଦରଗଡ଼ ଜିଲ୍ଲା କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନର ସଭାପତି ଅନୀଲ ଅଗ୍ରୱାଲ ଏବଂ ଅନ୍ୟାନ୍ୟ ପଦାଧିକାରୀ ସରକାରଙ୍କ ଏହି ପଦକ୍ଷେପ ଭାରତର ସମସ୍ତ ଔଷଧ ଦୋକାନୀଙ୍କୁ ପ୍ରଭାବିତ କରୁଥିବାରୁ ଆଜିର ଏହି ବନ୍ଦ ପାଳନ କରାଯାଉଥିବା କହିଛନ୍ତି। ଅନ୍ୟପଟରେ ଆଜି ବିଭିନ୍ନ ସ୍ଥାନରେ ଜନ ଔଷଧୀ କେନ୍ଦ୍ର, ମେଡିସିନ୍ ଷ୍ଟୋର ବନ୍ଦ ରହିଥିବାରୁ ସରକାରୀ ଡାକ୍ତରଖାନା, ବେସରକାରୀ ଡାକ୍ତରଖାନାଗୁଡ଼ିକରେ ରୋଗୀମାନେ ଔଷଧ ପାଇଁ ହନ୍ତସନ୍ତ ହୋଇଥିବା ଦେଖିବାକୁ ମିଳିଥିଲା। କିଛି ସ୍ଥାନରେ ରୋଗୀଙ୍କ ଚିକିତ୍ସା ମଧ୍ୟ ପ୍ରଭାବିତ ହୋଇଥିବା ଶୁଣିବାକୁ ମିଳିଛି।

**ବଣାଇଁ:** ବଣାଇଁ ସହର ସମେତ ଉପଖଣ୍ଡର ବିଭିନ୍ନ ଅଞ୍ଚଳରେ ଆଜି ମେଡ଼ିସିନ ଷ୍ଟୋର ବନ୍ଦ ରହିଥିବାରୁ ସାଧାରଣ ଲୋକ ଓ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଜରୁରୀ ଔଷଧ କିଣିବା ପାଇଁ ଲୋକମାନେ ଏକ ଷ୍ଟୋରରୁ ଅନ୍ୟ ଷ୍ଟୋରକୁ ଘୁରିଥିଲେ ମଧ୍ୟ ଅଧିକାଂଶ ଦୋକାନ ବନ୍ଦ ଥିବା ଦେଖିବାକୁ ମିଳିଥିଲା। ମେଡ଼ିସିନ ବ୍ୟବସାୟୀ ସଂଘର ଆହ୍ୱାନ କ୍ରମେ ବିଭିନ୍ନ ଦାବି ପୂରଣ ପାଇଁ ଏହି ବନ୍ଦ ପାଳନ କରାଯାଇଥିବା ସୂଚନା ମିଳିଛି। ବିଶେଷ କରି ଦୈନିକ ଔଷଧ ଉପରେ ନିର୍ଭରଶୀଳ ବୃଦ୍ଧ, ଡାଇବେଟିସ ଓ ହୃଦ୍ରୋଗୀମାନେ ବେଶି ହଇରାଣ ହୋଇଥିଲେ। ସରକାରୀ ହସ୍ପିଟାଲ ନିକଟରେ କିଛି ଜରୁରୀ ସେବା ଷ୍ଟୋର ଖୋଲା ଥିଲେ ମଧ୍ୟ ଅଧିକାଂଶ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିଥିଲା। ଏହାଫଳରେ ଦୂରଦୂରାନ୍ତରୁ ଆସିଥିବା ରୋଗୀ ଓ ତାଙ୍କ ସମ୍ପର୍କୀୟମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ପ୍ରଶାସନ ସହ ଆଲୋଚନା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସଂଘ ସୂଚନା ଦେଇଛି।

## ଆର୍‌ଏସ୍‌ପିର ପ୍ରୋପେନ୍ ପ୍ଲାଣ୍ଟରେ ବିପର୍ଯ୍ୟୟ ପରିଚାଳନା ମକ୍ ଡ୍ରିଲ୍

ରାଉରକେଲା, ୨୦।୫(ସମିସ): ରାଉରକେଲା ଇସ୍ପାତ କାରଖାନାର ଅକ୍ସିଜେନ୍ ପ୍ଲାଣ୍ଟର ପ୍ରୋପେନ୍ ପ୍ଲାଣ୍ଟ-୩ ଠାରେ ୨୦ ମେ ୨୦୨୬ ତାରିଖରେ ଏକ ପ୍ରୋପେନ୍ ଗ୍ୟାସ୍ ଅଗ୍ନିକାଣ୍ଡର କୃତ୍ରିମ ପରିସ୍ଥିତି ସୃଷ୍ଟି କରାଯାଇ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍), ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍‌ଡିଆର୍‌ଏଫ୍), ଓଡ୍ରାଫ୍ (ଓଡିଆରଏଫ) ସହିତ ଆରଏସପିର ଅଗ୍ନିଶମ ସେବା ଏବଂ ସେଫ୍ଟି ଇଞ୍ଜିନିୟରିଂ ବିଭାଗ ଦ୍ୱାରା ଏକ ମିଳିତ ମକ୍ ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି। ଏହି ମକ୍ ଡ୍ରିଲ୍ ସିଜିଏମ୍ ଇନଚାର୍ଜ (ସର୍ଭିସେସ୍) ଏବଂ କାର୍ଯ୍ୟକାରୀ ଇଡି (ୱାର୍କସ) ଅତିଶ ଚନ୍ଦ୍ର ସରକାର, ସିଆଇଏସଏଫର ଡିଆଇଜି ବିଷ୍ଣୁ ସ୍ୱରୂପ, ଓଡ଼ିଶା ସରକାରଙ୍କ କାରଖାନା ଏବଂ ବଏଲର ବିଭାଗର ଉପ ନିର୍ଦ୍ଦେଶକ ବିଭୁ ପ୍ରସାଦ, ଡିଏସ୍‌ପି ଜିତେନ ସେଠୀ, ସିଆଇଏସ୍‌ଏଫ୍‌ର




ସିନିୟର କମାଣ୍ଡାଣ୍ଟ ବିଜୟ କୁମାର, ମୁଣ୍ଡଳୀ ତୃତୀୟ ଏନଡିଆରଏଫର ୨୧ସି ବର୍ଦ୍ଧମାନ ମିଶ୍ର, ଓଡ଼ିଶା ସରକାରଙ୍କ କାରଖାନା ଏବଂ ବଏଲର ବିଭାଗର ଆସିଷ୍ଟାଣ୍ଟ ଡିରେକ୍ଟର ଜି. ମାର୍ଡି ଏବଂ କାରଖାନା ଓ ବଏଲର, ଏନଡିଆରଏଫ, ଏସଡିଆରଏଫ, ଓଡିଆରଏଫ, ସିଆଇଏସଏଫର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ତଥା ସ୍ଥାନୀୟ ପୁଲିସ ଅଧିକାରୀଙ୍କ ଉପସ୍ଥିତିରେ ପରିଚାଳିତ ହୋଇଥିଲା। ଆର୍‌ଏସ୍‌ପି ପକ୍ଷରୁ ସିଜିଏମ୍ (ମେଣ୍ଟେନାନ୍ସ) ଏସ୍‌ଏସ୍ ରାୟଚୌଧୁରୀ, ସିଜିଏମ୍ (ୟୁଟିଲିଟିଜ୍ ଆଣ୍ଡ ଏନଭାଇରନମେଣ୍ଟ) ଆଶା କାର୍ଥା, ସିଜିଏମ୍ (ଏଚ୍‌ଆର୍) ମାନସ ରଞ୍ଜନ ରଥ, ସିଜିଏମ୍ (ସେଫ୍‌ଟି ଆଣ୍ଡ ଫାୟାର) ହୀରାଲାଲ ମହାପାତ୍ର, ଜିଏମ୍ (ଏସ୍‌ଇଡି) ଅବକାଶ ବେହେରା, ଅନେକ ସିଜିଏମ୍, ସେଫ୍ଟି, ଅଗ୍ନିଶମ ସେବା, ଓଏଚଏସସି ଏବଂ ଅକ୍ସିଜେନ୍ ପ୍ଲାଣ୍ଟର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଅତିଶ ଚନ୍ଦ୍ର ସରକାର ୱର୍କମ୍ୟାନ୍ କଣ୍ଟ୍ରୋଲର (କାର୍ଯ୍ୟକ୍ଷେତ୍ର ନିୟନ୍ତ୍ରକ) ଭାବେ ଦାୟିତ୍ୱ ତୁଲାଇଥିଲେ। ସାଇଟ୍ ଇନସିଡେଣ୍ଟ କଣ୍ଟ୍ରୋଲର ତଥା ଅକ୍ସିଜେନ୍ ପ୍ଲାଣ୍ଟର ଜିଏମ୍ ଇନଚାର୍ଜ ଏସ୍. ଏସ୍. ସାଇନିଙ୍କ ଦ୍ୱାରା ପରିସ୍ଥିତି ନିୟନ୍ତ୍ରଣାଧୀନ ଥିବା ଘୋଷଣା କରାଯିବା ସହ ମକ୍ ଡ୍ରିଲ୍ ଆରମ୍ଭ ହୋଇଥିଲା। ସମଗ୍ର ଦଳକୁ କମ୍ବାଟ୍ ଟିମ୍ (ମୁକାବିଲା ଦଳ), ରେସକ୍ୟୁ ଟିମ୍ (ଉଦ୍ଧାରକାରୀ ଦଳ) ଏବଂ ଅକ୍ସିଲିଆରି ଟିମ୍ (ସହାୟକ ଦଳ) ତିନୋଟି ଭାଗରେ ବିଭକ୍ତ କରାଯାଇଥିଲା। ଯେଉଁଥିରେ ଏସଡିଆରଏଫ, ଅକ୍ସିଜେନ୍ ପ୍ଲାଣ୍ଟ, ଅଗ୍ନିଶମ ସେବା ଏବଂ ସିଆଇଏସଏଫର ସଦସ୍ୟମାନେ ସାମିଲ ଥିଲେ। କମ୍ବାଟ୍ ଟିମ୍‌ର ନେତୃତ୍ୱ ଜିଏମ୍ (ଅକ୍ସିଜେନ୍ ପ୍ଲାଣ୍ଟ) ୟୁକେ ଭୁଜବଳ ଏବଂ ସିନିୟର ମ୍ୟାନେଜର ଏମ୍ ପ୍ରଧାନ ନେଇଥିବା ବେଳେ ରେସକ୍ୟୁ ଟିମ୍‌ର ନେତୃତ୍ୱ ଡିଜିଏମ୍ ସିପି ବାସ୍କେ ଏବଂ ଏଜିଏମ୍ ଆର୍. ନାୟକ ନେଇଥିଲେ। ଅକ୍ସିଲିଆରି ଟିମ୍‌ର ନେତୃତ୍ୱ ଅକ୍ସିଜେନ୍ ପ୍ଲାଣ୍ଟର ଏଜିଏମ୍ ଏସ୍‌କେ ପାଣିଗ୍ରାହୀ ନେଇଥିଲେ। ଜିଏମ୍ (ଅଗ୍ନିଶମ ସେବା) ପି.ଏସ୍ ଠାକରେ ଅଗ୍ନିଶମ ସେବା ଦଳ ପକ୍ଷରୁ ସହଯୋଗ ପ୍ରଦାନ କରିଥିଲେ। ବିଭୁ ପ୍ରସାଦ ସଙ୍କଟ ପରିଚାଳନା ଏବଂ ବିପଦ ନିୟନ୍ତ୍ରଣ କ୍ଷେତ୍ରରେ ମିଳିତ ମକ୍ ଡ୍ରିଲ୍‌ର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ମକ୍ ଡ୍ରିଲ୍‌କୁ ଅବକାଶ ବେହେରା ସଂଯୋଜନା କରିଥିବା ବେଳେ ଆସିଷ୍ଟାଣ୍ଟ ମ୍ୟାନେଜର (ଏସଇଡି) ପ୍ରଜ୍ଞା ନାଥ କାର୍ଯ୍ୟକ୍ରମର ସଞ୍ଚାଳନ କରିଥିଲେ।

● **ବିଜେଡିର ନାରୀ ଅଧିକାର ଅଭିଯାନ**

## ନାରୀ ନିର୍ଯାତନା ପ୍ରସଙ୍ଗରେ ସରକାର ବିରୋଧରେ ଗର୍ଜିଲେ ମହିଳା

ବଣାଇଁ, ୨୦।୫(ସମିସ): ମହିଳାଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ପ୍ରଦାନରେ ବିଫଳତା ଏବଂ ଦେଶରେ ବଢୁଥିବା ନାରୀ ନିର୍ଯାତନାକୁ ନିୟନ୍ତ୍ରଣ କରିବାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅସମର୍ଥତା ଏବଂ ଅଯଥାରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ବିରୋଧ ପ୍ରତିବାଦରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ଆଜି ବଣାଇଁରେ ନାରୀ ଅଧିକାର ଅଭିଯାନ ଆୟୋଜିତ ହୋଇଥିଲା। ବିଜୁ ମହିଳା ଜନତା ଦଳର ଆହ୍ୱାନରେ ବଣାଇଁ ରାଜା ଧରଣୀଧର ବହୁମୁଖୀ ଖେଳ ପଡ଼ିଆଠାରୁ ଶତାଧିକ ମହିଳା ଏକ ବିଶାଳ ଶୋଭାଯାତ୍ରାରେ ବାହାରି ବଣାଇଁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ପରେ ବଣାଇଁ ଉପଜିଲ୍ଲାପାଳ ଅଶୋକ କୁମାର ଦାସଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ପରେ ଏକ ସଭା ଅନୁଷ୍ଠିତ



ହୋଇଥିଲା। ଏହି କାର୍ଯ୍ୟକ୍ରମରେ ରାଉରକେଲା ବିଜେଡି ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ, ରାଉରକେଲା ଜିଲ୍ଲା ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ସନ୍ଧ୍ୟା ଲାକ୍ରା, ବରିଷ୍ଠ ନେତା ଜୟନ୍ତ କୁମାର ମିଶ୍ର, ରଞ୍ଜିତ କିସାନ, ରଘୁନାଥ ସାହୁ, ଶ୍ୱେତ ବସନ୍ତ ବିଶ୍ୱାଳ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ କମଳ ଲାକ୍ରା, ଜିଲ୍ଲା ପରିଷଦ ସଭ୍ୟ ରାମଚନ୍ଦ୍ର ସାହୁ, ଜିଲ୍ଲା ପରିଷଦ ସଭ୍ୟା ଜୁଲିଆଣି କାଣ୍ଡିର ଓ ସୁଶୀଳା ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ବଣାଇଁଗଡ଼ ବ୍ଲକ ଅଧ୍ୟକ୍ଷା ମଞ୍ଜୁଲତା କିସାନ, ଉପାଧ୍ୟକ୍ଷା ବିନତି ବେହେରା, ବଣାଇଁଗଡ଼ ବ୍ଲକ ବିଜେଡି ମହିଳା ସଭାନେତ୍ରୀ ଦମୟନ୍ତୀ ସାଣ୍ଡିଲ, ଗୁରୁଣ୍ଡିଆ ମହିଳା ସଭାନେତ୍ରୀ ପ୍ରିୟଙ୍କା ପ୍ରଧାନ, ଲହୁଣୀପଡ଼ା ମହିଳା ସଭାନେତ୍ରୀ ଲକ୍ଷ୍ମୀ କିସାନ, କୋଇଡା ମହିଳା ସଭନେତ୍ରୀ ଦ୍ରୌପଦୀ କିଷାନ, ପୂର୍ବତନ କାଉନସିଲର ସୁନନ୍ଦା ଦାସ, ବରିଷ୍ଠ ନେତ୍ରୀ ଛବି ମହାନ୍ତି, ଖୁଣ୍ଟଗାଁ ସରପଞ୍ଚ ସୁମିତ୍ରା ଚାରଦିଆ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ପବନୀ ଭୋଇ, ବଣାଇଁଗଡ଼ ବ୍ଲକ ସଭାପତି ବାଣେଶ୍ୱର ସାହୁ, ଲହୁଣୀପଡ଼ା ସଭାପତି ଗୁରୁଚରଣ ସ୍ୱାଇଁ, ଗୁରୁଣ୍ଡିଆ ସଭାପତି ରାସ୍ୱାଲ ଓରାମ, ଯୁବ ନେତା ରୋହିତାଶ୍ୱ ମିଶ୍ର, ବାସୁଦେବ ଛଦିଆ, ଉମେଶ ରାୟ, ସରୋଜ ମିଶ୍ର ଓ କାନ୍ଦରୁ କିଷାନଙ୍କ ସମେତ ୫୦୦ରୁ ଉର୍ଦ୍ଧ୍ୱ ନାରୀ ନେତୃତ୍ୱ ଓ କର୍ମୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ନେତୃବୃନ୍ଦ ନାରୀ ସୁରକ୍ଷା, ସମାନ ଅଧିକାର ଏବଂ ମହିଳା ସଂରକ୍ଷଣ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ନୀତିକୁ କଟୁ ସମାଲୋଚନା କରିଥିଲେ।

# ବଣାଇଁ ଉପଖଣ୍ଡ ମହାବିଦ୍ୟାଳୟଗୁଡ଼ିକର ଛାତ୍ରଛାତ୍ରୀଙ୍କ ସଫଳତା

ବଣାଇଁ, ୨୦।୫(ସମିସ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି। ଏଥିରେ ବଣାଇଗଡ଼ କନିଷ୍ଠ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ମହାବିଦ୍ୟାଳୟର ୨୬୫ ଜଣ ଯୁକ୍ତ ଦୁଇ କଳା ପରୀକ୍ଷା ଦେଇଥିବା ବେଳେ ସେଥିରୁ ୨୦୮ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ତନ୍ମଧ୍ୟରୁ ୪୧ ଜଣ ପ୍ରଥମ ଶ୍ରେଣୀ, ୬୮ ଜଣ ଦ୍ୱିତୀୟ ଶ୍ରେଣୀ ଓ ୧୨୬ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ବିଜ୍ଞାନ ପରୀକ୍ଷାରେ ସମୁଦାୟ ୬୩ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୪୫ ଜଣ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ପ୍ରଥମ ଶ୍ରେଣୀରେ ୫ଜଣ, ଦ୍ୱିତୀୟ ଶ୍ରେଣୀରେ ୧୬ ଜଣ ଓ ତୃତୀୟ ଶ୍ରେଣୀରେ ୨୪ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଧନ୍ଦା ମୂଳକରେ ସମୁଦାୟ ୨୪ ଜଣ ପରୀକ୍ଷା ଦେଇଥିବା ବେଳେ ୧୫ ଜଣ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଦ୍ୱିତୀୟ ଶ୍ରେଣୀରେ ୬ ଜଣ ତୃତୀୟରେ ୯ ଜଣ ପାସ କରିଛନ୍ତି। ଗୁରୁଣ୍ଡିଆ ପଞ୍ଚାୟତ ସମିତି କନିଷ୍ଠ ମହାବିଦ୍ୟାଳୟର ୨୧୫ ଜଣ ଯୁକ୍ତ ଦୁଇ କଳା ପରୀକ୍ଷା ଦେଇଥିବା ବେଳେ ସେଥିରୁ ୨୦୧ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ତନ୍ମଧ୍ୟରୁ ୫୦ ଜଣ ପ୍ରଥମ ଶ୍ରେଣୀ, ୯୯ ଜଣ ଦ୍ୱିତୀୟ ଶ୍ରେଣୀ ଓ ୫୨ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଯଦୁପତି କନିଷ୍ଠ ମହାବିଦ୍ୟାଳୟର ଯୁକ୍ତ ଦୁଇ କଳା ପରୀକ୍ଷାରେ ୧୧୪ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୧୦୧ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରଥମ ଶ୍ରେଣୀରେ ୨୨ଜଣ, ଦ୍ୱିତୀୟ ଶ୍ରେଣୀରେ ୨୩ ଜଣ, ତୃତୀୟରେ ୫୬ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ୩୪ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୨୫ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରଥମ ଶ୍ରେଣୀରେ ୧୨ଜଣ, ଦ୍ୱିତୀୟ ଶ୍ରେଣୀରେ ୦୮ ଜଣ, ତୃତୀୟରେ ୫ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଧନ୍ଦା ମୂଳକ ପରୀକ୍ଷାରେ ସମୁଦାୟ ୩୦ ଜଣ ପରୀକ୍ଷା ଦେଇଥିବା ବେଳେ ୨୪ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରଥମ ଶ୍ରେଣୀରେ ୧୨ ଜଣ, ଦ୍ୱିତୀୟ ଶ୍ରେଣୀରେ ୭ ଜଣ, ତୃତୀୟରେ ୫ ଜଣ ପାସ କରିଛନ୍ତି। ଲହୁଣୀପଡ଼ା ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳୟରେ ଚଳିତ ବର୍ଷ ମୋଟ ୧୪୦ ଜଣ ଯୁକ୍ତ ଦୁଇ କଳା ପରୀକ୍ଷା ଦେଇଥିବା ବେଳେ ସେଥିରୁ ୧୦୪ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ତନ୍ମଧ୍ୟରୁ ୧୧ଜଣ ପ୍ରଥମ ଶ୍ରେଣୀ, ୧୩ ଜଣ ଦ୍ୱିତୀୟ ଶ୍ରେଣୀ ଓ ୮୦ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ବିଜ୍ଞାନ ପରୀକ୍ଷାରେ ସମୁଦାୟ ୫୪ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବା ବେଳେ ୨୯ ଜଣ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ପ୍ରଥମ ଶ୍ରେଣୀରେ ୦୧ଜଣ, ଦ୍ୱିତୀୟ ଶ୍ରେଣୀରେ ୦୭ ଜଣ ଓ ତୃତୀୟ ଶ୍ରେଣୀରେ ୨୧ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ବଂଶୀଧର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ଦୁଇ କଳା ପରୀକ୍ଷାରେ ୧୧୮ ଜଣ ଛାତ୍ରଛାତ୍ରୀମ ପରୀକ୍ଷା ଦେଇଥିବା ବେଳେ ସେଥିରୁ ୧୧୦ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ତନ୍ମଧ୍ୟରୁ ୨୮ ଜଣ ପ୍ରଥମ ଶ୍ରେଣୀ, ୨୬ ଜଣ ଦ୍ୱିତୀୟ ଶ୍ରେଣୀ ଓ ୫୬ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବାବା ବାଣେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଚାନ୍ଦିଲିରେ କଳାରେ ୧୨୫ ଜଣ ପରୀକ୍ଷା ଦେଇଥିବା ବେଳେ ସେଥିରୁ ୧୧୧ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ତନ୍ମଧ୍ୟରୁ ୮ଜଣ ପ୍ରଥମ ଶ୍ରେଣୀ, ୨୭ ଜଣ ଦ୍ୱିତୀୟ ଶ୍ରେଣୀ ଓ ୭୬ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କୋଇଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କଳାରେ ୧୨୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେଥିରୁ ୧୦୧ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ତନ୍ମଧ୍ୟରୁ ୧୫ ଜଣ ପ୍ରଥମ ଶ୍ରେଣୀ, ୧୭ ଜଣ ଦ୍ୱିତୀୟ ଶ୍ରେଣୀ ଓ ୬୯ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଯୁକ୍ତ ଦୁଇ ବାଣିଜ୍ୟ ପରୀକ୍ଷାରେ ୫୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେଥିରୁ ୪୧ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ତନ୍ମଧ୍ୟରୁ ୦୩ ଜଣ ପ୍ରଥମ ଶ୍ରେଣୀ, ୪ଜଣ ଦ୍ୱିତୀୟ ଶ୍ରେଣୀ ଓ ୩୪ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବଲାଣିପାଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଝିରଡାପାଲି ଯୁକ୍ତ ଦୁଇ କଳାରେ ୧୨୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେଥିରୁ ୧୧୧ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ତନ୍ମଧ୍ୟରୁ ୩୧ଜଣ ପ୍ରଥମ ଶ୍ରେଣୀ, ୩୨ ଜଣ ଦ୍ୱିତୀୟ ଶ୍ରେଣୀ ଓ ୪୮ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଯୋଗମାୟା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମିଶ୍ରପାଲି ଯୁକ୍ତ ଦୁଇ କଳାରେ ୬୨ଜଣ ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେଥିରୁ ୫୯ଜଣ ଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ତନ୍ମଧ୍ୟରୁ ୧୯ଜଣ ପ୍ରଥମ ଶ୍ରେଣୀ, ୧୮ ଜଣ ଦ୍ୱିତୀୟ ଶ୍ରେଣୀ ଓ୨୨ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସୋଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁକ୍ତ ଦୁଇ କଳା ପରୀକ୍ଷାରେ ୮୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେଥିରୁ ୮୧ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ତନ୍ମଧ୍ୟରୁ ୧୮ ଜଣ ପ୍ରଥମ ଶ୍ରେଣୀ, ୨୪ଜଣ ଦ୍ୱିତୀୟ ଶ୍ରେଣୀ ଓ ୩୯ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିମଳାଗଡ଼ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁକ୍ତ ଦୁଇ କଳା ପରୀକ୍ଷାରେ ୧୧୨ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେଥିରୁ ୯୨ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ତନ୍ମଧ୍ୟରୁ ୧୪ଜଣ ପ୍ରଥମ ଶ୍ରେଣୀ, ୧୮ ଜଣ ଦ୍ୱିତୀୟ ଶ୍ରେଣୀ ଓ ୬୦ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଦଲକି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁକ୍ତ ଦୁଇ କଳା ପରୀକ୍ଷାରେ ୮୦ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେଥିରୁ ୬୯ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ତନ୍ମଧ୍ୟରୁ ୯ଜଣ ପ୍ରଥମ ଶ୍ରେଣୀ, ୧୯ଜଣ ଦ୍ୱିତୀୟ ଶ୍ରେଣୀ ଓ ୪୧ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଗୋପନା ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ୯୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେଥିରୁ ୮୯ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ତନ୍ମଧ୍ୟରୁ ୫୪ଜଣ ପ୍ରଥମ ଶ୍ରେଣୀ, ୨୬ଜଣ ଦ୍ୱିତୀୟ ଶ୍ରେଣୀ ଓ ୯ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଜାମଦର ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ୭୪ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେଥିରୁ ୬୬ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ତନ୍ମଧ୍ୟରୁ ୧୮ଜଣ ପ୍ରଥମ ଶ୍ରେଣୀ, ୨୩ଜଣ ଦ୍ୱିତୀୟ ଶ୍ରେଣୀ ଓ୨୫ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଗୁରୁଣ୍ଡିଆ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ୯୮ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେଥିରୁ ୯୮ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ତନ୍ମଧ୍ୟରୁ ୭୬ଜଣ ପ୍ରଥମ ଶ୍ରେଣୀ, ୨୧ଜଣ ଦ୍ୱିତୀୟ ଶ୍ରେଣୀ ଓ ଜଣେ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି।

## ଯୁକ୍ତ ଦୁଇ ଫଳାଫଳ

● **ସ୍ୱୟଂଶାସିତ ମହାବିଦ୍ୟାଳୟ**

### ବିଜ୍ଞାନରେ ସଙ୍ଘମିତ୍ରା, କଳାରେ ଅର୍ଚ୍ଚିତା କଲେଜ ଟପ୍ପର

● **ବାଣିଜ୍ୟରେ ଅରସଲା, ଅନୁ, ସମୀର ଟପ୍ପର**

ରାଉରକେଲା, ୨୦।୫(ସମିସ): ଆଜି ଯୁକ୍ତ ଦୁଇ ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ରାଉରକେଲା ପାନପୋଷ ସ୍ଥିତ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଭୂତପୂର୍ବ ସଫଳତା ହାସଲ କରିଛନ୍ତି। ଯୁକ୍ତ ଦୁଇ ବିଜ୍ଞାନରେ ୮୫.୫୭ ପ୍ରତିଶତ ପରୀକ୍ଷାର୍ଥୀ ଉତୀର୍ଣ୍ଣ ହୋଇଥିବା ବେଳେ ଯୁକ୍ତ ଦୁଇ କଳାରେ ୬୭.୩୨ ପ୍ରତିଶତ ଏବଂ ଯୁକ୍ତ ଦୁଇ ବାଣିଜ୍ୟରେ ୯୪.୦୩ ପ୍ରତିଶତ ପରୀକ୍ଷାର୍ଥୀ ଉତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ଯୁକ୍ତ ଦୁଇ ବିଜ୍ଞାନରେ ମୋଟ ୩୨୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨୮୦ ଜଣ ଉତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨୩୫ ଜଣ ପ୍ରଥମ ଶ୍ରେଣୀରେ ଉତୀର୍ଣ୍ଣ ହୋଇଥିବା ବେଳେ ୩୮ ଜଣ ଦ୍ୱିତୀୟ ଶ୍ରେଣୀରେ ଏବଂ ୫ ଜଣ ତୃତୀୟ ଶ୍ରେଣୀରେ ଉତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି। ୨୫ ଜଣ ଫେଲ ହୋଇଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ବିଜ୍ଞାନରେ ସଙ୍ଘମିତ୍ରା ସାହୁ ୫୭୧ ନମ୍ବର ରଖି କଲେଜ ଟପ୍ପର ହୋଇଥିବା ବେଳେ ଗାଗରୀ ଦାସ ୫୭୦ ନମ୍ବର ରଖି ଦ୍ୱିତୀୟ ଏବଂ ଶୁଭମ ସିଂହ ୫୬୨ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଥିବା ଜଣାପଡ଼ିଛି। ସେହିପରି ଯୁକ୍ତ ଦୁଇ କଳାରେ ମୋଟ ୧୬୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୫୩ ଜଣ ଉତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୦୩ ଜଣ ପ୍ରଥମ ଶ୍ରେଣୀରେ ଉତୀର୍ଣ୍ଣ ହୋଇଥିବା ବେଳେ ୩୩ ଜଣ ଦ୍ୱିତୀୟ ଶ୍ରେଣୀରେ ଏବଂ ୧୮ ଜଣ ତୃତୀୟ ଶ୍ରେଣୀରେ ଉତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି। ୬ ଜଣ ଫେଲ ହୋଇଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ କଳାରେ ଅର୍ଚ୍ଚିତା ସାହୁ ୫୭୧ ନମ୍ବର ରଖି କଲେଜ ଟପ୍ପର ହୋଇଥିବା ବେଳେ ଅଞ୍ଜଳି କୁମାରୀ ୫୬୨ ନମ୍ବର ରଖି ଦ୍ୱିତୀୟ ଏବଂ ଶିବାନୀ ରଜାକ ୫୫୬ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଥିବା ଜଣାପଡ଼ିଛି। ସେହିପରି ଯୁକ୍ତ ଦୁଇ ବାଣିଜ୍ୟରେ ମୋଟ ୧୨୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୧୯ ଜଣ ଉତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୦୦ ଜଣ ପ୍ରଥମ ଶ୍ରେଣୀରେ ଉତୀର୍ଣ୍ଣ ହୋଇଥିବା ବେଳେ ୧୨ ଜଣ ଦ୍ୱିତୀୟ ଶ୍ରେଣୀରେ ଏବଂ ୭ ଜଣ ତୃତୀୟ ଶ୍ରେଣୀରେ ଉତୀର୍ଣ୍ଣ ହୋଇଥିବା ବେଳେ ୫ ଜଣ ଫେଲ ହୋଇଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ଅରସଲା ଅବଦାବ, ଅନୁ ଯାଦବ ଏବଂ ସମୀର ବିଶ୍ୱକର୍ମା ୩ ଜଣ ୫୫୫ ନମ୍ବର ରଖି କଲେଜ ଟପ୍ପର ହୋଇଥିବା ବେଳେ ଏନ୍ତି ପୈୟାରା ୫୫୨ ନମ୍ବର ରଖି ଦ୍ୱିତୀୟ ଏବଂ ଅମିତ ସେଠୀ ୫୪୮ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଥିବା ଜଣାପଡ଼ିଛି।

● **ରାଉରକେଲା ମ୍ୟୁନିସପାଲ ମହାବିଦ୍ୟାଳୟ**

### ବିଜ୍ଞାନରେ ରାଧା, ବାଣିଜ୍ୟରେ ଶୁକମତି ଟପ୍ପର

● **କଳାରେ ପ୍ରିନ୍ସ, ବିଦ୍ୟା ଯୁଗ୍ମ ଟପ୍ପର**

ଯୁକ୍ତ ଦୁଇ ପରୀକ୍ଷାରେ ରାଉରକେଲା ଉଦିତନଗର ସ୍ଥିତ ରାଉରକେଲା ମ୍ୟୁନିସିପାଲ ମହାବିଦ୍ୟାଳୟରେ ବିଜ୍ଞାନରେ ୮୧.୩୫ ପ୍ରତିଶତ ପରୀକ୍ଷାର୍ଥୀ ଉତୀର୍ଣ୍ଣ ହୋଇଥିବା ବେଳେ ଯୁକ୍ତ ଦୁଇ କଳାରେ ୯୭.୫୨ ପ୍ରତିଶତ ଏବଂ ଯୁକ୍ତ ଦୁଇ ବାଣିଜ୍ୟରେ ୯୩.୩୫ ପ୍ରତିଶତ ପରୀକ୍ଷାର୍ଥୀ ଉତୀର୍ଣ୍ଣ ହୋଇଛନ୍ତି। ଯୁକ୍ତ ଦୁଇ ବିଜ୍ଞାନରେ ମୋଟ ୨୩୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୯୨ ଜଣ ଉତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୬୭ ଜଣ ପ୍ରଥମ ଶ୍ରେଣୀରେ, ୯୩ ଜଣ ଦ୍ୱିତୀୟ ଶ୍ରେଣୀରେ ଏବଂ ୩୨ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୪୪ ଜଣ ଫେଲ ହୋଇଥିବା ଜଣାପଡ଼ିଛି। ବିଜ୍ଞାନରେ ରାଧା ମହାକୁଡ ୪୬୦ ନମ୍ବର ରଖି କଲେଜ ଟପ୍ପର ହୋଇଥିବା ବେଳେ ଶୁଭମ ସାହା ୪୩୯ ନମ୍ବର ରଖି ଦ୍ୱିତୀୟ ଏବଂ ସାଇନା ପରବିନ ୪୩୪ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଯୁକ୍ତ ଦୁଇ କଳାରେ ମୋଟ ୨୪୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨୩୬ ଜଣ ଉତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୦୮ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୫୬ ଜଣ ଦ୍ୱିତୀୟ ଶ୍ରେଣୀରେ ଏବଂ ୭୨ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି। ୬ ଜଣ ଫେଲ ହୋଇଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ପ୍ରିନ୍ସ ପ୍ରସାଦ ଓ ବିଦ୍ୟା ନାୟକ ୪୯୮ ନମ୍ବର ରଖି ଯୁଗ୍ମ କଲେଜ ଟପ୍ପର ହୋଇଥିବା ବେଳେ ନିଳାମ୍ବର ମାଝୀ ୪୯୪ ନମ୍ବର ରଖି ଦ୍ୱିତୀୟ ଏବଂ ଅଞ୍ଜଳି ସୋନି ଓ ପ୍ରତିମା କୁମାରୀ ଶ' ୪୯୧ ନମ୍ବର ରଖି ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରିଥିବା ଜଣାପଡ଼ିଛି। ସେହିପରି ଯୁକ୍ତ ଦୁଇ ବାଣିଜ୍ୟରେ ମୋଟ ୨୪୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨୩୮ ଜଣ ଉତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୪୦ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୫୨ ଜଣ ଦ୍ୱିତୀୟ ଶ୍ରେଣୀରେ ଏବଂ ୪୬ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୯ ଜଣ ଫେଲ ହୋଇଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ଶୁକମତି ସୁରିନ୍ ୫୪୧ ନମ୍ବର ରଖି କଲେଜ ଟପ୍ପର ହୋଇଥିବା ବେଳେ ପ୍ରାଚୀ ସାହୁ ୫୩୭ ନମ୍ବର ରଖି ଦ୍ୱିତୀୟ ଏବଂ ଟୁଇଁକିଲ ଓରାମ୍ ୫୨୭ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଥିବା ଜଣାପଡ଼ିଛି।

● **ସରବତୀ ଦେବୀ ମହିଳା ମହାବିଦ୍ୟାଳୟ**

### ବିଜ୍ଞାନରେ ବି. ଦେବୀକା, କଳାରେ ଅନ୍ନପୂର୍ଣ୍ଣା, ବାଣିଜ୍ୟରେ ପ୍ରିନ୍‌ସି ଟପ୍ପର

ଯୁକ୍ତ ଦୁଇ ବିଜ୍ଞାନରେ ରାଜଗାଙ୍ଗପୁର ସ୍ଥିତ ସରବତୀ ଦେବୀ ମହିଳା ମହାବିଦ୍ୟାଳୟର ୧୩୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୯୧ ଜଣ ଉତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୧ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୩୫ ଜଣ ଦ୍ୱିତୀୟ ଶ୍ରେଣୀରେ ଏବଂ ୪୫ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି। ୪୧ ଜଣ ଫେଲ ହୋଇଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ବି. ଦେବୀକା ରାଓ ୪୪୫ ନମ୍ବର ରଖି କଲେଜ ଟପ୍ପର ହୋଇଥିବା ଜଣାପଡ଼ିଛି। ସେହିପରି ଯୁକ୍ତ ଦୁଇ କଳାରେ ମୋଟ ୩୬୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩୩୬ ଜଣ ଉତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୨୮ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୧୦୩ ଜଣ ଦ୍ୱିତୀୟ ଶ୍ରେଣୀରେ ଏବଂ ୧୦୩ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି। ୨୮ ଜଣ ଫେଲ ହୋଇଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ଅନ୍ନପୂର୍ଣ୍ଣା ତ୍ରିପାଠୀ ୫୫୯ ନମ୍ବର ରଖି କଲେଜ ଟପ୍ପର ହୋଇଥିବା ଜଣାପଡ଼ିଛି। ସେହିପରି ଯୁକ୍ତ ଦୁଇ ବାଣିଜ୍ୟରେ ମୋଟ ୯୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୮୪ ଜଣ ଉତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୬ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୯ ଜଣ ଦ୍ୱିତୀୟ ଶ୍ରେଣୀରେ ଏବଂ ୫୯ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୧୫ ଜଣ ଫେଲ ହୋଇଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ପ୍ରିନସି କୁମାରୀ ସିଂହ ୪୯୬ ନମ୍ବର ରଖି କଲେଜ ଟପ୍ପର ହୋଇଥିବା ଜଣାପଡ଼ିଛି।

# ମାଇନ୍ସ ଏଣ୍ଡ ଟ୍ରାନ୍ସପୋର୍ଟ ୱାର୍କର୍ସ ୟୁନିୟନ ଓ ସିଆଇଟିୟୁର ଧାରଣା

**ଖଣିରେ ତାଲିବାନି ଶାସନ ବନ୍ଦ ହେଉ: ବିଧାୟକ**

କୋଇଡା, ୨୦।୫(ସମିସ): ନିଯୁକ୍ତି ଓ ପାରିପାର୍ଶ୍ୱିକ ଦାବି ସମୂହ ନେଇ ୨୦୨୪ ଅକ୍ଟୋବର ମାସରେ କୋଇଡା ଖଣି ମଣ୍ଡଳ ଅଧୀନସ୍ଥ ସାଗାସାହି କୋଇଲା ଖଣି ସମ୍ମୁଖରେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ ୯ ଦିନ ଗଣଧାରଣା ପରେ ପ୍ରଶାସନ ଅଧ୍ୟକ୍ଷତାରେ ଖଣି ପକ୍ଷରୁ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ତେବେ ଉକ୍ତ ଚୁକ୍ତିନାମା କାର୍ଯ୍ୟକାରୀ ନ ହେବାରୁ ଆଜି ପୁଣି ସ୍ଥାନୀୟ ବେକାର ଯୁବକ ଯୁବତୀଙ୍କୁ ନିଯୁକ୍ତି ଓ ପାରିପାର୍ଶ୍ୱିକ ଉନ୍ନତି ଦାବିରେ ଖଣି ଗେଟ୍ ସମ୍ମୁଖରେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ ସୁନ୍ଦରଗଡ଼ ମାଇନ୍ସ ଏଣ୍ଡ ଟ୍ରାନ୍ସପୋର୍ଟ ୱାର୍କର୍ସ ୟୁନିୟନ ଓ ସିଆଇଟିୟୁ କର୍ମୀମାନେ ଧାରଣାରେ ବସିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଚୁକ୍ତିନାମାକୁ ତୁରନ୍ତ କାର୍ଯ୍ୟକାରୀ କରିବା, ଅଗ୍ରାଧିକାର ଭିତ୍ତିରେ ସ୍ଥାନୀୟ ୨୦୦ ବେକାର ଯୁବକ ଯୁବତୀଙ୍କୁ ନିଯୁକ୍ତି ଦେବା ଓ ସ୍ଥାୟୀ ନିଯୁକ୍ତିରେ ସ୍ଥାନୀୟ ଯୁବକମାନଙ୍କୁ ପ୍ରାଥମିକତା ଦେବାକୁ ଏଥିରେ ଦାବି କରାଯାଇଥିଲା। ସେହିପରି ଖଣି ପ୍ରଭାବିତ ଅଞ୍ଚଳରେ ଡାକ୍ତରଖାନା ନିର୍ମାଣ, କୋଇଡା ଠାରୁ କଳମଙ୍ଗ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ, ସମସ୍ତ ଗ୍ରାମରେ ପିଇବା ପାଣି ଓ ସୋଲାର ଲାଇଟିଂ ବ୍ୟବସ୍ଥା କରିବାକୁ ମଧ୍ୟ ସଂଗଠନ ପକ୍ଷରୁ ଦାବି କରାଯାଇଥିଲା। ପରେ କୋଇଡା ଥାନାରେ ଖଣି କର୍ତ୍ତୃପକ୍ଷ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଥିଲା। ଖଣି କର୍ତ୍ତୃପକ୍ଷଙ୍କ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହାର ହୋଇଥିଲା। ଧାରଣାରେ ବିଧାୟକଙ୍କ ସମେତ ସିଆଇଟିୟୁ ରାଜ୍ୟ ସମ୍ପାଦକ ପ୍ରଭାତ ପଣ୍ଡା, ବଣାଇଁ ଟ୍ରକ୍ ଏବଂ ଟିପର୍ ମାଲିକ ସଂଘ କାର୍ଯ୍ୟକାରୀ ସଭାପତି ଅଶୋକ ସାମଲ, ମାଲଦା ସରପଞ୍ଚ ପ୍ରତିନିଧି ଟିକେଶ୍ୱର ପାତ୍ର, ପୂର୍ବତନ ସରପଞ୍ଚ ଦିବାକର ନାଏକ, ଡ. ବାଦଲ ବାରିକ, କୃଷ୍ଣ ଚନ୍ଦ୍ର ବାରିକ, ଦଶରୁ ନାଏକ, ଆକାଶ ନାଏକ, ମିଲି ବେହେରା, ଝିଲି ବେହେରା, ସୁରେଶ ମୁଦୁଲି, ସୁଦର୍ଶନ ପାତ୍ର, ଆଶୁତୋଷ ସିହ୍ନା, ପଟେଲ ପାତ୍ର, ଡାଗେ ମୁଣ୍ଡା, ବାଟୁ ମୁଣ୍ଡା, ବିଶ୍ୱନାଥ ନାଏକ, ବଳଭଦ୍ର ନାଏକ, ରବି ମୁଣ୍ଡା ପ୍ରମୁଖଙ୍କ ସହ ଶତାଧିକ କର୍ମୀ ଏଥିରେ ସାମିଲ ହୋଇଥିଲେ।



● ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ଛାତ୍ରୀଙ୍କ କୃତିତ୍ୱ

# ଜିଲ୍ଲାକୁ ଗୌରବାନ୍ୱିତ କଲେ ପ୍ରାଚୀ ପ୍ରତ୍ୟାଶା



ଅମ୍ବାଦଳା,୨୦।୫(ସମିସ): ଚଳିତ ବର୍ଷ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ରାୟଗଡା ଜିଲ୍ଲା ଅମ୍ବାଦଳା ଗ୍ରାମର ସୁଶ୍ରୀ ପ୍ରାଚୀପ୍ରତ୍ୟାଶା ମିଶ୍ର ୯୬.୧୬ ଶତକଡା ନମ୍ବର ରଖି କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି । ସେ ସର୍ବମୋଟ ୬୦୦ ନମ୍ବର ମଧ୍ୟରୁ ୫୭୭ ନମ୍ବର ରଖି ଅମ୍ବାଦଳା ସହ ସମଗ୍ର ରାୟଗଡା ଜିଲ୍ଲାକୁ ଗୌରବାନ୍ୱିତ କରିଛନ୍ତି । ସୁଶ୍ରୀ ପ୍ରାଚୀପ୍ରତ୍ୟାଶା ମିଶ୍ର ଅମ୍ବାଦଳା ଗ୍ରାମର ଶିକ୍ଷକ ଦମ୍ପତି ବିଜୟ ମିଶ୍ର ଓ ସୁଶ୍ରିତା ଶତପଥୀଙ୍କ ସୁଯୋଗ୍ୟା କନ୍ୟା ଅଟନ୍ତି । ତାଙ୍କର ଏହି ସଫଳତା ପାଇଁ ପରିବାର ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି । ସୂଚନାଯୋଗ୍ୟ ଯେ, ପ୍ରାଚୀପ୍ରତ୍ୟାଶା ଗତ ୨୦୨୪ ମସିହାର ମାଟ୍ରିକ ପରୀକ୍ଷାରେ ୯୩.୮୩ ଶତକଡା ନମ୍ବର ରଖି ରାୟଗଡା ଜିଲ୍ଲା ଟପ୍ପର ହୋଇ ନିଜ ଦକ୍ଷତାର ପରିଚୟ ଦେଇଥିଲେ । ସେ ବ୍ରହ୍ମପୁର ନୀଳକଣ୍ଠନଗର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ +୨ ଶ୍ରେଣୀରେ ଅଧ୍ୟୟନ କରୁଥିଲେ । ସୁଶ୍ରୀ ମିଶ୍ରଙ୍କ ଏହି ସଫଳତା ପାଇଁ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିବା ସହିତ ପିତାମାତା ସନ୍ତୋଷ ବ୍ୟକ୍ତ କରିଛନ୍ତି ।

# ବିଜେଡିର ନାରୀ ଅଧିକାର ଅଭିଯାନ ପଦଯାତ୍ରା



ଗୁଡାରୀ,୨୦।୫ (ସମିସ): ରାଜ୍ୟ ଏବଂ କେନ୍ଦ୍ରରେ ବିଜେପିର ଦୋମୁହାଁ ନିତିକୁ ନେଇ ବିଜୁ ଜନତା ଦଳ ତରଫରୁ ରାଜ୍ୟବ୍ୟାପି ଆନ୍ଦୋଳନ ଦେଖିବାକୁ ମିଳିଛି । ବିଜେଡି ପକ୍ଷରୁ କୁହାଯାଇଛି ଯେ, ଗତ ୨୦୨୩ ମସିହାରେ କେନ୍ଦ୍ରରେ ସର୍ବସମ୍ମତିକ୍ରମେ ମହିଳା ବିଲ୍ ପାସ କରାଯାଇଛି । କିନ୍ତୁ ଏହାକୁ ପୁନର୍ବାର ୨୦୨୬ ମହିଳା ବିଲ୍ର ଆଳାପ ଦେଖାଇ ସୀମା ନିର୍ଦ୍ଧାରଣ ବିଲ୍କୁ କାର୍ଯ୍ୟକାରି କରିବା ପାଇଁ ବିଜେପି ଦଳ ଯେଉଁ ଚେଷ୍ଟା କରିଥିଲା, ସେହି ବିଲ୍ ସଂସଦରେ କାର୍ଯ୍ୟକ୍ଷମ ହୋଇ ପାରିଲା ନାହିଁ। ପାଲଟା ମହିଳାମାନଙ୍କୁ ବିଜେଡି ଦଳ ଅସମ୍ମାନ କରୁଛି ବୋଲି ବିଜେପି ଦଳ ଦୁଇ ମାସ ହେଲାଣି ରାଜ୍ୟରେ ଆନ୍ଦୋଳନ କରିଆସୁଛି । ସାରା ରାଜ୍ୟରେ ସତ୍ୟକୁ ସାମ୍ନାକୁ ଆଣିବା ପାଇଁ ବିଜୁ ଜନତା ଦଳ ପଦଯାତ୍ରା ଆରମ୍ଭ କରିଥିବା ବେଳେ ଗୁଡାରୀ ବ୍ଲକ୍ ଏବଂ ପରିଷଦ ବିଜେଡି ଦଳର କର୍ମୀ ଓ ନେତାଙ୍କ ତରଫରୁ ବୁଧବାର ଦିନ ନାରୀ ଅଧିକାର ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି ପଦଯାତ୍ରା ଗୁଡାରୀ ରାଧାକୃଷ୍ଣ ମନ୍ଦିର ଠାରୁ ବାହାରି ଥିଲା । ଶତାଧିକ ମହିଳା ଯୋଗ ଦେଇ ସହରର ମୁଖ୍ୟ ରାସ୍ତା ଶେଷରେ ଗୁଡାରୀ ପଞ୍ଚାୟତ କାର୍ଯ୍ୟାଳୟ ପହଞ୍ଚି ବିଡିଓ ସୁଶ୍ରୀ ସୁଚିସ୍ମିତା ବେହେରାଙ୍କୁ ରାଷ୍ଟ୍ରପତିଙ୍କ ଉଦ୍ଦେଶରେ ଏକ ସ୍ମାରକ ପତ୍ର ଦେଇଥିଲେ । ଏଥିରେ ପୂର୍ବତନ ଜନଜାତି ଉନ୍ନୟନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଜଗନ୍ନାଥ ସାରକା, ପୂର୍ବତନ, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ସୁଧିର ଦାସ, ପୂର୍ବତନ ଗୁଣୁପୁର ବିଧାୟକ ରଘୁନାଥ ଗମାଙ୍ଗ, ଜିଲ୍ଲା ବିଜେଡି ମହିଳା ଜନତା ଦଳ ସଭାନେତ୍ରୀ ଅନୁସୁୟା ମାଝିଙ୍କ ସମେତ ଗୁଡାରୀ ବ୍ଲକ ବିଜେଡି ଦଳର କେଦର ସାହୁ, ସନ୍ତୋଷ ମହାନ୍ତି, ଏମ ପ୍ରସାଦ ବାବୁ, ଟୁନା ଗୌଡ, ଶୁସିଲ ଗୁରୁ, ଚନ୍ଦ୍ର ପଣ୍ଡା, ଦିଲୀପ ସାହୁ, ପଞ୍ଚାୟତ ଏବଂ ନଗରର ଶତାଧିକ କର୍ମୀ ଯୋଗ ଦେଇଥିଲେ । ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇ ଗୁଡାରୀ ଥାନାଧିକାରୀ ବିଶ୍ୱବନ୍ଦିନି ବାଗ ପୁଲିସ୍ ମୁତୟନ କରିଥିଲେ ।

# ଜବରଦଖଲରେ ଡିମାରିପୁଟ ମିଶନଶକ୍ତି ଓ ଗୋଷ୍ଠୀଗୃହ

● ପରଦାଣ୍ଡରେ ମହିଳା ଓ ଯୁବଗୋଷ୍ଠୀ, ପ୍ରଶାସନ ନିରବ



ଲମତାପୁଟ/ନନ୍ଦପୁର,୨୦।୫ (ସମିସ): କୋରାପୁଟ ଜିଲ୍ଲା ନନ୍ଦପୁର ଥାନା ଅଧୀନ ଲମତାପୁଟ ବ୍ଲକର ବନମାଳୀପୁଟ ପଞ୍ଚାୟତ ଡିମାରିପୁଟ ଗ୍ରାମରେ ମହିଳା ଗୋଷ୍ଠୀଙ୍କ ଉଦ୍ଦେଶ୍ୟରେ ନିର୍ମିତ ମିଶନଶକ୍ତି ଗୃହ ଓ ଗ୍ରାମବାସୀଙ୍କ ଉଦ୍ଦେଶ୍ୟରେ ନିର୍ମିତ ଗୋଷ୍ଠୀଗୃହ ଦୀର୍ଘଦିନ ହେଲା ଠିକାଦାରଙ୍କ ଜବରଦଖଲରେ ଥାଇ ମହିଳା ଓ ଗ୍ରାମବାସୀଙ୍କ କାମରେ ଲାଗୁନଥିବା ଅଭିଯୋଗ ହୋଇଛି । ପଞ୍ଚାୟତ, ବ୍ଲକ ଓ ଜିଲ୍ଲା ପ୍ରଶାସନକୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବାରୁ ମହିଳାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଗ୍ରାମର ମହିଳା ମାନେ ଏକତ୍ରିତ ହୋଇ ଏନେଇ ରାଜ୍ୟ ଉପ ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜସ୍ୱ ସଚିବ, କୋରାପୁଟ ଜିଲ୍ଲାପାଳ, ଏସ୍ପି, ଉପଜିଲ୍ଲାପାଳଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ । ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ଅଭିଯୋଗଟିକୁ ଟିକେଟ ଆଇଡି ଡିଇପିଟି ୨୦୨୬୧୫୯୬୨୦୨ ପ୍ରକାରେ ପଞ୍ଜୀକୃତ କରିଥିବା ସୂଚନା ମିଳିଛି । ସେହିଭଳି ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ଟିକେଟ ଆଇ.ଡି ଡିଇପିଟି ୨୦୨୬୧୫୯୬୨୦୬, କୋରାପୁଟ ଜିଲ୍ଲାପାଳ ଅଭିଯୋଗ ପ୍ରକୋଷ୍ଠ ଟିକେଟ ଡିଏମ୍ ୨୦୨୬୧୫୯୬୨୧୪ ଓ ଏସ୍ପିଙ୍କ କାର୍ଯ୍ୟାଳୟ ଟିକେଟ ଏସପି ୨୦୨୬୧୫୯୬୨୧୫ ପ୍ରକାରେ ଅଭିଯୋଗ ପଞ୍ଜୀକୃତ କରିଛନ୍ତି । କିନ୍ତୁ ସମସ୍ତ ଅଭିଯୋଗ ଗତ ମେ ମାସ ୬ ତାରିଖ ଦିନ ପଞ୍ଜୀକୃତ ହୋଇଥିଲେ ସୁଦ୍ଧା ବର୍ତ୍ତମାନ ସୁଦ୍ଧା କୌଣସି ବିଭାଗ କାର୍ଯ୍ୟାନୁଷ୍ଠାନ ନେଇ ନଥିବାରୁ ଗ୍ରାମବାସୀ ଓ ମହିଳାଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି । ଲମତାପୁଟ ବିଡିଓ, ତହସିଲଦାର, କୋରାପୁଟ ଉପଜିଲ୍ଲାପାଳ, ମିଶନଶକ୍ତି ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ, ଏସପି ଓ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ସରକାରୀ ଅର୍ଥରେ ନିର୍ମିତ ଦୁଇ ଭିତ୍ତିଭୂମିକୁ ଜବରଦଖଲମୁକ୍ତ କରନ୍ତୁ ବୋଲି ଗ୍ରାମବାସୀ ଅନୁରୋଧ କରିଛନ୍ତି ।

● ଅମ୍ବାଦଳା ସାମ୍ବାଦିକ ସଂଘର ବୈଠକ

# ସଭାପତି ଆନନ୍ଦ ଟାକ୍ରୀ, ସମ୍ପାଦକ ରଘୁନାଥ ବେହେରା ଚୟନ



ଅମ୍ବାଦଳା,୨୦।୫(ସମିସ): ରାୟଗଡ଼ା ଜିଲ୍ଲା ଅମ୍ବାଦଳା ପ୍ରେସ କ୍ଲବ ପକ୍ଷରୁ ଆଜି ପଞ୍ଚମୁଖୀ ହନୁମାନ ବାଟିକା ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ସଭାପତି ରଞ୍ଜନ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏବଂ ସମ୍ପାଦକ ଦକ୍ଷ ବାତ୍ରାଙ୍କ ସଂଚାଳନାରେ ଅନୁଷ୍ଠିତ ଏହି ବୈଠକରେ ଅମ୍ବାଦଳା ପ୍ରେସ୍ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ । ବୈଠକରେ ସାମ୍ବାଦିକତାର ନୈତିକତା, ସଂଘର ସଂଗଠନ ଶକ୍ତିବୃଦ୍ଧି ଓ ଅଞ୍ଚଳର ସାମାଜିକ ସମସ୍ୟାଗୁଡ଼ିକୁ ଗୁରୁତ୍ୱ ସହ ଉତ୍ଥାପନ କରିବା ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା । ସର୍ବସମ୍ମତି କ୍ରମେ ଅମ୍ବାଦଳା ପ୍ରେସ୍ କ୍ଲବର ନୂତନ ସଭାପତି ଭାବେ ବରିଷ୍ଠ ସାମ୍ବାଦିକ ଆନନ୍ଦ ଟାକ୍ରୀ ଓ ସମ୍ପାଦକ ଭାବେ ରଘୁନାଥ ବେହେରାଙ୍କୁ ଚୟନ କରାଯାଇଥିଲା । ସଂଘର ସଦସ୍ୟମାନେ ଆଗାମୀ ଦିନରେ ସଂଘକୁ ଅଧିକ ସକ୍ରିୟ ଓ ସୁଦୃଢ଼ କରିବା ସହ ସାମ୍ବାଦିକଙ୍କ ସ୍ୱାର୍ଥ ସୁରକ୍ଷା ପାଇଁ ଏକତାବଦ୍ଧ ଭାବେ କାର୍ଯ୍ୟ କରିବାକୁ ସଂକଳ୍ପ ନେଇଥିଲେ । ଶେଷରେ ସଭାପତି ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଜଣାଇ ବୈଠକ ସମାପ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରେସ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଜେଆଇଟିଏମ୍ ବିଜ୍ଞାନ ବିଦ୍ୟାଳୟର ଶତପ୍ରତିଶତ ଫଳାଫଳ

ରାୟଗଡ,୨୦।୫(ସମିସ): ଜେଆଇଟିଏମ ବିଜ୍ଞାନ ବିଦ୍ୟାଳୟ ଚଳିତ ବର୍ଷର ସିଏଚଏସଇ ଯୁକ୍ତ ଦୁଇ ପରୀକ୍ଷାରେ ଶତ ପ୍ରତିଶତ ସଫଳତା ପାଇଛି । ବିଦ୍ୟାଳୟର ୬ ଜଣରୁ ଅଧିକ ଛାତ୍ରଛାତ୍ରୀ ଡିଷ୍ଟିଙ୍କସନ୍ ସହିତ ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି । ଏହି ସଫଳତା ପାଇଁ ଆଞ୍ଚଳିକ ନିର୍ଦ୍ଦେଶକ ଡ.ରାଜେଶ କୁମାର ପାଢୀ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କର ନିଷ୍ଠାପୂର୍ଣ୍ଣ ପ୍ରୟାସ, ଅଭିଭାବକମାନଙ୍କର ସହଯୋଗ ଏବଂ ଛାତ୍ରଛାତ୍ରୀମାନଙ୍କର କଠୋର ପରିଶ୍ରମକୁ ଏହାର ମୂଳ ଆଧାର ବୋଲି କହିଥିଲେ । ସେ ସମସ୍ତ ସଫଳ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ସେହିପରି ବିଦ୍ୟାଳୟ ପକ୍ଷରୁ ଗୁଣାତ୍ମକ ଶିକ୍ଷା, ଶୃଙ୍ଖଳା ଓ ସର୍ବାଙ୍ଗୀନ ବିକାଶ ପ୍ରତି ସଦା ପ୍ରତିବଦ୍ଧ ରହିବାକୁ ସେ ମତ ପ୍ରକାଶ କରିଥିଲେ ।

# ଜିଲ୍ଲା କେମିଷ୍ଟ ଓ ଡ୍ରଗିଷ୍ଟୀ ସଂଘର ବନ୍ଦ ପାଳନ



ରାୟଗଡ,୨୦।୫(ସମିସ): ତିନୋଟି ପ୍ରମୁଖ ଦାବି ନେଇ ସର୍ବଭାରତୀୟ କେମିଷ୍ଟ ଓ ଡ୍ରଗିଷ୍ଟ ମହାସଂଘ ସାରା ଦେଶରେ ଆଜି ଗୋଟିଏ ଦିନ ପାଇଁ ବନ୍ଦ ଡାକରା ଦେଇଥିଲା । ଏହି ପରିପ୍ରେକ୍ଷୀରେ ରାୟଗଡ ଜିଲ୍ଲାରେ ୪୩୨ଟି ଔଷଧ ଦୋକାନୀ ଏହି ବନ୍ଦରେ ସାମିଲ ହୋଇ ଥିବା ବେଳେ ଜରୁରୀକାଳୀନ ସେବା ଯୋଗାଇ ଦେବାକୁ ନିର୍ଦ୍ଦିଷ୍ଟ କେତୋଟି ଔଷଧ ଦୋକାନୀଙ୍କୁ ଅନୁମତି ଦିଆ ଯାଇଛି । ଔଷଧର ଅନଲାଇନ୍ ବିକ୍ରି ବନ୍ଦ୍ ରଖିବା, କର୍ପୋରେଟ ସଂସ୍ଥା ଦ୍ୱାରା ଔଷଧ ଉପରେ ମାତ୍ରାଧିକ ରିହାତି ବନ୍ଦ କରିବା ଓ ମାର୍କେଟରୁ ନକଲି ଔଷଧ ହଟାଇବା ଦାବି ନେଇ ମହାସଂଘ ସାରା ଭାରତ ବର୍ଷରେ ଏହି ଡାକରା ଦେଇଛି । ଏହାକୁ ନେଇ ସାତ ସୁତ୍ରି ପ୍ରସ୍ତୁତି ଜାରି କରିଛି ଡ୍ରଗ କଣ୍ଟ୍ରୋଲ ନିର୍ଦ୍ଦେଶାଳୟ । ଜିଲ୍ଲାରେ ଯେପରି ଔଷଧର ଅଭାବ ନ ରୁହେ, କିମ୍ବା ରୋଗୀ ହଇରାଣ ନ ହୁଅନ୍ତି ସେଥିପାଇଁ ସ୍ଥାନୀୟ ଔଷଧ ନିରୀକ୍ଷକ ତର୍ଜମା କରିବେ ବୋଲି ନିର୍ଦ୍ଦେଶ ଦିଆଯାଇଛି । ଏହି କ୍ରମରେ ରାୟଗଡା ଜିଲ୍ଲାରେ ଭେଷଜ ନିରୀକ୍ଷକ ସାରଳା ନାୟକଙ୍କୁ ଜିଲ୍ଲା କେମିଷ୍ଟ ଓ ଡ୍ରଗିଷ୍ଟୀ ସଂଘ ସହର ମଧ୍ୟରେ ଥିବା ଦୁଇଟି ଔଷଧ ଦୋକାନରୁ ଜରୁରୀକାଳୀନ ସେବା ଯୋଗାଇ ଦେବା ପାଇଁ ଅନୁମତି ପତ୍ର ପ୍ରଦାନ କରାଯାଇଥିଲା । ଆମେ ଜରୁରୀକାଳୀନ ସେବା ଯୋଗାଇ ଦେବା ସହିତ ବନ୍ଦକୁ ସଫଳ କରାଯାଇଥିବା ନେଇ ଔଷଧ ସଙ୍ଘର ସମ୍ପାଦକ କେ କ୍ରିଷ୍ଣା ରାଓ କହିଛନ୍ତି । ସଭାପତି ସୀତାରାମ ସାହୁଙ୍କ ନେତୃତ୍ୱରେ ଏହି ବନ୍ଦକୁ ଶାନ୍ତି ପୂର୍ଣ୍ଣ ଭାବେ ପାଳନ କରାଯାଇଥିଲା ।

# ଗାଙ୍ଗେଶ୍ୱରୀ ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ

**ସାଧାରଣ ସମ୍ପତ୍ତି ଓ ପ୍ରକୃତି ସଂରକ୍ଷଣ ପାଇଁ ଯୁବପିଢ଼ିଙ୍କୁ ଆହ୍ୱାନ**

ପଟାଙ୍ଗି,୨୦।୫(ସମିସ): କୋରାପୁଟ ଜିଲ୍ଲା ପଟାଙ୍ଗି ସ୍ଥିତ ଗାଙ୍ଗେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ପ୍ରକୃତି, ପରିବେଶ ଓ ସାଧାରଣ ସମ୍ପତ୍ତି (କମନ୍ସ)ର ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ଅଗ୍ରଣୀ ସଂସ୍ଥା 'ଫାଉଣ୍ଡେସନ ଫର୍ ଇକୋଲୋଜିକାଲ ସିକ୍ୟୁରିଟି' କୋରାପୁଟ ଏବଂ ଗାଙ୍ଗେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏଥିରେ କଲେଜର ଛାତ୍ରଛାତ୍ରୀମାନେ ବହୁ ସଂଖ୍ୟାରେ ଯୋଗଦେଇ ଜୈବ ବିବିଧତା ରକ୍ଷା କରିବା ପାଇଁ ସଂକଳ୍ପ ନେଇଥିଲେ । କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଦୁଇଜଣ ମହିଳା ନେତ୍ରୀ ତଥା ଖୀରାଖୋଲା ଗ୍ରାମର ଭଗବତୀ ଗୋଲୋରୀ ଓ ଚମ୍ପାଖେଦା ଗ୍ରାମରୁ ଲତା ଖରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୁବପିଢ଼ିଙ୍କ ସହ ନିଜର ବାସ୍ତବ ଅନୁଭୂତି ବାଣ୍ଟିଥିଲେ । ଗ୍ରାମୀଣ ସ୍ତରରେ ଜଙ୍ଗଲ, ଜଳାଶୟ ଓ ସାଧାରଣ ଜମି ଭଳି ସାଧାରଣ ସମ୍ପତ୍ତିର ସଂରକ୍ଷଣ କିଭଳି ଜୈବ ବିବିଧତାକୁ ବଞ୍ଚାଇ ରଖିବାରେ ସହାୟକ ହେଉଛି, ସେ ସମ୍ପର୍କରେ ସେମାନେ ଆଲୋକପାତ କରିଥିଲେ । ପ୍ରକୃତି ସହ ଜଡ଼ିତ ପାରମ୍ପରିକ ଜ୍ଞାନ କିଭଳି ପରିବେଶ ସନ୍ତୁଳନ ରକ୍ଷା କରେ, ତାହା ସେମାନେ ଛାତ୍ରଛାତ୍ରୀମାନଙ୍କୁ ବୁଝାଇବା ସହ ଏହି ଅଭିଯାନରେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକା ଅବନୀ ମହାରଣା, ମାନସୀ ପାଲେଇ, ଗୀତାଞ୍ଜଳି ବିଶୋଇ, ଆଶିଷ ମହାରଣା ଏବଂ ଅମିୟ କୁମାର ସ୍ୱାଇଁ ଯୋଗଦେଇ ଜୈବ ବିବିଧତା ଦିବସର ତାତ୍ପର୍ଯ୍ୟ ଉପରେ ନିଜର ମୂଲ୍ୟବାନ ମତ ରଖିଥିଲେ । ପୃଥିବୀର ସୁରକ୍ଷା ତଥା ମାନବ ଜାତିର ଅସ୍ତିତ୍ୱ ପାଇଁ ପ୍ରତିଟି ଜୀବ ଓ ଉଦ୍ଭିଦର ଗୁରୁତ୍ୱ ରହିଛି ବୋଲି ସେମାନେ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମକୁ 'ଫାଉଣ୍ଡେସନ ଫର ଇକୋଲୋଜିକାଲ ସିକ୍ୟୁରିଟି'ର କେ. ମୁରଲୀ କ୍ରିଷ୍ଣା, କୃତିକା ମହାନ୍ତି, ରଘୁରାମ ମୁଥାଇ ଏବଂ ଜଗଦୀଶ ପାତ୍ର ପ୍ରମୁଖ ପରିଚାଳନା ଓ ସହଯୋଗ କରିଥିଲେ । ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ସକ୍ରିୟ ସହଭାଗିତା ଯୋଗୁଁ ଏହି ସଚେତନତା ସଭାଟି ବେଶ ସଫଳ ହୋଇପାରିଛି ।

■ ଅନ୍ଲାଇନ୍ ଔଷଧ ବିତରଣକୁ ବିରୋଧ

# ଔଷଧ ଦୋକାନ ବନ୍ଦ, ରୋଗୀ ହନ୍ତସନ୍ତ

ମୁନିଗୁଡା,୨୦।୫(ସମିସ): ଅନ୍ଲାଇନ୍ ଔଷଧ ବିତରଣକୁ ବିରୋଧ କରି ଆଜି ସାରା ଦେଶରେ ଔଷଧ ଦୋକାନ ବନ୍ଦ ରହିଥିଲା । ଦେଶର ଘରୋଇ ଔଷଧ ଦୋକାନୀ ସଂଘ ପକ୍ଷରୁ ଏହି ବନ୍ଦ ଡାକରା ଦିଆଯାଇଥିବା ବେଳେ ମୁନିଗୁଡା ଓ ଅମ୍ବାଦଳା ଅଞ୍ଚଳରେ ମଧ୍ୟ ଏହାର ବ୍ୟାପକ ପ୍ରଭାବ ପଡ଼ିଥିଲା । ବିଭିନ୍ନ ଦାବିକୁ ନେଇ ରାଜ୍ୟର ମେଡ଼ିସିନ ଷ୍ଟୋର ମାଲିକ ସଂଘ ପକ୍ଷରୁ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯାଇଥିବାରୁ ଅନେକ ସ୍ଥାନରେ ଔଷଧ ଦୋକାନ ବନ୍ଦ ରହିଥିଲା । ଫଳରେ ସାଧାରଣ ଲୋକ ଓ ରୋଗୀମାନେ ବିପୁଳ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ବିଶେଷକରି ଜରୁରୀକାଳୀନ ଔଷଧ କିଣିବା ପାଇଁ ଆସିଥିବା ରୋଗୀ ଓ ତାଙ୍କ ପରିବାର ଲୋକମାନେ ଦିନସାରା ହଇରାଣ ହୋଇଥିଲେ । ଅନେକ ସ୍ଥାନରେ ଲୋକମାନେ ଖୋଲା ଥିବା କିଛି ଔଷଧ ଦୋକାନକୁ ଧାଇଁଥିବା ଦେଖାଯାଇଥିଲା । ମେଡ଼ିସିନ ଷ୍ଟୋର ସଂଘ ପକ୍ଷରୁ କୁହାଯାଇଛି ଯେ, ସରକାରଙ୍କ କିଛି ନୀତି ଓ ବ୍ୟବସାୟ ସମ୍ବନ୍ଧୀୟ ସମସ୍ୟାକୁ ନେଇ ସେମାନେ ଦୀର୍ଘଦିନ ଧରି ଦାବି ଉଠାଇଆସୁଥିଲେ । କିନ୍ତୁ ଦାବି ପୂରଣ ନହେବାରୁ ବାଧ୍ୟ ହୋଇ ଏହି ଆନ୍ଦୋଳନ ପନ୍ଥା ଅବଲମ୍ବନ କରାଯାଇଛି । ଏପରି ସ୍ଥିତିରେ ରୋଗୀ ସେବା ପ୍ରଭାବିତ ହୋଇଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ସମସ୍ୟାର ଶୀଘ୍ର ସମାଧାନ କରି ଔଷଧ ସେବା ସ୍ୱାଭାବିକ କରିବାକୁ ସାଧାରଣ ଲୋକ ଦାବି କରିଛନ୍ତି ।

# ଲକ୍ଷ୍ମୀପୁର ପ୍ରେସ୍ କ୍ଲବର ପଦକ୍ଷେପ; ଜିଲ୍ଲାପାଳ ଓ ଏସ୍ପିଙ୍କୁ ସ୍ମାରକପତ୍ର ପ୍ରଦାନ



ଲକ୍ଷ୍ମୀପୁର,୨୦।୫(ସମିସ) କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ପ୍ରେସ କ୍ଲବ ପକ୍ଷରୁ ଏକ ସ୍ମାରକପତ୍ର ଜିଲ୍ଲାପାଳ ଓ ଏସ୍ପିଙ୍କୁ ପ୍ରଦାନ କରଯାଇଛି । ପ୍ରେସ କ୍ଲବ ଲକ୍ଷ୍ମୀପୁରର ସଭାପତି ଯୁଧିଷ୍ଠିର ବାଘଙ୍କ ନେତୃତ୍ୱ ରେ ସମ୍ପାଦକ ପ୍ରଫୁଲ୍ଲ ଖୋସ୍ଲା, ନିର୍ଦ୍ଦେଶକ ପ୍ରମୋଦ କୁମାର ଜେନା, ଲିଗାଲ ଆଡଭାଇଜର ଅନନ୍ତ ନାୟକ, ସଂଯୋଜକ ପାତ୍ର ପିଲେଣ୍ଟି, ଯୁଗ୍ମ ସମ୍ପାଦକ ରଞ୍ଜିତ କୁମାର ମହାନନ୍ଦିଆ ଓ ସଦସ୍ୟ ଗିରିଧର ଖରା, ବାବୁଲା ଦାଶ, ଯାଦବ ବାଘ, ବଂଶୀଧର ହାଲୱା, ମନୋଜ ବିଷୋୟୀ ଏହି ସ୍ମାରକ ପତ୍ର ପ୍ରଦାନ ସମୟରେ ସାମିଲ ହୋଇଥିଲେ । ନୂତନ କରି ଗଠନ ହୋଇଥିବା ପ୍ରେସ କ୍ଲବ ପାଇଁ ଜମି ଆବଶ୍ୟକ ହେଉଛି । ତାହା ଯୋଗାଇ ଦେବା ପାଇଁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏହା ପରେ ଏସ୍ପିଙ୍କୁ ମଧ୍ୟ ସୁରକ୍ଷା ସମ୍ବନ୍ଧେ ଏକ ଦରଖାସ୍ତ ଦିଆ ଯାଇଥିଲା । ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ ଓ ଅତିରିକ୍ତ ଏସ୍ପି ଅମ୍ବିତ ମହାନ୍ତିଙ୍କୁ ପ୍ରଦାନ କରାଯାଇଥିଲା । ସ୍ମାରକ ପତ୍ର ଗ୍ରହଣ କରି ଉପଯୁକ୍ତ ପଦକ୍ଷେପ ନେବା ପାଇଁ ଉଭୟ ପ୍ରତିଶ୍ରୁତି ଦେଇଛନ୍ତି । ଏହା ପ୍ରେସ କ୍ଲବ ପାଇଁ ଯଥେଷ୍ଟ ସହାୟକ ହେବ ବୋଲି ଆଶା କରୁଛୁ । ଏହା ବ୍ୟତୀତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗର କୋରାପୁଟଙ୍କୁ ମଧ୍ୟ ଏକ ଦରଖାସ୍ତ ମାଧ୍ୟମରେ ଅବଗତ କରାଯାଇଛି ।

● ଔଷଧ ଦୋକାନ ବନ୍ଦର ପ୍ରଭାବ

# ମଣିଷ ସହ ଗୃହପାଳିତ ପଶୁ ପ୍ରଭାବିତ

ବିଷମ କଟକ,୨୦।୫(ସମିସ): ରାୟଗଡା ଜିଲ୍ଲା ବିଷମ କଟକ ସହରରେ ୨୪ଘଣ୍ଟିଆ ଔଷଧ ଦୋକାନ ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି । ଦୂର ଦୁରାନ୍ତ ଔଷଧ ପାଇଁ ଆସିଥିବା ରୋଗୀ ମାନେ ଔଷଧ ନ ପାଇଁ ନାନା ପ୍ରକାର ଅସୁବିଧାର ସମୁଖୀନ ହୋଇଥିବା ନଜରକୁ ଆସିଛି । ଅଲ୍ ଇଣ୍ଡିଆ ଅର୍ଗାନାଇଜେସନ ଅଫ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ୍ର ଆହ୍ୱାନ କ୍ରମେ ଉକ୍ରଳ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ ପକ୍ଷରୁ ରାଜ୍ୟରେ ୨୪ ଘଣ୍ଟିଆ ପ୍ରତିବାଦ ଡାକରା ଦିଆଯାଇଥିଲା । ଏହି ବନ୍ଦର ପ୍ରଭାବରେ ମଣିଷ ସମେତ ଗୃହ ପାଳିତ ପଶୁପକ୍ଷୀଙ୍କ ସ୍ୱାସ୍ଥ୍ୟ ଉପରେ ବି ସିଧାସଳଖ ପ୍ରଭାବ ପଡିଥିବା ଦେଖିବା ପାଇଁ ମିଳିଛି । ସକାଳ ୬ ଘଣ୍ଟିକା ଠାରୁ ବିଷମ କଟକ ସହରରେ ରହିଥିନା ସମସ୍ତ ମେଡିସିନ ଦୋକାନ ବନ୍ଦ ରହିଥିବାରୁ ରୋଗୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

# 'ସିଏମ୍ ଟ୍ରଫି ଓଡ଼ିଶା କ୍ରୀଡ଼ା ମହାକୁମ୍ଭ' ଉଦ୍ଯାପିତ





**ବିଜେତା କ୍ରୀଡ଼ାବିତ୍ ପୁରସ୍କୃତ**

ରାୟଗଡ,୨୦।୫(ସମିସ): ରାୟଗଡ ଜିଲ୍ଲା ପ୍ରଶାସନ ଏବଂ କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ "ସିଏମ୍ ଟ୍ରଫି ୨୦୨୬ ଓଡ଼ିଶା କ୍ରୀଡ଼ା ମହାକୁମ୍ଭ - ପ୍ରତିଭା ଅନେକ, ଲକ୍ଷ୍ୟ ଏକ - ପଡ଼ିଆରୁ ପୋଡ଼ିୟମ'ର ଆନ୍ତଃ ଜିଲ୍ଲା ସ୍ତରୀୟ ଫୁଟବଲ, ଖୋ-ଖୋ, କବାଡି ଏବଂ ଭଲିବଲ ଚାମ୍ପିଅନ୍ସିପ ଉଦଯାପିତ ଏବଂ ପୁରସ୍କାର ବିତରଣୀ ସମାରୋହ ଉତ୍ସାହ ସହକାରେ ସ୍ଥାନୀୟ ପିଏମଶ୍ରୀ ଜିସିଡି ଉଚ୍ଚ ବିଦ୍ୟାଳୟ ଠାରେ ସମ୍ପନ୍ନ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ ଯୋଗଦେଇ ଯୁବ କ୍ରୀଡ଼ା ପ୍ରତିଭାମାନଙ୍କୁ ପ୍ରଶଂସା କରିବା ସହ ସେମାନଙ୍କୁ ଆଗକୁ ବଢ଼ିବା ପାଇଁ ଉତ୍ସାହିତ କରିଥିଲେ । ସମ୍ମାନିତ ଅତିଥି ଭାବେ ୱାର୍କସ କ୍ଲବର ସଭ୍ୟ ଏସ.ଏନ. ସ୍ୱାଇଁ, ମାନବ ଅଧିକାର ଆୟୋଗ ରାୟଗଡ଼ର ସଭାପତ ଗୌରୀ ପ୍ରଧାନୀ ଏବଂ ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦେବରାଜ ଟାକ୍ରୀ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ସାଧୁବାଦ ଜଣାଇବା ସହ ଜିଲ୍ଲାର କ୍ରୀଡ଼ା ବିକାଶ ଉପରେ ଆଲୋକପାତ କରିଥିଲେ । ଜିଲ୍ଲା କ୍ରୀଡା ଅଧିକାରୀ ଶେଖ ଅଲେନୁର ସମସ୍ତ ଅତିଥି ଓ କ୍ରୀଡ଼ାବିତଙ୍କୁ ସ୍ୱାଗତ ଓ ଧନ୍ୟବାଦ ଅର୍ପଣ କରିଥିଲେ । ସମଗ୍ର କାର୍ଯ୍ୟକ୍ରମକୁ ମୁଖ୍ୟ ସଂଯୋଜକ ଭାବେ ମନୋଜ କୁମାର ନାୟକ ସଫଳତାର ସହ ପରିଚାଳନା କରିଥିଲେ । ଏହି ପ୍ରତିଯୋଗିତାରେ ବିଭିନ୍ନ ଦଳ ଉନ୍ନତ ପ୍ରଦର୍ଶନ କରି ପୁରସ୍କୃତ ହୋଇଛନ୍ତି । ଫୁଟବଲ ବାଳିକା ବିଭାଗରେ ମା' ମାଝୀଗୌରୀ ଫୁଟବଲ କ୍ଲବ ଚାମ୍ପିଅନ୍ ଏବଂ ରାୟଗଡ଼ ଫୁଟବଲ କ୍ଲବ ରନର୍ସ ଅପ୍ ହୋଇଥିବା ବେଳେ ବାଳକ ବିଭାଗରେ ଏମ୍ଏମ୍ଜି ଫୁଟବଲ କ୍ଲବ୍ ବିଜେତା ଓ ରାୟଗଡ଼ା ୟୁନାଇଟେଡ୍ ରନର୍ସ ଅପ୍ ହୋଇଛନ୍ତି । କବାଡି ବାଳକରେ ବିଜାପୁର ଚାମ୍ପିଅନ୍ ଓ ଏମ୍ଏମ୍କେସି ରନର୍ସ ଅପ୍ ହୋଇଥିବା ବେଳେ ବାଳିକା ବିଭାଗରେ ପାହାଡ଼ିଆନ୍ ଦଳ ବିଜେତା ଏବଂ ନାଗାବଳୀ ଦଳ ରନର୍ସ ଅପ୍ ବିବେଚିତ ହୋଇଛନ୍ତି । ଖୋ-ଖୋ ବାଳକ ବିଭାଗରେ ଗୋପବନ୍ଧୁ ଟିମ୍ ଚାମ୍ପିଅନ୍ ଓ ଲାଲବାହାଦୁର ଟିମ୍ ରନର୍ସ ଅପ୍ ହୋଇଥିବା ସ୍ଥଳେ ବାଳିକା ବିଭାଗରେ ମା' ମାଝୀଗୌରୀ ଟିମ୍ ଚାମ୍ପିଅନ୍ ଏବଂ ଲକ୍ଷ୍ମୀବାଇ ଟିମ୍ ରନର୍ସ ଅପ୍ ଆଖ୍ୟା ଲାଭ କରିଛନ୍ତି । ସେହିପରି ଭଲିବଲ ପ୍ରତିଯୋଗିତାର ଉଭୟ ବାଳକ ଓ ବାଳିକା ବିଭାଗରେ ହାଲୁଆ ହାଇସ୍କୁଲ ବିଜେତା ଗୌରବ ହାସଲ କରିଥିବା ବେଳେ, ବାଳକରେ ଗୁଣୁପୁର ଏବଂ ବାଳିକାରେ କୋତାପେଟା ଦଳ ରନର୍ସଅପ୍ ହୋଇଛନ୍ତି । ଏହି ଖେଳଗୁଡ଼ିକୁ ବନିତା ହିମିରିକା, ରହନ୍ତି ସରକା, ରେବତୀ ପିଡିସିକା, ସଦାଶିବ ହିକାକା ଏବଂ ପ୍ରକାଶ ମାଛଖଣ୍ଡ ପ୍ରମୁଖ ଖେଳ ପରିଚାଳନା ଅଧିକାରୀ ଭାବେ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ । ଉତ୍ସବ ଶେଷରେ ଅତିଥିମାନଙ୍କ ଦ୍ୱାରା ସମସ୍ତ ବିଜେତା ଓ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।

● ମହର୍ଷି ଗୁରୁକୁଳ କଲେଜର ସଫଳତା

# ପ୍ରଭାଞ୍ଜନ ଓ ବିଶ୍ୱଜିତ ୪ ଜିଲ୍ଲାରେ ଟପ୍ପର







ଗୁଣପୁର, ୨୦।୫(ସମିସ): ପ୍ରକାଶିତ ଯୁକ୍ତ-୨ ପରୀକ୍ଷା ଫଳାଫଳରେ ମହର୍ଷି ଗୁରୁକୁଳ କଲେଜର ଛାତ୍ରଛାତ୍ରୀମାନେ ପୂର୍ବବର୍ଷ ପରି ଚମତ୍କାର ସଫଳତା ହାସଲ କରିଛନ୍ତି । +୨ ବିଜ୍ଞାନ ବିଭାଗରେ ଜିଲ୍ଲାର ଟପ୍-୧୦ ମଧ୍ୟରୁ ୮ଟି ସ୍ଥାନ ଏହି ଅନୁଷ୍ଠାନ ଅଧିକାର କରିଛି । ବିଜ୍ଞାନ ବିଭାଗରେ ମୋଟ ୩୨୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେଥିରୁ ୧୯ ଜଣ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଅନୁଷ୍ଠାନର ସୁନାମ ବୃଦ୍ଧି କରିଛନ୍ତି । ଏଥିରେ ପ୍ରଭାଞ୍ଜନ ପଣ୍ଡା ଓ ବିଶ୍ୱଜିତ ଦଳେଇ ଉଭୟେ ୫୭୭ (୯୬.୧୬ ପ୍ରତିଶତ) ନମ୍ବର ରଖି ଜିଲ୍ଲାର ପ୍ରଥମ ଦୁଇଟି ସ୍ଥାନ ଅଧିକାର କରିଥିବା ବେଳେ ଶୁଭଶ୍ରୀ ଚୌଧୁରୀ ୫୭୪ (୯୫.୬ ପ୍ରତିଶତ), ଏମ . ଭାବିସ୍ୟା ୫୭୩ (୯୫.୫୦ ପ୍ରତିଶତ), ରମ୍ୟ ରଞ୍ଜନ ସାହୁ ୫୬୮, ସୁମିତ ପଣ୍ଡା ୫୬୫, ଅଶ୍ୱିନୀ କଦମ୍ବଲା ୫୬୨, ରାଧାମାଧବ ସାହୁ ୫୬୦, ରାକେଶ କୁମାର ଚୌଧୁରୀ ୫୫୯, ଦିବ୍ୟାଦର୍ଶିନୀ ନାୟକ ୫୫୪, ଅପରାଜିତା ଦୋରା ୫୫୩, ଭୀଷ୍ମଦେବ ଚିଛୁଆଁ ୫୫୨, ସୀମାଦ୍ରୀ ମୋକ୍ଷିତା ୫୪୯, ଅଲକା ମନସା ୫୪୮, ସାଇଶ୍ରୀ ସନ୍ତୋଷ ମିଶ୍ର ୫୪୪, ଜ୍ୟୋତିରଞ୍ଜନ ଦୋରା ୫୪୩, ପ୍ରିତିଶ ଦାଶ ୫୪୩, ବେଲନା ଜସ୍ମିତା ୫୪୨ ଏବଂ ପାୟଲ ବେହେରା ୫୪୨ ନମ୍ବର ରଖି ଅନୁଷ୍ଠାନର ଗୌରବ ବଢ଼ାଇଛନ୍ତି । ସେହିପରି ୬୮ ଜଣ ଛାତ୍ରଛାତ୍ରୀ ୫୦୦ ରୁ ଅଧିକ ନମ୍ବର ରଖିଥିବା ବେଳେ ୧୦୦ ଜଣ ୮୦ଧ ରୁ ଅଧିକ ନମ୍ବର ହାସଲ କରିଛନ୍ତି । ବିଜ୍ଞାନ ବିଭାଗରେ ୨୭୫ ଜଣ ପ୍ରଥମ ଶ୍ରେଣୀରେ, ୩୮ ଜଣ ଦ୍ୱିତୀୟ ଶ୍ରେଣୀରେ ଏବଂ ୩ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ବାଣିଜ୍ୟ ବିଭାଗରେ ମଧ୍ୟ ଅନୁଷ୍ଠାନ ଉଲ୍ଲେଖନୀୟ ସଫଳତା ପାଇଛି । ଛାତ୍ର ସ୍ୱାଧୀନ ପଟନାୟକ ୫୭୦/୬୦୦ (୯୫ ପ୍ରତିଶତ) ନମ୍ବର ରଖି ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ବାଣିଜ୍ୟ ବିଭାଗର ୨୩ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୩ ଜଣ ୯୦ଧ ରୁ ଅଧିକ ନମ୍ବର ରଖିଛନ୍ତି । ୧୭ ଜଣ ପ୍ରଥମ ଶ୍ରେଣୀରେ, ୨ ଜଣ ଦ୍ୱିତୀୟ ଶ୍ରେଣୀରେ ଏବଂ ୩ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଛାତ୍ରଛାତ୍ରୀଙ୍କ ଏହି କୃତିତ୍ୱ ପାଇଁ ଅନୁଷ୍ଠାନର ପରିଚାଳନା କମିଟିର ଅଧ୍ୟକ୍ଷ ସନ୍ତୋଷ କୁମାର ଗୁରୁ, ସମ୍ପାଦକ ରାଜେଶ କୁମାର ପଣ୍ଡା, ନିର୍ଦ୍ଦେଶକ ଲୋକନାଥ ମିଶ୍ର, ସହ ଅଧ୍ୟକ୍ଷ ପୁଷ୍ପା ଶତପଥି,ଡିନ ପ୍ରିୟବ୍ରତ ବିଷୋୟୀ, ପ୍ରିନ୍ସିପାଲ ରାମ ରଥ,ଉପ ପ୍ରାଚାର୍ଯ୍ୟ ଏବଂ ସମସ୍ତ ଅଧ୍ୟାପକ-ଅଧ୍ୟାପିକା କୃତୀ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

### ଦେଶବ୍ୟାପୀ ଦିନିକିଆ ଧର୍ମଘଟ

# ଗୋଟିଏ ବି ଔଷଧ ଦୋକାନ ଖୋଲିଲାନି

ବଲାଙ୍ଗିର/ବୌଦ୍ଧ/ତରଭା, ୨୦।୫(ସମିସ)







ଅନଲାଇନ ଔଷଧ ବିକ୍ରି ବନ୍ଦ କରିବା, ବଜାରରୁ ନକଲି ଔଷଧର ମୂଳପ୍ରାଟନ ଓ କରୋନା ସମୟରେ ଲଗାଯାଇଥିବା କଟକଣାକୁ ପ୍ରତ୍ୟାହାର କରିବା ଦାବିରେ ବୁଧବାର ସର୍ବଭାରତୀୟ ଔଷଧ ବିକ୍ରେତା ସଂଘର ଆହ୍ୱାନ କ୍ରମେ ଦେଶବ୍ୟାପୀ ୨୪ ଘଣ୍ଟିଆ ଔଷଧ ଦୋକାନ ବନ୍ଦ ରହିଥିଲା। ବଲାଙ୍ଗିର ଜିଲ୍ଲାରର ସମସ୍ତ ଔଷଧୀ ଦୋକାନ ବନ୍ଦ ଥିଲା। ସକାଳୁ ଜିଲ୍ଲା ସଙ୍ଘର ସଭାପତି ଲୋଟସ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ସ୍ଥାନୀୟ ସମଲେଇ ମନ୍ଦିରଠାରୁ ସଙ୍ଘର ଏକ ବାଇକ ଶୋଭାଯାତ୍ରା କରି ପିକେଟିଂ କରାଯାଇଥିଲା। ଜଗନ୍ନାଥ ମେଡିକାଲ ସମ୍ମୁଖରେ ଏକ ପ୍ରତିବାଦ ସଭା ହୋଇଥିଲା। ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ସଙ୍ଘ ତରଫରୁ ବଲାଙ୍ଗୀର ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସମ୍ପାଦକ ମନମୋହନ ରଥ, ଉପସଭାପତି ରାଜନାରାୟଣ ଅଗ୍ରୱାଲ, ସଂଗଠନ ସମ୍ପାଦକ ଶ୍ରୀମନ୍ତ ପଣ୍ଡା, କମ୍ପେନୀ ବେପାର ସମ୍ପାଦକ ସଂଜୀବ ରଥ, କୋଷାଧକ୍ଷ ଅଶୋକ ମେହେର, କମଳ ଚକ୍ରବର୍ତ୍ତୀ, ଲଳିତ ଚୌଧୁରୀ, ସଞ୍ଜୟ ଚୌଧୁରୀ, କେଶବ ପଟ୍ଟନାୟକ, ସୌଭାଗ୍ୟ ଶଙ୍କର ମିଶ୍ର, ଦିବାକର ପଣ୍ଡା, ଉଦିତ ପଣ୍ଡା, ରାଜକୁମାର ହୋତା, ସନ୍ତୋଷ ପ୍ରଧାନଙ୍କ ସହ ଜିଲ୍ଲାର ଶତାଧିକ ଔଷଧ ବ୍ୟବସାୟୀ ଓ ସଂଗଠନର ସଦସ୍ୟ ଉପସ୍ଥିତ ଥିଲେ। ବୌଦ୍ଧ ସହରରେ ମଧ୍ୟ ଗୋଟିଏ ବି ବେସରକାରୀ ଔଷଧ ଦୋକାନ ଖୋଲି ନ ଥିଲା। ସାରା ଭାରତରେ ଦିଆଯାଇଥିବା ବନ୍ଦ ଡାକରାକୁ ସମର୍ଥନ ଜଣାଇ ଜିଲ୍ଲା କେମିଷ୍ଟ ଏଣ୍ଡ ଡ୍ରଗିଷ୍ଟ ଆସୋସିଏସନ ସମସ୍ତ ଔଷଧ ଦୋକାନ ବନ୍ଦ ରଖିଥିଲା। ସୁବର୍ଣ୍ଣପୁର ଜିଲ୍ଲାର ଜିଲ୍ଲାର ସୋନପୁର ସହର ଓ ବ୍ଲକ ସମେତ ତରଭା, ଡୁଙ୍ଗୁରିପାଲି, ବିନିକା, ଉଲୁଣ୍ଡା ଓ ବିଏମପୁର ଅଞ୍ଚଳରେ ଥିବା ସମସ୍ତ ଔଷଧ ଦୋକାନ ବନ୍ଦ ରହିଥିଲା। ଏଣୁ ଲୋକେ ହଇରାଣ ହୋଇଥିଲେ। ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳିତ ହୋଇଥିବାରୁ ସୁବର୍ଣ୍ଣପୁର ଜିଲ୍ଲା ଔଷଧ ବିକ୍ରେତା ସଂଘର ସଭାପତି ଉମେଶ ଚନ୍ଦ୍ର ସାହୁ ଜିଲ୍ଲାର ୩୫୪ ଔଷଧ ବିକ୍ରେତା ଓ ଜନସାଧାରଣଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି। ତରଭା ଓ ଏହାର ଆଖପାଖ ଅଞ୍ଚଳରେ ମଙ୍ଗଳବାର ରାତି ୯ଟାରୁ ବନ୍ଦ ହୋଇଥିବା ଔଷଧ ଦୋକାନ ଗୁଡିକ ବୁଧବାର ଆଉ ଖୋଲି ନ ଥିଲା। ଏଣୁ ରୋଗୀ ଓ ତାଙ୍କର ସମ୍ପର୍କୀୟ ଔଷଧ କିଣିବା ପାଇଁ ଆସି ନିରାଶ ହୋଇ ଫେରିଥଲେ। ତରଭା ସହରରେ ଥିବା ଏକମାତ୍ର ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧି ଦୋକାନ ଖୋଲା ରହିଥିଲା। ଙ୍କୁ ତରଭା ସହରରେ ଥିବା ୧୩ ଓ ଗ୍ରାମାଞ୍ଚଳରେ ଥିବା ୩୫ ଔଷଧ ଦୋକାନ ବନ୍ଦ ଥିଲା ବୋଲି ସୁବର୍ଣ୍ଣପୁର ଜିଲ୍ଲା ଔଷଧ ବିକ୍ରେତା ସଂଘର କର୍ମକର୍ତ୍ତା ଶୈଳେନ୍ଦ୍ର ସାହୁ କହିଥିଲେ।

- ଅନଲାଇନ ଔଷଧ ବିକ୍ରି ବନ୍ଦ
- ବଜାରରୁ ନକଲି ଔଷଧ ମୂଳୋତ୍ପାଟନ
- କରୋନା ବେଳର କଟକଣା ପ୍ରତ୍ୟାହାର ଦାବି
- ଦେଶବ୍ୟାପୀ ୨୪ ଘଣ୍ଟିଆ ଔଷଧ ଦୋକାନ ବନ୍ଦ

## ରେଳ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କଲେ ଜିଲ୍ଲାପାଳ

ବୌଦ୍ଧ,୨୦।୫(ସମିସ): ବୌଦ୍ଧ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପର ବିଭିନ୍ନ ସ୍ଥାନ ପରିଦର୍ଶନ କରି ସମୀକ୍ଷା କରିଛନ୍ତି। ତିରିଶ ମାଇଲ୍ ଗ୍ରାମରେ ପ୍ରସ୍ତାବିତ ଚାରିଛକ ରେଳ ଷ୍ଟେସନ୍ ନିର୍ମାଣ ସ୍ଥଳ ପରିଦର୍ଶନ କରିଥିଲେ। ସେଠାରେ ରେଳ ଷ୍ଟେସନ୍ ନିକଟରେ ଥିବା ଅତିକ୍ରମଣକୁ ତୁରନ୍ତ ହଟାଇବା ପାଇଁ ତହସିଲଦାର କର୍ଣ୍ଣ ସୁନାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ସେ ପୁରୁଣାକଟକ ରେଳ ଓଭରବ୍ରିଜ୍ କାର୍ଯ୍ୟସ୍ଥଳ ପରିଦର୍ଶନ କରିଥିଲେ। ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରି ଅବଶିଷ୍ଟ କାର୍ଯ୍ୟ ୭ ଦିନ ମଧ୍ୟରେ ସମାପ୍ତ କରିବାକୁ ସମ୍ପୃକ୍ତ ରେଳ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଜିଲ୍ଲାପାଳ ପାଣିଘରା ଅଞ୍ଚଳକୁ ଯାଇ ଅଗ୍ରଗତିର ସମୀକ୍ଷା କରିଥିଲେ। ବୁଲୁରା ସାହି, ଭେଜିଗୁରା ଏବଂ ମଲ୍ଲିକପଡା ଗ୍ରାମ ପରିଦର୍ଶନ କରିଥିଲେ। ସେଠାରେ ସରକାରୀ ଜମିରେ ହୋଇଥିବା ଅତିକ୍ରମଣ ସମ୍ବନ୍ଧରେ ସମୀକ୍ଷା କରି ତହସିଲଦାରଙ୍କୁ ଅତିକ୍ରମଣ ହଟାଇବା ପାଇଁ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଗସ୍ତ ସମୟରେ ବୌଦ୍ଧ ବିଡିଓ ବିଜୟ ପ୍ରଧାନ, ତହସିଲଦାର କର୍ଣ୍ଣ ସୁନା ଏବଂ ଅତିରିକ୍ତ ତହସିଲଦାର ଶୁଭଦର୍ଶନ ଧଳ ଓ ରେଳ ଅଧିକାରୀ ଉପସ୍ଥିତ ଥିଲେ।



## ନିଆଁ ଲାଗି ଜଳିଗଲା ତାଳ ଗଛ

ଶଗଡା,୨୦।୫(ସମିସ): କଣ୍ଟାମାଳ ବ୍ଲକ୍ ଝିଙ୍କରପାଲିରେ ବିଲରେ ଲାଗିଥିବା ନିଆଁରୁ ଏକ ତାଳ ଗଛ ଜଳି ଯାଇଛି। ରାତିରେ ଝିଙ୍କରପାଲି ଗ୍ରାମର ଗୋଟିଏ ବିଲର ଶୁଖିଲା ପାଳ ଓ ପୋଖରୀ ହୁଡ଼ାର ଶୁଖିଲା ତାଳ ପତ୍ରରେ କେହି ନିଆଁ ଲଗାଇ ଦେଇଥିଲା। ଏହାଫଳରେ ଆଖ ପାଖ ଅଞ୍ଚଳକୁ ନିଆଁ ବ୍ୟାପି ଜନବସତି ପାଖରେ ଥିବା ପୋଖରୀ ହୁଡ଼ାର ଏକ ତାଳ ଗଛ ଜଳି ଯାଇଥିଲା। ଏ ସମ୍ପର୍କରେ ସୂଚନା ପାଇବା ପରେ କଣ୍ଟାମାଳ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଆୟତ୍ତ କରିଥିଲେ।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ଶଗଡା,୨୦।୫(ସମିସ): ମନମୁଣ୍ଡା-ଦପଲା ରାସ୍ତାର ଚନ୍ଦନିଆମୁଣ୍ଡା ପାଣିଟାଙ୍କି ନିକଟରେ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ଦପଲା ପଞ୍ଚାୟତ ଯାନିମୁଣ୍ଡା ଗ୍ରାମର ମାନସ ପୋଡ଼ (୧୯)। ବାଇକ୍‌ରେ ସେ ଦପଲା ପଟକୁ ଆସୁଥିବା ବେଳେ ସାମ୍ନା ପଟୁ ଆସୁଥିବା ଏକ ଗାଡି ତାଙ୍କୁ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ମାନସଙ୍କ ମୃତ୍ୟୁ ଘଟିଥିଲା। ତେବେ ଦୁର୍ଘଟଣା ଘଟାଇ ଗାଡିଟି ଘଟଣା ସ୍ଥଳରୁ ଫେରାର ମାରିଥିଲା। ଲୋକଙ୍କଠାରୁ ଖବର ପାଇ ମନମୁଣ୍ଡା ପୁଲିସ ପହଞ୍ଚି ଶବ ଜବତ କରିଥିଲା। ମନମୁଣ୍ଡା ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ଅଂଶୁଘାତରେ ଯୁବକଙ୍କ ମୃତ୍ୟୁ ଅଭିଯୋଗ

ମନମୁଣ୍ଡା,୨୦।୫(ସମିସ): ମନମୁଣ୍ଡା ଥାନା ଘୁଲୁଘୁଲାପଦର ଗ୍ରାମର ଦିଲ୍ଲୀପ ସେଠୀ (୩୫)ଙ୍କ ଅଂଶୁଘାତରେ ମୃତ୍ୟୁ ଘଟିଥିବା ତାଙ୍କ ପରିବାର ଲୋକ ଅଭିଯୋଗ କରିଛନ୍ତି। ବୁଧବାର ସେ ହଠାତ ଅସୁସ୍ଥ ହୋଇ ପଡିଥିଲେ। ଏହାପରେ ଘର ଲୋକେ ତୁରନ୍ତ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର କିନ୍ତୁ ତାଙ୍କୁ ମୃତ ଘୋଷଣା କରିଥିଲେ। ବର୍ତ୍ତମାନ ଏହି ଅଞ୍ଚଳରେ ପ୍ରବଳ ଗ୍ରୀଷ୍ମ ପ୍ରଭାବ ଜାରି ରହିଛି। ଏଣୁ ଅଂଶୁଘାତରେ ହିଁ ତାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗକୁ ଏଡାଇ ଦିଆଯାଇ ନ ପାରେ। ଗୁରୁବାର ଶବ ବ୍ୟବଚ୍ଛେଦ ପରେ କାରଣ ସ୍ପଷ୍ଟ ହେବ ବୋଲି ଡାକ୍ତର ମାନସ ତ୍ରିପାଠୀ କହିଛନ୍ତି।

## ମହୁଲଧରରେ ଡକାୟତି

ବୌଦ୍ଧ,୨୦।୫(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ଥାନା କୁସଙ୍ଗ ପଞ୍ଚାୟତର ମହୁଲଧର ଗ୍ରାମରେ ଡକାୟତି ହୋଇଛି। ଦୁର୍ବୃତ୍ତ ପତର ଲେଙ୍କା ନାମ୍ନୀ ଜଣେ ମହିଳାଙ୍କ ଘରେ ପଶି ସବୁ ସୁନା ଗହଣା ନେଇ ଯାଇଛନ୍ତି। ୩ ଲକ୍ଷ ୧୫ ହଜାର ଟଙ୍କାର ସୁନା ହାର, ୫ଟି କାନଫାଶିଆ, ୪ଟି ମୁଦି, ୨ଟି କାନଝରା ସହ ଦାମି ଲୁଗା ନେଇ ଯାଇଥିବା ହରଭଙ୍ଗା ଥାନାରେ ଅଭିଯୋଗ ହୋଇଛି। ଘରର ୪ ଜଣ ଝିଅଙ୍କ ବିବାହ ପାଇଁ ଏହି ସୁନା ଗହଣା ଥିଲା। ଘରେ କୌଣସି ପୁରୁଷ ଲୋକ ନ ଥିଲେ। ରାତିରେ ଶାଶୂ-ବୋହୁ ଥିବା ସୁଯୋଗ ନେଇ ଦୁର୍ବୃତ୍ତ ଏହି କାଣ୍ଡ ଭିଆଇଛନ୍ତି। ହରଭଙ୍ଗା ଥାନା ଅଧିକାରୀ ସାରଦା ଦାସଙ୍କ ନେତୃତ୍ୱରେ ଡଗ୍ ସ୍କ୍ୱାଡ୍ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

### ଯୋଗିବେରୁଣୀ, ବୁରୁବୁଡ଼ାରେ ସଚେତନତା ସଭା

## ବାଲ୍ୟ ବିବାହକୁ ପ୍ରୋତ୍ସାହନ ନଦେବାକୁ ଶପଥ

ବୌଦ୍ଧ/ହରଭଙ୍ଗା,୨୦।୫(ସମିସ): ବୌଦ୍ଧ ଜିଲ୍ଲା ଯୋଗିବେରୁଣୀ ଗ୍ରାମରେ ବିଶ୍ୱ ଯୁବ କେନ୍ଦ୍ର ସଂସ୍ଥା ଆନୁକୂଲ୍ୟରେ ଗ୍ରାମସ୍ତରୀୟ ଶିଶୁ କଲ୍ୟାଣ ଓ ସୁରକ୍ଷା କମିଟିର ଏକ ସଚେତନତାମୂଳକ ବୈଠକ ଅନୁଷ୍ଠିତ ହୋଇଥିଲା। ବିଶ୍ୱ ଯୁବ କେନ୍ଦ୍ରର ପ୍ରୋଗ୍ରାମ ଆସୋସିଏଟ ସ୍ମିତା ପଟ୍ଟନାୟକ ତତ୍ତ୍ୱାବଧାନରେ ଏହା ସମ୍ପନ୍ନ ହୋଇଥିଲା। ସମାଜରୁ ବାଲ୍ୟ ବିବାହ ଭଳି କୁପ୍ରଥାକୁ ସମୂଳେ ଧ୍ୱଂସ କରିବା ଏବଂ ଶିଶୁମାନଙ୍କ ଭବିଷ୍ୟତକୁ ସୁରକ୍ଷିତ ଓ ସୁନିଶ୍ଚିତ କରିବା ଏହି ବୈଠକର ମୂଳ ଲକ୍ଷ୍ୟ। ବୈଠକରେ ବାଲ୍ୟ ବିବାହର ଭୟାବହ କୁପରିଣାମ ସମ୍ପର୍କରେ ଆଲୋଚନା କରାଯାଇଥିଲା।




ଅପରିପକ୍ୱ ବୟସରେ ବିବାହ ହେବା ଫଳରେ କିଶୋରୀମାନଙ୍କ ଶାରୀରିକ ଓ ମାନସିକ ବିକାଶ ବାଧାପ୍ରାପ୍ତ ହେବା, ଶିକ୍ଷାରୁ ବଞ୍ଚିତ ହେବା, ମାତୃମୃତ୍ୟୁ ଓ ପୌଷ୍ଟିକ ଅଭାବ ପରି ଗୁରୁତର ସମସ୍ୟା ଦେଖା ଦେବା ଆଦି ବିଷୟରେ ଆଲୋଚନା କରାଯାଇଥିଲା। ଏହା ସହିତ ବାଲ୍ୟ ବିବାହ ନିଷେଧ ଆଇନ ଓ ଏହା ସହ ସଂପୃକ୍ତ ଦଣ୍ଡ ବିଧାନ ବିଷୟରେ ମଧ୍ୟ ସଚେତନ କରାଯାଇଥିଲା। ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କୁ ଏହି କୁପ୍ରଥା ବିରୋଧରେ ସଜାଗ ରହିବା ସହ ଯେକୌଣସି ବାଲ୍ୟ ବିବାହ ସମ୍ପର୍କିତ ସୂଚନା ପାଇଲେ ତୁରନ୍ତ ପ୍ରଶାସନ କିମ୍ବା ସେ ସମ୍ପର୍କିତ ବିଭାଗକୁ ଜଣାଇବା ପାଇଁ ଆହ୍ୱାନ ଦିଆଯାଇଛି। ବୈଠକ ଶେଷରେ ସମସ୍ତେ ବ୍ୟକ୍ତି ବାଲ୍ୟ ବିବାହ ମୁକ୍ତ ସମାଜ ଗଠନ ପାଇଁ ଏକତ୍ରିତ ଭାବେ ଶପଥ ଗ୍ରହଣ କରିଥିଲେ। ଅନ୍ୟପକ୍ଷେ ହରଭଙ୍ଗା ବ୍ଲକ୍ ତିଲେଶ୍ୱର ପଞ୍ଚାୟତ ବୁରୁବୁଡ଼ାରେ ମଧ୍ୟ ବିଶ୍ୱ ଯୁବ କେନ୍ଦ୍ର ସହାୟତାରେ ଗ୍ରାମ ଶିଶୁ ସୁରକ୍ଷା କମିଟିର ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶ୍ୱ ଯୁବ କେନ୍ଦ୍ରର ପୁନିଆ ସାହୁ ଅଧ୍ୟକ୍ଷତା କରିଥିଲେ।

## ଶିଶୁ ବିଦ୍ୟାମନ୍ଦିର ଛାତ୍ରଙ୍କୁ ସମ୍ବର୍ଦ୍ଧନା



ବୌଦ୍ଧ,୨୦।୫ (ସମିସ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର ପ୍ରୀତମ ମେହେରଙ୍କୁ ମଡର୍ନ ଏବିସି ପବ୍ଲିସର୍ସ ସମ୍ବର୍ଦ୍ଧିତ କରିଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ରୀବତ୍ସ ମିଶ୍ର, ପ୍ରୀତମଙ୍କ ବାପା ରାଜକିଶୋର ମେହେର, ମଡର୍ନ ଏବିସି ପବ୍ଲିସର୍ସ ଆଞ୍ଚଳିକ ମ୍ୟାନେଜର ପ୍ରଦୀପ୍ତ ମିଶ୍ର, ଏରିଆ ମାର୍କେଟିଂ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗଗନ ରାଉତ ଉପସ୍ଥିତ ଥିଲେ।

## ତହସିଲଦାର ଓ ଆଇଆଇସିଙ୍କୁ ସମ୍ବର୍ଦ୍ଧନା

ବୌଦ୍ଧ,୨୦।୫(ସମିସ): ସାମାଜିକ ସଂଗଠନ ରାଷ୍ଟ୍ରୀୟ ସମାନତା ଅଧିକାର ପରିଷଦର କର୍ମକର୍ତ୍ତା ହରଭଙ୍ଗା ତହସିଲଦାର କର୍ଣ୍ଣ ସୁନା ଏବଂ ପୁରୁଣାକଟକ ଥାନା ଆଇଆଇସି ରଞ୍ଜିତ ମୁନୀଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ସଭାପତି ପ୍ରଦୀପ ମହାନନ୍ଦ, ବୈଦ୍ୟନାଥ ମହାନନ୍ଦ, ମହେଶ ସେଠୀ, ମନୋଜ ମହାନନ୍ଦିଆ, ଟିକ ବେହେରା, ରଜନୁ ଖପରଧୁଆ, କର୍ଣ୍ଣ ପ୍ରଧାନ, ମନରଞ୍ଜନ ବେହେରା, ନନ୍ଦୀରାଜ ଜଗଦଳା, ସୌରାଷ୍ଟ୍ର ଦୀପ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ ସଂକୀର୍ତ୍ତନ ମହୋତ୍ସବ ଆରମ୍ଭ




କଣ୍ଟାମାଳ,୨୦।୫(ସମିସ): ରାଜ୍ୟସ୍ତରୀୟ ସଂକୀର୍ତ୍ତନ୍ୟ ମହୋତ୍ସବ ଓ ୨୧ତମ କଣ୍ଟାମାଳ ଲୋକକଳା ମହୋତ୍ସବ ଆରମ୍ଭ ହୋଇଛି। ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ଗିରିଗୋବର୍ଦ୍ଧନ ପୀଠରେ ଜିଲ୍ଲାପରିଷଦ ସଭ୍ୟା ପଦ୍ମାଳୟା ପ୍ରଧାନ ସାଂସ୍କୃତିକ ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଖମନମୁଣ୍ଡା ସରପଞ୍ଚ ଅଳକା ପ୍ରଧାନ, ଅନିଲ ପ୍ରଧାନ, ମହୋତ୍ସବ କମିଟି ସମ୍ପାଦକ ଓମ୍‌ପ୍ରକାଶ ମିଶ୍ର, ରଣ୍ଡିମହୁଲ ସରପଞ୍ଚ ପଞ୍ଚାନନ ସାହୁ, ସନ୍ତୋଷ ବିଶି, ପବିତ୍ର ରଣା, ରାମହରି ପ୍ରଧାନ, ବଜରଙ୍ଗ ଲାଲ ଅଗ୍ରୱାଲ, ଅନନ୍ତ କ୍ଷେତି, ଆବାହକ ଦିବ୍ୟଶଙ୍କର ରାଉତ, ସତୀଶ ମାହାନା ପ୍ରମୁଖ ଉପସ୍ଥିତ ଥିଲେ। ଘଣ୍ଟ, ଢୋଲ, ହୁଳହୁଳି ଶବ୍ଦ ସହ ସଂକୀର୍ତ୍ତନରେ ସାଂସ୍କୃତିକ ଦଳର ଶୋଭାଯାତ୍ରା ହୋଇଥିଲା। ଏହି ବିରାଟ ଓ ଭବ୍ୟ ଶୋଭାଯାତ୍ରା ଦେଖିବାକୁ ରାସ୍ତାର ଉଭୟ ପାର୍ଶ୍ୱରେ ଜନସମାଗମ ହୋଇଥିଲା। ଅନ୍ୟପକ୍ଷେ ହରିଶଙ୍କର କଳା ମଣ୍ଡପରେ ବିଭିନ୍ନ ସଂକୀର୍ତ୍ତନ ଦଳ ଦ୍ୱାରା ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା।

## ୩ ଅଭିଯୁକ୍ତ ଗିରଫ

ବଲାଙ୍ଗିର,୨୦।୫(ସମିସ): ବଲାଙ୍ଗିର ଟାଉନ ଥାନା ଅଧୀନ ମାଲଗୋଦାମପଡ଼ାରେ ଜଣେ ବ୍ୟକ୍ତିଙ୍କ କାର୍ ଜାଳିଦେବା, ତାଙ୍କ ଘରେ ନିଆଁ ଲଗାଇଦେବା, ଭଙ୍ଗାରୁଜା କରିବା ସହ ଆକ୍ରମଣ ଘଟଣାରେ ପୁଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏମାନେ ହେଲେ ଜିତେନ୍ଦ୍ର କୁମ୍ଭାର ଓରଫ ଜିତେନ (୨୯), ଶଙ୍କର ବାଗ (୩୨) ଓ ସୋନୁ ଓରଫ ସାନୁ ସୁନା (୨୫)। ସମସ୍ତଙ୍କ ଘର ସେହି ମାଲଗୋଦାମପଡ଼ାରେ ବୋଲି ପୁଲିସ ସୂଚନା ଦେଇଛି। ଏମାନେ ମାଲଗୋଦାମପଡ଼ାର ହରେଶ ସ୍ୱାଇଁ (୩୯)ଙ୍କ କାର୍ ଜାଳି ଦେଇଥିଲେ। ଏଥିସହ ତାଙ୍କ ଘର ଉପରକୁ ପଥର ମାଡ଼ କରି ଦ୍ୱାରର କାଚ ଭାଙ୍ଗି ଦେଇଥିଲେ। ଘରେ ମଧ୍ୟ ନିଆଁ ଲଗାଇବା ସହ ତାଙ୍କ ସ୍ତ୍ରୀ ଓ ଭିଣୋଇଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ମାଡ଼ ମାରିଥିଲେ। ଏଭଳିକି ମାରି ଦେବାକୁ ଧମକ ଦେଇଥିବା ଥାନାରେ ସେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଟାଉନ ଥାନା ପୁଲିସ ମାମଲା ରୁଜୁ କରିଥିଲା। ଏସଆଇ ଦେବାଶିଷ ଶତପଥୀ ତଦନ୍ତ ଦାୟିତ୍ୱ ନେଇଥିଲେ। ଘଟଣାସ୍ଥଳରୁ ପୁଲିସ ପୋଡ଼ିଯାଇଥିବା କାର୍ ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଥିଲା। ଶେଷରେ ଏମାନେ ଗିରଫ ହୋଇଛନ୍ତି।



## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ



ଶଗଡା,୨୦।୫(ସମିସ): ବୌଦ୍ଧ ବ୍ଲକ୍ ବାଉଁଶୁଣି ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବୃନ୍ଦାବନ ମିଶ୍ର(୮୦)ଙ୍କ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ସେ ଜଣେ ଦକ୍ଷ ପ୍ରଶାସକ, ଶିକ୍ଷାବିତ୍ ଏବଂ ଛାତ୍ରବତ୍ସଳ ଶିକ୍ଷକ ଭାବେ ବେଶ୍ ଜଣାଶୁଣା ଥିଲେ। ତାଙ୍କ ଅକାଳ ବିୟୋଗ ଖବର ପ୍ରସାରିତ ହେବା ପରେ ସମଗ୍ର ବାଉଁଶୁଣି ଓ ଆଖପାଖ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି।

## ବଜ୍ରପାତରେ ଯୁବକଙ୍କ ମୃତ୍ୟୁ

କଣ୍ଟାମାଳ,୨୦।୫(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଘଣ୍ଟାପଡା ଥାନା ଅଧୀନ କୁରୁକୁପା ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି। ଗାଁର ରାଜିନ ରଣା ନାମକ ଜଣେ ଯୁବକଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି। ପରିବାର ଲୋକଙ୍କ ସହ ସାଙ୍ଗମାନେ ତାଙ୍କୁ ଆମ୍ବୁଲାନ୍ସରେ କଣ୍ଟାମାଳ ଡାକ୍ତରଖାନା ଆଣିଥିଲେ। କଣ୍ଟାମାଳ ମେଡିକାଲ ଅଧିକାରୀ କିନ୍ତୁ ମୃତ ଘୋଷଣା କରିଥିଲେ।

## ଅଘୋଷିତ ବିଦ୍ୟୁତ୍ କାଟ୍‌ରୁ ଅସନ୍ତୋଷ

ଶଗଡା,୨୦।୫(ସମିସ): କଣ୍ଟାମାଳ ବ୍ଲକ୍ ମନମୁଣ୍ଡା ଅଞ୍ଚଳରେ ୨ ଦିନ ଧରି ଅଘୋଷିତ ବିଦ୍ୟୁତ କାଟ୍ ଜନ ଜୀବନକୁ ଅସ୍ତବ୍ୟସ୍ତ କରୁଛି। ଉପଭୋକ୍ତା ସ୍ଥାନୀୟ ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଅସନ୍ତୋଷ ଜାହିର କରିଛନ୍ତି। ଦୁଇ ଦିନ ହେଲା ୪୩ ଡିଗ୍ରୀ ଖରା ଓ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଲାଗି ରହିଛି। ବାରମ୍ବାର ବିଦ୍ୟୁତ୍ କାଟ ସହ ଲୋ ଭୋଲଟେଜ୍ ସମସ୍ୟାରୁ ଉପଭୋକ୍ତା ଅତିଷ୍ଠ ହୋଇ କାର୍ଯ୍ୟାଳୟ ଆଗରେ ପ୍ରତିବାଦ ପ୍ରଦର୍ଶନ କରିଥିଲେ। ତେବେ ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ବିଦ୍ୟୁତ୍ କାଟ୍ ହେଉଛି। ଶୀଘ୍ର ସମାଧାନ ହେବ ବୋଲି କନିଷ୍ଠ ଯନ୍ତ୍ରୀ କହିଛନ୍ତି।




### କଣ୍ଟାମାଳରେ ବିଜେଡିର ନାରୀ ଅଧିକାର ଅଭିଯାନ

# ନାରୀ ସୁରକ୍ଷାକୁ ନେଇ ଶୋଭାଯାତ୍ରା ଓ ବିକ୍ଷୋଭ

କଣ୍ଟାମାଳ,୨୦।୫(ସମିସ)



ବୌଦ୍ଧ ଜିଲ୍ଲା କଣ୍ଟାମାଳରେ ବୁଧବାର ନାରୀ ଅଧିକାର ଅଭିଯାନ କରିଛି। ନାରୀ ସୁରକ୍ଷାକୁ ନେଇ ବିରାଟ ଶୋଭାଯାତ୍ରା ସହ ବିକ୍ଷୋଭ ଓ ସଭା ଅନୁଷ୍ଠିତ ହୋଇଥିଲା। ମହିଳା ସଂରକ୍ଷଣ ଓ ମହିଳା ସୁରକ୍ଷାକୁ ନେଇ ସକାଳେ କଣ୍ଟାମାଳ ସତସଙ୍ଗ ବିହାର ନିକଟରେ ଏକ ବିରାଟ ସଭା ଆୟୋଜିତ ହୋଇଥିଲା। ଜିଲ୍ଲା ବିଜେଡି ସଭାନେତ୍ରୀ ଦୀପ୍ତିପ୍ରଭା ସ୍ୱାଇଁ ଏଥିରେ ସଭାପତିତ୍ୱ କରିଥିଲେ। ପୂର୍ବତନ ବାଚସ୍ପତି ପ୍ରଦୀପ ଅମାତ, ପୂର୍ବତନ କଣ୍ଟାମାଳ ବିଧାୟକ ମହୀଧର ରଣା, କଣ୍ଟାମାଳ ବ୍ଲକ୍ ଅଧ୍ୟକ୍ଷା ସସ୍ମିତା ସେନାପତି, ଉପାଧ୍ୟକ୍ଷ ମହେନ୍ଦ୍ର ରଣା, ବିଜେଡି ରାଜ୍ୟ ସମ୍ପାଦକ ଅଶୋକ ସାହୁ, ଜିଲ୍ଲା ଯୁବ ବିଜେଡି ସଭାପତି ବାବୁଲା ମଲିକ, ବ୍ଲକ୍ ବିଜେଡି ସଭାପତି ରାଧାବଲ୍ଲଭ ପ୍ରଧାନ, ବୌଦ୍ଧ ମହିଳା ବିଜେଡି ସଭାନେତ୍ରୀ ଶ୍ରଦ୍ଧାଞ୍ଜଳି ବାରିକ, ବ୍ଲକ ସରପଞ୍ଚ ସଂଘ ସଭାପତି ସାରଦୁଳ ନାଗ, ବାଳମୁକୁନ୍ଦ ମେହେର, ପ୍ରେମରାଜ ରଣା, ରମାକାନ୍ତ ସାହୁ, ସୁଶାନ୍ତ ନାଏକ, ଘନଶ୍ୟାମ ବୁଢ଼େକ, ସାମନ୍ତ ମାଝି, ପିତାମ୍ବର ଭୋଇ, ବିବସ୍ୱ କହଁର, କୁଲୁତାଜୋର ସରପଞ୍ଚ ଟୁମୁକି ଭୋଇ, ଆମ୍ବଗାଁ ସରପଞ୍ଚ ପ୍ରତିମା ରଣା, ଫିରିଙ୍ଗିଆ ବ୍ଲକ ଉପାଧ୍ୟକ୍ଷ ଅଜିତ ସାହୁ, ଶିବପ୍ରସାଦ ସାହୁ, ମୁରଲୀ ସେଠି, ଯାନୀ ସେନାପତି, ଖମନମୁଣ୍ଡା ସମିତିସଭ୍ୟା ସସ୍ମିତା ବାଘ ପ୍ରମୁଖ ଏହି ବିଶାଳ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବିଜେପି ସରକାରଙ୍କ ନାରୀ ସୁରକ୍ଷା ଓ ମହିଳା ବିରୋଧୀ ନୀତି ବିରୋଧରେ ସମସ୍ତେ ବିଷୋଦଗାର କରିଥିଲେ। ୨୦୨୩ ମସିହାରେ ପାର୍ଲାମେଣ୍ଟରେ ଗୃହୀତ ହୋଇ ଆଇନରେ ପରିଣତ ହୋଇଥିବା ମହିଳା ସଂରକ୍ଷଣ ବିଲ୍‌କୁ ତୁରନ୍ତ ଲାଗୁ କରାଯାଉ। ଲୋକସଭା ଓ ବିଧାନସଭାରେ ୩୩ ପ୍ରତିଶତ ଆସନ ମହିଳାଙ୍କ ଲାଗି ସଂରକ୍ଷଣ କରାଯାଉ। ଓଡିଶାରେ ୨ ବର୍ଷ ଭିତରେ ବଢି ଚାଲିଥିବା ନାରୀ ନିର୍ଯାତନାକୁ ଦମନ କରିବାକୁ ସମସ୍ତେ ଦାବି ରଖିଥିଲେ। ସଭା ପରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସେଠାରୁ ବିରାଟ ଶୋଭାଯାତ୍ରାରେ ବାହାରି ସମସ୍ତେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବା ପରେ ବିଜେପିର ବିଫଳତା ସମ୍ପର୍କରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ କଣ୍ଟାମାଳ ବିଡ଼ିଓ ସାମି ରେଡି ଜୟଶ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

ଏହି ଅବସରରେ ନାରାୟଣପ୍ରସାଦ ପଞ୍ଚାୟତ ପୂର୍ବତନ ନାଏବ ସରପଞ୍ଚ ଦଶରଥ କର୍ମୀ ଓ ନନ୍ଦ ନାଏକ ବିଜେପି ଛାଡି ବିଜେଡିରେ ମିଶିଥିଲେ।

## ଆଜି ପର୍ଯ୍ୟନ୍ତ ଖୁଣ୍ଟିଗୋରା ଆର୍‌ଆଇ ଅଫିସରେ ବିଦ୍ୟୁତ୍ ସଂଯୋଗ ହୋଇପାରିଲାନି

ବୌଦ୍ଧ,୨୦।୫(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଖୁଣ୍ଟିଗୋରା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଆଜି ସୁଦ୍ଧା ବିଦ୍ୟୁତ୍ ସଂଯୋଗ ହୋଇ ପାରିନାହିଁ। ବିଦ୍ୟୁତ ସଂଯୋଗ ନେଇ ଆବେଦନ କରିବାର ଦୀର୍ଘ ମାସ ବିତି ଯାଇଥିଲେ ସୁଦ୍ଧା ବର୍ତ୍ତମାନ ପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ଦିଆ ଯାଇ ନାହିଁ। ଏହା ଫଳରେ କର୍ମଚାରୀ ପ୍ରବଳ ଖରା ସାଙ୍ଗକୁ ଗରମରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ଦେହରୁ ଅନବରତ ଝାଳ ବୋହୁ ଥିବାରୁ କର୍ମଚାରୀ ଠିକ୍‌ରେ କାମ କରି ପାରୁନାହାନ୍ତି। ବିଦ୍ୟୁତ ନ ଥିବାରୁ ଖରାରେ କିଭଳି କର୍ମଚାରୀ କାମ କରୁଛନ୍ତି ତାହା କହିଲେ ନ ଭଲ। ଏ ନେଇ କର୍ମଚାରୀଙ୍କ ଭିତରେ ଅସନ୍ତୋଷ ବଢୁଛି।



■ ଭାଲୁକୁମାରେ କାନ୍ଥ ଫାଟି ଘରେ ପଶିଲା ପାଣି

# ସ୍ଲରି ପାଇପ୍ କାର୍ଯ୍ୟ ବନ୍ଦକଲେ ଗ୍ରାମବାସୀ

ଆନନ୍ଦପୁର, ୨୦।୫ (ସମିସ): ସ୍ଲରି ପାଇପ୍ ବିଛାଇବା ସମୟରେ କମ୍ପନ ଓ ପ୍ରଚଣ୍ଡ ଶବ୍ଦରେ ଘର କାନ୍ଥ କଟମଟ ହୋଇ ଫାଟିଗଲା। ଘରୁ ବାହାରି ଆସି ଜୀବନ ରଖିଲେ ସପରିବାର। ଏହି ଘଟଣାରେ ପାଣି ପଶିବାକୁ ନେଇ ଉକ୍ତ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ପ୍ରତିବାଦରେ ପାଇପ ବିଛା କାର୍ଯ୍ୟ ବନ୍ଦ କଲେ ସ୍ଥାନୀୟ ଗ୍ରାମବାସୀ। କେନ୍ଦୁଝର ଜିଲ୍ଲାରୁ ଲୁହାପଥର ଚାଲାଣ ପାଇଁ ଜେଏସଡବ୍ଲୁ କମ୍ପାନୀ ପକ୍ଷରୁ ଏମ୍‌ପ୍ରୋକନ୍ ଠିକା ସଂସ୍ଥା ଦ୍ୱାରା ୨୦ ନମ୍ବର ଜାତୀୟ ରାଜପଥ କଡ଼ରେ ସ୍ଲରି ପାଇପ୍ ବିଛାଇବା କାମ ଚାଲିଛି। ତେବେ ଘଷିପୁରା ଥାନା ଭାଲୁକୁମା ଅଞ୍ଚଳରେ ପାଇପ୍ ବିଛାଇବା ବେଳେ ହଠାତ୍ ପ୍ରଚଣ୍ଡ ଶବ୍ଦ ହୋଇଥିଲା। ଶବ୍ଦ ଶୁଣି ଭୟଭୀତ ହୋଇ ଘରୁ ବାହାରକୁ ଜୀବନ



ବିକଳରେ ଦୌଡ଼ି ଆସିଥିଲେ ପରିବାର ଲୋକେ ଅଭିଯୋଗ ଅନୁସାରେ ପାଇପ୍ ବିଛାଇବା ସମୟରେ ହେଉଥିବା ଭାଇବ୍ରେସନ୍ ଯୋଗୁଁ ସ୍ଥାନୀୟ ବାସିନ୍ଦା ଭଗବାନ ପଲେଇଙ୍କ ଘରର କାନ୍ଥ ଫାଟି ଆଁ କରିଛି। ଘରର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଫାଟ ସୃଷ୍ଟି ହୋଇଥିବାରୁ ପରିବାର ମଧ୍ୟରେ ଆତଙ୍କ ଖେଳିଯାଇଛି। ଯେକୌଣସି ସମୟରେ ବଡ଼ ଅଘଟଣ ଘଟିପାରେ ବୋଲି ସ୍ଥାନୀୟ ଲୋକେ ଭୟ ପ୍ରକାଶ କରିଛନ୍ତି। ପ୍ରାୟ ୩୦ ଫୁଟ ଗଭୀରରେ ସ୍ଲରି ପାଇପ୍ ବିଛାଯିବା କଥା; କିନ୍ତୁ ଠିକା ସଂସ୍ଥା ପକ୍ଷରୁ ମାତ୍ର ୧୦ରୁ ୧୫ ଫୁଟ ଗଭୀରରେ କାମ କରାଯାଉଥିବାରୁ ଏଭଳି ସମସ୍ୟା ସୃଷ୍ଟି ହେଉଛି। ଘଟଣାକୁ ନେଇ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଥିବା ବେଳେ ସ୍ଥାନୀୟ ଲୋକେ କାମ ବନ୍ଦ କରିଦେଇଛନ୍ତି। ଅନ୍ୟପଟେ କ୍ଷତିଗ୍ରସ୍ତ ପରିବାରକୁ କ୍ଷତିପୂରଣ ଓ ସୁରକ୍ଷା ବ୍ୟବସ୍ଥା ଦାବି କରିଛନ୍ତି ଗ୍ରାମବାସୀ। ପ୍ରଶାସନ ତୁରନ୍ତ ଘଟଣାର ତଦନ୍ତ କରି ଠିକସଂସ୍ଥାର ମନମାନି ବିରୋଧରେ ପଦକ୍ଷେପ ନେବାକୁ ଦାବି ହୋଇଛି।

# ସ୍ନାତକ ପରୀକ୍ଷାରେ କୈରାଳି କଲେଜର ସଫଳତା

ଚମ୍ପୁଆ, ୨୦।୫(ସମିସ): ଚଳିତ ବର୍ଷ ଧରଣୀଧର ବିଶ୍ୱବିଦ୍ୟାଳୟ ସ୍ନାତକ ପରୀକ୍ଷା ୨୦୨୬ର ଚୂଡାନ୍ତ ଫଳାଫଳ ପ୍ରକାଶ ପାଇଛି। ଉକ୍ତ ପରୀକ୍ଷାରେ ଚମ୍ପୁଆସ୍ଥିତ କୈରାଳି ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ଛାତ୍ରୀ ସାମିଆ ସାହିଦ ସର୍ବାଧିକ ନମ୍ବର (୯.୨୧, ସିଜିପିଏ,ଗ୍ରେଡ-୧) ରଖି ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ମହାବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି। ମହାବିଦ୍ୟାଳୟର



ଟପ୍ପର ହୋଇ ସେ ପରିବାର, ଅନୁଷ୍ଠାନ ଓ ଅଞ୍ଚଳର ଟେକ ରଖିଛନ୍ତି। ଏ ସଫଳତାର ଶ୍ରେୟ ସେ ପରିବାର ବର୍ଗ, ଅଧ୍ୟାପକ ଅଧ୍ୟାପିକାଙ୍କୁ ଦେଇଛନ୍ତି। ସେହିପରି ଉଦ୍ଭିଦ ବିଜ୍ଞାନର ଛାତ୍ରୀ ସୁସ୍ମିତା ଗିରି ଗ୍ରେଡ-୧, ରସାୟନ ବିଜ୍ଞାନର ଛାତ୍ରୀ ସ୍ମିତା ରାଣୀ ମହାନ୍ତ ଗ୍ରେଡ-ବି, ଭୂତତ୍ତ୍ୱ ବିଜ୍ଞାନର ଛାତ୍ରୀ ସାଇଦା ସଦଫ (୮.୫ସିଜିପିଏ) ଏବଂ ପଦାର୍ଥ ବିଜ୍ଞାନର ଛାତ୍ର ଉମର ମହମ୍ମଦ (୮.୩୬ସିଜିପିଏ,ଗ୍ରେଡ-୧) ପ୍ରମୁଖ ନିପୁଣତାର ସହ ପ୍ରଥମ ଶ୍ରେଣୀରେ ପାସ୍ କରିଛନ୍ତି। ଏହି ସଫଳତାରେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ପରିଚାଳନା କମିଟିର ଅଧ୍ୟକ୍ଷ ଡ. ରାଜମୋହନ ପି.ଏସ, ସମ୍ପାଦିକା ଉମା ରାଜମୋହନ, ପରିଚାଳକ ମୁରଲୀଧରନ କେ.ଏସ, କାର୍ଯ୍ୟାଳୟ ଅଧକ୍ଷ ଦୈତାରୀ ସାହୁ, ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ବି.ରାମାରାଜୁ, ପ୍ରଧାପକ ଗିରିଜା ଶଙ୍କର କରଙ୍କ ସମେତ ସମସ୍ତ ଅଧ୍ୟାପକଅଧ୍ୟାପିକା ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

▶▶ ଅଙ୍ଗନବାଡ଼ିରେ ମାସମାସ ଧରି ମିଳୁନି ଅଣ୍ଡା ଛତୁଆ

# ତରିମୂଳରେ ମହିଳାଙ୍କୁ ଚପଲ ମାଡ଼ ଘଟଣାକୁ ନିନ୍ଦା

ଆନନ୍ଦପୁର, ୨୦।୫ (ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଘଷିପୁରା ବ୍ଲକ୍ ତରିମୂଳ ଗ୍ରାମର ଜେନା ସାହି ଅଙ୍ଗନବାଡ଼ି କେନ୍ଦ୍ରରେ ମାସ ମାସ ଧରି ମିଳୁନି ଛତୁଆ ଓ ଅଣ୍ଡା। ଦୀର୍ଘ ପାଞ୍ଚ ମାସ ଧରି ହିତାଧିକାରୀ ମହିଳା ଏବଂ ଶିଶୁମାନେ ସୋଲା ମଟର ଭଳି ପୋଷକ ଖାଦ୍ୟ ସାମଗ୍ରୀ ପାଉ ନଥିବା ଅଭିଯୋଗ ହୋଇଛି। ଆଜି ଏହି ଘଟଣାକୁ ନେଇ ସ୍ଥାନୀୟ ମହିଳାମାନେ ଏକତ୍ରିତ ହୋଇ ଅଙ୍ଗନବାଡ଼ି କେନ୍ଦ୍ରରେ ପହଞ୍ଚି ବକେୟା ଖାଦ୍ୟ ସାମଗ୍ରୀ ଦାବି କରିଥିଲେ। ମହିଳାମାନଙ୍କ ଅଭିଯୋଗ ଅନୁଯାୟୀ, ବାରମ୍ବାର ଅଣ୍ଡା ଛତୁଆ ମାଗିବା ସତ୍ତ୍ୱେ ଅଙ୍ଗନୱାଡ଼ି କର୍ମୀ କୌଣସି ସନ୍ତୋଷଜନକ ଉତ୍ତର



ଦେଉ ନଥିଲେ। ପ୍ରଶ୍ନ କଲେ ଧମକ ଓ ଦୁର୍ବ୍ୟବହାର କରାଯାଉଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ଆଜିର ଘଟଣାରେ କଥା କଟାକଟି ଏତେ ବଢ଼ିଯାଇଥିଲା ଯେ ଅଙ୍ଗନୱାଡ଼ି ପରିସର ରଣକ୍ଷେତ୍ରର ରୂପ ନେଇଥିଲା। ଘଟଣାସ୍ଥଳରେ ଅଙ୍ଗନବାଡ଼ି କର୍ମୀ ଚପଲ ଉଠାଇ ମହିଳାଙ୍କୁ ମାରିବାକୁ ଗୋଡ଼ାଇଥିବା ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏହି ସମସ୍ୟା ନୂଆ ନୁହେଁ। ପୂର୍ବରୁ ମଧ ଏନେଇ ଆନନ୍ଦପୁର ଉପଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ ଦିଆଯାଇଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି ସ୍ଥାୟୀ ସମାଧାନ ହୋଇ ନଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଖବର ପାଇ ସିଡିପିଓ ସୁକାନ୍ତି ନାୟକ ଘଟଣାସ୍ଥଳରେ ପହଞ୍ଚି ଉଭୟ ପକ୍ଷଙ୍କ ସହ ଆଲୋଚନା କରିଥିଲେ। ପରେ ଆପୋଷ ବୁଝାମଣା ମାଧ୍ୟମରେ ପରିସ୍ଥିତି ଆୟତ୍ତାଧୀନ ହୋଇଛି।

# ମାଈ ହରିଣର ମୃତଦେହ ଉଦ୍ଧାର

ତୁରୁମୁଙ୍ଗା, ୨୦।୫(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ତୋଣ୍ଡ ବିଟ୍ ଘାଟବାଲିଯୋଡି ଗ୍ରାମ ନିକଟସ୍ଥ ଅଟେଇ ସଂରକ୍ଷିତ ଜଙ୍ଗଲରୁ ଏକ ମାଈ ହରିଣର ମୃତଦେହକୁ ବନ ବିଭାଗ ଜବତ କରିଛି। ସ୍ଥାନୀୟ ଲୋକେ ଜଙ୍ଗଲ ମଧ୍ୟରେ ହରିଣଟିର ମୃତଦେହ ପଡ଼ିଥିବା ଦେଖି ବନ ବିଭାଗକୁ ସୂଚନା ଦେଇଥିଲେ। ସୂଚନା ପାଇ ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଛି। ହରିଣଟିର ମୃତ୍ୟୁ କେମିତି ହେଲା ସେନେଇ ସ୍ପଷ୍ଟ କାରଣ ଜଣାପଡ଼ିନାହିଁ। ପାଟଣା ପଶୁ ଚିକିତ୍ସକଙ୍କ ଦ୍ୱାରା ଶବ ବ୍ୟବଚ୍ଛେଦ କରାଯିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ବନ ବିଭାଗ ସୂଚନା ଦେଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣା ପଡିବ ବୋଲି ବନପାଳ ନିରଞ୍ଜନ ସେଠୀ କହିଛନ୍ତି।

# ଆଇନଜୀବୀ ରବୀନ୍ଦ୍ର ସାହୁଙ୍କ ପରଲୋକ



ଆନନ୍ଦପୁର, ୨୦।୫(ସମିସ): ଆନନ୍ଦପୁର ବାର ଆସୋସିଏସନର ପୂର୍ବତନ ସମ୍ପାଦକ ରବୀନ୍ଦ୍ର କୁମାର ସାହୁ (୫୫)ଙ୍କର ଆଜି ଅକାଳ ବିୟୋଗ ହୋଇଛି। ହଠାତ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଡାକ୍ତର ଚିକିତ୍ସା କରୁଥିବା ସମୟରେ ତାଙ୍କର ଦେହାନ୍ତ ହୋଇଥିଲା। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖବର ପାଇ ବାର ଆସୋସିଏସନ ସଭାପତି ଦୟାନିଧି ଦାଶ, ସମ୍ପାଦକ ମଧୁସ୍ମିତା ଦାଶ, ପୂର୍ବତନ ସଭାପତି ସଞ୍ଜୟମିଶ୍ର, ମନରଞ୍ଜନ ପାଣିଗ୍ରାହୀ, ଅମୀୟଭୂଷଣ ଜେନା, ଶିବସୁନ୍ଦର ସାହୁ ମହେନ୍ଦ୍ର କୁମାର ମହାପାତ୍ର, ଭାଗୀରଥି ଦାଶ, ବିଚିତ୍ର ଚକ୍ର, ସୁବାସ ବିଶ୍ୱାଳ, ପ୍ରଶାନ୍ତ କୁମାର ମହାନ୍ତି, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଯୁବନେତା ଦେବପ୍ରିୟ ପାତ୍ର, ମାନସ ବାରିକ, ଶରତ ପ୍ରଧାନ, ଦେବରାଜ ସାହୁ, ମା'କାଳୀ ପୂଜା କମିଟି ସଭାପତି ହରେକୃଷ୍ଣ ସାହୁଙ୍କ ସମେତ ଅନେକ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ସ୍ଥାନୀୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

# ଔଷଧର ଅନ୍‌ଲାଇନ କାରବାର ବିରୋଧରେ ଆନ୍ଦୋଳନ




ଆନନ୍ଦପୁର, ୨୦।୫ (ସମିସ): ସର୍ବଭାରତୀୟ ମହାସଂଘ ଆହ୍ୱାନରେ ଆନନ୍ଦପୁର ଜୋନର ପ୍ରାୟ ୩ ଶହ ଔଷଧ ବ୍ୟବସାୟୀ ଆଜି ଆନ୍ଦୋଳନରେ ସାମିଲ ହୋଇ ଦୋକାନ ବନ୍ଦ କରି ଦେଇଥିବାରୁ ସ୍ଥାନୀୟ ଜନସାଧାରଣ ବିଶେଷ ଅସୁବିଧାର ସମ୍ମୁଖୀନ ହୋଇଥିବା ଜଣାଯାଇଛି। ହୋଟେଲ ଆଚିଲସଠାରେ ଆୟୋଜିତ ପ୍ରତିବାଦ ସଭାରେ ସଂଘର ଅରୁଣ କୁମାର ଦାସଙ୍କ ସଂଯୋଜନାରେ ଦୀପ୍ତିକାନ୍ତ ମହାପାତ୍ର ଗଣେଶ ଜେନା, ସଚ୍ଚିଦାନନ୍ଦ ସାହୁ ପ୍ରମୁଖ କର୍ମକର୍ତ୍ତା ଜୀବନ ରକ୍ଷାକାରୀ ଔଷଧ ଅନଲାଇନରେ କାରବାରକୁ ବିରୋଧ କରିଥିଲେ। ନିଶାଯୁକ୍ତ ଓ ଗର୍ଭପାତ ଭଳି ବେଆଇନ ଔଷଧ ଅନଭିଜ୍ଞ ଡେଲିଭରି ବୟଙ୍କ ଦ୍ୱାରା କାରବାର ସରକାରୀ ନୀତିନିୟମ ଲଂଘନ କରୁଥିଲେ ମଧ ସରକାର ନିରବ ରହିବା ଘଟଣାରେ ସଂଘ ଉଦବେଗ ପ୍ରକାଶ କରିଛି। ଅନଲାଇନରେ ଔଷଧ କାରବାର ରୋଗୀଙ୍କ ଜୀବନ ପ୍ରତି ବିପଦ ଥିବାବେଳେ ଏପରି କାରବାର ବ୍ୟବସାୟରେ ବଡ କ୍ଷତି ପହଞ୍ଚାଇଛି ବ୍ୟବସାୟିକ ମାନ୍ଦାବସ୍ଥା ଯୋଗୁଁ କେବଳ ଔଷଧ ବ୍ୟବସାୟୀ ନୁହେଁ ଏହି ଦୋକାନରେ ନିୟୋଜିତ ଶହ ଶହ କର୍ମଚାରୀ ପରିବାର ପ୍ରଭାବିତ ହେଉଥିବାରୁ ଆନନ୍ଦପୁର ଜୋନ ଔଷଧ ବ୍ୟବସାୟୀ ସଂଘ ପକ୍ଷରୁ କ୍ଷୋଭ ପ୍ରକାଶ ପାଇଛି। ଦୀର୍ଘଦିନ ଧରି ଏପରି କାରବାରକୁ ବନ୍ଦ କରିବା ପାଇଁ ସର୍ବଭାରତୀୟ ମହାସଂଘ ବିରୋଧ କରିଆସୁଥିବା ବେଳେ ସରକାର କାହିଁକି କୌଣସି ନିଷ୍ପତି ଗ୍ରହଣ କରୁନାହାନ୍ତି ସେନେଇ ସନ୍ଦେହ ପ୍ରକଟ ହୋଇଛି। ସମାବେଶରେ ବାବୁଲି ମିଶ୍ର, ବ୍ରହ୍ମାନନ୍ଦ ଜେନା ରମେଶ ମହାରଣା, ରଘୁନାଥ ପାଢ଼ୀ ମନୁ ପାତ୍ର ଦିଲେଶ୍ୱର ପତି ସଞ୍ଜୟ କୁମାର ମୁଦୁଲି ସୁଦାମ ଚରଣ ଜେନା ହାଡିବନ୍ଧୁ ସାହୁ ଚଞ୍ଚଳ କୁମାର ଗାଙ୍ଗୁଲି ଅଶୋକ କୁମାର ପାଢ଼ୀ ଦେବଜ୍ୟୋତି ସାହୁ ଗଜେନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

**ଚମ୍ପୁଆ:** ସମଗ୍ର ଦେଶ ଓ ରାଜ୍ୟରେ ଅନଲାଇନ୍ ମାଧ୍ୟମରେ ଔଷଧ ବିକ୍ରି ବନ୍ଦ ପ୍ରତିବାଦରେ କେନ୍ଦୁଝର ଜିଲ୍ଲା ଔଷଧ ସଂଘ ଡକରାରେ ଆଜି ଜିଲ୍ଲାର ସମସ୍ତ ଔଷଧ ଦୋକାନ ବନ୍ଦ ରଖିଛନ୍ତି। ଏହି ଆନ୍ଦୋଳନର ମୁଖ୍ୟ ଦାବିଗୁଡିକ ମଧ୍ୟରେ ଅନଲାଇନ୍ ଔଷଧ ବିକ୍ରି ବନ୍ଦ କରିବା, କର୍ପୋରେଟ ସଂସ୍ଥା ମାଧ୍ୟମରେ ଦିଆଯାଉଥିବା ଅତ୍ୟଧିକ ରିହାତି ଉଚ୍ଛେଦ କରିବା, ବଜାରରେ ନକଲି ଔଷଧ ବିକ୍ରି ଉପରେ କଟକଣା ଲାଗୁ କରିବା ଏବଂ ସ୍ଥାନୀୟ ଔଷଧ ଦୋକାନୀଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ପଦକ୍ଷେପ ଗ୍ରହଣ କରିବା। ଏ ସମ୍ବନ୍ଧୀୟ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ଦିଆଯାଇ ଆବଶ୍ୟକ ପଦକ୍ଷେପ ନେବା ପାଇଁ ସଂଘ ପକ୍ଷରୁ ନିବେଦନ କରାଯାଇଛି। ଏହି ବନ୍ଦ ଫଳରେ ଡାକ୍ତରଖାନାର ଜରୁରିକାଳୀନ ସେବା ବାଧାପ୍ରାପ୍ତ ହେବା ସଙ୍ଗେ ସଙ୍ଗେ ରୋଗୀଙ୍କ ସମ୍ପର୍କୀୟମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଏନେଇ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟର କିଛି ଡାକ୍ତରଙ୍କୁ ପଚାରିବାରୁ କହିଥିଲେ କି ଡାକ୍ତରଖାନାରେ ନିରାମୟ ଔଷଧ ମିଳୁଥିବାରୁ ଔଷଧ ଦୋକାନ ବନ୍ଦର ପ୍ରଭାବ ବିଶେଷ ଭାବରେ ପଡ଼ିନାହିଁ।

**ତୁରୁମୁଙ୍ଗା:** କେନ୍ଦୁଝର ଜିଲ୍ଲା ପାଟଣା ଓ ସାହାରପଡ଼ା, କେନ୍ଦେଇପଶି, ତୁରୁମୁଙ୍ଗା ଖିରେଇଟାଙ୍ଗିରୀ ଅଞ୍ଚଳରେ ବୁଧବାର ସମସ୍ତ ଔଷଧ ଦୋକାନ ବନ୍ଦ ରହିଛି। ସାଧାରଣ ଲୋକ ଓ ରୋଗୀମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବିଶେଷ କରି ଜରୁରୀ ଔଷଧ କିଣିବାକୁ ଆସିଥିବା ରୋଗୀ ଓ ସେମାନଙ୍କ ପରିବାର ଲୋକ ନିରାଶ ହୋଇ ଫେରିଯାଇଥିବା ଦେଖାଯାଇଥିଲା। ପାଟଣା ବଜାର ସାହାରପଡା, କେନ୍ଦେଇପଶି ଅଞ୍ଚଳର ଅଧିକାଂଶ ଔଷଧ ଦୋକାନରେ ତାଲା ପଡିଥିବା ବେଳେ, କେତେକ ସ୍ଥାନରେ ବନ୍ଦ ସମର୍ଥନରେ ବ୍ୟବସାୟୀମାନେ ପ୍ରତିବାଦ ଜଣାଇଥିଲେ। ତେବେ ଜରୁରୀ ସ୍ୱାସ୍ଥ୍ୟସେବା ପାଇଁ ସରକାରୀ ହସ୍ପିଟାଲରେ ଔଷଧ ବ୍ୟବସ୍ଥା କରାଯାଇଥିଲା।

# ପରମାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଫଳତା



ଆନନ୍ଦପୁର, ୨୦।୫ (ସମିସ): ଆନନ୍ଦପୁର ପରମାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କର ଚଳିତ ବର୍ଷ ପାସ୍ ହାର ଶତପ୍ରତିଶତ ହୋଇଥିବା ବେଳେ ଏହି ବିଦ୍ୟାଳୟ ଲଗାତାର ନବମ ଥର ପାଇଁ ଶତପ୍ରତିଶତ ସଫଳତା ପାଇଛି। ଶିକ୍ଷାନୁଷ୍ଠାନର ୭୫ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୭୪ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ରୀ ରିତିକା ସାହୁ ୫୫୨ ନମ୍ବର ରଖି ଅନୁଷ୍ଠାନର ପ୍ରଥମ ସ୍ଥାନ ଅଧିକାର କରିଛି। ୧୯ ଜଣ ଛାତ୍ରଛାତ୍ରୀ ୫୦୦ ନମ୍ବରରୁ ଅଧିକ ରଖିଛନ୍ତି। ଛାତ୍ରଛାତ୍ରୀ ନିଜର ସଫଳତାର ଶ୍ରେୟ ଶିକ୍ଷାନୁଷ୍ଠାନର ଅଧ୍ୟାପିକା ଓ ଅଧ୍ୟାପକଙ୍କୁ ପ୍ରଦାନ କରିଛନ୍ତି। ବିଦ୍ୟାଳୟର କ୍ରମାଗତ ସଫଳତାକୁ ନେଇ ବିଦ୍ୟାଳୟ ପ୍ରତି ଅଭିଭାବକଙ୍କ ଆଶା ଓ ଆକାଂକ୍ଷା ବୃଦ୍ଧି ପାଇଛି। ବିଦ୍ୟାଳୟର ନିର୍ଦ୍ଦେଶିକା ଲକ୍ଷ୍ମୀପ୍ରିୟା ସାହୁ ଅଧ୍ୟାପିକା ମମତା ସାହୁ, ଜୟଶ୍ରୀ ଓଝା, ସୁଲାଲିତା ମହାନ୍ତ, ଆୟେଶା ଜେନା ଅଧ୍ୟାପକ ଜଗଦୀଶ ବାରିକ୍, ଦେବବ୍ରତ ଓଝା, ଦେବପ୍ରିୟ ନାୟକ ପ୍ରମୁଖ କୃତୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଚେୟାରମ୍ୟାନ୍ ବିନୋଦ କୁମାର ସାହୁ ଅଧ୍ୟାପକ, ଅଧ୍ୟାପିକାଙ୍କୁ ସଫଳତା ପାଇଁ ଧନ୍ୟବାଦ ଜଣାଇଛନ୍ତି।

# ବୈତରଣୀରେ ବୁଡ଼ି ନାବାଳକ ନିଖୋଜ

ତୁରୁମୁଙ୍ଗା, ୨୦।୫(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ବୈତରଣୀ ନଦୀରେ ବୁଡ଼ି ଜଣେ ନାବାଳକ ନିଖୋଜ ହୋଇଯାଇଛନ୍ତି। ନାବାଳକ ଜଣଙ୍କ ଝାଡ଼ଖଣ୍ଡ ଅଞ୍ଚଳର ହୋଇଥିବା ବେଳେ ତାଙ୍କର ସଠିକ ପରିଚୟ ଏପର୍ଯ୍ୟନ୍ତ ମିଳିପାରିନାହିଁ। ସେ ତୁରୁମୁଙ୍ଗାରେ ରହୁଥିବା ନିଜ ମଉସା ପାଖକୁ ବୁଲିବାକୁ ଆସି ସାଙ୍ଗଙ୍କ ସହ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ସମୟରେ ହଠାତ୍ ଗଭୀର ପାଣିରେ ବୁଡିଯାଇ ନିଖୋଜ ହୋଇଯାଇଥିଲେ। ଘଟଣା ପରେ ସ୍ଥାନୀୟ ଲୋକେ ଓ ଅଗ୍ନିଶମ ବିଭାଗ ପକ୍ଷରୁ ନାବାଳକଙ୍କୁ ଖୋଜାଖୋଜି ଜାରି ରହିଛି। ତୁରୁମୁଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଜୁରୁଡ଼ି ବସ୍ତିରେ ମହିଳାଙ୍କ ଆତ୍ମହତ୍ୟା

ଯୋଡ଼ା, ୨୦।୫(ସମିସ): କେନ୍ଦୁଝର ଜିଲ୍ଲା ବାମେବାରୀ ଥାନା ଅନ୍ତର୍ଗତ ଜୁରୁଡି ଅଞ୍ଚଳରୁ ମଙ୍ଗଳବାର ଜଣେ ମହିଳା ବିଷ ପିଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମହିଳା ଜଣକ ହେଲେ ସୀମା ପୂର୍ତ୍ତି (୨୩)। ୨ ବର୍ଷ ହେବ ସ୍ୱାମୀଠାରୁ ଅଲଗା ହୋଇ ଜୁରୁଡି ବସ୍ତିରେ ଥିବା ନିଜ ବାପ ଘରେ ରହୁଥିଲେ। କିନ୍ତୁ କୌଣସି କାରଣରୁ ସେ ସୋମବାର ବିଳମ୍ବିତ ରାତିରେ ଫିନାଇଲ ଏସିଡ୍ ପିଇଦେଇଥିଲେ। ପରିବାରଲୋକେ ସକାଳୁ ଦେଖି ତାଙ୍କୁ ଗୁରୁତର ଅବସ୍ଥାରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କ ମୃତ୍ୟୁ ହୋଇଥିଲା। ଏନେଇ ବାମେବାରୀ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜଣାପଡିଛି।



ଚମ୍ପୁଆ ସ୍ଥିତ ନିଜ ଘରେ ଫୁଟିଥିବା ବିରଳ ପାରିଜାତ ପୁଷ୍ପକୁ ଦମ୍ପତି ବ୍ୟବସାୟୀ ହରେକୃଷ୍ଣ ନାଏକ ଓ ତାଙ୍କ ପତ୍ନୀ ଭବାନୀ ନାଏକ ପୁରୀ ଗସ୍ତ କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଅର୍ପଣ କରିଛନ୍ତି।

# ଯୁକ୍ତ ୨ ପରୀକ୍ଷା ଫଳ ପ୍ରକାଶ

ତୁରୁମୁଙ୍ଗା, ୨୦।୫(ସମିସ): ଯୁକ୍ତ ୨ ବିଜ୍ଞାନ, କଳା ଓ ଧନ୍ଦାମୂଳକ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ସ୍ୱାମ ପାଟଣା ଆଞ୍ଚଳିକ ମହାବିଦ୍ୟାଳୟର ମୋଟ ୨୪୧ ଜଣ ପରୀକ୍ଷାର୍ଥୀ କଳାରେ ପରୀକ୍ଷା ଦେଇଥିବା ବେଳେ ୧୯୮ ଜଣ ଉତ୍ତୀର୍ଣ୍ଣ ହୋଇ ୫୭ ଜଣ ଫେଲ ହେଇଛନ୍ତି। ପ୍ରଥମ ଶ୍ରେଣୀରେ ୨୫, ଦ୍ୱିତୀୟରେ ୩୪, ତୃତୀୟରେ ୧୩୯ ଜଣ ପାସ କରିଛନ୍ତି। ସେହିଭଳି ବିଜ୍ଞାନରେ ୧୩୪ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୭୫ଜଣ ପାସ କରିଥିବା ବେଳେ ୫୯ ଜଣ ଫେଲ ହୋଇଛନ୍ତି। ପ୍ରଥମ ଶ୍ରେଣୀ ରେ ୭ଜଣ, ଦ୍ୱିତୀୟ ଶ୍ରେଣୀରେ ୨୫ଜଣ, ତୃତୀୟ ଶ୍ରେଣୀରେ ୪୩ଜଣ ଏବଂ କମ୍ପାଟମେଣ୍ଟାଲରେ ଜଣେ ପାସ କରିଛନ୍ତି। ଧନ୍ଦାମୂଳକ ପରୀକ୍ଷାରେ ୪୭ ଜଣ ପରୀକ୍ଷା ଦେଇଥିବା ବେଳେ ୩୬ ଜଣ ପାସ କରିଛନ୍ତି ୧୧ଜଣ ଫେଲ ହେଇଛନ୍ତି। ପ୍ରଥମ ଶ୍ରେଣୀରେ ୪ଜଣ ଓ ଦ୍ୱିତୀୟ ଶ୍ରେଣୀରେ ୩୨ଜଣ ପାସ କରିଥିବା ଅଧକ୍ଷ ବୀରେନ୍ଦ୍ର ସାହୁ କହିଛନ୍ତି। ଏଥିସହ ତୁରୁମୁଙ୍ଗାସ୍ଥିତ ଦଧିବାମନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୧୫୦ ଜଣ ପରୀକ୍ଷା ଦେଇଥିବା ବେଳେ ୧୨୭ ଜଣ ପାସ କରି ୨୩ ଜଣ ଫେଲ ହୋଇଛନ୍ତି। ପ୍ରଥମ ଶ୍ରେଣୀରେ ୨୧, ଦ୍ୱିତୀୟ ଶ୍ରେଣୀରେ ୩୨, ତୃତୀୟ ଶ୍ରେଣୀରେ ୭୪ଜଣ ପାସ କରିଛନ୍ତି। ସେହିଭଳି ବିଜ୍ଞାନରେ ୫୬ଜଣ ପରୀକ୍ଷା ଦେଇଥିବା ବେଳେ ୩୮ ଜଣ ପାସ କରିଛନ୍ତି। ୧୮ ଜଣ ଫେଲ ହୋଇଛନ୍ତି। ପ୍ରଥମ ଶ୍ରେଣୀରେ ୬ଜଣ, ଦ୍ୱିତୀୟ ଶ୍ରେଣୀରେ ୧୪ଜଣ, ତୃତୀୟ ଶ୍ରେଣୀରେ ୧୮ ଜଣ ପାସ କରିଛନ୍ତି। କଳା ତୁରୁମୁଙ୍ଗା ଦଧିବାମନ ଉଚ୍ଚ ମାଧ୍ୟମିକ



ବିଦ୍ୟାଳୟର ସୁନନ୍ଦା ଦେହୁରୀ ସର୍ବାଧିକ ୫୨୮ ନମ୍ବର ରଖି ପାଟଣା ବ୍ଲକ ଟପ୍ପର ହୋଇଥିବା ବେଳେ ବିଜ୍ଞାନରେ ସୁବାସିନୀ ମହାନ୍ତ ୪୫୬ ନମ୍ବର ରଖି ବ୍ଲକ ଟପ୍ପର ହୋଇଛନ୍ତି। ସେହିପରି ଭୀମକୁଣ୍ଡ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୧୧୫ଜଣ ପରୀକ୍ଷା ଦେଇଥିବା ବେଳେ ୧ଶହ ପାସ କରିଛନ୍ତି ୧୫ ଜଣ ଫେଲ ହେଇଛନ୍ତି। ପ୍ରଥମ ଶ୍ରେଣୀ ରେ ୮ଜଣ, ଦ୍ୱିତୀୟ ଶ୍ରେଣୀରେ ୨୬ଜଣ, ତୃତୀୟ ଶ୍ରେଣୀରେ ୬୬ଜଣ ପାସ କରିଛନ୍ତି। ବିଜ୍ଞାନରେ ୪୪ଜଣ ପରୀକ୍ଷା ଦେଇଥିବା ବେଳେ ୩୫ଜଣ ପାସ କରିଛନ୍ତି। ୯ଜଣ ଫେଲ ହେଇଛନ୍ତି। ପ୍ରଥମ ଶ୍ରେଣୀରେ ଜଣେ, ଦ୍ୱିତୀୟ ଶ୍ରେଣୀରେ ୧୦ଜଣ ଓ ତୃତୀୟ ଶ୍ରେଣୀରେ ୨୪ଜଣ ପାସ କରିଥିବା ଅଧକ୍ଷ କୃଷ୍ଣଚନ୍ଦ୍ର ପଣ୍ଡା କହିଛନ୍ତି।

# ଅସୁସ୍ଥ ବିଜେପି ନେତାଙ୍କୁ ଭେଟିଲେ ମନମୋହନ

ଆନନ୍ଦପୁର, ୨୦।୫ (ସମିସ): କେନ୍ଦୁଝର ଜିଲ୍ଲାର ବରିଷ୍ଠ ବିଜେପି ନେତା ଭଗବାନ ସାହୁ ମାସାଧିକ ସମୟ ହେବ ଅସୁସ୍ଥ ଅଛନ୍ତି। ବାମଗୋଡ଼ ଲିଗାମେଣ୍ଟ ସମସ୍ୟା ଯୋଗୁଁ ସେ ମାସେ ହେବ ଘରେ ବିଶ୍ରାମରେ ଅଛନ୍ତି। ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଆଜି ଶ୍ରୀ ସାହୁଙ୍କୁ ତାଙ୍କ ଘଷିପୁରାସ୍ଥିତ ବାସଭବନରେ ଭେଟି ଆଶୁ ଆରୋଗ୍ୟ କାମନା କରିଛନ୍ତି। ଗତ ଏପ୍ରିଲମାସ ୧୩ତାରିଖରେ ଘର ସମ୍ମୁଖରେ ଗାଡ଼ିରୁ ପଡ଼ି ଯିବାରୁ ଶ୍ରୀ ସାହୁ ଗୁରୁତର ଭାବେ ଅସୁସ୍ଥ ହୋଇଥିଲେ। ଭୁବନେଶ୍ୱର ଏମ୍ସ ଡାକ୍ତରଙ୍କ ପରାମର୍ଶକ୍ରମେ ଏବେ ଦୁଇମାସ ସମ୍ପୂର୍ଣ୍ଣ ବିଶ୍ରାମରେ ଅଛନ୍ତି। ମନମୋହନ ସାମଲ ଓ ଭଗବାନ ସାହୁଙ୍କ ମଧ୍ୟରେ ଦୀର୍ଘ ଘଣ୍ଟାଏ ଧରି ରାଜନୈତିକ ଆଲୋଚନା ହୋଇଥିବା ଜଣାପଡ଼ିଛି। ଘଷିପୁରା ଓ ଆନନ୍ଦପୁର ନିର୍ବାଚନମଣ୍ଡଳୀର ବିଜେପିର ସାଙ୍ଗଠନିକ ସ୍ଥିତି ଓ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଛି। ଆରଏସଏସର ବରିଷ୍ଠ ନେତା ଯୁଧିଷ୍ଠିର ମହାରଣା, ଶିକ୍ଷାବିତ୍ ଶ୍ରୀଧର ମହାରଣା, ବିଚିତ୍ର ଚକ୍ର, ପୂର୍ବତନ ପୌରାଧକ୍ଷ ଶାନ୍ତନୁ ସେଠୀ, ବିଜେପିର ପୂର୍ବତନ ମଣ୍ଡଳ ସଭାପତି ସଞ୍ଜୟ ଜେନା, ରାଧାଶ୍ୟାମ ରଣା, ଭଗବାନ ମହାରଣା, ପୂର୍ବତନ ସରପଞ୍ଚ ବିଜୟ ପାତ୍ର, ଧନେଶ୍ୱର ସାହୁ, କେନ୍ଦୁଝର ଜିଲ୍ଲାର ପୂର୍ବତନ ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁମତି ଜେନା, ନଗର ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରଣୟିନୀ ବ୍ରହ୍ମ, ପ୍ରଦୀପ୍ତା ସୁର ପ୍ରମୁଖ ଭଗବାନ ସାହୁଙ୍କୁ ଭେଟି ତାଙ୍କର ଦ୍ରୁତ ଆରୋଗ୍ୟ କାମନା କରିଛନ୍ତି।

# ବିଜୁ ଜନତା ଦଳ ମହିଳା ଶାଖା ପକ୍ଷରୁ ନାରୀ ଅଧିକାର ଅଭିଯାନ

## ଆଇନଶୃଙ୍ଖଳା ଅବନତି ନେଇ ଶୋଭାଯାତ୍ରା ଓ ଦାବିପତ୍ର

କେନ୍ଦୁଝର, ୨୦।୫(ସମିସ)

କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ବିଜୁ ଜନତା ଦଳ ମହିଳା ଶାଖା ତରଫରୁ ମହିଳାଙ୍କୁ ଶତକଡ଼ା ୩୩ ପ୍ରତିଶତ ସଂରକ୍ଷଣ ସହ ନାରୀ ନିର୍ଯାତନା ନିୟନ୍ତ୍ରଣ କରିବାକୁ ଦାବିକରି ବୁଧବାର ପୂର୍ବାହ୍ନରେ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହେବା ସହ ରାଷ୍ଟ୍ରପତିଙ୍କ ଉଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲା ବିଜୁ ଜନତା ଦଳର ସଭାପତି ଆଶିଷ ଚକ୍ରବର୍ତ୍ତୀ ଓ ଜିଲ୍ଲା ବିଜୁ ଜନତା ଦଳ ମହିଳା ଶାଖା ସଭାନେତ୍ରୀ କମଳିନୀ ପାତ୍ରଙ୍କ ନେତୃତ୍ୱରେ ଏହି ବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭାରେ ଜିଲ୍ଲା ବିଜେଡି ସଭାପତି ଆଶିଷ ଚକ୍ରବର୍ତ୍ତୀ କହିଥିଲେ, ନାରୀମାନଙ୍କୁ ସଶକ୍ତ କରିବା କ୍ଷେତ୍ରରେ ବିଜୁ ବାବୁ ହିଁ ଥିଲେ ଯୁଗ ପ୍ରବର୍ତ୍ତକ। ପଞ୍ଚାୟତିରାଜଠାରୁ ଆରମ୍ଭ କରି ସରକାରୀ କ୍ଷେତ୍ରରେ ୩୩ ପ୍ରତିଶତ ସ୍ଥାନ ମହିଳାମାନଙ୍କ ପାଇଁ ସଂରକ୍ଷଣ ଭଳି ସାହସିକ ପଦକ୍ଷେପ ନେଇ ବିଜୁ ବାବୁ ଇତିହାସ ସୃଷ୍ଟି କରି ଯାଇଛନ୍ତି। ନବୀନ ବାବୁଙ୍କ ସରକାର ପଞ୍ଚାୟତିରାଜ ଓ ପୌର ସଂସ୍ଥାରେ ମହିଳା ସଂରକ୍ଷଣକୁ ୫୦ ପ୍ରତିଶତ ବୃଦ୍ଧି କରିଥିଲେ। ୨୦୧୯ ଓ ୨୦୨୪ ନିର୍ବାଚନରେ ଲୋକସଭା ପାଇଁ ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ମହିଳାମାନଙ୍କୁ ୩୩ ପ୍ରତିଶତ ଟିକେଟ ମଧ ଦେଇଥିଲେ। ବିଜେଡି ଦୃଢ ଦାବି କରିଛି ଯେ ୩୩ ପ୍ରତିଶତ ମହିଳା ସଂରକ୍ଷଣ ଉଭୟ




ଲୋକସଭା ଓ ବିଧାନସଭାରେ ତୁରନ୍ତ ଲାଗୁ କରାଯାଉ। ବର୍ତ୍ତମାନ ଲୋକସଭାରେ ସ୍ଥାନ ସଂଖ୍ୟା ଭିତ୍ତିରେ ଏହି ୩୩ ପ୍ରତିଶତ ସଂରକ୍ଷଣ ମହିଳାମାନଙ୍କୁ ଦିଆଯାଉ। ସୀମା ନିର୍ଦ୍ଧାରଣ ବିଲ୍ ସହିତ ମହିଳା ସଂରକ୍ଷଣକୁ ଯୋଡି ମହିଳାଙ୍କ ଭିତରେ ବିଭ୍ରାନ୍ତି ସୃଷ୍ଟି କରାଯା ନଯାଉ ବୋଲି ଶ୍ରୀ ଚକ୍ରବର୍ତ୍ତୀ ପ୍ରକାଶ କରିଥିଲେ। ଜିଲ୍ଲା ବିଜୁ ଜନତା ଦଳର ମହିଳା ଶାଖା ସଭାନେତ୍ରୀ ତଥା ପୂର୍ବତନ ଜିଲ୍ଲା ପରିଷଦ ସଭାନେତ୍ରୀ କମଳିନୀ ପାତ୍ର ଓଡିଶା ଆଜି ମହିଳା ହିଂସା ଓ ଅପରାଧର ପେଣ୍ଠସ୍ଥଳୀ ପାଲଟିଗଲାଣି ବୋଲି କହିବା ସହ ଏହା ରାଜ୍ୟ ସରକାରଙ୍କ ପ୍ରଶାସନିକ ଅବହେଳା ଓ ଦାୟିତ୍ୱହୀନତାକୁ ଦର୍ଶାଉଛି ବୋଲି କହିଥିଲେ। ପୂର୍ବତନ ସାଂସଦ ମାଧବ ସର୍ଦ୍ଦାର ବିଗତ ଦୁଇବର୍ଷରେ ସରକାରଙ୍କ ଅପାରଗତା, ବିଫଳତା ତଥା ଅପରାଧ ନିୟନ୍ତ୍ରଣରେ ଚରମ ଉଦାସୀନତା ହେତୁ ୪୮,୦୦୦ ମହିଳା ହିଂସା ଓ ଯୌନ ନିର୍ଯାତନା ମାମଲା ଥାନାରେ ରେକର୍ଡ ହୋଇଥିବା ପ୍ରକାଶ କରିଥିଲେ। ପୂର୍ବତନ ପାଟଣା ବିଧାୟକ ଜଗନ୍ନାଥ ନାୟକ ୨୦୨୩ରେ ପାର୍ଲାମେଣ୍ଟରେ ଗୃହୀତ ହୋଇ ଆଇନରେ ପରିଣତ ହୋଇଥିବା ମହିଳା ସଂରକ୍ଷଣ ବିଲକୁ ତୁରନ୍ତ ଲାଗୁ କରାଯାଇ ୩୩ ପ୍ରତିଶତ ଲୋକସଭାରେ ଓ ବିଧାନସଭାରେ ମହିଳା ସଂରକ୍ଷଣକୁ ଲାଗୁ କରାଯାଉ ବୋଲି ଦାବିକୁ ଦୋହରାଇଥିଲେ। ବିଜେଡି ରାଜ୍ୟ ମହିଳା ଉପସଭାପତି ମୀନା ମାଝୀ, ଜିଲ୍ଲା ପରିଷଦ ସଭାନେତ୍ରୀ ସାଗରିକା ସାହୁ, ଜିଲ୍ଲା ପରିଷଦ ସଦସ୍ୟ ରଥ ମୁଣ୍ଡା, ଅରୁଣ ବାରିକ, ଝୁମ୍ପୁରା ବ୍ଲକ ଅଧକ୍ଷା ମାଳତୀ ନାଏକ, ବିଜେଡି କାର୍ଯ୍ୟକାରୀ ସଭାପତି ପ୍ରମୋଦ ପଟ୍ଟନାୟକ, ଆଦିବାସୀ ନେତା ସତ୍ୟବ୍ରତ ନାଏକ, ସଦର ବ୍ଲକ ବିଜେଡି ସଭାପତି ଚକ୍ରଧର ପରିଡା, ନଗର ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ଝୁମ୍ପୁରା ବ୍ଲକ ସଭାପତି ଡ଼ମ୍ବୁରୁଧର ଦାସ, ସଦର ବ୍ଲକ ଯୁବ ସଭାପତି ଟିକିନା ବ୍ରହ୍ମ, ରାଜୁ ବାରିକ, ଜଗଦିଶ ଆପଟ, ଭୀମସେନ ଟୁଡୁ, ରାଧାକାନ୍ତ ନାଏକ, ହାଣ୍ଡିଭଙ୍ଗା ସରପଞ୍ଚ ପୂର୍ଣ୍ଣମୀ ସର୍ଦ୍ଦାର, ନାରୀନେତ୍ରୀ ଗୀତାଞ୍ଜଳି ମହାନ୍ତି, ରୁନୁ ମଲ୍ଲିକ, ଗୋଲାପ ନାଏକ, ମଞ୍ଜୁଲତା ନାୟକ, କୁମୁଦୁନୀ ନାଏକ, ଝରଣା ମହାରଣା, ଅଞ୍ଜଳି ନାଏକ, ତୁଳସୀ ମହାନ୍ତ ସହ ପ୍ରାୟ ଏକ ହଜାର ନାରୀ କର୍ମୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।



# ଭୁବନେଶ୍ୱର ସିଟି

ବହୁଚର୍ଚ୍ଚିତ ସରକନ୍ତରା ସୋନୁ ହତ୍ୟାକାଣ୍ଡ

# କଲିଜାଖିଆ ହତ୍ୟାକାରୀଙ୍କୁ ଆଜୀବନ ଜେଲ୍

ଭୁବନେଶ୍ୱର, ୨୦।୫ (ସମିସ)

ବହୁଚର୍ଚ୍ଚିତ ସରକନ୍ତରା କୃତିବାସ ପରିଜା ଓରଫ୍ ସୋନୁ ହତ୍ୟାକାଣ୍ଡ ମାମଲାର ରାୟ ଆଜି ପ୍ରକାଶ ପାଇଛି। ଭୁବନେଶ୍ୱର ସ୍ଥିତ ତୃତୀୟ ଅତିରିକ୍ତ ଜିଲ୍ଲା ଓ ସେସନ୍ସ ଜଜ୍ ହିମାଂଶୁ ଶେଖର ମଲ୍ଲିକ ମାମଲାର ବିଚାରକରି ଆସାମୀ ତଥା ସରକନ୍ତରାର ସଞ୍ଜୟ ଖୁଣ୍ଟିଆ ଓରଫ୍ ବାପୁନି, ସାଗର ପୃଷ୍ଟି ଓରଫ୍ ଲାଲା ଓ ଭରତ ସାହୁ ଓରଫ୍ ବାପିକୁ ଦୋଷୀ ସାବ୍ୟସ୍ତ କରିଛନ୍ତି।

- ଶରୀରକୁ ଖଣ୍ଡଖଣ୍ଡ କରି ଦୟାନଦୀରେ ଭସାଇଥିଲେ
- ମଦ ସାଙ୍ଗରେ ମଣିଷ କଲିଜା ଖାଇଥିଲେ
- ଧାର୍ ଟଙ୍କା ଫେରାଇବାକୁ ନେଇ ହୋଇଥିଲା ହତ୍ୟାକାଣ୍ଡ



ପୁଲିସ ସୂଚନା ଅନୁସାରେ, ସରକନ୍ତରାର ବାପୁନି ସ୍ଥାନୀୟ ଅଞ୍ଚଳର ସୋନୁଙ୍କ ଠାରୁ ୫ ଲକ୍ଷ ଟଙ୍କା ଧାର୍ ନେଇଥିଲା। ୨୦୧୪ ମସିହା ନଭେମ୍ବର ୩ ତାରିଖ ଦିନ ବାପୁନି ଟଙ୍କା ଫେରାଇବା ଆଳରେ ସୋନୁଙ୍କୁ ଡୁମୁଡୁମା ସ୍ଥିତ ଘରକୁ ଡାକିଥିଲା। ସୋନୁ ମଧ୍ୟ ଘରୁ ଆସିବା ବେଳେ ଧାର୍ ଦେଇଥିବା ଟଙ୍କା ଆଣିବାକୁ ବାପୁନି ପାଖକୁ ଯାଉଥିବା ବାପାଙ୍କୁ କହି ଆସିଥିଲେ। ସୋନୁ ଡୁମୁଡୁମା ହାଉସିଂ ବୋର୍ଡ କଲୋନୀ ସ୍ଥିତ ଘରେ ପହଞ୍ଚିବା କ୍ଷଣି ପୂର୍ବ ଯୋଜନା ମୁତାବକ ବାପୁନି, ଲାଲା ଓ ବାପି ମିଶି ତାଙ୍କୁ ହତ୍ୟା କରିଥିଲେ। ହତ୍ୟା କରିବା ପରେ ଗାଧୁଆଘରକୁ ନେଇ ମୃତଦେହକୁ ଖଣ୍ଡଖଣ୍ଡ କରି କାଟି ପଲିଥିନରେ ଭର୍ତ୍ତି କରିଥିଲେ। ଏଭଳି ବିଭତ୍ସ କାଣ୍ଡ ଭିଆଇବା ସମୟରେ ଅଭିଯୁକ୍ତମାନେ ମଦ୍ୟପାନ କରୁଥିଲେ। ଆଉ ଚାଖଣା ନଥିବାରୁ ସୋନୁଙ୍କ କଲିଜାକୁ ଖାଇ ଦେଇଥିଲେ। ହତ୍ୟାକାଣ୍ଡର ପ୍ରମାଣ ନଷ୍ଟ କରିବାକୁ ରାତାରାତି ଘରର ରଙ୍ଗ ବଦଳାଇ ଦେଇଥିଲେ। ବିଳମ୍ବିତ ରାତିରେ ପଲିଥିନରେ ଭର୍ତ୍ତି ହୋଇଥିବା ସୋନୁଙ୍କ ଖଣ୍ଡବିଖଣ୍ଡିତ ଶରୀରକୁ ନେଇ ନଦୀରେ ଭସାଇ ଦେଇଥିଲେ। ସୋନୁ ନିଖୋଜ ହୋଇଥିବା ନେଇ ଭାଇ ଗଣେଶ୍ୱର ପରିଜା ଖଣ୍ଡଗିରି ଥାନାରେ ମ୍ୟାନ୍ ମିସିଂ ରିପୋର୍ଟ (ଏମ୍ଏମ୍ଆର) ଦେଇଥିଲେ।

ଘଟଣାର ଠିକ୍ ପରଦିନ ଅର୍ଥାତ୍ ନଭେମ୍ବର ୪ ତାରିଖ ନାଥପୁର ଗ୍ରାମ ନିକଟ ଦୟା ନଦୀ କୂଳରେ ମଣିଷର କଟା ମୁଣ୍ଡ ପଡ଼ିଥିବା ଖବରପାଇ ଧଉଳି ଥାନା ପୁଲିସ ପହଞ୍ଚିଥିଲା। ଘଟଣାସ୍ଥଳରୁ ମୁହଁର କିଛି ଅଂଶ, ମୁଣ୍ଡର କେଶ ଓ ମସ୍ତିଷ୍କ ଅଂଶ ଭର୍ତ୍ତି ଥିବା ଏକ କଳା ପଲିଥିନ୍ ଜବତ କରିଥିଲା। ଧଉଳି ଥାନାର ପୁଲିସ ଅଧିକାରୀ ପିଏମ୍ ପଟ୍ଟନାୟକଙ୍କ ଅଭିଯୋଗ ଆଧାରରେ ପ୍ରଥମେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିଲା। କଟା ମୁଣ୍ଡର ବ୍ୟବଚ୍ଛେଦ କରାଯାଇ ମେଡିକାଲ ମତାମତ ପାଇଁ ଏସ୍?ସିବି ମେଡିକାଲକୁ ପଠାଯାଇଥିଲା। ମେଡିକାଲ ଅଫିସରଙ୍କ ମତାମତ ପରେ ଏହା ଏକ ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ ହୋଇଥିଲା। ସୋନୁ ନିଖୋଜ ଥିବାରୁ ମୃତଦେହର ଅଂଶ ତାଙ୍କର ହୋଇଥିବା ସନ୍ଦେହ କରି ପୁଲିସ ଡିଏନ୍ଏ ଟେଷ୍ଟ କରିଥିଲା। ଜବତ ହୋଇଥିବା ଶରୀର ଅଂଶଗୁଡିକ ନିଖୋଜ ସୋନୁଙ୍କର ବୋଲି ଡିଏନ୍ଏ ପରୀକ୍ଷାରୁ ସ୍ପଷ୍ଟ ହୋଇଥିଲା। ବାପୁନି, ଲାଲା ଓ ବାପି ମିଶି ସୋନୁଙ୍କୁ ହତ୍ୟା କରିଥିଲେ ବୋଲି ବୈଷୟିକ ବିଶ୍ଳେଷଣ ମାଧ୍ୟମରେ ପୁଲିସ ଜାଣିବାକୁ ପାଇଥିଲା। ୩ ଜଣଙ୍କୁ ଉଠାଇ ଆଣି ପଚରାଉଚରା କରିବା ପରେ ପୁରା ଘଟଣା ପଦାକୁ ଆସିଥିଲା। ଅଭିଯୁକ୍ତମାନେ ସୋନୁଙ୍କୁ ହତ୍ୟା କରିବା ପରେ ପ୍ରମାଣ ନଷ୍ଟ କରିବା ଲାଗି ମୃତଦେହକୁ ଖଣ୍ଡଖଣ୍ଡ କରି ଏକ ଗାଡିରେ ବିଭିନ୍ନ ସ୍ଥାନକୁ ନେଇ ଫିଙ୍ଗି ଦେଇଥିଲେ ଓ ତଦନ୍ତକୁ ଭ୍ରମିତ କରିବା ପାଇଁ ଉକ୍ତ ଗାଡ଼ିକୁ ରେଲୱେ ଷ୍ଟେସନ ନିକଟରେ ଲୁଚାଇ ରଖିଥିଲେ ବୋଲି ପୁଲିସକୁ କହିଥିଲେ। ଆରମ୍ଭରୁ ଅପମୃତ୍ୟୁ ମାମଲା କରି ତଦନ୍ତ କରୁଥିବା ଧଉଳି ଥାନା ପୁଲିସ ପରବର୍ତ୍ତୀ ସମୟରେ ହତ୍ୟାକୁ ପରିବର୍ତ୍ତନ କରିଥିଲା। ଅଭିଯୋଗ ଆଧାରରେ ଧଉଳି ଥାନା କେସ୍ ନଂ-୨୪/୧୪ରେ ଦଫା-୩୦୨/୨୦୧/୩୪ ଆଇପିସି ସହ ଧାରା-୨୭ ଆର୍ମସ ଆକ୍ଟ ଲଗାଇ ମାମଲା ରୁଜୁ କରିଥିଲା। ଇନ୍ସପେକ୍ଟର ଦେବୀପ୍ରସାଦ ଦାସ ଓ ପରବର୍ତ୍ତୀ ସମୟରେ ଇନ୍ସପେକ୍ଟର ରଶ୍ମି ରଞ୍ଜନ ସାହୁ ଘଟଣାର ତଦନ୍ତ କରି ଅଭିଯୁକ୍ତମାନଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲେ।

ଅଦାଲତ ଘଟଣା ସହିତ ସମ୍ପୃକ୍ତ ୨୮ ଜଣ ସାକ୍ଷୀ ଓ ୩୪ଟି ଦସ୍ତାବିଜ ଆଧାରରେ ମାମଲାର ବିଚାର କରି ବାପୁନି, ଲାଲା ଓ ବାପିକୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡ ଶୁଣାଇଛନ୍ତି। ୨୦ ହଜାର ଟଙ୍କା ଲେଖାଏଁ ଜରିମାନା ଦେବାକୁ ଆଦେଶ ଦେଇଛନ୍ତି ଓ ଜରିମାନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୨ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରୋସିକ୍ୟୁଟର ଶୁଭଶ୍ରୀ ଜେନା ଏହି ମାମଲାକୁ ପରିଚାଳନା କରୁଥିଲେ।

### ପପୁ ହତ୍ୟାକାଣ୍ଡରେ ବାପି, କାର୍ବାଇନ ଜବତ ମାମଲାରେ ବାପୁନି

ବ୍ରାଉନସୁଗର ବେପାରକୁ ବିରୋଧ କରିବାରୁ ୨୦୧୯ ମସିହା ନଭେମ୍ବର ମାସରେ ସରକନ୍ତରାର ଅନିଲ ଜେନା ଓରଫ୍ ପପୁଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ସୋନୁ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ବାପି ଓ ତାର ଦୁଇ ସହଯୋଗୀ ମିଶି ପପୁଙ୍କୁ ହତ୍ୟା ଗୁଳିକରି ହତ୍ୟା କରିଥିବା ବେଳେ ପପୁଙ୍କ ବାପା ଗୁଳିମାଡ଼ରେ ଆହତ ହୋଇଥିଲେ। ସେପଟେ ୨୦୨୩ ମସିହାରେ ଅଗଷ୍ଟ ମାସରେ ବାପୁନି, ତା'ର ୩ ସହଯୋଗୀ କାର୍ବାଇନ୍ ଓ ୨ଟି ବନ୍ଧୁକ ଧରି ଘାଟିକିଆରୁ କଳିଙ୍ଗନଗର ଆଡ଼କୁ ଆସୁଥିଲେ। ଖବରପାଇ ତମାଣ୍ଡୋ ଥାନା ପୁଲିସ ଘାଟିକିଆ-କଳିଙ୍ଗନଗର ରାସ୍ତାରେ ଚଢ଼ଉ କରି ବାପୁନି ଓ ତାର ୩ ସହଯୋଗୀଙ୍କୁ ଗିରଫ କରିଥିଲା। ସେମାନଙ୍କ ଠାରୁ କାର୍ବାଇନ୍, ୨ ବନ୍ଧୁକ, ମାଗାଜିନ୍ ଓ ୧୨ଟି ଜୀବନ୍ତ ଗୁଳି ଜବତ କରିଥିଲା। ଦୁଇଟି ଯାକ ମାମଲା ଏବେ ବିଚାରାଧୀନ ରହିଛି।

ପୁରୁଣା ଫଟୋ। ପୁରୁଣା ସ୍ମୃତି



ଭୁବନେଶ୍ୱର, ୨୦।୫ (ସମିସ): ସମୟ ସୁଅରେ ଅନେକ ଉତ୍ଥାନ ପତନ ଦେଇ ଦୁନିଆ ଗତି କରି ଚାଲିଛି, ଯାହା ଅନେକଙ୍କୁ ପରବର୍ତ୍ତୀ ସମୟରେ ଅବିସ୍ମରଣୀୟକରି ରଖିଥାଏ। ସେମିତି ଏକ ଫଟୋ ରହିଛି ଯାହା ଅନେକଙ୍କୁ ପୁରୁଣା ସମୟକୁ ଫେରେଇ ନେଇଥିବ ନିଶ୍ଚିତ। ପୁରୁଣା ଫଟୋ ଅତୀତର ଅଭୁଲା ସ୍ମୃତି ପରି ସବୁବେଳେ ସତେଜ। ଯିଏ ମନେପକାଇ ଦିଏ ଚାଲିଯାଇଥିବା ସମୟ, ମଣିଷ ଏବଂ ଫେରେଇନିଏ କିଛି ସ୍ମୃତିର ଠିକଣା ସ୍ଥାନକୁ। ସମୟ ସହ ରାଜଧାନୀ ଭୁବନେଶ୍ୱରରେ ଅନେକ ପରିବର୍ତ୍ତନ ଆସିଛି। ବଡ ବଡ କୋଠା, ପାଠାଗାର, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଏବଂ ସଂଗ୍ରହାଳୟ ଆଦି ବେଶ ଆକର୍ଷଣୀୟ ଲାଗୁଛି। ହେଲେ ସେ ସମୟରେ କିପରି ହୋଇଥିଲା ଏହାର ଭିତ୍ତିପ୍ରସ୍ତର ସ୍ଥାପନ ଏବଂ କିଏ କରିଥିଲା। ତାହା ହୁଏତ ଖବ କମ ଲୋକଙ୍କୁ ହିଁ ଜଣା। ସେହିଭଳି ଏକ ସମୟକୁ ନେଇ ଆଜିର ଉପସ୍ଥାପନା।

## କେପି ଗୋଲ୍ଡ ରିଫାଇନାରୀ କର୍ମଚାରୀ ଗିରଫ



ଭୁବନେଶ୍ୱର, ୨୦।୫ (ସମିସ): ନକଲି ସୁନା ଚେନ୍ ବିକ୍ରି ଘଟଣାରେ ଆଉ ଜଣଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କେପି ଗୋଲ୍ଡ ରିଫାଇନାରୀ କର୍ମଚାରୀ ତଥା ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ତଳ ସାହିର ବିଶ୍ୱଜିତ ସାହୁ (୩୫)।

ପୁଲିସ ସୂଚନାନୁସାରେ, ପଟ୍ଟାମୁଣ୍ଡାଇର ରଞ୍ଜନ କୁମାର ସାହୁ ଡେଲଟା ଛକରେ ଥିବା ଗହଣା ଦୋକାନକୁ ଯାଇ ନକଲି ଏଚୟୁଆଇଡି ମାର୍କିଂ ଥିବା ସୁନା ଚେନ୍?କୁ ଅସଲି ସୁନା ଅଳଙ୍କାର ବୋଲି କହି ବିକ୍ରି କରିବାକୁ ଚେଷ୍ଟା କରୁଥିଲା। ଗହଣା ବ୍ୟବସାୟୀମାନଙ୍କ ଦ୍ୱାରା ଯାଞ୍ଚ ଓ ପରୀକ୍ଷା କରାଯାଇବା ପରେ ଉକ୍ତ ଚେନ୍‌ଗୁଡ଼ିକ ବ୍ରୋଞ୍ଜ ଧାତୁରେ ନିର୍ମିତ ଓ ତାହା ଉପରେ ସୁନା ପ୍ଲେଟିଂ କରାଯାଇଥିବା ଜଣାପଡ଼ିଥିଲା। ଭୁବନେଶ୍ୱର ଜୁଏଲର୍ସ ଆସୋସିଏସନର ସଭାପତି କେ ବଦ୍ରିନାରାୟଣ ସୁବୁଦ୍ଧିଙ୍କ ଅଭିଯୋଗ କ୍ରମେ ରଞ୍ଜନକୁ ଗିରଫ କରିଥିଲା ଖଣ୍ଡଗିରି ପୁଲିସ। ସେ କଟକ ସ୍ଥିତ କେପି ଗୋଲ୍ଡ ରିଫାଇନେରୀର ବିଶ୍ୱଜିତ ମାଧ୍ୟମରେ ନକଲି ଏଚୟୁଆଇଡି ଷ୍ଟାମ୍ପିଂ କରିଥିବା ରଞ୍ଜନ ପୁଲିସ ଆଗରେ ସ୍ୱୀକାର କରିଥିଲା। ତା' ଠାରୁ ପାଇଥିବା ତଥ୍ୟ ଆଧାରରେ ପୁଲିସ ବିଶ୍ୱଜିତକୁ ଗିରଫ କରି କୋର୍ଟ ଚାଲାଣ କରିଛି।

● ଓଡ଼ିଶା ତାପଜ ବିଦ୍ୟୁତ୍ ନୀତିର ଉପଧାରା ୩ ସଂଶୋଧନ ନିଷ୍ପତ୍ତି

## କଡ଼ା ସମାଲୋଚନା କଲେ ଶକ୍ତି ସମୀକ୍ଷକ

ଭୁବନେଶ୍ୱର,୨୦।୫(ସମିସ): ଓଡ଼ିଶା ତାପଜ ବିଦ୍ୟୁତ୍ ନୀତିର ଉପଧାରା ୩ ସଂଶୋଧନ ପ୍ରସ୍ତାବକୁ ବୁଧବାର ରାଜ୍ୟ କ୍ୟାବିନେଟ ଅନୁମୋଦନ ମିଳିଥବା ବେଳେ ଏହାକୁ କଡ଼ା ସମାଲୋଚନା କରିଛନ୍ତି ଶକ୍ତି ସମୀକ୍ଷକ। ଏପରି ନିଷ୍ପତ୍ତି ରାଜ୍ୟ ସ୍ୱାର୍ଥ ବିରୋଧୀ କାର୍ଯ୍ୟ ଅଟେ ବୋଲି ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଛନ୍ତି।

ନିଜ ପ୍ରତିକ୍ରିୟାରେ ସେ କହିଛନ୍ତି ଯେ ଉକ୍ତ ଉପଧାରା ଅନୁସାରେ ଆଇପିପି ତାପଜ ବିଦ୍ୟୁତ୍ କେନ୍ଦ୍ର ଓଡ଼ିଶାରେ ପ୍ରତିଷ୍ଠା ପାଇଁ ଗ୍ରୀଡକୋ କୁ ଆଇପିପିର ସମୁଦାୟ ଉତ୍ପାଦନରୁ ୧୨ପ୍ରତିଶତ/୧୪ ପ୍ରତିଶତ ବିଦ୍ୟୁତ୍ କେବଳ ପରିବର୍ତ୍ତନଶୀଳ ମୂଲ୍ୟ ଅର୍ଥାତ୍ ଅଧା ମୁଲ୍ୟରେ ଉପଲବ୍ଧ ହେଉଥିଲା। ଏହି ବିଦ୍ୟୁତ୍ ଓଡ଼ିଶା ପାଇଁ ଅତିଶସ୍ତା ଥିଲା। କିନ୍ତୁ ତାହାକୁ ଆଜି ସଂଶୋଧନ କରି ମାତ୍ର ୫ ପ୍ରତିଶତରେ ସୀମିତ କରିଦେବା ଦ୍ୱାରା ଓଡ଼ିଶା ପ୍ରାୟ ଅତିକମରେ ୭ ରୁ ୯ ପ୍ରତିଶତ ଅତି ଶସ୍ତା ବିଦ୍ୟୁତ୍ ହରାଇଲା। ତେଣୁ ସରକାରଙ୍କ ନିଷ୍ପତ୍ତି ରାଜ୍ୟ ସ୍ୱାର୍ଥ ପରିପନ୍ଥୀ ଅଟେ। କାହା ସ୍ୱାର୍ଥ ସୁରକ୍ଷା ପାଇଁ ସରକାର ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି ବୋଲି ଶ୍ରୀ ମହାପାତ୍ର ପ୍ରଶ୍ନ କରିଛନ୍ତି। ଆଇପିପି ତାପଜ ବିଦ୍ୟୁତ୍ କେନ୍ଦ୍ର ଘରୋଇ କମ୍ପାନୀ ପ୍ରତିଷ୍ଠା କରୁଛନ୍ତି। ସେଥିପାଇଁ ରାଜ୍ୟ ସରକାର କୋଇଲା, ଖଣି, ପାଣି ଓ ଜଙ୍ଗଲ ଜମି ଶସ୍ତା ମୁଲ୍ୟରେ ଯୋଗାଇ ଦେଉଛନ୍ତି। ଏଥିପାଇଁ ଓଡ଼ିଶାରେ ପ୍ରଦୂଷଣ ବୃଦ୍ଧି ଘଟୁଛି। ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ନିର୍ଗତ ପାଉଁଶ ଓଡ଼ିଶାରେ ଏକ ବଡ଼ ସମସ୍ୟା ଭାବେ ଉଭା ହେଲାଣି। ଆଗରୁ ଯେଉଁ ୧୨/୧୪% ଅତିଶସ୍ତା ବିଦ୍ୟୁତ୍ ଓଡ଼ିଶାକୁ ମିଳୁଥିଲା, ତାହାବି କମ୍ ଥିଲା ଯାହାକୁ ବୃଦ୍ଧି କରିବାର ଆବଶ୍ୟକ ଥିଲା। କିନ୍ତୁ ତାହାକୁ ଏବେ ସଂଶୋଧନ କରି ୫%କୁ କମ କରିବା ଚିନ୍ତାର ବିଷୟ ବୋଲି ସେ କହିଛନ୍ତି।

## ଜିଲ୍ଲା ଯୋଗାଣ ଅଧିକାରୀଙ୍କ ସମ୍ମିଳନୀ



ଭୁବନେଶ୍ୱର,୨୦।୫(ସମିସ): ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଓ ରାଜ୍ୟ ଯୋଗାଣ ନିଗମ ମିଳିତ ଆନୁକୂଲ୍ୟରେ ବୁଧବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ରାଜ୍ୟସ୍ତରୀୟ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ, ଅତିରିକ୍ତ ଯୋଗାଣ ଅଧିକାରୀ ସମ୍ମିଳନୀରେ ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୋଗାଣ ଅଧିକାରୀମାନଙ୍କ କାର୍ଯ୍ୟଦକ୍ଷତାର ପ୍ରଶଂସା କରିଥିଲେ। ନିକଟରେ ସୃଷ୍ଟି ହୋଇଥିବା ସମ୍ବେଦନଶୀଳସ୍ଥିତି ସମୟରେ ସେମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ବିଭିନ୍ନ ସ୍ଥାନରେ ଚଢ଼ଉ କରି ସେମାନେ ପ୍ରାୟ ୮ ହଜାର ଗ୍ୟାସ ସିଲିଣ୍ଡର ଜବତ କରିଥିଲେ। ସେହିଭଳି ପେଟ୍ରୋଲ-ଡିଜେଲ କଳାବଜାରୀ କରୁଥିବା ଲୋକଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଖାଲି ସେତିକି ନୁହେଁ; ଚାଷୀମାନଙ୍କଠାରୁ ଠିକଣା ସମୟରେ ସେମାନଙ୍କଠାରୁ ଧାନ ସଂଗ୍ରହ, ଖାଦ୍ୟ ସୁରକ୍ଷା ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବା ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଜାରି ରଖିଛନ୍ତି। ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ସୁନିଶ୍ଚିତ କରିବାରେ ଯୋଗାଣ ଅଧିକାରୀଙ୍କ ଭୂମିକା ଅତ୍ୟନ୍ତ ପ୍ରଶଂସନୀୟ ବୋଲି ସେ କହିଥିଲେ। ସେହିଭଳି ଖାଉଟିମାନଙ୍କ ସୁରକ୍ଷା ପାଇଁ ବିଭାଗ ପକ୍ଷରୁ ଖାଉଟି ଫୋରମ୍‌କୁ କାର୍ଯ୍ୟକ୍ଷମ କରାଯାଇଛି। ପ୍ରତି ବ୍ଲକ୍ ଓ ଜିଲ୍ଲା ସ୍ତରରେ ଏହାକୁ ତ୍ୱରାନ୍ୱିତ କରାଯାଇପାରିଲେ ସାଧାରଣ ନାଗରିକ ବିଶେଷ ଭାବେ ଉପକୃତ ହୋଇପାରିବେ। ସେହିଭଳି ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାକୁ ସଫଳ ରୂପାୟନ ଦିଗରେ ସେ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ।

ସେହିଭଳି ବିଭାଗୀୟ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ ନିଜ ଉଦ୍‌ବୋଧନରେ ସାଧାରଣ ଲୋକଙ୍କୁ ତ୍ୱରିତ ସେବା ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଖାଦ୍ୟ ସୁରକ୍ଷା ଯୋଜନାର ସମସ୍ତ ହିତାଧିକାରୀମାନଙ୍କ ଇ-କେୱାଇସି ୯୬ ପ୍ରତିଶତ ଶେଷ ହୋଇଛି। ଏହାକୁ ଶତପ୍ରତିଶତ କରିବା ପାଇଁ ସମସ୍ତଙ୍କର ପ୍ରଚେଷ୍ଟା ଜାରି ରଖିବାକୁ ସେ କହିଥିଲେ। ରାଜ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀ ବିଭିନ୍ନ ପ୍ରସଙ୍ଗ ଉପରେ ସମ୍ମିଳନୀରେ ଆଲୋଚନା କରିଥିବା ବେଳେ ବିଭାଗୀୟ ଅତିରିକ୍ତ ଶାସନଗଣ ନିଜ ନିଜର ମନ୍ତବ୍ୟ ରଖିଥିଲେ। ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ, ଜିଲ୍ଲା ଯୋଗାଣ ଅଧିକାରୀ ଓ ଅତିରିକ୍ତ ଯୋଗାଣ ଅଧିକାରୀଙ୍କ ସମ୍ମିଳନୀରେ ଧାନକିଣା, ଇ-କେୱାଇସି ଓ ମଣ୍ଡି ପରିଚାଳନାରେ ପ୍ରଯୁକ୍ତି ବିଦ୍ୟା ଉପଯୋଗ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଜିଲ୍ଲାଗୁଡ଼ିକୁ ମନ୍ତ୍ରୀ ଶ୍ରୀ ପାତ୍ର ସମ୍ବର୍ଦ୍ଧିତ କରିଥିଲେ।

## ଆପାର୍ଟମେଣ୍ଟ ନିର୍ମାଣ ଆଳରେ ୧.୨ କୋଟି ଠକେଇ; ଧୂର୍ତ୍ତ ଗିରଫ



ଭୁବନେଶ୍ୱର, ୨୦।୫ (ସମିସ): ଜମି ବିକ୍ରି ଓ ଆପାର୍ଟମେଣ୍ଟ ନିର୍ମାଣ ଆଳରେ କୋଟିଏରୁ ଅଧିକ ଟଙ୍କା ଠକି ନେଇଥିବା ଧୂର୍ତ୍ତକୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଲକ୍ଷ୍ମୀସାଗରର ଜ୍ଞାନରଞ୍ଜନ ନାୟକ (୫୩)।

ପୁଲିସ ସୂଚନା ଅନୁସାରେ, ଜ୍ଞାନ ବଡଗଡ଼ ମୌଜାରେ ଏକ ଜମି ବିକ୍ରି ଓ ସେଠାରେ ବହୁତଳ ଆପାର୍ଟମେଣ୍ଟ ନିର୍ମାଣ କରିବାକୁ ଜଗନ୍ନାଥ ପଣ୍ଡାଙ୍କୁ ପ୍ରତିଶ୍ରୁତି ଦେବା ସହ ଜମିର ଡେଭଲପମେଣ୍ଟ କାମରେ ନିବେଶ କରିବା ପାଇଁ ପ୍ରଲୋଭିତ କରିଥିଲା। ତା' କଥାରେ ବିଶ୍ୱାସ କରି ଜଗନ୍ନାଥ ବିଭିନ୍ନ ସମୟରେ ଅଗ୍ରୀମ ଜମି ମୂଲ୍ୟ, ସିକ୍ୟୁରିଟି ଡିପୋଜିଟ୍, ଜମି କନଭର୍ସନ୍ ଫି ଓ ଅନ୍ୟାନ୍ୟ ଡେଭଲପମେଣ୍ଟ ଖର୍ଚ୍ଚ ବାବଦକୁ ବହୁ ପରିମାଣର ଟଙ୍କା ପ୍ରଦାନ କରିଥିଲେ। ଜ୍ଞାନ ମଧ୍ୟ ଜଗନ୍ନାଥଙ୍କ ନାମରେ ଏକ ରେଜିଷ୍ଟର୍ଡ ଡେଭଲପମେଣ୍ଟ ଏଗ୍ରିମେଣ୍ଟ ଓ ଜେନେରାଲ୍ ପାୱାର ଅଫ୍ ଅଟର୍ଣ୍ଣି କରିଥିଲା। ପରବର୍ତ୍ତୀ ସମୟରେ ଜମି କିସମ ବଦଳାଇବା, ରାସ୍ତା ବ୍ୟବସ୍ଥା ଓ ସେଲ୍‌ଫ ଡିଡ୍ କରାଇଦେବା ଭଳି ବିଭିନ୍ନ ବାହାନା ଦେଖାଇ ଜଗନ୍ନାଥଙ୍କୁ ପୁଣି ଟଙ୍କା ଦେବାକୁ ବାଧ କରିଥିଲା। କିନ୍ତୁ ଏତେ ଟଙ୍କା ନେବା ସତ୍ତ୍ୱେ ଜ୍ଞାନ ଜମିକୁ କୃଷି କିସମରୁ ଘରବାଡ଼ି କିସମକୁ ପରିବର୍ତ୍ତନ କରିନଥିଲା। ଏମିତିକି ଆଇନଗତ ରାସ୍ତା ବ୍ୟବସ୍ଥା ଓ ସେଲ୍‌ଫ ଡିଡ୍ ମଧ୍ୟ କରିନଥିଲା। ଜ୍ଞାନ କୋଟିଏ ୨୯ ଲକ୍ଷ ଟଙ୍କା ଆତ୍ମସାତ୍ କରିଥିବା ଜଗନ୍ନାଥ ଅଭିଯୋଗ କରିବା ପରେ ଲକ୍ଷ୍ମୀସାଗର ଥାନା ପୁଲିସ ମାମଲା ରୁଜୁ କରିଥିଲା। ଆଜି ଜ୍ଞାନକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଜାଗୃତି ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ



ଭୁବନେଶ୍ୱର, ୨୦।୫ (ସମିସ): ଜାଗୃତି ସାଂସ୍କୃତିକ ପରିଷଦର ୨୪ତମ ବାର୍ଷିକ ଉତ୍ସବ ରବୀନ୍ଦ୍ର ମଣ୍ଡପଠାରେ ଉଦ୍‌ଘାଟିତ ହୋଇଛି। ଏହି ସାଂସ୍କୃତିକ ସନ୍ଧ୍ୟାରେ ଶ୍ରୀମତୀ ସୁଚିସ୍ମିତା ମନ୍ତ୍ରୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ଓଡ଼ିଶୀ ନୃତ୍ୟଶିଳ୍ପୀ ଡ. ସ୍ନେହପ୍ରଭା ସାମନ୍ତରାୟ ଏବଂ ଓଡ଼ିଶୀ ସଙ୍ଗୀତ ଗୁରୁ ରାମହରି ଦାସ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଉତ୍ସବର ପ୍ରଥମ ସନ୍ଧ୍ୟାକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ଏହି ସନ୍ଧ୍ୟାରେ ଜାଗୃତି କଲ୍‌ଚରାଲ ଏକାଡେମୀର ଛାତ୍ରଛାତ୍ରୀମାନେ 'ନମୋ ଦୁର୍ଗେ', 'ମଙ୍ଗଳାଚରଣ', 'ବଟୁ', 'ପଲ୍ଲବୀ', 'ଅଭିନୟ', 'ସମ୍ବଲପୁରୀ' ଓ 'ରାସ' ପରି ବିଭିନ୍ନ ନୃତ୍ୟ ପରିବେଷଣ କରିଥିଲେ। ଏ ସମସ୍ତ ନୃତ୍ୟାଭିନୟ ଗୁଡ଼ିକୁ ଅନୁଷ୍ଠାନର ନୃତ୍ୟ ଗୁରୁ ତ୍ରିଲୋଚନ ସାହୁ ଓ ଗୁରୁ ଦୁଷ୍ମନ୍ତ କୁମାର ସ୍ୱାଇଁ ନିର୍ଦ୍ଦେଶନା ଦେବା ସହ ପରିଚାଳନା କରିଥିଲେ। ଉତ୍ସବଟି ଗୁରୁ ନିରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବାବେଳେ ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମକୁ ସୁନ୍ଦର ଭାବେ ପରିଚାଳନା କରିଥିଲେ।

## ଧଉଳିରେ ବିଶ୍ୱ ମହୁମାଛି ଚାଷ ଦିବସ



ବାଲିଅନ୍ତା, ୨୦।୫(ସମିସ): ନେକ୍ଟର ଓଡ଼ିଶା ଆନୁକୂଲ୍ୟରେ ଆଜି ଧଉଳି ପାଦ ଦେଶରେ ବିଶ୍ୱ ମହୁମାଛ ଦିବସ ପାଳିତ ହୋଇଯାଇଛି। ଏନେଇ ସିଫାର ଅବସରପ୍ରାପ୍ତ ପ୍ରଶାସନିକ ବିଭାଗର ଅଧିକାରୀ ଦେବବ୍ରତ ସାହୁଙ୍କ ତତ୍ତ୍ୱାବ ଧାନରେ ବିଭିନ୍ନ ଅଞ୍ଚଳର ୬୦ରୁ ଚାଷୀ ଏକାଠି ହୋଇଥିଲେ। ସଭାରେ ଶ୍ରୀ ସାହୁ ସଭାପତିତ୍ୱ କରିଥିଲେ। ସରକାରୀ ସ୍ତରରେ ପ୍ରୋତ୍ସାହନ ଓ ଆର୍ଥିକ ସହାୟତା ଯୋଗାଇ ଦେବା ନେଇ ମହୁଚାଷୀମାନେ ଦାବି କରିଥିଲେ। ସେହିପରି ସଂଗୃହୀତ ମହୁର ଚଷୀ ଯେମିତି ଉପଯୁକ୍ତ ମୂଲ୍ୟ ପାଇବ ସେନେଇ ମଧ୍ୟ ଆଲୋଚନା ହୋଇଥିଲା। ୧୦ ଜଣ ସଫଳ ମହୁମାଛୀ ଚାଷୀଙ୍କୁ ପୁରସ୍କୃତ କରାଯାଇଥିଲା। ମହୁଚାଷୀ ସୁଭେନ୍ଦ୍ର ପ୍ରସାଦ ସାହୁ, ବିଷ୍ଣୁ ପ୍ରସାଦ ମିଶ୍ରଙ୍କ ସମେତ ବହୁ ମହିଳା ଓ ପୁରୁଷ ମହୁମାଛି ଚାଷୀ ସାମିଲ ହୋଇଥିଲେ।

ପୁଲିସ ଇନ୍‌ଫର୍ମର ସନ୍ଦେହରେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

# ଅପରାଧୀଙ୍କ ଆଡ୍ଡାରେ ବୁଲିଲା ବୁଲ୍‌ଡୋଜର

ଭୁବନେଶ୍ୱର, ୨୦।୫ (ସମିସ)

ପୁଲିସ ଇନଫର୍ମର ସନ୍ଦେହରେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିବା ମହଙ୍ଗା ପଡ଼ିଛି। ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଅପରାଧୀଙ୍କ ଆଡ୍ଡାରେ ପୁଲିସ ବୁଲଡୋଜର ଚଲାଇଛି। ଜେସିବି ମେସିନ ଲଗାଇ ଖଟି ସହ ୩ଟି ଦୋକାନ ଘରକୁ ଭାଙ୍ଗି ଦେଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଦେବାଶିଷ ନାୟକ ଓରଫ୍ ସାଲୁ ଓ ବାପି ଓରଫ୍ ରାଜେଶ ତ୍ରିପାଠୀ।

- ଭାଙ୍ଗିଲା ଖଟି ଓ ୩ ଦୋକାନ
- ଶରଣକୁଳରୁ ଧରାପଡ଼ିଲେ ଦୁଇ ଅଭିଯୁକ୍ତ



ପୁଲିସ ସୂଚନାନୁସାରେ, ଅଭ୍ୟାସଗତ ଅପରାଧୀ ସାଲୁ ହୋଇଥିବା ବେଳେ ଦୁଇ ବର୍ଷ ପୂର୍ବେ ଶୈଳଶ୍ରୀବିହାର ଅଞ୍ଚଳର କ୍ଲବ୍ ଘରେ ପଶି ଜଣେ ଯୁବକଙ୍କୁ ଖଣ୍ଡାରେ ହାଣି ଫେରାର ହୋଇ ଯାଇଥିଲା। ଏହାର କିଛିଦିନ ପରେ ଚନ୍ଦ୍ରଶେଖରପୁର ଥାନା ପୁଲିସ ସାଲୁକୁ ଗିରଫ କରିଥିଲା। ତେବେ ସେ ଗିରଫ ହେବା ପଛରେ ସ୍ଥାନୀୟ ଅଞ୍ଚଳର ବିଶ୍ୱରଞ୍ଜନ ଦାସଙ୍କ ଭୂମିକା ରହିଥିବା ସାଲୁ ସନ୍ଦେହ କରି ଆସୁଥିଲା। ସେବେଠାରୁ ବିଶ୍ୱରଞ୍ଜନଙ୍କୁ ପାନେ ଦେବାକୁ ଯୋଜନା କରିଥିଲା।

ଗତକାଲି ବିଶ୍ୱରଞ୍ଜନ ଡମଣାରୁ ଘରକୁ ଫେରୁଥିବା ବେଳେ ଶୈଳଶ୍ରୀବିହାର ପାଣିଟାଙ୍କି ନିକଟରେ ଛିଡ଼ା ହୋଇ ଅନ୍ୟ ଯୁବକଙ୍କ ସହ କଥାବାର୍ତ୍ତା ହେଉଥିଲେ। ସାଲୁ ଓ ବାପି ଅଟୋରେ ଆସି ବିଶ୍ୱରଞ୍ଜନ ଓ କ୍ଲବ ସଦସ୍ୟଙ୍କ ସହ ଝଗଡ଼ା କରିଥିଲେ। ବିଶ୍ୱରଞ୍ଜନ ବୁଝାଇବାକୁ ଚେଷ୍ଟା କରୁଥିବା ବେଳେ ଦୁଇ ଅଭିଯୁକ୍ତ ତାଙ୍କୁ ଲୁହା ଛଡ଼ରେ ନିର୍ମମ ଭାବେ ଆକ୍ରମଣ କରିଥିଲେ। ଆକ୍ରମଣ ଫଳରେ ତାଙ୍କ ମୁହଁ, ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏବେବି ସେ ଚିକିତ୍ସାଧୀନ ଅଛନ୍ତି। ବିଶ୍ୱରଞ୍ଜନଙ୍କ ପତ୍ନୀ ଏନେଇ ଚନ୍ଦ୍ରଶେଖରପୁର ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ନୟାଗଡ଼ ଜିଲ୍ଲା ଶରଣକୁଳ ଥାନା ଅଞ୍ଚଳରେ ଚଢ଼ଉ କରି ସାଲୁ ଓ ବାପିକୁ ଉଠାଇ ଆଣିଥିଲା। ସେମାନଙ୍କ ଠାରୁ ଅଟୋ ଓ ଲୁହା ଛଡ଼ ଜବତ କରିଥିଲା।

ସେପଟେ ଶୈଳଶ୍ରୀ ବିହାର ହାଇସ୍କୁଲ ନିକଟରେ ସାଲୁ ଗ୍ୟାଙ୍ଗ ସରକାରୀ ଜମି ମାଡ଼ି ବସି ଖଟି କରି ଆସୁଛନ୍ତି ବୋଲି ପୁଲିସ ଜାଣିବାକୁ ପାଇଥିଲା। ସେହି ଖଟିରେ ନିଶା ସେବନ କରିବା ସହ ବ୍ଲୁ ପ୍ରିଣ୍ଟ ତିଆରି କରି ବିଭିନ୍ନ ଅପରାଧ ଘଟାଉଛନ୍ତି ବୋଲି ପୁଲିସ ହାତରେ ପ୍ରମାଣ ଲାଗିଥିଲା। ଏଥିସହିତ ଅନ୍ୟ କିଛି ଦୋକାନୀ ଅପରାଧୀଙ୍କୁ ସହଯୋଗ କରୁଥିବା ଅଭିଯୋଗ ହୋଇଥିଲା। ବୁଧବାର ଚନ୍ଦ୍ରଶେଖରପୁର ଥାନା ପୁଲିସ ଓ ବିଏମସି ମିଶି ଉକ୍ତ ଖଟିରେ ବୁଲଡୋଜର ଚଳାଇଛି। ଅପରାଧୀଙ୍କ ଖଟି ଓ ୩ଟି ଦୋକାନକୁ ଭାଙ୍ଗି ମାଟିରେ ମିଶାଇ ଦେଇଛି।

## ପୁଣି ବାଜି ମାରିଲା ଆଇଲର୍ଣ୍ଣ

# ଯୁକ୍ତ ୨ ବିଜ୍ଞାନରେ ଶତ ପ୍ରତିଶତ ସଫଳତା







ଅନୁଗୋଳ,୨୦।୫(ସମିସ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତ ବର୍ଷର +୨ ବିଜ୍ଞାନ ଫଳ ବୁଧବାର ପ୍ରକାଶ ପାଇଛି। ତେବେ ସଫଳତା ପାଇବାରେ ପୁଣି ଏକ ନୂଆ ଇତିହାସ ସୃଷ୍ଟି କରିଛି ତାଳଚେରର ସୂର୍ଯ୍ୟନଗର ସ୍ଥିତ ଆଇଲର୍ଣ୍ଣ ଶିକ୍ଷାକେନ୍ଦ୍ର। +୨ ବିଜ୍ଞାନ ପରୀକ୍ଷାରେ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀମାନେ ୧୦୦% ସଫଳତା ପାଇଛନ୍ତି। ପୂର୍ବ ବର୍ଷଗୁଡ଼ିକ ଭଳି ଚଳିତ ବର୍ଷ ମଧ୍ୟ ଆଇଲର୍ଣ୍ଣର ସମସ୍ତ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ଓଡ଼ିଶାରେ +୨ ବିଜ୍ଞାନରେ ପାସ୍ ହାର ୮୮.୮୦ ପ୍ରତିଶତ ରହିଥିବା ବେଳେ ଆଇଲର୍ଣ୍ଣର ପାସ୍ ହାର ୧୦୦ ପ୍ରତିଶତ ରହିଛି। ଚଳିତବର୍ଷ ଉକ୍ତ ଅନୁଷ୍ଠାନର ମେଧାବୀ ଛାତ୍ର ଜିତେନ୍ଦ୍ର କୁମାର ସାହୁ ୫୫୩ ମାର୍କ ରଖି ଅନୁଷ୍ଠାନ ଟପ୍ପର ହେବା ସହ ତାଳଚେର ସ୍ୱୟଂ ଶାସିତ ମହାବିଦ୍ୟାଳୟର ଟପ୍ପର ହେବାର ଗୌରବ ଅର୍ଜନ କରିଛନ୍ତି। ସେହିପରି ଚଳିତ ବର୍ଷ ଆଇଲର୍ଣ୍ଣରେ ଅଧ୍ୟୟନ କରୁଥିବା ୭୦% ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୬ ଜଣ ୨ୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୧୩ ଜଣ ଛାତ୍ରଛାତ୍ରୀ ୫୦୦ରୁ ଅଧିକ ନମ୍ବର ରଖିଥିବା ବେଳେ ୫୦ ଜଣ ୪୦୦ରୁ ଊର୍ଦ୍ଧ୍ୱ ମାର୍କ ରଖି ପାସ କରିଛନ୍ତି। ୭ ଜଣ ଛାତ୍ରଛାତ୍ରୀ ବିଭିନ୍ନ ବିଷୟରେ ଶତ ପ୍ରତିଶତ ମାର୍କ ରଖି ରାଜ୍ୟରେ ପ୍ରଥମ ହୋଇଛନ୍ତି। ଏହି ଅଭୂତପୂର୍ବ ସଫଳତା ପାଇଁ ଶିକ୍ଷାକେନ୍ଦ୍ର ପରିସରରେ ତଥା ଅଭିଭାବକ ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମହଲରେ ଆନନ୍ଦର ଲହରି ଖେଳିଯାଇଛି। ଆଇଲର୍ଣ୍ଣର ଏହି ସଫଳତାରେ ଅନୁଷ୍ଠାନର ନିର୍ଦ୍ଦେଶିକା ସଞ୍ଜୁଲତା ପାଣି ଆନନ୍ଦ ପ୍ରକାଶ କରିବା ସହ ସମସ୍ତ ସଫଳ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଛାତ୍ରଛାତ୍ରୀଙ୍କ କଠିନ ପରିଶ୍ରମ, ନିରନ୍ତର ଅଧ୍ୟବସାୟ ଏବଂ ଶିକ୍ଷକମାନଙ୍କ ଉପଯୁକ୍ତ ମାର୍ଗଦର୍ଶନ ଯୋଗୁଁ ଏହି ସଫଳତା ସମ୍ଭବ ହୋଇପାରିଛି ବୋଲି ଶ୍ରୀମତୀ ପାଣି ମତବ୍ୟକ୍ତ କରିଛନ୍ତି। ଏଥିସହିତ ସମସ୍ତ କୃତକାର୍ଯ୍ୟ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ସେମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇଛନ୍ତି। ସ୍ଥାନୀୟ ଅଞ୍ଚଳରେ ଆଇଲର୍ଣ୍ଣ ଶିକ୍ଷାକେନ୍ଦ୍ରର ଏହି ଫଳାଫଳ ଅନୁଷ୍ଠାନର ସୁନାମକୁ ଆହୁରି ବୃଦ୍ଧି କରିଛି। ଏଠାରେ ସୂଚନା ଯୋଗ୍ୟ ଯେ, ୨୦୧୨ରୁ ୨୦୨୬ ଦୀର୍ଘ ୧୫ ବର୍ଷ ଧରି ଲଗାତର ଆଇଲର୍ଣ୍ଣର ପିଲାମାନେ ଶତପ୍ରତିଶତ ସଫଳତା ହାସଲ କରି ଆସୁଛନ୍ତି।

## ଏଲିଟ ଏକ୍ସଲେନ୍ସର ସଫଳତା

# ସମସ୍ତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ

ତାଳଚେର ସହର,୨୦।୫(ସମିସ): ତାଳଚେର ବଡ଼ସିଂହଡ଼ା ସ୍ଥିତ ଏଲିଟ୍ ଏକ୍ସଲେନ୍ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଚଳିତ ବର୍ଷ +୨ ବିଜ୍ଞାନ ସିଏଚ୍ଏସି ବୋର୍ଡ ପରୀକ୍ଷାରେ ଅସାଧାରଣ ସଫଳତା ଅର୍ଜନ କରିଛି। ମୋଟ ୪୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ସମସ୍ତେ ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେଥିମଧ୍ୟରୁ ୩୦ ଜଣ ଛାତ୍ରଛାତ୍ରୀ ୭୦%ରୁ ଅଧିକ ନମ୍ବର ରଖିଥିବାବେଳେ, ୧୩ ଜଣ ୮୦%ରୁ ଅଧିକ ଏବଂ ୨ ଜଣ ଛାତ୍ର ୯୦%ରୁ ଅଧିକ ନମ୍ବର ରଖିଛନ୍ତି। ଅନ୍ୟ ସମସ୍ତ ଛାତ୍ରଛାତ୍ରୀ ପ୍ରଥମ ବିଭାଗରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ପ୍ରଥମ ବର୍ଷରେ ହିଁ ଏହି ଶତ ପ୍ରତିଶତ ଫଳାଫଳ ଅନୁଷ୍ଠାନ ପାଇଁ ଏକ ଐତିହାସିକ ସଫଳତା। ଶ୍ରୀଶେଶ୍ ପ୍ରତାପ ପତି ସର୍ବାଧିକ ୯୨.୧% ନମ୍ବର ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ସେ ଦଶମ ଶ୍ରେଣୀରେ ୮୨% ନମ୍ବର ପାଇଥିଲେ।




ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପ୍ରତ୍ୟେକ ଛାତ୍ରଛାତ୍ରୀ ନିଜ ଦଶମ ଶ୍ରେଣୀର ଫଳାଫଳ ତୁଳନାରେ ଅଧିକ ଭଲ ପ୍ରଦର୍ଶନ କରିଛନ୍ତି। ଏହା ହେଉଛି କଲେଜର ପ୍ରଥମ ବ୍ୟାଚ୍। ଏହି ଅଭୂତପୂର୍ବ ସଫଳତା ନିଶ୍ଚିତ ଭାବେ ଆଗାମୀ ଦିନରେ ଅନ୍ୟମାନଙ୍କ ପାଇଁ ପ୍ରେରଣା ହେବ। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ସୁଶୀଲ୍ ପ୍ରସାଦ ସାହୁ, ନିର୍ଦ୍ଦେଶକ କିଶୋର ଚନ୍ଦ୍ର ବେହେରା ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି। ଏଥିସହିତ ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ■ ନାଲ୍କୋନଗର ସରସ୍ୱତୀ ବିଦ୍ୟାମନ୍ଦିର

# କଳାରେ ପାସ୍‌ହାର ଶତପ୍ରତିଶତ; ବିଜ୍ଞାନରେ ୯୭.୮୨

**କଳାରେ ପ୍ରାଚୀ ଓ ବିଜ୍ଞାନରେ ଶେଖ ମୁସ୍ତାକ ବିଦ୍ୟାଳୟ ଟପ୍ପର**

ନାଲ୍କୋ ନଗର,୨୦।୫(ସମିସ): ନାଲକୋ ସରସ୍ୱତୀ ବିଦ୍ୟାମନ୍ଦିରର ଯୁକ୍ତ ଦୁଇରେ ପାସ୍‌ହାର କଳାରେ ଶତ ପ୍ରତିଶତ ଏବଂ ବିଜ୍ଞାନରେ ୯୭.୮୨ ପ୍ରତିଶତ ହୋଇଛି। କଳା ବିଭାଗରେ ୯୭ ଏବଂ ବିଜ୍ଞାନରେ ୪୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। କଳାରେ ପ୍ରଥମ ଶ୍ରେଣୀରେ ୪୭, ଦ୍ୱିତୀୟ ଶ୍ରେଣୀରେ ୩୯ ଏବଂ ତୃତୀୟ ଶ୍ରେଣୀରେ ୧୧ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରାଚୀ ସୁବୁଦ୍ଧି ସର୍ବାଧିକ ୫୩୨ ନମ୍ବର ରଖି ବିଦ୍ୟାଳୟ ଟପ୍ପର ହୋଇଥିବାବେଳେ ନଜମା ଖାତୁନ ୫୦୫ ନମ୍ବର ରଖି ଦ୍ୱିତୀୟ ସ୍ଥାନ, ୪୯୧ ନମ୍ବର ରଖି ସୋନାଲି ସାହୁ ତୃତୀୟ ସ୍ଥାନରେ ରହିଛନ୍ତି।

ସେହିପରି ବିଦ୍ୟାଳୟର ବିଜ୍ଞାନ ବିଭାଗରେ ୪୬ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୪୫ଜଣ କୃତକାର୍ଯ୍ୟ ହୋଇଛନ୍ତି। ପ୍ରଥମ ଶ୍ରେଣୀରେ ୩୬ଜଣ ଏବଂ ଦ୍ୱିତୀୟ ଶ୍ରେଣୀରେ ୬ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ସର୍ବାଧିକ ୫୪୨ ନମ୍ବର ରଖି ଶେଖ ମୁସ୍ତାକ ଅଲ୍ଲୀ ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ସାଇଶ୍ରିତା ସେଠୀ ୫୩୮ ନମ୍ବର ରଖି ଦ୍ୱିତୀୟ ଏବଂ ୫୨୬ ନମ୍ବର ରଖି ଶୁଭେନ୍ଦୁ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିବା ଅଧ୍ୟକ୍ଷ ଡ. ବିଶ୍ୱଜିତ୍ ତ୍ରିପାଠୀ ପ୍ରକାଶ କରିଛନ୍ତି। ସେ ସ୍କୁଲର ଶିକ୍ଷକ/ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କୁ ଏନେଇ ଧନ୍ୟବାଦ ଜଣାଇଛନ୍ତି। ଏହି ଅବସରରେ ପରିଚାଳନା ସମିତିର ସମସ୍ତ ସଦସ୍ୟ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

# କିଶୋରନଗର କଲେଜର ପାସ୍ ହାର ୯୫.୯୬%

**୫୪୯ ନମ୍ବର ସହ ଜିନା ଦେହୁରୀ ଟପ୍ପର**

କିଶୋରନଗର,୨୦।୫(ସମିସ): କିଶୋରନଗର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ +୨ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ପାଇଛନ୍ତି। କଳା, ବାଣିଜ୍ୟ ଓ ବିଜ୍ଞାନରେ ସମୁଦାୟ ୩୨୨ ଜଣ ପିଲା ପରୀକ୍ଷା ଦେଇଥିବାବେଳେ ୩୦୯ ଜଣ ପାସ୍ କରିଛନ୍ତି। ଅର୍ଥାତ୍ ଏହି ବିଦ୍ୟାଳୟର ପାସ୍ ହାର ୯୫.୯୬ ପ୍ରତିଶତ ରହିଛି। କଳାରେ ସର୍ବାଧିକ ୨୪୬ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ୨୩୬ ଜଣ କୃତକାର୍ଯ୍ୟ ହୋଇଛନ୍ତି। ବିଦ୍ୟାଳୟର ୩ଜଣ ପିଲା ୯୦% ବା ତା'ଠାରୁ ଅଧିକ ନମ୍ବର ରଖିବାରେ ସମର୍ଥ ହୋଇଥିବାବେଳେ ଜିନା ଦେହୁରୀ ସର୍ବାଧିକ ୫୪୯ ନମ୍ବର ରଖି ବିଦ୍ୟାଳୟର ଟପ୍ପର ହୋଇଛନ୍ତି। ସେହିପରି ରାଲିଶା ପ୍ରଧାନ ୫୪୬ ଓ ସୁଚିସ୍ମିତା ସାହୁ ୫୪୫ ନମ୍ବର ରଖି ଏହି ବର୍ଗରେ ସାମିଲ ହୋଇଛନ୍ତି। ପ୍ରଥମ ଶ୍ରେଣୀରେ ୮୯ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବାବେଳେ ଦ୍ୱିତୀୟରେ ୪୦ ଓ ତୃତୀୟ ଶ୍ରେଣୀରେ ୧୦୬ ପିଲା ପାସ୍ କରିଛନ୍ତି। ଅନୁରୂପ ଭାବେ ବିଜ୍ଞାନ ସମସ୍ତ ୧୬ ଜଣ ପିଲା ଉତ୍ତୀର୍ଣ୍ଣ ହୋଇଥିବାବେଳେ ପ୍ରତିମା ପ୍ରଧାନ ଓ ଲକି ବେହେରା ୪୭୧ ନମ୍ବର ଲେଖାଏଁ ରଖି ଯୁଗ୍ମ ପ୍ରଥମ ସ୍ଥାନରେ ରହିଛନ୍ତି। ବାଣିଜ୍ୟରେ ମୋଟ୍ ୬୦ ଜଣ ପିଲାଙ୍କ ମଧ୍ୟରୁ ୫୭ ଜଣ କୃତକାର୍ଯ୍ୟ ହୋଇଥିବାବେଳେ ୪୫୦ ରଖି ପ୍ରିୟଦର୍ଶିନି ପ୍ରଧାନ ପ୍ରଥମ ସ୍ଥାନରେ ରହିଛନ୍ତି।

## ଯୁକ୍ତଦୁଇ ପରୀକ୍ଷା ଫଳ ପ୍ରକାଶ

# ସମା ସାନିଆ ବେଗମ୍ ଏ-୧ ଗ୍ରେଡ୍‌ରେ ପାସ୍



ଅନୁଗୋଳ,୨୦।୫(ସମିସ): ଆଜି ଯୁକ୍ତ ଦୁଇ ପରୀକ୍ଷା ଫଳ ପ୍ରକାଶ ପାଇଛି। ଆଠମଲ୍ଲିକ ଝିଅ ସମା ସାନିଆ ବେଗମ୍ ଏ-୧ ଗ୍ରେଡ୍‌ରେ ପାସ୍ କରିଛନ୍ତି। ସେ ୬୦୦ ନମ୍ବରରୁ ମୋଟ ୫୭୮ ନମ୍ବର ବା ୯୬ ପ୍ରତିଶତ ମାର୍କ ରଖିଛନ୍ତି। ଏହି କୃତିତ୍ୱ ପାଇଁ ସମା ନିଜ ବାପା ମାଆ, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ସମାଙ୍କ ବାପା ମେହେମ୍ମୁଦ ଖାଁ ଆଠମଲ୍ଲିକ ନ୍ୟୁଜ୍-୭ର ସାମ୍ବାଦିକ ଏବଂ ମା' ରୋଜି ବେଗମ ଏକ ଘରୋଇ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରନ୍ତି। ଏହି ଖବର ପ୍ରଚାରିତ ହେବାପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି। ସମା ସାନିଆ ବେଗମ ୯୬ ପ୍ରତିଶତ ମାର୍କ ରଖି ଆଠମଲ୍ଲିକ ମାଟିକୁ ଗୌରବାନ୍ୱିତ କରିଛନ୍ତି।

## ଅନୁଗୋଳ ଜୁନିୟର କଲେଜ

# କଳାରେ ରୁପାଲି, ବିଜ୍ଞାନରେ ରତିକାନ୍ତ ଓ ବାଣିଜ୍ୟରେ ଜାଗ୍ରତ ଟପ୍ପର

ଅନୁଗୋଳ,୨୦।୫(ସମିସ): ଅନୁଗୋଳ ସରକାରୀ କଲେଜ ଉଚ୍ଚ ମାଧ୍ୟମିକ ଯୁକ୍ତ ଦୁଇ କଳା, ବିଜ୍ଞାନ ଏବଂ ବାଣିଜ୍ୟ ବିଭାଗର ପରୀକ୍ଷା ଫଳ ପ୍ରକାଶ ପାଇଛି। କଳା ବିଭାଗରେ ୨୪୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ପାସ ହାର ୯୧.୨% ହୋଇଛି। ପ୍ରଥମ ଶ୍ରେଣୀରେ ୧୩୭, ଦ୍ୱିତୀୟ ଶ୍ରେଣୀରେ ୪୪ ଜଣ ଏବଂ ତୃତୀୟ ଶ୍ରେଣୀରେ ୪୨ଜଣ ପାସ୍ କରିଛନ୍ତି।

କଲେଜସ୍ତରରେ ସର୍ବାଧିକ (୫୫୨) ନମ୍ବର ରଖି ରୁପାଲି ନାୟକ ଟପ୍ପର ହୋଇଥିବା ବେଳେ, ପ୍ରତୀକ୍ଷା ପ୍ରଧାନ ୫୪୨ ନମ୍ବର ରଖି ଦ୍ୱିତୀୟ ସ୍ଥାନ ଏବଂ ମୋନାଲିସା ଜେନା ୫୩୫ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବିଜ୍ଞାନ ବିଭାଗରେ ୩୦୫ ଜଣ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ପ୍ରଥମ ଶ୍ରେଣୀରେ ୨୩୭ ଜଣ, ଦ୍ୱିତୀୟ ଶ୍ରେଣୀରେ ୩୨ଜଣ ଏବଂ ତୃତୀୟ ଶ୍ରେଣୀରେ ୯ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ରତିକାନ୍ତ ବେହେରା ୫୮୬ନମ୍ବର ରଖି କଲେଜ ସ୍ତରରେ ଶ୍ରେଷ୍ଠ ହୋଇଥିବା ବେଳେ ସୁଚରିତା ପ୍ରଧାନ ୫୮୦ନମ୍ବର ରଖି ଦ୍ୱିତୀୟ ଏବଂ ହିତେଶ କୁମାର ସିଂହ ୫୭୨ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

ବାଣିଜ୍ୟ ବିଭାଗରେ ଚଳିତ ବର୍ଷ ୨୨୫ଜଣ ପରୀକ୍ଷା ଦେଇଥିଲେ। ପ୍ରଥମ ଶ୍ରେଣୀରେ ୫୬ଜଣ, ଦ୍ୱିତୀୟ ଶ୍ରେଣୀରେ ୩୬ଜଣ ଏବଂ ତୃତୀୟ ଶ୍ରେଣୀରେ ୧୦୨ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ ହୋଇଛନ୍ତି। କଲେଜରେ ସର୍ବାଧିକ ନମ୍ବର (୫୪୨)ରଖି ଜାଗ୍ରତ ମୁଦୁଲି ପ୍ରଥମ ହୋଇଥିବା ବେଳେ ଅସିତ ନାଥ ୫୨୬ ରଖି ଦ୍ୱିତୀୟ ଏବଂ ନିଖିଲ କୁମାର ସିଂହ ୫୨୫ ନମ୍ବର ରଖି ତୃତୀୟ ସ୍ଥାନ ହାସଲ କରିଛନ୍ତି। କୃତୀ ଛାତ୍ରଛାତ୍ରୀଙ୍କୁ ଅଧ୍ୟକ୍ଷ ଅଭିନନ୍ଦନ ଜଣାଇଛନ୍ତି।

# ଟ୍ରେନ ଲାଇନ୍‌ରେ କଟି ଯୁବକ ମୃତ

ତାଳଚେର,୨୦।୫(ସମିସ): ତାଳଚେର ହାଟତୋଟା ଦେଇ ରେମୁଁଆ ଯାଇଥିବା ଏନ୍‌ଟିପିସି ରେଳଧାରଣାରେ ଆଜି ସକାଳେ କାମାକ୍ଷାନଗର ବାଲିସାହି ଅଞ୍ଚଳର ଦୁର୍ଯ୍ୟୋଧନ ପାଣିଗ୍ରାହୀଙ୍କ ପୁତ୍ର କନିଷ୍ଠ ପାଣିଗ୍ରାହୀ (୫୦)ଙ୍କର ଟ୍ରେନ୍‌ରେ କଟି ମୃତ୍ୟୁ ଘଟିଛି। ସେ ଦୀର୍ଘଦିନ ହେବ ତାଳଚେର ରେମୁଁଆ ଅଞ୍ଚଳରେ ରହି ଆସୁଥିଲେ। କେଉଁ କାରଣରୁ ଓ କିପରି ଭାବେ ରେଳଧାରଣାରେ ତାଙ୍କର ଏପରି ମୃତ୍ୟୁ ଘଟିଲା ଜଣାପଡ଼ିନାହିଁ। ଖବର ପାଇ ପୁଲିସ୍ ପହଞ୍ଚି ଶବ ଜବତ କରିବା ସହ ତଦନ୍ତ ଜାରି ରଖିଛି। ବିଧାୟକ ବ୍ରଜକିଶୋର ପ୍ରଧାନ ସେଠାରେ ପହଞ୍ଚି ଏନ୍‌ଟିପିସି କର୍ତ୍ତୃପକ୍ଷଙ୍କୁ ଯୋଗଯୋଗ କରିବା ପରେ ଏନ୍‌ଟିପିସି କର୍ତ୍ତୃପକ୍ଷ ମୃତ ପରିବାରକୁ ୫୦ହଜାର ଟଙ୍କା ପ୍ରଦାନ କରିଥିବା ବିଧାୟକ କହିଛନ୍ତି।



## ● ପିଇଓଙ୍କୁ ମାଡ଼ ଓ ମରଣାନ୍ତକ ଆକ୍ରମଣ

# ନାଏବ ସରପଞ୍ଚଙ୍କ ସ୍ୱାମୀଙ୍କ ବିରୋଧରେ ମାମଲା

କଣିହାଁ,୨୦।୫(ସମିସ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ରେଙ୍ଗାଳି ଥାନା ଅନ୍ତର୍ଗତ ବାଲିପଶି ଗ୍ରାମ ପଞ୍ଚାୟତରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ)ଙ୍କୁ ମାଡ଼ ଓ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ନାଏବ ସରପଞ୍ଚଙ୍କ ସ୍ୱାମୀଙ୍କ ନାମରେ ମାମଲା ରୁଜୁ ହୋଇଛି। ନାଏବ ସରପଞ୍ଚଙ୍କ ସ୍ୱାମୀ ବିଷ୍ଣୁଚରଣ ପ୍ରଧାନ ନିଶାସକ୍ତ ଅବସ୍ଥାରେ ପଞ୍ଚାୟତ କାର୍ଯ୍ୟାଳୟରେ ପଶି କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଷ୍ମନ୍ତ ବେହେରାଙ୍କୁ କୋ÷ଣସି କାରଣରୁ ଗାଳିଗୁଲଜ ସହ ମାଡ଼ ମାରି ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଘଟଣାକୁ ନେଇ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସଂଘ ପକ୍ଷରୁ କଣିହାଁ ବିଡିଓଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲା। ପରେ ଏହି ଘଟଣାରେ ରେଙ୍ଗାଳି ଥାନାରେ ଏତଲା ଦାଖଲ ହେବା ସହ ଆଇନଗତ ପଦକ୍ଷେପ ପାଇଁ କଣିହାଁ ବିଡିଓଙ୍କ ପକ୍ଷରୁ ପାଲଲହଡା ଏସଡିପିଓ, ତାଳଚେର ଉପଜିଲ୍ଲାପାଳ ଓ ଅନୁଗୋଳ ଜିଲ୍ଲାପାଳଙ୍କୁ ମଧ ଅବଗତ କରାଯାଇଛି। ଏହି ଘଟଣାରେ ରେଙ୍ଗାଳି ପୁଲିସ ବାଲିପଶି ପଞ୍ଚାୟତର ନାଏବ ସରପଞ୍ଚଙ୍କ ସ୍ୱାମୀ ବିଷ୍ଣୁଚରଣ ପ୍ରଧାନ ଓ ତାଙ୍କ ସହଯୋଗୀ ରାଜୁ ସାହୁଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ସୂତ୍ରରୁ ପ୍ରକାଶ।

# ଶାଗ ଖାଇ ଗୋଟିଏ ପରିବାରର ୫ ଅସୁସ୍ଥ

କାମାକ୍ଷାନଗର,୨୦।୫(ସମିସ): ଶାଗ ଖାଇ ଗୋଟିଏ ପରିବାର ୫ଜଣ ଅସୁସ୍ଥ ହୋଇଛନ୍ତି। ଗୁରୁତର ଅବସ୍ଥାରେ ସେମାନଙ୍କୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ, କଙ୍କଡାହାଡ଼ ଗ୍ରାମର ଲକ୍ଷ୍ମୀ ସାହୁ, ଶ୍ରୀମତୀ ସାହୁ, ପୂର୍ଣ୍ଣିମା ସାହୁ, କୌଶଲ୍ୟ ସାହୁ ଓ ବର୍ଷାରାଣୀ ସାହୁ ଗୋଟିଏ ପରିବାରର। ବୁଧବାର ସମସ୍ତେ ସାଙ୍ଗ ହୋଇ ମଧ୍ୟାହ୍ନ ଭୋଜନ ଖାଇଥିବାବେଳେ ସେଥିରେ ଶାଗ ଖାଇଥିଲେ। ପରେ ସମସ୍ତଙ୍କ ମୁଣ୍ଡ ବୁଲାଇବା ସହିତ ଅସୁସ୍ଥ ଅନୁଭବ କରିଥିଲେ। ଏହା ଦେଖି ପରିବାରର ଅନ୍ୟ ସଦସ୍ୟମାନେ ସେମାନଙ୍କୁ ତୁରନ୍ତ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ପରୀକ୍ଷା କରିବା ପରେ ସମସ୍ତଙ୍କୁ ସାଲାଇନ ଓ ଆବଶ୍ୟକୀୟ ଔଷଧ ଦେବାପରେ ସମସ୍ତେ କାମାକ୍ଷାନଗର ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ତେବେ ଶାଗରେ କିଛି ବିଷାକ୍ତ ପୋକ କିମ୍ବା ଅନ୍ୟ କୌଣସି ବିଷାକ୍ତ ଜିନିଷ ମିଶିଥିବାରୁ ଏପରି ବିଷକ୍ରିୟା ହୋଇଥିବା ଅନୁମାନ କରାଯାଉଛି।

# ଟେଣ୍ଟ ହାଉସ୍ କର୍ମଚାରୀଙ୍କୁ ବିଭତ୍ସ ହତ୍ୟା

କାମାକ୍ଷାନଗର,୨୦।୫(ସମିସ): ତୁମୁସିଙ୍ଗା ଥାନା ସୋଗରପାଟଣା ଗ୍ରାମରେ ଟେଣ୍ଟ ହାଉସ୍‌ରେ କାମ କରୁଥିବା ଜଣେ ଯୁବକଙ୍କ ମୃତଦେହ ଠାବ ହୋଇଛି। ମୃତକ ହେଲେ ସେହି ଗ୍ରାମର ନରୋତ୍ତମ ମହାରଣା। ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

ସୂଚନା ଅନୁସାରେ, ନରୋତ୍ତମ ଲାଇଟ ଓ ସାଉଣ୍ଡ ଅପରେଟର ଭାବେ ଏକ ଟେଣ୍ଟ ହାଉସ୍‌ରେ କାମ କରନ୍ତି। ମଙ୍ଗଳବାର ରାତିରେ ସେ ଘରେ ଖାଇସାରି ଗାଁ ମଣ୍ଡପରେ ବସିଥିବା ବେଳେ କୌଣସି ଏକ ନମ୍ବରରୁ ତାଙ୍କ ନିକଟକୁ ଏକ କଲ୍ ଆସିଥିଲା। ସେ ସେହି ବ୍ୟକ୍ତିଙ୍କ ସହ କଥାବାର୍ତ୍ତା ହେଉଥିବା ବେଳେ କୌଣସି କାରଣକୁ ନେଇ ଝଗଡ଼ା ହୋଇଥିଲା। ଏହାପରେ ସେ କେଉଁଆଡେ ଯାଇଥିଲେ। ତା' ପରେ ଆଉ ଘରକୁ ଫେରି ନଥିଲେ। ଆଜି ସକାଳୁ ତାଙ୍କ ମୃତଦେହ ଘର ନିକଟରେ ପଡ଼ିଥିବା ତାଙ୍କ ଭାଇ ଦେଖିବାକୁ ପାଇଥିଲେ। ନରୋତ୍ତମଙ୍କର ଗାଁରେ କାହା ସହିତ କୌଣସି ଶତ୍ରୁତା ନଥିବା ପରିବାର ଲୋକ କହିଛନ୍ତି। ମାତ୍ର କୌଣସି କାରଣରୁ ଯୋଜନାବଦ୍ଧ ଭାବେ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକ ତୁମୁସିଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ଖବର ପାଇ ତୁମୁସିଙ୍ଗା ପୁଲିସ ପହଞ୍ଚି ଢେଙ୍କାନାଳ ଜିଲ୍ଲା ସାଇଣ୍ଟିଫିକ୍ ଟିମ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ କରିଛନ୍ତି। ବିଭିନ୍ନ ଦିଗକୁ ନେଇ ପୁଲିସ ତଦନ୍ତ କରୁଛି।

# ଅଘୋଷିତ ବିଦ୍ୟୁତ୍ କାଟ; ଜନଜୀବନ ଅସ୍ତବ୍ୟସ୍ତ

ବଅଁରପାଳ,୨୦।୫(ସମିସ): ବଅଁରପାଳ ଅଞ୍ଚଳରେ ଟାଟା ପାୱାର କମ୍ପାନୀର ମନମାନୀ ଦିନକୁ ଦିନ ବଢୁଛି। ଉପୋଭୋକ୍ତାଙ୍କ ନିଜସ୍ୱ ଅଭିଯୋଗକୁ ଗୁରୁତ୍ୱ ନଦେବା ଓ ବିଦ୍ୟୁତ୍ ବିଲ ପୈଠରେ ସାମାନ୍ୟ ବିଳମ୍ବ ହେଲେ ବିଦ୍ୟୁତ ସଂଯୋଗ କାଟିଦେବାର ଧମକ ଦେବା ଏକ ସାଧାରଣ ଘଟଣାରେ ପରିଣତ ହେଲାଣି। ରକ୍ଷଣାବେକ୍ଷଣା ନାମରେ ବାରମ୍ବାର ଅଘୋଷିତ ଓ ଦୀର୍ଘ ସମୟ ଧରି ବିଦ୍ୟୁତ କାଟ ଯୋଗୁ ଉପୋଭୋକ୍ତା ଅସ୍ତବ୍ୟସ୍ତ ହୋଇପଡୁଛନ୍ତି। ପାରଦ ୪୨ ଡିଗ୍ରୀ ଉପରେ ରହୁଥିବାରୁ ଘରୁ ବାହାରି ହେଉନାହିଁ। ବିଦ୍ୟୁତ ବିଭ୍ରାଟ ଯୋଗୁଁ ଘରେ ରହିଲେ ମଧ୍ୟ ନିସ୍ତାର ନାହିଁ। ବଅଁରପାଳ ସ୍ଥିତ ଭୀମସେନ କଲୋନୀରେ ବିଗତ ସପ୍ତାହେ ହେଲା ବିଦ୍ୟୁତ ଯୋଗାଣରେ ବ୍ୟାପକ ବିଭ୍ରାଟ ହେଉଥିବା କଲୋନୀବାସୀ ଅଭିଯୋଗ କରିଛନ୍ତି। ଟାଟା ପାୱାର ପକ୍ଷରୁ ଲଗାଯାଇଥିବା କେବୁଲ ପୁରୁଣା ହୋଇ ଦୁର୍ବଳ ହୋଇ ଯାଇଥିବାରୁ ବାରମ୍ବାର ଛିଣ୍ଡୁଛି। ବିଭାଗ ପକ୍ଷରୁ ନୂତନ କେବୁଲ ନଲଗାଇ ସେହି ପୁରୁଣା କେବୁଲକୁ ସଜାଡି ଲଗାଉଥିବାରୁ ବାରମ୍ବାର ଏଭଳି ଘଟଣା ଘଟୁଛି। ଅଭିଯୋଗ କଲେ ବାରମ୍ବାର ମିଥ୍ୟା ପ୍ରତିଶୃତି ମିଳୁଛି। ଏନେଇ କଲୋନୀର ବରିଷ୍ଠ ନାଗରିକମାନେ କ୍ଷୋଭ ପ୍ରକାଶ କରିବା ସହ ସ୍ଥାନୀୟ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ଆଗରେ ଧାରଣା ଦେବେ ବୋଲି ସଜବାଜ ହେଉଛନ୍ତି।

# ସମସ୍ତ ଔଷଧ ଦୋକାନ ବନ୍ଦ; ଲୋକେ ହନ୍ତସନ୍ତ

ଅନୁଗୋଳ,୨୦।୫(ସମିସ): ବିଭିନ୍ନ ଦାବି ନେଇ ଆହ୍ୱାନ ମୋଡ୍‌କୁ ଓହ୍ଲାଇଛି ଜାତୀୟ ଔଷଧ ବିକ୍ରେତା ସଂଘ।ଏହାକୁ ସମର୍ଥନ କରି ଅନୁଗୋଳ କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏସନ୍ ବୁଧବାର ଜିଲ୍ଲାର ସମସ୍ତ ଔଷଧ ଦୋକାନ ବନ୍ଦ ରଖିଥିଲେ। ଫଳରେ ଲୋକମାନେ ଔଷଧ ପାଇଁ ବହୁ ହନ୍ତସନ୍ତ ହୋଇଥିବା ଦେଖିବାକୁ ମିଳିଥିଲା। ସଂଘର ଦାବି ଆପତ୍ତି ନେଇ ପୂର୍ବରୁ ଅନୁଗୋଳ ଜିଲ୍ଲା ପ୍ରଶାସନକୁ ସଂଘ ପକ୍ଷରୁ ଅବଗତ କରାଯାଇଥିଲା। କିନ୍ତୁ କୌଣସି ଫଳ ନମିଳିବାରୁ ବାଧହୋଇ ସଂଘ ପକ୍ଷରୁ ବୁଧବାର ଔଷଧ ଦୋକାନ ସବୁ ବନ୍ଦ ରହିଥିଲା। ଦେଶରେ ଇ-ଫାର୍ମାସୀର ବ୍ୟାପକ ଅଭିବୃଦ୍ଧି ଫଳରେ ଲକ୍ଷ ଲକ୍ଷ ଔଷଧ ଦୋକାନୀ ପେଟରେ ଗୋଇଠା ମାଡ଼ ହୋଇଛି ବୋଲି ସଂଘ ଅଭିଯୋଗ କରିଛି।




ଏହାଦ୍ୱାରା ଟିକସ ଫାଙ୍କି ସହ ଅବୈଧ ଔଷଧର ବହୁଳ ବିକ୍ରୟ ଦ୍ୱାରା ଔଷଧ ଦୋକାନୀମାନେ ବହୁଳ ଭାବେ କ୍ଷତିଗ୍ରସ୍ତ ହେଉଛନ୍ତି। ସେହିଭଳି କର୍ପୋରେଟ ହାଉସ ଗୁଡ଼ିକ ଔଷଧ ଗୁଡ଼ିକର ମନଇଚ୍ଛା ଦର ବୃଦ୍ଧି କରିବା ଦ୍ୱାରା ଔଷଧ ଶିଳ୍ପରେ ଅନିୟମିତତା ସୃଷ୍ଟି ହେଉଛି। ସରକାରଙ୍କୁ ବାରମ୍ବାର ଜଣାଇଲେ ମଧ କୌଣସି ସୁଫଳ ମିଳୁନାହିଁ। କର୍ପୋରେଟ ସଂସ୍ଥା ମନଇଚ୍ଛା ଔଷଧରେ ରିହାତି ଦେବା ଦ୍ୱାରା ଅନ୍ୟ ଔଷଧ ଶିଳ୍ପ ଗୁରୁତର ସଙ୍କଟର ସମ୍ମୁଖୀନ ହେଉଛି। ଏହି ସବୁ କାରଣରୁ ବୁଧବାର ଔଷଧ ଦୋକାନ ସମ୍ପୂର୍ଣ୍ଣ ବନ୍ଦ୍ କରିବାକୁ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା ବୋଲି ଅନୁଗୋଳ ସଂଘର ସଭାପତି ସୁବୋଧ କୁମାର ମିଶ୍ର, ସମ୍ପାଦକ ନିର୍ମଳ ଚନ୍ଦ୍ର ମିଶ୍ର, ସଂଗଠନ ସମ୍ପାଦକ ଗିରିଜା ନନ୍ଦଙ୍କ ସମେତ ବିପିନ ମହାପାତ୍ର, ଭୀମସେନ ସାହୁ, ବିଜୟାନନ୍ଦ ଚୌଧୁରୀ ପ୍ରମୁଖ ପ୍ରକାଶ କରିଛନ୍ତି।

# କାକା ହତ୍ୟାକାରୀ ପୁତୁରାକୁ ଆଜୀବନ କାରାଦଣ୍ଡ

ଆଠମଲ୍ଲିକ,୨୦।୫(ସମିସ): ଆଠମଲ୍ଲିକ ଥାନା ଅଞ୍ଚଳରେ ଘଟିଥିବା ଏକ ହତ୍ୟା ମାମଲାର ଶୁଣାଣି କରି ମଙ୍ଗଳବାର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ରଞ୍ଜନ କୁମାର ସୂତାର କାକା ହତ୍ୟାକାରୀ ପୁତୁରା ଅର୍ଜୁନ ପ୍ରଧାନ (୩୬)କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଥିବା ଜଣାପଡ଼ିଛି। ଜରିମାନା ଅନାଦାୟ ଅଧିକ ୨ ବର୍ଷ ଜେଲ ଦଣ୍ଡର ଆଦେଶ ରହିଛି। ଘଟଣାରୁ ପ୍ରକାଶ ଯେ, ଆଠମଲ୍ଲିକ ଥାନା ବିଜିପୁର ଗ୍ରାମରେ ଗତ ୨୨ ସେପ୍ଟେମ୍ବର ୨୦୨୦ରେ ଏକ ଜାଗା ମାପ ଓ ବାଡ଼ ଦେବା ଘଟଣାକୁ ନେଇ ଅର୍ଜୁନ ପ୍ରଧାନ ଓ ତାର କାକା ସଇତା ପ୍ରଧାନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଘଟଣା ଦିନ ସଇତା ପାଖ ଜଙ୍ଗଲକୁ ଛେଳି ଚରାଇବାକୁ ଯାଉଥିବା ବେଳେ ବାଟରେ ଅର୍ଜୁନ ତାକୁ ଅଟକାଇ ଟାଙ୍ଗିଆରେ ମୁଣ୍ଡକୁ ହାଣିଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସଇତା ତଳେ ପଡ଼ିଯାଇଥିଲା। ଏହି ସମୟରେ ଅର୍ଜୁନ ଅତ୍ୟନ୍ତ ନୃଶଂସ ଭାବେ ବଳଦ ହଳରେ ପୁଣି ସଇତାକୁ ବାନ୍ଧି ଘୋଷାଡ଼ି ଘୋଷାଡ଼ି ନେଇଥିଲା। ଫଳରେ ସଇତାର ମୃତ୍ୟୁ ଘଟିଥିଲା। ମୃତ ସଇତାର ପୁଅ ପ୍ରକାଶ ପ୍ରଧାନର ଅଭିଯୋଗ କ୍ରମେ ଆଠମଲ୍ଲିକ ଥାନାର ତତ୍କାଳୀନ ଭାରପ୍ରାପ୍ତ ଅଧିକାରୀ ପ୍ରିୟବ୍ରତ ଦାଶ ଏକ ହତ୍ୟା ମାମଲା ରୁଜୁ କରି ହତ୍ୟାକାରୀ ଅର୍ଜୁନକୁ କୋର୍ଟ ଚାଲାଣ କରିଥିଲେ। ସମସ୍ତ ସାକ୍ଷ୍ୟପ୍ରମାଣକୁ ଭିତ୍ତିକରି କରି ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ରଞ୍ଜନ କୁମାର ସୂତାର ଆଜି ହତ୍ୟାକାରୀ ପୁତୁରା ଅର୍ଜୁନକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।

# ରାଜସ୍ଥାନ ଗଣଦୁଷ୍କର୍ମ ଘଟଣାରେ ଏସୟୁସିଆଇ (କମ୍ୟୁନିଷ୍ଟ)ର ବିକ୍ଷୋଭ

କଣିହାଁ,୨୦।୫(ସମିସ): ରାଜସ୍ଥାନରେ ଦୁଇ ଭଉଣୀଙ୍କୁ ଗଣଦୁଷ୍କର୍ମ ଏବଂ ଆ÷ହତ୍ୟା ଘଟଣାରେ ଏସୟୁସିଆଇ (କମ୍ୟୁନିଷ୍ଟ) କେନ୍ଦ୍ରୀୟ କମିଟି ଆହ୍ୱାନରେ ସାରା ଭାରତ ପ୍ରତିବାଦ ଦିବସ ପରିପ୍ରେକ୍ଷୀରେ ଏସୟୁସିଆଇ (କମ୍ୟୁନିଷ୍ଟ) ,କଣିହାଁ ଆଞ୍ଚଳିକ କମିଟି ପକ୍ଷରୁ ଏନଟିପିସି ବାଇପାସ ଛକ ଠାରେ ଏକ ପ୍ରତିବାଦ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ସେଠାରେ ଜିଲ୍ଲା କମିଟି ସଭ୍ୟ ଟୁନା ନାଏକଙ୍କ ସଭାପତିତ୍?ରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଦଳର ରାଜ୍ୟ କମିଟି ସଭ୍ୟ ପ୍ରହ୍ଲାଦ ଚନ୍ଦ୍ର ସାହୁ ଯୋଗ ଦେଇ ଉକ୍ତ ଘଟଣାକୁ ଦୃଢ ନିନ୍ଦା କରିବା ସହିତ ବିଜେପି ସରକାରର ବେଟି ବଞ୍ଚାଓ ନାରା ଫେଲ ମାରିଛି ତା' ନୁହେଁ, ନାରୀ, ଛାତ୍ରୀ ଏପରିକି କୋମଳମତି ଶିଶୁ କନ୍ୟାଙ୍କ ସୁରକ୍ଷା ଭୟଙ୍କର ଭାବେ ବିପନ୍ନ ହୋଇପଡ଼ିଛି ବୋଲି ତୀବ୍ର ସମାଲୋଚନା କରିଥିଲେ। ଜିଲା କମିଟି ସଭ୍ୟ ପରମାନନ୍ଦ ସାହୁ, ଆଞ୍ଚଳିକ କମିଟି ସଭ୍ୟ ପଙ୍କଜିନୀ ସିଂ, ପ୍ରତାପ ପ୍ରଧାନ, ଅଭୟ ନାଏକ ବକ୍ତବ୍ୟ ଦେଇ ଗଣ ଦୁଷ୍କର୍ମକାରୀଙ୍କୁ କଠୋର ରୁ କଠୋର ଶାସ୍ତି ଦେବା ଓ ନାରୀ, ଛାତ୍ରୀମାନଙ୍କ ସାମାଜିକ ନିରାପତ୍ତାକୁ ସୁନିଶ୍ଚିତ କରିବାକୁ ଦାବୀ କରିଛନ୍ତି।

# ଗୁରୁଜାଙ୍ଗ ପୁଞ୍ଜି ବାରପଟିଆ ଜମିଦାର କନ୍ଧ ସମାଜର ବାର୍ଷିକ ସଭା

 କିଶୋରନଗର,୨୦।୫(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ ନବଦୀପପୁର ପତ୍ରଫଣ୍ଡିଠାରେ କନ୍ଧ ବାରପଟିଆ ଜମିଦାର କନ୍ଧ ସମାଜ ପକ୍ଷରୁ ବାର୍ଷିକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମାଜର ସଂଗଠନକୁ ଆଗକୁ ବଢ଼ାଇବା, ସମାଜର ରୀତିନୀତି ଅନୁସାରେ ଚଳିବା, ଯୁବପିଢ଼ିଙ୍କୁ ରୋଜଗାରକ୍ଷମ କରାଇବା, ଋଣନେଇଥିବା ସଭ୍ୟ ଋଣ ପରିଶୋଧ କରି ଋଣ ନେଇଥିଲେ ଏବଂ ସମାଜର କେସ ସମାଧାନ କରିଥିଲେ। ଏହି ସଭା ସମାଜର ସଭାପତି ଦିବାକର ପ୍ରଧାନ, ସମ୍ପାଦକ ନିର୍ମଳ ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା। ଏଥିରେ ପନ୍ଦର ଖଣ୍ଡ ଗ୍ରାମର ୨ଶହ ମେମ୍ବର ଯୋଗଦେଇଥିଲେ।



**ବିଜୁ ମହିଳା ଜନତା ଦଳ ପକ୍ଷରୁ ନାରୀ ଅଧିକାର ସମାବେଶ**

# ‘ମୁଖ୍ୟମନ୍ତ୍ରୀ ଓ ବାଚସ୍ପତି ପଦ ମର୍ଯ୍ୟାଦା ରଖୁନାହାଁନ୍ତି’





**ବିଞ୍ଝାରପୁର,୨୦।୫(ସମିସ):** ପ୍ରବାଦ ପୁରୁଷ ବିଜୁ ବାବୁ ମୁଖ୍ୟମନ୍ତ୍ରୀ ଥିବା ସମୟରେ କେତେ କେନ୍ଦ୍ରମନ୍ତ୍ରୀ ତାଙ୍କୁ ତାଙ୍କ ବାସଭବନରେ ଭେଟନ୍ତି। ତାଙ୍କ ପୁଅ ନବୀନ ବାବୁ ମୁଖ୍ୟମନ୍ତ୍ରୀ ଥିବା ସମୟରେ କେନ୍ଦ୍ରମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଜାତୀୟ ସ୍ତରର ନେତା ତାଙ୍କୁ ସମ୍ମାନ କରିଥାନ୍ତି। କିନ୍ତୁ ଏବେ ମୁଖ୍ୟମନ୍ତ୍ରୀ ଏବଂ ବାଚସ୍ପତି ନିଜର ପଦମର୍ଯ୍ୟାଦା ରକ୍ଷା ନ କରି ଦଳୀୟ କର୍ମୀ ଭାବେ କାର୍ଯ୍ୟ କରୁଥିବା କହି କଟାକ୍ଷ କରିଛନ୍ତି ବିରୋଧୀ ଦଳ ମୁଖ୍ୟ ସଚେତିକା ପ୍ରମିଳା ମଲ୍ଲିକ। ନିଜ ଦଳର ଜାତୀୟ ସଭାପତିଙ୍କୁ ସାକ୍ଷାତ କରିବା ପାଇଁ ଏୟାରପୋର୍ଟ ଯିବା, ସେଠାରେ ଫୁଲତୋଡ଼ା ଦେଇ ଅପେକ୍ଷା କରିବା କୌଣସି ମୁଖ୍ୟମନ୍ତ୍ରୀ ଏବଂ ବାଚସ୍ପତିଙ୍କୁ ଶୋଭାପାଏନି ବୋଲି ପ୍ରମିଳା ଆଜି ଏକ ଦଳୀୟ ସମାବେଶରେ ଯୋଗ ଦେବା ଅବସରରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ବିଞ୍ଝାରପୁର ବିଜେଡି ପକ୍ଷରୁ ଆୟୋଜିତ ‘ନାରୀ ଅଧିକାର ଅଭିଯାନ’ କାର୍ଯ୍ୟକ୍ରମକୁ ମହିଳା ସଭାନେତ୍ରୀ ଅହଲ୍ୟା ସ୍ୱାଇଁ ସଭାପତିତ୍ୱ କରିଥିଲେ। ବିଞ୍ଝାରପୁର ବ୍ଲକ ଅଲାରପୁର ସ୍ଥିତ ମେଲଣ ପଡ଼ିଆଠାରେ ଆୟୋଜିତ ଏହି ବିଶାଳ ମହିଳା ସମାବେଶରେ ବିଧାୟିକା ପ୍ରମିଳା ମଲ୍ଲିକ, ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ଜିଲ୍ଲା ପରିଷଦସଭ୍ୟା ମାନିବା ମଲ୍ଲିକ, ନିନାରାଣୀ ସମଲ, ସୁନିତା ନାୟକ, ସ୍ୱର୍ଣ୍ଣଲତା ସାମଲ, ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ, ପୂର୍ବତନ ଜିଲ୍ଲାପରିଷଦ ଅଧ୍ୟକ୍ଷ ଇଂ. ସୁଶାନ୍ତ ମିଶ୍ର, ବ୍ଲକ ସଭାପତି ନନ୍ଦକିଶୋର ସାମଲ, ରାଜ୍ୟ ସମ୍ପାଦକ ପ୍ରଦିପ ମହାନ୍ତି, ମୁରଲୀଧର ବେହେରା, ଯୁବ ସଭାପତି ଦିଲ୍ଲିପ ରାଉଳ, ଛାତ୍ର ସଭାପତି ଲେନିନ ଦାସ, ଯୁବ ସଂଗଠକ ଶ୍ୟାମସୁନ୍ଦର ବେହେରା, ବ୍ଲକ ଉପାଧ୍ୟକ୍ଷ ସେକ ଇର୍ସାଦ, କୃଷକ ନେତା ନିତ୍ୟାନନ୍ଦ ରାଉତ ପ୍ରମୁଖ ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିବା ସହିତ କେନ୍ଦ୍ର ସରକାର ଶତକଡ଼ା ୩୩ ଭାଗ ମହିଳା ସଂରକ୍ଷଣ ବିଲ୍‌କୁ ନେଇ ଲୋକମାନଙ୍କୁ ଭୂଆଁ ବୁଲେଉଥିବା ବେଳେ ଏବେ ବିଜେପି ଶାସନରେ ରାଜ୍ୟରେ ନାରୀ ନିର୍ଯାତନା ଓ ତାଙ୍କ ଉପରେ ଅତ୍ୟାଚାରରେ ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି ବୋଲି ଅଭିଯୋଗ କରିଥିଲେ। ପରେ ସଭାସ୍ଥଳରୁ ଏକ ବିରାଟ ଶୋଭାଯାତ୍ରାରେ ଆସି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡିଓ ଆକାଶ ପଟ୍ଟନାୟକଙ୍କୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ନାରୀ ସୁରକ୍ଷା ପ୍ରସଙ୍ଗ ନେଇ ଏକ ଦାବିପତ୍ର ଦେଇଥିଲେ। ଏହି ମହିଳା ଅଧିକାର ଅଭିଯାନରେ ସରପଞ୍ଚ ନିଶିପ୍ରଭା ଜେନା, ଆଶାଲତା ସାହୁ, ସୁଶ୍ରୀ ସଙ୍ଗୀତା ନାୟକ, ସ୍ମୃତିସମିକ୍ଷା ମଲ୍ଲିକ, ଭାରତୀ କାଣ୍ଡି, କାମଦେବ ଧଳ, କାର୍ତ୍ତିକ ଚନ୍ଦ୍ର ଧଳ, ଏମ୍‌ଡି ସବୀର, ଦେବୀଦତ୍ତ ସେଠୀ, ମୁକ୍ତିକାନ୍ତ ସାମଲ, କାଳିପ୍ରସନ୍ନ ଦାସଙ୍କ ସମେତ ବହୁ ସଂଖ୍ୟକ ବିଜେଡି ମହିଳା କର୍ମୀ ଓ ସମର୍ଥକ ସାମିଲଥିଲେ।

# ବଡଚଣା ବିଜେଡିର ମହାମିଶ୍ରଣ ପର୍ବ



**ବଡଚଣା,୨୦।୫(ସମିସ):** ଆଜି ବଡଚଣା ବିଜେଡି ପକ୍ଷରୁ ଏକ ମିଶ୍ରଣ ପର୍ବ ଚଣ୍ଡିଖୋଲ ସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଶତାଧିକ ବିଜେପି ଓ କଂଗ୍ରେସ ଦଳର କର୍ମୀ ବିଜେଡିରେ ଯୋଗ ଦେଇଥିଲେ। ଏହି ଉପଲକ୍ଷେ ଆୟୋଜିତ ମିଶ୍ରଣ ପର୍ବରେ ବଡଚଣା ବ୍ଲକ୍ ବିଜେଡି ସଭାପତି ତାପସ ରାୟଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବିଜେଡି ନେତା କ୍ୟାପଟେନ ରାଜ୍ ନାରାୟଣ ମହାପାତ୍ର ଯୋଗଦେଇଥିଲେ। ଆଗାମୀ ଦିନରେ ବଡଚଣାରେ ଚାଲୁଥିବା ଅନ୍ୟାୟ, ଅନୀତି, ଦୁର୍ନୀତି ବିରୋଧରେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ କୈଳାଶ ଚନ୍ଦ୍ର ରାଉତ, ଜିଲ୍ଲା ସମ୍ପାଦକ ସଂଜୟ କୁମାର ସ୍ୱାଇଁ, ଦିଲ୍ଲୀପ କୁମାର ସାମଲ, ବ୍ଲକ୍ ଉପ ସଭାପତି ଜଗନ୍ନାଥ ମୁଦୁଲି, ଭାଗ୍ୟଧର ପ୍ରଧାନ, ସଂଖ୍ୟାଲଘୁ ସେଲ୍‌ର ସୁଲତାନ ଶୈଫୁଲା ଧୁଳେଶ୍ୱର ଦାସ, ଗଣେଶ୍ୱର ସାମଲ, ଆଶିଷ ରଞ୍ଜନ ଚୌଧୁରୀ, ଜ୍ଞାନରଞ୍ଜନ ସାହୁ, ପ୍ରମୁଖ ଉପସ୍ଥିତ ଥିଲେ। ରଇପୁର ପୁର, ସାଉଡ଼ିଆ, ମଝିପଦା ଗ୍ରାମ ପଞ୍ଚାୟତର ଶତାଧିକ ବିଜେପି କଂଗ୍ରେସ କର୍ମୀ ବିଜୁ ଜନତା ଦଳରେ ସାମିଲ୍ ହୋଇଥିଲେ। ସାଉଡିଆ ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ଅଶୋକ କୁମାର ସେଠୀ, ରଇପୁରର ପୂର୍ବତନ ସମିତି ସଭ୍ୟ ପ୍ରଫୁଲ୍ଲ କୁମାର ମଲ୍ଲିକ ପ୍ରମୁଖ ବିଜେଡିରେ ଯୋଗ ଦେଇଥିଲେ।

# ଏସ୍‌ୟୁସିଆଇ (ସି)ର ପ୍ରତିବାଦ

**ଯାଜପୁର,୨୦।୫(ସମିସ):** ରାଜସ୍ଥାନର ଯୋଧପୁରରେ ଦୁଇ ଭଉଣୀଙ୍କ ଉପରେ ହୋଇଥିବା ନିର୍ଯତନା ଘଟଣାରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଦଳ ପକ୍ଷରୁ ସାରା ଦେଶରେ ‘ପ୍ରତିବାଦ ଦିବସ’ କରାଯାଇଛି। ଆଜି ଯାଜପୁର ଟାଉନ ଠାରେ ଏକ ପ୍ରତିବାଦ ଶୋଭାଯାତ୍ରା ଓ ସଭା ପାର୍ଟିର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ତଥା ଯାଜପୁର ଜିଲ୍ଲା ସମ୍ପାଦକ ସୁରେନ୍ଦ୍ର ମଲ୍ଲିକଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସୁବାସ ମଲ୍ଲିକଙ୍କ ସଭାପତିତ୍ୱରେ ବିଭିନ୍ନ ଛକରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ରାଜ୍ୟ କମିଟି ସଭ୍ୟ ଅଚ୍ୟୁତ ପ୍ରଧାନ, ଯାଜପୁର ଜିଲ୍ଲା କମିଟି ସଦସ୍ୟ ବୀରକିଶୋର ନାୟକ, ଅଭିମନ୍ୟୁ ମଲ୍ଲିକ, ଚୈତନ୍ୟ ମହାରଣା, ତରଙ୍ଗିଣୀ ଦାସ, ସୁଲୋଚନା ପ୍ରଧାନ ଓ ସଂଗଠକ ବିଷ୍ଣୁ ଚରଣ ବେହେରା, ମଧୁସୂଦନ ସେଠୀ ପ୍ରମୁଖ ବକ୍ତାମାନେ ସେମାନଙ୍କ ବକ୍ତବ୍ୟ ପ୍ରଦାନ କରିଥିଲେ।

# ରେନ୍‌ସା +୨ କଲେଜରେ ଶତପ୍ରତିଶତ ସଫଳତା



**ଧର୍ମଶାଳା,୨୦।୫(ସମିସ):** ଯୁକ୍ତ ୨ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି। ଧର୍ମଶାଳା ବ୍ଲକ ଜାରକାସ୍ଥିତ ରେନ୍‌ସା ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନରେ ୯୬ ପ୍ରତିଶତ ହୋଇଥିବା ବେଳେ କଳାରେ ୯୭ ପ୍ରତିଶତ ପାସ କରିଛନ୍ତି। ବିଜ୍ଞାନ ବିଭାଗରେ ୧୫୭ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ପ୍ରଥମ ଶ୍ରେଣୀରେ ୧୧୫ଜଣ, ଦ୍ୱିତୀୟ ଶ୍ରେଣୀରେ ୩୩ଜଣ ଓ ତୃତୀୟ ଶ୍ରେଣୀରେ ୨ଜଣ ପରୀକ୍ଷାର୍ଥୀ ପାସ କରିଛନ୍ତି। ସେଥିମଧ୍ୟରୁ ଏଝାର ଅହମ୍ମଦ ଖାନ ୫୬୮ ମାର୍କ ରଖି କଲେଜରେ ଟପ୍ପର ହୋଇଥିବା ବେଳେ ବିଦ୍ୟୁସ୍ମିତା ସାହୁ ୫୬୫ ମାର୍କ ରଖି ଦ୍ୱିତୀୟ ଓ ସୌମ୍ୟଜିତ ସାହୁ ୫୫୫ ମାର୍କ ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି କଳା ବିଭାଗରେ ୩୬ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ପ୍ରଥମ ଶ୍ରେଣୀରେ ୨୩ଜଣ, ଦ୍ୱିତୀୟ ଶ୍ରେଣୀରେ ୭ଜଣ ଓ ତୃତୀୟ ଶ୍ରେଣୀରେ ୫ଜଣ ପାସ କରିଛନ୍ତି। ସେଥିମଧ୍ୟରୁ ଆୟେସା ବାରିକ ସର୍ବୋଚ୍ଚ ୫୨୦ ମାର୍କ ରଖି କଲେଜ ଟପ୍ପର ହୋଇଥିଲା ବେଳେ ଆକାଂକ୍ଷା ୫୦୭ମାର୍କ ରଖି ଦ୍ୱିତୀୟ ସ୍ଥାନ ଓ ଦିବ୍ୟାରାଣୀ ପୃଷ୍ଟି ୫୦୩ ମାର୍କ ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି ବୋଲି ସମ୍ପାଦକ ବିଭୁତି ଭୂଷଣ ରାଉତ ସୂଚନା ଦେଇଛନ୍ତି।

# +୨ ବିଜ୍ଞାନ ପରୀକ୍ଷାରେ ଦଶରଥପୁର ପୁଅ ଜିଲ୍ଲା ଟପ୍ପର



**ଦଶରଥପୁର,୨୦।୫(ସମିସ):** ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦ ତରଫରୁ ପ୍ରକାଶିତ +୨ ବିଜ୍ଞାନ ପରୀକ୍ଷା ଫଳ ପ୍ରକାଶ ପାଇଛି। ପରୀକ୍ଷାରେ ଯାଜପୁର ସ୍ଥିତ ନରସିଂହ ଚୌଧୁରୀ ମହାବିଦ୍ୟାଳୟରେ ପଢୁଥିବା ଦଶରଥପୁର ବ୍ଲକ କଟିକଟା ପଞ୍ଚାୟତ ପରିଡା ସାହିର ସୁବାସ ଚନ୍ଦ୍ର ପଣ୍ଡାଙ୍କ ପୁଅ ନାରାୟଣ ଚନ୍ଦ୍ର ପଣ୍ଡା ସର୍ବମୋଟ ୬୦୦ରୁ ୫୯୦ନମ୍ବର ରଖି ସଫଳତାର ସହ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ସହିତ ଯାଜପୁର ଜିଲ୍ଲା ଟପ୍ପର ହୋଇଛନ୍ତି। ତାଙ୍କ ସଫଳତାକୁ ନେଇ ସେ ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକାଙ୍କ ସମେତ ମେଣ୍ଟର, ବାପା ସୁବାସ ପଣ୍ଡା, ସାନ ବାପା ସୁରେଶ ଚନ୍ଦ୍ର ପଣ୍ଡା, କୈଳାସ ଚନ୍ଦ୍ର ପଣ୍ଡା, କମଳାକାନ୍ତ ପଣ୍ଡାଙ୍କୁ ଶ୍ରେୟ ଦେଇଛନ୍ତି। ନାରାୟଣଙ୍କୁ ସମାଜସେବୀ କର୍ଣ୍ଣାଟ କେଶରୀ ଦାସ, ସରୋଜ କୁମାର ମହାପାତ୍ର, କଟିକଟା ସରପଞ୍ଚ କଞ୍ଚନବାଳା ପରିଡା, ପୂର୍ବତନ ସରପଞ୍ଚ ରଘୁନାଥ ପରିଡ଼ା, ଅବସରପ୍ରାପ୍ତ ଶିକ୍ଷକ ନାରଣ ଚନ୍ଦ୍ର ସାହୁ, ସମାଜସେବୀ ଜ୍ୟୋତିରଞ୍ଜନ ପରିଡା, ବିବେକ ରଞ୍ଜନ ପରିଡା, ରମେଶ ଚନ୍ଦ୍ର ପରିଡା, ଅଶୋକ କୁମାର ନାୟକଙ୍କ ସମେତ ବହୁ ଶୁଭେଚ୍ଛୁ ଶୁଭକାମନା ଜଣାଇଛନ୍ତି।

**● ପ୍ରଥମ ବ୍ୟାଚ୍‌ରେ ଲିସିୟମର ସଫଳତା**

# ୧୧୧ରୁ ପ୍ରଥମ ଶ୍ରେଣୀରେ ୧୦୪ ଉତ୍ତୀର୍ଣ୍ଣ



**ଯାଜପୁର ଟାଉନ,୨୦।୫(ସମିସ):** ଯାଜପୁର ଜିଲ୍ଲାର ଅନ୍ୟତମ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଲିସିୟମ ହାଇଅର ସେକେଣ୍ଡାରୀ ସ୍କୁଲ ଏବଂ ଲିସିୟମ ଏକାଡେମୀର ବିଦ୍ୟାର୍ଥୀମାନେ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ସଫଳତା ହାସଲ କରିଛନ୍ତି। ଗତ ୨୦୨୪ ର ଯାଜପୁର ସହର ଉପକଣ୍ଠ ଲଳିତେଶ୍ୱରନଗର ଠାରେ ଲିସିୟମ ହାଇଅର ସେକେଣ୍ଡାରୀ ସ୍କୁଲ ପ୍ରତିଷ୍ଠା ପାଇଥିଲା। ଏହାର ପ୍ରଥମ ବ୍ୟାଚରେ ୧୧୧ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୦୪ ଜଣ ପ୍ରଥମ ଶ୍ରେଣୀ ଏବଂ ଅବଶିଷ୍ଟ ୭ ଜଣ ପରୀକ୍ଷାର୍ଥୀ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ଘଟଣା ଅନୁଷ୍ଠାନ ପାଇଁ ଏକ ବୃହତ ସଫଳତା ଭାବେ ବିବେଚନା କରାଯାଉଛି। ତେବେ ଉତ୍ତୀର୍ଣ୍ଣଙ୍କ ମଧ୍ୟରୁ ଛାତ୍ର ପ୍ରଶାନ୍ତ ପୁରୀ ୫୮୨ ନମ୍ବର, ପରମଜ୍ୟୋତି ପଣ୍ଡା ୫୭୩, ରାକେଶ କୁମାର ପରିଡ଼ା ୫୬୧ ଓ ଭାଗ୍ୟଶ୍ରୀ ଓଝା ୫୪୮ ନମ୍ବର ରଖି ଶିକ୍ଷାନୁଷ୍ଠାନ ତଥା ନିଜ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଏହି ଛାତ୍ରଛାତ୍ରୀ ଉକ୍ତ ଆବାସିକ ଶିକ୍ଷାନୁଷ୍ଠାନର ଶିକ୍ଷାଦାନ ଠାରୁ ଆରମ୍ଭ କରି ଅବସ୍ଥାନ ପର୍ଯ୍ୟନ୍ତ ସମସ୍ତ ଦିଗ ଗୁଡିକର ସୁପରିଚାଳନା ସେମାନଙ୍କ ସଫଳତାର ପ୍ରମୁଖ କାରଣ ବୋଲି କହିଛନ୍ତି। ସେହିପରି ଲିସିଅମ ଏକାଡେମୀ (ଆବାସିକ କୋଚିଂ ସେଣ୍ଟର)ରେ ଶିକ୍ଷାଗ୍ରହଣ କରୁଥିବା ସମସ୍ତ ୧୩୬ ଜଣ ଯାକ ବିଜ୍ଞାନ ଛାତ୍ରଛାତ୍ରୀ ମଧ୍ୟ ଶତପ୍ରତିଶତ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ଶିକ୍ଷାନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି। ସେହିପରି ମୋଟ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ୧୩ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବା ନେଇ ଲିସିୟମ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଏହି ସଫଳତା ପାଇଁ କଲେଜର ଚେୟାରମେନ ପ୍ରଫେସର ମୋହନ ଚରଣ ଦାଶ ଏବଂ ଅଧ୍ୟକ୍ଷ ପ୍ରଫେସର ଦାମୋଦର ବେହେରାଙ୍କୁ ଛାତ୍ରଛାତ୍ରୀ ତଥା ସେମାନଙ୍କ ଅବିଭାବକ ମାନେ କୃତଜ୍ଞତା ଜଣାଇଛନ୍ତି।

# ଔଷଧ ଦୋକାନ ବନ୍ଦ; ରୋଗୀ ହନ୍ତସନ୍ତ

**ଧର୍ମଶାଳା/କବାଟବନ୍ଧ/ବଡ଼ଚଣା,୨୦।୫(ସମିସ):** ଦେଶବ୍ୟାପୀ ଔଷଧ ଦୋକାନର ଧର୍ମଘଟକୁ ଉକ୍ରଳ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ ଏହାକୁ ସମର୍ଥନ ଜଣାଇଛି। ଫଳରେ ଏହାର ପ୍ରଭାବ ଗ୍ରାମାଞ୍ଚଳରେ ମଧ ଦେଖିବାକୁ ମିଳିଛି। ଧର୍ମଶାଳା ବଜାର, ଜାରକା ବଜାର, ଶାନ୍ତିବଜାର, କାଏମା, ବଜାର, କୋଟପୁର, ନେଉଳପୁର, ନାକପୋଲ, ଜେନାପୁର, ଚଡେଇଧରା, କବାଟବନ୍ଧ ଆଦି ବଜାରରେ ରହିଥିବା ସମସ୍ତ ଔଷଧ ଦୋକାନ ଗୁଡିକ ଆଜି ସକାଳୁ ବନ୍ଦ ରହିଛି। ଧର୍ମଶାଳା ଡ୍ରଗ୍ସ ଓ କେମିଷ୍ଟ ସଂଘ ପକ୍ଷରୁ ଜାରକା ଛକରେ ପିକେଟିଂ କରାଯାଇଥିଲା। ଜେନାପୁର ଥାନା ଅଧୀନରେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ମେଡ଼ିସିନ ଦୋକାନରେ ଆଜି ତାଲା ଝୁଲୁଥିବା ଦେଖିବାକୁ ମିଳିଥିଲା। ଏହି ଅଞ୍ଚଳରେ କବାଟବନ୍ଧ, ଜେନାପୁର, ଚଢ଼େଇଧରା, ବାଲିସାହି ସମେତ ଅନ୍ୟାନ୍ୟ ସ୍ଥାନରେ ରହିଥିବା ବିଭିନ୍ନ ମେଡ଼ିସିନ ଦୋକାନରେ ସଟର ବନ୍ଦ ରହିଥିବ ଦେଖାଯାଇଥିଲା। ଫଳରେ ନିୟମିତ ଔଷଧ ସେବନ କରୁଥିବା ରୋଗୀ ଏବଂ ସମ୍ପର୍କୀୟମାନେ ଚିନ୍ତା ପ୍ରକଟ କରିଥିଲେ। ଆଜି ଚଣ୍ଡିଖୋଲ ଛକ ଠାରେ ଥିବା ସମସ୍ତ ଔଷଧ ଦୋକାନ ବନ୍ଦ୍ ରହିଛି। ଫଳରେ ନିତ୍ୟ ବ୍ୟବହୃତ ଔଷଧ ପାଇଁ ରୋଗୀ ମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଅବସରରେ ଆଜି ଜିଲ୍ଲା ଡ୍ରଗସ୍ ଆଣ୍ଡ କେମେଷ୍ଟ୍ରୀ ଆସୋସିଏସନ୍‌ର ସଭାପତି ଅଜୟ କୁମାର ଦାସ, ସମ୍ପାଦକ ରାଜେଶ କୁମାର ଦାସ, କାର୍ଯ୍ୟକାରୀ ସଭ୍ୟ ତ୍ରିଲୋଚନ ବେହେରାଙ୍କ ନେତୃତରେ ଏକ ପ୍ରତିବାଦର ସଭା ଜାରକା ସ୍ଥିତ ଜେମାଶୁଣୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଦାମୋଦର ମହାନ୍ତି, ତ୍ରିଲୋଚନ ବେହେରା ,ବିନୟ କୁମାର ସାହୁ, ସୁବାସ ଚନ୍ଦ୍ର ଦାସ, ଦୀପକ ବିଶ୍ୱାଳ, ରଇନ ସେନାପତି, ଧୀର କିଶୋର ସାହୁ, ଶରତ ଚନ୍ଦ୍ର ଦାସ, ପ୍ରଫୁଲ୍ଲ ରାଉତ, ସେକ୍ ଆଲ୍ଲା ଉଦ୍ଦିନ୍, ଉତ୍ତମ କୁମାର ମହାନ୍ତି, ଉଲ୍ଲାସ କୁମାର ସାମଲ ସମେତ ବହୁ ଔଷଧ ବିକ୍ରେତା ଯୋଗଦେଇଥିଲେ।

# ଶ୍ରମିକ ଛଟେଇ ପ୍ରତ୍ୟାହାର ଦାବିରେ ଘେରଉ



**ବ୍ୟାସନଗର,୨୦।୫(ସମିସ):** ଟାଟା ପାୱାର ପକ୍ଷରୁ ୩ ହଜାରରୁ ଊର୍ଦ୍ଧ୍ୱ କାର୍ଯ୍ୟରତ ବିଏ ଓ ଆଉଟ ସୌର୍ଚିଂ କର୍ମଚାରୀମାନଙ୍କୁ ମଇ ୩୧ରେ ଛଟେଇ କରିବାକୁ ନୋଟିସ ଦେଇଛନ୍ତି, ଏଭଳି ବେଆଇନ ଶ୍ରମିକ ଛଟେଇ ପ୍ରତିବାଦରେ ନେସ୍କୋ ଠିକା ଶ୍ରମିକ ସଂଘ ପକ୍ଷରୁ ସଂଘର ସଭାପତି ବିଦ୍ୟାଧର ମହାନ୍ତିଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ଧବଳଗିରି ଠାରୁ ବାହାରି ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସଭାପତି ବିଦ୍ୟାଧର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶ୍ରମିକ ସଂଘର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଓଝା, କାର୍ଯ୍ୟକାରୀ ସଭାପତି ଚନ୍ଦନ ସାହୁ, କୋଷାଧକ୍ଷ ଜ୍ୟୋତିପ୍ରକାଶ ପରିଡା, ସୁଶାନ୍ତକୁମାର ଆଇଚ, ଅରୁଣ କୁମାର ଜେନା, ସୁରଜ ତରାଇ, ଗୌରାଙ୍ଗ ବାରିକ, ରଶ୍ମିରଞ୍ଜନ ସାମଲ ଓ ପବିତ୍ର ବାରିକ ପ୍ରମୁଖ ଟାଟା ପାୱାରର ଅତାଦୃଶ୍ୟ ଅନ୍ୟାୟ ପଦକ୍ଷପକୁ ଦୃଢ ନିନ୍ଦା କରିବା ସହ ଆଜକୁ ୧୫ ବର୍ଷରୁ ଊର୍ଦ୍ଧ୍ୱ ସ୍ୱଳ୍ପ ବେତନରେ ସ୍ଥାୟୀ ନିଯୁକ୍ତି ଆଶା ରଖି ନିଷ୍ଠାର ସହିତ କାର୍ଯ୍ୟ କରିବା ଓ ବେକକରିଲେ ଦୁର୍ବାର ଆନ୍ଦୋଳନ ହେବ ବୋଲି ବକ୍ତା ମାନେ ଟାଟା ପାୱାରକୁ ଚେତାବନୀ ଦେଇଥିଲେ। ରାଜଧାନୀ ଲୋଏର ପିଏମଜିରେ ଶ୍ରମିକ ମାନଙ୍କ ଅଧିକାର ପାଇଁ ଚାଲିଥିବା ଅହରାତ୍ରି ଧାରଣାକୁ ସମର୍ଥନ କରିବା ସହିତ ମଇ ୩୦ ପୂର୍ବରୁ ଛଟେଇ ନୋଟିସ୍ ପ୍ରତ୍ୟାହାର ନକଲେ ଏସଇଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଜୁନ ୧ ତାରିଖ ପରେ ଗଣଧାରଣା ଦିଆଯିବାକୁ ଶ୍ରୀ ମହାନ୍ତି ଘୋଷଣା କରିଥିଲେ, ଶେଷରେ ଏସଇ ଦାୟିତ୍ୱରେ ଥିବା ପ୍ରମୋଦ କୁମାର ନାୟକଙ୍କ ଜରିଆରେ ଟିପିଏନଓଡିଏଲର ମର୍ମରେ ସିଇଓ ବାଲେଶ୍ୱରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

# କୃତି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**ବରୀ,୨୦।୫(ସମିସ):** ବରୀ ଶିକ୍ଷା ମଣ୍ଡଳ ଅଧୀନସ୍ଥ ଇଶାଣପୁର ଉନ୍ନିତ ମଧ ଇଂରାଜୀ ବିଦ୍ୟାଳୟର ଛାତ୍ରୀ ହରପ୍ରିୟା ମହାନ୍ତି ଜାତୀୟ ମେଧା ବୃତ୍ତି ଓ ପଠାଣି ସାମନ୍ତ ବୃତ୍ତି ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ବେଳେ ସେହି ବିଦ୍ୟାଳୟର ଛାତ୍ର ଅମିତାଂଶୁ ସାହୁ ପଠାଣି ସାମନ୍ତ ବୃତ୍ତି ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବାରୁ ବୁଧବାର ବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧିତ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାଗୀରଥି ନାୟକ ସଭାପତିତ୍ୱ କରିଥିଲା ବେଳେ ମୁଖ୍ୟଅତିଥି ଭାବେ ପ୍ୟାରୀମୋହନ ଏକାଡେମୀର ପ୍ରାକ୍ତନ ପ୍ରଧାନ ଶିକ୍ଷକ ମକର ଚରଣ ଘଡ଼ାଇ, ମୁଖ୍ୟବକ୍ତା ଭାବେ ହରିଶଚନ୍ଦ୍ର ଦାସ, ସମ୍ମାନିତ ଅତିଥି ଭାବେ ସାଧନ କେନ୍ଦ୍ର ସଂଯୋଜକ ନର୍ମଦା ପ୍ରଧାନ, ନଟବର ଜେନା, ସମିତି ସଭ୍ୟ ଚିନ୍ତାମଣି ଜେନାଙ୍କ ସମେତ ଶିକ୍ଷକ ଦଶରଥ ଦାସ, କବିତା ରାଣୀ ପଣ୍ଡା, ତାରାକାନ୍ତ ମମଲିକ, ମମତା ସାହୁ ରଶ୍ମିତା ଜେନା ଯୋଗଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପରିଚାଳନା କମିଟିର ସଭ୍ୟ ସଭ୍ୟା, ଗ୍ରାମବାସୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଝାଡ଼େଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କର୍ମଶାଳା

**ଦାନଗଦି,୨୦।୫(ସମିସ):** ଦାନଗଦୀ ବ୍ଲକ ଟୋଲକାନି ସ୍ଥିତ ଝାଡେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡକ୍ରସର ରେଡ୍ ରିବନ କ୍ଲବ ସହାୟତାରେ “ଚାପ ମୁକ୍ତ ପରୀକ୍ଷା ପ୍ରସ୍ତୁତି’ ଶୀର୍ଷକ ଏକ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ.ଅକ୍ଷୟ କୁମାର ପଣ୍ଡା ଏହାକୁ ଉଦ୍‌ଘାଟନ କରି କହିଲେ ଯେ ଏକାଗ୍ରତା ଓ ଆତ୍ମବିଶ୍ୱାସ ହିଁ ସଫଳତାର ମୂଳମନ୍ତ୍ର। ମୁଖ୍ୟବକ୍ତା ଭାବେ କଟକ ସ୍ଥିତ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ଛାତ୍ର ତଥା ସମାଜସେବୀ ମନୋଜ କୁମାର ସାହୁ ଯୋଗ ଦେଇ ପରୀକ୍ଷା ପୂର୍ବରୁ ମାନସିକ ଚାପକୁ କିପରି ନିୟନ୍ତ୍ରଣ କରାଯାଇପାରିବ ସେ ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷା ବିଭାଗର ମୁଖ୍ୟ ଡ. କ୍ଷୀରୋଦ ଚନ୍ଦ୍ର ବେହେରା, ଗଣିତ ବିଭାଗର ମୁଖ୍ୟ ଅଧ୍ୟାପିକା ମୀରାମ୍ବିକା ସାହୁ ପ୍ରମୁଖ ଯୋଗ ଦେଇ ପରୀକ୍ଷା ସମୟରେ ପ୍ରସ୍ତୁତି ଓ ମାନସିକ ସ୍ଥିରତା ଉପରେ ଗୁରୁତ୍ୱାରୋପ କରିଥିଲେ। ଅଧ୍ୟାପିକା ଇତିଶ୍ରୀ ମଲ୍ଲିକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଅର୍ଥନୀତି ବିଭାଗର ଅଧ୍ୟାପିକା କଲ୍ୟାଣୀ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟାପକ ଅମର ସେଠୀ, ଅଭୟ କୁମାର ସାହୁ, ମୁନା ନାୟକ ଅଧ୍ୟାପିକା ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକ ସମେତ ଅନୁଷ୍ଠାନର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ପାଣିକୋଇଲି,୨୦।୫(ସମିସ):** ପାଣିକୋଇଲି ଥାନା ତଥା ଶଙ୍ଖଚିଲା ଫାଣ୍ଡି ଅନ୍ତର୍ଗତ ଖମଣ ପଞ୍ଚାୟତର ନୂଆପାଟଣା ଗ୍ରାମର ଆମ୍ବଗଛରୁ ଜଣେ ଯୁବକର ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ଏହା ଆତ୍ମହତ୍ୟା କି ହତ୍ୟା ତାହା ସ୍ପଷ୍ଟ ହୋଇନାହିଁ। ଅପରପକ୍ଷେ ଏହା ଏକ ହତ୍ୟାକାଣ୍ଡ ବୋଲି ଅଭିଯୋଗ ହୋଇଛି। ଏନେଇ ପୁଲିସ ଏକ ମାମଲା ୧୮୯/୨୬ ରୁଜୁ କରି ତଦନ୍ତ ଜାରି ରଖିଛି। ଘଟଣାସ୍ଥଳରେ ଥାନାଧିକାରୀ ରଞ୍ଜିତ ମହାନ୍ତି ଓ ଫାଣ୍ଡି ଅଧିକାରୀ ଦେବବ୍ରତ ମହାନ୍ତି ସଦଳବଳେ ପହଞ୍ଚି ସାଇଟିଫିକ ଟିମ୍ ଡକାଇ ତଦନ୍ତ ଆରମ୍ଭ କରିଥିଲେ। ପରେ ଶବ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛନ୍ତି। ପ୍ରକାଶଯେ ନୂଆପାଟଣା ଗ୍ରାମର ବାଉରୀବନ୍ଧୁ ସାହୁଙ୍କ ସ୍ତ୍ରୀ ଶ୍ରୀମତୀ ସାହୁଙ୍କ ଅଭିଯୋଗ ମୁତାବକ ତାଙ୍କ ବଡ଼ପୁଅ ବସନ୍ତ କୁମାର ସାହୁ, ତାଙ୍କ ଦିଅର ବାଇଧର ସାହୁ ଓ ତାଙ୍କ ପୁଅ ହେମନ୍ତ ସାହୁଙ୍କ ପ୍ରରୋଚନାରେ ପଡ଼ି ବାଉରୀଙ୍କ ନାମରେ ଥିବା ଜମିକୁ ଜାଲିଆତି କରି ନିଜ ନାମକୁ ଆଣି ତିନି ମାସ ତଳେ ଅନ୍ୟତ୍ର ବିକ୍ରି କରିଦେଇଛି। ଏହା ଜାଣି ବାଉରୀ ପଚାରିବାରୁ ବସନ୍ତ ଅଶ୍ଲୀଳ ଗାଳିଗୁଲଜ କରି ଘରେ ତାଲା ପକାଇ ତାଙ୍କୁ ଘରୁ ବାହାର କରିଦେଇଥିଲା। ସାନପୁଅ ପ୍ରଦୀପ ଏହାର ପ୍ରତିବାଦ କରିବାରୁ ତାକୁ ୨ମାସ ମଧ୍ୟରେ ମାରିଦେବାକୁ ଧମକ ଦେଇଥିଲା। ଏପରିସ୍ଥଳେ ସେ ଆଜି ସକାଳୁ

## ହତ୍ୟା ଅଭିଯୋଗ ଆଣିଲେ ପରିବାର; ୨ ଅଟକ

ଖବରପାଇ ଦେଖିବା ବେଳକୁ ତାଙ୍କ ବାଡ଼ି ପଛ ଏକ ଆମ୍ବଗଛରେ ଲୁଗା ଦ୍ୱାରା ଦଉଡ଼ି ଲଗାଇ ସାନପୁଅ ରଞ୍ଜନ ଓରଫ ପ୍ରଦୀପ ସାହୁ (୨୮)ର ମୃତଦେହ ଝୁଲୁଛି। ପ୍ରଦୀପର ମୃତ୍ୟୁ ବସନ୍ତ, ହେମନ୍ତ ଦ୍ୱାରା କରାଯାଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଏହା ଦେଖି ଥାନାରେ ଜଣାଇବା ପରେ ପୁଲିସ ମାମଲା ରୁଜୁ କରି ଘଟଣାସ୍ଥଳେ ପହଞ୍ଚିଥିଲା। ସେଠାରେ ତଦନ୍ତ ପରେ ଶବକୁ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା। ଏହି ଘଟଣାରେ ପାଣିକୋଇଲି ଥାନାରେ ପୁଲିସ ଦୁଇ ଜଣ ଅଭିଯୁକ୍ତ ବସନ୍ତ ଓ ହେମନ୍ତଙ୍କୁ ଅଟକ ରଖି ତଦନ୍ତ କରୁଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବା ସହ ଏହା ହତ୍ୟା ନା ଆତ୍ମହତ୍ୟା ତାର ପର୍ଦ୍ଦାଫାସ ହେବ ବୋଲି ପୁଲିସ ସୂତ୍ରରୁ ପ୍ରକାଶ। ଅପରାହ୍ନରେ ଶବ ବ୍ୟବଚ୍ଛେଦ ପରେ ମରଶରୀର ଗ୍ରାମରେ ପହଞ୍ଚିବା ପରେ ଗାଁ ଶ୍ମଶାନରେ ଆଣି ଶେଷକୃତ ସମ୍ପନ୍ନ କରାଯାଇଛି।

# ଯୁକ୍ତଦୁଇ ଫଳ ପ୍ରକାଶିତ; ଛାତ୍ରଛାତ୍ରୀ ଉତ୍ସାହିତ

## ପୁଣିଥରେ ଶ୍ରେଷ୍ଠ ୧୦ରେ ପ୍ରିନ୍ସ କଲେଜର ୪ ବିଦ୍ୟାର୍ଥୀ

ବାରିପଦା,୨୦।୫(ସମିସ): ପୂର୍ବ ବର୍ଷ ପରି ଚଳିତ ବର୍ଷ ମଧ ଯୁକ୍ତ ଦୁଇ ପରୀକ୍ଷାରେ ପ୍ରିନ୍ସ କଲେଜର ବାରିପଦା ଏବଂ ବାଲେଶ୍ୱର ଶାଖା ତରଫରୁ +୨ ବିଜ୍ଞାନ ଏବଂ କଳାର ସମସ୍ତ ଛାତ୍ରଛାତ୍ରୀ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଜ୍ଞାନ ବିଭାଗରେ ୫୨୦ ଜଣ ପିଲାଙ୍କ ମଧ୍ୟରୁ ୫୧୬ ଜଣ ପ୍ରଥମ ଶ୍ରେଣୀରେ, ଅବଶିଷ୍ଟ ୪ଜଣ ଦ୍ୱିତୀୟ ଶ୍ରେଣୀରେ ସଫଳତା ପାଇଛନ୍ତି। ତନ୍ମଧ୍ୟରୁ ୭୪ ଜଣ ପିଲା ୯୦ ପ୍ରତିଶତରୁ ଅଧିକ ଏବଂ ୨୭୦ ଜଣ ପିଲା ୮୦ପ୍ରତିଶତରୁ ଅଧିକ ନମ୍ବର ରଖି ସଫଳତା ପ୍ରଦର୍ଶନ କରିଛନ୍ତି। ସେହିଭଳି କଳା ବିଭାଗରେ ୭୦ ଜଣ ପିଲାଙ୍କ ମଧ୍ୟରୁ ୬୮ ଜଣ ପ୍ରଥମ ଶ୍ରେଣୀରେ ଅବଶିଷ୍ଟ ୨ ଜଣ ଦ୍ୱିତୀୟ ଶ୍ରେଣୀରେ ତନ୍ମଧ୍ୟରୁ ୫ ଜଣ ୯୦ପ୍ରତିଶତରୁ ଅଧିକ ଏବଂ ୫୦ ଜଣ ୮୦ପ୍ରତିଶତରୁ ଅଧିକ ନମ୍ବର ରଖି ଐତିହାସିକ ସଫଳତା ଆଣିଛନ୍ତି।



+୨ ବିଜ୍ଞାନରେ ଏହି କଲେଜର ଛାତ୍ର ଆଦିତ୍ୟ ଗିରି, ଶାଶ୍ୱତୀ ବେହେରା ଓ ଆଦ୍ୟାଶା ପଣ୍ଡା ୯୮ପ୍ରତିଶତ ବା ୫୮୮ ଲେଖାଏଁ ନମ୍ବର ରଖି ସମଗ୍ର ରାଜ୍ୟରେ ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରେ ସ୍ଥାନ ହାସଲ କରିଅଛନ୍ତି। ସେହିଭଳି ଛାତ୍ର ଦିଲ୍ଲୀପ ମଣ୍ଡଳ (୫୮୬) ଦ୍ୱିତୀୟ, ସ୍ମୃତି ରାଉତ(୫୮୩) ତୃତୀୟ, ସଞ୍ଜିବନୀ ଦାସ (୫୮୨) ଚତୁର୍ଥ, ହିମାଦ୍ରୀ ମହାନ୍ତି (୫୮୦) ପଞ୍ଚମ ସ୍ଥାନ ହାସଲ କରି ଅଛନ୍ତି। ଅପରପକ୍ଷରେ +୨ କଳାରେ

**୭୪ଜଣ ରଖିଛନ୍ତି ୯୦ପ୍ରତିଶତରୁ ଅଧିକ ନମ୍ବର**

ଛାତ୍ରୀ ଶୁଭସ୍ମିତା ସାହୁ ୯୪ ପ୍ରତିଶତ ବା ୫୬୨ ନମ୍ବର ରଖି ସମଗ୍ର ରାଜ୍ୟରେ ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରେ ସ୍ଥାନ ହାସଲ କରିଛନ୍ତି। ତାଙ୍କ ପରେ ପ୍ରଭାତ ବିଶ୍ୱାଳ (୫୪୪) ଦ୍ୱିତୀୟ, ବେବୀ ସିଂ ଓ ଗ୍ଲୋରିଆ ମାଝୀ ୫୪୦ନମ୍ବର ଲେଖାଏଁ ରଖି ଯୁଗ୍ମ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଜିଲ୍ଲାର ସର୍ବାଧିକ ସଂଖ୍ୟକ ପ୍ରଥମ ଶ୍ରେଣୀ ଏବଂ ସର୍ବାଧିକ ପରୀକ୍ଷାର୍ଥୀ ୯୦ପ୍ରତିଶତ ଓ ତଦୁର୍ଦ୍ଧ ନମ୍ବର ରଖି ଏହି ଅନୁଷ୍ଠାନ ଏହାର ଗୌରବମୟ ଇତିହାସକୁ ବଜାୟ ରଖିଛି। ସୂଚନା ଥାଉ କି ମାଟ୍ରିକ ପାସ ପରେ କେବଳ ୭ ଜଣ ଛାତ୍ରଛାତ୍ରୀ ୯୦ପ୍ରତିଶତ ଓ ତଦୁର୍ଦ୍ଧ ନମ୍ବର ରଖି ନାମ ଲେଖାଇଥିଲେ କିନ୍ତୁ ଉନ୍ନତ ଶିକ୍ଷାଦାନ ଓ ଯତ୍ନ ପାଇଁ ଯୁକ୍ତ ଦୁଇରେ ୭୨ ଜଣ ପିଲା ୯୦ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ସଫଳତା ପାଇଁ ସମସ୍ତ ଅଭିଭାବକ, ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଥିବା ବେଳେ ଅନୁଷ୍ଠାନର ନିର୍ଦ୍ଦେଶକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ଓ ଅଧ୍ୟକ୍ଷା ଜ୍ୟୋତିପୁଷ୍ପା ଦାସ ସମସ୍ତ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସାଧୁବାଦ ଜଣାଇଛନ୍ତି।

## ମୟୂରଭଞ୍ଜ ଝିଅ ରାଜ୍ୟ ଯୁଗ୍ମ ଟପ୍ପର

ବାରିପଦା,୨୦।୫(ସମିସ): ପ୍ରକାଶ ପାଇଥିବା ଯୁକ୍ତ ଦୁଇ ପରୀକ୍ଷା ଫଳରେ ମୟୂରଭଞ୍ଜ ଝିଅ ଯୁକ୍ତ ଦୁଇ ବିଜ୍ଞାନରେ ରାଜ୍ୟ ଟପ୍ପର ହୋଇଛନ୍ତି। ମୟୂରଭଞ୍ଜ ଜିଲ୍ଲା ମୋରଡା ବ୍ଲକ ଜୁଆଳିଭଙ୍ଗା ଗ୍ରାମ ତଥା କଟୁରିଆ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଭବାନୀ ଶଙ୍କର ମହନ୍ତଙ୍କ ଝିଅ ସୁଶ୍ରୀ ସଞ୍ଜନା ମହାନ୍ତ ୬୦୦ନମ୍ବରରୁ ୫୯୮ ନମ୍ବର ରଖି ସମଗ୍ର ଓଡିଶାରେ ଯୁଗ୍ମ ଟପ୍ପର ହୋଇଛନ୍ତି। ସେ ଭୁବନେଶ୍ୱରର ଆଦ୍ୟାନ୍ତା କଲେଜର ଛାତ୍ରୀ ଅଟନ୍ତି।

## ସାଇ ଆଦର୍ଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଫଳତା



ବାରିପଦା,୨୦।୫(ସମିସ): ଉତ୍ତର ଓଡିଶାର ଅଗ୍ରଣୀ ଘରୋଇ ଶିକ୍ଷା ଅନୁଷ୍ଠାନ ସାଇ ଆଦର୍ଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଚଳିତ ବର୍ଷ ଉଭୟ +୨ ବିଜ୍ଞାନ ଏବଂ କଳାରେ ଶତ ପ୍ରତିଶତ ସଫଳତା ହାସଲ କରିବା ସହିତ ପରୀକ୍ଷାର୍ଥୀ ମଧ୍ୟରୁ ବିଜ୍ଞାନରେ ୮୯ ପ୍ରତିଶତ ଓ କଳାରେ ୮୮ ପ୍ରତିଶତ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି ଓ +୨ ବିଜ୍ଞାନରେ କରଣ କୁମାର ମହାନ୍ତ ୫୫୪, ସୂରଜ ଭୋଳ ୫୫୪, ଦେବବ୍ରତ ବେହେରା ୫୪୯, ଚନ୍ଦ୍ରାୟୀ ମୁର୍ମୁ ୫୪୧ ନମ୍ବର ରଖିଥିବା ବେଳେ +୨ କଳାରେ ଗାୟତ୍ରୀ ଘୋଷ ୫୫୪ ଏବଂ ଆୟୁଷୀ ଅଭିପ୍ସା ସେଠୀ ୫୪୧ ନମ୍ବର ରଖିଛନ୍ତି। ଅନୁଷ୍ଠାନର ଅଧ୍ୟାପକ ଓ ଅଧ୍ୟାପିକାଙ୍କ ଉଚ୍ଚକୋଟିର ଶିକ୍ଷାଦାନ ପ୍ରଣାଳୀ ଓ ପ୍ରଚେଷ୍ଟା ଛାତ୍ରଛାତ୍ରୀଙ୍କୁ ସଫଳତା ଆଣି ଦେଇପାରିଛି। ଏହି ସଫଳତା ପାଇଁ ବିଦ୍ୟାଳୟର ଅଧ୍ୟକ୍ଷ ଆଶିଷ କୁମାର ଦେ, ମୁଖ୍ୟ ଉପଦେଷ୍ଟା ଡ ପୂର୍ଣ୍ଣଚନ୍ଦ୍ର ସାହୁ, ସଭାପତି ମୀନାରାଣୀ ସାହୁ ଓ ବରିଷ୍ଠ ପ୍ରଶାସକ ପ୍ରଦୀପ କୁମାର ସାହୁ ଖୁସିବ୍ୟକ୍ତ କରିବା ସହିତ ସମସ୍ତ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ସମସ୍ତ ଅଧ୍ୟାପକ ଅଧ୍ୟାପିକାଙ୍କୁ ସାଧୁବାଦ ଜଣାଇଛନ୍ତି।

## ମୟୂରଭଞ୍ଜ ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲର ସଫଳତା

● ବିଜ୍ଞାନରେ ଶତପ୍ରତିଶତ ଫଳ, କଳା ଓ ବାଣିଜ୍ୟରେ ସଫଳ ପ୍ରଦର୍ଶନ





ବାରିପଦା,୨୦।୫(ସମିସ): ଚଳିତ ବର୍ଷ ଓଡ଼ିଶା ଉଚ୍ଚ ମାଧ୍ୟମିକ ସାର୍ଟିଫିକେଟ ପରୀକ୍ଷା ୨୦୨୬ରେ ସ୍ଥାନୀୟ ମହାରାଜପୁରସ୍ଥିତ ମୟୂରଭଞ୍ଜ ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲ ଚମତ୍କାର ସଫଳତା ହାସଲ କରିଛି। ବିଜ୍ଞାନ ବିଭାଗରେ ଶତପ୍ରତିଶତ ଫଳାଫଳ ହୋଇଥିବା ବେଳେ ଛାତ୍ରୀ ଚିନ୍ମୟୀ ନାୟକ ୮୬ ପ୍ରତିଶତ ନମ୍ବର ରଖି କଲେଜରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ବିଜ୍ଞାନରେ ଦୁଇ ଜଣ ଦ୍ୱିତୀୟ ଶ୍ରେଣୀରେ ପାସ୍ କରିଥିବାବେଳେ ଅନ୍ୟ ସମସ୍ତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ପାସ କରିଛନ୍ତି। ସେହିପରି କଳା ବିଭାଗରେ ୯୫ ପ୍ରତିଶତ ଫଳାଫଳ ହୋଇଥିବା ବେଳେ ରଶ୍ମୀ ନାୟକ ୭୦ ପ୍ରତିଶତ ନମ୍ବର ରଖି ସର୍ବାଧିକ ସଫଳତା ଅର୍ଜନ କରିଛନ୍ତି। ବାଣିଜ୍ୟ ବିଭାଗରେ ମଧ ୯୦ ପ୍ରତିଶତ ଫଳାଫଳ ହୋଇ କଲେଜର ସୁନାମକୁ ଅକ୍ଷୁର୍ଣ୍ଣ ରଖିଛି। ଏହି ଉଲ୍ଲେଖନୀୟ ସଫଳତା ପାଇଁ ମୟୂରଭଞ୍ଜ ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲର ପ୍ରିନ୍ସିପାଲ ମିସ୍ ଦେବଶ୍ରିତା ବିଶ୍ୱାଳ ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଅଧ୍ୟକ୍ଷା ବିଶ୍ୱାଳ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ଦାଶ, ସମ୍ପାଦକ ପ୍ରଦୀପ କୁମାର ନାୟକ, ଉପଦେଷ୍ଟା ସଂଘମିତ୍ରା ରାଉତ ଓ କୀର୍ତ୍ତିକୌଶିକ ନାୟକଙ୍କୁ ତାଙ୍କର ମୂଲ୍ୟବାନ ପରାମର୍ଶ ଓ ନିର୍ଦ୍ଦେଶନା ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ। ଆଗାମୀ ଦିନରେ ଛାତ୍ରଛାତ୍ରୀ ଆହୁରି ଭଲ ପ୍ରଦର୍ଶନ କରି କଲେଜ ଓ ଜିଲ୍ଲା ପାଇଁ ଗୌରବ ଆଣିବେ ବୋଲି ଆଶା ପ୍ରକାଶ କରିଥିଲେ।

## ପିଆର୍‌ଏମ୍ ମହାବିଦ୍ୟାଳୟର ବବିତା ଓ ନାରାୟଣ ଟପ୍ପର







ଶରତ,୨୦।୫(ସମିସ): କପ୍ତିପଦା ବ୍ଲକ ଅନ୍ତର୍ଗତ ପଣ୍ଡିତ ରଘୁନାଥ ମୁର୍ମୁ +୨ ମହାବିଦ୍ୟାଳୟରେ ପୁଅଙ୍କ ଅପେକ୍ଷା ଝିଅମାନେ ବାଜି ମାରିଛନ୍ତି। ଯୁକ୍ତ ଦୁଇ ପରୀକ୍ଷାରେ ବବିତା ମହାନ୍ତ ୫୦୮ ମାର୍କ ଅର୍ଥାତ ୮୪.୬ ପ୍ରତିଶତ ମାର୍କ ରଖି କଲେଜ ଟପ୍ପର ହୋଇ ପାରିଛନ୍ତି। ବବିତା ମହାନ୍ତ ୫୦୮ ମାର୍କ ରଖି ଶରତ ଅଞ୍ଚଳ ପାଇଁ ଗର୍ବ ଏବଂ ଗୌରବ ଆଣି ପାରିଛନ୍ତି। ନାରାୟଣ ସିଂ ୪୭୬(୭୯.୩ ପ୍ରତିଶତ) ରଖି ଦ୍ୱିତୀୟ ଟପ୍ପର ହୋଇଥିବା ବେଳେ ଜୀଙ୍ଗି ସିଂ ହାଇବୁରୁ ୪୭୪(୭୯ପ୍ରତିଶତ) ମାର୍କ ରଖି କଲେଜର ତୃତୀୟ ଟପ୍ପର ହୋଇ ପାରିଛନ୍ତି। ଏହି ସଫଳତା ପାଇଁ କୃତୀ ଛାତ୍ରଛାତ୍ରୀ କଲେଜର ଅଧ୍ୟକ୍ଷ ଡଃ. ଭଗବାନ ପଣ୍ଡା ଏବଂ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ସେମାନଙ୍କର ଅଭିଭାବକଙ୍କୁ ଶ୍ରେୟ ଦେଇଛନ୍ତି।

## ଗୋପବନ୍ଧୁନଗର ବ୍ଲକ୍‌ର ପାସ୍‌ହାର ୮୭ ପ୍ରତିଶତ

କୁଆମରା,୨୦।୫(ସମିସ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତଦୁଇ କଳା, ବିଜ୍ଞାନ ଓ ଧନ୍ଦାମୂଳକ ପରୀକ୍ଷା ଫଳ ଆଜି ପ୍ରକାଶ ପାଇବା ପରେ ଗୋପବନ୍ଧୁନଗର ବ୍ଲକ୍‌ର ୮୭ ପ୍ରତିଶତ ପାସହାର ଦେଖିବାକୁ ମିଳିଛି। କୁଆମରା ସାରସ୍ୱତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିଜ୍ଞାନରେ ୩୫ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୩୧ ଜଣ ପାସ୍ କରିଛନ୍ତି। ଛାତ୍ରୀ ବିଶେଶ୍ୱରୀ ନାୟକ ସର୍ବାଧିକ ୫୪୫ ନମ୍ବର ରଖିଛନ୍ତି। ସେହିପରି କଳାରେ ୧୪୭ ରୁ ୧୧୬ ଜଣ ପାସ୍ କରିଥିବାବେଳେ ଉର୍ମିଳା ସିଂ ସର୍ବାଧିକ ୪୭୫ ନମ୍ବର ରଖିଛନ୍ତି। ପୁରୁଣା ବାରିପଦା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନରେ ୧୮ ଜଣ ପରୀକ୍ଷା ଦେଇଥିବା ବେଳେ ଶତପ୍ରତିଶତ ପାସ୍ କରିଛନ୍ତି। ସଂଗୀତା ବେହେରା ସର୍ବାଧିକ ୪୨୫ ନମ୍ବର ରଖିଛନ୍ତି। କଳାରେ ମୋଟ ୧୫୪ ଜଣ ପରୀକ୍ଷା ଦେଇଥିବା ବେଳେ ୧୪୨ ପାସ୍ କରିଛନ୍ତି। ସୁପ୍ରିୟା ସିଂ ସର୍ବାଧିକ ୫୧୦ ନମ୍ବର ରଖିଛନ୍ତି। ସେହିପରି ଧନ୍ଦାମୂଳକ ବିଷୟରେ ୨୪ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଜଣେ ଫେଲ ହୋଇଛନ୍ତି। ରେବତୀ ମହାନ୍ତ ସର୍ବାଧିକ ୪୭୦ ନମ୍ବର ରଖିବାରେ ସକ୍ଷମ ହୋଇଛନ୍ତି। ସାଇଁକୁଳା ପଞ୍ଚପଲ୍ଲୀରେ ମୋଟ ୮୧ ଜଣ ପରୀକ୍ଷା ଦେଇଥିବା ବେଳେ ୭୫ ଜଣ ପାସ୍ କରିଛନ୍ତି। ଗାୟତ୍ରୀ ଜେନା ସର୍ବାଧିକ ୪୪୯ ନମ୍ବର ରଖି ବିଦ୍ୟାଳୟର ପ୍ରଥମ ସ୍ଥାନରେ ରହିଛନ୍ତି।

## ଡିଭାଇନ୍ +୨ ସାଇନ୍ସ ହାୟର୍ ସେକେଣ୍ଡାରୀ ସ୍କୁଲର ସଫଳତା

ବାରିପଦା,୨୦। ୫(ସମିସ): ଡିଭାଇନ୍ +୨ ସାଇନ୍ସ ହାୟର୍ ସେକେଣ୍ଡାରୀ ସ୍କୁଲର ପ୍ରଥମ ବ୍ୟାଚ୍ ଛାତ୍ରଛାତ୍ରୀ ଚଳିତ ବର୍ଷ ବାର୍ଷିକ ପରୀକ୍ଷାରେ ସଫଳତା ହାସଲ କରିଛନ୍ତି। ସମସ୍ତ ୪୨ଜଣ ଛାତ୍ରଛାତ୍ରୀ ସଫଳତା ପାଇଥିବା ବେଳେ ଆକାଶ ପ୍ରଧାନ ୯୬.୩୩ ପ୍ରତିଶତ ନମ୍ବର ରଖି ଟପ୍ପର ହୋଇଛନ୍ତି। ସେହିପରି ୧୫ ଜଣ ୯୦ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ବେଳେ ୧୬ ଜଣ ୮୫ ପ୍ରତିଶତରୁ ଅଧିକ, ୬ ଜଣ ୮୦ପ୍ରତିଶତରୁ ଅଧିକ, ୪ ଜଣ ୭୦ପ୍ରତିଶତରୁ ଅଧିକ ଓ ଜଣେ ୬୫ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି।

## ନୂଆସାହି ଡିଗ୍ରୀ କଲେଜର ଇଣ୍ଟର୍ଣ୍ଣସିପ କାର୍ଯ୍ୟକ୍ରମ



କପ୍ତିପଦା,୨୦।୫(ସମିସ): ନୂଆସାହିସ୍ଥିତ ଡିଗ୍ରୀ ମହାବିଦ୍ୟାଳୟର ଦର୍ଶନ ବିଭାଗ ୪ର୍ଥ ସେମିଷ୍ଟାର ଛାତ୍ରଛାତ୍ରୀଙ୍କ ଇଣ୍ଟର୍ଣ୍ଣସିପ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି ଅବସରରେ ଛାତ୍ରଛାତ୍ରୀ ଜାମବଣି ଗ୍ରାମପଞ୍ଚାୟତ ଆମ୍ବପିଛୁଳା ଗ୍ରାମ ପରିଦର୍ଶନ କରିଥିଲେ। ସହବନ୍ଧିତ ସଂସ୍ଥା ପ୍ଲାନ ଇଣ୍ଡିଆ ତରଫରୁ ସଂଯୋଜକ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଆଶିଷ କୁମାର ମଲ୍ଲିକ ଓ ରଞ୍ଜନ କୁମାର ନାୟକଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀ ଗ୍ରାମ୍ୟ ଉନ୍ନୟନ ସମ୍ପର୍କିତ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା ଓ ବିକଳାଙ୍ଗ ଭତ୍ତା ସମ୍ପର୍କରେ ସୂଚନା ପ୍ରାପ୍ତ ହୋଇଥିଲେ। ତତ୍‌ପରେ ଭିଏଚଏନଡି ଦିବସ ପରିପ୍ରେକ୍ଷୀରେ ଶିଶୁ ପୋଷଣ ସମ୍ପର୍କିତ ଜ୍ଞାନପ୍ରାପ୍ତ ହୋଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଛାତ୍ରଛାତ୍ରୀ ନିକଟସ୍ଥ ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରି ସେଠାରେ ପ୍ରଚଳିତ ଶିକ୍ଷା ବ୍ୟବସ୍ଥା, ସ୍ୱାସ୍ଥ୍ୟ ସଚେତନତା, ସ୍ୱାସ୍ଥ୍ୟରକ୍ଷା, ପୋଷଣ ଓ ପ୍ରତିଷେଧକ ବ୍ୟବସ୍ଥା ସମ୍ପର୍କରେ ଅବଗତ ହୋଇଥିଲେ। ସେହି ସମୟରେ ଆମ୍ବପିଛୁଳା ଗ୍ରାମର ଗାଁ କଲ୍ୟାଣ ସମିତି ବୈଠକରେ ଉପସ୍ଥିତ ହୋଇଥିଲେ। ଶେଷରେ ଛାତ୍ରଛାତ୍ରୀ ଘରକୁ ଘର ବୁଲି ସ୍ୱାସ୍ଥ୍ୟଗତ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ।

## ଦନ୍ତା ଆକ୍ରମଣରେ ଓଲଟିଲା ଟାଟା ମ୍ୟାଜିକ୍, ବର୍ତ୍ତିଗଲେ ୪ ଯାତ୍ରୀ

ରାସଗୋବିନ୍ଦପୁର,୨୦।୫(ସମିସ): ରାସଗୋବିନ୍ଦପୁର ରେଞ୍ଜ ଅଧୀନ ସାରୁମୂଳାରୁ ଖୁଣ୍ଟା ଯାଉଥିବା ରାସ୍ତାର ଝେଙ୍କାସାହି ନିକଟରେ ଆଜି ଏକ ଦନ୍ତା ଆକ୍ରମଣରେ ଟାଟା ମ୍ୟାଜିକ୍ ଓଲଟିପଡ଼ିଛି। ଗାଡ଼ିରେ ଥିବା ୪ ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁସାରେ, ଓଡି ୦୧-ଏଫ ୦୯୨୭ ନମ୍ବର ବିଶିଷ୍ଟ ଟାଟା ମ୍ୟାଜିକ



ଭ୍ୟାନଟି ସାରୁମୂଳାରୁ ଖୁଣ୍ଟା ଅଭିମୁଖେ ଯାଉଥିବା ବେଳେ ଝେଙ୍କାସାହି ନିକଟରେ ଏକ ଦନ୍ତା ହାତୀ ଶୁଣ୍ଢରେ ଓଲଟାଇ ଦେଇଥିଲା। ଗାଡ଼ିରେ ଥିବା ୪ ଜଣ ଯାତ୍ରୀ ଜୀବନ ବିକଳରେ ଗାଡ଼ିରୁ ବାହାରି ଦୌଡ଼ି ପଳାଇଥିବାରୁ କୌଣସି କ୍ଷୟକ୍ଷତି ହୋଇନାହିଁ। ଏହି ରାସ୍ତା ସଂଲଗ୍ନ ଜଙ୍ଗଲରେ ୪୦ରୁ ଅଧିକ ହାତୀ ରହିଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ସେଥିମଧ୍ୟରୁ ଗୋଟିଏ ଦନ୍ତା ହାତୀ ହିଂସ୍ର ହୋଇପଡ଼ିଛି। ଏହି ରାସ୍ତା ଦେଇ କୌଣସି ଲୋକ କିମ୍ବା ଯାନବାହନ ଯାତାୟାତ କଲେ ଉକ୍ତ ଦନ୍ତା ଆକ୍ରମଣ କରୁଛି। ଏହାକୁ ଦୃଷ୍ଟିରେ ରଖି ବନ ବିଭାଗ ପକ୍ଷରୁ ଲୋକଙ୍କୁ ସତର୍କ ରହିବା ସହ ସାବଧାନତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି। ବିଶେଷ କରି ସନ୍ଧ୍ୟା ଓ ରାତି ସମୟରେ ଏହି ରାସ୍ତାରେ ଯାତାୟାତ ନକରିବାକୁ ଅନୁରୋଧ କରାଯାଇଛି।

## ମହୁଲ ଗୋଦାମରେ ଚଢ଼ଉ, ବିପୁଳ ପରିମାଣର ମହୁଲ ଫୁଲ ଜବତ

ଠାକୁରମୁଣ୍ଡା,୨୦।୫(ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବଜାର ଅଞ୍ଚଳରେ ଥିବା ସର୍ବେଶ୍ୱର ଜେନାଙ୍କ ବେଆଇନ ମହୁଲ ଗୋଦାମ ଉପରେ ବୁଧବାର ସକାଳୁ ରାଜ୍ୟ ଅବକାରୀ ବିଭାଗର ସ୍ୱତନ୍ତ୍ର ଫ୍ଲାଇଙ୍ଗ ସ୍କ୍ୱାଡ୍ ଓ ଠାକୁରମୁଣ୍ଡା ଅବକାରୀ ବିଭାଗର ଯୁକ୍ତ ଦଳ ଚଢ଼ଉ କରି ବିପୁଳ ପରିମାଣର ମହୁଲ ଫୁଲ ଜବତ କରିଛନ୍ତି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ୨୫୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ମହୁଲ ଜବତ ହୋଇଥିବା ବେଳେ ଗୋଦାମ ରେ ଥିବା ମହୁଲର ହିସାବ ଚାଲିଥିଲା। ଗୋଦାମ ଭିତରେ ବେଆଇନ ଭାବରେ ଗଚ୍ଛିତ ବହୁ ପରିମାଣର ମହୁଲ ଫୁଲ ଥିବା ଦେଖିବାକୁ ମିଳିଥିଲା। ପରେ ଅବକାରୀ ବିଭାଗ ମହୁଲ ଫୁଲକୁ ଜବତ କରି ତଦନ୍ତ ଆରମ୍ଭ କରିଛି। ଚଢ଼ଉରେ ରାଜ୍ୟ ଅବକାରୀ ବିଭାଗର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ରସନ ଇଶୁ ହାଁସଦାଙ୍କ ସହିତ ହିରାଜଳ ପତି, ଅମିତ କୁମାର ବିଶ୍ୱାଳ, କଣ୍ଠ ଓରାମ, ଅଜୟ ବେହେରା ଓ ଅନ୍ୟାନ୍ୟ ଅଧିକାରୀ ସାମିଲ ଥିଲେ। ସେହିପରି ଠାକୁରମୁଣ୍ଡା ଅବକାରୀ ବିଭାଗ ପକ୍ଷରୁ ଅବକାରୀ ଥାନା ଅଧିକାରିଣୀ ଭାରତୀ ନାଇକ, ଏଏସ୍‌ଆଇ ଲକ୍ଷ୍ମଣ ନାୟକ ଓ ଚନ୍ଦ୍ରକାନ୍ତ ମୁଦୁଲି ମଧ ସାମିଲ୍ ହୋଇଥିଲେ।

## ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚାରେ ଫାଟ

● ନାରୀଶକ୍ତି ପକ୍ଷରୁ 'ସଂଘର୍ଷ' ସଂଗଠନ ଗଠିତ



ବାରିପଦା,୨୦।୫(ସମିସ): ମୟୂରଭଞ୍ଜ ଜିଲ୍ଲା ବିଜେପି ଦଳର ଅସନ୍ତୁଷ୍ଟ ନେତ୍ରୀମାନଙ୍କ ନେତୃତ୍ୱରେ ଏକ ନୂତନ ସଙ୍ଗଠନ "ସଂଘର୍ଷ" ଗଠନ କରାଯାଇ ନାରୀଶକ୍ତି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମ ବରିଷ୍ଠ ନେତ୍ରୀ ପାୟଲ ରାୟ, ହେମଲତା ଦାସ, ସସ୍ମିତା ପୃଷ୍ଟି, ସସ୍ମିତା ଚାନ୍ଦ, ଶୁଭସ୍ମିତା ବେହେରା, ଜୟନ୍ତୀ ନାୟକ, ଶୁଭଲକ୍ଷ୍ମୀ ସାହୁ ସହିତ ଅନେକ ଆଗଧାଡ଼ିର ନେତ୍ରୀଙ୍କ ଦ୍ୱାରା ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ରାଜ୍ୟସଭା ସଦସ୍ୟା ମମତା ମହାନ୍ତ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଜାତା ମୁର୍ମୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁମନ ସିଂ, ପୂର୍ବତନ ନଗର ସଭାପତି ବିଜୟ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିଗତ ଦିନରେ କର୍ମୀମାନେ ଦଳକୁ ଶାସନ କ୍ଷମତାକୁ ଆଣିବାକୁ ଅନେକ ସଂଘର୍ଷ କରିଥିବାରୁ ସଙ୍ଗଠନର ନାମକରଣ 'ସଂଘର୍ଷ' ରଖାଯାଇଥିବା ନେଇ ମହିଳା ନେତୃବୃନ୍ଦ ପ୍ରକାଶ କରିଥିଲେ। ଏବେ ଦଳ ପୁରୁଖା ନେତାଙ୍କୁ ଅଣଦେଖା କରି ନୂଆକରି ଆସିଥିବା କର୍ମୀଙ୍କୁ ଅଧିକ ଗୁରୁତ୍ୱ ଦେଉଥିବାରୁ କର୍ମୀ ମାନେ ସେମାନଙ୍କୁ ସହଜରେ ଗ୍ରହଣ କରୁନାହାନ୍ତି। ନୂତନ ଦାୟିତ୍ୱ ପାଇଥିବା ବ୍ୟକ୍ତିଙ୍କୁ ଭରସା ବିଶ୍ୱାସ ମଧ କରିପାରୁନାହାନ୍ତି। ତେଣୁ ଏପରି କାର୍ଯ୍ୟକ୍ରମ କରି ତୃଣମୂଳସ୍ତରୀୟ କର୍ମୀଙ୍କୁ ନେଇ ତାଙ୍କୁ ବୁଝା ସୁଝା କରିବା ପାଇଁ ବିଭିନ୍ନ ସଭା ଅନୁଷ୍ଠିତ କରିବା ସହିତ ତାଙ୍କ ପାଇଁ ମନୋରଞ୍ଜନ ଭିତ୍ତିକ ବିଭିନ୍ନ ଖେଳ ପ୍ରତିଯୋଗିତା କରିବାକୁ ସିଦ୍ଧାନ୍ତ ନିଆଯାଇଛି। ଏହି କାର୍ଯ୍ୟକ୍ରମରେ ୩୦୦ରୁ ଅଧିକ କର୍ମୀ ଏକାଠି ହୋଇ କାମ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

**ବିଜୁ ମହିଳା ଜନତା ଦଳ ପକ୍ଷରୁ ନାରୀ ଅଧିକାର ଅଭିଯାନ ଶୋଭାଯାତ୍ରା**

## ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ

ମୋରଡ଼ା,୨୦।୫(ସମିସ):




ମୋରଡ଼ା ବ୍ଲକ୍ ଚିତ୍ରଡ଼ା ଜଗନ୍ନାଥ ମନ୍ଦିର ନିକଟରେ ବିଜୁ ଜନତା ଦଳ ତରଫରୁ ମହିଳା ଅଧିକାର ଲଢ଼େଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଜେଡି କର୍ମୀମାନେ ହଜାର ହଜାର ମହିଳାଙ୍କ ସହିତ ସ୍ଥାନୀୟ ଶୀର୍ଷାପାଳ ଛକ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ଯାଇଥିଲେ। ଏହାପରେ ଏକ ସଭାକାର୍ଯ୍ୟ ପୂର୍ବତନ ବିଧାୟକ ରାଜକିଶୋର ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ବିଜେଡିର ଜିଲ୍ଲା ସଭାପତି ସୁଦାମ ମାର୍ଣ୍ଡି, ପୂର୍ବତନ ବିଧାୟକ ପ୍ରାର୍ଥନୀ ପ୍ରୀତିନନ୍ଦା କାନୁନ୍‌ଗୋ, ଜିଲ୍ଲା ବିଜେଡି ମହିଳା ସଭାପତି ଦୀପ୍ତିଲତା ମିଶ୍ର, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ବ୍ଲକ୍ ଅଧ୍ୟକ୍ଷ ପୀଥନାଥ ସୋରେନ, ଜିଲ୍ଲା ପରିଷଦ ସଭ୍ୟା ଝରଣା ମୁର୍ମୁ, ସଭ୍ୟ ଅଭିରାମ ଭୋଇ, ମୋରଡ଼ା ବ୍ଲକ୍ ବିଜେଡି ସଭାପତି ସଚ୍ଚିଦାନନ୍ଦ ମହାନ୍ତ ପ୍ରମୁଖଙ୍କ ସହିତ ଅନ୍ୟ ଆଗ ଧାଡ଼ିର ବିଜେଡି କର୍ମୀ ମଞ୍ଚରେ ଉପସ୍ଥିତ ଥିଲେ। ଚଞ୍ଚକତା କରି ମହିଳା ସଂରକ୍ଷଣ ବିଲ ପାସ୍ କରିବାକୁ ଭାଜପା ସରକାର ଚେଷ୍ଟା କରୁଥିଲା। ମହିଳାଙ୍କୁ ରାଜନୀତିରେ ସଂରକ୍ଷଣ ପାଇଁ ଭାଜପା ଯେଉଁ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି ଏହାର ପ୍ରତିବାଦରେ ଆଜିର ଏହି କାର୍ଯ୍ୟକ୍ରମ। ବିଜେଡି ସବୁବେଳେ ମହିଳାମାନଙ୍କୁ ସର୍ବାଗ୍ରେ ଅଧିକାର ଦେଇଛି ବୋଲି କହିଛନ୍ତି ସଭାପତି ମାର୍ଣ୍ଡି। ସେହିପରି ବର୍ତ୍ତମାନର ଭାଜପା ସରକାର ମିଛୁଆ ରାଧୁଆ ସରାକର ଓ ୨୦୨୩ ମସିହାରେ ହିଁ ମହିଳା ସଂରକ୍ଷଣ ବିଲ ପାସ ହୋଇଥିଲା

### ଦୁଇହଜାରରୁ ଊର୍ଦ୍ଧ୍ୱ ମହିଳାଙ୍କ ଯୋଗଦାନ

କିନ୍ତୁ ସେବେଠୁ ଉକ୍ତ ବିଲ କାର୍ଯ୍ୟକାରୀ ଭାଜପା ସରକାର କରି ନଥିଲା। ବର୍ତ୍ତମାନ ପୁଣି ଡିଲିମିଟେସନକୁ ଆଧାର କରି ମହିଳା ସଂରକ୍ଷଣ ବିଲ ପାସ କରିବାକୁ ଅପଚେଷ୍ଟା କରି ବିଫଳ ହୋଇଥିଲା ଏବଂ ମହିଳାମାନଙ୍କୁ ଏହି ଆଧାରରେ ଭୁଆଁ ବୁଲାଇବାକୁ ଚେଷ୍ଟା କରୁଛି ଭାଜପା ବୋଲି ବିଜେଡିର ନେତୃବୃନ୍ଦ ପ୍ରକାଶ କରିଛନ୍ତି।



# ଥରେ ବୁଡ଼ିଲା; ପୁଣି ୨୬ଲକ୍ଷ

■ 'ବରମୁଣ୍ଡା ଐତିହ୍ୟ ପୁଷ୍କରିଣୀ'ର ହେବ ପୁନରୁଦ୍ଧାର
■ ରକ୍ଷଣାବେକ୍ଷଣ ଦାୟିତ୍ୱ ନେବେ ଗ୍ରାମବାସୀ

ଭୁବନେଶ୍ୱର, ୨୦।୫(ସମିସ)



ପାଚେରି ବାହାରେ ଓଡ଼ିଶାର ପାରମ୍ପରିକ ହସ୍ତତନ୍ତର ଛାପ ବେଶ୍ ଲୋକଙ୍କୁ ବେଶ୍ ଆକର୍ଷିତ କରୁଛି। ହେଲେ ଗେଟ୍ ଖୋଲି ଭିତରକୁ ଯିବା ପରେ ଦୁର୍ଗନ୍ଧ ସାଙ୍ଗକୁ ଦେଖିବାକୁ ମିଳିଛି ଆବର୍ଜନା ଭର୍ତ୍ତି ଜଳାଶୟ। ପାଦ ବୁଡ଼ାଇବା ତ ଦୂରର କଥା ନାକରେ ହାତ ଦେଇ ସେଠାରୁ ଚାଲିଆସୁଛନ୍ତି ଲୋକେ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଜାତୀୟ ରାଜପଥ କଡ଼ରେ ଥିବା ବରମୁଣ୍ଡା ଐତିହ୍ୟ ପୁଷ୍କରିଣୀରେ। ଏଠାରେ ରହିଥିବା ବହୁ ପୁରାତନ ପୁଷ୍କରିଣୀ ଏବେ ଆବର୍ଜନା କୁଣ୍ଡ ପାଲଟିଛି। ଏହି ପୁରାତନ ପୁଷ୍କରିଣୀର ପୁନରୁଦ୍ଧାର କରାଯିବାକୁ ପୁଣି ଥରେ ଖର୍ଚ୍ଚ ହେବ ୨୬ଲକ୍ଷ ଟଙ୍କା। ପୂର୍ବରୁ ମଧ୍ୟ ପୁଷ୍କରିଣୀର ପୁନରୁଦ୍ଧାର ପାଇଁ ୨୦ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ରକ୍ଷଣାବେକ୍ଷଣ ଅଭାବରୁ ତାହା ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବାରୁ ୨୦ ଲକ୍ଷ ଟଙ୍କା ପାଣିରେ ବୁଡ଼ିଲା ବୋଲି କୁହାଯାଉଛି।

ସହର ମଧ୍ୟରେ ଗାଁର ଅନୁଭୂତି ଦେବାକୁ ବରମୁଣ୍ଡା ଜାତୀୟ ରାଜପଥ କଡ଼ରେ ନିର୍ମାଣ ହୋଇଥିଲା 'ବରମୁଣ୍ଡା ଐତିହ୍ୟ ପୁଷ୍କରିଣୀ'। ରକ୍ଷଣାବେକ୍ଷଣ ଅଭାବରୁ ମାଟିରେ ମିଶିବାକୁ ବସିଥିଲେ ବି ଏହାର ପୁନରୁଦ୍ଧାର ପାଇଁ ଟେଣ୍ଡର ହୋଇ ମଧ୍ୟ କାର୍ଯ୍ୟ ଆରମ୍ଭ ହୋଇପାରୁ ନାହିଁ। ୨୦୨୦ ମସିହା ଅକ୍ଟୋବର ମାସ ୧୯ ତାରିଖରେ ଏହି ପୁଷ୍କରିଣୀର ପୁନରୁଦ୍ଧାର କରାଯାଇଥିଲା। ପୂର୍ବରୁ ଏହା ରାସ୍ତାର ଅପରପାର୍ଶ୍ୱରେ ରହିଥିବା ବେଳେ ବରମୁଣ୍ଡା ଫ୍ଲାଏଓଭର ନିର୍ମାଣ ସମୟରେ ପୋଖରୀର ପୁନରୁଦ୍ଧାର କରାଯିବାକୁ ସ୍ଥାନୀୟ ଲୋକେ ଦାବୀ କରିବାରୁ ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତାର ଅପର ପାର୍ଶ୍ୱରେ ଏକ ପୋଖରୀ ନିର୍ମାଣ କରାଯାଇ ପୂର୍ବ ପୁଷ୍କରିଣୀ ଅନୁସାରେ ବରମୁଣ୍ଡା ଐତିହ୍ୟ ପୁଷ୍କରିଣୀ ରଖାଯାଇଥିଲା। ଏଥି ନିମନ୍ତେ ପର୍ଯ୍ୟଟନ ବିଭାଗ ଅର୍ଥରାଶି ଯୋଗାଇଥିଲା। ଏହି ପୁଷ୍କରିଣୀକୁ ଅତ୍ୟାଧୁନିକ ଭାବେ ନିର୍ମାଣ କରାଯିବାକୁ ୨୦ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ଜଣାପଡ଼ିଛି। ଚାରିପାଖ ପାଚେରୀ ନିର୍ମାଣ ସହ ସେଥିରେ ଐତିହାସିକ କଥାବସ୍ତୁ ଉପରେ ଆଧାରିତ ଚିତ୍ର, ଜଳଜୀବମାନଙ୍କ ଚିତ୍ର କରାଯାଇ ବେଶ୍ ଆକର୍ଷଣୀୟ ହୋଇଥିବାରୁ ପ୍ରତ୍ୟେକ ପଥଚାରୀଙ୍କ ଦୃଷ୍ଟି ଆକର୍ଷଣ କରୁଥିଲା ଏହି ପୁଷ୍କରାଣୀ। ତେବେ ଦୀର୍ଘ ୪ବର୍ଷ ହେବ ପୁଷ୍କରିଣୀ ବ୍ୟବହାରଯୋଗ୍ୟ ହୋଇନଥିବାରୁ ଏହାର ପୁନରୁଦ୍ଧାର ପାଇଁ ବାରମ୍ବାର ଟେଣ୍ଡର ହୋଇ ମଧ୍ୟ ବିଏମ୍‌ସି ପାଖରେ ଅର୍ଥ ନଥିବାରୁ ତାହା କ୍ୟାନସଲ ହୋଇଥିବା ଜଣାପଡ଼ିଥିଲା। ତେବେ ପୁଣି ଥରେ ପୁଷ୍କରିଣୀକୁ ପୂର୍ବଭଳି ସୌନ୍ଦର୍ଯ୍ୟପୂର୍ଣ୍ଣ କରାଯିବ। ଏଥିପାଇଁ ୨୬ଲକ୍ଷ ଟଙ୍କାର ଟେଣ୍ଡର ହୋଇଥିବା ସୂଚନା ରହିଛି। ଏଠାରେ ବରମୁଣ୍ଡା ଗାଁ ଲୋକଙ୍କ ସମେତ ବରମୁଣ୍ଡା ବସଷ୍ଟାଣ୍ଡ ଯାତ୍ରୀ, ବସ୍ ଚାଳକମାନେ ଶୌଚ କରିବା ସହ ଗାଧୋଇଥାନ୍ତି। ଦଶାହ କାର୍ଯ୍ୟ କରାଯିବାକୁ ମଧ୍ୟ ସମସ୍ତ ବ୍ୟବସ୍ଥା ରହିଛି। ଏଥିରେ ମଟର ଲଗାଯାଇ ବୋରିଂ ଯୋଗେ ସ୍ୱଚ୍ଛ ପାଣି ଭର୍ତ୍ତି କରାଯିବା ସହ ଆବର୍ଜନା ପାଣି ନିଷ୍କାସନ କରାଯାଇଥାଏ। କିନ୍ତୁ, ବିଡ଼ମ୍ବନାର ବିଷୟ ୪ବର୍ଷ ହେବ ମଟର ଅଚଳ ସାଙ୍ଗକୁ ଆବର୍ଜନା ପାଣି ନିଷ୍କାସନ ହେଉ ନାହିଁ। ଫଳରେ ତାହା ଜମି ରହି ନଷ୍ଟ ହେଉଛି। ଦଶାହ କାର୍ଯ୍ୟ କରାଯିବା ପରେ ସେଠାରେ ମାଟି ହାଣ୍ଡି, ପୁରୁଣା ପୋଷାକ ମଧ୍ୟ ଗଦା ହୋଇ ରହିଛି। ଏନେଇ ୱାର୍ଡର କର୍ପୋରେଟର ରାମଚନ୍ଦ୍ର ରଣସିଂହ କହିଛନ୍ତି ଯେ, ପୁଷ୍କରିଣୀର ପୁନରୁଦ୍ଧାର ପାଇଁ ୨୬ ଲକ୍ଷ ଟଙ୍କାର ଟେଣ୍ଡର ହୋଇଥିବା ବେଳେ ଚଳିତ ଜୁନ୍ ମାସରୁ କାମ ଆରମ୍ଭ ହେବ। ଏଥିରେ ପୁଷ୍କରିଣୀକୁ ପୁନର୍ବା।ର ଖେଳାଯିବା ସହ ଜଳନିଷ୍କାସନ ପାଇଁ ବ୍ୟବସ୍ଥା, ଚାରିପାଖରେ ସୌନ୍ଦର୍ଯ୍ୟକରଣ, ଉଭୟ ପୁରୁଷ ଓ ମହିଳାମାନଙ୍କ ପାଇଁ ଶୌଚାଳୟ, ଏକାଦଶାହ କାର୍ଯ୍ୟ ପାଇଁ ସମସ୍ତ ବ୍ୟବସ୍ଥା ଆଦି କରାଯିବ। ଏହାସହ ପୁଷ୍କରିଣୀର ସୁରକ୍ଷା ଦିଗରେ ମଧ୍ୟ ପଦକ୍ଷେପ ନିଆଯିବ। ଏହାସହ ପୁଷ୍କରିଣୀର ରକ୍ଷଣାବେକ୍ଷଣ ନିମନ୍ତେ ଗ୍ରାମବାସୀଙ୍କୁ ନେଇ ଏକ କମିଟି ଗଠନ କରାଯାଇ ଉକ୍ତ କମିଟିକୁ ଦାୟିତ୍ୱ ହସ୍ତାନ୍ତର କରାଯିବ ବୋଲି କର୍ପୋରେଟର ଶ୍ରୀ ରଣସିଂହ କହିଛନ୍ତି।

## କେଭିଆଇସି ପକ୍ଷରୁ 'ବିଶ୍ୱ ମହୁମାଛି ଦିବସ'



ଭୁବନେଶ୍ୱର, ୨୦।୫(ସମିସ): ଭାରତ ସରକାରଙ୍କ ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟମ ମନ୍ତ୍ରଣାଳୟ ଅଧୀନସ୍ଥ ଖଦି ଏବଂ ଗ୍ରାମୋଦ୍ୟୋଗ ଆୟୋଗ (କେଭିଆଇସି) ପକ୍ଷରୁ ଭର୍ଚୁଆଲ ମାଧ୍ୟମରେ 'ବିଶ୍ୱ ମହୁମାଛି ଦିବସ' ପାଳିତ ହୋଇଯାଇଛି। କେଭିଆଇସିର ଅଧ୍ୟକ୍ଷ ମନୋଜ କୁମାର ନୂଆଦିଲ୍ଲୀର ଗାନ୍ଧୀ ଦର୍ଶନ କାର୍ଯ୍ୟାଳୟରୁ କେଭିଆଇସିର ଦେଶବ୍ୟାପୀ ସମସ୍ତ କାର୍ଯ୍ୟାଳୟ, ମହୁଚାଷୀ, ଲାଭାନ୍ୱିତ, ବୈଜ୍ଞାନିକ, ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କୁ ସମ୍ବୋଧନ କରିବା ସହ ପୁଣେସ୍ଥିତ କେନ୍ଦ୍ରୀୟ ମହୁମାଛି ଗବେଷଣା ଏବଂ ପ୍ରଶିକ୍ଷଣ ସଂସ୍ଥାନ(ସିବିଆରଟିଆଇ)ରେ ଆୟୋଜିତ 'ହନି ପ୍ରଦର୍ଶନୀ'କୁ ଉଦ୍‌ଘାଟନ କରିଛନ୍ତି। ହନି ମିଶନ ଅଧୀନରେ ୨୦୧୭-୧୮ରୁ ୨୦୨୫-୨୬ ପର୍ଯ୍ୟନ୍ତ ଦେଶବ୍ୟାପୀ ୨, ୨୬, ୦୦୯ଟି ମହୁବାକ୍ସ ଓ ମହୁମାଛି କଲୋନୀ ବଣ୍ଟନ କରାଯାଇଛି। ଫଳରେ ୨୪ହଜାର ୨୬୯ ମେଟ୍ରିକ ଟନ୍ ମହୁ ଉତ୍ପାଦନ ବୃଦ୍ଧି ପାଇଛି। ତେବେ ୨୦୨୫-୨୬ ମସିହାରେ ମହୁ ଉତ୍ପାଦନ ପ୍ରାୟ ୫ହଜାର ୫୧୨ ମେଟ୍ରିକ ଟନ୍‌କୁ ପହଞ୍ଚିଥିବା ବେଳେ ଉକ୍ତ ବର୍ଷରେ କେଭିଆଇସି ସହ ସମ୍ପୃକ୍ତ ମହୁଚାଷୀ ମାନେ ପ୍ରାୟ ୩୧ କୋଟି ଟଙ୍କାର ମହୁ ରପ୍ତାନି କରିଛନ୍ତି ବୋଲି ସେ କହିଛନ୍ତି।

## ଜୁନ୍ ୨ରେ ମା' ସୁନାଦେଇ ୱାକର୍ସ କ୍ଲବର ବାର୍ଷିକ ଉତ୍ସବ



ଭୁବନେଶ୍ୱର, ୨୦।୫(ସମିସ): ମା' ସୁନାଦେଇ ୱାକର୍ସ କ୍ଲବର ପ୍ରଥମ ବାର୍ଷିକ ଉତ୍ସବ ଆସନ୍ତା ଜୁନ୍ ୨ରେ ଜୟଦେବ ଭବନଠାରେ ଅନୁଷ୍ଠିତ ହେବ। ଏହି ଉତ୍ସବରେ ଓଡ଼ିଆ, ଆମ କଳା ସଂସ୍କୃତି ଭାରି ବଢ଼ିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ବୁଧବାର ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ସଭାପତି ବିବେକାନନ୍ଦ ବାରିକ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ କାର୍ଯ୍ୟକାରୀ ସଭାପତି ଜ୍ୟୋତିପ୍ରକାଶ ମିଶ୍ର, ଉପଦେଷ୍ଟା ଶିବିର କୁମାର ପରିଡ଼ା, ସୁନାରାମ ସିଂହ, ଭଜକୃଷ୍ଣ ମହାନ୍ତି, ସମ୍ପାଦକ ବିଶ୍ୱରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## କଳିଙ୍ଗ ଶିକ୍ଷା ସମାଜର ପ୍ରତିଷ୍ଠା ଦିବସ




ଭୁବନେଶ୍ୱର, ୨୦।୫(ସମିସ): କଳିଙ୍ଗ ଶିକ୍ଷା ସମାଜ, ନୂଆଦିଲ୍ଲୀ ତାର ୩୪ତମ ପ୍ରତିଷ୍ଠା ଦିବସ ରବିବାର ଦିଲ୍ଲୀସ୍ଥିତ ଜେଏନ୍‌ୟୁ ପ୍ରାଙ୍ଗଣରେ ଏସ୍‌ଏସ୍-୧ ପ୍ରେକ୍ଷାଳୟରେ ପାଳିତ ହୋଇଯାଇଛି। ସେଥିରେ ମୁଖ୍ୟ ଅତିଥି ଭାବରେ ପ୍ରଫେସର ରବି ନାରାୟଣ ଆଚାର୍ଯ୍ୟ କେନ୍ଦ୍ର ସରକାରଙ୍କ ଆୟୁଷ ମନ୍ତ୍ରାଳୟ ଅଧୀନ ଡିଜି ସିସିଆର୍‌ଏଏସ୍ ବିଭାଗ, କଳିଙ୍ଗ ଶିକ୍ଷା ସମାଜର ସଭାପତି ପ୍ରଫେସର ବିସି ତ୍ରିପାଠୀ ଯୋଗ ଦେଇ ନିଜର ବକ୍ତବ୍ୟରେ ଆମେ ପ୍ରବାସୀ ଓଡିଆ ଘରେ ପରିବାରର ଅନ୍ୟ ସଦସ୍ୟଙ୍କ ସହିତ ନିଜ ମାତୃଭାଷାରେ କଥା ହେବା ଉଚିତ ବୋଲି କହିଥିଲେ। ଏହି ଅବସରରେ କଳିଙ୍ଗ ଶିକ୍ଷା ସମାଜର ସ୍ମରଣିକା କଳିଙ୍ଗ-ଧାରା ୨୦୨୬ ଉନ୍ମୋଚିତ ହୋଇଥିଲା। କଳିଙ୍ଗ ଶିକ୍ଷା ସମାଜର ସମ୍ପାଦକ ମାନସ ରଞ୍ଜନ ମହାପାତ୍ର ସାହାପୁରଜାଠସ୍ଥିତ ସର୍ବୋଦୟ ବିଦ୍ୟାଳୟରେ ୫ମ ପର୍ଯ୍ୟନ୍ତ ଓଡ଼ିଆ ଭାଷା ଶିଖାଇବା ସହିତ ଏବେ ମୁକ୍ତ ବେସିକ୍ କମ୍ପ୍ୟୁଟର ଓ ଇଂରାଜୀ ସ୍ପିକିଂ କ୍ଲାସ ମଧ୍ୟ ଆରମ୍ଭ କରାଇଛନ୍ତି। କଳିଙ୍ଗ ଶିକ୍ଷା ସମାଜର ଉପସଭାପତି ହିମାଂଶୁ କୁମାର ସାହୁ ଉପସ୍ଥିତ ଭଦ୍ର ମଣ୍ଡଳୀଙ୍କୁ ଧନ୍ୟବାଦ ଦେଇଥିଲେ। ସାହାପୁର୍‌ଜାଠସ୍ଥିତ ସର୍ବୋଦୟ ବିଦ୍ୟାଳୟର ୫ମ ଶ୍ରେଣୀରେ ପଢୁଥିବା ୫ ଜଣ ମେଧାବୀ ଓଡିଆ ଛାତ୍ରଙ୍କୁ ପୁରସ୍କାର ଦିଆଯାଇଥିଲା। ମୀନର୍ଭା ଦାସ ଓ ମମତା ଦାସ ଓଡିଆ ଭଜନ ମଧ୍ୟ ଗାଇଥିଲେ। କୁମାରୀ ସୁତାପା ଦାସ ସମ୍ବଲପୁରୀ ନୃତ୍ୟ କରିଥିଲେ। କୁମାରୀ ଅଭିପ୍ସା ଦାଶ ଓଡିଶୀ ନୃତ୍ୟ ସହ ତୁଟେ ମଧ୍ୟ ପରିବେଷଣ କରିଥିଲେ।

## ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସହ ଜେମ୍ସ କୁକ୍ ବିଶ୍ୱବିଦ୍ୟାଳୟର ପ୍ରତିନିଧିଙ୍କ ଆଲୋଚନା

ଭୁବନେଶ୍ୱର, ୨୦।୫(ସମିସ): ଅଷ୍ଟ୍ରେଲିଆର ପ୍ରତିଷ୍ଠିତ ଜେମ୍ସ କୁକ୍ ବିଶ୍ୱବିଦ୍ୟାଳୟର ଏକ ପ୍ରତିନିଧି ମଣ୍ଡଳୀ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ମିଳିତ ପିଏଚ୍‌ଡି ପାଠ୍ୟକ୍ରମ ଆରମ୍ଭ କରିବା ସହ ଓଡ଼ିଶାରେ ଏକ ଅନ୍ତର୍ଜାତୀୟ କ୍ୟାମ୍ପସ ପ୍ରତିଷ୍ଠା ଦିଗରେ ସମ୍ଭାବନାକୁ ଅନୁଧ୍ୟାନ କରିବା ଏବଂ ଛାତ୍ର ଓ ଅଧ୍ୟାପକ ବିନିମୟ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବା ପାଇଁ ଆଲୋଚନା ହୋଇଛି। ଜେମ୍ସ କୁକ୍ ବିଶ୍ୱବିଦ୍ୟାଳୟ ଏବଂ ବାଲେଶ୍ୱରସ୍ଥିତ ଫକୀର ମୋହନ ବିଶ୍ୱବିଦ୍ୟାଳୟ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ବୁଝାମଣା ପତ୍ର ସାମୁଦ୍ରିକ ଜୈବପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଓଡ଼ିଶାର ଛାତ୍ରଛାତ୍ରୀ ଓ ଗବେଷକମାନଙ୍କ ପାଇଁ ନୂତନ ସମ୍ଭାବନା ସୃଷ୍ଟି କରିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି। ଏହି ବୈଠକରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଚିତ୍ରା ଆରୁମୁଗମ୍, ଉଚ୍ଚଶିକ୍ଷା ବିଭାଗର ସଚିବ ଅରବିନ୍ଦ ଅଗ୍ରୱାଲ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



## ଓଡ଼ିଶା ଲେଖକ ସମବାୟ ସମିତିର ମାସିକ ଆଲୋଚନାଚକ୍ର



ଭୁବନେଶ୍ୱର, ୨୦।୫(ସମିସ): ଓଡ଼ିଶା ଲେଖକ ସମବାୟ ସମିତିର ମାସିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସଭା ଆରମ୍ଭରୁ ଅନୁଷ୍ଠାନର ସଭାପତି ପୀତବାସ ରାଉତରାୟ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଜୀବନରେ ଜନ୍ ରସ୍କିନ୍, ଲିଓ ଟଲ୍‌ଷ୍ଟୟଙ୍କ ଭଳି ଲେଖକଙ୍କ ପୁସ୍ତକ ତଥା ରାମାୟଣ, ମହାଭାରତ ଓ ଭଗବତ ଗୀତାର ପ୍ରଭାବ ତାଙ୍କ ଜୀବନରେ କିପରି ପ୍ରଭାବ ପକାଇଥିଲା ସେ ବିଷୟରେ ଆଲୋକପାତ କରିଥିଲେ। ମନୋଜ କୁମାର ଜେନା, ନିଶାକର ରାଉତ, ସିଦ୍ଧାର୍ଥ କାନୁନ୍‌ଗୋ, ବୈରାଗୀ ଚରଣ ପଟ୍ଟନାୟକ, ମିନତା ଷଡ଼ଙ୍ଗୀ, ଡ. ଆରତି କର, ବିରଜା ପ୍ରସାଦ ଶତପଥୀ ପ୍ରମୁଖ ସଭାରେ ଭାଗ ନେଇଥିଲେ। ପ୍ରାରମ୍ଭରୁ ସ୍ୱାଗତ ଭାଷଣ ଦେଇଥିଲେ ପରିଚାଳକ ରମାକାନ୍ତ ମିଶ୍ର ଓ ଧନ୍ୟବାଦ ପ୍ରଦାନ କରିଥିଲେ ସୁକାନ୍ତ ପ୍ରଧାନ। ସଭା ଆରମ୍ଭରୁ ପୂର୍ଣ୍ଣଚନ୍ଦ୍ର ଶାସନୀ ଓ ସମିତ କୁମାର ରାଉତ ଭଜନ ପରିବେଷଣ କରିଥିଲେ।

## ଓୟୁଏଟିରେ ହେବ ଓଡ଼ିଶା ବିଜ୍ଞାନ ଓ ପରିବେଶ କଂଗ୍ରେସ

ଭୁବନେଶ୍ୱର, ୨୦।୫(ସମିସ): ଚଳିତ ବର୍ଷ ଓଡ଼ିଶା ବିଜ୍ଞାନ ଓ ପରିବେଶ କଂଗ୍ରେସ (ଓବିପିସି)ର ୨୭ତମ ଅଧିବେଶନ ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ରେ ଅନୁଷ୍ଠିତ ହେବାକୁ ଯାଉଛି। ଓଡ଼ିଶା ପରିବେଶ ସମିତି (ଓଇଏସ୍) ଏବଂ ଓୟୁଏଟିର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଦୁଇ ଦିନିଆ ସମ୍ମିଳନୀ ଆସନ୍ତା ନଭେମ୍ବର ୧୩ ଓ ୧୪ ତାରିଖରେ 'ନିରନ୍ତର କୃଷି ନିମନ୍ତେ ବିଜ୍ଞାନ' ଶୀର୍ଷକ ବିଷୟବସ୍ତୁ ଉପରେ ଅନୁଷ୍ଠିତ ହେବ। ରାଜ୍ୟର କେତେକ ବୈଜ୍ଞାନିକଙ୍କୁ ମଧ୍ୟ ସମ୍ମିଳନୀରେ ସମ୍ମାନିତ କରାଯିବ। ଏହି ପରିପ୍ରେକ୍ଷୀରେ, ଓୟୁଏଟିର ପିଏମଇ ନିର୍ଦ୍ଦେଶକ ପ୍ରଫେସର ସୁଶାନ୍ତ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ କୃଷି ମହାବିଦ୍ୟାଳୟରେ ଆୟୋଜନ କମିଟିର ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସର ପରାମର୍ଶଦାତା ତଥା ଓଇଏସ୍‌ର କାର୍ଯ୍ୟକାରୀ ସଭାପତି ପ୍ର. ଜୟକୃଷ୍ଣ ପାଣିଗ୍ରାହୀ, ସଂଯୋଜକ ପ୍ର. ସନ୍ଦୀପ ନାରାୟଣ କୁଣ୍ଡୁ, ସଂଗଠନ ସମ୍ପାଦକ ଡ. ପ୍ରଦୀପ କୁମାର ଜେନା, ଇଂ ମନୋରଞ୍ଜନ ମିଶ୍ର, ପ୍ର. ସିଏସକେ ମିଶ୍ର, ପ୍ର. ତୁଷାର ରଞ୍ଜନ ମହାନ୍ତି, ପ୍ର. ଉମାଶଙ୍କର ନାୟକ ଏବଂ ଡ. ସୁରଭି ଜୈନ ମଧ୍ୟ ବୈଠକରେ ଯୋଗ ଦେଇଥିଲେ। ଚଳିତ ବର୍ଷ ମଧ୍ୟ ପାଞ୍ଚ ଶହରୁ ଅଧିକ ପ୍ରତିନିଧି କଂଗ୍ରେସରେ ଯୋଗଦେବାର ଯୋଜନା ରହିଛି ବୋଲି ପ୍ର. ପାଣିଗ୍ରାହୀ ଏକ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି।



## ସୋଆରେ ଅତ୍ୟାଧୁନିକ ୪-କଲର ଅଫ୍‌ସେଟ ପ୍ରେସ୍



ଭୁବନେଶ୍ୱର, ୨୦।୫(ସମିସ): ସୋଆ ମୁଖ୍ୟ କାର୍ଯ୍ୟାଳୟରେ ଅବସ୍ଥାପିତ ପ୍ରେସ୍‌ରେ ଏକ ଉଚ୍ଚ କ୍ଷମତା ସମ୍ପନ୍ନ ୪-କଲର ୨୯ ଇଞ୍ଚ ସିଟ୍‌ଫେଡ୍ ଅଫ୍‌ସେଟ ପ୍ରେସ୍ 'କୋମୋରି ଏନ୍‌ଥ୍ରୋନ୍ ଜି-୨୯'କୁ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ସଭାପତି ପ୍ରଫେସର ଡ. ମନୋଜରଞ୍ଜନ ନାୟକ ବୁଧବାର ଶୁଭାରମ୍ଭ କରିଛନ୍ତି। ବିଶ୍ୱବିଦ୍ୟାଳୟର ଆବଶ୍ୟକତାକୁ ପୂରଣ କରିବାରେ ଖୁବ୍ ଉପଯୋଗୀ ହୋଇପାରିବ ବୋଲି ସୋଆ ପ୍ରେସ୍‌ର ମ୍ୟାନେଜର ସଞ୍ଜୀବ ପଟ୍ଟନାୟକ କହିଛନ୍ତି। ଏହି ପ୍ରିଣ୍ଟିଂ ପ୍ରେସ୍ ଦ୍ୱାରା ଜର୍ନାଲ୍, ବ୍ରୋସିୟର, ପୁସ୍ତକ, ନ୍ୟୁଜ ବୁଲେଟିନ୍, କ୍ୟାଲେଣ୍ଡର ଏବଂ ଅନ୍ୟାନ୍ୟ ପ୍ରିଣ୍ଟିଂ ମ୍ୟାଟେରିଆଲ୍ ଛାପିବାରେ ସହାୟକ ହୋଇପାରିବ।

**ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣା**

## ମନ୍ତ୍ରୀ ଓ ବିଜେପି ନେତ୍ରୀଙ୍କ କୁଶପୁତ୍ତଳିକା ଦାହ

ଭୁବନେଶ୍ୱର ୨୦।୫(ସମିସ): ଅଖିଳ ଭାରତ ଛାତ୍ରସଂଘ (ଏଆଇଏସ୍‌ଏଫ) ଭୁବନେଶ୍ୱର ଶାଖା କମିଟି ପକ୍ଷରୁ ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣାରେ ଅପରାଧୀଙ୍କୁ କଠୋର ଦଣ୍ଡ ସହ ଅପାରଗ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିରେ ବୁଧବାର ରାଜମହଲ ଛକଠାରେ ଶାଖା ସମ୍ପାଦକ ଲେନିନ୍ ଜେନାଙ୍କ ନେତୃତ୍ୱରେ ଏକ ବିକ୍ଷୋଭ ଓ ରାସ୍ତାରୋକୋ ଅନୁଷ୍ଠିତ ହୋଇଯାଇଛି। ଏଆଇଏସ୍‌ଏଫ ଛାତ୍ରଛାତ୍ରୀମାନେ ଭଗବତୀ ଭବନଠାରୁ ବିଭିନ୍ନ ସ୍ଲୋଗାନ ଦେଇ ହାତରେ ପ୍ଲାକାର୍ଡ ଓ ଫେଷ୍ଟୁନ ଧରି ରାଜମହଲ ଛକଠାରେ ପହଞ୍ଚି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ଶିକ୍ଷା ହତ୍ୟାକାରୀ ବିଜେପି ନେତ୍ରୀ ଡ. ନିବେଦିତା ଗଜାନନ ଏକବୋଟେଙ୍କ କୁଶ ପୁତ୍ତଳିକା ଦାହ ସହ ବିକ୍ଷୋଭ ଓ ରାସ୍ତା ରୋକୋ କରିଥିଲେ। ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ ବିଜେପି ସରକାର ୨୦୨୪ ମସିହା ନିଟ୍ ଅଣ୍ଡର ଗ୍ରାଜୁଏଟ୍ ପରୀକ୍ଷାର ପ୍ରଥମ ପେପର ବାତିଲ କରିବା, ପୁନର୍ବାର ୨୦୨୬ ମସିହାରେ ବ୍ୟବସାୟ ଉଦ୍ଦେଶ୍ୟ ରଖି ୨୨.୭ ୯ ଲକ୍ଷ ପିଲା ଯେଉଁଭଳି ଚାପଗ୍ରସ୍ତ ହୋଇ ଏହି ଜୀବନ-ମରଣ ପରୀକ୍ଷା ପାଇଁ ରାତିଦିନ ପରିଶ୍ରମ କଲେ ସରକାର ଓ ଏନଟିଏ ସଂସ୍ଥା ଏହାକୁ ଷଡ଼ଯନ୍ତ୍ର କରି ଐତିହାସିକ ଓ ଅକ୍ଷମଣୀୟ ଭୁଲ୍ କରି ଛାତ୍ରଛାତ୍ରୀଙ୍କ ଜୀବନକୁ ଅନ୍ଧାର ଭିତରକୁ ଠେଲିଦେଇଛନ୍ତି ତାହାକୁ ତୀବ୍ର ସମାଲୋଚନା କରିଥିଲେ। ସରକାର ତୁରନ୍ତ ବିଜେପି ନେତାଙ୍କ ଦ୍ୱାରା ପରିଚାଳିତ ଏନଟିଏ ସଂସ୍ଥା (ଯାହା ପୂର୍ବରୁ ପରୀକ୍ଷା କରି ୭୦ଥର ବିଭାଟ କରିସାରିଛି।) ବନ୍ଦ କରିବା, ପୂର୍ବ ପରି ଯୁକ୍ତ ଦୁଇ ବିଜ୍ଞାନ ମାର୍କ ଆଧାରରେ ବିଭିନ୍ନ ରାଜ୍ୟରେ ମାର୍କକୁ ନେଇ ପୂର୍ବ ଭଳି ଆଡମିଶନକୁ କାର୍ଯ୍ୟକାରୀ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଦର୍ଶୀ ଜେନା, ସାଇରାମ ଜେନା, ପୂଜା ଭୋଇ ପ୍ରମୁଖ ବିକ୍ଷୋଭ ଓ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।

## ଜୟଦେବ ଓକିଲ ସଂଘର ବାର୍ଷିକ ବୈଠକ

ବାଲିଅନ୍ତା, ୨୦।୫(ସମିସ): ଜୟଦେବ ଓକିଲ ସଂଘର ବାର୍ଷିକ ବୈଠକ ଉତ୍ସବ ବାଲିଅନ୍ତା ଭୁବନପୁର ଅଞ୍ଚଳର ଆରାଧ୍ୟା ଦେବୀ ମା ଉତ୍ତରମୁଖୀ ଠାକୁରାଣୀଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ବିଭୂତି ଭୂଷଣ ମର୍ଦ୍ଦରାଜ ରାୟଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ଶତାଧିକ ଓକିଲ ବନ୍ଧୁ ଯୋଗଦେଇ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସଂଘ ତରଫରୁ ଭୁବନେଶ୍ୱର ବାର୍ ଆସୋସିଏସନ୍‌ର ସଭାପତି ଅଶୋକ ଛୋଟରାୟ, ସମ୍ପାଦକ ସୁମନ ରାଉତରାୟ ଓ ସ୍ଥାନୀୟ ସରପଞ୍ଚ ଓକିଲ କୃଷ୍ଣ କେଶବ ଆପଟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନ ର ବରିଷ୍ଠ ସଦସ୍ୟ ରାଜ କିଶୋର ମହାନ୍ତି, ଦିଲ୍ଲୀପ କୁମାର ଓଝା, ବିନୋଦ ସାହୁ, ଅଶୋକ ରାଉତରାୟ, ଅମରେନ୍ଦ୍ର ମହାନ୍ତି, ମନୋଜ ନାୟକ, ତାପସ ଦାସ, ରଶ୍ମୀ ରଞ୍ଜନ ମହାନ୍ତି ପ୍ରମୁଖ ବିଭିନ୍ନ ପରାମର୍ଶ ଦେଇଥିଲେ। ଶକ୍ତି ପ୍ରସାଦ ଛୋଟରାୟ, ଜଗଦୀଶ ବେହେରା, ଦୀପକ ଆଚାର୍ଯ୍ୟ, ଲିଙ୍ଗରାଜ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଉପସଭାପତି ଚିତ୍ତ ରଞ୍ଜନ ରାୟ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଯୁକ୍ତ ଦୁଇ ଫଳାଫଳ ପ୍ରକାଶ ପରେ ଉତ୍ସାହିତ ଛାତ୍ରଛାତ୍ରୀ

## ହାଇଟେକ୍ ବିଜ୍ଞାନ ଓ ବାଣିଜ୍ୟ ମହାବିଦ୍ୟାଳୟର ଶତପ୍ରତିଶତ ସଫଳତା



ଭୁବନେଶ୍ୱର, ୨୦।୫(ସମିସ): ହାଇଟେକ୍ ଯୁକ୍ତ ଦୁଇ ବିଜ୍ଞାନ ବାଣିଜ୍ୟ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ +୨ ପରୀକ୍ଷାରେ ଅଭୁତପୂର୍ବ ସଫଳତା ପାଇଛନ୍ତି। ସମସ୍ତ ଛାତ୍ରଛାତ୍ରୀ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କଲେଜର ୯୭ ପ୍ରତିଶତ ପିଲା ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୫ଜଣ ପିଲା ଦ୍ୱିତୀୟ ଶ୍ରେଣୀରେ କୃତକାର୍ଯ୍ୟ ହୋଇଛନ୍ତି। ଏହି ସଫଳତା ପାଇଁ ହାଇଟେକ୍ ବିଜ୍ଞାନ ଓ ବାଣିଜ୍ୟ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଚିତ୍ତରଞ୍ଜନ ସାହୁ ଓ ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡକ୍ଟର ତିରୁପତି ପାଣିଗ୍ରାହୀ ସମସ୍ତ ଅଧ୍ୟାପକ ଅଧ୍ୟାପିକାଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ତାଙ୍କ ନିଷ୍ଠାପର ମନୋଭାବ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନରେ ସହାୟକ ହୋଇପାରିଥିବା କହିଛନ୍ତି। ଏହାସହ ସମସ୍ତ କୃତୀ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକଙ୍କୁ ଅଭିନନ୍ଦନ ଜଣାଇ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି। ହାଇଟେକ୍ ବିଜ୍ଞାନ ଓ ବାଣିଜ୍ୟ ମହାବିଦ୍ୟାଳୟର ନିର୍ଦ୍ଦେଶିକା ଅଙ୍କିତା ପାଣିଗ୍ରାହୀ ସମସ୍ତ ଅଧ୍ୟାପକ ଅଧ୍ୟାପିକାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

## +୨ ବିଜ୍ଞାନରେ କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଫଳତା

କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ +୨ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ପାଇଛନ୍ତି। ବିଜ୍ଞାନରେ ମୋଟ ୨୪୬ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୨୪୫ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ତନ୍ମଧ୍ୟରୁ ୨୨୮ (୯୨%) ପିଲା ପ୍ରଥମ ଶ୍ରେଣୀ ଓ ୧୯ (୭.୭୨%) ଜଣ ଦ୍ୱିତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ସେହିପରି ୮ ଜଣ ୯୦%ରୁ ଅଧିକ ନମ୍ବର ରଖିଥିବାବେଳେ ୪୮ ଜଣ ୫୦୦ରୁ ଅଧିକ ଓ ୬୪ ଜଣ ୮୦%ରୁ ଅଧିମ୍ମାର୍କ ରଖିଛନ୍ତି। ସସ୍ମିତା ମାଝୀ ସର୍ବାଧିକ ୫୬୬ ନମ୍ବର ରଖି ପ୍ରଥମ ସ୍ଥାନରେ ରହିଛନ୍ତି। ଏହି ସଫଳତା ପରେ ଅଧ୍ୟକ୍ଷ ପ୍ରଫେସର ଉଦୟ ଶଙ୍କର ଆଚାର୍ଯ୍ୟ ଓ ଅନୁଷ୍ଠାନର ଚେୟାରମ୍ୟାନ ତଥା କିଟ୍‌ର ପ୍ରତିଷ୍ଠାତା ସଭ୍ୟ ଡ. ଚିତ୍ତ ରଞ୍ଜନ ମିଶ୍ର ସମସ୍ତ ଶିକ୍ଷକଶିକ୍ଷୟତ୍ରୀ ଏବଂ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## କିସ୍ ଛାତ୍ରଛାତ୍ରୀଙ୍କ ବାଜିମାତ୍



ଚଳିତ ବର୍ଷ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ +୨ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଏଥିରେ କିସ୍‌ର ଛାତ୍ରଛାତ୍ରୀମାନେ ସନ୍ତୋଷଜନକ ସଫଳତା ହାସଲ କରିଛନ୍ତି। ରାଜ୍ୟରେ କଳା, ବିଜ୍ଞାନ ଓ ବାଣିଜ୍ୟରେ ପାସ୍ ହାର ଯଥାକ୍ରମେ ୮୪.୫୦, ୮୮.୮୦ ଓ ୮୮.୦୭ ପ୍ରତିଶତ ଥିବା ବେଳେ କିସ୍‌ର ପାସ ହାର ଆଶାନୁରୂପ ରହିଛି। ଚଳିତବର୍ଷ କିସ୍‌ରେ ୧୮୪୭ ଛାତ୍ରଛାତ୍ରୀ +୨ ପରୀକ୍ଷା ଦେଇଥିବା ବେଳେ କିସ୍‌ରେ ମୋଟ ୫୦ ପ୍ରତିଶତରୁ ଅଧିକ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ପାସ୍ କରିଛନ୍ତି। ନେହା କୁଜୁର କଳାରେ ସର୍ବାଧିକ ୯୧ ପ୍ରତିଶତ ନମ୍ବର ରଖି କଲେଜ ଟପ୍ପର ହୋଇଥିବା ବେଳେ ବିଜ୍ଞାନରେ ସରିବାଳା ମୁଣ୍ଡା ସର୍ବାଧିକ ୯୬ ପ୍ରତିଶତ ନମ୍ବର ଓ ବାଣିଜ୍ୟରେ ଶଶିମଣୀ ମାଝୀ ସର୍ବାଧିକ ୯୧ ପ୍ରତିଶତ ନମ୍ବର ରଖି କଲେଜ ଟପ୍ପର ହୋଇଛନ୍ତି। କିସ୍ ଫଳାଫଳ ନେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଶିଶୁ ଅନନ୍ତ ମହାବିଦ୍ୟାଳୟର +୨ ପରୀକ୍ଷାରେ ସଫଳତା

ବାଲିପାଟଣା, ୨୦।୫ (ସମିସ) : ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତ ବର୍ଷର +୨ ପରୀକ୍ଷାରେ ବାଲିପାଟଣା ଅଞ୍ଚଳର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଶିଶୁ ଅନନ୍ତ ମହାବିଦ୍ୟାଳୟ ଅଭୂତପୂର୍ବ ସଫଳତା ହାସଲ କରି ସମଗ୍ର ଅଞ୍ଚଳ ପାଇଁ ଗୌରବ ଆଣିଦେଇଛନ୍ତି। ମହାବିଦ୍ୟାଳୟର କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ପରୀକ୍ଷାର୍ଥୀମାନେ ଚମତ୍କାର ପ୍ରଦର୍ଶନ କରି ଉଲ୍ଲେଖନୀୟ ସଫଳତା ପାଇଛନ୍ତି। ଚଳିତ ବର୍ଷ କଲେଜ ପକ୍ଷରୁ ମୋଟ ୪୮୭ ପରୀକ୍ଷାର୍ଥୀ +୨ରେ ପରୀକ୍ଷା ଦେଇଥିବା ବେଳେ ୪୨୧ ଜଣ କୃତକାର୍ଯ୍ୟ ହୋଇଛନ୍ତି, ପାସ୍ ହାର ୮୬.୪୫ ରହିଛି। ବିଜ୍ଞାନ ବିଭାଗରେ ସୁନୀଲ ସାହୁ ୫୩୬ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଲକ୍ଷ୍ମୀପ୍ରିୟା ପ୍ରଧାନ(୫୩୧) ରଖି ଦ୍ୱିତୀୟ, ସ୍ୱସ୍ତିକ ପ୍ରିୟଦର୍ଶନ ବେହେରା(୫୨୧) ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିଭଳି ବାଣିଜ୍ୟରେ ରଶ୍ମିତା ନନ୍ଦି ୫୩୦ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଶୁଭମ୍ ପ୍ରଧାନ(୫୦୪) ଦ୍ୱିତୀୟ, ସ୍ୱର୍ଣ୍ଣଶ୍ରୀ ଶୁଭସନ୍ଧ୍ୟା(୪୯୨) ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କଳାରେ କୀର୍ତ୍ତିମୟୀ ବେହେରା ୫୨୪ ରଖି ପ୍ରଥମ ସ୍ଥାନ ଅଧିକ କରିଥିବା ବେଳେ ସାଗରିକା ବେହେରା (୫୧୮) ଦ୍ୱିତୀୟ, ସୁହାଶିନୀ ପରିଡ଼ା(୫୧୬) ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କଲେଜର ଏହି ସଫଳତା ସ୍ଥାନୀୟ ଅଞ୍ଚଳରେ ଏକ ଉତ୍ସାହର ପରିବେଶ ସୃଷ୍ଟି କରିଛି।

● ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷା ଫଳ

# ମୋହିତ ପଟ୍ଟନାୟକ ରାଜ୍ୟ ଟପ୍ପର

ବାଲେଶ୍ୱର,୨୦।୫(ସମିସ): ଜିଲ୍ଲାରେ କଳା,ବାଣିଜ୍ୟ ଏବଂ ବିଜ୍ଞାନ ବିଭାଗରେ ମୋଟ ୨୦ହଜାର୧୦୬ଜଣ ଛାତ୍ରଛାତ୍ରୀ ପାସ କରିଥିବା ବେଳେ ସେଥିମଧ୍ୟରୁ ୧୧ହଜାର୧୬୬ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତିର୍ଣ୍ଣ ହୋଇଛନ୍ତି। ବିଜ୍ଞାନରେ ୯୬.୬୩ପ୍ରତିଶତ ପାସହାର ହୋଇଛି। ଏଥିରେ ବାଲେଶ୍ୱର ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟରେ ପଢୁଥିବା ମୋହିତ



ପଟ୍ଟନାୟକ ରାଜ୍ୟରେ ଟପ୍ପର ହୋଇଛନ୍ତି। ସେ ୬ଶହରୁ ମୋଟ ୫୯୫ନମ୍ବର ରଖିଛନ୍ତି ବୋଲି କଲେଜ ପକ୍ଷରୁ କୁହାଯାଇଛି। ଏନେଇ ମୋହିତ ଫଳାଫଳକୁ ନେଇ ସେ ବହୁତ ଖୁସିଥିବା ବେଳେ ସେ ତାଙ୍କ ପରିବାର ବର୍ଗଙ୍କ ସମେତ ଫକୀରମୋହନ କଲେଜ ସାରଙ୍କୁ ସେ କୋଚିଂ ନେଉଥିବା ଜେଜେ ଟ୍ୟୁଟରିଆଲର ସମସ୍ତଙ୍କୁ ଶ୍ରେୟ ଦେଇଛନ୍ତି। ଏହାଛଡା ସେ ଆଗକୁ ଡାକ୍ତର ହେବାକୁ ଇଛା ରଖିଛନ୍ତି।

● ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟ

# କଳାରେ ଅନନ୍ୟା ଓ ବାଣିଜ୍ୟରେ ଶୁଭମ ଟପ୍ପର

ବାଲେଶ୍ୱର,୨୦।୫(ସମିସ): ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟରେ କଳାରେ ୩୭୦ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେଥିମଧ୍ୟରୁ ପ୍ରଥମ ଶ୍ରେଣୀରେ ୨୫୮,ଦ୍ୱିତୀୟ ଶ୍ରେଣୀରେ ୬୧ ଏବଂ ତୃତୀୟ ଶ୍ରେଣୀରେ ୨୮ଜଣ ଉତିର୍ଣ୍ଣ ହୋଇଛନ୍ତି। ଏବଂ ୨୩ଜଣ ଛାତ୍ରଛାତ୍ରୀ ଫେଲ ହୋଇଛନ୍ତି। ଏଥିରେ ୧୮ଜଣ ୯୦ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ଅନନ୍ୟା ପ୍ରଧାନ ସର୍ବାଧିକ ୫୭୪ନମ୍ବର ରଖିଥିବା ବେଳେ ଜସମିନ ମହାକୁଡ଼ ୫୬୯ ଏବଂ ସିପ୍ରା ସୁମନ ପରିଡା ୫୬୭ନମ୍ବର ରଖିଛନ୍ତି। ସେହିପରି ବିଜ୍ଞାନରେ ୪୫୩ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେଥିମଧ୍ୟରୁ ପ୍ରଥମ ଶ୍ରେଣୀରେ ୪୦୪, ଦ୍ୱିତୀୟ ଶ୍ରେଣୀରେ ୨୯ ଏବଂ ତୃତୀୟ ଶ୍ରେଣୀରେ ୬ଜଣ ଉତିର୍ଣ୍ଣ ହୋଇଛନ୍ତି। ଏବଂ ୧୪ଜଣ ଛାତ୍ରଛାତ୍ରୀ ଫେଲ ହୋଇଛନ୍ତି। ଏଥିରେ ୯୪ଜଣ ୯୦ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ତେବେ ମୋହିତ ପଟ୍ଟନାୟକ ସର୍ବାଧିକ ୫୯୫ନମ୍ବର ରଖିଥିବା ବେଳେ ହୃଷିକେଶ ସାହୁ ୫୮୯,ଆୟୁଷ ରଞ୍ଜନ ସାହୁ ୫୮୯, ନିହାର ରଞ୍ଜନ ବେହେରା ୫୮୯,ପ୍ରଜ୍ଞାପରମିତା ସାହୁ ୫୮୮ ଏବଂ ପ୍ରଦ୍ୟୁମ୍ନ ଦତ ୫୮୮ନମ୍ବର ରଖିଛନ୍ତି। ସେହିପରି ବାଣିଜ୍ୟରେ ୨୮୦ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେଥିମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୩୧, ଦ୍ୱିତୀୟ ଶ୍ରେଣୀରେ ୫୨ ଏବଂ ତୃତୀୟ ଶ୍ରେଣୀରେ ୭୯ଜଣ ଉତିର୍ଣ୍ଣ ହୋଇଛନ୍ତି। ଏବଂ ୧୮ଜଣ ଛାତ୍ରଛାତ୍ରୀ ଫେଲ ହୋଇଛନ୍ତି। ଏଥିରେ ୧୦ଜଣ ୯୦ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ତେବେ ଶୁଭମ ନାୟକ ସର୍ବାଧିକ ୫୮୬ନମ୍ବର ରଖିଥିବା ବେଳେ ଦିପ୍ତୀ ବୁହୁତ୍ରା ୫୫୮ ଏବଂ ଅମିତ କୁମାର ଜେନା ୫୫୭ନମ୍ବର ରଖିଛନ୍ତି। ସେହିପରି ଧନ୍ଦା ମୂଳକ ପରୀକ୍ଷାରେ ୪୫ଜଣ ପରୀକ୍ଷା ଦେଇଥିବା ବେଳେ ସେଥିମଧ୍ୟରୁ ୨୪ଜଣ ପ୍ରଥମ ଶ୍ରେଣୀ, ୧୮ଜଣ ଦ୍ୱିତୀୟ ଶ୍ରେଣୀ, ୩ ଜଣ ତୃତୀୟଶ୍ରେଣୀରେ ଉତିର୍ଣ୍ଣ ହୋଇଛନ୍ତି।

ଯୁକ୍ତ ଦୁଇ ପରୀକ୍ଷା ଫଳ

# ବାଲେଶ୍ୱର ଜିଲ୍ଲାରେ ପାସ୍‌ହାର ୯୨.୫ ପ୍ରତିଶତ

ବାଲେଶ୍ୱର,୨୦।୫(ସମିସ)

ରାଜ୍ୟରେ ଯୁକ୍ତ ଦୁଇ ପରୀକ୍ଷା ଫଳ ପ୍ରକାଶ ପାଇଛି। ବାଲେଶ୍ୱର ଜିଲ୍ଲାରେ ଚଳିତ ବର୍ଷ ୯୨.୫ପ୍ରତିଶତ ପାସ ହାର ହୋଇଛି। ଜିଲ୍ଲାରେ କଳା,ବାଣିଜ୍ୟ ଏବଂ ବିଜ୍ଞାନ ବିଭାଗରେ ମୋଟ ୨୦ହଜାର୧୦୬ଜଣ ଛାତ୍ରଛାତ୍ରୀ ପାସ କରିଥିବା ବେଳେ ସେଥିମଧ୍ୟରୁ ୧୧ହଜାର୧୬୬ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ଜିଲ୍ଲାରେ କଳାରେ ୮୯.୩୪ପ୍ରତିଶତ ପାସହାର ହୋଇଥିବା ବେଳେ ବାଣିଜ୍ୟରେ ୯୧.୫୩ ପ୍ରତିଶତ ଏବଂ ବିଜ୍ଞାନରେ ୯୬.୬୩ପ୍ରତିଶତ ପାସହାର ହୋଇଛି। ସେହିପରି ଧନ୍ଦାମୂଳକ ପରୀକ୍ଷାରେ ମୋଟ ୯୩.୧୨ପ୍ରତିଶତ ପାସହାର ହୋଇଥିବା ନେଇ ଉଚ୍ଚ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦର ଉପସଚିବ ରାଜେଶ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁସାରେ ଚଳିତ ବର୍ଷ ଯୁକ୍ତ ଦୁଇ ପରୀକ୍ଷା ପାଇଁ କଳା, ବିଜ୍ଞାନ ଏବଂ ବାଣିଜ୍ୟ ବିଭାଗରେ ମୋଟ ୨୧ହଜାର୯୬୭ଜଣ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଥିଲେ। ସେଥିରୁ୨୧ହଜାର ୬୯୪ଜଣଛାତ୍ରଛାତ୍ରୀପରୀକ୍ଷାଦେଇଥିଲେ। ସେଥିମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୧ହଜାର ୧୬୬ଜଣ ଛାତ୍ରଛାତ୍ରୀ ଉତିର୍ଣ୍ଣ ହୋଇଛନ୍ତି। ସେହିପରି ଦ୍ୱିତୀୟ ଶ୍ରେଣୀରେ ୪ହଜାର୨୧, ତୃତୀୟ ଶ୍ରେଣୀରେ ୪ହଜାର୯୨୮ଏବଂ କମ୍ପାର୍ଟମେଂଟରେ୧୧୭ଜଣ ପାସ କରିଛନ୍ତି। ତେବେ ମୋଟ ଉପରେ୨୦ହଜାର୧୦୬ଜଣ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି ବୋଲି ସୂଚନା ଦେଇଛନ୍ତି।

ଅନ୍ୟପଟେ ଜିଲ୍ଲାରେ କଳା ବିଭାଗରେ ମୋଟ୧୨ହଜାର୫୭୭ଜଣ ଛାତ୍ରଛାତ୍ରୀ ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିଲେ। ସେଥିମଧ୍ୟରୁ ୧୨ହଜାର ୪୩୨ଜଣ ପରୀକ୍ଷା ଦେଇଥିଲେ। ଏଥିରୁ ପ୍ରଥମ ଶ୍ରେଣୀରେ ୩୭୫୮,ଦ୍ୱିତୀୟ ଶ୍ରେଣୀରେ ୨୭୮୪,ତୃତୀୟ ଶ୍ରେଣୀର ୪୫୨୨ଏବଂ କମ୍ପାର୍ଟମେଂଟରେ ୪୩ଜଣ ଉତିର୍ଣ୍ଣ ହୋଇଛନ୍ତି। ତେବେ ମୋଟ ଉପରେ କଳା ବିଭାଗରେ୧୧ହଜାର ୧୦୭ଜଣ ଛାତ୍ରଛାତ୍ରୀ ଉତିର୍ଣ୍ଣ ହୋଇଥିବା ବେଳେ ମୋଟ ପାସହାର ୮୯.୩୪ପ୍ରତିଶତ ହୋଇଛି।

ସେହିପରି ବାଣିଜ୍ୟ ବିଭାଗରେ ଜିଲ୍ଲାରେ ମୋଟ ୯୫୮ଜଣ ଛାତ୍ରଛାତ୍ରୀ ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିଲେ। ସେଥିମଧ୍ୟରୁ ୯୪୫ଜଣ ପରୀକ୍ଷା ଦେଇଥିଲେ। ଏଥିରୁ ପ୍ରଥମ ଶ୍ରେଣୀରେ ୩୪୫,ଦ୍ୱିତୀୟ ଶ୍ରେଣୀରେ ୨୨୨, ତୃତୀୟ ଶ୍ରେଣୀର ୨୮୮ଏବଂ କମ୍ପାର୍ଟମେଂଟରେ ୧୦ଜଣ ଉତିର୍ଣ୍ଣ ହୋଇଛନ୍ତି। ତେବେ ମୋଟ ଉପରେ ବାଣିଜ୍ୟ ବିଭାଗରେ ୮୬୫ଜଣ ଛାତ୍ରଛାତ୍ରୀ ଉତିର୍ଣ୍ଣ ହୋଇଥିବା ବେଳେ ମୋଟ ପାସହାର୯୧.୫୩ପ୍ରତିଶତ ହୋଇଛି।

ସେହିପରି ବିଜ୍ଞାନ ବିଭାଗରେ ଜିଲ୍ଲାରେ ମୋଟ ୮ହଜାର୪୩୨ଜଣ ଛାତ୍ରଛାତ୍ରୀ ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିଲେ। ସେଥିମଧ୍ୟରୁ ୮ହଜାର ୪୧୭ଜଣ ପରୀକ୍ଷା ଦେଇଥିଲେ। ଏଥିରୁ ପ୍ରଥମ ଶ୍ରେଣୀରେ ୬୯୩୨,ଦ୍ୱିତୀୟ ଶ୍ରେଣୀରେ ୧୦୧୫, ତୃତୀୟ ଶ୍ରେଣୀର ୧୧୮ ଏବଂ କମ୍ପାର୍ଟମେଂଟରେ ୬୪ଜଣ ଉତିର୍ଣ୍ଣ ହୋଇଛନ୍ତି। ତେବେ ମୋଟ ଉପରେ ବିଜ୍ଞାନ ବିଭାଗରେ ୮ ହଜାର ୧୩୪ଜଣ ଛାତ୍ରଛାତ୍ରୀ ଉତିର୍ଣ୍ଣ ହୋଇଥିବା ବେଳେ ମୋଟ ପାସହାର ୯୬.୬୩ପ୍ରତିଶତ ହୋଇଛି। ସେହିପରି ଧନ୍ଦାମୂଳକ ପରୀକ୍ଷାରେ ଜିଲ୍ଲାରେ ମୋଟ ୩୨୫ଜଣ ଛାତ୍ରଛାତ୍ରୀ ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିଲେ। ସେଥିମଧ୍ୟରୁ ୩୨୦ଜଣ ପରୀକ୍ଷା ଦେଇଥିଲେ। ଏଥିରୁ ପ୍ରଥମ ଶ୍ରେଣୀରେ୧୨୬,ଦ୍ୱିତୀୟ ଶ୍ରେଣୀରେ ୧୨୭,ତୃତୀୟ ଶ୍ରେଣୀର ୪୦ଏବଂ କମ୍ପାର୍ଟମେଂଟରେ ୫ଜଣ ଉତିର୍ଣ୍ଣ ହୋଇଛନ୍ତି। ଏଥିରେ ମୋଟ ଉପରେ ଏହି ପରୀକ୍ଷାରେ ୨୯୮ଜଣ ଛାତ୍ରଛାତ୍ରୀ ଉତିର୍ଣ୍ଣ ହୋଇଥିବା ବେଳେ ମୋଟ ପାସହାର ୯୩.୧୨ପ୍ରତିଶତ ହୋଇଛି।

# ସିଦ୍ଧି ବିନାୟକ ସ୍କୁଲର ସଫଳତା



ବାଲେଶ୍ୱର,୨୦।୫(ସମିସ): ଆଜି ସାରା ଓଡ଼ିଶାରେ ଯୁକ୍ତ ଦୁଇ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏହି କ୍ରମରେ ବାଲେଶ୍ୱର ସ୍ଥିତ ସିଦ୍ଧି ବିନାୟକ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଶତପ୍ରତିଶତ ସଫଳତା ହାସଲ କରିଛି। ଏହି ସ୍କୁଲରେ ମୋଟ ୨୦୪ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ମୋଟ ପାସହାର ଶତକଡା ଶହେ ପ୍ରତିଶତ ହୋଇଛି। ଏଥିରେ ୨୬ଜଣ ଛାତ୍ରଛାତ୍ରୀ ଶତକଡା ୯୦ରୁ ଅଧିକ ନମ୍ବର ରଖିଛନ୍ତି। ଏଥିରେ ପ୍ରଥମ ଶ୍ରେଣୀରେ ୨୦୨ଜଣ ଉତ୍ତୀର୍ଣ୍ଣ ଅର୍ଥାତ ଶତକଡା ୯୯ପ୍ରତିଶତ ରେଜଲ୍ଟ ହୋଇଛି। ସେହିପରି ୨ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଦଶମ ଶ୍ରେଣୀରେ ରଖିଥିବା ନମ୍ବର ଠାରୁ ୧୮୩ଜଣ ଯୁକ୍ତ ଦୁଇ ପରୀକ୍ଷାରେ ଅଧିକ ନମ୍ବର ରଖିଛନ୍ତି। ତେବେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀ ହେଲେ ପ୍ରିୟଙ୍କା ନାୟକ ୫୭୪, କିର୍ତିଶ୍ରୀ କମିଳା ୫୭୧, ଯଶୋବନ୍ତ ଦାଶ ୫୬୭, ଅମୃତ ମହାପାତ୍ର ୫୬୨, ସଞ୍ଜୟ କୁମାର ବିନ୍ଧାଣୀ ୫୬୧ ଏବଂ ଇଶାନା ମିଶ୍ର ୫୬୧ନମ୍ବର ରଖିଛନ୍ତି।

# ସାଗର କଲେଜର ସଫଳତା

ବାଲେଶ୍ୱର, ୨୦।୫(ସମିସ): ଚଳିତ ବର୍ଷ ସାଗର କଲେଜ୍ ଆଣିଲା ସଫଳତା। କଲେଜର୧୦ଜଣରୁ ଅଧିକ ଛାତ୍ର ଛାତ୍ରୀ ୯୦ ପ୍ରତିଶତ ଉପରେ ମାର୍କ ରଖି ସୁନାମ ଅର୍ଜନ କରିଛନ୍ତି। ଯୁକ୍ତ ଦୁଇ ଛାତ୍ରୀ ଦୀପଶିଖା ସାହୁ ସର୍ବମୋଟ ୫୭୯ ମାର୍କ ରଖି କଲେଜ ରେ ଶ୍ରେଷ୍ଠ ସ୍ଥାନ ଅଧିଗ୍ରହଣ କରିଛନ୍ତି। ଯାଜ୍ଞଶ୍ରୀ ମହାଲିକ ୫୭୮, ମନ୍ଦାକିନୀ ମଲ୍ଲିକ ୫୬୬ ମାର୍କ ରଖି ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କଲେଜ୍ ପାଇଁ ସବୁଠୁ ସଫଳତାର ବିଷୟ ହେଉଛି ପରୀକ୍ଷା ଦେଇଥିବା ସମସ୍ତ ଛାତ୍ର ଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏଭଳି ସଫଳତା ଦ୍ୱାରା ସାଗର କଲେଜ୍ ଅଧିକ ଗୌରବମଣ୍ଡିତ ହୋଇଛି। କଲେଜର ଡ଼ାଇରେକ୍ଟର ସନତ କୁମାର ଦାସ ଓ ପ୍ରିନ୍ସିପାଲ୍ ଡ. ଚିନ୍ମୟୀ ପାଣି ସମସ୍ତ ଛାତ୍ରଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିବା ସହ ଅଭିଭାବକ ଓ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି।




# ରାଜ୍ୟର ଶ୍ରେଷ୍ଠ-୧୦ରେ ପ୍ରିନ୍ସ କଲେଜର ୪ଜଣ

ବାଲେଶ୍ୱର, ୨୦।୫(ସମିସ): ପୂର୍ବ ବର୍ଷ ପରି ଚଳିତ ବର୍ଷ ମଧ୍ୟ ଯୁକ୍ତ ଦୁଇ ପରୀକ୍ଷାରେ ପ୍ରିନ୍ସ କଲେଜର ବାରିପଦା ଏବଂ ବାଲେଶ୍ୱର ଶାଖା ତରଫରୁ +୨ ବିଜ୍ଞାନ ଏବଂ କଳାର ସମସ୍ତ ଛାତ୍ରଛାତ୍ରୀ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ବିଜ୍ଞାନ ବିଭାଗରେ ୫୨୦ ଜଣ ପିଲାଙ୍କ ମଧ୍ୟରୁ ୫୧୬ ଜଣ ପ୍ରଥମ ଶ୍ରେଣୀରେ, ଅବଶିଷ୍ଟ ୪ଜଣ ଦ୍ୱିତୀୟ ଶ୍ରେଣୀରେ ସଫଳତା ପାଇଛନ୍ତି। ତନ୍ମଧ୍ୟରୁ ୭୪ ଜଣ ପିଲା ୯୦ପ୍ରତିଶତରୁ ଅଧିକ ଏବଂ ୨୭୦ ଜଣ ପିଲା ୮୦ପ୍ରତିଶତରୁ ଅଧିକ ନମ୍ବର ରଖି ଐତିହାସିକ ସଫଳତା ପ୍ରଦର୍ଶନ କରିଛନ୍ତି। ସେହିଭଳି କଳା ବିଭାଗରେ ୭୦ ଜଣ ପିଲାଙ୍କ ମଧ୍ୟରୁ ୬୮ ଜଣ ପ୍ରଥମ ଶ୍ରେଣୀରେ ଅବଶିଷ୍ଟ ୨ ଜଣ ଦ୍ୱିତୀୟ ଶ୍ରେଣୀରେ ତନ୍ମଧ୍ୟରୁ ୫ ଜଣ ୯୦ପ୍ରତିଶତରୁ ଅଧିକ ଏବଂ ୫୦ ଜଣ ୮୦ପ୍ରତିଶତ ରୁ ଅଧିକ ନମ୍ବର ରଖି ଐତିହାସିକ ସଫଳତା ଆଣିଛନ୍ତି। +୨ ବିଜ୍ଞାନରେ ଏହି କଲେଜର ଛାତ୍ର ଆଦିତ୍ୟ ଗିରି, ଶାସ୍ୱତୀ ବେହେରା ଓ ଆଦ୍ୟାଶା




ପଣ୍ଡା ୯୮ପ୍ରତିଶତ ବା ୫୮୮ ଲେଖାଏଁ ନମ୍ବର ରଖି ସମଗ୍ର ରାଜ୍ୟରେ ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରେ ସ୍ଥାନ ହାସଲ କରିଅଛନ୍ତି। ସେହିଭଳି ଛାତ୍ର ଦୀଲ୍ଲିପ ମଣ୍ଡଳ (୫୮୬) ଦ୍ୱିତୀୟ, ସ୍ମୃତି ରାଉତ(୫୮୩) ତୃତୀୟ, ସଞ୍ଜିବନୀ ଦାସ (୫୮୨) ଚତୁର୍ଥ, ହିମାଦ୍ରୀ ମହାନ୍ତି (୫୮୦) ପଞ୍ଚମ ସ୍ଥାନ ହାସଲ କରି ଅଛନ୍ତି। ଅପରପକ୍ଷରେ +୨ କଳାରେ ଛାତ୍ରୀ ଶୁଭସ୍ମିତା ସାହୁ ୯୪ ପ୍ରତିଶତ ବା ୫୬୨ ନମ୍ବର ରଖି ସମଗ୍ର ରାଜ୍ୟରେ ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରେ ସ୍ଥାନ ହାସଲ କରିଅଛନ୍ତି। ତାଙ୍କ ପରେ ପ୍ରଭାତ ବିଶ୍?ାଳ (୫୪୪) ଦ୍ୱିତୀୟ, ବେବୀ ସିଂ ଓ ଗ୍ଲୋରିଆ ମାଝୀ ୫୪୦ନମ୍ବର ଲେଖାଏଁ ରଖି ଯୁଗ୍ମ ତୃତୀୟ ସ୍ଥାନ ହାସଲ କରିଅଛନ୍ତି। ଜିଲ୍ଲାର ସର୍ବାଧିକ ସଂଖ୍ୟକ ପ୍ରଥମ ଶ୍ରେଣୀ ଏବଂ ସର୍ବାଧିକ ପରୀକ୍ଷାର୍ଥୀ ୯୦ପ୍ରତିଶତ ଓ ତଦୁର୍ଦ୍ଧ ନମ୍ବର ରଖି ଏହି ଅନୁଷ୍ଠାନ ଏହାର ଗୌରବମୟ ଇତିହାସକୁ ବଜାୟ ରଖିଛନ୍ତି। ସୂଚନା ଥାଉ କି ମାଟ୍ରିକ ପାସ ପରେ କେବଳ ୭ ଜଣ ଛାତ୍ରଛାତ୍ରୀ ୯୦ପ୍ରତିଶତ ଓ ତଦୁର୍ଦ୍ଧ ନମ୍ବର ରଖି ନାମ ଲେଖାଇଥିଲେ କିନ୍ତୁ ଉନ୍ନତ ଶିକ୍ଷାଦାନ ଓ ଯତ୍ନ ପାଇଁ ଯୁକ୍ତ ଦୁଇରେ ୭୨ ଜଣ ପିଲା ୯୦ପ୍ରତିଶତରୁ ଊଦ୍ଧ୍ୱ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଅଛନ୍ତି। ଏହି ସଫଳତା ପାଇଁ ସମସ୍ତ ଅଭିଭାବକ, ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଥିବା ବେଳେ ଅନୁଷ୍ଠାନର ନିର୍ଦ୍ଦେଶକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ଓ ଅଧ୍ୟକ୍ଷା ଜ୍ୟୋତିପୁଷ୍ପା ଦାସ ସମସ୍ତ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ଅକ୍ଳାନ୍ତ ପରିଶ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ।

# ନିଷ୍ଠ କଲେଜର ସଫଳତା

ବାଲେଶ୍ୱର,୨୦।୫(ସମିସ): ଆଜି ସାରା ଓଡ଼ିଶାରେ ଯୁକ୍ତ ଦୁଇ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏହି କ୍ରମରେ ବାଲେଶ୍ୱର ସ୍ଥିତ ନିଷ୍ଠ କଲେଜ ବେଶ ସଫଳତା ଲାଭ କରିଛି।



ବିଶେଷ କରି ଯୁକ୍ତ ଦୁଇ ବିଜ୍ଞାନ, କଳା ଓ ବାଣିଜ୍ୟରେ ଶତ ପ୍ରତିଶତ ସଫଳତା ହାସଲ କରିଥିବା ବେଳେ ବାଲେଶ୍ୱର ଜିଲ୍ଲାରେ ଶ୍ରେଷ୍ଠ ନମ୍ବର ୫୯୫ରଖି ସମଗ୍ର ଓଡ଼ିଶାରେ ଛାତ୍ର ପ୍ରତ୍ୟୁସ କୁମାର ରାଉତ ୩ୟ ସ୍ଥାନ ଅଧିକାର କରିଛନ୍ତି। ତାଙ୍କ ଘର ସୋର ଅନନ୍ତପୁର ହୋଇଥିବା ବେଳେ ମାଟ୍ରିକରେ ସେ ୫୬୩ନମ୍ବର ରଖିଥିଲେ। ଯୁକ୍ତ ଦୁଇ ବିଜ୍ଞାନରେ ୩୨ନମ୍ବର ଅଧିକ ରଖିଛନ୍ତି। ଏହାଛଡା ୫୩ଜଣ ପିଲା ୯୦ପ୍ରତିଶତ ଉପରେ ନମ୍ବର ରଖିଛନ୍ତି। ଏବଂ ୫ଶହ ମାର୍କ ଉପରେ ୧୩୧ଜଣ ଛାତ୍ରଛାତ୍ରୀ ସଫଳତା ହାସଲ କରିଛନ୍ତି। ଯୁକ୍ତ ଦୁଇ କଳାରେ ଶତପ୍ରତିଶତ ସଫଳତା ପାଇଥିବା ବେଳେ ଧନଞ୍ଜୟ ଗିରି ୫୪୯ ନମ୍ବର ରଖି ନିଷ୍ଠ କଳା ବିଭାଗରେ ଟପ୍ପର ହୋଇଛନ୍ତି।

# ସୁଲଗ୍ନା କଲେଜର ଶତ ପ୍ରତିଶତ ସଫଳତା



ବାଲେଶ୍ୱର, ୨୦।୫(ସମିସ): ଚଳିତ ବର୍ଷ ରାଜ୍ୟ ଉଚ୍ଚ ମାଧ୍ୟମିକ ପରୀକ୍ଷାର ଫଳ ଆଜି ପ୍ରକାଶ ପାଇଥିଲା ବେଳେ ବାଲେଶ୍ୱର ମଠସାହି, ସରିତା ନଗର ସ୍ଥିତ ସୁଲଗ୍ନା ସାଇନ୍ସ କଲେଜର ପରୀକ୍ଷାର୍ଥୀ ଛାତ୍ରଛାତ୍ରୀମାନେ ଶତ ପ୍ରତିଶତ ସଫଳତା ହାସଲ କରି କଲେଜ ତଥା ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଏ ବର୍ଷ ସୁଲଗ୍ନା କଲେଜ ବିଜ୍ଞାନ ଶ୍ରେଣୀର ମୋଟ ୨୭୪ ଜଣ ପରୀକ୍ଷାର୍ଥୀ ଉଚ୍ଚ ମାଧ୍ୟମିକ ପରୀକ୍ଷା ଦେଇଥିଲା ବେଳେ ୨୬୫ ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସୂଚନା ଯୋଗ୍ୟ ଯେ ବିଗତ ମାଟ୍ରିକ ପରୀକ୍ଷାରେ ମାତ୍ର ଛଅ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତ ନମ୍ବର ରଖି ସୁଲଗ୍ନା କଲେଜରେ ନାମ ଲେଖାଇ ଥିଲା ବେଳେ ଚଳିତ ଉଚ୍ଚ ମାଧ୍ୟମିକ ପରୀକ୍ଷାରେ ୨୧୬ ଜଣ ଛାତ୍ର ଛାତ୍ରୀ ୮୫ ପ୍ରତିଶତରୁ ଉଚ୍ଚ ହାରରେ ନମ୍ବର ରଖି ସୁଲଗ୍ନା କଲେଜର ଗୁଣାରକ ଶିକ୍ଷାଦାନକୁ ପ୍ରତିପାଦିତ କରି ପାରିଛନ୍ତି। ସେଥିମଧ୍ୟରୁ ୧୪ ଜଣ ଛାତ୍ରଛାତ୍ରୀ ଶତକଡା ୯୦ ରୁ ଉଦ୍ଧ୍ୱର୍ ନମ୍ବର ରଖିଛନ୍ତି ଏବଂ ୬୫ ଜଣ ଛାତ୍ରଛାତ୍ରୀ ୫୦୦ ରୁ ଉର୍ଦ୍ଧ୍? ନମ୍ବର ରଖିଛନ୍ତି। ଆଜି ଅପରାହ୍ନରେ ଇଣ୍ଟରନେଟ ଯୋଗେ ଏହି ପରୀକ୍ଷା ଫଳ ଉପଲବ୍ଧ ହେଲା ପରେ ସୁଲଗ୍ନା ଗ୍ରୁପ୍ ଅଫ୍ ଇନ୍ଷ୍ଟିଚ୍ୟୁସନ୍‌ସର ପ୍ରତିଷ୍ଠାତା ତଥା ଚେୟାରମେନ ଡ଼ ଘନଶ୍ୟାମ ବିଶ୍ୱାଳ ସଫଳ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଥିଲେ। ଉପସ୍ଥିତ ଅଧ୍ୟାପକ, ଅଧ୍ୟାପିକା, ଅଭିଭାବକ ଓ କଲେଜର ଅନ୍ୟାନ୍ୟ କର୍ମକର୍ତାଙ୍କ ମଧ୍ୟରେ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଛାତ୍ରୀଛାତ୍ରୀଙ୍କ ମଧ୍ୟରୁ ଛାତ୍ରୀ ଜ୍ୟୋତିର୍ମୟୀ ନାଥ ସର୍ବାଧିକ ୫୭୮ ନମ୍ବର ଏବଂ ଛାତ୍ର ପବିତ୍ର ମୋହନ ଖଟୁଆ ୫୭୭ ନମ୍ବର , ଛାତ୍ରୀ ନମ୍ରତା ଜେନା ଓ ଶୁଭପ୍ରିୟା ଜେନା ୫୭୩ ନମ୍ବର ରଖିଥିଲା ବେଳେ ଜଗଦୀଶ ପରିଡା, ଅରୁଣାଶୁ ଶେଖର ସୁର, ଅବଦୁଲ ଅକିଲ ଖାନ, କିଷାନ ରାଉଳ, ଆର୍ଯ୍ୟରୂପା ପରିଡା , ଦେବବ୍ରତ ସିଂହ, ସତ୍ୟବ୍ରତ କର, ରାଜ ନନ୍ଦିନୀ ଗିରି ଓ ଅବିନାଶ ବେହେରା ନବେରୁ ଉର୍ଦ୍ଧ ଶତକଡା ନମ୍ବର ରଖିଛନ୍ତି। ସୁଲଗ୍ନା ସାଇନ୍ସ କଲେଜର ଏହି ସଫଳତାରେ ସମଗ୍ର ବୁଦ୍ଧିଜୀବି ଓ ଅଭିଭାବକ ମହଲରେ ଆନନ୍ଦ ଖେଳି ଯାଇଛି।

# ଦୀନକୃଷ୍ଣ ମହାବିଦ୍ୟାଳୟ ଶିକ୍ଷାର୍ଥୀଙ୍କ ସଫଳତା



ଜଳେଶ୍ୱର,୨୦।୫ (ସମିସ): ଜଳେଶ୍ୱର ବ୍ଲକ ସୁଗୋ ପଞ୍ଚାୟତ ଧାନ ସିମୁଳିଆ ସ୍ଥିତ ସର୍ବ ପୂରାତନ ମହାବିଦ୍ୟାଳୟର ଉଚ୍ଚ ମାଧ୍ୟମିକ (+୨) ପରୀକ୍ଷା ରେ ଛାତ୍ର ଛାତ୍ରୀ ମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ବାଣିଜ୍ୟ ବିଭାଗରେ ୧୨ ଜଣ ଶିକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ଏହି ବିଭାଗରେ ବିଶ୍ୱଜିତ ନନ୍ଦୀ ୬ ଶହରୁ ୪୯୩ ମାର୍କ ରଖି ମାହାବିଦ୍ୟାଳୟ ଟପ୍ପର ହୋଇଥିବା ବେଳେ ୯ ଜଣ ଶିକ୍ଷାର୍ଥୀ ପ୍ରଥମ ଶ୍ରେଣୀ ରେ ଉତ୍ତିର୍ଣ୍ଣ ହୋଇଛନ୍ତି।କଳା ରେ୨୦୮ ଜଣ ଶିକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୧୯୨ ଜଣ ସଫଳତା ହାସଲ କରିଛନ୍ତି। ସେହି ବିଭାଗରେ ୫୪୬ ଦୀପଙ୍କର ରାଉଳ ୬ ଶହରୁ,୫୪୬ ମାର୍କ ରଖି ମାହାବିଦ୍ୟାଳୟକୁ ଗୌରବ ଆଣିଥିବା ବେଳେ ୫୩ ଜଣ ପ୍ରଥମ ଶ୍ରେଣୀରେ ପାସ୍ କରିଛନ୍ତି। ବିଜ୍ଞାନରେ ୮୦ ଜଣ ଶିକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୭୫ ଜଣ ସଫଳତା ହାସଲ କରିଛନ୍ତି। ସେହି ବିଭାଗରେ ରାଜଶ୍ରୀ ପ୍ରମାଣିକ ୫୫୦ ନମ୍ବର ରଖି ଟପ୍ପର ହୋଇଥିବା ବେଳେ ୫୨ ଜଣ ପ୍ରଥମ ଶ୍ରେଣୀ ରେ ଉତ୍ତିର୍ଣ୍ଣ ହୋଇଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ହିମାଂଶୁ କୁମାର ସାମଲ, ଅଧ୍ୟାପିକା ଇନ୍ଦିରା ପ୍ରିୟଦର୍ଶିନୀ, ଦୀପକ କୁମାର ସେନାପତି, ଡଃ ମାନସ କୁମାର ଦାସ,ତପନ କୁମାର ପାତ୍ର, ଜଗନ୍ନାଥ କୁମାର ପ୍ରସାଦ, ପ୍ରାକ୍ତନ ଅଧ୍ୟକ୍ଷ କମଳାକାନ୍ତ ଚାନ୍ଦ, ଶ୍ରୀକାନ୍ତ ଚରଣ ପାତ୍ର, ପ୍ରଫେସର ବିପିନ ବିହାରୀ ବିଶ୍ୱାଳ, ରମାକାନ୍ତ ଭଞ୍ଜ, ସନ୍ୟାସୀ ଚରଣ ପାତ୍ର, ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ପରିଚାଳନା କମିଟି ସଫଳତା ପାଇଥିବା ଛାତ୍ର ଛାତ୍ରୀ ଓ ଅଭିଭାବକଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

# ଶ୍ରୀରାମ ହାୟର ସେକେଣ୍ଡାରୀ ସ୍କୁଲରେ ଶତ ପ୍ରତିଶତ ଫଳାଫଳ




ସୋର,୨୦।୫ (ସମିସ): ସୋରସ୍ଥିତ +୨ ଶ୍ରୀରାମ ହାୟର ସେକେଣ୍ଡାରୀ ସ୍କୁଲରେ ଶତ ପ୍ରତିଶତ ରେଜଲ୍ଟ ହୋଇଛି। ଆଜି ଫଳାଫଳ ପ୍ରକାଶ ପରେ କଲେଜରେ ଖୁସିର ମାହୋଲ ଦେଖିବାକୁ ମିଳିଛି। ଚଳିତ ବର୍ଷ +୨ରେ ୨୩୫ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୨୭ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଉଦ୍ଧ୍ୱର୍ ନମ୍ବର ରଖିଥିବା ବେଳେ ପ୍ରଥମ ଶ୍ରେଣୀରେ ମୋଟ ୨୨୮ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ସନ୍ତୋଷ କୁମାର ପରିଡା ୫୭୭ ନମ୍ବର ରଖି କଲେଜ ଟପର ହୋଇଥିବା ବେଳେ ଶକ୍ତିରଞ୍ଜନ ସାମଲ ୫୭୫ ନମ୍ବର ରଖି ଦ୍?ିତୀୟ ଏବଂ ଦିବ୍ୟରଞ୍ଜନ ଖଣ୍ଡେଇ ୫୭୩ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି।ଫଳରେ କଲେଜରେ ୩ ଜଣ ଛାତ୍ର ୯୫ ଧ ରୁ ଉଦ୍ଧ୍ୱର୍ ମାର୍କ ରଖି ସଫଳତା ପାଇଛନ୍ତି। ୨୭ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି କଲେଜକୁ ଗୌରବାନ୍ୱିତ୍ର କରିଛନ୍ତି। ପ୍ରତିଷ୍ଠାତା ତଥା ସମ୍ପାଦକ ରବୀନ୍ଦ୍ର ନାଥ ଦେ ଓ ପରିଚାଳକ ଇନ୍ଦ୍ରଜିତ କୁମାର ଦେ ଏବଂ କଲେଜ ଅଧକ୍ଷ ଅରୁଣ କୁମାର ମହାନ୍ତି ଚଳିତ ବର୍ଷ ଏହି ସଫଳତାର ଶ୍ରେୟ କଲେଜର ଶୈକ୍ଷିକ ପରିବେଶ, ଛାତ୍ରଛାତ୍ରୀ ମାନଙ୍କ ଉଦ୍ୟମ ପାଇଁ ସମ୍ଭବ ହୋଇ ପାରିଛି ବୋଲି କହିଥିଲେ। କଲେଜର ଶତପ୍ରତିଶତ ଫଳାଫଳ ପରେ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଖୁସିର ମାହୋଲ ଖେଳିଯାଇଛି।

## ଔପଦାରେ ନବମ ପଞ୍ଚାୟତ ସମିତି ବୈଠକ

# ଆଞ୍ଚଳିକ ବିକାଶ ଓ ସମସ୍ୟା ଉପରେ ଗୁରୁତ୍ୱ

ଔପଦା, ୨୦।୫ (ସମିସ)



ଆଜି ଔପଦା ବ୍ଲକ ପରିସରରେ ନବମ ପଞ୍ଚାୟତ ସମିତି ବୈଠକ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକରେ ବାଲେଶ୍ୱର ସାଂସଦ ପ୍ରତାପଚନ୍ଦ୍ରଷଡ଼ଙ୍ଗୀଏବଂନୀଳଗିରିବିଧାୟକ ସନ୍ତୋଷ ଖଟୁଆ ପ୍ରମୁଖ ଯୋଗଦେଇ ଆଞ୍ଚଳିକ ବିକାଶ, ଜନସାଧାରଣଙ୍କ ସମସ୍ୟା ଏବଂ ବିଭିନ୍ନ ବିଭାଗର କାର୍ଯ୍ୟକାରିତା ସମ୍ପର୍କରେ ସବିଶେଷ ଆଲୋଚନା କରିଛନ୍ତି। ବୈଠକରେ ବ୍ଲକ ଅଧ୍ୟକ୍ଷା ବିସିବିସ୍ୱା ପାତ୍ର, ବିଡ଼ିଓ ଶାଶ୍ୱତୀ ସାହୁ, ତହସିଲଦାର ପ୍ରଜ୍ଞା ପରମିତା, ଉପାଧ୍ୟକ୍ଷ ପ୍ରଭାକର ସାହୁ ଏବଂ ଜିଲ୍ଲା ପରିଷଦ ସଦସ୍ୟା ମୁନି ସିଂ ସହକାରୀ ନିର୍ବାହୀ ଯନ୍ତ୍ରୀ ସମୀର କୁମାର ରାଉତ ଙ୍କ ସମେତ ବ୍ଲକର ସମସ୍ତ ପଞ୍ଚାୟତ ପ୍ରତିନିଧି, ବିଭିନ୍ନ ବିଭାଗର ଅଧିକାରୀ ଓ ଅଧିକାରିଣୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ସରକାରୀ ଯୋଜନାର ସଫଳ ରୂପାୟନ ଏବଂ ପ୍ରତିଟି ପଞ୍ଚାୟତରେ ଲୋକଙ୍କ ପାଖରେ ସେବା ପହଞ୍ଚାଇବା ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଛି। ଜିପିଓ ଦୀପକ କୁମାର ମହାନା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲା। ଏହି ବୈଠକରେ ସ୍ୱାସ୍ଥ୍ୟ, ଗମନା ଗମନ, ସାଧାରଣ ବଣ୍ଟନ, ଭତ୍ତା, ବିଦ୍ୟୁତ, ଶିକ୍ଷା, ଆବାସ ଯୋଜନା, କୃଷି, ଉଦ୍ୟାନ କୃଷି, ପଶୁ ଚିକିତ୍ସା ଆଦି ବିଭାଗ ସମ୍ପର୍କରେ ଆଲୋଚନା ହୋଇଥିଲା।

# ଅସହ୍ୟ ଗୁଳୁଗୁଳି; ୧୦ ଛାତ୍ରଛାତ୍ରୀ ଅସୁସ୍ଥ

ସୋର,୨୦।୫ (ସମିସ): ସୋର ପୌର ପାଳିକା ଅନ୍ତର୍ଗତ କଲେଜଛକରେ ଥିବା ଘରୋଇ ମେସ ମାଲିକ ମାନେ ସରକାରଙ୍କ ନିର୍ଦ୍ଦେଶକୁ ଖାତିର ନକରି ସମରକୋର୍ସ ନାମରେ ଗୋଟିଏ ରୁମରେ ୪/୫ ଜଣ ଛାତ୍ରାଛାତ୍ରୀଙ୍କୁ ରଖିବାରୁ ଅସହ୍ୟ ଗୁଳୁଗୁଳି କାରଣରୁ ଛାତ୍ରଛାତ୍ରୀ ମାନେ ଅଚେତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହେଉଛନ୍ତି। ଆଜି ରାତି ସୁଦ୍ଧା କଲେଜ ଛକରେ ଥିବା ଶାରଦା, ଆରିୟାନ,ସାଇ ସାଧନା ଓ ଗଜାନନ ଆଦି ବିଭିନ୍ନ ମେସରୁ ୧୦ରୁ ଅଧିକ ଛାତ୍ରାଛାତ୍ରୀ ଡାକ୍ତରଖାନାରେ



ଭର୍ତ୍ତି ହୋଇଥିବା ଦେଖିବାକୁ ମିଳିଛି। ଖବର ପାଇ ସୋର ବିଧାୟକ ମାଧବ ଧଡା ଡାକ୍ତରଖାନାରେ ପହଂଚି ସ୍ଥିତି ପରଖିବା ସହିତ ପିଲାମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ସେଠାରେ ଉପସ୍ଥିତ ଥିବା କିଛି ମେସ ମାଲିକଙ୍କ ଉପରେ ଖୁବ ବର୍ଷିବା ସହିତ ଉପଯୁକ୍ତ ଢଙ୍ଗରେ ପିଲାମାନଙ୍କୁ ରଖିବାକୁ ତାଗିଦ କରିଥିଲେ। ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେବା ସହିତ ମେସ ମାଲିକଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସାଧାରଣରେ ଦାବି ହୋଇଛି।

## ପ୍ରକାଶ ପାଇଲା ଯୁକ୍ତ ୨ ଫଳ

# ତୁଳସୀ ମହିଳା ମହାବିଦ୍ୟାଳୟରେ ଛାତ୍ରୀଙ୍କ କୃତିତ୍ୱ

କେନ୍ଦ୍ରାପଡ଼ା,୨୦।୫(ସମିସ)

ଚଳିତ ବର୍ଷ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ +୨ କଳା, ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷାରେ କେନ୍ଦ୍ରାପଡ଼ାର ତୁଳସୀ ମହିଳା ମହାବିଦ୍ୟାଳୟ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ତିନୋଟି ବିଭାଗରେ ଛାତ୍ରୀମାନେ ଉତ୍କୃଷ୍ଟ ପ୍ରଦର୍ଶନ କରି ମହାବିଦ୍ୟାଳୟ ସହ ସମଗ୍ର ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। +୨ କଳା ବିଭାଗରେ ୨୪୧ ଜଣ ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୬୮ ଜଣ ପ୍ରଥମ ଶ୍ରେଣୀ, ୫୭ ଜଣ ଦ୍ୱିତୀୟ ଶ୍ରେଣୀ ଓ ୯୧ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଜ୍ଞାନ ବିଭାଗରେ ୬୬ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୨ ଜଣ ପ୍ରଥମ ଶ୍ରେଣୀ, ୭ ଜଣ ଦ୍ୱିତୀୟ ଓ ୨୦ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ସେହିପରି ବାଣିଜ୍ୟ ବିଭାଗରେ ଶତ ପ୍ରତିଶତ ପାସ୍‌ହାର ରହିଛି। +୨ କଳାରେ ସୁଶ୍ରୀ ଦମୟନ୍ତୀ ଜେନା ୯୦.୦୫ ପ୍ରତିଶତ ନମ୍ବର ରଖିଛନ୍ତି। ବିଜ୍ଞାନ ବିଭାଗରେ ସୁଶ୍ରୀ ଜ୍ୟୋତିର୍ମୟୀ ମହାପାତ୍ର ୮୪.୩୩ ପ୍ରତିଶତ ଓ ବାଣିଜ୍ୟରେ ସୁଶ୍ରୀ ପ୍ରତିକ୍ଷା ବରାଳ ୬୭.୮୩ ପ୍ରତିଶତ ମାର୍କ ରଖି ସର୍ବାଧିକ ସଫଳତା ହାସଲ କରିଛନ୍ତି। ଗତବର୍ଷ ତୁଳନାରେ ଚଳିତ ବର୍ଷ ମହାବିଦ୍ୟାଳୟର ପାସ୍‌ହାର ବୃଦ୍ଧି ପାଇଛି କ୍ଷ ଗତବର୍ଷ ୯୨.୦୪ ପ୍ରତିଶତ ଥିବାବେଳେ ଏବର୍ଷ ଏହା ୯୩ ପ୍ରତିଶତକୁ ବୃଦ୍ଧି ପାଇଥିବାରୁ ମହାବିଦ୍ୟାଳୟ ପରିବେଶରେ ଖୁସିର ମାହୋଲ ଦେଖାଦେଇଛି। ସମସ୍ତ କୃତି ଛାତ୍ରୀଙ୍କୁ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼. ବାସନ୍ତୀ ଶୁକ୍ଳା, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ଅଭିନନ୍ଦନ ଜଣାଇଛନ୍ତି। ଆଗାମୀ ଦିନରେ ଛାତ୍ରୀମାନେ ଅଧିକ କୃତିତ୍ୱ ହାସଲ କରି ମହାବିଦ୍ୟାଳୟର ସୁନାମ ବୃଦ୍ଧି କରିବା ସହ ଆତ୍ମନିର୍ଭରଶୀଳ ହୋଇ ସମାଜରେ ନିଜ ପରିଚୟ ସୃଷ୍ଟି କରନ୍ତୁ ବୋଲି ଅଧ୍ୟକ୍ଷା ଡ଼. ଶୁକ୍ଳା ଆଶା ବ୍ୟକ୍ତ କରିଛନ୍ତି।





# ବିଜ୍ଞାନରେ ଧୀରେନ୍ଦ୍ର, ବାଣିଜ୍ୟରେ ମାନସୀ ଓ କଳାରେ ସତ୍ୟଭାମା ବ୍ଲକ୍

ରାଜନଗର,୨୦।୫(ସମିସ): +୨ ବିଜ୍ଞାନ, ବାଣିଜ୍ୟ ଓ କଳା ପରୀକ୍ଷା ଫଳ ପ୍ରକାଶ ପାଇଛି। ଯେଉଁଥିରେ ରାଜନଗର ବ୍ଲକରେ ଦୁଇଜଣ ଝିଅ ବାଣିଜ୍ୟ ଓ କଳାରେ ବ୍ଲକ ଟପର ହୋଇଥିବା ବେଳେ ବିଜ୍ଞାନରେ ଜଣେ ପୁଅ ବ୍ଲକ ଟପର ହୋଇଛନ୍ତି। ରାଜନଗର ବ୍ଲକରେ ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ଏକମାତ୍ର ଡିଗ୍ରୀ ମହାବିଦ୍ୟାଳୟ ଥିବା ବେଳେ ବାରହାପୁରଠାରେ ସପନେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଜରିମୂଳରେ ନଳିନୀକାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଡାଙ୍ଗମାଳରେ ନାଗାନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଛି। ଚଳିତବର୍ଷ +୨ପରୀକ୍ଷାରେ ବିଜ୍ଞାନ ଶ୍ରେଣୀରେ ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ଛାତ୍ର ଧୀରେନ୍ଦ୍ର ସାମନ୍ତରାୟ ୫୩୮ ନମ୍ବର ରଖି ବ୍ଲକ ଟପର ହୋଇଛନ୍ତି।




+୨ବାଣିଜ୍ୟ ଶ୍ରେଣୀରେ ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ଛାତ୍ରୀ ମାନସୀ ରାଉତ ୫୪୩ ନମ୍ବର ରଖି ବ୍ଲକ ଟପର ହୋଇଛନ୍ତି। ସେହିପରି +୨କଳା ଶ୍ରେଣୀରେ ନାଗାନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଡାଙ୍ଗମାଳର ଛାତ୍ରୀ ସତ୍ୟଭାମା ନାୟକ ୫୫୧ ନମ୍ବର ରଖି ବ୍ଲକ ଟପର ହୋଇଥିବା ଜଣାପଡିଛି।

# ଡେରାବିଶ ତହସିଲସ୍ତରୀୟ ଜନଶୁଣାଣି



ଡେରାବିଶ, ୨୦।୦୫(ସମିସ): ଡେରାବିଶ ତହସିଲସ୍ତରୀୟ ଜନଶୁଣାଣି ଶିବିର ବୁଧବାର ତହସିଲ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣା ଜେନା ଯୋଗଦେଇ ୨୨ଟି ଜମିଜମା ସଂକ୍ରାନ୍ତୀୟ ଅଭିଯୋଗର ଶୁଣାଣି କରିଥିଲେ। ଏହି ଅଭିଯୋଗ ଗୁଡ଼ିକର ଦ୍ୱରିତ ସମାଧାନ ପାଇଁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ବସୁନ୍ଧରା ଯୋଜନାରେ ଦୁଇଜଣ ଭୂମିହୀନଙ୍କୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜେନା ପଟ୍ଟା ବଣ୍ଟନ କରିଥିଲେ। ଏହି ଶିବିରରେ ତହସିଲଦାର ସରୋଜକାନ୍ତ ନାୟକ, ଅତିରିକ୍ତ ତହସିଲଦାର ଭାସ୍କର ବେହେରା, ସୁପରଭାଇଜର ମାନସ ରନ ନାଥ ଓ ଜ୍ୟୋତିର୍ମୟୀ ବେହେରାଙ୍କ ସମେତ ତହସିଲ ଅଧୀନରେ ଥିବା ସମସ୍ତ ସର୍କଲର ରାଜସ୍ୱ ନିରୀକ୍ଷକ ଉପସ୍ଥିତ ଥିଲେ।

# ତାରିଣୀ ଯୁକ୍ତଦୁଇ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଫଳତା

ମାର୍ଶାଘାଇ,୨୦।୫(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ ହଳଦିଆଗଡା-ଗରଜଙ୍ଗା ତାରିଣୀ ଯୁକ୍ତ ଦୁଇ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଶତପ୍ରତିଶତ ସଫଳତା ହାସଲ କରିଛି। ଏଥିରେ ଛାତ୍ର ପି. ମନୀଷ ରାଜ ୫୬୮ ନମ୍ବର ରଖି ତାରିଣୀ ଶିକ୍ଷା ପ୍ରତିଷ୍ଠାନରେ ଟପ୍ପର ହୋଇଛନ୍ତି। ବିଦ୍ୟାଳୟର ୨୦ଜଣ ଛାତ୍ରଛାତ୍ରୀ ୫୦୦ରୁ ଉର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ୪ ଜଣ ୯୦ଶତକଡ଼ା ରଖି ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ବିଦ୍ୟାଳୟ ୧୫୭ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୩୯ ଜଣ ଦ୍ୱିତୀୟ ଶ୍ରେଣୀରେ ୧୮ ଜଣ କୃତକାର୍ଯ୍ୟ ହୋଇଛନ୍ତି।

# ଦ୍ୱିତୀୟ ବୈତରଣୀ ସେତୁ ନିର୍ମାଣ ପାଇଁ ଜନଶୁଣାଣି



ରାଜକନିକା,୨୦।୫(ସମିସ): କଟକ ଚାନ୍ଦବାଲି ରାଜ୍ୟ ରାଜପଥକୁ ଦୋହାରୀକରଣ କରିବା ଏବଂ ଏହି ରାସ୍ତାରେ ଦ୍ୱିତୀୟ ବୈତରଣୀ ସେତୁ ପାଇଁ ଆବଶ୍ୟକୀୟ ଜମି ଅଧିଗ୍ରହଣ କରିବା ଏବଂ ଜମି ହରାଇଥିବା ବ୍ୟକ୍ତିଙ୍କୁ କ୍ଷତି ପୂରଣ ପ୍ରଦାନ ସମ୍ପର୍କରେ ଆଜି ରାଜକନିକାରେ ଜନଶୁଣାଣି କରାଯାଇଛି। ଦ୍ୱିତୀୟ ବୈତରଣୀ ସେତୁ ନିର୍ମାଣ ପାଇଁ ଆଜି ୭ ଏକର ୯ ୫ଡେସିମିଲ ଜମି ଅଧିଗ୍ରହଣ ପାଇଁ ଆଜି ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ, ତହସିଲଦାର, ବିଡିଓଙ୍କ ଉପସ୍ଥିତିରେ ଓସ୍ତିଆ, ତରାସ, ଗୁଆଳିଗାଁ ରେ କ୍ଷତିଗ୍ରସ୍ତ ଜନଗଣଙ୍କ ସହ ଆଲୋଚନା କରିଥିଲେ। ଆଜି ସକାଳ ୯ ଟାରେ ତରାସ ପଞ୍ଚାୟତ ଓ ୧୧ ଟା ବେଳେ ବାଘବୁଦା ପଞ୍ଚାୟତ ଅଫିସରେ ଜନଶୁଣାଣି କରାଯାଇଛି। ଏହି ସେତୁ ନିର୍ମାଣରେ ଜମି ହରାଉଥିବା ବ୍ୟକ୍ତି ସରକାରୀ ନିର୍ଦ୍ଧାରିତ ମୂଲ୍ୟକୁ ହିତାଧିକାରୀ ରାଜି ନ ହୋଇ ଅଧିକ ମୂଲ୍ୟ ଦେବାକୁ ଅତିରିକ୍ତ ଜିଲ୍ଲାପାଳଙ୍କ ପାଖରେ ଦାବି କରିଛନ୍ତି।

# ବଦଳି ଦାବିରେ ଗଣଧାରଣା ଜାରି

ରାଜକନିକା,୨୦।୫(ସମିସ): ରାଜକନିକା ଥାନାଧିକାରୀ ସଞ୍ଜୟ କୁମାର ମଲ୍ଲିକଙ୍କ ବଦଳି ଦାବିରେ କନିକା ତହସିଲ ସମ୍ମୁଖରେ ଆହୁତ ଗଣଧାରଣା ଆଜି ଦ୍ୱିତୀୟ ଦିନରେ ପହଞ୍ଚିଛି। ୯ ଦଫା ଦାବିରେ ଗତ ମଙ୍ଗଳବାର ଠାରୁ ଆରମ୍ଭ ହୋଇଥିବା ଏହି ଗଣଧାରଣା ସକାଳ ୮ ରୁ ଆରମ୍ଭ ହୋଇ ଅପରାହ୍ନ ୨ ଟାରେ ଶେଷ ହେଉଛି। ତେବେ ବିବାଦୀୟ ଥାନାଧିକାରୀଙ୍କ ବଦଳି ନ ହେବା ଯାଏ ଏ ଗଣଧାରଣା ଜାରି ରହିବ ବୋଲି ଧାରଣାକାରୀ କହିଛନ୍ତି।




# ବିଦ୍ୟାଳୟ ନିକଟରେ ଭଙ୍ଗା ବିଦ୍ୟୁତ୍ ଖୁଣ୍ଟ

ଡେରାବିଶ,୨୦।୫(ସମିସ): ଡେରାବିଶ ବ୍ଲକ ଏଣ୍ଡର ପଞ୍ଚାୟତ ଡେରାଡିହ ଗ୍ରାମର ପ୍ରାଥମିକ ବିଦ୍ୟାଳୟ କଡ଼ରେ ରହିଛି ଏକ ବିପଦସଙ୍କୁଳ ବିଦ୍ୟୁତ୍ ଖୁଣ୍ଟ। ମୂଳ ଖାଇ ନଷ୍ଟ ହୋଇଯାଇଥିବା ଏହି ବିଦ୍ୟୁତ୍ ଖୁଣ୍ଟଟି କେତେବେଳେ ଭାଙ୍ଗିପଡ଼ି ଦୁର୍ଘଟଣା ଘଟାଇବ ତାହା କହିହେବ ନାହିଁ। ରାସ୍ତା କଡ଼ରେ ରହିଥିବା ଏହି ଖୁଣ୍ଟ ଦେଇ ଗ୍ରାମକୁ ବିଦ୍ୟୁତ୍ ତାର ଯାଇଛି। ଏହି ରାସ୍ତା ଦେଇ ଗ୍ରାମର ଶହଶହ ଲୋକ ଚଳପ୍ରଚଳ କରୁଥିବା ବେଳେ ପ୍ରତ୍ୟେକ ଦିନ ୬୦ ରୁ ଉଦ୍ଧ୍ୱର୍ କୁନି କୁନି ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଯିବା ଆସିବା କରିଛନ୍ତି। ଏଥିସହିତ ନିକଟରେ ରହିଥିବା ଦୋକାନକୁ ମଧ୍ୟ ବହୁ ଗ୍ରାହକ କିଣାବିକା କରିବା ପାଇଁ ଆସିଥାନ୍ତି। ଏହି ଭଙ୍ଗା ଖୁଣ୍ଟଟିକୁ ତୁରନ୍ତ ଏଠାରୁ ଉଠାଇ ଏହି ସ୍ଥାନରେ ଏକ ନୂଆ ଖୁଣ୍ଟ ପକାଇବା ପାଇଁ ଗ୍ରାମବାସୀମାନେ ଛତା ବିଦ୍ୟୁତ୍ କାର୍ଯ୍ୟାଳୟରେ ଜଣାଇଥିଲେ ମଧ୍ୟ ଅଧିକାରୀମାନେ ନିଦା ବିଷ୍ଣୁ ସାଜି କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ବିଦ୍ୟୁତ୍ ପ୍ରବାହିତ ହେଉଥିବା ଏହି ଭଙ୍ଗା ବିଦ୍ୟୁତ୍ ଖୁଂଟଟିକୁ ତୁରନ୍ତ ବଦଳା ନଗଲେ ଗ୍ରାମବାସୀମାନେ ଆନ୍ଦୋଳନା ତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ପ୍ରକାଶ କରିଛନ୍ତି। ବିଦ୍ୟୁତ୍ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।




# କେନ୍ଦ୍ରାପଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଫଳତା

କେନ୍ଦ୍ରାପଡ଼ା,୨୦।୫(ସମିସ): ଚଳିତ ବର୍ଷ ପ୍ରକାଶିତ +୨ ପରୀକ୍ଷା ଫଳାଫଳରେ କେନ୍ଦ୍ରାପଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଉଲ୍ଲେଖନୀୟ ସଫଳତା ହାସଲ କରିଛି। କଳା, ବାଣିଜ୍ୟ ଓ ବିଜ୍ଞାନ ତିନୋଟି ବିଭାଗରେ ବିଦ୍ୟାଳୟର ସାମଗ୍ରିକ ପାସ୍ ହାର ୯୫.୭୯ ପ୍ରତିଶତ ରହିଛି। ଚଳିତ ବର୍ଷ ବିଦ୍ୟାଳୟର ତିନୋଟି ବିଭାଗରେ ମୋଟ ୧୨୪୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିବାବେଳେ ୧୨୩୭ ଜଣ ପରୀକ୍ଷା ଦେଇଥିଲେ। ମୋଟ ୧୧୮୫ ଜଣ ଛାତ୍ରଛାତ୍ରୀ ପାସ୍ କରି ବିଦ୍ୟାଳୟର ସୁନାମ ରକ୍ଷା କରିଛନ୍ତି। +୨ କଳା ବିଭାଗରେ ୩୭୭ ଜଣ ଫର୍ମ ପୂରଣ କରିଥିବାବେଳେ ୩ ଜଣ ଅନୁପସ୍ଥିତ ଥିଲେ। ୩୫୬ ଜଣ ପାସ୍ କରିଛନ୍ତି। ସେଥିମଧ୍ୟରୁ ୨୩୭ ଜଣ ପ୍ରଥମ ଶ୍ରେଣୀ, ୫୬ ଜଣ ଦ୍ୱିତୀୟ ଶ୍ରେଣୀ ଓ ୫୩ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କଳା ବିଭାଗରେ ପାସ୍ ହାର ୯୫.୧୯ ପ୍ରତିଶତ ରହିଛି। ବାଣିଜ୍ୟ ବିଭାଗରେ ୩୪୭ ଜଣ ପରୀକ୍ଷା ଦେଇଥିବାବେଳେ ୩୩୯ ଜଣ ପାସ୍ କରିଛନ୍ତି। ୨୩୯ ଜଣ ପ୍ରଥମ ଶ୍ରେଣୀ, ୪୮ ଜଣ ଦ୍ୱିତୀୟ ଓ ୫୨ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ବାଣିଜ୍ୟ ବିଭାଗରେ ପାସ୍ ହାର ୯୭.୬୯ ପ୍ରତିଶତ ହୋଇଛି। ସେହିପରି ବିଜ୍ଞାନ ବିଭାଗରେ ୫୧୬ ଜଣ ପରୀକ୍ଷା ଦେଇଥିବାବେଳେ ୪୯୦ ଜଣ ପାସ୍ କରିଛନ୍ତି। ୪୩୫ ଜଣ ପ୍ରଥମ ଶ୍ରେଣୀ, ୪୩ ଜଣ ଦ୍ୱିତୀୟ ଓ ୯ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୩ ଜଣ କମ୍ପାର୍ଟମେଣ୍ଟାଲରେ ପାସ୍ କରିଛନ୍ତି। ବିଜ୍ଞାନ ବିଭାଗର ପାସ୍ ହାର ୯୪.୯୬ ପ୍ରତିଶତ ରହିଛି। ବ୍ୟକ୍ତିଗତ କୃତିତ୍ୱରେ +୨ କଳା ବିଭାଗରେ ରଶ୍ମୀରେଖା ଦାସ ୬୦୦ରୁ ୫୮୨ ନମ୍ବର ରଖି ୯୩.୧୬ ପ୍ରତିଶତ ସହ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ବାଣିଜ୍ୟ ବିଭାଗରେ ସୁପ୍ରିୟା ପ୍ରଧାନ ୫୮୪ ନମ୍ବର ରଖି ୯୭.୩୩ ପ୍ରତିଶତ ଓ ବିଜ୍ଞାନ ବିଭାଗରେ ସର୍ବେଶ୍ୱର ବାରିକ ୫୮୨ ନମ୍ବର ରଖି ୯୭ ପ୍ରତିଶତ ସହ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ବିଦ୍ୟାଳୟର ଏହି ସଫଳତା ପାଇଁ ଅଧ୍ୟକ୍ଷ, ଅଧ୍ୟାପକ, ଅଭିଭାବକ ଓ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଖୁସିର ଲହରୀ ଦେଖାଦେଇଛି।

# ସର୍ବେଶ୍ୱର କେନ୍ଦ୍ରାପଡ଼ା କଲେଜ ବିଜ୍ଞାନ ଟପ୍ପର

ଡେରାବିଶ,୨୦।୫(ସମିସ): ଡେରାବିଶ ବ୍ଲକ ଇନ୍ଦାଲୋ ପଞ୍ଚାୟତ ଅନ୍ତର୍ଗତ ଛକନା ଗ୍ରାମର ସୁଦର୍ଶନ ନାୟକ ଓ ଜ୍ୟୋତ୍ସ୍ନାରାଣୀଙ୍କ ପୁଅ ସର୍ବେଶ୍ୱର ନାୟକ କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟର +୨ ବିଜ୍ଞାନ ଶ୍ରେଣୀରେ ୫୮୨ (ଶତକଡ଼ା ୯୭%) ନମ୍ବର ରଖି ମହାବିଦ୍ୟାଳୟ ଟପ୍ପର ହେବାର ଗୌରବ ଅର୍ଜନ କରିଛନ୍ତି। ଆଜି ଏହି ଖବର ଶୁଣିବା ପରେ ସର୍ବେଶ୍ୱରଙ୍କୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ସର୍ବେଶ୍ୱର ଘରେ ହରିଅଙ୍କ ସରପଂଚ ସୁଖଦାନନ୍ଦ ପ୍ରଧାନ ପହଂଚି ପୁଷ୍ପଗୁଚ୍ଛ ପ୍ରଦାନ କରି ଶୁଭେଚ୍ଛା ଜଣାଇଥିଲେ। ସେହିପରି ସର୍ବେଶ୍ୱର କୋଚିଂ ନେଇଥିବା ଲକ୍ଷ୍ୟ କୋଚିଂ ସେଂଟରର ମ୍ୟାନେଜିଂ ଡାଇରେକ୍ଟର ରନ କୁମାର ପଲେଇଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତାଙ୍କ ଘରେ ପହଂଚି ଶୁଭେଚ୍ଛା ଜଣାଇଛନ୍ତି। ସର୍ବେଶ୍ୱର ଏହି ସଫଳତା ପାଇବା ପାଇଁ ଦୈନିକ ୧୮ ଘଂଟା ପାଠପଢୁଥିବା ପ୍ରକାଶ କରିଛନ୍ତି। ସର୍ବେଶ୍ୱର ଭବିଷ୍ୟରେ ଜଣେ ଡାକ୍ତର ହୋଇ ଦୁଃଖୀରଙ୍କୀଙ୍କ ସେବା କରିବେ ବୋଲି କହିବା ସହିତ ତାଙ୍କର ସଫଳତା ପାଇଁ ତାଙ୍କର ବାପା ମା ଓ ଲକ୍ଷ୍ୟ କୋଚିଂ ସେଂଟରକୁ ଶ୍ରେୟ ପ୍ରଦାନ କରିଛନ୍ତି।



# ପ୍ରାକ୍ତନ ବ୍ଲକ କଂଗ୍ରେସ ସଭାପତି ଅଜୟ ବିଶ୍ୱାଳଙ୍କ ସ୍ମୃତିସଭା



ପଟ୍ଟାମୁଣ୍ଡାଇ, ୨୦।୫ (ସମିସ): ଧୋୟାଞ୍ଚଳ ବିକାଶରେ ପଟ୍ଟାମୁଣ୍ଡାଇ ବ୍ଲକ କଂଗ୍ରେସ ପ୍ରାକ୍ତନ ସଭାପତି ବର୍ଷିଆନ ରାଜନେତା ଦିବଂଗତ ଅଜୟ କୁମାର ବିଶ୍ୱାଳଙ୍କ ଅବଦାନ ଅବିସ୍ମରଣୀୟ ବୋଲି ଆଜି ଦିବଂଗତ ରାଜନେତାଙ୍କ ଏକାଦଶାହ ଅବସରରେ ତରଡ଼ିପାଳ ଠାରେ ଆୟୋଜିତ ସ୍ମୃତିସଭାରେ ଯୋଗ ଦେଇ ବହୁ ବିଶିଷ୍ଟ ବ୍ୟକ୍ତି ପ୍ରକାଶ କରିଛନ୍ତି। ଶିକ୍ଷାବିତ ରାଜକୁମାର ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟିକା ଡ. ସିପ୍ରା ମଲିକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଳିତା ଦାସ, ରାଜ୍ୟ ବିଜେଡି ସମ୍ପାଦକ ରାଜେଶ ପଣ୍ଡା, ପଟ୍ଟାମୁଣ୍ଡାଇ ବ୍ଲକ ପ୍ରାକ୍ତନ ଅଧ୍ୟକ୍ଷ ମାନସ ରଞ୍ଜନ ସାମଲ, ପ୍ରଫେସର ଅଖିଳ ଚନ୍ଦ୍ର ବିଶ୍ୱାଳ, ବରିଷ୍ଠ ପ୍ରଶାସନିକ ଅଧିକାରୀ ସୁବାସ ନାଥ ଶର୍ମା, ଜିଲ୍ଲା ପରିଷଦ ସଦସ୍ୟା ପ୍ରିୟଦର୍ଶନୀ ତରାଇ, ପୂର୍ବତନ ସଦସ୍ୟ ନାରଦ ବିଶ୍ୱାଳ, ଅଧ୍ୟାପକ ଅଶୋକ ନାୟକ ଓକିଲ ସଂଘ ସଭାପତି ସୂର୍ଯ୍ୟରଞ୍ଜନ ରାଉଳ, ଉପସଭାପତି ଗୋପିନାଥ ତ୍ରିପାଠୀ, ସମ୍ପାଦକ ରବି ନାରାୟଣ ଦାଶ, ପୂର୍ବତନ ସଭାପତି ବିଜ୍ଞାନ ଜେନା, ସରକାରୀ ଓକିଲ ପ୍ରମୋଦ ସାହୁ, ତରଡ଼ିପାଳ ସରପଞ୍ଚ ଦେବେନ୍ଦ୍ର ନାୟକ, ସମିତି ସଭ୍ୟ ନିରଞ୍ଜନ ବାରିକ, ପେଣ୍ଡପାଳ ସମିତି ସଭ୍ୟ ଶଶାଙ୍କ ଶେଖର ବିଶ୍ୱାଳ, ପୂର୍ବତନ ସରପଞ୍ଚ କୈଳାଶ ସେଠୀ, ବିଭୁତି ଭୂଷଣ ପଟ୍ଟନାୟକ, ବସନ୍ତ ସ୍ୱାଇଁ, ଶିକ୍ଷକ ନେତା ଭରତ ଭଦ୍ର, ସୁଧାଂଶୁ ଦାସ, ସୁଶୀଲ ବିଶ୍ୱାଳ, ଶ୍ରୀକାନ୍ତ ସାମଲ, ମର୍ଦ୍ଦରାଜ ବିଶ୍ୱାଳ, ପ୍ରତାପ ବିଶ୍ୱାଳ, ଅମୀୟ ବିଶ୍ୱାଳ ପ୍ରମୁଖ ଯୋଗଦେଇ। ଦିବଂଗତ ନେତାଙ୍କ ସୁପୁତ୍ର ଆଡଭୋକେଟ ଅଭିଷେକ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ରାଜକନିକା ଉଚ୍ଚ ମାଧ୍ୟମିକ ସ୍କୁଲର ସଫଳତା

ରାଜକନିକା,୨୦।୫(ସମିସ): ଯୁକ୍ତ ଦୁଇ ପରୀକ୍ଷାରେ ରାଜକନିକା ଏସ୍ ଏନ୍ ଉଚ୍ଚ ମାଧ୍ୟମିକ ସ୍କୁଲର ବିଜ୍ଞାନ ବିଭାଗରେ ମୋଟ ୧୦୫ ଜଣଙ୍କ ମଧ୍ୟରୁ ୮୩ ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ପ୍ରଥମ ଶ୍ରେଣୀରେ ୫୦ଜଣ, ଦ୍ୱିତୀୟ ଶ୍ରେଣୀରେ ୩୦ ଓ ତୃତୀୟ ଶ୍ରେଣୀରେ ୩ ଜଣ, ବାଣିଜ୍ୟରେ ମୋଟ ୧୧୩ଜଣଙ୍କ ମଧ୍ୟରୁ ୧୦୭ ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ପ୍ରଥମ ଶ୍ରେଣୀରେ ୩୧ଦ୍ୱିତୀୟ ଶ୍ରେଣୀରେ ୨୧ ଓ ତୃତୀୟ ଶ୍ରେଣୀରେ ୫୫ ଜଣ, କଳା ବିଭାଗରେ ମୋଟ ୨୫୦ ଜଣଙ୍କ ମଧ୍ୟରୁ ୨୨୫ ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୦୬ ଜଣ, ଦ୍ୱିତୀୟ ଶ୍ରେଣୀରେ ୮୬ ଜଣ, ତୃତୀୟ ଶ୍ରେଣୀରେ ୩୩ ଜଣ ପାସ କରିଛନ୍ତି। ବିଜ୍ଞାନ ବିଭାଗରେ ସାଗରିକା ପୃଷ୍ଟି ୫୨୪ ନମ୍ବର, ବାଣିଜ୍ୟରେ ସ୍ୱପ୍ନାରାଣୀ ଦାସ ୫୭୩ ଓ କଳାରେ ବିଶ୍ୱଜିତ ଦଳାଇ ସର୍ବୋଚ୍ଚ ୫୪୪ ନମ୍ବର ରଖି ସ୍କୁଲ ପାଇ ଗୌରବ ଅର୍ଜନ କରିଛନ୍ତି। ସେହିପରି କାଟଣାର କପିଳେଶ୍ୱର ଉଚ୍ଚ ମାଧ୍ୟମିକ ସ୍କୁଲରେ ମୋଟ ୩୦୩ ଜଣ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨୦୨ ଜଣ କୃତକାର୍ଯ୍ୟ ହୋଇଛନ୍ତି। ପ୍ରଥମ ଶ୍ରେଣୀରେ ପ୍ରଥମ ଶ୍ରେଣୀରେ ୨୯, ଦ୍ୱିତୀୟ ଶ୍ରେଣୀରେ ୨୬ ଜଣ ଓ ତୃତୀୟ ଶ୍ରେଣୀରେ ୧୪୮ ଜଣରେ ସଫଳତା ପାଇଛନ୍ତି। ହାଟସାହିର ବାର୍‌ହା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ସ୍କୁଲର କଳାରେ ମୋଟ ୭୬ ଜଣଙ୍କ ମଧ୍ୟରୁ ୪୭ ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୪ ଜଣ, ଦ୍ୱିତୀୟ ରେ ୪, ତୃତୀୟରେ ୩୯, ସେହିପରି ଏକ୍ସ ରେଗୁଲାରରେ ୮ ଜଣଙ୍କ ମଧ୍ୟରୁ ୫ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଜ୍ଞାନରେ ମୋଟ ୩୯ ଜଣଙ୍କ ମଧ୍ୟରୁ ୧୫ ଜଣ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଦ୍ୱିତୀୟ ଶ୍ରେଣୀରେ ୯ ଓ ତୃତୀୟ ଶ୍ରେଣୀରେ ୬, ଏକ୍ସ ରେଗୁଲାର ରେ ମୋଟ ୨୭ ଜଣଙ୍କ ମଧ୍ୟରୁ ୧୩ ଜଣ ଉତ୍ତୀର୍ଣ ହୋଇଛନ୍ତି। ସେହିପରି ଓଳାଭର ଉଚ୍ଚ ମାଧ୍ୟମିକ ସ୍କୁଲ ର ବିଜ୍ଞାନ ବିଭାଗରେ ୨୨ ଜଣ , କଳାରେ ୧୪୪ ଜଣ ଓ ବାଣିଜ୍ୟରେ ୩୯ ଜଣ ଉତ୍ତୀର୍ଣ ହୋଇଛନ୍ତି।

## ● ବଦଳିବ ଭିତରକନିକାର ରୂପରେଖ

# ସ୍ଥିତି ଅନୁଧ୍ୟାନ କଲେ ପର୍ଯ୍ୟଟନ ସଚିବ

ରାଜନଗର,୨୦।୫(ସମିସ): ରାଜ୍ୟର ଅନ୍ୟ ପର୍ଯ୍ୟଟନସ୍ଥଳୀ ତୁଳନାରେ ଭିତରକନିକାର ବିକାଶ ସେପରି ହୋଇପାରିନି। ଆଜି ପର୍ଯ୍ୟଟନ ବିଭାଗର ସଚିବ ବଳବନ୍ତ ସିଂହ ଭିତରକନିକାରେ ପହଞ୍ଚି ଭିତରକନିକା ଭିତର ଓ ବାହାରେ ଥିବା ବିଭିନ୍ନ ଏଣ୍ଟ୍ରି ପଏଣ୍ଟ ବୁଲି ସ୍ଥିତି ଅନୁଧ୍ୟାନ କରିବା ସହ ଭିତରକନିକାର ଭିତ୍ତିଭୂମି ବିକାଶ ଦିଗରେ ଆଲୋଚନା କରିଛନ୍ତି। ଆଜି ପର୍ଯ୍ୟଟନ ସଚିବ ଭିତରକନିକା ସହିତ ଗୁପ୍ତି, ଖୋଳା, ଚାନ୍ଦବାଲି ଆଦି ସ୍ଥାନ ବୁଲିବା ସହ କେଉଁଠି କେତେ ସରକାରୀ ଜମି ରହିଛି, ସେଥିରେ କିକି ପର୍ଯ୍ୟଟନ ଭିତ୍ତିକ ପ୍ରକଳ୍ପ କରିହେବ ବୁଲିଦେଖିଛନ୍ତି। ଆଜି ଡାଙ୍ଗମାଳରେ ରାତ୍ରି ଯାପନ କରିଥିବା ବେଳେ ଆସନ୍ତାକାଲି ଧାମରା ଓ କସ୍ତୁରିକଣ ଯିବାର କାର୍ଯ୍ୟକ୍ରମ ରହିଛି। ପର୍ଯ୍ୟଟନ ସଚିବ ଏନକେ ସହିତ ପରିବହନ ବିଭାଗର ସଚିବ, ଡିଏଫ୍‌ଓ ଭରଦରାଜ ଗାଓଁଙ୍କର, ଏସିଏଫ୍ ମାନସ କୁମାର ଦାସ, ତହସିଲଦାର ଯୀଶୁକ୍ରିଷ୍ଟ ଦାସ, ଲ୍ୟାଣ୍ଡ ଆକ୍ୟୁଏସନ ଅଫିସର ସ୍ଥିତି ଅନୁଧ୍ୟାନ କରିଥିଲେ। ପରିବେଶ ମଞ୍ଜୁରୀ ଦିଆଯାଇ କିପରି ଟୁରିଜିମ ଡେଭଲପମେଣ୍ଟ କରାଯିବ ସେ ନେଇ ବନବିଭାଗ ସହିତ ଆଲୋଚନା କରିଛନ୍ତି। ସରକାର ପର୍ଯ୍ୟଟନ ଭିତ୍ତିଭୂମିର ବିକାଶକୁ ପ୍ରାଧାନ୍ୟ ଦେଉଥିବାରୁ କିପରି ଶୀଘ୍ର ଭିତରକନିକାର ଭିତ୍ତିଭୂମି ବିକାଶ କାମ ଆରମ୍ଭ ହେବ ସେ ନେଇ ଗୁରୁତ୍ୱାରୋପ କରିଛନ୍ତି।





# ନାରୀ ଅଧିକାର ପାଇଁ ବିଜେଡିର ଗର୍ଜନ; ରାଷ୍ଟ୍ରପତିଙ୍କୁ ଦାବିପତ୍ର

କେନ୍ଦ୍ରାପଡ଼ା,୨୦।୫(ସମିସ)



ମହିଳା ସଂରକ୍ଷଣ ଆଇନର ତ୍ୱରିତ କାର୍ଯ୍ୟକାରୀ ଓ ଦେଶରେ ବଢୁଥିବା ନାରୀ ନିର୍ଯ୍ୟାତନା ବିରୋଧରେ ଦୃଢ଼ ପଦକ୍ଷେପ ଦାବି କରି କେନ୍ଦ୍ରାପଡ଼ା ବିଧାନସଭା ସ୍ତରୀୟ ବିଜେଡି ପକ୍ଷରୁ ମଙ୍ଗଳବାର 'ନାରୀ ଅଧିକାର ଅଭିଯାନ' ଆୟୋଜିତ ହୋଇଥିଲା। ଏହି ଅବସରରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଜିଲ୍ଲା ମହିଳା ବିଜେଡି ସଭାପତି ତଥା ନଗରପାଳ ସରିତା ସାହୁଙ୍କ ନେତୃତ୍ୱରେ ରାଜ୍ୟ ବିଜେଡି ଆହ୍ୱାନକ୍ରମେ ୩ ହଜାରରୁ ଅଧିକ ମହିଳା କେନ୍ଦ୍ରାପଡ଼ା ସହରର ନୂଆ ବସ୍‌ଷ୍ଟାଣ୍ଡଠାରୁ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳ କାର୍ଯ୍ୟାଳୟ ଅଭିମୁଖେ ଯାଇଥିଲେ। ହାତରେ ପ୍ଲାକାର୍ଡ ଓ ବ୍ୟାନର ଧରି ନାରୀ ଅଧିକାର ସ୍ଲୋଗାନ ଦେଇ ସେମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ପ୍ରତିବାଦ ସଭାରେ ମହିଳାଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ଦେବାରେ କେନ୍ଦ୍ର ସରକାର ବିଫଳ ହୋଇଥିବା ସହ ଦେଶରେ ବଢୁଥିବା ନାରୀ ନିର୍ଯ୍ୟାତନା ରୋକିବାରେ ଅସମର୍ଥ ହୋଇଥିବା ଅଭିଯୋଗ କରି ବିଜେପି ସରକାରକୁ ତୀବ୍ର ସମାଲୋଚନା କରାଯାଇଥିଲା। ଜିଲ୍ଲା ମହିଳା ବିଜେଡି ସଭାପତି ସରିତା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ ମୁଖ୍ୟ ଅତିଥି, କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ବିଶିଷ୍ଟ ଅତିଥି ଓ ଭୁବନେଶ୍ୱର ମେୟର ସୁଲୋଚନା ଦାସ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଏହାସହ ରାଜ୍ୟ ମହିଳା ବିଜେଡି ସାଧାରଣ ସମ୍ପାଦକ ଲେଖାଶ୍ରୀ ସାମନ୍ତସିଂହାର, ଜିଲ୍ଲା ପରିଷଦ ସଭାପତି ଲିଳିତା ଦାସ, ଜିଲ୍ଲା ବିଜେଡି ସଭାପତି ଶିବ ପ୍ରସାଦ ଭଳ, ଜ୍ୟୋତିରେଖା ନାୟକ, ଡ଼. ମିନତି ବେହେରା ପ୍ରମୁଖ ଉପସ୍ଥିତ ଥିଲେ। "ବକ୍ତାମାନେ କହିଥିଲେ ଯେ ବିଜୁ ଜନତା ଦଳ ସଦାସର୍ବଦା ମହିଳା ସଂରକ୍ଷଣକୁ ସମର୍ଥନ କରିଆସିଛି। ୨୦୨୩ ମସିହାରେ ପାର୍ଲାମେଣ୍ଟରେ ପାରିତ ମହିଳା ସଂରକ୍ଷଣ ବିଲ୍‌କୁ ବିଜେଡି ନିଃସର୍ତ୍ତ ସମର୍ଥନ କରିଥିଲେ ମଧ୍ୟ କେନ୍ଦ୍ର ସରକାର ଏପର୍ଯ୍ୟନ୍ତ ଏହାକୁ କାର୍ଯ୍ୟକାରୀ କରିନାହାନ୍ତି। ଲୋକସଭା ଓ ବିଧାନସଭାରେ ତୁରନ୍ତ ୩୩ ପ୍ରତିଶତ ମହିଳା ସଂରକ୍ଷଣ ଲାଗୁ କରିବାକୁ ସେମାନେ ଦାବି କରିଥିଲେ। ଏହାସହ ବର୍ତ୍ତମାନ ଦେଶରେ ନାରୀ ନିର୍ଯ୍ୟାତନା, ବେକାରୀ, ଦରବୃଦ୍ଧି ଓ ଆଇନଶୃଙ୍ଖଳା ଅବନତିକୁ ନେଇ ମଧ୍ୟ ବିଜେପି ସରକାରକୁ ସମାଲୋଚନା କରାଯାଇଥିଲା। ଶେଷରେ ଜିଲ୍ଲାପାଳ ରଘୁରାମ ଆର୍. ଆୟରଙ୍କୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜ୍ୟୋତ୍ସ୍ନାମୟୀ ପରିଡ଼ା, ସୁମିତ୍ରା ପାଢ଼ୀ, ପ୍ରିୟଦର୍ଶିନୀ ତରାଇ, ଲୋପାମୁଦ୍ରା ବାରିକ, ଅକ୍ତରି ଖାତୁନ, ରଶ୍ମିତା ସେଠୀ, ସ୍ୱର୍ଣ୍ଣପ୍ରଭା କରଙ୍କ ସମେତ ବହୁ ମହିଳା ନେତ୍ରୀ ଓ କର୍ମୀ ଯୋଗଦେଇଥିଲେ। ବରିଷ୍ଠ ବିଜେଡି ନେତା ରଞ୍ଜିତ ସାହୁ, ରାଜେଶ ପଣ୍ଡା, ଆଲୋକ ସାହୁ, ଯଯାତି ମହାନ୍ତି, ଉମେଶ ନାୟକ, ରମେଶ ଦାସ ଓ ସୁକୁମାର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସର୍ବଶେଷରେ ରୋସନା ସାହୁ ଧନ୍ୟବାଦ ଜଣାଇଥିଲେ।

# ରାସନ ସାମଗ୍ରୀ ପ୍ରଦାନରେ ଅନିୟମିତତା

## ଜିଲ୍ଲାପାଳଙ୍କୁ ଗୁହାରି କଲେ ହିତାଧିକାରୀ

**ଡେରାବିଶ, ୨୦।୫(ସମିସ):** ଗରିବ ଲୋକଙ୍କୁ ରାସନ ସାମଗ୍ରୀ ସଠିକ ଭାବେ ଦେବାକୁ ସରକାରଙ୍କ ଯୋଗାଣ ବିଭାଗ ପକ୍ଷରୁ କଡ଼ାକଡ଼ି ବ୍ୟବସ୍ଥା କରାଯାଇଛି। ତେବେ ଏହାର ବ୍ୟତିକ୍ରମ ଡେରାବିଶ ବ୍ଲକ୍ ବାରିମୂଳ ପଞ୍ଚାୟତରେ ଦେଖିବାକୁ ମିଳିଛି। ଏହି ପଞ୍ଚାୟତର ଖଣ୍ଡସାହି ଗ୍ରାମର ଭଗବତୀ ମଲିକ, ତୁଳସୀ ନାୟକ, ମାନସୀ ମଲିକ ରାସନ ସାମଗ୍ରୀରୁ ବଞ୍ଚିତ ହେଉଥିବା ନେଇ ପୃଥକ୍ ଭାବେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଖଣ୍ଡସାହି ଗ୍ରାମର ଭଗବତୀ ମଲିକଙ୍କ ଅଭିଯୋଗ ଅନୁଯାୟୀ ବାରିମୂଳ ପଞ୍ଚାୟତର ଶ୍ରୀଜଗନ୍ନାଥ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଯୋଗାଣ ବିଭାଗ ପକ୍ଷରୁ ଡିଲର ଭାବେ ନିଯୁକ୍ତ କରାଯାଇଛି। ଦାୟିତ୍ୱରେ ଥିବା ସୁଦ୍ଧଦେବ ବେହେରା ନାମକ ଜଣେ ବ୍ୟକ୍ତି ରହିଛନ୍ତି। ରାସନ ସାମଗ୍ରୀରେ ଆସୁଥିବା ଚାଉଳ ଦେବା ପାଇଁ ହଇରାଣ କରୁଥିବା ଭଗବତୀ ଜିଲ୍ଲାପାଳଙ୍କ ନିକଟରେ ଗୁହାରି କରିଛନ୍ତି। ତାଙ୍କ ପାଖକୁ ଚାଉଳ ନେବାକୁ ଆସିବା ସମୟରେ ଆଙ୍ଗୁଠି ଛାପ ପାଇଁ କହିଲେ ନେଟ୍ ନାହିଁ, ପରେ ଆସ କହି ଫେରାଇ ଦେଉଛନ୍ତି। ଜଣେ ଦିନମଜୁରିଆ ଭାବେ ପରିବାର ପ୍ରତିପୋଷଣ କରୁଥିବା ଭଗବତୀଙ୍କୁ ବହୁ କଷ୍ଟରେ ଦୁଇ/ଚାରି ମାସରେ ଥରେ ଦାୟିତ୍ୱରେ ଥିବା ସୁଦ୍ଧଦେବ ଚାଉଳ ଦେଇ ଅବଶିଷ୍ଟ ଚାଉଳ ମାଗିଲେ ମୋତେ ଅପମାନ ଦେଉଥିବା ଅଭିଯୋଗରେ ଦର୍ଶାଇଛନ୍ତି।

ସେହିପରି ଖଣ୍ଡସାହି ଗ୍ରାମର ତୁଳସୀ ନାୟକ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି, ସେ ଜଣେ ବିଧବା ଓ ଦିନମଜୁରିଆ। ଜଣେ ଯୋଗ୍ୟ ମହିଳା ହିତାଧିକାରୀ ଭାବେ ତାଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ଅର୍ନ୍ତଭୁକ୍ତ କରିବା ପାଇଁ ସରପଞ୍ଚଙ୍କୁ ବାରମ୍ବାର ନିବେଦନ କରିଆସୁଛନ୍ତି। ସରପଞ୍ଚଙ୍କ ପ୍ରତିନିଧି ଦାୟିତ୍ୱରେ ଥିବା ସୁଦ୍ଧଦେବ ବେହେରା ତାଙ୍କୁ ୧୦ ହଜାର ଟଙ୍କା ଲାଞ୍ଚ ଦେଲେ ଅନ୍ତ୍ୟୋଦୟ ଯୋଜନାରେ ବାସଗୃହ ମିଳିବ ବୋଲି କହି ମୋତେ ଏହି ଯୋଜନାରେ ସାମିଲ କରୁନାହାଁନ୍ତି। ମୁଁ ଜଣେ ଖଟିଖିଆ ଗରିବ ମହିଳା। ଏତେ ଟଙ୍କା କେଉଁଠୁ ଆଣିବି ବୋଲି ତୁଳସୀ ଜିଲ୍ଲାପାଳଙ୍କ ନିକଟରେ କହିଛନ୍ତି। ଏହାଛଡ଼ା ରାସନ ସାମଗ୍ରୀ ଦାୟିତ୍ୱରେ ଥିବା ସୁଦ୍ଧଦେବ ତାଙ୍କୁ ଚାଉଳ ଥରେ ଦେଲେ ଅନ୍ୟ ଦୁଇ ମାସର ଚାଉଳ ଦେଉ ନ ଥିବା ତୁଳସୀ କହିଛନ୍ତି। ଅନ୍ୟପକ୍ଷରେ ସେହି ଖଣ୍ଡସାହି ଗ୍ରାମର ମାନସୀ ମଲିକ ମଧ୍ୟ ଜିଲ୍ଲାପାଳଙ୍କୁ ଭେଟି ସୁଦ୍ଧଦେବଙ୍କ ବିରୁଦ୍ଧରେ ଅଭିଯୋଗ ଆଣିଛନ୍ତି। ସେ ଜଣେ ଦରିଦ୍ର ଓ ଦିନମଜୁରିଆ ଶ୍ରେଣୀର ମହିଳା। ଗତ ୧୦ ବର୍ଷ ହେଲା ମୋର ବିବାହ ହୋଇ ସାରିଥିଲେ ମଧ୍ୟ ସରପଞ୍ଚ ଓ ସରପଞ୍ଚଙ୍କ ପ୍ରତିନିଧିଙ୍କୁ ସମସ୍ତ କାଗଜପତ୍ର ପ୍ରଦାନ କରିବା ପରେ ମଧ୍ୟ ମୋ ପରିବାରର ରାସନ କାଡ଼ର୍‌ରେ ମୋ' ନାମକୁ ସଂଯୋଗ କରାଯାଇନାହିଁ ବୋଲି ଅଭିଯୋଗ କରିଛନ୍ତି। ସେ ବାରମ୍ବାର ଅନୁରୋଧ କଲାପରେ ସୁଦ୍ଧଦେବ ତାଙ୍କୁ ୩୦୦୦ ଟଙ୍କା ଦେଲେ ତାଙ୍କ ନାମ ରାସନ କାଡ଼ର୍‌ରେ ଯୋଡ଼ା ହେବ ବୋଲି ମାନସୀ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଏହାର ନିରପେକ୍ଷ ତଦନ୍ତ କରାଯାଇ ସମ୍ପୃକ୍ତ ଡିଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଏହି ହିତାଧିକାରୀମାନେ ଜିଲ୍ଲାପାଳଙ୍କ ନିକଟରେ ନିବେଦନ କରିଛନ୍ତି। ଅଭିଯୋଗ ପାଇବା ପରେ ଘଟଣାର ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଡେରାବିଶ ବ୍ଲକ ଯୋଗାଣ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯୋଗାଣ ନିରୀକ୍ଷକ ସ୍ୱରୁପ ଦାସଙ୍କୁ ଏ ବିଷୟରେ ପଚାରିବାରୁ ସେ କହିଲେ, ବାରିମୂଳ ପଞ୍ଚାୟତକୁ ଯାଇ ସମସ୍ତ ଘଟଣାର ତଦନ୍ତ କରିବା ପରେ ସେ ଜିଲ୍ଲାପାଳଙ୍କୁ ଏ ସମ୍ପର୍କରେ ରିପୋର୍ଟ ପ୍ରଦାନ କରିବେ ବୋଲି କହିଛନ୍ତି।

## ପ୍ରଶାସନର ଅବହେଳା

# ବଣରେ ଲୁଚିଗଲାଣି ଉଠାଜଳସେଚନ ଅଫିସ



**ରାଜକନିକା,୨୦।୫(ସମିସ):** ଦିନକୁ ଦିନ ସଂକୁଚିତ ହେବାରେ ଲାଗିଛି ରାଜକନିକାର ବିଭିନ୍ନ ଅଫିସ। ଚାଷୀ ସ୍ୱାର୍ଥରେ ଜମିକୁ ଜଳସେଚନ କରାଇବାକୁ ନିୟୋଜିତ ଉଠାଜଳସେଚନ ବିଭାଗ ଅଫିସ୍ ଏବେ ଭୂତକୋଠିରେ ପରିଣତ ହୋଇଛି। ଗେଟଠାରୁ ଆରମ୍ଭ କରି ସବୁ ବିଭାଗର କୋଠରୀ ଏବେ ଗଛଲତାରେ ପରିପୂର୍ଣ୍ଣ ହୋଇଗଲାଣି। ଧୀରେ ଧୀରେ ଏହି ସେକ୍ସନର ନିୟମିତ ଯନ୍ତ୍ରୀ ଏଠାରୁ ବଦଳି ହେବା କିମ୍ବା ଅବସର ନେବା ପରେ ଆଉ କେହି ନିୟମିତ ଜେଇ ଆସୁ ନ ଥିବାରୁ ଏହି ସେକ୍ସନ କାମଚଳା ଜେଇଙ୍କ ଦ୍ୱାରା କେବଳ କାଗଜପତ୍ରରେ ଚାଲିଥିବା ଅଭିଯୋଗ ହେଉଛି।

ରାଜକନିକା ବ୍ଲକର ୨୯ ପଞ୍ଚାୟତରେ ଥିବା ୬ ଶହରୁ ଊର୍ଦ୍ଧ୍ୱ ଉଠାଜଳସେଚନ ପଏଣ୍ଟ ରହିଥିବାବେଳେ ୩ ଶହରୁ ଊର୍ଦ୍ଧ୍ୱ ପାଣି ପଞ୍ଚାୟତ ରହିଛି। ତେବେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଚାଷୀ ସ୍ୱାର୍ଥ ପ୍ରସଙ୍ଗରେ ମଧ୍ୟ ସରକାର ବେଫିକର ହେବା ଚାଷୀଙ୍କ ମନରେ ଅସନ୍ତୋଷ ଆଣିଛି। ଦୁଇବର୍ଷ ଧରି ଏହି ସେକ୍ସନରେ କୌଣସି ସ୍ଥାୟୀ ଯନ୍ତ୍ରୀ ନ ରହିବାରୁ ଧୀରେ ଏହି ସେକ୍ସନ ନିୟମିତ ନ ଖୋଲିବା ଓ ପିଅନ ଅବସର ନେବା ପରେ ଅଫିସ ଖୋଲୁନାହିଁ। ଫଳରେ ନଦୀ, ନାଳ ଘେରା ରାଜକନିକା ବ୍ଲକର ଚାଷୀଙ୍କୁ ସଠିକ ସମୟରେ ବିଲ ମୁଣ୍ଡରେ ପାଣି ପହଞ୍ଚୁନାହିଁ। ସବୁ ସାଧନ ଥାଇ ବିଲ ମୁଣ୍ଡରେ ପାଣି ପହଞ୍ଚାଇବା ଦାୟିତ୍ୱ ସମ୍ପୂର୍ଣ୍ଣ ଅବହେଳିତ ହେବାରୁ କୋଟି କୋଟି ଟଙ୍କା ବ୍ୟୟରେ କାର୍ଯ୍ୟକ୍ଷମ ହୋଇ ପରିଚାଳନା ଦୃଷ୍ଟିରୁ ଅବହେଳିତ ରହିଥିବା ଏହି ସେକ୍ସନକୁ କାର୍ଯ୍ୟକ୍ଷମ କରିବାକୁ ଜଣେ ନିୟମିତ ଯନ୍ତ୍ରୀ, କିରାଣି, ପିଅନ ନିଯୁକ୍ତି ପାଇଁ ଦାବି ହେଉଛି। ସେହିପରି ନିୟମିତ ଅଫିସ ଖୋଲି ଚାଷୀଙ୍କ ସମସ୍ୟା ସହ ଜଡ଼ିତ ହେବାକୁ ଦାବି ହୋଇଛି। ରାଜକନିକା ଉଠା ଜଳସେଚନ ସେକ୍ସନର ଗାରିମା ରକ୍ଷା କରି ଏହାକୁ ପୂର୍ବବତ କାର୍ଯ୍ୟକ୍ଷମ କରାଇବାକୁ ଓଡ଼ିଶା କୃଷକ ସଭାର ରାଜକନିକା ଶାଖା ସଭାପତି ଦାମୋଦର ଧଳ ଦାବି କରିଛନ୍ତି। ଇଚ୍ଛାକୃତ ଭାବେ ରାଜକନିକା ଉଠା ଜଳସେଚନ ସେକ୍ସନକୁ ଅଚଳ କରିବା ଚକ୍ରାନ୍ତ ବନ୍ଦ କରି ଏହାକୁ କାର୍ଯ୍ୟକ୍ଷମ କରା ନ ଗଲେ, ଆନ୍ଦୋଳନ ହେବ ବୋଲି ବହୁ ପାଣି ପଞ୍ଚାୟତର ସଦସ୍ୟ ଓ କର୍ମକର୍ତ୍ତା ଚେତାବନୀ ଦେଇଛନ୍ତି।

# ରାଜକନିକାରେ କାମଧେନୁ ଯୋଜନା ଫେଲ୍

## ବାହାର ରାଜ୍ୟରୁ ଆସୁଥିବା ଅଧିକାଂଶ ଗାଈ ମୃତ; ଚାଷୀ ହତାଶ

**ରାଜକନିକା,୨୦।୫(ସମିସ):** ଘରେ ଦୁଧିଆଳୀ ଗାଈ ରଖି କ୍ଷୀର ବିକ୍ରୀରୁ ଦି' ପଇସା ରୋଜଗାର କରିବାକୁ ଭରସା କରିଥିବା ଗୋ-ଚାଷୀ ପଡ଼ୋଶୀ ରାଜ୍ୟରୁ ଗାଈ ଆଣି ଏବେ ହତାଶ। ସରକାରଙ୍କ କାମଧେନୁ ଯୋଜନା ଦ୍ୱାରା ଉତ୍ସାହିତ ହୋଇ ରାଜକନିକା ବ୍ଲକ୍‌ର ଶତାଧିକ ଗୋ-ଚାଷୀ ନିଜ ଅର୍ଥରେ ଗୁହାଳ କରି ଆନ୍ଧ୍ରପ୍ରଦେଶରୁ ଉନ୍ନତମାନର ଗାଈ ଆଣି ସେ ବାବଦ ସବସିଡି ମଧ୍ୟ ପାଇଆସୁଛନ୍ତି। ତେବେ ଆନ୍ଧ୍ରରୁ ଆଣୁଥିବା ଏହି ଉନ୍ନତମାନର ଗାଈ ଏଠାକାର ପରିବେଶ ସହ ଖାପଖୁଆଇ ନ ପାରିବାରୁ ଏଠାରେ କିଛି ମାସ ରହିବା ପରେ ଅଧିକାଂଶ ଗାଈ ମରିଯାଉଛନ୍ତି। ଫଳରେ ରାଜକନିକା ବ୍ଲକର ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ଅଧୀନ କାମଧେନୁ ଯୋଜନାକୁ ଭରସା କରି ଋଣରେ ଗାଈ ଆଣିଥିବା ଚାଷୀ ହଇରାଣ ହେଉଥିବା ଅଭିଯୋଗ ହୋଇଛି।

କାମଧେନୁ ଯୋଜନାରେ ସାମିଲ ହୋଇ ରାଜକନିକା ଅଞ୍ଚଳର ଶତାଧିକ ଗୋ-ଚାଷୀ ଆଗ୍ରହର ସହ ବାହାର ରାଜ୍ୟର ଉନ୍ନତମାନର ଦୁଧିଆଳୀ ଗାଈ କିଣି ଆଣିବା ପରେ ସେହି ଗାଈ ଏଠାକାର ପରିବେଶ ସହ ଖାପଖୁଆଇ ନ ପାରି ମରିଯାଉଥିବାରୁ ଚାଷୀ ହତାଶ ହୋଇଛନ୍ତି। ଗାଈ ମରିବା ପରେ ଯେହେତୁ ଇନ୍ସୁରାନ୍ସ ଅଛି, ତେଣୁ ପ୍ରତି ଚାଷୀ ଗାଈ ମୃତ୍ୟୁ ବାବଦକୁ ୯୦ ହଜାର ଟଙ୍କା ପାଉଛନ୍ତି। କିନ୍ତୁ ଯୋଜନାର ସଫଳ ରୂପାୟନ ପାଇଁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ୱେବସାଇଟରେ ଅନଲାଇନ ଆବେଦନ ଜରିଆରେ ଜଣେ ଗୋଚାଷୀ ନିଜ ଆଡୁ ପ୍ରଥମେ ଗୁହାଳ ଓ ଗାଈ ପାଇଁ ନିଜ ଆଡୁ ପ୍ରଥମେ ୨ ଲକ୍ଷ ୩୦ ହଜାର ଟଙ୍କା ଖର୍ଚ୍ଚ କରିଥା'ନ୍ତି। ପ୍ରଥମେ ୧୨୦ରୁ ୧୦୦ ବର୍ଗଫୁଟର ଗୁହାଳ ଯାହାର ଇଟା କାନ୍ଥ ଓ ଆଜବେଷ୍ଟସ ଛପର କରିବା ପରେ ଦୁଇଟି ଦୁଧିଆଳୀ ଗାଈ କିଣିଥା'ନ୍ତି। ପରେ ଗୁହାଳ ଓ ଗାଈ କିଣିବା ଖର୍ଚ୍ଚ ଦେଖାଇବା ପରେ କାମଧେନୁ ଯୋଜନାରେ ଚାଷୀଙ୍କୁ ଯଦି ପୁରୁଷ ତେବେ ୧ ଲକ୍ଷ ୩୨ ହଜାର ଓ ମହିଳା ଚାଷୀଙ୍କୁ ୧ ଲକ୍ଷ ୭୨ ହଜାର ଟଙ୍କାର ସବସିଡି ମିଳିଥାଏ। ଏଭଳି ଏକ ଉତ୍ସାହିତ ଯୋଜନାର ସୁବିଧା ନେଇ ରାଜକନିକା ବ୍ଲକ୍‌ର ଗୋ-ଚାଷୀ ରୋଜଗାର ଲକ୍ଷ୍ୟରେ ନିଜ ଆଡୁ ଗୁହାଳ ଓ ଗାଈ କିଣି କ୍ଷୀର ଉତ୍ପାଦନ ପାଇଁ ଆଶା ରଖିଥିବାବେଳେ ମାସେ ଦୁଇମାସ ମଧ୍ୟରେ ଗାଈ ମରିଯିବା ଭଳି ଘଟଣା ଚାଷୀଙ୍କୁ ଧୋକା ଦେଇଛି। ରୋଜଗାରକୁ ଭରସା ଦେଉଥିବା ଗାଈ ମରିବା ପରେ କେବଳ ଗାଈର ମୃତ୍ୟୁ ବାବଦ ଇନ୍ସୁରାନ୍ସର କ୍ଷତିପୂରଣ ଟଙ୍କା ପାଇ ଚାଷୀ ଚୁପ ହୋଇ ରହିଛି। କାମଧେନୁ ଭଳି ଲୋକାଭିମୁଖୀ ଯୋଜନାରେ ଦେଶୀ ଗାଈ ନ କିଣି ବାହାର ରାଜ୍ୟରୁ ଉନ୍ନତମାନର ଗାଈ କିଣିବାକୁ ପ୍ରବର୍ତ୍ତାଉଥିବା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ଅଧିକାରୀ /କର୍ମଚାରୀଙ୍କ ଭିତିରି ମନ୍ଦ ଉଦ୍ଦେଶ୍ୟ ପାଇଁ ଚାଷୀ ହତାଶ ହେବାକୁ ବାଧ ହୋଇଛି।

ଏ ସମ୍ପର୍କରେ ରାଜକନିକା ପ୍ରାଣୀଧାନ ବିଭାଗ ଅଧିକାରୀଙ୍କୁ ପଚାରିବାରୁ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ। କେବଳ କାନକୁ ଭଲ ଶୁଭିବା ଭଳି ଶବ୍ଦ ବିନ୍ୟାସରେ କାମଧେନୁ ଯୋଜନାରେ ବାହାର ରାଜ୍ୟର ଗାଈ ଆଣିବାକୁ ପ୍ରବର୍ତ୍ତାଉଥିବା ବିଭାଗୀୟ କର୍ମଚାରୀଙ୍କ ଲାଭ ପାଇଁ ତମାମ ଯୋଜନା ଏଠାରେ ବଦନାମ ହୋଇଛି। କାମଧେନୁ ଯୋଜନାକୁ ଗୋ-ଚାଷୀଙ୍କ ସ୍ୱାର୍ଥରେ ପ୍ରୟୋଗ କରିବାରେ ଯେଉଁ ଦଲାଲି କାରବାର ରହିଛି, ତାହା ବନ୍ଦ କରାଗଲେ ପ୍ରକୃତ ଚାଷୀ ଏହାର ସୁଫଳ ପାଇବେ ବୋଲି କ୍ଷତିଗ୍ରସ୍ତ ଗୋ-ଚାଷୀ କହିଛନ୍ତି।

# ଚୋରାମଦର ଭୂସ୍ୱର୍ଗ ପାଲଟିଛି ମହାକାଳପଡ଼ା

## ଗାଁ ଗାଁରେ ବ୍ୟବସାୟୀ ସକ୍ରିୟ; ପାଣି ମିଳୁନି, ଭାସୁଛି ମଦ

**ମହାକାଳପଡ଼ା, ୨୦।୫ (ସମିସ):** ମହାକାଳପଡ଼ା ନିର୍ବାଚନମଣ୍ଡଳୀ ଏବେ ଚୋରାମଦ ବ୍ୟବସାୟର ଭୂସ୍ୱର୍ଗ ପାଲଟିଛି। ଦୁଇବର୍ଷରେ ମଦ ବ୍ୟବସାୟ ୪୦ ପ୍ରତିଶତ ବୃଦ୍ଧି ପାଇଛି। କାଉଣ୍ଟରରେ ଯେତିକି ମଦ ବିକ୍ରି ହେଉନାହିଁ, ତାହାଠୁ ଅଧିକ ମଦ ଏବେ ଗାଁରେ ବିକ୍ରି ହେଉଛି। ଅସାଧୁ ବ୍ୟବସାୟୀ ମଦ ବ୍ୟବସାୟ କରୁଥିବାରୁ ଗାଁ ଗାଁରେ ଏବେ ଦିନକୁ ଦିନ ଅସାମାଜିକ କାର୍ଯ୍ୟକଳାପ ବଢ଼ି ଚାଲିଛି। ଲୋକଙ୍କ ବ୍ୟକ୍ତିଗତ ଜୀବନରେ ମଧ୍ୟ ଏହାର ପ୍ରଭାବ ପରିଲିଖିତ ହେଉଛି। ମହାକାଳପଡ଼ା ନିର୍ବାଚନମଣ୍ଡଳୀରେ ୧୦ରୁ ଅଧିକ ସରକାରୀ ଅନୁମୋଦନପ୍ରାପ୍ତ ବିଦେଶୀ ଠିପି ବନ୍ଦ ମଦ ଦୋକାନ ଥିବାବେଳେ ୪ରୁ ଊର୍ଦ୍ଧ୍ୱ ବିଦେଶୀ ଠିପି ଖୋଲା ମଦ ଦୋକାନ ଓ ୩ଟି ଆସ୍କା ଫର୍ଟି କାଉଣ୍ଟର ରହିଛି। ଯାହା ଓଡ଼ିଶା ଷ୍ଟେଟ ବେଭରେଜେସ କର୍ପୋରେସନ ଲିଃ. ଅଧୀନରେ ରହିଛି। ଏଠାରୁ ସରକାରୀ ଲାଇସେନ୍ସପ୍ରାପ୍ତ ମଦ ଦୋକାନକୁ ମଦ ଯୋଗାଣ ହୋଇଥାଏ ବୋଲି ଜଣାପଡ଼ିଛି।

ବିଶେଷ ସୂତ୍ରରୁ ମିଳିଥିବା ତଥ୍ୟ କହୁଛି, ସାଧାରଣ ନିର୍ବାଚନ ପୂର୍ବରୁ ଅର୍ଥାତ୍ ଆର୍ଥିକ ବର୍ଷ ୨୦୨୨-୨୩ ଓ ୨୦୨୩-୨୪ ମହାକାଳପଡ଼ା ନିର୍ବାଚନମଣ୍ଡଳୀକୁ ଯେତିକି ମଦ ଯୋଗାଣ କରାଯାଇଥିଲା, ନିର୍ବାଚନ ପରେ ଅର୍ଥାତ୍ ଆର୍ଥିକ ବର୍ଷ ୨୦୨୪ରୁ ୨୦୨୬ ମଧ୍ୟରେ ମଦ ଯୋଗାଣ ୪୦ ପ୍ରତିଶତ ବୃଦ୍ଧି ପାଇଛି। ମଦ କାଉଣ୍ଟରର ବିକ୍ରି ତୁଳନାରେ ଏବେ ଗାଁ ଗାଁରେ ବ୍ୟାପକ ଚୋରାମଦ ବିକ୍ରି ହେଉଛି। ସବ୍‌କାଉଣ୍ଟର ଖୋଲିବା ଭଳି ଅସାଧୁ ବ୍ୟବସାୟୀ ଖୁଲମଖୁଲା ଚୋରାମଦ ବ୍ୟବସାୟ କରୁଛନ୍ତି। ଏଥିପାଇଁ ଅବକାରୀ ବିଭାଗ ବି ତତ୍ପରତା ପ୍ରକାଶ କରୁନାହିଁ। ଏ ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ବିଜେପି ନେତା ସୌଭାଗ୍ୟ ପରିଡ଼ା ଅଭିଯୋଗ କରିଛନ୍ତି। ବିଧାୟକ ଏଥିପ୍ରତି ଦୃଷ୍ଟି ଦେବାର ଆବଶ୍ୟକତା ରହିଛି। ସାଧାରଣ ନିର୍ବାଚନ ପୂର୍ବରୁ ଯେତେବେଳେ ଓବିସି ମୋର୍ଚ୍ଚାର ସମ୍ପାଦକ ଥିଲେ, ସେ ସମୟରେ ସେ ମଦ ବିରୋଧରେ ସ୍ୱର ଉତ୍ତୋଳନ କରୁଥିଲେ। ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ୫ଟି ଥାନାର ଭୂମିକାକୁ ନେଇ ମଧ୍ୟ ସୌଭାଗ୍ୟ ପ୍ରଶ୍ନ କରିଛନ୍ତି। ସ୍ଥାନୀୟ ପୁଲିସ ଓ ବିଭାଗୀୟ ଅଧିକାରୀଙ୍କ ଢିଲା ମନୋଭାବ ପାଇଁ ଏହି ଚୋରାମଦ କାରବାର ଏବେ ମହାକାଳପଡ଼ାବାସୀଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଥିବା ସେ କହିଛନ୍ତି। ମଦ ପାଇଁ ପାରିବାରିକ କଳହ ବଢୁଥିବାବେଳେ ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହେଉଛି। ତେଣୁ ଏକ ଶାନ୍ତ ମହାକାଳପଡ଼ାକୁ ଏହି ଚୋରାମଦ ବ୍ୟବସାୟ ଅଶାନ୍ତ କରିବା ପୂର୍ବରୁ ଅବକାରୀ ବିଭାଗ, ସ୍ଥାନୀୟ ପୁଲିସ, ପ୍ରଶାସନ ସଜାଗ ହେବାକୁ ସେ ଆହ୍ୱାନ କରିଛନ୍ତି।

# ବ୍ରାଉନସୁଗର ଜବତ; ୩ ଗିରଫ

**କେନ୍ଦ୍ରାପଡ଼ା,୨୦।୫(ସମିସ):** କେନ୍ଦ୍ରାପଡ଼ା ସହରରେ ପୁଣି ବ୍ରାଉନସୁଗର କାରବାରର ପର୍ଦ୍ଦାଫାସ କରିଛି ସଦର ଥାନା ପୁଲିସ। ଚଢ଼ଉ କରି ୧୦ ଗ୍ରାମ ବ୍ରାଉନସୁଗର ଜବତ କରିବା ସହ ୩ ଜଣ ବେପାରୀଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ ଭଦ୍ରକ ଜିଲ୍ଲାର ପୁରୁଣାବଜାର ଥାନା ଅଧୀନ ବାଦଶଙ୍କରପୁର ଗ୍ରାମର ଏସ୍‌କେ ଅନିଲ(୨୩) ଓ ଏସ୍‌କେ ସେହେଜାଦ କାଦ୍ରି ଓରଫ ଆସିକ(୨୧) ଥିବାବେଳେ ଜଗତସିଂହପୁର ଜିଲ୍ଲାର ଅବତାଲିଫ ଗ୍ରାମର ଏସ୍‌କେ ଅମନ ଅଲି ଓରଫ ଭଲ୍ଲା(୨୭) ଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ପୂର୍ବରୁ ଏହି ବ୍ରାଉନସୁଗର ରାକେଟ ଉପରେ ସଦର ଥାନା ପୁଲିସ ନଜର ରଖିଥିଲା। ଗତ ମଙ୍ଗଳବାର ବିଳମ୍ବିତ ରାତିରେ ସହର ସ୍ଥିତ ପାଟସାମୁଲେଇ ମନ୍ଦିର ରୋଡ଼ ନିକଟରେ ପୁଲିସ ଚଢ଼ାଉ କରି ୧୦ ଗ୍ରାମ ବ୍ରାଉନସୁଗର ଜବତ ହେବା ସହ ୩ ଜଣଙ୍କୁ ଉଠାଇ ନିଆଯାଇଥିଲା। ପରେ ସଦର ଥାନାରେ ଏନ୍‌ଡିପିଏସ୍ ଆଇନ ଅନୁଯାୟୀ ମାମଲା ରୁଜୁ କରି ତିନି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

# ଟାଟା ପାୱାରର କର୍ମଚାରୀ ଛଟେଇ ପ୍ରତିବାଦରେ ଆନ୍ଦୋଳନ



**ପଟ୍ଟାମୁଣ୍ଡାଇ,୨୦।୫(ସମିସ):** ଟାଟା ପାୱାରର ମନମୁଖୀ ଛଟେଇ ପ୍ରତିବାଦରେ ପଟ୍ଟାମୁଣ୍ଡାଇ ବିଦ୍ୟୁତ ବିଭାଗ ସବଡିଭିଜନ ସମ୍ମୁଖରେ ମିଟର ରିଡର, ହେଲପର, ମେଣ୍ଟେନାସ କର୍ମଚାରୀ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ। ଏହି ଆନ୍ଦୋଳନରେ ପ୍ରଶାନ୍ତ ମଲ୍ଲିକ, ରାଜ କିଶୋର ଦାସ, ବିନୋଦ ମଲ୍ଲିକ, ସରୋଜ ସ୍ୱାଇଁ ସମର ସିଂ କିଶୋର ଦାସ ଅଭିରାମ ରାୟ ଦିବ୍ୟଶଙ୍କର ଶର୍ମା ଗଙ୍ଗାଧର ସାହୁ ଅଙ୍କିତ ସାହୁ ରାଜେଶ ଜେନା ଚିନ୍ମୟ ପ୍ରଧାନ ଦୀପକ ନାୟକ ଅରୁଣ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ ଓ ଟାଟା ପାୱାର ମନମୁଖୀ କର୍ମଚାରୀ ଛଟେଇ ବନ୍ଦ ନକଲେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଆନ୍ଦୋଳନକାରୀ କର୍ମଚାରୀମାନେ ଚେତାବନୀ ଦେଇଛନ୍ତ।

# ଖେରସ ଗ୍ରାମରେ ଆଇନ ସଚେତନତା କାର୍ଯ୍ୟକ୍ରମ




**ଜଗତସିଂହପୁର,୨୦।୫(ସମିସ):** ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଜିଲ୍ଲା ଓ ଦୌରାଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ସଭାପତିତ୍ୱରେ ପୌରାଞ୍ଚଳ ଅନ୍ତର୍ଗତ ଖେରସ ଗ୍ରାମରେ ଜାତୀୟ ଆଇନ ସେବା ପ୍ରାଧିକରଣର ନିଶୁଳ୍କ ହେଲ୍ପଲାଇନ୍ ନମ୍ବର ୧୫୧୦୦ ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକ ଦ୍ୱାରା ପ୍ରଦାନ କରାଯାଇଥିବା ଅନ୍ୟାନ୍ୟ ସହାୟତା ବିଷୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହିଳା ଅଦାଲତ ବିଚାରପତି ପ୍ରଜ୍ଞା ପାରମିତା ମହାପାତ୍ର, ଜିଲ୍ଲା ଅଦାଲତାର ନିବନ୍ଧକ ତଥା ଭାରପ୍ରାପ୍ତ ପ୍ରାଧିକରଣ ସଚିବ ବିଶ୍ୱକଳ୍ପିତା ମହାନ୍ତି, ମୁନସିଫ ସଂକେତ କୁମାର ସାମଲ, ଜେଏମ୍‌ଏଫ୍‌ସି ଅଙ୍କିତ ଦେୱାଙ୍ଗନ, ଅତିରିକ୍ତ ଶ୍ରମ ଅଧିକାରୀ ଶାନ୍ତନୁ କୁମାର ବ୍ରହ୍ମା, ମୁଖ୍ୟ ଆଇନ ସହାୟତା ପ୍ରତିରକ୍ଷା ଓକିଲ ଓଜସ୍ୱିତୀ ମହାନ୍ତି, ସହକାରୀ ଥାନା ଅଧିକାରୀ ତପସ୍ୱିନୀ କାନୁନଗୋ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ଜଜ୍ ଶ୍ରୀ ନାୟକ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଯଦି କୌଣସି ଶ୍ରମିକ ଅସୁବିଧାର ସମ୍ମୁଖିନ ହେଉଥାନ୍ତି ତେବେ ଜାତୀୟ ଆଇନ ସେବା ପ୍ରାଧିକରଣ ନିଃଶୁଳ୍କ ସହାୟତା ନମ୍ବର ୧୫୧୦୦ ସହ ଯୋଗାଯୋଗ କରିପାରିବେ କିମ୍ବା ଜିଲ୍ଲା ଆଇନ ସେବା ପ୍ରାଧିକରଣ ସହ ଯୋଗାଯୋଗ କରିପାରିବେ। ସେହିପରି ମହିଳା ଅଦାଲତ ବିଚାରପତି ମହାପାତ୍ର ଆଇନ ସେବା ପ୍ରାଧିକରଣର ଦାୟିତ୍ୱ ଓ କର୍ତ୍ତବ୍ୟ ବିଷୟରେ ସଚେତନ କରାଇଥିଲେ। ମହିଳା, ଶିଶୁ, ତଫସିଲ ଭୁକ୍ତ ଜାତି ଓ ଜନଜାତି, ବରିଷ୍ଠ ନାଗରିକ, କାରଖାନାରେ କାର୍ଯ୍ୟରତ ଶ୍ରମିକ, ପ୍ରାକୃତିକ ବିପର୍ଯ୍ୟୟର ଶିକାର ହୋଇଥିବା ବ୍ୟକ୍ତି, କିନ୍ନର ଇତ୍ୟାଦି ନିଃଶୁଳ୍କ ଆଇନ ସେବା ପାଇପାରିବେ ବୋଲି ଜିଲ୍ଲା ଅଦାଲତାର ନିବନ୍ଧକ ଶ୍ରୀମତୀ ମହାନ୍ତି ସୂଚନା ଦେଇଥିଲେ। ସହକାରୀ ଶ୍ରମ ଅଧିକାରୀ ବ୍ରହ୍ମା ଶ୍ରମିକଙ୍କ ପାଇଁ ଥିବା ବିଭିନ୍ନ ସରକାରୀ ଯୋଜନା ବିଷୟରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଚାରପତିଙ୍କ ଦ୍ୱାରା ମୋଟ ୪ ଜଣ ହିତାଧିକାରୀଙ୍କୁ ୩ ଲକ୍ଷ ୫୫ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ମଧ୍ୟ ପ୍ରଦାନ କରାଯାଇଥିଲା ଓ ଶେଷରେ ମୁଖ୍ୟ ଆଇନ ସହାୟତା ପ୍ରତିରକ୍ଷା ଓକିଲ ଶ୍ରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଶାସକ ଦଳରେ ଫାଟ; ଦୁର୍ଦ୍ଦଶା ଭୋଗୁଛନ୍ତି ଜନତା

**ଜଗତସିଂହପୁର,୨୦।୫(ସମିସ):** ସାମ୍ପ୍ରତିକ ସମୟରେ ଶାସକ ବିଜେପି ଦଳର ଜନ ପ୍ରତିନିଧିମାନଙ୍କ ମଧ୍ୟରେ ଗୋଷ୍ଠୀ ବିବାଦ ଏବଂ ସମନ୍ୱୟର ଅଭାବ ସହିତ ପ୍ରଶାସନିକ ନିଷ୍କ୍ରିୟତା ଜିଲ୍ଲାର ବିକାଶରେ ବାଧକ ସୃଷ୍ଟି କରୁଥିବା ସାଧାରଣରେ ଅଭିଯୋଗ କରାଯାଇଛି। ଏପରିକି ଗୋଟିଏ କାମ ପାଇଁ ଶାସକ ଦଳର ଦୁଇ ଗୋଷ୍ଠୀ ନିଜର ପ୍ରାଧାନ୍ୟ ଦେଖାଇବା ଉଦ୍ଦେଶ୍ୟରେ ସରକାରୀ ଅଧିକାରୀମାନଙ୍କ ଉପରେ ଚାପ ସୃଷ୍ଟି କରୁଥିବା ଆଲୋଚନା ହେଉଛି।

ଏଠାରେ ସୂଚନାଯୋଗ୍ୟ ଯେ, ଗତ ୨୦୨୪ ସାଧାରଣ ନିର୍ବାଚନରେ ବିଜୟୀ ହୋଇଥିବା ଜିଲ୍ଲାର ୪ଜଣ ବିଧାୟକଙ୍କ ମଧ୍ୟରୁ ୨ ଜଣ ଶାସକ ବିଜେପିର ହୋଇଥିବା ବେଳେ ୨ ଜଣ ବିରୋଧୀ ବିଜେଡିର। ତେବେ ଗତ ରାଜ୍ୟସଭା ନିର୍ବାଚନ ସମୟରେ ତିର୍ତ୍ତୋଲର ବିଜେଡି ବିଧାୟକ ରମାକାନ୍ତ ଭୋଇ ବିଜେପି ପ୍ରାର୍ଥୀ କ୍ରସ୍ ଭୋଟିଂ କରି ଦଳରୁ ନିଲମ୍ବିତ ହୋଇଛନ୍ତି। ଏହି ଘଟଣା ପରେ ପୂରା ତିର୍ତ୍ତୋଲ ନିର୍ବାଚନମଣ୍ଡଳୀରେ ରମାକାନ୍ତଙ୍କୁ ବିଜେଡି ନେତା ଓ କର୍ମୀ ତୀବ୍ର ବିରୋଧ କରି ଆସୁଛନ୍ତି। ଗୋଟିଏ ପଟେ ପାରାଦୀପ ବିଧାୟକ ସମ୍ପଦ ଚନ୍ଦ୍ର ସ୍ୱାଇଁ ରାଜ୍ୟ ସରକାରରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଉଥିବା ବେଳେ ଜଗତସିଂହପୁର ଲୋକସଭା ଆସନରେ ଶାସକ ବିଜେପିର ବିଭୂପ୍ରସାଦ ତରାଇ ସାଂସଦ ଅଛନ୍ତି। ଏଭଳି ସ୍ଥିତିରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜନ କରାଯାଉଥିବା

## ଜିଲ୍ଲାରେ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ

ସଭାସମିତି ଏବଂ ସମୀକ୍ଷା ବୈଠକରେ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ପାଇଁ କାମ କରିବାକୁ ଦଳମତ ନିର୍ବିଶେଷରେ ଆହ୍ୱାନ ଦିଆଯାଉଛି। ହେଲେ ଜିଲ୍ଲାର ଶାସକ ଦଳର ଜନ ପ୍ରତିନିଧିମାନଙ୍କ ମଧ୍ୟରେ ବିବାଦ ଏବଂ ପ୍ରଶାସନ କଳ ସହିତ ସମନ୍ୱୟର ଅଭାବ କାରଣରୁ ବିକାଶ ପ୍ରକ୍ରିୟା ଏକପ୍ରକାର ଶୀଥିଳ ହୋଇପଡିଛି କହିଲେ ଅତ୍ୟୁକ୍ତି ହେବନାହିଁ। ଖୋଦ୍ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ପଡିଆ ଓ ରାସ୍ତାର ଦୂରାବସ୍ଥା ଏବଂ ଜିଲ୍ଲା ସଦରମହକୁମା ଅଞ୍ଚଳରେ ବିପର୍ଯ୍ୟସ୍ତ ରାସ୍ତାଘାଟକୁ ଦେଖିଲେ କିପରି ବିକାଶ ଚାଲିଛି ତାହା ସହଜେ ଅନୁମେୟ। ଜଳ ନିଷ୍କାସନ ବ୍ୟବସ୍ଥା ସଂପୂର୍ଣ୍ଣ ଫେଲ ମାରିଥିବାରୁ ଅସରାଏ ବର୍ଷାରେ ଜଗତସିଂହପୁର ସହରର ଅନେକ ଅଞ୍ଚଳ ଜଳାର୍ଣ୍ଣବ ହୋଇ ଲୋକଙ୍କ ଦୁର୍ଦ୍ଦଶାର କାରଣ ପାଲଟୁଛି। ବିଦ୍ୟାଳୟରେ ଆବଶ୍ୟକତା ଅନୁସାରେ ଶିକ୍ଷକ ନାହାନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ଜିଲ୍ଲାର ଅନ୍ୟ ଚିକିତ୍ସାଳୟ ମାନଙ୍କରେ ଡାକ୍ତର ମରୁଡ଼ି ପରିସ୍ଥିତି ଲାଗିରହିଛି। ଫଳରେ ଶିକ୍ଷାଦାନ ଏବଂ ରୋଗୀସେବା ଗୁରୁତର ଭାବେ ବାଧାପ୍ରାପ୍ତ ହେଉଛି। ସେହିପରି ଜଗତସିଂହପୁର ସଦର ଥାନା ସମେତ ଅନ୍ୟ ଥାନା ମାନଙ୍କରେ ପୁଲିସ ଅଧିକାରୀ ଓ କର୍ମଚାରୀ ସଂଖ୍ୟା ମଧ୍ୟ ଆବଶ୍ୟକତାକୁ ପୂରଣ କରି ପାରୁନାହିଁ। ଅବକାରୀ ବିଭାଗ ଏବଂ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ମଧ୍ୟ ସମାନ ପରିସ୍ଥିତି। ଫଳରେ ବିଭାଗୀୟ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିବା ପରିଲକ୍ଷିତ ହେଉଛି। ଶାସକ ଦଳର ନେତାଙ୍କ ମଧ୍ୟରେ ଫାଟ ଏବଂ ପ୍ରଶାସନିକ ବ୍ୟବସ୍ଥାରେ ତାଳମେଳ ଅଭାବ ଯୋଗୁ ଜଳସେଚନ, ଜଳ ନିଷ୍କାସନ ଏବଂ ରାସ୍ତାଘାଟ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁନଥିବା ସାଧାରଣରେ ଅଭିଯୋଗ ହେଉଛି। ଏପରିକି ଖୋଦ ଶାସକ ଦଳର ବିଧାୟକଙ୍କ ଚିଠି ଏବଂ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର କର୍ମଚାରୀ ବଦଳି ସଂପର୍କୀତ ନିର୍ଦ୍ଦେଶନାମାକୁ ମଧ୍ୟ ଜିଲ୍ଲା ପ୍ରଶାସନ ଅଣଦେଖା କରୁଥିବା ଉଦାହରଣ ରହିଛି। ତେଣୁ ଖାଲି କଥାରେ ନୁହେଁ ରାଜନେତା ଏବଂ ପ୍ରଶାସନିକ ଅଧିକାରୀମାନେ ନିଜ ଭିତରେ ସମନ୍ୱୟ ରକ୍ଷା କରି ଜିଲ୍ଲାର ବିକାଶ ଦିଗରେ କାମ କରିବାକୁ ସାଧାରଣରେ ଦାବି କରାଯାଇଛି।

# ବରକନ୍ଧା ପଞ୍ଚାୟତରେ ଦୁର୍ନୀତି ଅଭିଯୋଗ




**ମହାକାଳପଡ଼ା, ୨୦।୫(ସମିସ):** ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବରକନ୍ଧା ପଞ୍ଚାୟତରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ସାମ୍ନାକୁ ଆସିଛି। ସୂଚନା ଅଧିକାର ଆଇନ ମାଧ୍ୟମରେ ମିଳିଥିବା ତଥ୍ୟ ଆଧାରରେ ଏହି ଦୁର୍ନୀତିର ପର୍ଦ୍ଦାଫାସ ହୋଇଥିବା ଅଭିଯୋଗ କରିଛନ୍ତି ସୂଚନା ଅଧିକାର କର୍ମୀ ସୁବ୍ରତ କୁମାର ସେଠୀ। ମିଳିଥିବା ତଥ୍ୟ ଅନୁସାରେ, ବରକନ୍ଧା ପଞ୍ଚାୟତରେ କାର୍ଯ୍ୟ ପାଇଁ ସିମେଣ୍ଟ କ୍ରୟ କରାଯାଇଥିବାବେଳେ ଦାଖଲ ହୋଇଥିବା ଜିଏସ୍‌ଟି ବିଲ୍‌ରେ କୌଣସି ତାରିଖ ଉଲ୍ଲେଖ ନ ଥିବା ଦେଖିବାକୁ ମିଳିଛି। ବିଲ୍ ଅନୁଯାୟୀ ପ୍ରତି ସିମେଣ୍ଟ ବସ୍ତାର ମୂଲ୍ୟ ୨୭୯.୫୯ ଟଙ୍କା ଥିବାବେଳେ ଜିଏସଟି ଅଲଗା ଭାବେ ଯୋଗ କରାଯାଇଛି। ସମସ୍ତ ଖର୍ଚ୍ଚ ମିଶି ପ୍ରତି ବସ୍ତାର ମୂଲ୍ୟ ପ୍ରାୟ ୩୩୦ ଟଙ୍କାରେ ପହଞ୍ଚିଛି। ତେବେ ପ୍ରଶ୍ନ ଉଠୁଛି ଯେ, ସିମେଣ୍ଟ ଯୋଗାଇଥିବା ବ୍ୟବସାୟୀ କିପରି ବିନା ତାରିଖରେ ଜିଏସଟି ବିଲ୍ ପ୍ରଦାନ କଲେ ଓ ସେହି ବିଲ୍‌କୁ କିପରି ପଞ୍ଚାୟତ ପକ୍ଷରୁ ଗ୍ରହଣ କରାଗଲା। ଏହା ସମଗ୍ର ଘଟଣାରେ ବଡ଼ଧରଣର ଅନିୟମିତତା ଥିବା ସନ୍ଦେହ ସୃଷ୍ଟି କରୁଛି। ସୂଚନା ଅଧିକାର କର୍ମୀ ସୁବ୍ରତ କୁମାର ସେଠୀ କହିଛନ୍ତି, କେବଳ ବରକନ୍ଧା ପଞ୍ଚାୟତ ନୁହେଁ, ମହାକାଳପଡ଼ା ବ୍ଲକର ଅନେକ ପଞ୍ଚାୟତରେ ଏଭଳି ଦୁର୍ନୀତି ଚାଲିଥିବା ସନ୍ଦେହ ରହିଛି। ବ୍ଲକରେ ସ୍ଥାୟୀ ବିଡିଓ ନ ଥିବାରୁ ପ୍ରଶାସନିକ ନିୟନ୍ତ୍ରଣ ଦୁର୍ବଳ ହୋଇପଡ଼ିଛି। ଏହାର ସୁଯୋଗ ନେଇ କିଛି ଅଧିକାରୀ ଅନିୟମିତତା କରୁଥିବା ସେ ଅଭିଯୋଗ କରିଛନ୍ତି। ଏହି ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।